ମିଷ୍ଟର ଖରସେଲ୍

ରାଧାମୋହନ ମହାପାତ୍ର

Digitized by PPRACHIN, SOA

A marvellous penetration
into animal psyche

-Prof. Prafulla Mohanty

[ଜୀବାତ୍ମାକୁ ଗଭୀର ଭାବେ
ଅନୁଧ୍ୟାନ ପୂର୍ବକ ପୁସ୍ତକଟିରେ
ଚମତ୍କାରିତା ପ୍ରସ୍ଫୁଟିତ ହେଇଛି ।]

-ପ୍ରଫେସର ପ୍ରଫୁଲ୍ଲ ମହାନ୍ତି

"ଉତ୍ସୁକତା ମଧ୍ୟେ ପାଠକ ରହିବ
ଆରମ୍ଭରୁ ଶେଷଯାଏଁ
ନାମକରଣରୁ ଖୋଜି ଚାଲିଥିବ
'ମିଷ୍ଟର ଖରସେଲ୍' କିଏ ?"

"ସାରଳାଙ୍କ ମହାଭରତ ଅଟଇ ଏ
ଜାତିର 'ବିଶ୍ୱକୋଷ'
ବିଶ୍ୱ ଜନତାଙ୍କ ଆଖି ଖୋଲିଦେବ
ତୁମର ଏ ଉପନ୍ୟାସ ।"

- କବି ବୈକୁଣ୍ଠ ଶତପଥୀ

Digitized by PPRACHIN, SOA

ମିଷ୍ଟର ଖରସେଲ୍

Forest facts and animal behaviours are sometimes stranger than fictions, fantacies and human imaginations.

- Writer



ଜାଙ୍ଗଲିକ ଘଟଣା ଏବଂ ବଣ୍ୟ ଅଧିବାସୀ ତଥା ପ୍ରାଣୀ ସମୂହଙ୍କ ଚିତ୍ର - ଚରିତ୍ର ବେଳେବେଳେ ମଣିଷର କଳ୍ପନାଠାରୁ ଅଧିକ ବିସ୍ମୟକର ମନେହୁଏ ।

- ରାଧାମୋହନ ମହାପାତ୍ର

Digitized by PPRACHIN, SOA

ମିଷ୍ଟର ଖରସେଲ୍

(ଉପନ୍ୟାସ)

ଲେଖକ :
ରାଧାମୋହନ ମହାପାତ୍ର
ଗ୍ରାମ : ଚର୍ଚ୍ଚିକା, ପୋ.ଅ. : ବାଙ୍କୀ
ଜି : କଟକ

ପ୍ରକାଶିକା ଓ ସ୍ୱତ୍ୱାଧିକାରିଣୀ :
ଶ୍ରୀମତୀ ପ୍ରତିଭା ମହାପାତ୍ର
'ପ୍ରତିଭାନୀ'
୧୪୭, ବୁଦ୍ଧେଶ୍ୱରୀ ପୋଷ୍ଟ ଅଫିସ୍ ଲେନ୍
ଭୁବନେଶ୍ୱର - ୭୫୧୦୦୬
ଫୋନ୍- ୯୮୬୧୧୮୯୯୩୬
୯୩୩୭୧୦୩୫୦୪

ପ୍ରଥମ ପ୍ରକାଶ କାଳ :
ଅକ୍ଟୋବର, ୨୦୧୨

ମୁଖ୍ୟ ପରିବେଷକ:
କ୍ୟାପିଟାଲ ଷ୍ଟୁଡେଣ୍ଟ ଷ୍ଟୋର
ଅଶୋକ ନଗର, ଭୁବନେଶ୍ୱର - ୯

ଅକ୍ଷର ସଜ୍ଜା :
ମିଡିଆ ସଲ୍ୟୁସନ୍ସ
ବୁଦ୍ଧେଶ୍ୱରୀ ପୋଷ୍ଟ ଅଫିସ୍ ଲେନ୍
ଭୁବନେଶ୍ୱର-୭୫୧୦୦୬

ମୁଦ୍ରଣ :
ମନୋରମା ପ୍ରେସ୍
ବୁଦ୍ଧେଶ୍ୱରୀ ପୋଷ୍ଟ ଅଫିସ୍ ଲେନ୍
ଭୁବନେଶ୍ୱର-୭୫୧୦୦୬

ମୂଲ୍ୟ : ଟ.୨୫୦/-

Mister Kharsel

(Novel)

Written By :
RADHAMOHAN MOHAPATRA

Publisher & Copy right holder :
Smt. Prativa Mohapatra
'PRATIVANI'
147, Budheswari P.O. Lane
Bhubaneswar - 751006
Mob : 9861189936, 9337103504

Date of 1st Publication :
October , 2012

Main Distributor :
Capital Students' Store
Ashok Nagar, Bhubaneswar - 9

Type :
MEDIA SOLUTIONS
Budheswari Post Office Lane,
Bhubaneswar -751006

Printed at :
Manorama Press
Budheswari Post Office Lane,
Bhubaneswar -751006

Price : Rs.250/-

Digitized by PPRACHIN, SOA

କୃତଜ୍ଞତା

ଶ୍ରୀ ଶ୍ରୀ ଶ୍ରୀ ଜଗନ୍ନାଥଙ୍କ ସେବକ ତଥା ଚଳନ୍ତି ପ୍ରତିନିଧି ଗଜପତି ମହାରାଜାଙ୍କ ପରି ଶ୍ରୀ ଶ୍ରୀ ଶ୍ରୀ ସାଇବାବାଙ୍କ ଭକ୍ତ-ସେବକ ମୋ ଦେବୋପମ ନନା (ବଡଭାଇ) ଶ୍ରୀ ପ୍ରିୟନାଥ ମହାପାତ୍ରଙ୍କ ଅପରିସୀମ ପ୍ରେରଣା, ଅନାବିଳ ସ୍ନେହ ଓ ଦିଗ୍‌ଦର୍ଶନ ମୋ ଲେଖନୀକୁ ଚଳତ୍‌କ୍ଷମ କରିଛି। ହୃଦୟଟାକୁ ଚିପୁଡି ଦେଇ କଲମ ଭିତରେ ଭର୍ତ୍ତିକରି ଲେଖିଲେ ମଧ୍ୟ କୃତଜ୍ଞତା ଜଣାଇବା ପାଇଁ ମୋ ଭାଷାକୋଷରେ ଶବ୍ଦ ପାଉନାହିଁ।

ଆଜ୍ଞାଧୀନ ଆଶୀର୍ବାଦ ଭିକ୍ଷୁ
(ରାଧାମୋହନ ମହାପାତ୍ର)

Digitized by PPRACHIN, SOA



"ସେ ନଥିଲା ଜଣେ ରାଜନେତା । କିନ୍ତୁ ତାକୁ ନେଇ ବିଧାନ ସଭାରେ ଉଠିଲା ଝଡ । ସେ ନଥିଲା ଜଣେ ଅପରାଧୀ କିନ୍ତୁ ତା' ପାଇଁ ଆଇନ ଅଦାଲତରେ ମାମଲା ଦାଏର ହେଲା । ତା' ପାଇଁ ଚହଳ ପଡ଼ିଗଲା ଦେଶସାରା। କିଛି ଲୋକ ଚାହୁଁଥିଲେ ତା'ର ଗୁଳିବିଦ୍ଧ ଶରୀର, ତା'ର ତୁରନ୍ତ ମୃତ୍ୟୁ । କିନ୍ତୁ କର୍ତ୍ତୃପକ୍ଷଙ୍କ କାର୍ଯ୍ୟାନୁଷ୍ଠାନରେ ବିଳମ୍ବ ସକାଶେ ତା'ପାଇଁ ହୋଇଥିଲା ବନ୍ଦ ପାଳନ, ହରତାଳ । କିନ୍ତୁ ଅନେକ ବି ଥିଲେ ତା'ର ସମର୍ଥକ । ସେମାନେ ଚାହୁଁଥିଲେ ତା'ର ମୁକ୍ତି, ମୁକ୍ତ ଜୀବନ । ସେ ହେଲା ବହୁ ଚର୍ଚ୍ଚିତ ନାୟକ ' ମିଷ୍ଟର ଖରସେଲ୍' ।"

Digitized by PPRACHIN, SOA

When forests are fast depleting in India and its denizens are endangered, this is an apt attempt to express concern through its protagonist Mr. Kharsel, an elephant with the largest tusk who is sandwitched between impending terror and love.

Radhamohan who is often skilled in combining reality with imagination in all his earlier works, has successfully transferred subtle and intricate human emotions to animaldom specially to the world of elephants of Eastern Indian belt through a narratology that is too delicate, artistic and too telling. It is an apiary for animal lovers.

Dr. Haraprasad Parichha Patnaik
Former Secretary, Odisha Sahitya Academy.
Former Director, Text Book Bureau.
Former Registrar, Utkal University of Culture.

[ଯେତେବେଳେ ଅରଣ୍ୟ ସମ୍ପଦ ଦ୍ରୁତକ୍ଷୟିଷ୍ଣୁ ଓ ତା'ର ପ୍ରାଣୀସଂପଦ ବିପଦାପୂର୍ଣ୍ଣ, ଏହି ଉପନ୍ୟାସ ଏକ ସମୟୋଚିତ ପଦକ୍ଷେପ। ଅରଣ୍ୟ ସଂସ୍କୃତି ପୃଷ୍ଠଭୂମିରେ ରଚିତ ଏ ଉପନ୍ୟାସର ମୁଖ୍ୟ ନାୟକ 'ମିଷ୍ଟର ଖରସେଲ୍' ଏକ ମଣିଷ ନୁହେଁ, ହାତୀ ଯେ କି ପୃଥିବୀର ସବୁଠାରୁ ଦୀର୍ଘତମ ଶୁଣ୍ଢ ଧରି ବଞ୍ଚି ରହିଛି ଅଥଚ ଶଢ଼ିଯାଉଛି ପ୍ରେମ ଓ ଭୟର ଜଟିଳ ଚାପ ଭିତରେ। ରାଧାମୋହନ ଯିଏ କି ତାଙ୍କର ସମସ୍ତ ଲେଖାରେ ପ୍ରାୟତଃ ବାସ୍ତବତା ସହ କଳ୍ପନାକୁ ମିଶାଇବାରେ ନିପୁଣ, ଏ ଉପନ୍ୟାସରେ ସେ ସଫଳତାର ସହ ଅତି ଦୁରୂହ ଓ ଜଟିଳ ମାନବୀୟ ଆବେଗକୁ ପଶୁଜଗତର ମନ ଓ ହୃଦୟକୁ ସ୍ଥାନାନ୍ତରିତ କରିଛନ୍ତି, ମୁଖ୍ୟତଃ ପୂର୍ବାଞ୍ଚଳ ଭାରତର ହାତୀମାନଙ୍କ ବସତି ଉପରେ।

ଏହି ଉପନ୍ୟାସର ବର୍ଣ୍ଣନାର କଳାତ୍ମକ ଚାତୁର୍ଯ୍ୟର ସୂକ୍ଷ୍ମତା ପ୍ରକୃତି ଓ ଜଙ୍ଗଲ ପ୍ରାଣୀମାନଙ୍କୁ ଭଲ ପାଉଥିବା ପାଠକମାନଙ୍କ ପାଇଁ ଏକ ମହୁଫେଣା ସଦୃଶ।]

ଡକ୍ଟର ହରପ୍ରସାଦ ପରିଛା ପଟ୍ଟନାୟକ
ପୂର୍ବତନ ସଂପାଦକ, ଓଡ଼ିଶା ସାହିତ୍ୟ ଏକାଡେମୀ
ପୂର୍ବତନ ନିର୍ଦ୍ଦେଶକ, ଟେକ୍ସଟ୍ ବୁକ୍ ବ୍ୟୁରୋ
ପୂର୍ବତନ ରେଜିଷ୍ଟ୍ରାର, ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ

Digitized by PPRACHIN, SOA

The creation of the animal world is not only wonderful but also exalting. True, the man is reckoned as the cream of creation. But the world has become beautiful, pleasant, wealthy and comfortable owing to co-existence, help and contribution of the tiny insect, birds and beasts of the nature's environment. 'Mr. Kharsel' is not a man but an enormous elephant behaving like a man.

'Mr. Kharsel' of the writer Mr. Radhamohan Mohapatra is a rare wonderful contribution not only to Odiya but to the world literature at large. While acknowledging this, I have no hesitation to admit that he is a protagonist and lover of all animals including this elephant Kharsel which is his best creation ever. This book will prove his praiseworthy contribution to the whole animaldom. I extend my hearty thanks and congratulate him for his selfless and transparent love to animal world and this book is a historic success of his mind and pen. After all this unique book contains 'Bibhuti' of the Supreme Soul.

Satakadi Hota
Editor, 'Samaya'
President, 'Lekhaka Samukhaya'

[ଜୀବ ଜଗତର ସୃଷ୍ଟି ରଚନା କେବଳ ବିସ୍ମୟକର ନୁହେଁ, ଚିରଉଲ୍ଲାସକ ମଧ୍ୟ । ପ୍ରାଣୀ ଜଗତର ଶ୍ରେଷ୍ଠ ଜୀବ ଭାବେ ମଣିଷ ସ୍ୱୀକୃତି ପାଇଛି ସତ, କିନ୍ତୁ କୀଟପତଙ୍ଗ ଠାରୁ ପଶୁପକ୍ଷୀ ସମସ୍ତଙ୍କ ସହିତ ମଣିଷର ସହାବସ୍ଥାନ ହିଁ ଏ ଜଗତକୁ କରିଛି ବାସୋପଯୋଗୀ, ସୁନ୍ଦର, ସୁଖକର ଓ ସମୃଦ୍ଧ । 'ମିଷ୍ଟର ଖରସେଲ୍' ମଣିଷ ନୁହଁନ୍ତି, କିନ୍ତୁ ମଣିଷ ପରି ଜୀବଧର୍ମ ପାଳନ କରୁଥିବା ଏକ ବିଶାଳକାୟ ହାତୀ ।

ଲେଖକ ଶ୍ରୀ ରାଧାମୋହନ ମହାପାତ୍ରଙ୍କ 'ମିଃ ଖରସେଲ୍' ଏକ ବିରଳ ଉପନ୍ୟାସ ଯାହା କେବଳ ଓଡ଼ିଆ ନୁହେଁ ସମଗ୍ର ବିଶ୍ୱ ସାହିତ୍ୟକୁ ଏକ ଚମତ୍କାର ଅବଦାନ । ଏହା ସ୍ୱୀକାର କଲାବେଳେ ମୁଁ କହିବି ଯେ ହାତୀ ସହିତ ସମସ୍ତ ଜୀବଜଗତକୁ ଭଲ ପାଉଥିବା ଲେଖକଙ୍କର ଏହା ଶ୍ରେଷ୍ଠତମ ଅମରକୃତୀ । ମିଃ ଖରସେଲ୍‌ଙ୍କ ସହିତ ସମସ୍ତ ଜୀବଜଗତଙ୍କୁ ଏହା ତାଙ୍କର ସର୍ବୋତ୍କୃଷ୍ଟ ଅବଦାନ ଭାବେ ପ୍ରତିପାଦିତ କରିବ । ଲେଖକଙ୍କୁ ତାଙ୍କର ଏହି ଉଜ୍ଜ୍ୱଳ କୀର୍ତ୍ତି ପାଇଁ ଶ୍ରଦ୍ଧା ଓ ଅଭିନନ୍ଦନ ଜଣାଇବା ସହିତ ପ୍ରାଣୀମାନଙ୍କ ପ୍ରତି ନିଃସ୍ୱାର୍ଥ ପ୍ରେମ ଓ ସମ୍ମାନ ଏକ ଐତିହାସିକ ସଫଳତା । ସର୍ବଭୂତରେ ପରମାତ୍ମା ଦର୍ଶନର 'ବିଭୂତି' ରହିଛି ଏ ପୁସ୍ତକରେ ।]

ସାତକଡି ହୋତା
ସଂପାଦକ 'ସମୟ'
ସଭାପତି, 'ଲେଖକ ସାମ୍ମୁଖ୍ୟ'

Digitized by PPRACHIN, SOA

Mr. Kharsel is a large elephant with uncommon tusk whose life history and activities have been well depicted in this novel. He is almost like a human being, sometimes sharing same emotions and wisdom aptly evident in this book. Radhamohan is well known for his writings on love to animals and forest denizens and has been awarded by Odisha Sahitya Academy for his well read book 'Bhumitrushna'. Mr. Kharsel is a further milestone in his achievement and is a valuable literature on endangered animals.

Prof . Ganeswar Misra
Former President, Odisha Sahitya Academy,
Editor, 'Prameya'

[ମଣିଷ ଭଳି ଆଚରଣ କରୁଥିବା ଅସାଧାରଣ ଶୁଣ୍ଢଯୁକ୍ତ ଏକ ବୃହତ୍‌କାୟ ହାତୀ 'ମିଷ୍ଟର ଖରସେଲ୍'ର ଜୀବନ ଲିପି, ପ୍ରକୃତି ଓ ପ୍ରବୃତ୍ତି ଆଚରଣ ସମ୍ବନ୍ଧରେ ପୁସ୍ତକଟିରେ ଅତି ସୁନ୍ଦର ଭାବେ ଉପସ୍ଥାପିତ। ମଣିଷର ବୁଦ୍ଧିମତ୍ତା ତଥା ଆବେଗ ଭଳି ଗୁଣ ପଶୁ ଚରିତ୍ରରେ ମଧ୍ୟ ପରିଲକ୍ଷିତ ହୋଇଥାଏ ଯାହା ଏଥିରେ ନିଖୁଣ ଭାବେ ପ୍ରତିଫଳିତ। ଏଥି ପୂର୍ବରୁ ଲେଖକ ତାଙ୍କ ଅନୁଭୂତିଭିତ୍ତିକ ଜଙ୍ଗଲ କାହାଣୀ ପାଇଁ ପାଠକ ମହଲରେ ଶ୍ରଦ୍ଧାସୁମନ ଲାଭ କରିଛନ୍ତି ଏବଂ ତାଙ୍କ ବହୁ ଚର୍ଚ୍ଚିତ ଉପନ୍ୟାସ 'ଭୂମିତୃଷ୍ଣା' ଓଡ଼ିଶା ସାହିତ୍ୟ ଏକାଡେମୀ ଦ୍ୱାରା ପୁରସ୍କୃତ ହୋଇଅଛି। ଅଧୁନା ତାଙ୍କ ଉପନ୍ୟାସ 'ମିଷ୍ଟର ଖରସେଲ୍' ସଫଳତାର ଅନ୍ୟତମ ସ୍ତମ୍ଭ।]

ପ୍ରଫେସର ଗଣେଶ୍ୱର ମିଶ୍ର,
ପୂର୍ବତନ ସଭାପତି, ଓଡ଼ିଶା ସାହିତ୍ୟ ଏକାଡେମୀ
ସଂପାଦକ, 'ପ୍ରମେୟ'

Digitized by PPRACHIN, SOA

The trumpet call of the elephant,
Made the jungle writer active and elegant.
So came out the jungle hero Kharsel.
He became the hero of writer to excel,
Uncommon is his life similar to men.
His activities provided ink to writer's pen,
Love to animals is the motto of the writer,
Such work is rare in our literature.

Prof. Biswaranjan
Editor, 'Khabar'

["ବନସ୍ତେ ଡାକିଲା ଗଜ,
ମୋହନ ମନରେ ଆଜି ସୃଜନର ବୀଜ।
ଗହନ ବନ, ମନର କାରିଗର ଶ୍ରୀରାଧାମୋହନ,
ଚଳ ଚଞ୍ଚଳ ସଦା ତାଙ୍କ କଳ୍ପନା ଆଉ କଲମ।
'ମିଷ୍ଟର ଖରସେଲ୍' ସେଇ କାହାଣୀରୁ ଜନ୍ମ,
ଜୀବନ ତାହାର ଅନନ୍ୟ ହୋଇଲା, ମଣିଷଠୁଁ ନୁହେଁ ଭିନ୍ନ।
ବଣ୍ୟ ନୁହେଁ ସେ ବଣର ନାୟକ,
ପଶୁ ନୁହେଁ ସେ ତ ଶ୍ରଦ୍ଧାର ଗାୟକ।
ସୃଷ୍ଟି ସାହିତ୍ୟରେ ନାହିଁ ତା'ର ଅନୁପମ ଛବି,
ପ୍ରାଣୀ ପୀରତିରେ ସେ ତ ପୌରୁଷର ରବି।
ଆମ ସାହିତ୍ୟରେ ନାହିଁ ତାହାର ତୁଳନା
ପ୍ରାଣୀପ୍ରେମରେ ଭରା ତାଙ୍କ ଉପନ୍ୟାସ ସିନା ।"]

ପ୍ରଫେସର ବିଶ୍ୱରଂଜନ
ସଂପାଦକ, 'ଖବର'

Digitized by PPRACHIN, SOA

ଉତ୍ସର୍ଗ

ଆମ ସମାଜରେ ଅନ୍ୟ ବନ୍ୟଜନ୍ତୁ ଅପେକ୍ଷା ହାତୀର ସ୍ଥାନ ସ୍ୱତନ୍ତ୍ର । ହାତୀକୁ 'ଗଜରାଜ' ବୋଲି ସମ୍ବୋଧନ କରାଯାଏ । ଗଜଲକ୍ଷ୍ମୀ ପୂଜା ହିନ୍ଦୁ ସମାଜରେ ନିଷ୍ଠାର ସହିତ ପାଳିତ ହୁଏ । ହିନ୍ଦୁ ଦେବତା ବିଘ୍ନନାଶକ ଗଣେଶଙ୍କର ମୁଣ୍ଡ ହେଉଛି ହାତୀମୁଣ୍ଡ । ସେ ବୁଦ୍ଧିଦାତା, ସିଦ୍ଧିଦାତା ଓ ସୌଭାଗ୍ୟକର୍ତ୍ତା ଭାବେ ହିନ୍ଦୁମାନଙ୍କ ଦ୍ୱାରା ପୂଜିତ, ଆରାଧିତ । ଇନ୍ଦ୍ରଦେବତାଙ୍କ ପ୍ରିୟ ହସ୍ତୀର ନାମ ଐରାବତ । ସେ ବଳବାନ, ବୁଦ୍ଧିମାନ ଓ ଶକ୍ତିବାନ୍ । ତା' ମୁଣ୍ଡରେ ରହିଛି ଦୁଷ୍ପ୍ରାପ୍ୟ ଦୁର୍ମୂଲ୍ୟ ଗଜମୁକ୍ତା - ଆମ୍ଭମାନଙ୍କର ବିଶ୍ୱାସ । ଭଗବାନ ବିଷ୍ଣୁ କୁମ୍ଭୀର ମୁହଁରୁ ଗଜକୁ ଉଦ୍ଧାର କରିଥିଲେ ବୋଲି ପୌରାଣିକ ଉପାଖ୍ୟାନ ରହିଛି । ମହାପ୍ରଭୁ ଜଗନ୍ନାଥଙ୍କର ମାଘ ପୂର୍ଣ୍ଣିମା ଦିନ 'ଗଜ ଉଦ୍ଧାରଣ ଗଣେଶ ବେଶ' ହାତୀର ସଂକଟ ଓ ଦୁର୍ଦ୍ଦଶା ସମ୍ବନ୍ଧରେ ଏକ ପରୋକ୍ଷ ପ୍ରତୀକାତ୍ମକ ପରିବେଷଣ ବୋଲି କୁହାଯାଇପାରେ । ଦେବସ୍ନାନ ପୂର୍ଣ୍ଣମୀ ଦିନ ସ୍ନାନ ମଣ୍ଡପରେ ଜଗନ୍ନାଥ ଦିବ୍ୟ 'ଗଜ ବେଶ'ରେ ଜାତି ଧର୍ମ ନିର୍ବିଶେଷରେ ଜଗତର ଭକ୍ତଙ୍କୁ ଦର୍ଶନ ଦିଅନ୍ତି। ଆମ ରାଜ୍ୟର ରାଜାଙ୍କୁ ଗଜପତି ବୋଲି ସମ୍ବୋଧନ କରାଯାଏ - 'ବୀରଶ୍ରୀ ଗଜପତି .....' । ମୁଁ ହିନ୍ଦୁ ପରିବାରରେ ଜନ୍ମିତ । ଆମ ସାମାଜିକ ପ୍ରଥା ତଥା ପୂଜାପାଠ ଅନୁଯାୟୀ ପ୍ରତ୍ୟେକ ଶୁଭକାର୍ଯ୍ୟରେ ପ୍ରଥମେ କଳସୀରୂପୀ ଅଗ୍ରଦେବ ଗଣେଶଙ୍କୁ ସ୍ଥାପନ କରାହୁଏ । ଭାଦ୍ରବ ମାସ ଶୁକ୍ଳପକ୍ଷ ଚତୁର୍ଥୀ ତିଥି ଗଣେଶଙ୍କ ସ୍ୱନକ୍ଷତ୍ର ଦିବସ । ଏହି ଦିବସକୁ ସମର୍ପଣ ଭାବ ନେଇ ନିଷ୍ଠାର ସହିତ ପୂଜା କରିଥାଉଁ- ଖର୍ବଂ ସ୍ଥୂଳ ତନୁଂ ଗଜେନ୍ଦ୍ର ବଦନମ୍...। ଏଣୁ ହାତୀ ପ୍ରତି ମୋର ଅପରିମିତ ପ୍ରୀତି ଓ ଶ୍ରଦ୍ଧା ଖୁବ୍ ସ୍ୱାଭାବିକ କଥା । ଏଥିରେ ଅତିରଂଜନର ସ୍ଥାନନାହିଁ ।

ସଭ୍ୟତାର ଉନ୍ମେଷ କାଳରୁ ହାତୀ ମଣିଷ ସମାଜ ଓ ଜନ ଜୀବନ ସହିତ ଜଡ଼ିତ। ଇତିହାସ ଏ କ୍ଷେତ୍ରରେ ନୀରବ ନୁହେଁ। ଖ୍ରୀ.ପୂ ପ୍ରାୟ ଛ' ହଜାର ବର୍ଷତଳେ ହରପ୍ପା ସିନ୍ଧୁ ସଭ୍ୟତା କାଳରେ ସମାଜରେ ପୋଷ୍ୟ ହାତୀର ସୂଚନା ମିଳେ। ହାତୀକୁ ଉପଯୁକ୍ତ ତାଲିମ ଦେଇ ବୋଲମନା କରାଯାଉଥିଲା । ଯେତେବେଳେ ଯାନ ଓ ଯନ୍ତ୍ରର ପ୍ରଚଳନ ନଥିଲା, ଭାରି ଜିନିଷ ନେବା ଆଣିବା କ୍ଷେତ୍ରରେ ହାତୀକୁ ନିୟୋଜିତ କରାଯାଉଥିଲା । ଅତୀତରେ

Digitized by PPRACHIN, SOA

ରଣକ୍ଷେତ୍ରରେ ହାତୀର ଭୂମିକା ଅନସ୍ୱୀକାର୍ଯ୍ୟ । ରାଜାମାନେ ହସ୍ତୀବାହିନୀ ଗଠନ କରି ସୈନ୍ୟବାହିନୀକୁ ସୁଦୃଢ଼ କରୁଥିଲେ । ସମୟ ଥିଲା, ହାତୀକୁ ସମ୍ପତ୍ତିର ଏକ ଅଂଶ ବୋଲି ବିଚାର କରାଯାଉଥିଲା । ସର୍କସର ଖେଳମାନଙ୍କ ମଧ୍ୟରେ ହାତୀର ଭୂମିକା ଗୁରୁତ୍ୱପୂର୍ଣ୍ଣ । ସେ ସବୁ ଅତୀତର କଥା ଓ ଗାଥା । ଏବେ ହାତୀକୁ ନେଇ ଅନେକ ଚଳଚ୍ଚିତ୍ର ନିର୍ମାଣ ହେଲାଣି ।

'ହାତୀ' ସମ୍ବନ୍ଧରେ ମୋର ଏଇ ରଚନାଟି ଶ୍ରଦ୍ଧା ସ୍ୱରୂପ ଏକ ପ୍ରତିବେଦନ। କିନ୍ତୁ ମୋର ଏଇ ଶ୍ରଦ୍ଧାପୂର୍ଣ୍ଣ ହୃଦୟର ପ୍ରତିବେଦନକୁ ଶୁଣିବବା କିଏ ? ମୋର ଅସଂଖ୍ୟ ଅଗଣିତ ଜୀବନାନୁଭୂତି ପରିପୂର୍ଣ୍ଣ ମାର୍ମିକ ଆତ୍ମଲିପି କ'ଣ ସତରେ ରେଖାପାତ କରିବ ଦରଦୀ ଅନୁଭବୀ ପାଠକର ମନ ଆଉ ହୃଦୟରେ ? 'ଗୁଣ ଚିହ୍ନେ ଗୁଣିଆ, ସୁନା ଚିହ୍ନେ ବଣିଆର'ର ଯେଉଁ ନିବିଡ ସଂପର୍କ ରହିଆସିଛି କେଉଁ ପୁରୁଣା ସମୟରୁ, ଆଜିର ପରିବର୍ତ୍ତିତ ସମୟ ଆଉ ପରିସ୍ଥିତିରେ ଉପଯୁକ୍ତ ଚିହ୍ନରା ଗ୍ରାହକର ସଙ୍କଟ ଯେଉଳି ଭାବେ ଅନୁଭୂତ ହେଉଛି, ସେତେବେଳେ ମନକୁ ମନ ଏଭଳି ଏକ ପ୍ରଶ୍ନ ଉଙ୍କି ମାରି ବସୁଛି- କିଏ କରିବ ମୋ ବର୍ଣ୍ଣିତ ଅନୁଭବର ମୂଲ୍ୟାୟନ ? ଅଯୋଧ୍ୟା ରାଜନ ଦଶରଥ ନନ୍ଦନ ଶ୍ରୀରାମଚନ୍ଦ୍ର ଦୀର୍ଘ ୧୪ ବର୍ଷ ଦଣ୍ଡ ପାଇଁ ବନବାସୀର ଜୀବନ ଅତିବାହିତ କରିଥିଲେ। ବିମାତା କୈକେୟୀଙ୍କର ବୈମାତୃକ ଚକ୍ରାନ୍ତ କ୍ରମେ ଏଭଳି ନିର୍ବାସନ ଦଣ୍ଡ ପାଇନଥିଲେ ସେ ମାତ୍ର ଅଯୋଧ୍ୟାର ନରେଶ ହୋଇ ରହିଯାଇଥାନ୍ତେ। ଆଉ ପ୍ରଭୁ ମର୍ଯ୍ୟାଦା ପୁରୁଷ ଶ୍ରୀରାମଚନ୍ଦ୍ର ହୋଇପାରି ନଥାନ୍ତେ। ଏ ଅବତାରଣା ମୋ ପାଇଁ ନୁହେଁ- କାହିଁ ଭଗବାନ ଶ୍ରୀରାମଚନ୍ଦ୍ର, କାହିଁ ମୁଁ କ୍ଷୁଦ୍ରାତିକ୍ଷୁଦ୍ର ନିମିତ୍ତ ସଂସାରୀ ସାଧାରଣ ମାମୁଲି ମଣିଷଟିଏ। କର୍ମ ଜଞ୍ଜାଳରୁ ସାମୟିକ ବିମୁକ୍ତି ଆଉ ଅରଣ୍ୟକୁ ନିର୍ବାସନ- ଏମିତି ହୁଏତ ଥରେ ଅଧେ ନୁହେଁ, ଅନେକ ବାର... ତାହାରି ଭିତରେ କିଛି ସାଉଁଟା ଅନୁଭୂତିକୁ ପୁଞ୍ଜି କରି ଗଢିଛି କେତୋଟି ଜଙ୍ଗଲ କାହାଣୀ ଭିତ୍ତିକ ଉପନ୍ୟାସ। 'ସ୍ରଷ୍ଟା' ଗୌରବ ପ୍ରାପ୍ତିର ସାମାନ୍ୟ ଲାଳସା ମୋର ନାହିଁ, ରହିଛି କେବଳ ଏକ ଅନ୍ତର୍ନିହିତ ଇଚ୍ଛା- ମୋର ଏଇ ଉପନ୍ୟାସର ଯେଉଁ ଚିହ୍ନରା ଗ୍ରାହକ କିମ୍ବା ଗ୍ରାହକମାନଙ୍କ ଠାରୁ ଯଦି ଏତିକି ସୁପାରିଶମୂଳକ ଆଶ୍ୱାସନା କେବେ ପାଏଁ ଯେ ମୋର ଏ ସାମାନ୍ୟ ଜଙ୍ଗଲଭିତ୍ତିକ ରଚନା ଏକ ବିରଳ ଅନୁଭବ, ଏକ ଏକୈଶୀ ସର୍ଜନା, ତେବେ ନିଜକୁତ ନିଶ୍ଚିତ ଭାବେ ଏଭଳି ପ୍ରେରଣା ପାଇ ଧନ୍ୟ ମଣିବି, ଆଉ ସେତିକିବେଳେ ମୁକ୍ତ କଣ୍ଠରେ ଉଚ୍ଚାରଣ କରିବି, ସେଇମାନେ ହିଁ ବାସ୍ତବରେ ମୋର ଚିହ୍ନରା ଗ୍ରାହକ ଆଉ ସେଇମାନେହିଁ ଏହାର ଉତ୍ସର୍ଗର ପାତ୍ର।

- ଲେଖକ

ରାଧାମୋହନ ମହାପାତ୍ର

Digitized by PPRACHIN, SOA

ନିଜ କଥା ତଥା ପ୍ରକାଶନ ସମ୍ବନ୍ଧରେ ପଦେ:

କୌଣସି ସୃଷ୍ଟିର ଅନ୍ତରାଳରେ ପ୍ରେରଣାଟିଏ ନଥିଲେ ତାହା ଆଲୋକକୁ ଆସି ଉଦ୍ଭାସିତ ହେବା ସମ୍ଭବ ହୋଇନଥାଏ। ସେଦିନ ତା ୫.୨.୨୦୧୨ରିଖରେ ମୋର ୧୩ତମ ଉପନ୍ୟାସ 'ଓଲଟ ପାଲଟ' ଭୁବନେଶ୍ୱର ସୂଚନା ଭବନ (ଜୟଦେବ ଭବନ)ରେ ଉନ୍ମୋଚନ ଅବସରରେ ମୋର ଶୁଭାକାଙ୍କ୍ଷୀ ଗୁରୁ-ଶିକ୍ଷକ ତଥା ପ୍ରଖ୍ୟାତ ଔପନ୍ୟାସିକ ପ୍ରଫେସର ଶାନ୍ତନୁ କୁମାର ଆଚାର୍ଯ୍ୟ ମହାଶୟ ମୁଁ କାହିଁକି ଜାଙ୍ଗଲିକ ଉପନ୍ୟାସ ନଲେଖି ସାମାଜିକ ଉପନ୍ୟାସ ଲେଖୁଛି ବୋଲି ଜିଜ୍ଞାସା କରନ୍ତେ, ବିନମ୍ରତାର ସହିତ କହିଲି, ବିଗତ ୨୪ ବର୍ଷ ଧରି ଏକ ଅନୁଭୂତିଭିତ୍ତିକ ଜଙ୍ଗଲ ଉପନ୍ୟାସ ମାତ୍ର ଅଙ୍କୁରୋଦ୍‌ଗମ ଅବସ୍ଥାରେ ଗର୍ଭରେ ରହି ଜୀବନ୍ୟାସ ପାଇପାରୁନାହିଁ; ଯଦିଓ ମାତ୍ର ଏକମାସ ଭିତରେ ଜଙ୍ଗଲ ଉପନ୍ୟାସ 'ଅରଣ୍ୟ ଅତିଥି' ସଂପୂର୍ଣ୍ଣ ହୋଇ ଶ୍ରୀମତୀ ନନ୍ଦିନୀ ଶତପଥୀଙ୍କ ଦ୍ୱାରା ଲୋକାର୍ପିତ ହୋଇପାରିଥିଲା। ସେହିପରି ଏହି ସାମାଜିକ ଉପନ୍ୟାସ 'ଓଲଟ ପାଲଟ' ଏକ ମାସ ଭିତରେ ସଂପୂର୍ଣ୍ଣ ହୋଇ ଲୋକାର୍ପିତ ହେଉଛି। ଅତଏବ ଦାତା-ସ୍ରଷ୍ଟା ହେଉଛନ୍ତି ଉପରବାଲା ଜଣେ; ଲେଖକ ମାଧ୍ୟମଟିଏ ମାତ୍ର- ଅନୁଭବ କରିଛି ମୋ ଲେଖକ ଜୀବନରେ।

ଯଦିଚ ଖାସ୍ ଉପନ୍ୟାସଟି ଲେଖିବା ପାଇଁ ପୁରୀ-କୋଣାର୍କ ମେରାଇନ୍ ଡ୍ରାଇଭ୍ ବାଲୁଖଣ୍ଡ ଅଭୟାରଣ୍ୟ ଭିତରେ ବାଲିଘାଇ-ବେଲେଶ୍ୱରସ୍ଥ ସମୁଦ୍ର କୂଳ ଓ ପ୍ରକୃତିର କୋଳରେ ଏକ ଫାର୍ମ ହାଉସ "ନିର୍ଜନ ନିବାସ" ସ୍ଥାପନ କରିଛି ଯାହାର ନାମ ରଖିଛି ସତ୍ୟ ଉଦ୍ୟାନ /ସତ୍ୟାଶ୍ରମ/ମା ନିଷାଦ ଅନୁଷ୍ଠାନ (www.nirjanniwas.com) ଏବଂ ଦୀର୍ଘ ଦଶନ୍ଧିକାଳ ଜନ ସାହିତ୍ୟରୁ ଦୂରେଇ ଯାଇ ଅଜ୍ଞାତବାସରେ ରହିଲି। କିନ୍ତୁ ପ୍ରକୃତିର ବିପୁଳ ପାରାବାରରେ ମଧ୍ୟ ଅନ୍ତରାୟବହୁଳ ପ୍ରତିକୂଳ ପରିବେଶରେ ସ୍ଥାନୀୟ କେତେକ ଦୁଷ୍ଟଲୋକ ଏବଂ ଗୁଣ୍ଡାମାନଙ୍କର ଅତ୍ୟାଚାରରେ ଫାର୍ମ ହାଉସ୍ ସମ୍ଭାଳି ପୃଷ୍ଠାଟିଏ ଲେଖିବା ମଧ୍ୟ ସମ୍ଭବ ହୋଇ ନଥିଲା। ପୁନଶ୍ଚ ସବୁକୁ ଛି' କରି ଜ୍ଞାତବାସକୁ ଫେରିଲି ଏବଂ ଫଳ ସ୍ୱରୂପ ଅଳ୍ପ କେଇ ଦିନରେ 'ଓଲଟ ପାଲଟ' ଜନ୍ମ ଲାଭକଲା ଏବଂ ୧୫ଟି ଗପ ଏବଂ ଦୈନିକ ସମ୍ବାଦପତ୍ର 'ସର୍ବସାଧାରଣ'ରେ 'ମୋହନ ମାନସ'

Digitized by PPRACHIN, SOA

ଶିରୋନାମା ଉପରେ ନିୟମିତ ଲେଖା ପ୍ରକାଶିତ ହୋଇଆସୁଛି। କିନ୍ତୁ ବହୁ ଆକାଙ୍କ୍ଷିତ ଜାଙ୍ଗଲିକ ଉପନ୍ୟାସ ? ପ୍ରକାଶିତ ନହୋଇପାରି ଗର୍ଭାବସ୍ଥାରେ ରହିଲା, ସମୟକୁ ଅପେକ୍ଷା କରିଥିଲା...

ତେବେ 'ଓଲଟ ପାଲଟ' ଲୋକାର୍ପଣ ଉତ୍ସବର ପରଦିନ କଥା। ଗୁରୁ ଶାନ୍ତନୁ ଆଚାର୍ଯ୍ୟ ମହାଶୟଙ୍କ ପୁନଃ ପୁନଃ ପରାମର୍ଶ ମନରେ ପ୍ରତିଧ୍ୱନି ତୋଳିଲା। ଗର୍ଭସ୍ଥ ଜାଙ୍ଗଲିକ ଉପନ୍ୟାସ 'ଗଛ ଛନ ଛନ ଗହନ ବନ'ର ତଥ୍ୟ-ସତ୍ୟ-ଘଟଣାର ନଥି ଖୋଲି ବସିଲି। ପ୍ରଥମରେ ନଜର ପଡ଼ିଲା ଗୁରୁଙ୍କର ତା ୨୩.୪.୧୯୯୬ରିଖର ହସ୍ତଲେଖା ଚିଠିଟି ଉପରେ-

Digitized by PPRACHIN, SOA

ଏବଂ ମୋ ଲେଖା ଟେବୁଲର କାଚ ପ୍ୟାଡ୍ ତଳେ ବାଙ୍କୀ ଉତ୍ସବ-୨୦୦୧ର ମାନପତ୍ରଟି ମୋର ଦୃଷ୍ଟିକୁ ଚୁମ୍ବକ ଭଳି ଟାଣି ନେଲା, ଯାହାର ଗୁରୁ ଶାନ୍ତନୁ କୁମାର ଆଚାର୍ଯ୍ୟଙ୍କ ମତ-ପରାମର୍ଶର ପୁନରାବୃତ୍ତି 'ମନେହେଲା -


ବାଙ୍କୀ ମହୋତ୍ସବ - ୨୦୦୧

ବାଙ୍କୀ ମହୋତ୍ସବ

ବାଙ୍କୀ, କଟକ, ଓଡ଼ିଶା
ତା.୧ ନଭେମ୍ବର ୨୦୦୧

ମାନପତ୍ର

ମାନନୀୟ ଶ୍ରୀଯୁକ୍ତ ରାଧାମୋହନ ମହାପାତ୍ର ମହୋଦୟ.....

ମହାଶୟ,

ଅପୂର୍ବ କର୍ତ୍ତବ୍ୟନିଷ୍ଠା ,ଅଧ୍ୟବସାୟ ଏବଂ ଅସାଧାରଣ ଧୀମଭାବକରେ ଆପଣ ଓଡ଼ିଶାର ବହୁ ଉଚ୍ଚପଦବୀରେ ପ୍ରତିଷ୍ଠିତ ହୋଇଥିଲେ ସୁଦ୍ଧା ସର୍ବଶ୍ରେଷ୍ଠ ପରିଚୟ ହେଉଛି ଆପଣଙ୍କର ସାରସ୍ୱତ ସୃଜନଶୀଳତା । ଶୌର୍ଯ୍ୟ ଏବଂ ସୌନ୍ଦର୍ଯ୍ୟପ୍ରତି ସମପର୍କିମାଣରେ ବିମୁଗ୍ଧ ଭାବ ଆପଣଙ୍କ ଚରିତ୍ରର ବୈଚିତ୍ର୍ୟ । ଆପଣ ବଂଶୀ ବାଦନ କରିବାରେ ଯେପରି ବିମୁଗ୍ଧ, ବନ୍ଧୁକ ଚାଳନାରେ ମଧ୍ୟ ସେହିପରି ଧୁରନ୍ଧର । ଅନସ୍ୱସ୍ତ୍ରାବୀ ଆପଣଙ୍କ ଲେଖନୀ । ଜଙ୍ଗଲର ଦୁଃସାହସିକ ଅଭିଯାନକୁ ନେଇ ଆପଣଙ୍କ କାହାଣୀ ଇଂରେଜ ଲେଖକ ଜିମ୍ କାର୍ବେଟ୍‌ଙ୍କୁ ସ୍ମରଣ କରାଇଦିଏ । ଜଙ୍ଗଲପ୍ରାଣୀ ଏବଂ ଜାଙ୍ଗଲିକ ସୁଷମା ତଥା ଜଙ୍ଗଲ ମଣିଷକୁ ନେଇ ଗଳ୍ପ ଏବଂ ଉପନ୍ୟାସ ସୃଷ୍ଟି କରିବାରେ ଆପଣଙ୍କ ସହିତ ସମତୁଲ ହେଲାପରି ଓଡ଼ିଶାରେ ଅନ୍ୟ କେହି ଦ୍ୱିତୀୟ ସ୍ରଷ୍ଟା ଥିଲାପରି ମନେ ହୁଏ ନାହିଁ । ଆରଣ୍ୟକ କାହାଣୀ ବ୍ୟତୀତ ମନୁଷ୍ୟ ଓ ମନୁଷ୍ୟେତର ପ୍ରାଣୀ ମଧ୍ୟରେ ଥିବା ଆତ୍ମିକ ସଂପର୍କକୁ ନେଇ ମଧ୍ୟ ଆପଣଙ୍କର ସୃଷ୍ଟି ସମ୍ଭାର ନିଜସ୍ୱ ମୌଳିକତାରେ ମହୀୟାନ୍ ।

ଆପଣଙ୍କ ପରି ମହାନ୍ ସ୍ରଷ୍ଟାଙ୍କର ସାରସ୍ୱତ ଚଲା ପଥରେ 'ମା' ଚର୍ଚ୍ଚିକା ଫୁଲ ଚନ୍ଦନ ବୃଷ୍ଟି କରନ୍ତୁ - ଏହାହିଁ କାମନା ।

ସାଧାରଣ ସଂପାଦକ
ବାଙ୍କୀ ମହୋତ୍ସବ - ୨୦୦୧

ମୁଖ୍ୟଅତିଥି

ସଭାପତି
ବାଙ୍କୀ ମହୋତ୍ସବ-୨୦୦୧

Digitized by PPRACHIN, SOA

ଆଖିରୁ ଅଶ୍ରୁଧାର ପ୍ରବାହିତ ହେବାରେ ଲାଗିଲା। ନିଜକୁ ଆୟତ୍ତରେ ରଖିବା ସମ୍ଭବ ହେଲା ନାହିଁ। ଏଣୁ ଲେଖନୀ ଧରି ଧ୍ୟାନରେ ବସିଲି। ଅନୁଭବ କଲି ସତେ ଯେମିତି ମୋତେ କିଏ ଶୂନ୍ୟରେ ରହି ବିଷୟବସ୍ତୁ ଡାକି ଦେଉଛନ୍ତି ଏବଂ ତଦନୁଯାୟୀ ମୁଁ ଲେଖିଚାଲିଛି। ଉପନ୍ୟାସଟି 'ଗଛ ଛନ ଛନ ଗହନ ବନ' ନାମରେ ପ୍ରକାଶ କରିବି ବୋଲି ମୂଳ ଚିନ୍ତା ଥିଲା, କିନ୍ତୁ ବିଷୟବସ୍ତୁ ଭିନ୍ନ ରୂପ ଧାରଣ କଲା। ମୋର ଶୁଭାକାଂକ୍ଷୀ ସୁସାହିତ୍ୟିକ ବନ୍ଧୁ ତଥା 'ଖବର' ସମ୍ବାଦପତ୍ରର ସଂପାଦକ ଅଧ୍ୟାପକ ବିଶ୍ୱରଂଜନ ବାବୁ ଏହାକୁ "ମିଷ୍ଟର ଖରସେଲ୍"ରେ ନାମିତ କରିବା ଯଥାର୍ଥ ହେବ ବୋଲି ପରାମର୍ଶ ଦେବାରୁ ତଦନୁଯାୟୀ ଉପନ୍ୟାସର ନାମ "ମିଷ୍ଟର ଖରସେଲ୍" ନିର୍ବାଚିତ ହୋଇ ଲୋକାର୍ପିତ ହେଉଅଛି। ସେଥିପାଇଁ ବନ୍ଧୁ ଅଧ୍ୟାପକ ବିଶ୍ୱରଂଜନଙ୍କୁ କୃତଜ୍ଞତା ଜ୍ଞାପନ କରୁଛି। ଆଉ ଯେଉଁମାନେ ପୁସ୍ତକ ଲିଖନ ଓ ପ୍ରକାଶନରେ ସହଯୋଗର ହାତ ବଢ଼ାଇଛନ୍ତି ସେମାନେ ମୋ ପରିବାରର ସଦସ୍ୟ, ପୁତୁରା ଡ. ଧରଣୀଧର ରାଉତ, ପୁତୁରା ଡ. ବୈରାଗୀ ପଟ୍ଟନାୟକ ଏବଂ 'ରଣଭୂଇଁ'ର ସଂପାଦକ ଶ୍ରୀ ବ୍ରଜବନ୍ଧୁ ପରିଡ଼ା, ଇଂଜିନିୟର ଲେଖକ କବି ସତ୍ୟବ୍ରତ ରଥ ଏବଂ ଦୈନିକ ସମ୍ବାଦ ପତ୍ର 'ସର୍ବସାଧାରଣ'ର କର୍ମକର୍ତ୍ତାଗଣ, ସାହିତ୍ୟିକ ବୈକୁଣ୍ଠ ଶତପଥୀ, ପଣ୍ଡିତ ଭାଗବତ ପଣ୍ଡା ଯେଉଁମାନଙ୍କ ସଦିଚ୍ଛା ବିନା ମୋ ରଚନା ତ୍ୱରାନ୍ୱିତ ହୋଇ ପାରିନଥାନ୍ତା। କେବଳ ଶୁଭେଚ୍ଛା ଆଉ ଆଶୀର୍ବାଦ ବ୍ୟତୀତ କ'ଣ ଅଧିକ ପ୍ରତିଦାନ ଦେଇପାରିବି ସେମାନଙ୍କୁ ? ସେମାନଙ୍କ ମଥାରେ କଲ୍ୟାଣର କଳସୀଟିଏ ଥାପୁଛି।

– ରାଧାମୋହନ ମହାପାତ୍ର

Digitized by PPRACHIN, SOA

ବଂଶୀ-ବନ୍ଧୁକ-ବହିର ବିନ୍ଧାଣୀ ଶ୍ରୀ ରାଧାମୋହନ ମହାପାତ୍ରଙ୍କ ଅନ୍ୟତମ ବିରଳ ସୃଷ୍ଟି '**ମିଷ୍ଟର ଖରସେଲ୍**'

ବଂଶୀ-ବନ୍ଧୁକ-ବହି ତିନୋଟି ଶବ୍ଦ। ବାକ୍ୟଟିରୁ ଅମେଳ ଶବ୍ଦଟିକୁ ବାଦ୍ ଦେଲେ ବନ୍ଧୁକ ଉଭେଇ ଯାଏ। ରହିଯାଏ ବଂଶୀ ଓ ବହି। ଲେଖକ-ଗାଳ୍ପିକ-ଔପନ୍ୟାସିକ ରାଧାମୋହନଙ୍କ ଅର୍ଥପୂର୍ଣ୍ଣ ଜୀବନରେ ଠିକ୍ ତାହା ହିଁ ଘଟିଛି। ବାଲ୍ୟକାଳରୁ ହୁଏତ ପ୍ରଥମ ଶ୍ରେଣୀ ସମୟରୁ ହାତରେ ଧରି ଆସିଛନ୍ତି ଏକଫୁଟ ଲମ୍ବର ବଂଶୀଟିଏ। ଶ୍ରଦ୍ଧା କରନ୍ତି ଏହି ବଂଶୀକୁ। ମିତ ବସନ୍ତି ଜଗତର ସବୁଠୁଁ ଏଇ ଶସ୍ତା, ସରଳ ଅଥଚ ବିରଳ ବାଉଁଶର ବାଦ୍ୟଯନ୍ତ୍ର ସହିତ। ଆତ୍ମନିମଜ୍ଜନର ପ୍ରତିଦାନ ସ୍ୱରୂପ ପାଆନ୍ତି ଅପୂର୍ବ ସ୍ୱରଗୁଣ। ମୁରଲୀର ମନ୍ତ୍ରମୋହିନୀ ସ୍ୱରରେ ସମସ୍ତଙ୍କ ଚିତ୍ତକୁ ପୁଲକିତ କରନ୍ତି। (ବାଳକଟିର କେତେ ଅପୂର୍ବ କଳା!) ସମସ୍ତେ ସ୍ତମ୍ଭୀଭୂତ, ଆମୋଦିତ ଓ ଚମତ୍କୃତ। ଆଶିଷର ବର୍ଷା ଅଜାଡ଼ି ହୋଇ ପଡ଼େ ତାଙ୍କ ଉପରେ। ପୁରସ୍କାର ପ୍ରଶଂସା ମଣ୍ଡି ହୋଇପଡ଼େ।

ସମୟ ଅତିକ୍ରାନ୍ତେ ଯୁବାବସ୍ଥା ଉପସ୍ଥିତ ହୁଏ। ବିଦ୍ୟାଧ୍ୟୟନର ପାହାଚ ଚଢ଼ନ୍ତି। ଶୀର୍ଷରେ ପହଞ୍ଚନ୍ତି। ସ୍ନାତକୋତ୍ତର ପରେ କିଛିଦିନ ଅଧ୍ୟାପନା ଓ ତତ୍ପରେ ସରକାରୀ ଚାକିରିରେ ଯୋଗଦାନ। ଖୁବ୍ ବଡ଼ ଚାକିରି କରିବା ପାଇଁ ପ୍ରଚେଷ୍ଟା ଜାରି ରହେ ସର୍ବଭାରତୀୟ ପ୍ରତିଯୋଗିତା ମାଧ୍ୟମରେ। ଶେଷରେ ବିଫଳ ହୁଅନ୍ତି ଓ ବିଭୁଦତ୍ତ ଜୀବିକା (ଓ.ଏଫ୍.ଏସ୍.)କୁ ସାଦରେ ଗ୍ରହଣ କରନ୍ତି। ସେଥିରେ ସନ୍ତୁଷ୍ଟ ରହିବାକୁ ବାଧ୍ୟ ହୁଅନ୍ତି। କିନ୍ତୁ ଅନ୍ତରାତ୍ମାର କେଉଁ ଏକ ଅଜ୍ଞାତ କୋଣରେ ଲୁଚି ରହିଥାଏ ଅସନ୍ତୋଷର ଅସ୍ପଷ୍ଟ ଦାଗଟିଏ। ଚାକିରି ଆରମ୍ଭ ହୁଏ ଦୂରାନ୍ତ ଅରଣ୍ୟପୂର୍ଣ୍ଣ କଳାହାଣ୍ଡି, କୋରାପୁଟ, ରାୟଗଡ଼ା, ମାଲକାନଗିରି ଭଳି ବନାଞ୍ଚଳମାନଙ୍କରେ ଯେଉଁ ସ୍ଥାନଗୁଡ଼ିକ ପ୍ରତି ଉପକୂଳ ଅଞ୍ଚଳ ନିବାସୀ ଯିବାକୁ ଅମଙ୍ଗ ହୁଅନ୍ତି। ସେ କିନ୍ତୁ ଅଭିଭୂତ ହୁଅନ୍ତି ଓଡ଼ିଶାର ଏହି ଗିରିବହୁଳା, କାନନକୁନ୍ତଳା, ତଟିନୀପଖଳା ଆରଣ୍ୟକ ଶୋଭାଶ୍ରୀରେ। ପିଲାଦିନର ସ୍ମୃତି ସତେଜ ହୋଇଉଠେ। ନଦୀକୂଳ, ବାଲ୍ୟ ଦୁଷ୍ଟାମି, ଧନୁ, କାଣ୍ଡଶର, ତୀର, ଛିଟିକିଣି, ବାଟୁଳିଖଡ଼ା, ନଈ ପହଁରା, ମଶାଣୀ ଶୁଆ, କୁକୁର, କୁକୁଡ଼ା, ପାରା,

Digitized by PPRACHIN, SOA

ଶୁଆଶାରୀ, ନେଉଳ ପୋଷା, ଗଛଚଢ଼ା, ବିଲୁଆମରା, ସାପମରା ନଈ ପହଁରା ଇତ୍ୟାଦି ଦୁଃସାହସିକ ଚଗଲାମି ଗୁଣଗୁଡ଼ିକ ମନେପଡ଼େ। ଭଲପାଇ ବସନ୍ତି ଜଙ୍ଗଲକୁ, ତା'ର ଅପୂର୍ବ କମନୀୟତା, ବାଙ୍‌ମୟ ନିର୍ଜନତାକୁ, ଅରଣ୍ୟର ପାଦପରାଜି ତଥା ପଶୁ ସଂପଦକୁ ? ବିପଦ ବହୁଳ, ହିଂସ୍ରଜନ୍ତୁ ସଙ୍କୁଳ ଦୁର୍ଗମ ଗିରିପଥ ତାଙ୍କର ପ୍ରିୟାଦପିପ୍ରିୟ ଭ୍ରମଣସ୍ଥଳୀ ହୋଇଯାଏ। 'ବ୍ୟାଘ୍ରନିନାଦ' ଉପନ୍ୟାସରେ ଅରଣ୍ୟକୁ ସମ୍ବୋଧନ କରି ଅବତରଣିକାରେ କହନ୍ତି- "ତୁମେ ତ ସଭ୍ୟତାର ଆଦିମ ଉନ୍ମେଷ, ଏପରି ଏକ ନିର୍ଜନ ନିବାସ ଯେଉଁଠି ନୀରବରେ ଶତାବ୍ଦୀଟିଏ ସର୍ଜନା କରିହେବ, ସବୁ ଶବ୍ଦ ସେଠାରେ ଓଁକାର ହୋଇ ଫେରୁଥିବା ନିଜଠାକୁ ଏବଂ ତୁମ ସଚରାଚର ବାଙ୍‌ମୟ ସତ୍ତାର ସଚିତ୍ର ଉପସ୍ଥିତିରେ ସୃଷ୍ଟି ହେଉଥିବ ମୋର ନିତ୍ୟନୂତନ ଉଚ୍ଚାରଣ; ମନ୍ତ୍ରପାଠର ଧ୍ୱନି ଭିତରେ ଶିହରିତ ହୋଇ ଉଠୁଥିବ ସର୍ଜନାର ଶତଝଙ୍କାର ସ୍ୱର ..."

ଜଙ୍ଗଲ ଭ୍ରମଣ ସମୟରେ ଆସନ୍ତି ଅନେକ ନିରୀହ ଓ କେତେ ଭୟଙ୍କର ହିଂସ୍ର ଜୀବଜନ୍ତୁଙ୍କ ସଂସ୍ପର୍ଶରେ। ମହାବଳ ବାଘ ସମ୍ମୁଖରେ ପଡ଼ିଛନ୍ତି, ଚିତାବାଘ ସଂସ୍ପର୍ଶରେ ଆସିଛନ୍ତି, ମତ୍ତହସ୍ତୀ ମୁହଁରୁ ଅଳ୍ପକେ ବର୍ତ୍ତିଛନ୍ତି, ଭାଲୁ ଆକ୍ରମଣରୁ କାମୁଡ଼ା ଖାଇ ଅଳ୍ପକେ ବଞ୍ଚି ଯାଇଛନ୍ତି କେବଳ କପାଳର ଜୋର ଯୋଗୁଁ ସିନା ! କିନ୍ତୁ ଦଶନ୍ଧି ଦଶନ୍ଧି ଧରି ଅରଣ୍ୟରେ ବୁଲିବୁଲି ପାଇଲେ କ'ଣ ? ଅମୂଲ୍ୟ ସେ ଦାନ। ବନର ନିସ୍ତରଙ୍ଗ ଆଲିଙ୍ଗନ ଭିତରେ ସେ ପୀୟୁଷର ସନ୍ଧାନ ପାଇଛନ୍ତି। ତାଙ୍କ ପ୍ରଥମ ଜାଙ୍ଗଲିକ ଉପନ୍ୟାସ 'ଜଙ୍ଗଲର ଜମାନବନ୍ଦୀ' ପୁସ୍ତକର ପ୍ରାକ୍ କଥନରେ କହନ୍ତି - ଏକ ପରିବର୍ତ୍ତନର ସ୍ୱର ଅଙ୍କୁରିତ ହୁଏ ସେଇଦିନ ଯେଉଁଦିନ ସେ ଦେଖନ୍ତି ତାଙ୍କର ତିନୋଟି ଯାକ ବନ୍ଧୁକକୁ ତାଙ୍କ ଘରକୋଣରେ ଏକ ବୃହତ୍ ଉଈହୁଙ୍କା ଆକ୍ରମଣ କରି ବସିଛି। ବନ୍ଧୁକ ଦେହରେ ଝୁଲା ଯାଇଥିବା କ୍ୟାଟ୍ରିଜ୍ ବେଲ୍‌ଟର ସବୁ ଗୁଳିଗୁଡ଼ିକ ମଧ୍ୟ ଉଈସେନାଙ୍କ ଦ୍ୱାରା ଧ୍ୱଂସ। ଏହା ତାଙ୍କ ପାଇଁ ଏକ ଅଦ୍ଭୁତ ଘଟଣା। କ'ଣ ରହସ୍ୟ ! ନା, ଏହା ବୋଧହଏ ବିଧି ନିର୍ଦ୍ଦେଶିତ। ସେ ଆଉ ବନ୍ଧୁକ ଧରିବା ମନା, ଜୀବହତ୍ୟା ତାଙ୍କ ପାଇଁ ନିଷେଧ। ମା' ନିଷାଦର ମୃଦୁମନ୍ଦ ଧ୍ୱନି କାନରେ ବାରମ୍ବାର ଗୁଞ୍ଜରିତ ହୁଏ। ଏଣୁ ବନ୍ଧୁକ ଛାଡ଼ି କଲମ ଧରନ୍ତି। "ବନ୍ଧୁକରେ ଯେତେ ଗୁଳିଅଛି ଫୁଟାଇ ଦିଅ ମୋ ଛାତିରେ, ହୃଦୟରେ ଯେତେ ସ୍ନେହ ଅଛି ଅଜାଡ଼ି ଦିଅ ଏ ମାଟିରେ"- ଆହ୍ୱାନରେ ଅଭିମନ୍ତ୍ରିତ ହୁଅନ୍ତି। ତାଙ୍କର ମର୍ମାତୁର ଆବେଦନ ଲେଖି ବସନ୍ତି। କିନ୍ତୁ କେଉଁ ଭାଷାରେ ? ଇଂରାଜୀ ଭାଷାରେ ସେ ଜଣେ କୃତୀ ସ୍ନାତକ। ନାଟ୍ୟକାର ଅଭିନେତା ସ୍ୱର୍ଗତ ବୃନ୍ଦାବନ ପାଣିଗ୍ରାହୀଙ୍କ ସୁପରାମର୍ଶ- ସମୁଦ୍ରରେ ପାଣି ଟୋପେ ଢାଳିବା ପରି ଆମେ ଇଂରାଜୀ ଭାଷାରେ ଲେଖିବା ସମାନ। କିନ୍ତୁ ମାତୃଭାଷାରେ ଟୋପାଏ ଜଳ

Digitized by PPRACHIN, SOA

ହୁଏତ ତୃଷା ନିବାରଣ କରିପାରେ କିଛି ପରିମାଣରେ, ଠିକ୍ ଅମୃତ ସିନ୍ଧୁରେ ବିନ୍ଦୁଏ ଜଳ ଭଳି। ଏଣୁ ସେ ମାତୃଭାଷା ଆହ୍ୱାନରେ ଆକୃଷ୍ଟ ହୁଅନ୍ତି। ମାତୃଭାଷା ପ୍ରୀତିମନ୍ତ୍ର ଜପ କରନ୍ତି ଅହରହ- ଶୟନେ, ସପନେ, ଜାଗରଣେ। ଲେଖନୀ ଚାଳନା କରନ୍ତି ଅବିରତ। ଶତାଧିକ ସଫଳ ଗପ, ୧୪ଟି ଦୀର୍ଘ ଉପନ୍ୟାସ। ପ୍ରତିଟି ସୃଷ୍ଟି ତାଙ୍କର ଭାସ୍ୱର, ଚିର ଉଜ୍ଜ୍ୱଳ। ଅରଣ୍ୟର ଅନ୍ତରଙ୍ଗ ଚିତ୍ର ଆଙ୍କିବାରେ ସେ ଯେମିତି ସିଦ୍ଧହସ୍ତ। ତାଙ୍କର ଜଙ୍ଗଲଭିତ୍ତିକ ଫିଚର ଉପନ୍ୟାସ ଦେଶର ହୁଏତ ପ୍ରଥମ। 'ଜୀବେ ଦୟା ଶିବେ ଭକ୍ତି'ର ଦିବ୍ୟ ଦର୍ଶନରେ ଅଭିମନ୍ତ୍ରିତ ହୋଇ ଅବଶିଷ୍ଟ ଜୀବନର ଆଦର୍ଶ ଆଭିମୁଖ୍ୟକୁ ବ୍ରତ ଭଳି ଗ୍ରହଣ କରିନେଇଛନ୍ତି ରାଧମୋହନ ବାବୁ।

ତାଙ୍କ ଜୀବନରେ ବନ୍ଧୁକ ବାଦ୍ ଯାଇଛି, ବାରୁଦର ବିସ୍ଫୋରଣରୁ ସୃଜନର ସ୍ଫୁରଣ ହୋଇଛି। ଗୁଳି ବଦଳରେ ସାହିତ୍ୟର ଶବ୍ଦଗୋଳା ମୁଖ୍ୟସ୍ଥାନ ଗ୍ରହଣ କରିଛି। ଆଉ ବଂଶୀ ? ବଂଶୀ ମଧ ତାଙ୍କ ଚିର ସହଚର। ଲେଖନୀରେ କେବେ ଭାବନା ଓ ଶବ୍ଦଗୁଳାର ଅଭାବ ଘଟିଲେ ଧରନ୍ତି ହାତରେ ବଂଶୀ। ମୁରଲୀର ମୋହିନୀ ସ୍ୱରରେ ଭାସିଯାନ୍ତି ଅନ୍ୟ ଦିଗନ୍ତକୁ ଏବଂ ପୁନଶ୍ଚ ଧରି ବସନ୍ତି ଲେଖନୀ। କେଉଁଠୁ ଭାବନା ଓ ଭାଷାର ବନ୍ୟା ଛୁଟି ଆସେ। ସବୁଗୁଡ଼ିକ କାଳି କାଗଜରେ ଲିପିବଦ୍ଧ କରିନିଅନ୍ତି। ପ୍ରତ୍ୟେକ ଲେଖା ତାଙ୍କର ପ୍ରାୟ ଅଙ୍ଗେନିଭା କାହାଣୀ। ତାଙ୍କ ଉପନ୍ୟାସ 'ଭୂମିତୃଷା' ଜଙ୍ଗଲଭିତ୍ତିକ ହେଲେ ହେଁ ମାତୃଭୂମି ପ୍ରୀତିର ଏକ ଦସ୍ତାବିଜ୍ ସ୍ୱରୂପ ଓ ପୁସ୍ତକଟି ୨୦୦୨ ଉପନ୍ୟାସ ବିଭାଗରେ ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ। ଅଧୁନା ତାଙ୍କର ଅନ୍ୟତମ ସାଧନା 'ଗଛ ଛନଛନ ଗହନ ବନ' ଉପନ୍ୟାସଟି କେବଳ ଅଙ୍କୁରିତ ହୋଇ ଗର୍ଭରେ ରହିଯାଇଥିଲା ଦୁଇ ଦଶନ୍ଧିକାଳ, ଏବେ ତାହା ''ମିଷ୍ଟର ଖରସେଲ୍''ଭାବେ ଜନ୍ମ ଲାଭ କରୁଛି। ଏହାର ବିରଳ ବିଷୟବସ୍ତୁ ସମ୍ବନ୍ଧରେ ଆଲୋଚନା କରିବା ଅନାବଶ୍ୟକ, ଯାହା ପାଠକେ ପଢ଼ି ମୂଲ୍ୟାୟନ କରିବେ। କେବଳ ଏତିକି କହିବି, ''ମିଷ୍ଟର ଖରସେଲ୍'' ମୁଖ୍ୟତଃ ହାତୀ ସମ୍ବନ୍ଧରେ ଏକ ଅନୁଭୂତିଭିତ୍ତିକ ଜଙ୍ଗଲ ଉପନ୍ୟାସ (Docu Fiction) ଯାହା ଜଙ୍ଗଲ, ଜନ୍ତୁ ଜୀବନ ଓ ଜୀବନୀ ସମ୍ବନ୍ଧିତ ସତ୍ୟ-ତଥ୍ୟ-କାହାଣୀ ପରିପୂର୍ଣ୍ଣ ଏକ ବିସ୍ମୟକର ସୃଷ୍ଟି। ସାହିତ୍ୟ ଜଗତରେ ଏଭଳି ରଚନା ନିଶ୍ଚିତଭାବେ 'ବିରଳ' ବୋଲାଯାଇପାରିବ। ପୁସ୍ତକଟିକୁ ପାଠକଲାପରେ ଭିନ୍ନ ଏକ ଆତ୍ମପ୍ରସାଦର ସ୍ୱର ଶୁଣିବାକୁ ମିଳେ।

ଡ. ଧରଣୀଧର ରାଉତ
ଅଧ୍ୟାପକ, ମହର୍ଷି କଲେଜ, ଭୁବନେଶ୍ୱର

Digitized by PPRACHIN, SOA

Digitized by PPRACHIN, SOA

ପ୍ରଥମାଙ୍କ

(୧)

ମୋର ଜଙ୍ଗଲ ପରିକ୍ରମା ସମୟରେ ବହୁବାର ମୁଁ ହାତୀମାନଙ୍କ ସହିତ ମୁହାଁମୁହିଁ ହୋଇଛି, ଯାହା ମୋ ପାଇଁ ଅତ୍ୟନ୍ତ ରୋମାଞ୍ଚକର। ନିବିଡ଼ ନିର୍ଜନ ତମିସ୍ରାଚ୍ଛନ୍ନ ବନ ମଧ୍ୟରେ ହସ୍ତୀ ତୂରୀର ତରଙ୍ଗ ମୋ କର୍ଣ୍ଣପଟରେ ବାରମ୍ବାର ପ୍ରତିଧ୍ୱନିତ ହୋଇଛି, ମୋ ହୃଦୟ ତନ୍ତ୍ରୀରେ ସୃଷ୍ଟି କରିଛି ଅପୂର୍ବ ପୁଲକ, ଜଣେ ବନଚାରୀ ପ୍ରାଣରେ ଭରି ଦେଇଛି ଅଜସ୍ର ଉନ୍ମାଦନା। ବାସ୍ତବ ଜୀବନର ଅସୀମ ଅସମ୍ଭବ ବ୍ୟସ୍ତବହୁଳ

Digitized by PPRACHIN, SOA

କୋଳାହଳ ହଳାହଳ ଭିତରୁ ସାମୟିକ ନିର୍ବାସିତ ହୋଇ ମୁନି ଋଷିଙ୍କ ତପସ୍ୟା ଓ ସାଧନାର ପ୍ରିୟ ପୀଠଭୂମି ଜନହୀନ ଜନ୍ତୁବହୁଳ ସେଇ ସବୁଜ ଅରଣ୍ୟାନୀ ଶ୍ୟାମଳ ପାଦପ ପର୍ବତରାଜି ଭିତରେ ବିଚରଣ କରୁଥିବା ବେଳେ ମୁଁ ଅନୁଭବ କରିଛି ଏକ ଭିନ୍ନ ବିରଳ ବିମଳ ପୃଥିବୀର ନୈସର୍ଗିକ ସ୍ୱାଦାନନ୍ଦ।

ବିଂଶ ଶତାବ୍ଦୀର ଷାଠିଏ ସତୁରୀ ଦଶକ କଥା। ସେତେବେଳେ ବଣ୍ୟଜନ୍ତୁ ଶିକାର ଉପରେ କଡ଼ାକଡ଼ି ଭାବେ ସେତେଟା ଜଟକଣା ନଥିଲା। କର୍ମକ୍ଳାନ୍ତ ଜୀବନର ଝଞ୍ଜାଳ ଭିତରୁ ସାମାନ୍ୟ ଅବସର ପାଇଲେ ବନଭୂମିର ଆକର୍ଷଣ ମୋତେ ଟାଣି ନିଏ। ଘନଘୋର ବନ ଭିତରେ ବେଳ ବିତାଇବାକୁ ମୁଁ ଭଲପାଏ। ଅନେକ ସମୟରେ ମୋ ପ୍ରିୟ ସାଥୀ-ସହଚର 'ବଂଶୀ, ବହି, ବନ୍ଧୁକ'କୁ ନେଇ ଘଞ୍ଚ ବନ ଭିତରେ କୌଣସି ଏକ ନିର୍ଜନ ଅରଣ୍ୟ ନିବାସରେ ଅଥବା ପର୍ବତ ଶିଖରର ବୃକ୍ଷମୂଳ ପଥର ଖଣ୍ଡ ଉପରେ ଆଉଜିବସି ଅବା ଚିତ୍ ହୋଇ ଶୋଇରହି ଆଖିଖୋଲି ଇନ୍ଦ୍ରିୟ ଚେତନାକୁ ସଜାଗ ରଖି ସମୟ ଅତିବାହିତ କରିଥାଏ; ଅନୁଭବ କରିଥାଏ, ଗଛର ପତ୍ରସବୁ ତଳକୁ ନଇଁଆସି ଯେପରି ପ୍ରସ୍ତୁତ ହୋଇ ରହିଛନ୍ତି ସହାସ୍ୟ ସ୍ୱାଗତ ଭଙ୍ଗୀରେ। ନିବିଡ଼ ଅରଣ୍ୟର ଏହି ବାଙ୍ମୟ ନିର୍ଜନତା, ଝିଙ୍କାରୀର ଝିଁ ଝିଁ ସ୍ୱର, ରଙ୍ଗ ବେରଙ୍ଗର ପକ୍ଷୀମାନଙ୍କ କୂଜନ-କାକଳି-କଳରବ, ବଣର ଗଣ୍ୟ, ଅଗଣ୍ୟ ଓ ନଗଣ୍ୟ ଜୀବଜନ୍ତୁସମୂହଙ୍କ ଆଚରଣ ବିଚରଣ ହାବଭାବ ମନରେ ପୁଲକ ଭରିଦଏ, ଶରୀର ଶିହରିତ ହୋଇ ଉଠେ। ଭିନ୍ନ ଏକ ଭାବନାରେ ନିମଜ୍ଜିତ ହୋଇଯାଏ ଅନୁସନ୍ଧିତ୍ସୁ ମନ, ବନଫୁଲର ବାସ୍ନାରେ ବାନ୍ଧି ହୋଇଯାଏ। ବନ ଜଗତର ଏହି ଅପୂର୍ବ ଶ୍ୟାମଳ ଶୋଭାରେ ମୋହିତ ହୋଇଯାଇ ନିଜ ସତ୍ତା ପତ୍ତାକୁ ମୁଁ ହଜାଇ ଦେଇଥାଏ- ଏହା ମୋର ରୁଚିଗତ ପ୍ରକୃତି ଓ ପ୍ରବୃତ୍ତି ବହୁ କାଳରୁ, ହୁଏତ ବାଲ୍ୟବେଳରୁ। ଏହି ବନାକର୍ଷଣ ଆଜି ପର୍ଯ୍ୟନ୍ତ ମୋତେ ବାନ୍ଧି ରଖିଛି, ଏପରିକି ଆଜିର ପରିଣତ ବୟସରେ ସୁବିଧା ସୁଯୋଗ ପାଇଲେ ଅରଣ୍ୟଚାରଣକୁ କେବେ ହାତଛଡ଼ା କରିନଥାଏ।

ସେଦିନର କଥା । ନୁହେଁ ଶୀତ, ନୁହେଁ ଖରା; ଏକ ପ୍ରକାର ନାତିଶୀତୋଷ୍ଣ ବାୟୁମଣ୍ଡଳ। ଫଗୁଣ ମାସ, ଲୋକମାନେ ଫଗୁ ଖେଳନ୍ତି, ଗଛ ଲତା ବି। କଅଁଳ ଶ୍ୟାମଳ ପତ୍ରରେ ବୃକ୍ଷରାଜି ହସି ଉଠନ୍ତି, ଯେମିତି ସେମାନେ ସବୁଜ ରଙ୍ଗରେ ହୋଲି ଉତ୍ସବ ପାଳନ କରୁଛନ୍ତି। ସର୍ବତ୍ର 'ଫାଲ୍‌ଗୁନ ଚୈତ୍ର ବସନ୍ତରେ, ମୃଦୁ ମଳୟ ମନହରେ'ର ଉତ୍ସବ ଲାଗି ରହିଥିବା ବେଳେ ବନ ବସନ୍ତର ଆକର୍ଷଣ ମୋତେ ଅଧୀର ଅଥୟ କରିଥାଏ। ବର୍ଷର ଏହି ଶ୍ରେଷ୍ଠ ସମୟରେ ଛୁଟିଦିନ ଅବସର କାଳରେ ଘର ଭିତରେ ନିବୁଜ କୋଠରୀରେ ଆବଦ୍ଧ ରହିବାକୁ ଅସୁଖକର ବୋଧହୁଏ।

Digitized by PPRACHIN, SOA

କାର୍ଯ୍ୟାଳୟର ଦାୟିତ୍ୱ ଓ କାର୍ଯ୍ୟ ବହୁଳତା ହେତୁ ଅନେକ ଦିନ ହେବ ବନଭ୍ରମଣର ବ୍ୟବସ୍ଥା ହୋଇପାରି ନଥିଲା। ମନ କିନ୍ତୁ ଥାଏ ବନ ଭିତରେ । ମୁଁ ସେତେବେଳେ କୋରାପୁଟ ଜିଲ୍ଲା (ଅଧୁନା ରାୟଗଡ଼ା ଜିଲ୍ଲା)ର ଗିରିବହୁଳା, ତଟିନୀ ପଖଳା, ଚିର ଶ୍ୟାମଳା ରାୟଗଡ଼ାରେ ଅବସ୍ଥାପିତ। ସାଂସାରିକ ଝଞ୍ଜାଳ ବିଶେଷ କିଛି ନଥାଏ। ଛୁଟିଦିନ ଓ ଅବସର ସମୟକୁ ଆଖିରେ ରଖି ମୁନିଗୁଡ଼ା-ଆମ୍ବାଦୁଲା ନିକଟସ୍ଥ ଜଙ୍ଗଲ ପରିପୂର୍ଣ୍ଣ ପାହାଡ଼ ପର୍ବତ ଘେରା ପାଦପରାଜି ପରିବେଷ୍ଟିତ 'ବେଲ୍‌ଘର୍' ବନ ବିଭାଗ ଡାକବଙ୍ଗଳାରେ କିଛି ଦିନ ଡେରା ପକାଇବା ପାଇଁ ମନ ସ୍ଥିରକଲି। ଏହି ଅଞ୍ଚଳରେ ପୂର୍ବରୁ ବନାଭିଯାନ କାଳରେ ପ୍ରାଥମିକ ପର୍ଯ୍ୟବେକ୍ଷଣରେ ବଙ୍ଗଳାର ସୁରମ୍ୟ ଅବସ୍ଥିତି ଦେଖି ଲୋଭେଇ ଯାଇଥିଲି। ବଙ୍ଗଳାର ପଶ୍ଚାତ୍‌ଭାଗ ପର୍ବତ ଶିଖରରୁ ଡେଇଁ ଡେଇଁ ଖସି ଆସିଥାଏ ଏକ କଳକଳ ଛଳଛଳନାଦିନୀ ଛୋଟ ଝରଣାଟିଏ ଜଳପ୍ରପାତ ଭଳି। ଲାଗେ ଯେମିତି ଅପୂର୍ବ ଛନ୍ଦ ଓ ଲୟରେ ଗୁଣୁଗୁଣୁ ସ୍ୱର ମେଳାଇ ଗୀତ ଗାଉଛି, ଅପୂର୍ବ ଭାବାବେଶ ସୃଷ୍ଟି କରୁଛି ଏଇ ବନ ଝରଣାଟି । ପ୍ରକୃତିପିପାସୁଙ୍କ ପାଇଁ ଅତ୍ୟନ୍ତ ମନୋରମ ଓ ଚିତ୍ତାକର୍ଷକ ସ୍ଥାନଟିଏ । ସୁଉଚ୍ଚ ପର୍ବତ ଶୃଙ୍ଗମାନେ ସୁନୀଳ ଆକାଶକୁ ଚୁମ୍ବନ ଦେଉଛନ୍ତି ଭାସମାନ ଧଳା ବଉଦର ଓଢ଼ଣା ଭିତରେ । ମୋଭଳି ସୌନ୍ଦର୍ଯ୍ୟଲୋଭୀମାନଙ୍କ ପାଇଁ ସ୍ଥାନଟି ସ୍ୱର୍ଗଭଳି ଲାଗେ। ଚିତ୍ରଳ ପ୍ରକୃତିରେ ଆଖି ଲାଖିଯାଏ, ଫେରିଆସିବାକୁ ଆଦୌ ଇଚ୍ଛା ହୁଏ ନାହିଁ। ତୁଙ୍ଗ ଶିଖର ଚୂଳ, କୁଞ୍ଜ କାନନ ମେଳ... ଏଇ ମୋ ଧରଣୀ ।

ବେଲ୍‌ଘର୍ ବଙ୍ଗଳାରେ ରହିବାକୁ ହେଲେ ବିଭାଗୀୟ ଅନୁମତିପତ୍ର ଦରକାର ପଡ଼େ । ଅନୁମତିପତ୍ର ହାସଲ କରିବାକୁ ହେଲେ ମୋତେ ବିଶେଷ କଷ୍ଟ କରିବାକୁ ପଡ଼ି ନଥାଏ। ମୋର ଚାକିରିଗତ ବୃତ୍ତି ଓ ବ୍ୟକ୍ତିତ୍ୱ ସାହାଯ୍ୟ କରିଥାଏ ମୋତେ। କେବଳ ଅନୁମତି ପତ୍ର ନୁହେଁ, ଆତ୍ମରକ୍ଷା ପାଇଁ ବନ୍ଧୁକ, ରାଇଫଲ, ପିସ୍ତଲ କିମ୍ବା ରିଭଲ୍‌ଭରର ବିବରଣୀ ଯାଞ୍ଚ କରାଯାଏ ଗୁଳିମାନଙ୍କ ସହିତ ଏବଂ କେବଳ ଆତ୍ମରକ୍ଷା ବ୍ୟତୀତ ଏହି ମାରଣାସ୍ତ୍ର ବ୍ୟବହାରର ନିଷେଧାଦେଶ ଅଙ୍ଗୀକାରପତ୍ରରେ ଦସ୍ତଖତ କରିବାକୁ ହୁଏ । ମୁଁ ମାରଣାସ୍ତ୍ରଟିକୁ ସାଙ୍ଗରେ ନେଲାବେଳେ ତା'ର ମୁନକୁ ମୁଣ୍ଡରେ ଛୁଆଇଁ କହିଥାଏ- ମୋର ବନବୁଲା କାଳରେ ଏପରି କୌଣସି ଦୁଃପରିସ୍ଥିତି ନ ଉପୁଜୁ, ଯଦ୍ୱାରା ଏହି ମାରଣାସ୍ତ୍ରଟିକୁ ବ୍ୟବହାର କରିବା ଅନିବାର୍ଯ୍ୟ ହୋଇପଡ଼େ। ଅତୀତରେ ବନ୍ଧୁକାସ୍ତ୍ରଟି ମୋତେ ବହୁ ସହାୟ ହୋଇଛି। ଏହାକୁ ଯଥା ସମୟରେ ବ୍ୟବହାର କରି ନିଶ୍ଚିତ ମୃତ୍ୟୁରୁ ରକ୍ଷା ପାଇଛି । ଯଦି ବା ଆଜି ମୁଁ ବଞ୍ଚିଛି ଏବଂ କିଛି ଜଙ୍ଗଲାନୁଭୂତି ଲେଖିବାକୁ ଜୀଇଁ ରହିଛି, ଏଥିରେ ମୋର ଏଇ ପ୍ରିୟ ଦ୍ୱିନଳୀବିଶିଷ୍ଟ

Digitized by PPRACHIN, SOA

ଶକ୍ତିଶାଳୀ ବନ୍ଧୁକର ଅବଦାନ ସ୍ୱୀକାର କରୁଛି । ବିପଦ ସଂକୁଳ, ହିଂସ୍ରଜନ୍ତୁ ବହୁଳ, ଶ୍ୱାପଦ ପ୍ରବଳ ଅଳକୂଳହୀନ ଅଗନା ଅଗନି ବନସ୍ତରେ ଏହି ଅସ୍ତ୍ରଟି ମୋର ସାହସର ଉତ୍ସ, ଶକ୍ତି, ସମ୍ବଳ ଓ ସହଚର । ଅସ୍ତ୍ରଟିର ଦକ୍ଷତା ଓ କାର୍ଯ୍ୟକାରିତା ସମ୍ବନ୍ଧରେ ପଦେ ନକହିଲେ ନିର୍ଭରଯୋଗ୍ୟ ପ୍ରାଣରକ୍ଷାକାରୀ ଏହି ବନ୍ଧୁକ ପ୍ରତି ଅବଜ୍ଞା ହେବ -

ସମ୍ବଲପୁର (ଅଧୁନା ଝାରସୁଗୁଡ଼ା ଜିଲ୍ଲା)ର ହେମଗିରି ବନାଞ୍ଚଳର ଆଭ୍ୟନ୍ତର ଡାଘୋରାର ଚିରମରା ଆଦିବାସୀବହୁଳ ଗାଁ । ଦିନବେଳେ ହକ୍‌କା ପଦ୍ଧତିରେ ପଥର ଉପରେ ବସି ଶିକାର ଘାଟରେ ଜଗିଥିଲାବେଳେ ମିଠା ଜନ୍ତୁ ପରିବର୍ତ୍ତେ ବିଶାଳକାୟ ଭାଲୁଟାଏ ମୋତେ ଦେଖି ବିଜୁଳି ବେଗରେ ତିଘି ଆସିଲା ମୋ ଆଡକୁ । ମୁଁ ତତ୍‌କ୍ଷଣାତ୍ ଟ୍ରିଗର ଟିପିଲି, .୧୨ବୋର ଏଲ୍‌ଜି ଗୁଳିଟି ଫୁଟାଇଥିଲି, କିନ୍ତୁ ଫୁଟି ନଥିଲା । ମୋ ଆଖିରୁ ନିଆଁ ଖସିପଡ଼ିଲା, ବୁଦ୍ଧି ହଜିଗଲା ଏବଂ ମୁଁ ତତ୍‌କ୍ଷଣାତ୍ ହଟଭାଙ୍ଗି ବୁଲି ପଡୁଥିଲା ବେଳେ ଦୁର୍ଦ୍ଦାନ୍ତ ଅଣ୍ଡିରା ଭାଲୁଟା ମୋ ଡାହାଣ ଆଣ୍ଠୁକୁ କାମୁଡି ପୁଳାଏ ମାଂସ ନେଇଗଲା । କିନ୍ତୁ ମୋ ଦ୍ୱିନଳୀ ବନ୍ଧୁକର ଅନ୍ୟ ନଳୀଟିରେ ଗୁଳି ପ୍ରସ୍ତୁତ ରହିଥିଲା । ଦ୍ୱିତୀୟବାର ସେ ଆକ୍ରମଣ କରି ବସିଲା ବେଳକୁ ତା ବିରାଟ ପାଟି ଭିତରକୁ ବନ୍ଧୁକ ବ୍ୟାରେଲ୍ ଭର୍ତ୍ତି କରି ଦ୍ୱିତୀୟ ଘୋଡାକୁ ଟିପିଲି । ଏଥର ଗୁଳିଟି ଧୋକା ନଦେଇ ଗୋଟାଏ ପ୍ରଚଣ୍ଡ ବିସ୍ଫୋରଣ ଶବ୍ଦ କରି ଭାଲୁଟାକୁ ସାତ ହାତ ଦୂରକୁ ଫିଙ୍ଗିଦେଲା । ତା ମୁଣ୍ଡଟା ଛତୁ ହୋଇ ଦେହରୁ ପ୍ରାୟତଃ ଅଲଗା ହୋଇଯାଇଥିଲା । ମୁଁ ଟିକିଏ ଦମ୍ଭରେ ନିଶ୍ୱାସ ମାରିଲି । ଛାତି ପଡୁଥାଏ, ଉଠୁଥାଏ, ଏଣେ ଆଣ୍ଠୁରେ ଅନେକ ଯନ୍ତ୍ରଣା, ଯେମିତି ଗୋଟେ ଗୋଡ଼ ମୋର ଆଉ ନାହିଁ। ଆଣ୍ଠୁରୁ ପାଦ ପର୍ଯ୍ୟନ୍ତ ତାଜା ରକ୍ତର ସ୍ରୋତ । ମୋ ଶିକାର ଗୁରୁ କ୍ୟାପ୍‌ଟେନ୍ ପ୍ରେମ୍ ତିୱାରୀ ପ୍ରାଥମିକ ଚିକିତ୍ସା ପାଇଁ ଫାଷ୍ଟଏଡ୍ ବାକ୍ସରୁ ସ୍ପିରିଟ୍, ଡେଟଲ, ଆୟୋଡିନ ଓ ନିୟୋସ୍ପୋରିନ୍ ମାରି ଆଣ୍ଠୁକୁ ଗାମୁଛାରେ ଗୁଡାଇ ମୋତେ ଭାର କରି ନେଇ ଆସିଲେ ଚିରମରା ଗାଁକୁ । ତାପରେ ମୁଁ ସମ୍ବଲପୁର ହାସପାତାଳରେ ଭର୍ତ୍ତିହେଲି। ଆଣ୍ଠୁର ଖଞ୍ଜା ହାଡ଼ଟି ଚୂରମାର୍ ହୋଇଯାଇଥିଲା । ବିଶେଷଜ୍ଞଙ୍କ ପରାମର୍ଶମତେ ସେଠୁ ସ୍ଥାନାନ୍ତରିତ ହେଲି 'ଲୀଳାବତୀ ହସ୍‌ପିଟାଲ ଆଣ୍ଡ ରିସର୍ଚ୍ଚ ସେଣ୍ଟର' ବାନ୍ଦ୍ରା (ବମ୍ବେ)କୁ। ସେଠି ମୋ ଆଣ୍ଠୁରେ ନଟ୍‌ବୋଲଟ୍ ଦେଇ ଅସ୍ତ୍ରୋପଚାର କରାଗଲା। ସେଠି ଚିକିତ୍ସାରେ ରହିଲି ଛ' ମାସ। ସୁସ୍ଥ ହେଲି । ପ୍ରତିଜ୍ଞା କଲି ଆଉ ଜଙ୍ଗଲ କେବେ ନଯିବାକୁ। କିନ୍ତୁ ସେ ପ୍ରତିଜ୍ଞା କେତେ ଦିନ ରହିଲା ? ମଣିଷର ନିଶା କ'ଣ ପରିତ୍ୟାଗ କରିବା ଏତେ ସହଜ। ନବବର୍ଷ ଦିନର ଶପଥ ଯେତେ ଦୃଢ଼ ହେଲେ ମଧ୍ୟ ହୁଏତ ଦ୍ୱିତୀୟ ଦିନରେ ଉଭେଇ ଯାଇଥାଏ । ଏମିତି ପ୍ରସବ ବେଦନା ସମୟରେ

Digitized by PPRACHIN, SOA

ନାରୀ ଚିତ୍କାର କରିଥାଏ ଜୀବନରେ ଆଉ କେବେ ପିଲା ଜନ୍ମ ନକରିବାକୁ । କିନ୍ତୁ କେତେ ଦିନ ତିଷ୍ଠିଥାଏ ଏନ୍ତୁଡ଼ିଶାଳର ସଂକଳ୍ପ ? ପୁନଶ୍ଚ ମୋର ସେଇଭଳି ଶପଥ ପାଣିର ଗାର ଭଳି ମନେହେଲା । ସ୍ୱୀକାର କରୁଛି, ମୋ ଦେହଟା ଯଦି ଲୁହା ହୁଏ, ବନ ମୋର ଚୁମ୍ବକ । ଟାଣିହେଲି ବନକାନ୍ତିର ଚୁମ୍ବକାକର୍ଷଣରେ, ପୁନଶ୍ଚ... । ପରେ ଅଫୁଟା ଗୁଳିଟାକୁ ନିରେଖି ପରୀକ୍ଷା କଲି । ବିଖ୍ୟାତ 'ଏଲ୍‌ଇ' କମ୍ପାନୀର ଆଲଫାମାକ୍‌ସ କ୍ୟାଟ୍ରିଜ୍ । ସବୁଠୁଁ ନାମଜାଦା କମ୍ପାନୀ । ଅଫୁଟା ଗୁଳିଟିର କାର୍ଯ୍ୟକାରୀ ସମୟ ୧୦ବର୍ଷ ଲେଖାଥିଲା । ଛପାଥିବା ତାରିଖରୁ ଜାଣିଲି ଏହାର ବ୍ୟବହାର ସମୟ ପୂରିବାକୁ ଆହୁରି ଦୁଇ ବର୍ଷ ବାକି ଅଛି । କିନ୍ତୁ ଫୁଟିଲା ନାହିଁ କାହିଁକି ? ଅଫୁଟା ଗୁଳି ସହିତ କ୍ଷତିପୂରଣ ଦାବିର ଏକ ଅଭିଯୋଗପତ୍ର ଲଣ୍ଡନର ଏଲ୍‌ଇ କମ୍ପାନୀକୁ ଅନ୍ତର୍ଦ୍ଦେଶୀୟ ରେଜିଷ୍ଟ୍ରି ଡାକରେ ପଠାଇଲି ଏବଂ ସ୍କଟ୍‌ଲାଣ୍ଡସ୍ଥ ମୋର ଜଣେ ବନ୍ଧୁ ସେଣ୍ଟକ୍ଲେୟାର ମ୍ୟାକ୍‌ମିଲାନ୍ ହିନାଙ୍କ ସଂପର୍କୀୟ ବନ୍ଧୁଙ୍କ ସହଯୋଗ ନେଇଥିଲି । କିନ୍ତୁ ପରେ ଜଣାପଡ଼ିଲା ଏଲ୍‌ଇ କମ୍ପାନୀ ଭାଙ୍ଗି ଯାଇଥିଲା । କମ୍ପାନୀର ପରବର୍ତ୍ତୀ ଉତ୍ତରାଧିକାରୀ କମ୍ପାନୀ ନିର୍ମାଣଗତ ତ୍ରୁଟି ପାଇଁ କେବଳ ଦୁଃଖର ସହିତ କ୍ଷମାପତ୍ରଟିଏ ମୋ ପାଖକୁ ପଠାଇ ଦେଇ ଚୁପ୍ ରହିଲେ । ମୁଁ ଆଉ ତା'ର ପିଛା କରିନଥିଲି । ଜଙ୍ଗଲ ନିଶା ପୁଣି ମୋତେ ଘାରିଲା, ପୁନଶ୍ଚ ଟାଣିଲା ବନାକର୍ଷଣ। ଅତଏବ ଜଙ୍ଗଲାଭିଯାନ ଏକ ଦୁଃସାହସିକ ଖେଳ, ଯେଉଁଠି ସର୍ବଦା ବିପଦ ଓ ପ୍ରତିକୂଳ ପରିସ୍ଥିତକୁ ସାମ୍ନା କରିବାକୁ ପଡ଼ିଥାଏ, ଯେଉଁଠି ଖେଳୁଆଡ଼କୁ ଅତୀବ ସାବଧାନତା ଓ ସତର୍କତା ଅବଲମ୍ବନ କରିବାକୁ ପଡ଼ିଥାଏ ପ୍ରତିକ୍ଷଣରେ; ଯେଉଁଠି ଭାଗ୍ୟର ଭୂମିକା ମଧ୍ୟ ଅନସ୍ୱୀକାର୍ଯ୍ୟ ହୋଇଥାଏ। ଶକ୍ତି ପ୍ରଦାୟକ ମୋର ଏହି ବନ୍ଧୁକ ହିଁ ମୋ ପାଇଁ ଅରଣ୍ୟରେ ବଳ, ସାହସର ଉତ୍ସ ଓ ଦମ୍ଭର ପରିଭାଷା, ଆଉ ଜଙ୍ଗଲାଭିଯାନର ମୂଳତନ୍ତ୍ର।

ବେଲ୍‌ଘରରେ ମୋର କିଛି ଦିନ ରହଣି ଯୋଜନା ଶୁଣି ମୋର କେତେଜଣ ବନ୍ଧୁ ସହରଠୁଁ ଦୂର ଏହି ନିର୍ଜନ ନିକାଞ୍ଚନ ନିବାସରେ ମୋ ସହିତ ଦୁଇ ଦିନ ଛୁଟି ବିତାଇବାକୁ ଅନୁରୋଧ କଲେ। ଦୈନନ୍ଦିନ ଦେହସହା ରୁଟିନ୍‌ବନ୍ଧା ଜୀବନଠୁଁ ସାମୟିକ ବିରତି, ଭିନ୍ନ ପରିବେଶ, ବାହ୍ୟଜଗତ ଦର୍ଶନ, ପ୍ରକୃତିର ଅନିର୍ବଚନୀୟ ଶୋଭାଶ୍ରୀକୁ ସ୍ୱଚକ୍ଷୁରେ ଉପଭୋଗ କରିବାକୁ କାହାକୁ ବା ଭଲ ଲାଗିବ ନାହିଁ। ସେମାନଙ୍କ ଇଚ୍ଛା ଆଗ୍ରହକୁ ଏଡ଼ାଇ ପାରିଲି ନାହିଁ। କାହାକୁ ନାସ୍ତିବଚନ ଶୁଣାଇବାକୁ ମୁଁ କୁଣ୍ଠାବୋଧ କରେ। ବନ୍ଧୁ ମେଳରେ ବାହ୍ୟଭ୍ରମଣ ମଜାଦାର ହୋଇଥାଏ ଅବଶ୍ୟ। ଏଥିପାଇଁ ସମଭାବାପନ୍ନ ବନ୍ଧୁ ପରିଜନ ଲୋଡ଼ା। ହସଖୁସିରେ ସମୟ କଟିଯାଏ, ପ୍ରତ୍ୟକ୍ଷ ଜଙ୍ଗଲ ଅନୁଭୂତି ମୋଟେଇ ଥାଏ ଅଛ ବହୁତେ।

Digitized by PPRACHIN, SOA

ତେବେ ସେ ଦିନ ସଅଳ ଅଫିସ କାମ ଶେଷ କରି ଆବଶ୍ୟକ ଖାଦ୍ୟ ପଦାର୍ଥ, ସାଜ ସରଞ୍ଜାମ ଧରି ସନ୍ଧ୍ୟା ଅନ୍ତେ ସଦଳବଳ ବାହାରି ପଡ଼ିଲୁ। ଗୋଟିଏ କମାଣ୍ଡର ଫୋରହ୍ୱିଲର ଜିପ୍ ଭଡ଼ା ସୂତ୍ରରେ ଯୋଗାଡ଼ କରିଥିଲୁ। କାର୍ ଅପେକ୍ଷା ଜଙ୍ଗଲ ରାସ୍ତାଘାଟ ପାଇଁ ଫୋରହ୍ୱିଲର ଜିପ୍ ଅଧିକ ନିର୍ଭରଶୀଳ ହୋଇଥାଏ। ରହଣି କାଳରେ ଖାଦ୍ୟପେୟ ରନ୍ଧାରନ୍ଧି କରିବାକୁ ସାଙ୍ଗରେ ଜଣେ ଜଣାଶୁଣା ପୁଝାରୀ ସନାତନ ବିଶୋଇକୁ ନେଇଥିଲୁ। ବାବୁର୍ଚି କାମରେ ସନାତନ ଓସ୍ତାଦ, ଖୁବ୍ ଅଳ୍ପ ସମୟ ମଧ୍ୟରେ ବରାଦ ମୁତାବକ ସ୍ୱାଦିଷ୍ଟ ଖାଦ୍ୟ ପ୍ରସ୍ତୁତ କରିବାରେ ସେ ଦକ୍ଷ। ତା'ର ଅଳ୍ପ ତେଲ ମସଲା ଦିଆ ରାନ୍ଧଣା ମୋର ଖୁବ୍ ପସନ୍ଦ। ଏମିତି ମଝିରେ ମଝିରେ ଦରକାର ପଡ଼ିଲେ ମୁଁ ସନାତନକୁ ପାରିଶ୍ରମିକ ଲୋଭ ଦେଖାଇ କିଛି ଦିନ ପାଇଁ ସାଙ୍ଗରେ ନେଇଯାଇଥାଏ। ସାଙ୍ଗରେ ଥା'ନ୍ତି ମୋର ପ୍ରିୟ ବନ୍ଧୁ ଧୁରନ୍ଧର ବିଶ୍ୱାଳ, ଆଲୋକ କୁମାର ଘୋଷ ଓ ଜି.ପି.ଏନ୍. ନାଥଶର୍ମା (ଗଣପତି ନାରାୟଣ ନାଥଶର୍ମା)। ରାୟଗଡ଼ା ବଜାରରୁ ସାମଗ୍ରୀ କିଣିଲା ବେଳେ ଦେଖାହୁଏ ନାଥଶର୍ମାଙ୍କ ସହିତ। ମେଳାପି, ମିଷ୍ଟଭାଷୀ ସେ- ଥଟ୍ଟା ପରିହାସ, ହାସ୍ୟରସ କଥା କହିବାରେ ଓସ୍ତାଦ। ଖଦଡ ବସ୍ତ୍ରଧାରୀ ଧର୍ମପରାୟଣ ବ୍ୟକ୍ତି ଜଣେ। ଆଞ୍ଚଳିକ ଗ୍ରାମ୍ୟ ବ୍ୟାଙ୍କ ମ୍ୟାନେଜର ସେ। ଆମର ବନଗମନ ଶୁଣି ଆମ ସହିତ ଯୋଗଦେବାକୁ ସେ ମନ ବଳାଇଲେ। ସ୍ୱାଗତ କଲି।

ସନ୍ଧ୍ୟା ପୂର୍ବରୁ ବେଲଘର ପହଞ୍ଚିବାର ଯୋଜନା ଥିଲା। କିନ୍ତୁ ରାୟଗଡ଼ା ଛାଡୁ ଛାଡୁ ସନ୍ଧ୍ୟା ନଇଁ ଆସିଲାଣି। ପୁଣି ନାଥଶର୍ମାଙ୍କ ଘରେ ଆଉରି ବିଳମ୍ବ ହୋଇଗଲା। ନାଥଶର୍ମାଙ୍କର ଗୋଟିଏ ଛ' ବର୍ଷର ଶିଶୁ କନ୍ୟା (ଅନିତା) ଭାରି ଅଳିଅଳି, ଭାରି ଗେହ୍ଲା। ସେ ଦିନ ଥିଲା ଶନିବାର। ପୂର୍ବ ପ୍ରତିଶ୍ରୁତି ଅନୁଯାୟୀ ସେମାନେ ନନାଙ୍କ ସହିତ ସିନେମା ଯିବାର ଯୋଜନା ଥିଲା। ଅନି ପ୍ରସ୍ତୁତ ହୋଇ ରହିଥିଲା ତା ବୋଉ ସହିତ। କିନ୍ତୁ ନାଥଶର୍ମା ସାଙ୍ଗ ମେଳରେ ଆଉ କୁଆଡ଼େ ଯିବା ଶୁଣି ସେ ଯିବା ପାଇଁ ଜିଗର କଲା। 'ଯଦି ସିନେମା ନହେଲା, ତମ ସାଙ୍ଗରେ ଯିବି' କହି ଜିଦ୍ ଧରି ବସିଲା। କାନ୍ଦିଲା। ଆମେ ଅନ୍ୟ ଜରୁରୀ କାମରେ ଯାଉଛୁ ବୋଲି କହି ଶ୍ରୀମତୀ ନାଥଶର୍ମାଙ୍କୁ ଅନିକୁ ସମ୍ଭାଳି ନେବାକୁ ଅନୁରୋଧ କରି ତରତର ହୋଇ ଜିପ୍‌ରେ ବସିଲୁ। ଦୂର ଅଗମ୍ୟ ବେଲଘର ନିର୍ଜନ ନିବାସ। ଆମ ରାତ୍ରିଯାପନ କାର୍ଯ୍ୟକ୍ରମ କ୍ରମଶଃ ବିଳମ୍ବିତ ହେଉଥିଲା।

ରାୟଗଡା ସହରଠୁଁ ମୁନିଗୁଡ଼ା ୬୬ କି.ମି.। ମୁନିଗୁଡ଼ା ଛକରୁ ଭବାନୀପାଟଣା ରାସ୍ତାର ଠିକ୍ ୨୬ କି.ମି. ପରେ ଆମ୍ବାଦୋଲା। ସେଠୁଁ ଜାତୀୟ ରାଜରାସ୍ତା ଭାଙ୍ଗି ବେଲଘରରେ ପହଞ୍ଚିବାକୁ ହୁଏ। ୨୫ କି.ମି. ଗେଙ୍ଗୁଟିଆ ଉଚାନୀଚା ଖଦଡ଼ ଜଙ୍ଗଲ

Digitized by PPRACHIN, SOA

ରାସ୍ତା । ବେଲଘରକୁ ଅନ୍ୟ ଏକ ରାସ୍ତା ମୁନିଗୁଡ଼ା-ବାଲିଗୁଡ଼ା (୯୦ କି.ମି.) ମଧ୍ୟବର୍ତ୍ତୀ ତୁମୁଡ଼ିବନ୍ଧ ବ୍ଲକ୍‌ଠାରୁ ବେଲଘର ୨୦ କି.ମି. । କିନ୍ତୁ ରାୟଗଡ଼ାଠାରୁ ଭାୟା ଆମ୍ବାଦୁଲା ଅପେକ୍ଷାକୃତ କମ୍ ବାଟ ବୋଲି ଏହି ରାସ୍ତାକୁ ମୁଁ ପସନ୍ଦ କରିଥାଏ ସବୁବେଳେ।

ମେଘମୁକ୍ତ ଆକାଶରେ ଚତୁର୍ଥୀ ତିଥିର ବଂକିମ ଚନ୍ଦ୍ରର ଡୁବନ୍ତ ବେଳ । ଅଧିକ କାଳ ବିଳମ୍ବ ତାଗିଦ କଲା। ବାଟରେ ପଡିବ କୁଆଁରମୁଣ୍ଡା ଗାଁ। ସବର୍ଣ୍ଣ ଅସବର୍ଣ୍ଣ ଆଦିବାସୀଙ୍କ ଅଞ୍ଚଳର ଅଭୟାରଣ୍ୟ ଉପାନ୍ତରେ ସବୁଠୁଁ ବଡ ଗାଁ। ପୂର୍ବରୁ ମୋର ଜଣାଶୁଣା ଏବଂ ଅନ୍ତରଙ୍ଗ ବନସାଥୀ ସାହସୀ ବଳବାନ ଆଦିବାସୀ ସୁବଳ ଭୋଇକୁ ସାଙ୍ଗରେ ନେଲୁ। ଜଙ୍ଗଲରେ ରାସ୍ତା ଦେଖାଇବାକୁ ଗାଇଡ୍ ଭଳି କାମ କରେ ସେ। ଦରକାର ପଡ଼ିଲେ ଉଚିତ୍ ପରାମର୍ଶ ମଧ ଦିଏ। ଅଭିଜ୍ଞ। ମୁଁ ଜଙ୍ଗଲ ପରିକ୍ରମା କାଳରେ ଅଞ୍ଚଳର ଅଭିଜ୍ଞ ସାହସୀ ଲୋକଙ୍କୁ ବାଛି ସାଥୀରେ ନେଇଥାଏ, ଠିକ୍ ବିଦେଶୀ ପର୍ଯ୍ୟଟକଙ୍କ ପାଇଁ ଟୁରିଷ୍ଟ ଗାଇଡ ଭଳି। ଘୋର ନିର୍ଜନ ରାତିରେ, ହିଂସ୍ର ବହୁଳ ଦୁର୍ଗମ ଜଙ୍ଗଲ ଅଭ୍ୟନ୍ତରରେ, ବିପଦର ବଳୟ ଭିତରେ, ଜୀବନ ମରଣର ସମସ୍ୟା ବେଳରେ ଅନୁଚର-ସହଯୋଗୀ-ସାହାଯ୍ୟକାରୀ ସଖା ହୋଇଥାଏ ଆଞ୍ଚଳିକ ଜଙ୍ଗଲର ଏହି ଗାଇଡ୍ ଜଣକ।

◆◆◆

Digitized by PPRACHIN, SOA

- ୨ -

ମୋ ଫରେଷ୍ଟ ଗାଇଡ୍ ସୁବଳ ଭୋଇ, ସନ୍ଥ କବି ଭୀମ ଭୋଇଙ୍କ ପରି କବି ପ୍ରତିଭା ନାହିଁ। ଜୀବନକୁ ନର୍କ ଭିତରକୁ ଠେଲି ଦେଇ ନାହିଁ, କିମ୍ବା ଜଗତ ଉଦ୍ଧାର ବାର୍ତ୍ତା ଶୁଣାଇ ନାହିଁ ସିନା, ହେଲେ ଅନ୍ୟକୁ ଅଭୟପ୍ରଦାନକାରୀ ଜଣେ ସାହସୀ ଶାନ୍ତ ସରଳ ସତ୍ୟଧର୍ମୀ ସଂସ୍କାରିତ କନ୍ଧ-ଆଦିବାସୀ ମଣିଷ। ମୋର ଜଙ୍ଗଲ ପରିଭ୍ରମଣ ସମୟରେ ତା' ଭଳି ଜଣେ ଅନ୍ତରଙ୍ଗ ସହଯୋଗୀର ସାହଚର୍ଯ୍ୟ ମୋ ପାଇଁ ଚିର ଅଭୁଲା ହୋଇ ରହିବ। ସେଇ ଦୃଷ୍ଟିରୁ ସୁବଳ ସଂପର୍କରେ ଦୁଇପଦ କହିବା ଆବଶ୍ୟକ ମନେ କରୁଛି।

କୁଆଁରମୁଣ୍ଡା ଗାଁରେ ଛାଡ଼ି ଛାଡ଼ି ତିନୋଟି ବସ୍ତି- ସବର୍ଣ୍ଣ(୧୦%), ଅସବର୍ଣ୍ଣ (୧୫%) ଏବଂ କୁଟିଆ କନ୍ଧ (୭୫%)। କନ୍ଧ ଜାତି ତିନି ପ୍ରକାରର- ମାଲିହା କନ୍ଧ, କୁଟିଆ କନ୍ଧ ଓ ଡଙ୍ଗରିଆ କନ୍ଧ। ଅଧିକାଂଶ ଛୁଟିଦିନ ମୁଁ ସମୟ କଟାଇଥାଏ ବହି ପଢ଼ାରେ କିମ୍ବା ସ୍ଥାନୀୟ ହାଟରେ ଯେଉଁଦିନ ବନବୁଲା କାର୍ଯ୍ୟକ୍ରମ ନଥାଏ। ହାଟରେ ବୁଲିବାର ଉଦ୍ଦେଶ୍ୟ ହେଉଛି ଅଞ୍ଚଳର ଆଦିବାସୀ ଲୋକଙ୍କ ଭାଷା ଓ ସଂସ୍କୃତି ସମ୍ବନ୍ଧରେ କିଛି ଜାଣିବା। ନିବିଡ଼ ବନ ଓ ପାହାଡ଼ କନ୍ଦରରେ ବାସ କରୁଥିବା ଜଙ୍ଗଲି ମଣିଷମାନେ କେତେ ଯେ ଛନ୍ଦକପଟହୀନ ଏବଂ ସରଳ, ସତ୍ୟାଶ୍ରୟୀ- ମୁଁ ଆଶ୍ଚର୍ଯ୍ୟ ହୋଇଯାଏ। ସେମାନଙ୍କ ଭାଷା ନଜାଣିଲେ ଅରଣ୍ୟର ଜୀବଜନ୍ତୁ, ବୃକ୍ଷଲତା, ଗିରି, ପାହାଡ଼, ପର୍ବତ, ବନସ୍ଥଳ ବିବରଣୀ ଆଦିରେ ଅବଗତ ହେବା ଅସମ୍ଭବ। ଏଣୁ ମୁଁ ଯେଉଁ ଅଞ୍ଚଳ ଯାଇଥାଏ, ସେଠାର ଲୋକମୁଖର ଭାଷା ଶିଖିବାକୁ ଚେଷ୍ଟା କରିଥାଏ ଏବଂ ଶିଖିଯାଇଥାଏ କିଛି ପରିମାଣରେ। ମୁନିଗୁଡ଼ା ମଙ୍ଗଳବାର ହାଟରେ କନ୍ଧ ଆଦିବାସୀ 'ଆଣାମାଇ ଓ ମେଟାମେଞ୍ଜୁ' (ସ୍ତ୍ରୀ-ପୁରୁଷ) 'ମାସିଙ୍ଗା, ବୁକ୍, ଅଟ୍ରାସାଙ୍ଗ୍ରୀ' (ଡାଲା, ଟୋକେଇ, ପସରା)ରେ ବିଭିନ୍ନ ଜଙ୍ଗଲଜାତ ଦ୍ରବ୍ୟ, ଯଥା - କାନ୍ଦୁଲ ଡାଲି (କଙ୍ଗା) ମହୁ (ପୁକି), ସୁଆଁ (ପଟ) ଆଳସୀ (ଲାହା) ଝୁଡଙ୍ଗ (ଜୁଡୁଙ୍ଗା), ସଜନା (ମୁଙ୍ଗା) ଚେନ୍ଦୁଳି (ନେଢ଼ି) ବାଇଗଣ (ବାଙ୍ଗେଡି), ଫୁଲଝାଡୁ (ସେରି) କୁକୁଡ଼ା (କୁଟି) ଆଦି

Digitized by PPRACHIN, SOA

ବିକ୍ରି କରନ୍ତି। ସେମାନେ ଅଧିକ ପଇସା ପାଇଁ ଝିଗର କରନ୍ତି ନାହିଁ। ବେପାରୀ ଗରାହକମାନେ ହୁଣ୍ଡାମୂଲ କରି ଖୁବ୍ ଶସ୍ତାରେ କିଣିନେଇ ଲାଭବାନ ହୁଅନ୍ତି। ବିଶେଷ କରି ମୁଁ ହାଟରୁ କୁକଡ଼ା କିଣିଥାଏ। ରାୟଗଡ଼ା ବଜାରରେ କୁକୁଡ଼ା ଦଶ ଟଙ୍କା ହେଲେ ସେମାନେ ଦୁଇ ତିନିଟଙ୍କାରେ ବିକି ଦିଅନ୍ତି। କିଣିଲା ବେଳେ ବିଭିନ୍ନ ପ୍ରକାର ଜିନିଷର କୁଇ ଭାଷାରେ ସେମାନେ କଅଣ କହନ୍ତି କାଗଜରେ ଲେଖିନିଏ । ସେମାନେ ଶୁଦ୍ଧ ଓଡ଼ିଆ ବୁଝିପାରନ୍ତି କିନ୍ତୁ କହନ୍ତି ତାଙ୍କ ଓଡ଼ିଆ ମିଶା ଦେଶୀ କୁଇ ଭାଷା ଯାହା ଆମ ସହରୀ ଲୋକଙ୍କୁ ସବୁ ବୁଝାପଡ଼େ ନାହିଁ।

ଦିନେ ମଙ୍ଗଳବାର ହାଟରେ ଜଣେ ଆଦିବାସୀ ବିକ୍ରେତାଠୁଁ କିଛି ସାମଗ୍ରୀ କିଣିଲା ବେଳେ ଦ୍ରବ୍ୟର କୁଇ ଶବ୍ଦାର୍ଥ ପଚାରିଲା ସମୟରେ ସେ ବିଭିନ୍ନ ପଦାର୍ଥର କୁଇ ଶବ୍ଦ କହିଚାଲିଲା ଏବଂ ମୁଁ ଡାଇରୀରେ ସେଗୁଡ଼ିକୁ ଟିପିନେଲି । ଶୁଦ୍ଧ ଓଡ଼ିଆ ସୁନ୍ଦରଭାବେ କହିପାରୁଥିଲା ସେ। ସେ କିଛି ପାଠ ପଢ଼ିଛି ବୋଲି ମୋର ହୃଦ୍‌ବୋଧ ହେଲା । ସାଧାରଣ କନ୍ଧଙ୍କଠାରୁ ସାମାନ୍ୟ ଉନ୍ନତ ବୋଲି ଲକ୍ଷ୍ୟ କଲି।

ପଚାରିଲି - ତୁମ ନାଁ ?

ମୋର ଜିଜ୍ଞାସା ଜାଣିପାରି ସେ କହିଲା- ଆପଣଙ୍କ ପ୍ରଶ୍ନ 'ତୁମର ନାମ କଅଣର କୁଇ ଅନୁବାଦ ହେଉଛି 'ନିଦରୁ ଏ ନିଦରୁ', ମୋର ନାମ 'ସୁବଳ ଭୋଇ' ସାହେବ । ଆମେ କୁଟିଆକନ୍ଧ ଜାତିର। 'ଆପଣ' ଶବ୍ଦ ବ୍ୟବହାର ତା' ଶିକ୍ଷାର ସୂଚନା ଦେଉଥିଲା ।

"କେଉଁଯାଏ ପଢ଼ିଛ ?" ପଚାରିଲି

"ମାଇନର କ୍ଲାସ ପାସ୍ କରିଛି ।"

ଏଣୁ ମୁଁ ଭାବିଲି ଅଭିଜ୍ଞ ସୁବଳର ସାହାଯ୍ୟ ନେବି ମୋ ବନବୁଲା କାଳରେ।

"ତମର ଗାଁ ?"

" କୁଆଁରମୁଣ୍ଡା"

"ବେଲ୍‌ଘର ସେଠୁଁ କେତେ ଦୂର ?"

"୧୨ମାଇଲ୍ ଅର୍ଥାତ୍ ୧୯କିଲୋମିଟର ।"

ମାଇଲରୁ ମେଟ୍ରିକ୍ କିଲୋମିଟର ଜେତେ ସେ ଚଟାପଟ କହିପାରିଲା, ଯାହାକି ଆମେ ହଠାତ୍ କହି ପାରୁନା, କାଗଜରେ ଅଙ୍କକଷୁ ବା କାଲକୁଲେଟର ବ୍ୟବହାର

Digitized by PPRACHIN, SOA

କରୁଁ । ମୁଁ ତା'ର ଜ୍ଞାନର ପରିସୀମା ମାପିପାରିଲି- ଅର୍ଦ୍ଧଶିକ୍ଷିତ, କିନ୍ତୁ ଶିକ୍ଷାର ଦୀକ୍ଷା ନେଇଥିଲା ଭଳି ମନେ ହେଲା। କହିଲି - ଜଙ୍ଗଲରେ ବୁଲାଇ ମୋତେ ସବୁ ଜାଗା, ରାସ୍ତାଘାଟ ଦେଖାଇ ପାରିବ ? ବନ୍ୟଜନ୍ତୁ, ଗଛ, ପାହାଡ଼ ପର୍ବତ, ରାସ୍ତା ବିଷୟରେ କହି ପାରିବ ?

ସେ ହସିଲା। ମୁହଁରେ ତାର ମୃଦୁ ହସ। ତା ସଫେଦ ଦାନ୍ତଗୁଡ଼ିକ ଦିଶିଗଲା। କହିଲା - "ହଁ ସାହେବ ।"

ତା' କଥାରୁ ଅନୁମାନ କଲି ସେ ଅରଣ୍ୟର ପୋକ। ନିମନ୍ତ୍ରଣ କଲି ମୋ ରାୟଗଡ଼ାସ୍ଥ ବସାକୁ। କାଗଜରେ ମୋ ଠିକଣା ଲେଖିଦେଲି। ତାକୁ ଦ୍ରବ୍ୟର ଦାମ୍ ଅପେକ୍ଷା କିଛି ଅଧିକ ପଇସା ମଧ ଦେଲି। ସେ ହିସାବ କରି ଉଚିତ୍ ମୂଲ୍ୟ ରଖି ବାକି ପଇସା ଫେରାଇ ଦେଲା। ମୁଁ କହିଲି- ରଖ। ସେ କହିଲା, ଉଚିତ୍ ଦାମ୍‌ଠାରୁ ଅଧିକ ନେଲେ ଝିଙ୍କାରୀ ଦେବୀ ଅସନ୍ତୁଷ୍ଟ ହେବେ। ମୁଁ ଟିକିଏ ଥ' ହୋଇଗଲି। ସେ ଭିନ୍ନ ଜଣେ କନ୍ଧ ମଣିଷ ବୋଲି ଅନୁଭବ କଲି । ତା' ବ୍ୟବହାରରେ ମୁଁ ସନ୍ତୁଷ୍ଟ ହୋଇଥିଲି ।

ସେ ଦିନ ରବିବାର ସକାଳ, ଶୀତଦିନ। ପାହାଡ଼ିଆ ରାୟଗଡାରେ ଗ୍ରୀଷ୍ମ ଶୀତ ଓ ବର୍ଷାର ପ୍ରକୋପ ଅତ୍ୟଧିକ ହୋଇଥାଏ । ଘର ଅଗଣାରେ ଆରାମ ଚୌକିରେ ବସି ସକାଳର କଅଁଳ ଖରାରେ ଖବର କାଗଜ ପଢୁଥିଲି । ଅର୍ଦ୍ଦଳି କହିଲା, କିଏ ଜଣେ ଡାକୁଛନ୍ତି, ଦେଖାକରିବାକୁ ଆସିଛନ୍ତି । ଦେଖି ଆଶ୍ଚର୍ଯ୍ୟ ହୋଇଗଲି । ଚାରିଦିନ ତଳେ ଗତ ମଙ୍ଗଳ ହାଟ ଦିନ ସୁବଳକୁ ଦେଖିଥିଲି । କୌଣସି ରବିବାର ଦିନ ମୋ ଘରକୁ ଆସିବାକୁ କହିଥିଲି । ଟିକିଏ ହେଲେ ତ୍ରୁଟି ନକରି ଆଜି ରବିବାର ଦିନ ମୋ ବସାରେ ଉପସ୍ଥିତ ହୋଇଛି । କେତେ ସରଳ, ନିଷ୍କପଟ, ନିଷ୍ଠାବାନ, ନିର୍ଭେଜାଲ, ବଚନବଦ୍ଧ ଏଇ ବନଜାତିମାନେ। ମୁଁ ଆଶ୍ଚର୍ଯ୍ୟ ହୋଇଗଲି, ପ୍ରକୃତରେ ପ୍ରଣାମଯୋଗ୍ୟ ସେମାନେ । ବୈଠକ ଘରକୁ ଡାକିଲି । ସେ ସୋଫାରେ ବସିବାକୁ କୁଣ୍ଠାକଲା । ଛିଡ଼ା ହୋଇ ରହିଲା ଡିମା ଡିମା ଆଖିରେ।

- ବସ ସୁବଳ । ସୋଫାରେ ବସ ।

- ନା ସାହେବ, ମୁଁ ତଳେ ବସୁଛି ।

- ଆରେ ନା, ତମେ ମୋର ଅତିଥି, ବନ୍ଧୁ, କିଛି ଦ୍ୱିଧା କରନାହିଁ ।

ସେ ସଂଭ୍ରମତାର ସହିତ ସୋଫାରେ ବସିଲା ବିନୟ ଭଙ୍ଗୀରେ ।

- ଚା' ଖାଇବ ?

Digitized by PPRACHIN, SOA

- ନା ସାହେବ ମୁଁ ଚା', ବିଡ଼ି, ସିଗାରେଟ୍ କି ପିକା ଖାଏନାହିଁ ।

ଜଣେ ସଂସ୍କାରିତ କଣ୍ଠ ଭଳି ମନେହେଉଛି । ମୋ ଆଖିର ଆୟତନ ବୃଦ୍ଧି ପାଇଲା । ସାଧାରଣ କଣ୍ଠଠାରୁ ବ୍ୟତିକ୍ରମ ମନେହେଲା । ମୁଁ ସରକାରୀ କ୍ୱାର୍ଟରରେ ଥାଏ ଏକଲା। ତା' ପାଇଁ ମିଲର ବ୍ୟବସ୍ଥା କଲି। ସେହିପରି ଡାଇନିଂ ଟେବୁଲରେ ମୋ ସହିତ ବସି ଖାଇବାକୁ ଅରାଜି ହେଲା। କିନ୍ତୁ ମୁଁ ନଛୋଡବନ୍ଧା। ମୁଁ ଯେ ଆଦିବାସୀ ଜନମାନଙ୍କୁ ଆନ୍ତରିକ ଶ୍ରଦ୍ଧାକରେ, ସେ କାହିଁକି ବା ଜାଣିବ ? ତା ଦୃଷ୍ଟିକୋଣରେ ସେ ସମାଜରେ ଚିରାଚରିତ ହାକିମ ବାବୁକୁ ଦେଖୁଛି। ତାକୁ ଖୁବ୍ ସରଳଭାବେ ବୁଝାଇ ଦେଲି- ମୁଁ କିଏ, କଅଣ, ମୋର ପେଶା ଓ ନିଶା ଆଉ ଅଭିରୁଚି ସଂପର୍କରେ। ଯାହାହେଉ ସେ ସଂଯତ ହୋଇ ଡାଇନିଂ ଟେବୁଲରେ ବସି ମୋ ସହିତ ଖାଇଲା କିନ୍ତୁ ସଂପୂର୍ଣ୍ଣ କୁଣ୍ଠା ପରିହାର କରି ନଥିଲା। ମୁଁ ମଧ୍ୟାହ୍ନ, ଅପରାହ୍ନ ତା ସହିତ ବିତାଇଲି ଅନେକ କଥୋପକଥନ ମାଧ୍ୟମରେ। କୁଇଭାଷା, ସଂସ୍କୃତି, ସାମାଜିକ ଜୀବନ ସମ୍ବନ୍ଧରେ ଅନେକ ଜ୍ଞାନସଂଗ୍ରହ କଲି ତାଠୁଁ। କହିଲା, ସାହେବ ଦିନ ୫ଟା ପରେ କୁଆଁରମୁଣ୍ଡାକୁ ଆଉ ବସ୍ ନାହିଁ । ଡେରି ହେଲେ ଯିବି କେମିତି ?

- 'ତେବେ ଏଠି ରହିଯାଅ ଆଜି ସୁବଳ, କାଲି ସକାଳୁ ଯିବ ।'

ସେ ରାଜି ହେଲା ନାହିଁ, କହିଲା ତା'ର ଅନ୍ୟକାମ ଅଛି, ଦାୟିତ୍ୱ ବି ।

- 'କି କାମ, କି ଦାୟିତ୍ୱ ?'

କହିଲା- ଝିଙ୍କାରୀ ପୂଜା । ଏହି ପୂଜାକୁ ଆମେ 'ପୋଢ଼ ପର୍ବ' ବୋଲି କହୁ । ଆମର ସବୁଠୁଁ ବଡ଼ ପର୍ବ । ଆସନ୍ତା ମଙ୍ଗଳବାର ଦିନ ଏହି ପୂଜା ଆରମ୍ଭ ହେବ ।

- 'ତୁମେ ପୋଢ଼ ପର୍ବ ବିଷୟରେ କିଛି କହିବ କି ?'

ସେ ଜଣେ ପରୀକ୍ଷାର୍ଥୀ-ଛାତ୍ର ରଚନା ଲେଖିଲା ଭଳି ବର୍ଣ୍ଣନା କଲା ଖୁବ୍ ସୁନ୍ଦର ଭାବେ-

: ଝିଙ୍କାରୀ ଦେବୀ ଆମ ଇଲାକା ଠାକୁରାଣୀ, ଜଙ୍ଗଲର ମା' । କେତୋଟି ସଳପ କିମ୍ବା ମହୁଲ କାଠର ଛେମୁଣ୍ଡିଆରେ ଥାପନା ହୋଇଥା'ନ୍ତି । ଏହି ପୂଜା ପୌଷ ମାସର ପ୍ରଥମ ମଙ୍ଗଳବାର ଦିନ ଆରମ୍ଭ ହୋଇ ମାଘ ଶେଷ ଦିନ ଶେଷହୁଏ । ଗାଁର ପୁରୁଷମାନେ ଢୋଲ, ମାଦଳ, ଢୁମ୍‌ସା, ତାମକ୍ ବଜାଇ ଗ୍ରାମ ଗ୍ରାମ ବୁଲନ୍ତି । ଅନ୍ୟ ଗ୍ରାମର ଯୁବକମାନେ ଝିଙ୍କାରୀ ମା' ପାଖକୁ ଆସନ୍ତି । ଗାଁ ଝିଅମାନେ ଉତ୍ସେଇ ଢାଳି ସେମାନଙ୍କୁ ସ୍ୱାଗତ କରନ୍ତି । ଭେଣ୍ଡିଆ ପୁଅମାନେ ସେମାନଙ୍କୁ ଲିଆଖଜା, କନ୍ଦମୂଳ, ବୋଇତାଲୁ ଓ ଭଲ ଜିନିଷ ଉପହାର ଦେଇ ପ୍ରେମ ନିବେଦନ କରନ୍ତି । ଏହି ସମୟରେ ଯେଉଁ ଯୁବକର ହାତରୁ ଯୁବତୀ କୌଣସି ଦ୍ରବ୍ୟ ଗ୍ରହଣ କରେ ସେ

Digitized by PPRACHIN, SOA

ତାକୁ ବାହାହୁଏ। ସେହି ଉତ୍ସବର ନିଆଁ ସାକ୍ଷୀ ରହେ। ସେମାନେ ସ୍ୱାମୀ-ସ୍ତ୍ରୀ ହୁଅନ୍ତି। ତା'ପରେ ଗାଁରେ ଖିଆପିଆ ହୁଏ। ମାଘମାସ ଶେଷ ସପ୍ତାହରେ ଦିଶାରୀ (ପୁରୋହିତ, ଜ୍ୟୋତିଷ) ଦ୍ୱାରା ଗଣନା ତିଥିରେ ପୋଢ଼ (ମଇଁଷି) ବଳିପର୍ବ ହୁଏ। ଏହି ପର୍ବର ତିନିଦିନ ପୂର୍ବରୁ ପୋଢ଼ର ମୁଣ୍ଡ ଛେଦିବାକୁ ଟାଙ୍ଗିଆ(ବୁଡ଼ିଆ)କୁ 'ବେଜୁଣୀ' (ପୂଜକ) ଶୋଭାଯାତ୍ରାରେ ଯାଇ ଗୋଟିଏ ପାହାଡ଼ ଖୋଲରେ ରଖିଥାଏ। ଗାଁର କମାର ଏହି ଟାଙ୍ଗିଆର ପିତା ଆଉ ଟାଙ୍ଗିଆ ତା'ର କନ୍ୟା (ମାଉ)। ବେଜୁଣୀ ନାଚି ନାଚି ପାହାଡ଼ ଖୋଲକୁ ଯାଇ ଟାଙ୍ଗିଆଟି ଆଣି କମାରକୁ ଦିଏ। କମାର ସେଥିରେ ନୂଆ ବେଣ୍ଟ ଲଗାଇ ପୂଜାକରେ ଓ ନାଲି ବସ୍ତ୍ର ଗୁଡ଼ାଇ ଦିଏ। ତା'ର କନ୍ୟା ଟାଙ୍ଗିଆ ପାଖରେ କୁକୁଡ଼ା ଚିଆଁ (କୁଟି) ବଳିଦିଏ ଓ ତାକୁ ଟାଙ୍ଗିଆରେ ଝୁଲାଇ ଦିଏ। କିଣାଯାଇଥିବା ପୋଢ଼କୁ ଗାଧୋଇ ଦେଇ ତା ମୁଣ୍ଡରେ ସିନ୍ଦୂର ଦେଇ ବଳିଦିନ ପର୍ଯ୍ୟନ୍ତ ଚରାବୁଲା କରିବାକୁ ଛାଡ଼ି ଦିଆଯାଏ। ଏହି ସମୟରେ ସେ ଭଗବତୀ ଝିଙ୍କାରୀ ମା'ର ପୋଢ଼ ହୋଇଥାଏ। ଯାହା ବାଡ଼ିରେ ପଶି ଖାଇବ ତା ପାଇଁ ନିଷିଦ୍ଧ ନୁହେଁ, ବରଂ ସ୍ୱାଗତ କରାଯାଏ। ଯା' ବାଡ଼ିରେ ପଶି ସେ ଖାଏ, ସେ ଭାଗ୍ୟବାନ ବୋଲି ବିଚାର କରାଯାଏ। ତା' ପରେ ପୋଢ଼ର ଚାରିଗୋଡରେ ଦଉଡ଼ିବାନ୍ଧି ତାକୁ ଛତ୍ରଗେଡ଼ା (ଦେବତା) କରି ଟାଙ୍ଗିଆ ସହିତ ଘର ଘର ବୁଲାଯାଏ। ଯାହାର ଯାହା ମାନସିକ ଥାଏ, ରୂପା, ପିତଳ, ରସ ଖଡୁ, ଲୁଗା ବସ୍ତ୍ରାଦି ଟାଙ୍ଗିଆରେ ବାନ୍ଧି ଦିଅନ୍ତି। ତତ୍ପରେ ଦିଶାରୀ ଦ୍ୱାରା ଠିକ୍ ହୋଇଥିବା ଲଗ୍ନ ଓ ସମୟ ଅନୁସାରେ ତୃତୀୟ ଦିନ ରାତିରେ ସମସ୍ତେ ଝିଙ୍କାରୀଙ୍କ ନିକଟରେ ଉପସ୍ଥିତ ହୁଅନ୍ତି। ଗ୍ରାମମୁଖିଆ 'ଜାନି' ଗୋଟାଏ 'ବାଣହାଣ୍ଡି'ରେ କିଛି ବାଣ ନେଇ ଝିଙ୍କାରି ପାଖରେ ପହଞ୍ଚେ। ବେଜୁଣୀ ତା'ର ପୂଜା ଆରମ୍ଭ କରିଦିଏ। ଏଣେ ଦିଶାରୀ ତାରା ନକ୍ଷତ୍ର ଗଣନା କରୁଥାଏ ଏବଂ ଲଗ୍ନ ଆସିବା ମାତ୍ରେ ବାଣଫୁଟେ। ଠିକ୍ ଏତିକି ବେଳେ 'ପିତାପାଞ୍ଚି' (ଘୁଷୁରି) ବଳି ଦିଆଯାଏ। ବାଣ ଶବ୍ଦରେ ହନୁମାଙ୍କଡ (ମାକାଡ଼ି) ହୁଙ୍କାର ଶୁଣାଗଲେ ତାହା ଶୁଭ ବୋଲି ବିଚାର କରାଯାଏ। ଏହି ସମୟରେ ଯଦି କୁକୁର (ନାକୁଡି) କି ବିଲୁଆ (କୁଲିହା) କିମ୍ବା ବାଘ (କୁଡାଣ୍ଡି) ବୋବାଏ, ତାହା ଅଶୁଭ ବୋଲି ବିବେଚିତ ହୁଏ। ତାପରେ ପୋଢ଼ଟିକୁ ଆଣି ତିନୋଟି କାଠଖୁନ୍ଟ ଭିତରେ ଭର୍ତ୍ତି କରାଯାଏ। ଲଗ୍ନ ଦେଖି ଦିଶାରୀ କହିବା ମତେ ବାଣଫୁଟେ। ତାପରେ ଦିଶାରୀ ନିର୍ବାଚିତ କରିଥିବା ହଣାଳି ଟାଙ୍ଗିଆରେ ପୋଢ଼ର ମୁଣ୍ଡ ଛେଦନ କରେ ଏବଂ ସମସ୍ତ ଯୁବକ-ଯୁବତୀ (ଧାଙ୍ଗାଧାଙ୍ଗ୍ରୀ) ପୁରୁଷ-ସ୍ତ୍ରୀ ବିଭିନ୍ନ ମଦ (କାଲୁ) ଖଜୁରୀ ମଦ (ଖଜୁରୀ କାଲୁ) ମହୁଲି ମଦ (ଇରିପିକାଲୁ) ରନ୍ଧା ମଦ(ବାଜା କାଲୁ) ଦୋକାନ ମଦ (ଦୁକାନି କାଲୁ) ପିଇ ଢୋଲ ତାଳେ ତାଳେ ନାଚନ୍ତି, ଗୀତ

Digitized by PPRACHIN, SOA

ଗାଆନ୍ତି । ବଳି ମାଂସକୁ ପ୍ରସାଦ ମଣି ରାନ୍ଧନ୍ତି ଓ ପଂକ୍ତି ଭୋଜନ କରନ୍ତି । ତାପରେ 'ଜାନୀ' ଗାଁ ସାମନ୍ତ ଓ ଦିଶାରୀକୁ ଗୋଟିଏ ତପ୍ତକୋଷ ଖଟରେ ବସାଇ କାନ୍ଧେଇ ଗାଁ ଦାଣ୍ଡକୁ ଆସନ୍ତି । ଏହି ସମୟରେ ଯେ କୌଣସି ଅତିଥି ଆସିଲେ ତାକୁ ମଧ ଖଟରେ ବସାଇ ନାଚନ୍ତି ଓ କିଛି ପାଉଣା ଆଦାୟ କରନ୍ତି ।

ପୋଡ଼ୁପର୍ବ ବର୍ଣ୍ଣନା କରି ସାରିଲା ପରେ ସୁବଳ ସାହସ ସଂଚୟ କରି କହିଲା, ଏଥର ଆପଣ ଆମ ପୋଡ଼ୁ ପର୍ବର ଅତିଥି ହେବେ ସାହେବ ?

ମୁଁ ହଠାତ୍ କିଛି ହଁ ନାହିଁ ଜବାବ ଦେଇ ପାରିଲି ନାହିଁ । କାରଣ ସେହି ଦିନଟି ଛୁଟିଦିନ ହେବା ଦର୍କାର । ମୋର ନୀତି ହେଉଛି, ଆଗ ରାଜକାର୍ଯ୍ୟ, ତାପରେ ପିତୃକାର୍ଯ୍ୟ ବା ନିଜକାର୍ଯ୍ୟ; ଜୀବନରେ ଦାୟିତ୍ୱ ଓ କର୍ତ୍ତବ୍ୟରେ ତିଳେମାତ୍ର ହେଳା କରିନଥାଏ । କାର୍ଯ୍ୟ ଅବହେଳା ମୋ ଜାତକରେ ନାହିଁ । କାର୍ଯ୍ୟ ଦିବସରେ ମୁଁ ଅଫିସରେ ଠିକ୍ ଦଶଟାରେ ପହଞ୍ଚିଥାଏ ଏବଂ କାର୍ଯ୍ୟରେ ଲିପ୍ତ ରହେ ଏପରିକି ନିଶାର୍ଦ୍ଧ ପର୍ଯ୍ୟନ୍ତ । କାରଣ ଛୁଟିଦିନ ମୁଁ ନିଜ ଭିତରେ ହିଁ ବୁଡ଼ି ରହେ । ଅଫିସ ଚିନ୍ତାକୁ କାର୍ଯ୍ୟାଳୟର ଚାରିକାନ୍ଥ ଭିତରେ ଥୋଇଦେଇ ଆସିଥାଏ । କିନ୍ତୁ ସୁବଳର ଅକୃତ୍ରିମ ଅନୁରୋଧ ମନରେ ରଖିଲି ଓ ସୁବିଧା ଦେଖି ଯିବି ବୋଲି ପ୍ରତିଶ୍ରୁତି ଦେଲି ।

ବିଦାୟ ବେଳେ କିଛି ନୋଟ୍ ତା ପକେଟରେ ଗୁଞ୍ଜିଦେଲି । ସେ କିନ୍ତୁ ଗ୍ରହଣ କଲା ନାହିଁ । ମୋ ଗୋଡ଼ତଳେ ପଡ଼ିଗଲା । ଏକି ଆଚମ୍ୱିତ କଥା । ମୁଁ ଅବାକ୍ ହୋଇଗଲି । ଜଙ୍ଗଲ ଉପରେ ନିର୍ଭର କରି, ବନ୍ୟଦ୍ରବ୍ୟ ହାଟ ବଜାରରେ ବିକ୍ରି କରି ଜୀବିକା ନିର୍ବାହ କରୁଛି ସୁବଳ । ଏତେ ବାଟ ବସ୍ ଭଡ଼ା ଖର୍ଚ୍ଚ କରି ମୋ ପାଖକୁ ଆସିଛି, କିନ୍ତୁ ପଇସା ଯାଚିଲେ ନେଉନାହିଁ । ସତରେ ଧନୀ କିଏ ? ମୁଁ ନିଜକୁ ଦରିଦ୍ର ମନେକଲି । କେତେ ବିଶାଳ ଏ ସରଳ ଆଦିବାସୀଙ୍କ ହୃଦୟ । ସେମାନଙ୍କ ଦାରିଦ୍ର୍ୟ ଆମ ଦୃଷ୍ଟିକୋଣରେ ଥାଏ, କିନ୍ତୁ ସେମାନଙ୍କ ଆମ ପ୍ରତି ଦୃଷ୍ଟିକୋଣ ଅଲଗା । ଗୋରା ଧୋବ ଧଉଳିଆ ସୁନ୍ଦର ପରିପାଟୀର ପୋଷାକ ପିନ୍ଧା ସଭ୍ୟ ମଣିଷକୁ ଉଚ୍ଚ ଆସନରେ ରଖି ଦେଖନ୍ତି ସେମାନେ, ଭଗବାଁ ବୋଲି ସମ୍ୱୋଧନ୍ତି । ଆମେ ନିଜକୁ ଜ୍ଞାନୀ, ଅର୍ଥନୈତିକ ଧନ ଓ ଜ୍ଞାନରେ ଧନୀ ବୋଲାଉ, କିନ୍ତୁ ସେମାନେ ମନରେ ଧନୀ- ମୁଁ ଜୀବନରେ ଉପଲବ୍ଧି କରିଛି ସେମାନଙ୍କ ସହିତ ନିବିଡ଼ ସଂସ୍ପର୍ଶରେ ଆସି ଥିବାରୁ ମୋ ବନବୁଲା କାଳରେ ।

ସୁବଳର ବ୍ୟବହାର ମୋତେ ଆଲୋଡ଼ିତ କରିଥିଲା, ଗଭୀର ଭାବେ ରେଖାପାତ କରିଥିଲା ମୋ ହୃଦୟରେ । ଏହି ପରିପ୍ରେକ୍ଷୀରେ ତା'ର ପ୍ରଚ୍ଛଦପଟରେ ରଚିତ ଗପ 'ପ୍ରକୃତ ଧନୀ କିଏ ?' ପ୍ରଣିଧାନଯୋଗ୍ୟ ମନେହୁଏ । କ୍ଷୁଦ୍ର ଗପଟି ଏହିପରି -

Digitized by PPRACHIN, SOA

"**ଧୀ**ବର ଜଣେ । ନାମ ଭଗବାନ । ଲୋକେ ଡାକନ୍ତି ଭଗିଆ । ବନଶୀ କଂଟାରେ ଥୋପ ଦେଇ ନଦୀ ବା ଜଳାଶୟରୁ ମାଛ ଧରିବା ତା'ର ନିଇତି କାମ । ସେଥିରେ ସେ ଆନନ୍ଦ ପାଏ । ମାଛ ଧରିବା ତା'ର ବେଉସା, ପେଶା, ନିଶା କହିଲେ ଅତ୍ୟୁକ୍ତି ହେବ ନାହିଁ । ମହାନଗରୀର ଅନତିଦୂର ତଳିଆ ଅଂଚଳରେ ଏକ ଝୁମୁଡ଼ି ଘରେ ସେ ବାସକରେ ତା ସ୍ତ୍ରୀ ସାରିଆ ଓ ଛୋଟ ପୁଅ ବଳିଆ ସହିତ । ପିଦିନ ବହୁତଳ ବିଶିଷ୍ଟ ତାରକା ହୋଟେଲର ସମ୍ମୁଖ ରାସ୍ତା ଦେଇ ସକାଳୁ ବନଶୀ, ଥାଳ ଓ ତା'ର ସୀମିତ ସରଂଜାମ ଧରି ବାହାରିଯାଏ ନଦୀକୂଳକୁ । ସୂର୍ଯ୍ୟୋଦୟ ଠାରୁ ସୂର୍ଯ୍ୟାସ୍ତ ପର୍ଯ୍ୟନ୍ତ କୁଳୁକୁଳୁନାଦିନୀ ଚିରସ୍ରୋତା ନଦୀ ତୀର ହିଁ ତା'ର ପ୍ରିୟ ସ୍ଥାନ । ଖରା ବର୍ଷା ଶୀତ ତା' ଦେହର ମିତ । ଫୁଙ୍ଗୁଳା ଦେହ । ପ୍ରକୃତିର ଅପରୂପ ସୌନ୍ଦର୍ଯ୍ୟ ଓ ପରିବେଶର ମାଧୁର୍ଯ୍ୟରେ ସେ ମୁଗ୍ଧ ମୋହିତ । କେତେବେଳେ ପ୍ରଚଣ୍ଡ ଖରା ତ ପୁଣି କେତେବେଳେ କଳାହାଣ୍ଡିଆ ମେଘ ତ କେତେବେଳେ ପବନର ଶୀତୁଆ ଲହରୀ । କେହି ତାକୁ ତା ଲକ୍ଷ୍ୟରୁ ବିଚ୍ୟୁତ କରି ପାରନ୍ତି ନାହିଁ । ଲକ୍ଷ୍ୟଥାଏ ତାର ଥୋପ ଉପରେ । କେତେବେଳେ ଲୋଭୀ ମାଛଟା ଥୋପକୁ ଗିଳି ବସିବ ଏବଂ ଭାସମାନ ସୋଲସୂଚକ ତାହା ଦର୍ଶାଇ ଦେବ, ଏଣୁ ଭଗିଆର ବକଧ୍ୟାନ ତା ପ୍ରତି । ସୂର୍ଯ୍ୟାସ୍ତରେ ଖେଳସମାପ୍ତି ହୁଏ । ମାଛ ଥାଳ, ବନସୀ ଧରି ଘରବାହୁଡ଼ା ହୁଏ ଭଗିଆ ଠିକ୍ ହୋଟେଲ ସାମ୍ନାର ସେହି ବାଟରେ । ଏହା ଭଗିଆର ଦୈନନ୍ଦିନ ଜୀବନ ।

ସବୁଦିନ ଲୋକଟିର ଏହିପରି ଯିବା ଓ ଆସିବା ଦେଖନ୍ତି ଜଣେ ଗୋରା ସାହେବ ବିଦେଶୀ । ହୋଟେଲର ଉପର ମହଲାରେ ସେ ରହନ୍ତି । ମନରେ ଉତ୍କଣ୍ଠା ଜାତହୁଏ । ଦିନେ ଭଗିଆ ଫେରିଲା ବେଳେ ବିଦେଶୀ ସାହେବ ତଳକୁ ଓହ୍ଲାଇ ଆସି ଫାଟକ ପାଖରେ ଅଟକାଇ ପଚାରିଲେ -

: ଥାଳରେ କ'ଣ ରଖିଛ ?

: ମାଛ

: କେତେ ମାଛ ?

: ଦେଖନ୍ତୁ ।

କେତୋଟି ଜୀଅନ୍ତା, ମଲା କ୍ଷୁଦ୍ର କ୍ଷୁଦ୍ର ବମି, ଶେଉଳ, ବାଳିଆ, ବାଳିଗରଡ଼ା, ଚେଙ୍ଗ, କୋକଲି .....

: ବାସ୍, ଏତିକି ?

Digitized by PPRACHIN, SOA

: ଯାହା ମିଳିଲା । କେଉଁଦିନ ଥାଳ ଭରିଯାଏ, ଆଉ କେଉଁଦିନ ଅଧା । କାମ ଚଳିଯାଏ ବାବୁ ।

: କ'ଣ କର ମାଛକୁ ?

: ଅଧା ବିକ୍ରୀ କରେ । ଆଉ ଅଧା ନେଇଯାଏ ଘରକୁ ନିଜ ପାଇଁ । ବିକ୍ରୀ ପଇସାରେ ତେଲ, ଲୁଣ, ମସଲା କିଣିଦିଏ ।

: ଘରେ କିଏ ଅଛନ୍ତି ?

: କୁନି ପୁଅ ବଳିଆ ଆଉ ମୋ ସ୍ତ୍ରୀ ସାରିଆ ।

: ସାରିଆ କ'ଣ କରେ ?

: ପିଲା ପାଳେ । ଚୂଲି ପାଇଁ କାଠ ଡାଳ ସଂଗ୍ରହ କରି ରଖିଥାଏ । ସଜନା ଗଛରୁ ଶାଗ ଆଣିଥାଏ । ଲଂକାଗଛରୁ ଲଂକା । ମୁଁ ଆଣିଥିବା ମସଲାକୁ ଶିଳରେ ବାଟେ । ଭାତ ସହିତ ମାଛ ଝୋଳ ଆଉ ସଜନା ଶାଗ ଭଜା । କେତେ ମଜା ବାବୁ !

ଦୟାର୍ଦ୍ର ବିଦେଶୀ ସାହେବ ମ୍ୟାକ୍‌ମିଲାନ ମହାଶୟ ଦୁଃଖ ପ୍ରକାଶ କଲେ । ଲୋକର ଦିନସାରା ମେହନତି । ଫଳ ସ୍ୱରୂପ ମାତ୍ର କେତୁଟା କ୍ଷୁଦ୍ର କ୍ଷୁଦ୍ର ମାଛ ! କେତେ ଅଜ୍ଞ ଏ ଲୋକଗୁଡ଼ା ! ଦୁନିଆ ଆସି କେଉଁଠି ହେଲାଣି, ପ୍ରଗତି ଅଗ୍ରଗତି ଓ ଉନ୍ନତିରେ ପ୍ରସ୍ଫୁଟମାନ ବିଶ୍ୱ । ଜୀବନଧାରାର ଧାର ଧରନ୍ତି ନାହିଁ ଏମାନେ, ହୁଏତ ପୁରାତନ ଅନ୍ଧକାର ଯୁଗର ବାସିନ୍ଦା । ଆହା ! ବିଦେଶୀ ସାହେବ କହିଲେ - ଗୋଟେ କଥା କହିବି ମାନିବ ?

: ମାନିବିନି କିଆଁ ?

: ଏଇ ଦେଖ । ମୁଁ ଆନ୍ତର୍ଜାତିକ ମାଛଜାଲ ପ୍ରସ୍ତୁତକାରୀ କମ୍ପାନୀର ପରିଚାଳନା ନିର୍ଦ୍ଦେଶକ, ଏକ ପ୍ରକାର ମାଲିକ । ମାଛ ଧରିବା ପାଇଁ ବିଭିନ୍ନ ପ୍ରକାର ନାଇଲନ୍ ଜାଲ କାରଖାନାରେ ପ୍ରସ୍ତୁତ କରି ଦେଶ ବିଦେଶକୁ ରପ୍ତାନି କରୁ ଓ ଅନେକ ଅନେକ ଅର୍ଥ ପାଉଁ । ତମେ ପୁରୁଣାକାଳିଆ ବନସୀରେ ମାଛ ଧରିବା କାମ ଛାଡ । ଏତେ ପରିଶ୍ରମରେ କେତେ ବା ମାଛ ପାଉଛ ? ମୁଁ ତୁମକୁ ମାଗଣାରେ ଜାଲ ଦେବି । ବ୍ୟାଙ୍କରୁ ଟଙ୍କା ଆଣି ଦେବି ଟ୍ରଲର କିଣିବା ପାଇଁ । ରାଜି ତ ?

: ସେଇଠୁଁ ?

: ଟ୍ରଲର ମାଲିକ ହେବ । କୁଡ଼ କୁଡ଼ ମାଛ, ବିକ୍ରି କରି ଲାଭବାନ ହେବ ।

: ସେଇଠୁଁ ? ଭଗିଆର ପ୍ରଶ୍ନ

Digitized by PPRACHIN, SOA

: ତାପରେ ଜାହାଜରେ ବସି ମାଛ ମାରିବ । ତମ ତଳେ ଅନେକ ଲୋକ କାମ କରିବେ । ତମେ ହେବ କୋଟିପତି ମାଲିକ । ବୁଝୁଛ ?

: ତାପରେ କ'ଣ ହେବ ବାବୁ ?

: ଏଇଭଳି ତାରକା ହୋଟେଲର ମାଲିକ ହେବ ।

: ତା ପରେ ?

: ଆରାମରେ ଶୋଇବ ।

ଉଗିଆର ସରଳ ଉତ୍ତର- ଶୋଇବା ପାଇଁ ଏତେ କଥା ? ମୁଁ ତ ଏବେ ସେଇକାମ କରୁଛି ବାବୁ । ମାଛଝୋଳ ଭାତ ଖାଇ ଶୋଉଛି । ଗାଢ଼ ନିଦ, ସୁଖ ନିଦ । କି ଆରାମ ଆଉ ଶାନ୍ତି !"

ସେଇମାନେ ହିଁ ପ୍ରକୃତରେ ପ୍ରକୃତିର ସରଳ ସନ୍ତାନ, ନିର୍ଭେଜାଲ, ଅଳ୍ପରେ ସନ୍ତୁଷ୍ଟ ଶାନ୍ତି ସନ୍ତୋଷର ବିରଳ ମଣିଷ । ଆମେ ଅପରିସୀମ ଅର୍ଥ ଲାଳସା, ଇଚ୍ଛା ଅଭିଳାଷ, ଆକାଂକ୍ଷାରେ ଘାଣ୍ଟି ଚକଟି ହେଉଛୁ ସିନା! ମଣିଷ ଧଇଁ ସଇଁ ହୋଇ ଧାଉଁଛି ଅର୍ଥ, ପଦାର୍ଥ, ପ୍ରତିଷ୍ଠା ପ୍ରତିପତ୍ତି ପଛରେ, କିନ୍ତୁ ତା'ର ବହୁମୂଲ୍ୟ ଶାନ୍ତି ଟିକକ ହରାଇ ବସୁଛି; ସୁଖ ନିଦ୍ରା ଅପହଞ୍ଚ ହୋଇ ରହିଛି । ଗୋଟିଏ ଇଚ୍ଛା ପୂରଣ ହେଲେ ଚିନ୍ତା ବହୁଗୁଣ ଆକାରରେ ବଢ଼ିବଢ଼ି ଚାଲିଛି। ସୁଖ ନିଦ୍ରା କାହିଁ ? ଏଣୁ ସେମାନଙ୍କ ଠୁଁ ଅନେକ କଥା ଶିଖିବାର ଅଛି ।

ଅଧୁନା ଆଧୁନିକ ଜୀବନର ଜଟିଳତା କ୍ରମଶଃ ବୃଦ୍ଧି ପାଉଥିବା ବେଳେ ଧନୀ କିଏର ସଂଜ୍ଞା ନିରୂପଣ ନେଇ ନାନା ମୁନିଙ୍କର ନାନା ମତ ପ୍ରକାଶିତ ହେଉଛି । ତେବେ ଯିଏ ଅଳ୍ପରେ ସନ୍ତୁଷ୍ଟ ରହେ, ସେହିଁ ପ୍ରକୃତରେ ଧନୀ ବିବେଚିତ ହୋଇଥାଏ, କାରଣ ମଣିଷର ଇଚ୍ଛା ଆକାଂକ୍ଷାର ଅନ୍ତ ନଥାଏ । ଜଣେ ଅର୍ଥନୀତିଜ୍ଞ ଦାର୍ଶନିକଙ୍କ ମତରେ, ଆପଣଙ୍କର ଅଧା ଇଚ୍ଛା ଆଶା ପୂରଣ ହେଲେ ଠିକ୍ ଅନ୍ୟ ପକ୍ଷରେ ଆପଣଙ୍କ ଦାୟିତ୍ୱ ଓ ଚିନ୍ତାଭାର ଦ୍ୱିଗୁଣିତ ହୋଇ ଚାଲିଥାଏ ।

ଏଇ ଅଳ୍ପଦିନ ତଳେ ରାୟଗଡ଼ା ସହରରେ ଜିଲ୍ଲାସ୍ତରୀୟ ଏକ କର୍ମନିଯୁକ୍ତି କର୍ମଶାଳା ଜିଲ୍ଲାପାଳଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଏଥିରେ ନିଯୁକ୍ତି ବିଭାଗୀୟ ଉଚ୍ଚପଦସ୍ଥ ଅଫିସର ତଥା ଜିଲ୍ଲାର ପଦସ୍ଥ ଅଫିସରମାନେ ଯୋଗଦେଇଥିଲେ । ଜଣେ ଜିଲ୍ଲାସ୍ତରୀୟ ଅଫିସରଭାବେ 'କର୍ମଶାଳା'କୁ ନିମନ୍ତ୍ରିତ ହୋଇଥିଲି । କର୍ମଶାଳାରେ କିଛି ମତ ବକ୍ତବ୍ୟ ରଖିବାକୁ ପଡ଼ିଥାଏ । କ'ଣ ମତ ଦେବି ଚିନ୍ତାରେ ପଡିଲି । ଗୋଟିଏ ଅଣ-କାହାଣୀ ଯୁକ୍ତ ଅଧିକାହାଣୀ (Fiction, metafiction) ମୁଣ୍ଡକୁ ଢୁକିଲା ଯାହାର

Digitized by PPRACHIN, SOA

ନାମକରଣ କରିଥିଲି 'ଦେବମନ୍ତ୍ର' ଏବଂ ଏହି ମନ୍ତ୍ରଟି କ'ଣ ଶୁଣାଇଥିଲି - "ଏମିତି ଗୋଟେ ମନ୍ତ୍ର କହିଦିଅ ପ୍ରଭୁ ଅବା ଲେଖିଦିଅ, ଯାହାକୁ ଶୁଣିଲେ, ପଢ଼ିଲେ ବା ଜପିଲେ ଭକ୍ତର ଦୂର ହୋଇଯିବ ସଂସାରର ସକଳ ଦୁଃଖ, ସବୁ ଯନ୍ତ୍ରଣା, ସବୁ ଆଶଙ୍କା। ମନ୍ତ୍ରଟିକୁ ଜପିଲା ମାତ୍ରେ ପୂରଣ ହୋଇଯିବ ସବୁ ଆଶା, ଇଚ୍ଛା ଓ ଆକାଂକ୍ଷା।

ଭଗବାନ ଉବାଚ: ମୁଁ ଜାଣେ, ଏପରି ଏକ ଅଦ୍ଭୁତ ମନ୍ତ୍ର ପାଇଁ ତୁମେ ସତତ ବ୍ୟାକୁଳ, ଅତୀବ ଆକୁଳ, ମନ୍ତ୍ରଟିକୁ ପାଇବା ପାଇଁ ନମାନ ଆଉ ଅଳକୁଳ।

ଏତେ ମିନତି ଓ ଆର୍ତ୍ତ ସତ୍ତ୍ୱେ ତଥାପି ମନ୍ତ୍ରଟି ରହିଛି ଅଧରା, ଅଳପ ଦିଶୁଛି, ଅଳପ ଲୁଚିଛି ତା ଚରିତ୍ରର ଧାରା। କିନ୍ତୁ ତଥାସ୍ତୁପ୍ରାପ୍ତି କ'ଣ ଏତେ ସହଜ। କୃଷ୍ଣପ୍ରାପ୍ତି କଅଣ କେବେ ସହଜଲବ୍ଧ! ସେଥିପାଇଁ କେବଳ ଆବଶ୍ୟକ ତିତିକ୍ଷା ଏବଂ ତପସ୍ୟା, ନାହିଁ ତମର ଅପେକ୍ଷା।

-ତଥାପି ତୁମେମାନେ ବହୁ ଆକାଂକ୍ଷିତ ମନ୍ତ୍ରଟି ପାଇଁ ଅହରହ ଚେଷ୍ଟିତ, ଅତିଷ୍ଠ, ଅଧୀର ଓ ଅସ୍ଥିର। କିନ୍ତୁ ଏ ନୂତନ ମନ୍ତ୍ରଟି ତୁମର କଅଣ ଆବଶ୍ୟକ ଯେ ଯଦ୍ୱାରା ଦୂର ହୋଇଯିବ ତୁମର ଶୋଷ ଆଉ ଅବଶୋଷ।। ସଂସାରର ସବୁ ପ୍ରାଣୀ ଅପେକ୍ଷା ତୁମେ ତ ସବୁଠୁଁ ଅଧିକ ପାଇଛ, ଜଗତଯାକର ସୁଖ-ସମ୍ଭୋଗ, ଶୌର୍ଯ୍ୟ ଓ ସୌନ୍ଦର୍ଯ୍ୟ... ଜୀବନକୁ ଉପଭୋଗ କରିବା ପାଇଁ ତୁମ ପାଖେ ରହିଛି ଅପରିସୀମ ଉପାଦାନ, ସବୁ ଦ୍ରବ୍ୟ-ପଦାର୍ଥରେ ଭରି ରହିଛି ତୁମର ଭଣ୍ଡାର, କୁବେରପୁରୀର ସଂପଦ। ତଥାପି ତୁମେ ନୁହଁଇ ସନ୍ତୁଷ୍ଟ, 'ଯେତେଦେବ ସେତେ ନେବା'ର ଅସରନ୍ତି ଇଚ୍ଛା, ଦୁର୍ବାର ଲାଳସା।

ତେବେ ଏହି ମହାନ୍ ମନ୍ତ୍ରଟି ଧରା ନଦେବାର କାରଣ ପଚାରିଲେ ତୁମେ କୁଆଡ଼େ କୁହ, ସହଜରେ ଧରାଦେଲେ ବା ଦେଇଦେଲେ ମୂଲ୍ୟବାନ ମନ୍ତ୍ର ହୋଇଯିବ ସାଧାରଣ। ସାଧାରଣ ଅର୍ଥ ଯାହା ସମସ୍ତଙ୍କ ପାଖେ ଥାଏ, ସୁଲଭରେ ପ୍ରାପ୍ୟ ହୋଇଥାଏ। ସହଜରେ ଜଣାପଡ଼ିଯିବ ତାର ସ୍ୱରୂପ। ତାପରେ ଭକ୍ତଜନେ ବୋଲିବେ- ଏଭ ସାଧାରଣ କଥା ପାଇଁ ଏତେ ବ୍ୟଥା। ଏଥିରେ କ'ଣ ବା ଅଛି ନୂତନତ୍ୱ ବା ଅପ୍ରମିତ ଗୁଣ ଯେ ।।

କିନ୍ତୁ ଭକ୍ତମଣ୍ଡଳୀର ଆର୍ତ୍ତ-ଆବେଦନ ଅଶାନ୍ତ ସମୁଦ୍ରର ଜୁଆର ଭଳି ବଢ଼ିବଢ଼ି ଚାଲିଛି। ସେମାନଙ୍କର ମାଗୁଣି - କେବଳ ମୋର ଏବଂ ମୋର ... ମୋତେ ଦିଅ , ମୋତେ ଦିଅ।

ସ୍ରଷ୍ଟା-ଭଗବାନଙ୍କ ଚିନ୍ତା ବଢ଼ିଲା। ବ୍ରହ୍ମାଣ୍ଡର ଶ୍ରେଷ୍ଠ ଜୀବଧାରୀ ମଣିଷ ସେ ସୃଷ୍ଟି କଲେ, କିନ୍ତୁ ତାକୁ ନକରି ପାରିଲେ ସନ୍ତୁଷ୍ଟ। କେବଳ ଖାଲି 'ଦିଅ ଦିଅ' ପାଇଁ ମଣିଷର ଆକୁଳ ପ୍ରାର୍ଥନା। ସକଳ ଦାନ ସତ୍ତ୍ୱେ ସେ ପ୍ରାଣୀଟି କେବେ ନୁହଁଇ ତୁଷ୍ଟ।

Digitized by PPRACHIN, SOA

ଜୀବନବ୍ୟାପୀ ତା'ର ଅସନ୍ତୁଷ୍ଟତା। ଏମିତି ନିଇତି କୋଟି କୋଟି ଜୀବନ ସନ୍ତୁଳିତ ହେଉଛନ୍ତି। ଏଇ ସନ୍ତୁଳନ ଭିତରେ ତା ପରମାୟୁ ପୂରିଯାଉଛି ଓ ପରିଶେଷରେ ଗୋଟେ ବୃହତ୍ ଅବଶୋଷ ମୁଣ୍ଡେଇ ସେ ଧରାପୃଷ୍ଠରୁ ବିଦାୟ ନେଉଛି। ଏଇ ଜୀବଟିକୁ କଅଣ ଦେଲେ ସେ ସନ୍ତୁଷ୍ଟ ହେବ - ଚିନ୍ତାରେ ପଡିଛନ୍ତି ପରମେଶ୍ୱର, କାରଣ ଧରାପୃଷ୍ଠରେ ଭିନ୍ନ ଏଇ ସର୍ବୋତ୍‌କୃଷ୍ଟ ଜୀବର ସ୍ରଷ୍ଟା ସେ। ଜୀବଟି ଶାନ୍ତି ଓ ପରିତୃପ୍ତିରେ ଜୀବନଯାପନ କଲେ ସେ ହେବେ ଆନନ୍ଦିତ। ଏଣୁ ପ୍ରତିକାରର ସୂତ୍ର ଜରୁରୀ ହୋଇପଡ଼ିଛି ସ୍ରଷ୍ଟାଙ୍କ ପକ୍ଷେ। ଅତଏବ ସେ ଏକ ଅଭିନବ ମନ୍ତ୍ର ଅନ୍ୱେଷଣ ଓ ଉଦ୍ଭାବନରେ ଚିନ୍ତିତ ଓ ବ୍ୟସ୍ତ ରହିଲେ କାରଣ ସେ ସମସ୍ତଙ୍କର ପରମ ପିତା ଜଗତସ୍ରଷ୍ଟା, ଯେମିତି ସବୁ ପିତା ସନ୍ତାନର ସୁଖ ଓ ସମୃଦ୍ଧି ପାଇଁ ସର୍ବଦା ଚିନ୍ତା କରିଥାନ୍ତି।

ଭକ୍ତ ଜନଙ୍କର ଚିନ୍ତା ଭାବନା ବଢ଼ିଲା। କୌଣସି କଥାକୁ ହାଲୁକା ଭାବେ କହିଲେ ବା ମାଗିଲେ କର୍ଣ୍ଣଭେଦ କରେ ନାହିଁ କାହାର। ଏଣୁ ଚତୁର ମଣିଷମାନେ କାମ ହାସଲ ପାଇଁ ଧରାଧରିର ବ୍ୟବସ୍ଥା କଲେ, ଯେମିତି ଶିବଙ୍କୁ ତୁଷ୍ଟ କରିବା ପାଇଁ ବାହନ ବୃଷଭକୁ ପ୍ରଥମେ ସନ୍ତୁଷ୍ଟ କରିବାକୁ ପଡ଼ିଥାଏ। ଏଣୁ ସେମାନେ ବିଷ୍ଣୁଙ୍କ ଘରଣୀ ଶକ୍ତିସ୍ୱରୂପିଣୀ ଜଗତ ଠାକୁରାଣୀ ମା' ମହାଲକ୍ଷ୍ମୀଙ୍କୁ ମିନତି ଜଣାଇଥିଲେ ପୂଜକ-ପ୍ରତିନିଧି ମାଧ୍ୟମରେ। କହିଲେ, ଆମ ମାଗୁଣିକୁ କାଳିଆକୁ ଜଣାଅ। ଆମେ ମାଗି ମାଗି ଥକିଲୁଣି, ସେ ଶୁଣୁନାହାନ୍ତି। ଶୁଣିବେ କେମିତି ? ତାଙ୍କର କାନ ନାହିଁ, ସର୍ବଦା ସୁପ୍ତ, ଦାରୁଭୂତ ମୁରାରୀ ସେ, ଅମୃତ ଅନନ୍ତଶୟନରେ ଲିପ୍ତ। ସମସ୍ତେ ସମବେତ ହୋଇ ମା' ଅନ୍ନପୂର୍ଣ୍ଣା ଲକ୍ଷ୍ମୀ ଠାକୁରାଣୀଙ୍କ ପାଦତଳେ ଗଣଧାରଣା ଦେଲେ। ଜଗଦ୍ଧାତ୍ରୀ ନାରୀ ଶିରୋମଣି ସେ। କରୁଣାର ଭଣ୍ଡାର! ନାରୀ ହୃଦୟ ସନ୍ତାନର ଅଳିରେ ଶୀଘ୍ର ତରଳିଯାଏ। ସେ କ'ଣ ଚୁପ୍ ରହି ପାରନ୍ତେ! କହିଲେ, ବତ୍ସମାନେ ଧୈର୍ଯ୍ୟ ଧର, ଧୈର୍ଯ୍ୟ ହିଁ ସଫଳତାର ଚାବିକାଠି। ସମୟ, ସୁବିଧା ଓ ସୁଯୋଗ ଦେଖି ଅଳିକୁ ଉପସ୍ଥାପନ କରିବାକୁ ପ୍ରତିଶ୍ରୁତି ଦେଲେ ନିବେଦକ ଭକ୍ତଜନଙ୍କୁ। ଏକ ଶୁଭ ବେଳାରେ ଜଗତନାଥ ଯେତେବେଳେ ଅନନ୍ତଶୟନ ମୁଦ୍ରାରେ ନିମଜ୍ଜିତ ଥିଲେ ଏବଂ ଲକ୍ଷ୍ମୀଙ୍କ ପଦ୍ମକୋମଳ ହାତ ଶ୍ରୀନାଥଙ୍କ ପାଦ ସେବାରେ ଲାଗିଥାଏ, ଲକ୍ଷ୍ମୀଙ୍କ ମୁଖରୁ ମଣିଷର ଆର୍ତ୍ତ-ଆବେଦନ ଶୁଣିଲେ ମହାପ୍ରଭୁ ଏବଂ ଶୁଣିସାରି କହିଲେ - "ଶୁଣ ଅନ୍ନପୂର୍ଣ୍ଣା ମଣିଷର କାହାଣୀ। ଯେତେ ଦାନ ଦରବ ଦେଲେ ମଧ୍ୟ ତା'ର ଇଚ୍ଛା ନୁହଁଇ ପୂରଣ, ଅନନ୍ତ ତା'ର ଆଶା, ଅତଳ, ଅସୀମ ତା'ର ଇଚ୍ଛା। ତେବେ ତୁମ ପରାମର୍ଶ ଅନୁଯାୟୀ ମୁଁ ଦାନ କରୁଛି ଏକ ସର୍ବୋତ୍‌କୃଷ୍ଟ ମନ୍ତ୍ର, ଯାହାକୁ ଜପିଲେ ସର୍ବଦୁଃଖ ଦୂର ହୋଇଯିବ ମଣିଷ ଜାତିର। ପୂରଣ ହୋଇଯିବ ମଣିଷର ଇଚ୍ଛା, ଆଶା, ଆକାଂକ୍ଷା।"

Digitized by PPRACHIN, SOA

ମନଦେଇ ବଡ ଶ୍ରଦ୍ଧାରେ ଶୁଣିଲେ ମହାଲକ୍ଷ୍ମୀ ଏବଂ ମନ୍ତ୍ରର ମହାନ ଧ୍ୱନି ମୁଖରେ ବାରମ୍ବାର ଦୋହଲାଇଲେ। ଅପୂର୍ବ, ଅପୂର୍ବ ତା'ର ସ୍ୱର, ନୈସର୍ଗିକ ତା'ର ଧ୍ୱନି, ଅତୁଳନୀୟ ତା'ର ଲୟ। ଚତୁର୍ଦ୍ଦିଗ ଖେଳିଲା ତା'ର ଲହରୀ।

ତହିଁ ପରଦିନ ଉତ୍କଳନେ ଶ୍ରୀମନ୍ଦିର ପ୍ରାଙ୍ଗଣରେ ଜମା ହୁଅନ୍ତେ ଶୁଣିଲେ ମନ୍ତ୍ରର ଉଚ୍ଚାରଣ। ମୁଗ୍ଧ ଚକିତ ଜନ ଏକ ସ୍ୱରରେ ମନ୍ତ୍ର ଘୋଷି ଉଠିଲେ- "ଶ୍ରମଠାରୁ ନାହିଁ ବଡ ପୁଣ୍ୟ, ଶ୍ରମରେ ପୂରଇ ଶୂନ୍ୟସ୍ଥାନ। ଓଁ ଶ୍ରମ ଏବ ଜୟତେ, ଓଁ ଶ୍ରମ ଏବ ଜୟତେ..." ତା'ପରେ କରତାଳି ଖେଳିଲା।

ନୀତିବାଗୀଶ ଗଣପତି ନାଥଶର୍ମା ଶ୍ରମବିଭାଗ ଜିଲ୍ଲାସ୍ତରୀୟ ଏହି କର୍ମନିଯୁକ୍ତି କର୍ମଶାଳାରେ ଉପସ୍ଥିତ ଥିଲେ। ସେଦିନ ମୋର ବକ୍ତବ୍ୟଟି ଶୁଣି ଟିପ୍ପଣୀ ଦେଇ କହିଥିଲେ- "ତେଇଁ ଶୋଇଥିବା ଅଳସୁଆ ଆଧୁନିକ ମଣିଷକୁ ବେଶ୍ ସୁନ୍ଦର ଶରଟିଏ ବିନ୍ଧିପାରିଲ ତ। ମନେହୁଏ, ତମେ ବନ୍ଧୁ ବନ୍ଧୁକ ଚାଳନାରେ ଯେମିତି ଦକ୍ଷ, ଈଶ୍ୱର ବିଶ୍ୱାସୀ ବାଟ ହୁଡୁଥିବା ମଣିଷକୁ ଚାବୁକ ମାରିବାରେ ସେମିତି ପାରଙ୍ଗମ। ଲେଖାଲେଖି କରୁନାହଁ କାହିଁକି ?" ଧନ୍ୟବାଦ ଦେଇ ନାଥଶର୍ମାଙ୍କୁ କହିଥିଲି, "କାଗଜ କଲମ ଥାଇ କାଳି ନଥିଲେ ଲେଖକ ହେବା କ'ଣ ସହଜ କଥା ?" ଏବେ ଉପଲବ୍ଧି କରୁଛି ନାଥଶର୍ମାଙ୍କ ସୁପରାମର୍ଶ।

ଏଥର ଫେରିବି ସୁବଳ କଥାକୁ। ସୁବଳର ବସ୍ ବେଳ ହୋଇଆସୁଥିଲା । ଡ୍ରାଇଭରକୁ କହିଲି ଟିକଟ କାଟି ତାକୁ ବସେଇ ଦେଇ ଆସିବାକୁ । ସେଇ ଦିନଠୁଁ ଆମର ଘନିଷ୍ଠତା ଓ ଅନ୍ତରଙ୍ଗତା ବୃଦ୍ଧି ପାଇଥିଲା । ମୁଁ ସେଦିନ ସୁବଳର ନିମନ୍ତ୍ରଣକ୍ରମେ ପୋଢ଼ ପର୍ବରେ ଯୋଗଦେଲି । ସୁବଳ ଯାହା ବର୍ଣ୍ଣନା କରିଥିଲା ତାହା ହିଁ ଦେଖିଲି ସ୍ୱଚକ୍ଷୁରେ । ପୋଢ଼ ପର୍ବର ବିଧି ଅନୁଯାୟୀ ସେମାନେ ମୋତେ ତପ୍ତପୋଷ ଖଟରେ ବସାଇ ବହେ ନାଚିଲେ ସେମାନଙ୍କ ଆଦିବାସୀ ଗୀତ ସହିତ ଏବଂ ପାଉଣା ସ୍ୱରୂପ ତିନିଶତ ଟଙ୍କା ସୁବଳ ହାତରେ ଧରାଇ ଦେଲି । ସେ ତାହା 'ଜାନି' ହାତକୁ ବଢ଼ାଇ ଦେଲା । ପୋଢ଼ ପର୍ବ, ନୂଆଖାଇ ପର୍ବ ପରି ସେମାନେ କାନ୍ଦୁଲ ପର୍ବ, ପୌଷ ପର୍ବ, ମକର ପର୍ବ, ମେରୁ ପର୍ବ, ଦୁରେଇ ପର୍ବ ପାଳନ କରନ୍ତି। ତାହାହିଁ ସେମାନଙ୍କର ମୁଖ୍ୟ ଚିତ୍ତବିନୋଦନ।

ସେମାନଙ୍କ ଗୃହ ଗୁଡ଼ିକ ଲିପା ପୋଛା କରି ପରିଷ୍କାର ରଖିଥା'ନ୍ତି । ଚିତା ପକାଇଥା'ନ୍ତି ହାତୀ, ବାଘ ଓ କୁକୁର ଆଦି ଚିତ୍ରରେ। ଗାଁର ଗୃହଗୁଡ଼ିକ ଭିନ୍ନ ଭିନ୍ନ ନହୋଇ ଏମୁଣ୍ଡରୁ ସେମୁଣ୍ଡ ଯାଏଁ ଗୋଟିଏ ଚାଳଛପର ଛାତ ଏବଂ ଦୁଇ ଘର ମଧ୍ୟରେ ମାଟିକାନ୍ଥ ରଖିଥା'ନ୍ତି ଯାହାକି 'ବସୁଧୈବ କୁଟୁମ୍ବକମ୍'ର ସାର୍ଥକତା ବହନ

Digitized by PPRACHIN, SOA

କରେ । ସମଷ୍ଟିଗତ ଜୀବନ। ସେମାନେ ତେଲ ଦୀପ, ଡିବି, ଲଣ୍ଠନ କ୍ୱଚିତ୍ ଜାଳନ୍ତି । ସାଧାରଣତଃ ରୋଷେଇ ଘରର ଚୂଲି ଆଲୁଅରେ ଚଳପ୍ରଚଳ କରନ୍ତି । ସେମାନେ ପ୍ରାୟତଃ ସନ୍ଧ୍ୟା ପୂର୍ବରୁ ଶୋଇବାକୁ ଚେଷ୍ଟା କରନ୍ତି । ସେମାନେ ଦ୍ରୁତ ଶଯ୍ୟାଗାମୀ ଏବଂ ପ୍ରାତଃ ନିଦ୍ରାତ୍ୟାଗୀ। ଗୃହପାଳିତ ପଶୁମାନଙ୍କୁ ନିଜ ନିଜ ଘରର ଠିକ୍ ସାମ୍ନାରେ ଖୋଲା ଜାଗାରେ ସନ୍ଧ୍ୟାରେ ବାନ୍ଧି ଦିଅନ୍ତି । କୁକୁର ରଖନ୍ତି । ବଣରେ ବୁଲିଲା ବେଳେ କୁକୁର ପାଖେ ପାଖେ ଥାଏ । ଉଭୟ ପୁରୁଷ ଓ ସ୍ତ୍ରୀ ତଥା ପିଲାମାନେ ଘର ବାରଣ୍ଡାରେ ଶୋଇବାକୁ ପସନ୍ଦ କରନ୍ତି । ଏପରିକି ଦମ୍ପତିମାନେ ମଧ୍ୟ ଗୃହରେ ଅନ୍ୟମାନଙ୍କ ସହିତ ବାରଣ୍ଡାରେ ଶୁଅନ୍ତି । ଘରର ପୁରୁଖା ଲୋକଙ୍କୁ ଗୋଟିଏ ଖଟରେ ଶୋଇବାକୁ ଦିଆଯାଏ । ଅନ୍ୟମାନେ ଭୂଇଁରେ ଶୁଅନ୍ତି । କନ୍ଧ ଯେଉଁଦିନ ଯାହା ପାଏ, ତାକୁ ଖାଇଦିଏ । ସଂଚୟର ସଂଜ୍ଞା ଜାଣେ ନାହିଁ ସେ। ସରଳ ସେମାନଙ୍କ ଜୀବନ ପ୍ରଣାଳୀ। ସେଇ ଅକୃତ୍ରିମ ସମାଜ ସହିତ ମୁଁ ମିଶିଛି ।

ସୁବଳ ଯେଉଁଥର ମୋ ପାଖକୁ ରାୟଗଡ଼ା ଆସେ, ଖାଲି ହାତରେ କେବେ ଆସେ ନାହିଁ । କେତେବେଳେ କୁକୁଡ଼ା ଗୋଟେ ଦି'ଟା ତ ଆଉ କେତେବେଳେ ଛଗଲି ମାଂସ, ମହୁ, କାନ୍ଦୁଲ ଇତ୍ୟାଦି । ପଇସା ଦେଲେ ନିଏ ନାହିଁ । ମୁଁ ଦ୍ରବ୍ୟ ଆକାରରେ ଯଥା ନୂଆ ପ୍ୟାଣ୍ଟ, ସାର୍ଟ, ଗଞ୍ଜି, ଗାମୁଛା ଆଦି ଦେଇଥାଏ । ସେ ମନା କରିପାରେ ନାହିଁ ।

ଆଶ୍ଚର୍ଯ୍ୟର କଥା, ସୁବଳ ବିବାହିତ ବ୍ରହ୍ମଚାରୀ, ହୁଏତ ଏକ ପ୍ରକାର ବିପତ୍ନୀକ ବା ବିବାହ ବିଚ୍ଛେଦୀ । ଜଣେ ସୁନ୍ଦରୀ ଟୋକ୍‌ଲି 'ସୁନ୍‌କି', ପୋଡ଼ ପର୍ବରେ ତା' ଠାରୁ ଲିଆଖଜା ଗ୍ରହଣ କରିଥିଲା । ନାଡ଼ି (ନିଆଁ)କୁ ସାକ୍ଷୀରଖି ସେମାନେ ବାହାହେଲେ । କିନ୍ତୁ ସେମାନଙ୍କ ବାହାଘର ତିଷ୍ଠିଲା ମାତ୍ର ବର୍ଷଟିଏ । ସେ ତାକୁ ଶାଢ଼ି ପିନ୍ଧା ଶିଖାଇଲା, ସଲୱାର ପଞ୍ଜାବୀ ପିନ୍ଧାଇଲା । ହେଲେ ତା'ର ଆଗ୍ରହ ନଥିଲା ସେଥିରେ। ତହିଁ ବର୍ଷ ପୋଡ଼ ପର୍ବରେ ସେ ଆଉ ଜଣେ ଧାଙ୍ଗଡ଼ା ହାତରୁ ଲିଆଖଜା କନ୍ଦମୂଳ ଗ୍ରହଣ କରି ତା' ହାତ ଧରିଲା, ବାହା ହୋଇଗଲା ତାକୁ ଏବଂ ତା ସାଙ୍ଗରେ ପାଖ ଗାଁ ଧର୍ସିରେ ରହିଲା । କନ୍ଧମାନଙ୍କ ଏହିପରି ବିବାହ ଓ ଛାଡ଼ପତ୍ର ସାଧାରଣ କଥା। କିନ୍ତୁ ସୁବଳ ଭୋଇ ଆଉ କେବେ ବାହା ନହେବାକୁ ସ୍ଥିର କରିନେଲା। ଏକ ଭିନ୍ନ ସ୍ୱଭାବର କନ୍ଧ ମଣିଷଟିଏ। ତା' ବୁଆ(ବାପା) ଯେତେ ଲଗାଇଲେ ମଧ୍ୟ ରାଜି ହେଲା ନାହିଁ ଆଉଥରେ ବାହା ହେବା ପାଇଁ। ବୁଆ ମଲା, ସେ ଅବିବାହିତ ହୋଇ ରହିଲା। ପଚାରିଲି -ସୁବଳ କାହିଁକି ବାହା ହେଲ ନାହିଁ ଆଉଥରେ? କହିଲା, ସେ ସଂସାର ଜାଲରେ ବନ୍ଧା ପଡ଼ିବା ପାଇଁ ଇଚ୍ଛା ଆଉ ନାହିଁ ତା'ର। ଏବେ ତା'ର

Digitized by PPRACHIN, SOA

ବନ୍ଧନମୁକ୍ତ ଜୀବନ। କ'ଣ ଦରକାର ଜଣେ ମଣିଷ ପାଇଁ? ଏ ଜଙ୍ଗଲ ଯଥେଷ୍ଟ। ଜଙ୍ଗଲ ଭଲ ତ ସେ ଭଲ, ଜୀବିକାର୍ଜନରେ ଅସୁବିଧା ହେଉନାହିଁ। ବିଲାମାଳରେ କୁଟିଆ କନ୍ଧ ଡେଭଲପ୍‌ମେଣ୍ଟ ଏଜେନ୍‌ସି (କେ.କେ.ଡି.ଏ) ଦ୍ୱାରା ନିର୍ମିତ ମାଇନର ସ୍କୁଲରେ ପାଠପଢି ମାଇନର ପାସ୍ କରିଛି। ଭଲ ପାଠ ପଢୁଥିଲା। ସମସ୍ତଙ୍କର ଶ୍ରଦ୍ଧାଭାଜନ ହୋଇପାରିଥିଲା। ଆର୍ଥିକ ଅସୁବିଧା ଯୋଗୁଁ ଅଧିକ ପାଠ ପଢିବା ତା ପକ୍ଷେ ସମ୍ଭବ ହୋଇ ପାରି ନଥିଲା। ଅଞ୍ଚଳର ପର୍ବପର୍ବାଣିରେ ମନପ୍ରାଣ ଦେଇ ସକ୍ରିୟ ସହଯୋଗ କରେ। ଗାଁ ମୁଖିଆ ଜାନୀ, ଦିଶାରୀ, ସାମନ୍ତ, ବାରିକ ସହିତ ସୁସମ୍ପର୍କ ରଖିଥାଏ। ସାହୁକାର ମହାଜନ ନିକଟରୁ କନ୍ଧମାନଙ୍କ ପାଇଁ ଋଣ ବ୍ୟବସ୍ଥା କରିଦେବା ଓ ସେମାନଙ୍କ ଜିନିଷ କିଣାବିକା କରିବାରେ ସାହାଯ୍ୟ କରିଥାଏ ଏବଂ ପୁନଶ୍ଚ ସୁଧ ସହିତ ମୂଳଟଙ୍କା ଫେରସ୍ତ ଦେଇଥାଏ ସାହୁକାରକୁ।

କଥାବାର୍ତ୍ତା ଅବସରରେ ପଚାରିଲି - ସୁବଳ, ତମେ ସୁନ୍‌କିକୁ ଆଉ କେବେ ଭେଟି ନାହିଁ ?

ସେ କହିଲା - ହଁ, ଅନେକ ଥର। ଆମ ଗାଁ ପାଖ 'ଧୁର୍ସି'ରେ ତା ସ୍ୱାମୀ ସୁରିଆ ସହିତ ରହୁଛି।

"ତୁମର ପ୍ରତିକ୍ରିୟା କି ଈର୍ଷା ହୁଏ ନାହିଁ ?"

ସରଳଭାବେ ସେ କହିଲା - "ଈର୍ଷା କାହିଁକି ହେବ ?

ଯାହାକୁ ଯିଏ ଭଲ ପାଇଲା, ରସିଲା, ସେଥିରେ ଦୁଃଖ କରିବାର କ'ଣ ଅଛି? ଆମ ଜାତିରେ ଏମିତି ବିବାହ ପ୍ରଥା ରହିଛି। ସୁନ୍‌କିକୁ ମୋର ଢଙ୍ଗଢାଙ୍ଗ ଚାଲିଚଳନ ଭଲ ଲାଗିଲା ନାହିଁ। ଶାଢ଼ି ପିନ୍ଧା, ସଲୱାର ପଞ୍ଜାବି ପିନ୍ଧା ତାକୁ ସୁଖ ଲାଗିଲା ନାହିଁ। ସେ ଇଛା କଲା ଡଙ୍ଗର ଜଙ୍ଗଲ ବୁଲା, ତା ମୁକ୍ତ ଜୀବନ। ମୋର ଆପତ୍ତି କରିବାର କ'ଣ ଅଛି ? କିନ୍ତୁ ସାହେବ, ସେ ଓ ତା ସ୍ୱାମୀ ସୁରିଆ ଏବେ ଖୁବ୍ ଦୁଃଖରେ ଅଛନ୍ତି।"

-"କାହିଁକି ?"

- "ସୁନ୍‌କି ଭାରି କାମିକା କନ୍ଧୁଣୀ। ଖଣ୍ଡମଣ୍ଡଳ ଜଙ୍ଗଲରୁ ଫୁଲଝାଡୁ (ସେରି) ଦି'ଦିନ ସଂଗ୍ରହ କରେ। ଫୁଲଝାଡୁ ବାନ୍ଧି ବୁଲିବୁଲି ହାଟରେ ବିକ୍ରି କରେ। ତା ଫୁଲଝାଡୁ ଉପରେ ସରକାରଙ୍କ ନଜର ପଡିଲା। ଶୁଣିଲୁ, ଟି.ଡି.ସି.ସି. (ଟ୍ରାଇବାଲ ଡେଭଲପ୍‌ମେଣ୍ଟ୍ କର୍ପୋରେସନ) ଏବଂ ଆଇ.ଟି.ଡି.ଏ. (ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା) କର୍ମଚାରୀମାନେ ସୁନ୍‌କିକୁ ତାଗିଦ୍ କଲେ। ବନ ବିଭାଗ ଫୁଲଝାଡୁ ସଂଗ୍ରହ ଓ ବିକ୍ରୟ ଉପରେ କଟକଣା ଜାରି କରିଛନ୍ତି। ସେମାନଙ୍କ ଛଡ଼ା ଅନ୍ୟ ଆଉ କିଏ ଜଙ୍ଗଲରୁ ଫୁଲଝାଡୁ ସଂଗ୍ରହ କରି ପାରିବେ ନାହିଁ। ସୁରିଆ ସବୁବେଳେ ସଲପ ମଦ

Digitized by PPRACHIN, SOA

ପିଇ ଚୁର୍ ହୋଇ ରହେ। ସରକାରୀ କର୍ମଚାରୀମାନଙ୍କୁ ଗାଳିଗୁଲଜ କଲା, ଶୋଧିଲା; ଟାଙ୍ଗିଆ ଧରି ମାରିବାକୁ ଗୋଡ଼ାଇଲା। କହିଲା, ଏ ଜଙ୍ଗଲ ତାଙ୍କର, ଭଗବାଁଙ୍କର ବନ, ଲଟା, ପାହାଡ ସବୁ ଝିଙ୍କାରୀ ଦେବୀଙ୍କର। ଏମାନେ କିଏ ? ଆମେ ଫୁଲଝାଡୁ ବିକିମୁ, ଆଉ ଆମକୁ ଯିଏ ବନ୍ଦ କରିବ ତାକୁ ହାଣିମୁ। ସୁନ୍‌କି ତା ଝାଡୁ ସଂଗ୍ରହ ଓ ବିକା କାମ କାହାକୁ ନମାନି ଚାଲୁ ରଖିଲା। ଧୁର୍ସି ଗାଁର ଅଧେ ଘର ତା'ର। ଘରେ ଫୁଲଝାଡୁ ଟ୍ରକ୍ ଟ୍ରକ୍ ଗଦେଇ ରଖିଲା। ଗାଁ ଲୋକେ ସୁରିଆକୁ ଡରନ୍ତି। ସେ କାହାକୁ ଜଙ୍ଗଲରୁ ଫୁଲଝାଡୁ କାଟିବାକୁ ଦେଲା ନାହିଁ। ଦିନେ ଦେଖୁଁ, ବନଖଣ୍ଡ ଅଧିକାରୀ, ପୁଲିସ ଫଉଜ, ମାଜିଷ୍ଟ୍ରେଟ୍ ବାବୁମାନେ ସଦଳବଳ ସୁନ୍‌କି ଘରକୁ ଚଢ଼ଉ କଲେ। ପୁଲିସ୍ ଦଳ ହାତରେ ଲାଠି, ବନ୍ଧୁକ। ସୁନ୍‌କିର ଯେତେ ଫୁଲଝାଡୁ ଥିଲା, ସବୁତିକ ଟ୍ରକ୍‌ରେ ଲଦି ମୁନିଗୁଡା ଟି.ଡି.ସି.ସି. ଗୋଦାମକୁ ନେଇଗଲେ। ସୁନ୍‌କି ଓ ସୁରିଆକୁ ଥାନା ହାଜତକୁ ନେଇଗଲେ। ସେଇ ଦିନଠୁଁ ସୁନ୍‌କିର ବେପାର ବନ୍ଦ। ବିଚାରୀ।।

ଏଭଳି ଏକ ସମ୍ବେଦନଶୀଳ ସମ୍ବାଦ ଖବରକାଗଜରେ ପ୍ରକାଶ ପାଇଥିଲା, ମୁଁ ପଢ଼ି ଦୁଃଖିତ ହୋଇଥିଲି। ତେବେ ଧୁର୍ସି ଆଦିବାସୀ ଗାଁର ସୁବଳର ପୂର୍ବତନ ସ୍ତ୍ରୀ ସୁନ୍‌କି ଏହାର ଶିକାର ହୋଇଛି ବୋଲି ଏବେ ଜାଣିଲି। ଅନୁଭବ କଲି, କେବଳ ଆଦିବାସୀଙ୍କ ଉନ୍ନତି ପାଇଁ କର୍ତ୍ତୃପକ୍ଷ ଓ ସରକାର କୁମ୍ଭୀର କାନ୍ଦଣା କାନ୍ଦି ଢେଙ୍ଗୁରା ପିଟିଲେ ଉଦ୍ଦେଶ୍ୟ ସଫଳ ହୁଏ ନାହିଁ। ଆଇନ୍ ବାସ୍ତବବାଦୀ ହେବା ଆବଶ୍ୟକ। ଆଦିବାସୀ ବିଭାଗ ପ୍ରଶାସକଙ୍କ ଏତାଦୃଶ କାର୍ଯ୍ୟକ୍ରମ ପରେ ଖୁବ୍ ତୁମ୍ଭିତୁଫାନ କରିଥିଲା ଅବଶ୍ୟ। କିନ୍ତୁ ତୋଫାନର ଆୟୁ କେତେ ? ସମୟକ୍ରମେ ଆକାଶରୁ ବାଦଲ ହଟିଗଲେ ଝଡ଼ ତୋଫାନ ଶିଥିଳ ହୋଇଯାଏ। ସୁବଳ କହିଲା, ସରକାର ବଡ଼ଲୋକ। ବଡ଼ଲୋକଙ୍କୁ ଉତ୍ତର ନଥାଏ। ମୁଣ୍ଡପାତି ସହିବା ସବୁଠୁଁ ଭଲ କାମ। ସୁବଳର ମନୋବୃତ୍ତିକୁ ମନେ ମନେ ତାରିଫ କଲି। ତା ସହନଶୀଳ ପ୍ରକୃତି ମୋ ମନରେ ରେଖାପାତ କଲା।

ସୁବଳ କହେ, ଅନ୍ଧ ସନ୍ଥକବି ଭୀମ ଭୋଇ ତାଙ୍କ ଜାତିର ମଣିଷ, ସେ ତାଙ୍କ ପୂର୍ବପୁରୁଷ, ଆଦର୍ଶ । ତାଙ୍କର ସଂସାର ନଥିଲା । ଭୀମ ଭୋଇ ଜଣେ ମହାପ୍ରୁ । ତାଙ୍କ ରଚିତ ଭକ୍ତି କବିତା ମୁଖସ୍ତ କରିଛି ସେ –

'ପ୍ରାଣୀଙ୍କ ଆରତ ଦୁଃଖ ଅପ୍ରମିତ,
ଦେଖୁ ଦେଖୁ କେବା ସହୁ,
ମୋ ଜୀବନ ପଛେ ନର୍କେ ପଡ଼ିଥାଉ,
ଜଗତ ଉଦ୍ଧାର ହେଉ ।'

Digitized by PPRACHIN, SOA

ସୁବଳର କବିତାପ୍ରବଣତା ମୋତେ ଆଶ୍ଚର୍ଯ୍ୟ କରିଦିଏ । ସୁନ୍ଦର ହସ୍ତାକ୍ଷରରେ କବିତା ଲେଖିପାରେ । ଏମିତି ଥରେ ସୁନ୍‌କିକୁ ବାହା ହେଲାପରେ କୁଇ ଓଡ଼ିଆ ମିଶା ଛନ୍ଦ, ଲୟ, ଯତିପାତ ପକାଇ ସୁନ୍ଦର କବିତାଟିଏ ଲେଖିଥିଲା ଏବଂ ତାହା ମୋତେ ପଢ଼ି ଶୁଣାଇଥିଲା -

"ଏତେର୍ ମେତେର୍ ଝାକର ଝାଏଁ
ହାଟ ଫେରନ୍ତା ବାଟରେ ନାଏଁ ।
ଆ'ଯିବା ଝୋଲାର୍ କୂଳେ,
ବସ୍‌ବା ଯାଇଁ ଡଙ୍ଗର ତଳେ ।
ବନ୍ ଭିତରେ ଜଳିବ ନିଆଁ,
ଉଠିବ ନାଇଁ ଧୂଆଁ ।
ନଥିବ ଲାଜ୍, ନଥିବ ଡର୍,
ନଥିବ ସୋରୁଭାଏ (ଗାଁଲୋକ)
ଘେନାଘେନି, ଘିଚାଘିଚି, ଅବରା ଆବରି
କେହି ଦେଖିବେ ନାଏଁ ।
ଏତେର୍ ମେତେର୍ ଝାକର୍ ଝାଏଁ
ହାଟ୍ ଫେରନ୍ତା ବାଟରେ ନାଏଁ ।
ଧାଙ୍ଗ୍ରା ଧାଙ୍ଗ୍ରୀ ନାଚରେ ଆଏ
ମନର ତାତି ଛୁଇଁଲା କାଏଁ ।
କାଳା ବିଟ୍ ବିଟ୍ ବନୁଆ ରାତି,
ସକାଲ୍ ହେଲାରୁ ଫିଟିଲା ଛାତି ।
କେତେ କାଲ୍‌ରୁ ଉଠିଲା ନିଆଁ
ଜଗତ ଦେଖଲା ସୂରୁଜ ପୁଆଁ ।
ଲାଜେଇ ଗଲା ସୁନ୍‌କି ସୁନ୍ଦରୀ
କୋଲ୍‌ରେ ଧରି କଲା ହୁନ୍ଦରୀ ।
ପରଦେଶିଆ ଗୀତ ଗାଇଲା,
ମନରେ ତା'ର ସୁର୍ ମୋହିଲା ।

ସୁନ୍‌କିର ଚିତ୍ର
ଚିତ୍ରକର: ସୁବଳ

Digitized by PPRACHIN, SOA

ଆସରେ ଆସ୍ ନାଚୁଣୀ ମାଈ
ପାହାଡ଼ ତଳେ ବସିମାଁ ଯାଇଁ ।
ନଥିବ ଲାଜ୍, ନଥିବ ଡ଼ର୍, ନଥିବ ସୋରୁଭାଇ
ଘେନାଘେନି, ଘିଚା ଘିଚି, କେହି ଦେଖିବେ ନାଇଁ ।"

ସୁନ୍ଦିର ଚିତ୍ର
ଚିତ୍ରକର: ସୁବଳ୍

ବାଃ, ଚମତ୍କୃତ ହେଲି ମୁଁ । ତା'ର କବିତାପ୍ରବଣତାରେ ମୁଗ୍ଧହେଲି । ଉକ୍ତ କବିତାକୁ ସଂଶୋଧିତ କରି କୌଣସି ପତ୍ର ପତ୍ରିକାରେ ଛାପିବାକୁ ଅନୁରୋଧ କରିଥିଲା ସୁବଳ । କିନ୍ତୁ ଦେଶୀଭାଷା ମିଶା ତା କବିତା ପଂକ୍ତିରେ ହାତମାରିବାକୁ ମୋର ସାହସ ଅଣ୍ଟିନଥିଲା । ମୁଁ ବା କେଉଁ ପଣ୍ଡିତ। ମୋର ଅସମର୍ଥତା ପ୍ରକାଶ କରିଥିଲି ମନେ ମନେ। ସୁବଳ କହିଲା, ଆମର ସମଗ୍ର ଉତ୍ତର ପଶ୍ଚିମ ଓଡ଼ିଶାରେ ଗାଁଠାରୁ ସହର ପର୍ଯ୍ୟନ୍ତ ନୂଆଖାଇ ପର୍ବ ଅତୀବ ଆନନ୍ଦ ଉଲ୍ଲାସରେ, ଧନୀଠୁଁ ଗରିବ ପର୍ଯ୍ୟନ୍ତ ପାଳନ କରନ୍ତି। ଶୁଣିବେ ସାହେବ ଆମ ନୂଆଖାଇ ଗୀତ ? ମୁଁ ଚକିତ ଚିତ୍ତରେ ଆକର୍ଷ ଶୁଣିଲି :-

"ନୂଆଖାଇ ଥିଁ ନୂଆଖାଇ,
ଗଙ୍ଗା ଯମୁନା ଯାଉ ବୁହି।
ନୂଆ ପାଏନ୍ ନୂଆ ରଙ୍ଗ,
ନୂଆ ଜୀବନ୍ ନୂଆ ଡଙ୍ଗ୍।
ସରଗ ଶଶେଁ ପ୍ରେମ୍ ଲହରୀ,
ବାହାର୍ ଭିତର ଯାଉ ଭରି।
ଲହଡ଼ି ମାରି ସବୁ ଦୁଃଖ,
ଉଝାଲ ମାରି ଆସୁ ସୁଖ।
ମିଳନ୍ ଡଙ୍ଗା ଯାଉ ଭାସି,
ଫୁଲଟେ ଫୁଟୁ ବାରମାସୀ।
ନୂଆଖାଇ ଭେଟ୍‌ଭାଟ୍
ସରବେ ମୁଣ୍ଡେ ସୁଖର ଥାଟ୍।"

Digitized by PPRACHIN, SOA

କେବଳ କବିତାପ୍ରବଣତା ନଥିଲା ସୁବଳର। ଡଟ୍‌ପେନ୍ ଧରି ଧଳା ସାଧା କାଗଜ ଉପରେ ଜଣେ ପୋଖତ କଳାକାର ଭଳି ସୁନ୍‌କିର ଚିତ୍ର ନିଖୁଣ ଭାବେ ଆଙ୍କିଥିଲା ଓ ତାକୁ ସ୍ମୃତି ସକାଶ ସବୁଦିନ ପାଇଁ ସାଇତି ରଖିଥିଲା। ସେ ତା'ର ତିନୋଟି ଅଙ୍କିତ ଫଟୋଚିତ୍ର ମୋତେ ଦେଇଥିଲା। ମୁଁ ଚମତ୍କୃତ ହୋଇଥିଲି। ଲୋକଟିର ଏତେ ପୁଣି ବିଭୁଦର କଳା ଗୁଣ! ସୁବଳକୁ ଏକ ବଣମଲ୍ଲୀର ଆଖ୍ୟା ଦିଆଯାଇପାରେ। ସୁଯୋଗ ସୁବିଧା ଅଭାବରେ ସିନା ଏମିତି ଅଗଣିତ ପ୍ରତିଭା ବଣରେ ଫୁଟି ଝଡିପଡୁଛନ୍ତି!

ତେବେ ଯାହାହେଉ, ସେଇ ସୁଖପାଠ୍ୟ କବିତା ଏବଂ ତା'ଦ୍ୱାରା ଅଙ୍କିତ ସୁନ୍‌କିର ଫଟୋ ମୋର ଏହି ବହିରେ ସ୍ଥାନିତ ହୋଇପାରିଥିବାରୁ ମୁଁ ଋଣମୁକ୍ତ ଅନୁଭବ କରୁଛି । ଆଦର୍ଶବାଦୀ ସଂସ୍କାରିତ ସୁବଳ । ମୋ ସଂସ୍ପର୍ଶ ଓ ସାନ୍ନିଧରେ ଆସି ତା'ର ଓଡ଼ିଆ ଜ୍ଞାନ ବଢ଼ିଛି, ଅନୁଭବ କଲି । ମୋଠୁଁ ବହି ପତ୍ରିକା ନେଇ ପଢେ। ସେ ଶୁଦ୍ଧ ଓଡ଼ିଆ ଶିଖି ପାରିଲା, କିନ୍ତୁ ମୁଁ ଅପଗଣ୍ଡ କୁଇ ଭାଷା ଭଲଭାବେ ଶିକ୍ଷା କରିପାରିଲି ନାହିଁ- ରହିଗଲା ମୋର ଅବଶୋଷ। ଅଧାପନ୍ତରିଆ କୁଇଭାଷା ଶିକ୍ଷା ମୋର । ଏଣୁ ସୁବଳକୁ ସାବାସ କଲି ତା'ର ଶିଖିବାର ମନୋବୃତ୍ତି ସକାଶେ। ତା ବିଷୟରେ ଲେଖିଲେ ଆଉ ଗୋଟିଏ ଗ୍ରନ୍ଥ ହେବ ପରା !

•••

Digitized by PPRACHIN, SOA

– ୩ –

କୁଆଁରମୁଣ୍ଡା ଗାଁ ବୁଲାଣିଠାରୁ ଠିକ୍ ୫ କି.ମି. ବାଦେ ପର୍ବତର ପାଦ ଦେଶରେ ଟ୍ରେଞ୍ଚ୍ ଅନ୍ୟୂନ ୮ ଫୁଟ୍ ଗଭୀର ଓ ୧୦ଫୁଟ୍ ଓସାରରେ ଖୋଳା ଯାଇଅଛି ହାତୀମାନଙ୍କ ସକାଶେ । ବେଲ୍‌ଘର ଅଭୟାରଣ୍ୟ ହାତୀମାନଙ୍କ ଅଭୟ ଆଶ୍ରୟସ୍ଥଳୀ, ହାତୀମାନେ ଦଳ ଦଳ ହୋଇ ଜନପଦକୁ ଚାଲି ଆସନ୍ତି ଜଳ ଓ ଖାଦ୍ୟ ଅନ୍ୱେଷଣରେ । କେବଳ ଶସ୍ୟ ଖାଆନ୍ତି ନାହିଁ, ଅନେକ ନଷ୍ଟ କରନ୍ତି ଦଳି ଚକଟି, ବହୁ ଉତ୍ପାତ କରନ୍ତି, ଅତିଷ୍ଠ ଅତ୍ୟାଚାର ମଧ୍ୟ କରନ୍ତି । ଏଣୁ ଅରଣ୍ୟର ଚତୁର୍ଦ୍ଦିଗରେ ଲକ୍ଷ୍ମଣରେଖା ଭଳି ଗଭୀର ଟ୍ରେଞ୍ଚ୍ ଖୋଳା ଯାଇଛି ଯେମିତି ତାକୁ ଅତିକ୍ରମ କରି ହାତୀମାନେ ଜନବସତିକୁ ଆସି ନପାରିବେ । ପିତାପଲ୍ଲୀଠାରେ ଲଘୁଯାନ ଓ ଭାରିଯାନ ଅଭୟାରଣ୍ୟ ଭିତରକୁ ଯା'ଆସ କରିବା ପାଇଁ କାଠ ନିର୍ମିତ ଅସ୍ଥାୟୀ ପୋଲ ନିର୍ମାଣ କରାଯାଇଛି । ଯାନ ଅତିକ୍ରମ ଅନ୍ତେ କାଠ ପଟାକୁ ଉଠାଇ ଦିଆହୁଏ, କାରଣ ଚାଲାକ ହାତୀଦଳ ପଟାପୋଲ ଉପର ଦେଇ ଅନାୟାସରେ ଜନବସତିକୁ ପଶି ଆସନ୍ତି । ପାର୍ବତ୍ୟ ଅରଣ୍ୟର ଏହି ପ୍ରବେଶଦ୍ୱାର ପିତାପଲ୍ଲୀ ପଟାପୋଲ ପାଖରେ କିଛି ସମୟ ଅଟକିବାକୁ ପଡ଼େ । ଗାଡ଼ି ଛିଡ଼ା ହୁଏ । କାଠପଟା ଗୁଡିକର ସ୍ଥାନାନ୍ତରୀକରଣ ଓ ଗାଡି ଅତିକ୍ରମ କଲାପରେ ପୁନଃସ୍ଥାପନ ପାଇଁ କିଛି ସମୟ ଲାଗେ । ସେଥିପାଇଁ ଏଠି ଚା' ପାନର ବିରତି ବେଳ । ଏଠାରେ ଲଘୁ ନିତ୍ୟକର୍ମାଦି ଶେଷ କରି ପୁଣି ଗାଡ଼ି ଷ୍ଟାର୍ଟ କରିବାକୁ ହୁଏ । ବାଟରେ ଆଉ କେଉଁଠି ରହିବା ଅନୁଚିତ, କାରଣ ଅଞ୍ଚଳଟି ହିଂସ୍ର ଜନ୍ତୁବହୁଳ, ବିପଦପୂର୍ଣ୍ଣ । ସମସ୍ତଙ୍କ ପାଇଁ ଏହା ଏକ ଦୁଃସାହସିକ ଅଭିଯାନ, କିନ୍ତୁ ମୋ ପାଇଁ ନୂଆ ନୁହେଁ ଆଦୌ । ମୁଁ ଉଲ୍ଲସିତ ପ୍ରଫୁଲ୍ଲିତ ଥାଏ ଯେମିତି ମୁଁ ସହରରୁ ମୋ ଗାଁକୁ ଫେରୁଛି ! ତେବେ ବିପଦସଙ୍କୁଳ ରାସ୍ତା ଆରମ୍ଭ ହେବାରୁ ମୁଁ ମୁଣ୍ଡରେ ହେଡ୍ ଲାଇଟ୍ ଲଗାଇଲି ଏବଂ ମୋ ଦ୍ୱିନଳିଆ .୩୭୫ ରେମିଙ୍ଗଟନ୍ ରାଇଫଲ୍‌କୁ ସଜାଗତେ ହାତରେ ଧରିଲି । ରାଇଫଲ୍‌ଟିରୁ ଅଟୋମେଟିକ୍ ମେସିନ୍‌ଗନ ଭଳି ଉପର୍ଯ୍ୟପରି ଗୁଳି ନିକ୍ଷେପ କରାଯାଇ ପାରିବ ।

Digitized by PPRACHIN, SOA

ସ୍ତର ସ୍ତର ପାହାଡ଼ ଉପରକୁ ଉଠି ପୁଣି ତଳକୁ ଖସି ଯାନାଭିଯାନ ଅବ୍ୟାହତ ରଖିଥାଉଁ । ଖାଲଢ଼ିପ ରାସ୍ତା । କମାଣ୍ଡର ଜିପ୍‌ର ପାଲଛାତକୁ ଖୋଲି ଦେଇ ମୁଁ ଛିଡ଼ାହୋଇଥାଏ ସତର୍କତାର ସହିତ । ରାସ୍ତାର ଉଭୟ ପାର୍ଶ୍ୱକୁ ହେଡ୍‌ଲାଇଟ୍ ପକାଇ ଦେଖିବା ସୁବିଧା ହେଉଥାଏ । ରାତିର ଅନ୍ଧକାର ଘନେଇ ଆସୁଛି । ଆକାଶର କଳାପଟାରେ ତରା ଗୁଡିକର ଶ୍ୱେତଶୁଭ୍ର ତରାଟ ଟଗର ଫୁଲର ଆଖି ମିଟିମିଟିକା ଆଟ ।

ଠିକ୍ ଆମ ଜିପ୍ ଆଗରେ ମହାବଳ ବାଘଟେ ରାସ୍ତା କାଟି ପଳାଇଗଲା ଓ ବଣ ଭିତରେ ଲୁଚିଗଲା । 'ହେଇ ବାଘ, ହେଇ ବାଘ' କହି ସମସ୍ତେ ଉଲ୍ଲସିତ ହେଲେ । ମୋହନ ବାବୁତ ସଦର୍ପେ ଛିଡ଼ା ହୋଇଛନ୍ତି ମାରଣାସ୍ତ୍ର ସହିତ, ଭୟ କ'ଣ ? ସମସ୍ତଙ୍କର ସଦମ୍ଭ ବିଶ୍ୱାସ । ଆଗରେ ଆଉ ଗୋଟିଏ ପାହାଡ଼ ରାସ୍ତା ଉଠିବା ପରେ ଗଡ଼ାଣି ରାସ୍ତାରେ ମୋ ଉଜ୍ଜ୍ୱଳ ହେଡ୍‌ଲାଇଟ୍ ଓ ଜିପ୍‌ର ଆଗ ଲାଇଟ୍ ପଡ଼ିଲା ସମ୍ମୁଖ ମୋରମ ରାସ୍ତାରେ ଛିଡ଼ାହୋଇ ଶୁଣ୍ଢ ହଲାଉଥିବା ଦଳେ ହାତୀଙ୍କ ଉପରେ । କଳା ମଚମଚ ସୁବୃହତ୍ ଶରୀରଗୁଡ଼ିଏ । ସେମାନେ ରାସ୍ତା ଅବରୋଧ କରିଛନ୍ତି ଧର୍ମଘଟ କଲାଭଳି । ସେମାନଙ୍କୁ ଅତିକ୍ରମ କରି ଆଗକୁ ଯିବା ସମ୍ଭବ ନୁହେଁ ଆଦୌ । ଗାଡ଼ି ଷ୍ଟାର୍ଟରଖି ଗତି ସ୍ଥିରକଲୁ । ପାଦରେ ବ୍ରେକ୍‌କୁ ଦୃଢ଼ କରି ଚିପି ରଖିଲା ଡ୍ରାଇଭର । ଗାଡ଼ି ଆଗକୁ ଗଡ଼ିବା ବିପଦ । ମୋ ହେଡ୍ ଲାଇଟ୍ ଓ ଜିପ୍ ଆଗ ଲାଇଟକୁ ସହସା ବନ୍ଦ କରିଦେଲୁ । କେବଳ ଜଳି ରହିଲା ଗାଡ଼ିର ପାର୍କିଂ ଲାଇଟ୍ ।

ସୁବଳକୁ ପଚାରିଲି - ଏ ଅଭୟାରଣ୍ୟରେ କେତେ ହାତୀ ଅଛନ୍ତି ?

- " ଠିକ୍ ଭାବେ କହି ପାରିବିନି ସାହେବ । କିନ୍ତୁ ଅଛନ୍ତି ବହୁତ । ଦଳ ଦଳ ହୋଇ ବୁଲୁଛନ୍ତି । ପ୍ରତି ଦଳରେ ଦନ୍ତାହାତୀ ମୁରବୀ । ସେମାନେ ନିଜ ନିଜ ଇଲାକା ବାଛି ନେଇଛନ୍ତି । ଦନ୍ତାହାତୀ ବହୁପତ୍ନୀକ । ସ୍ତ୍ରୀ ଝିଅ ପିଲା ଧରି ସପରିବାର ରହୁଛନ୍ତି । ଦନ୍ତା ଅନ୍ୟ ଦଳକୁ ଯାଏ ନାହିଁ, ଗଲେ ଯୁଦ୍ଧ ହୁଏ । ଯୁଦ୍ଧରେ ଦୁର୍ବଳ ବୁଢ଼ା ଦନ୍ତା ତଡ଼ାଖାଏ ବା କ୍ଷତ ବିକ୍ଷତ ହୋଇ ମରିଯାଏ ।"

ପଚାରିଲି, "ସେମାନେ ତୁମର କିଛି କ୍ଷତି କରନ୍ତି ନାହିଁ ?"

"ନାହିଁ, ସେମାନେ ଆମର ଚିହ୍ନା । ଅଧିକାଂଶ ଦିନ ଦିନରେ ଭେଟୁ । ଆମେ ସିନା ସେମାନଙ୍କର କ୍ଷତିକଲେ ସେମାନେ ଆମର କ୍ଷତି କରିବେ ।"

ସୁବଳକୁ କହିଲି, ସେମାନେ ରାସ୍ତା ଓଗାଳିଛନ୍ତି, ବାଟରୁ ଉଠୁ ନାହାନ୍ତି । କ'ଣ କରାଯିବ ?

Digitized by PPRACHIN, SOA

ସୁବଳ କହିଲା - ବ୍ୟସ୍ତ ହୁଅନ୍ତୁ ନାହିଁ ସାହେବ । କିଛି ସମୟ ପରେ ସେମାନେ ଆପେ ଚାଲିଯିବେ। ରାସ୍ତା ଦେଇ ଆମେମାନେ ଯିବୁ ବୋଲି ସେମାନେ ଜାଣି ସାରିଲେଣି।

-"ତମେ କେମିତି ଜାଣିଲ ?"

-"ମୋର ଅଭିଜ୍ଞତା ଅଛି। ମଣିଷମାନଙ୍କୁ ଦେଖିଲେ ସେମାନେ ଆପେ ଆପେ ଦୂରେଇ ଯାଆନ୍ତି। ବଡ଼ ଜାଣିପାରିଲା ଜନ୍ତୁ ଏମାନେ।"

ସୁବଳ ଖୋଲା ଜିପ୍‌ରୁ ଓହ୍ଲାଇ ଯାଇ ପାଖରେ ପଡ଼ିଥିବା ଶୁଖିଲା ଡାଳକାଠ ପତ୍ର ଠୁଳ କରି ସେଥିରେ ନିଆଁ ଲଗାଇ ପୁନଶ୍ଚ ଜିପ୍‌କୁ ଉଠି ଆସିଲା। ନିଆଁ ଜଳିଲା ହୁତ୍‌ହୁତ୍। ମାଷ୍ଟ୍ରେ ପିଲାକୁ ପଚାରିଲା ପରି ମୁଁ ସୁବଳକୁ ପଚାରିଲି- "ଏମିତି ନିଆଁ କାହିଁକି ଜାଳିଲ ସୁବଳ ?"

"ସେମାନେ ନିଆଁ ପାଖକୁ ଆସନ୍ତି ନାହିଁ । ନିଆଁ ହୁଳାକୁ ଡରନ୍ତି ।"

ସାବାସ୍, ଠିକ୍ ଉତ୍ତର ବୋଲି କହିଲି। ଆମର କିନ୍ତୁ ନ ଯଯୌ ନ ସ୍ତଦୌ ଅବସ୍ଥା। ନା ଆଗକୁ ଯାଇ ପାରୁଛୁ ନା ପଛକୁ ଫେରି ପାରୁଛୁ। କହିଲି- "ସୁବଳ, ଏଠି କେତେ ସମୟ ଅପେକ୍ଷା କରିବା ?"

ସେ କହିଲା - "କିଛି ଠିକ୍ ଠିକଣା ନାହିଁ। କିନ୍ତୁ ସେମାନେ ଅପସରି ଯିବେ ନିଶ୍ଚୟ। ତେବେ ଆମେ ବଡ ପାଟିରେ କଥାଭାଷା ହେବା ଭଲ।"

"କାହିଁକି ?" - ପଚାରିଲି।

"ଆମେ କେତେ ଲୋକ ଅଛୁ ସେମାନେ ଜାଣି ପାରିବେ ଆମ କଥା ଭାଷାରୁ"- କହିଲା ସରଳ ଭାବେ।

ନିଡ଼ରୁଆ ସୁବଳକୁ ପୁନଶ୍ଚ ସାବାସ କଲି। ଜଙ୍ଗଲ ଜ୍ଞାନ ଅଛି ବୋଲି ସାର୍ଟିଫିକେଟ୍ ଦେଲି।

ମୁଁ ସାଙ୍ଗରେ ଗୋଟିଏ ଛୋଟ ଟ୍ରାଞ୍ଜିଷ୍ଟର ରେଡିଓ ନେଇଥାଏ ସମ୍ବାଦ ଶୁଣିବା ପାଇଁ । ମୁଁ ଟ୍ରାଂଜିଷ୍ଟର ଅନ୍ କରିଦେଇ ଏଫ୍.ଏମ୍. ବ୍ୟାଣ୍ଡ ଚାଲୁକରି ଦେଲି ଗୀତ ବାଜିବା ପାଇଁ। ସୁବଳ ବାରଣ କଲା। କହିଲା- "ଗୀତ ବନ୍ଦ କରନ୍ତୁ ଆଜ୍ଞା। ହାତୀମାନେ କାନକୁ ଭଲ ଶୁଭିଲେ ଆଉ ପାଖରୁ ଯିବେ ନାହିଁ। ଗୀତ ହାତୀମାନଙ୍କୁ ଭଲ ଲାଗେ। ବିରକ୍ତ ନକଲେ ସେମାନେ ମୁଣ୍ଡ ଶୁଣ୍ଢ ହଲାଇ ଗୀତସ୍ୱର ଶୁଣନ୍ତି। କୁଲାଭଳି କାନକୁ ଠିଆ କରି ଗୀତ ଶୁଣି ରହିବେ, ପାଖ ଛାଡିବେ ନାହିଁ।

ମୁଁ ରେଡିଓ ବନ୍ଦ କଲି ଏବଂ ପୁନଶ୍ଚ ସୁବଳକୁ ସାବାସ କଲି । ତା ପିଠି ଥାପୁଡ଼ାଇ ତାରିଫ୍ କଲି, ସ୍ୱୀକାର କଲି ତା ଅଭିଜ୍ଞତାକୁ ।

Digitized by PPRACHIN, SOA

ସୁବଳ କହିଲା- "ଆପଣ ବାବୁମାନେ ନିଜ ନିଜ ଭିତରେ କଥାଭାଷା ହୁଅନ୍ତୁନା, କିଛି ଭୟ ନାହିଁ ।"

କ'ଣ କଥାବାର୍ତ୍ତା ହେବୁ ? ବିଷୟବସ୍ତୁ କ'ଣ ? ମୋ ବନ୍ଧୁମାନେ ଯେ ଡରିଲେଣି, ଭୀତଗ୍ରସ୍ତ ହୋଇ ପ୍ରମାଦ ଗଣିଲେଣି । ଉପସ୍ଥିତ ବିଷୟ ହେଉଛି ହାତୀମାନଙ୍କ ବିଷମ ଉପସ୍ଥିତି, ସେମାନେ ବାଟ ଓଗାଳି ବସିଛନ୍ତି । ଜଙ୍ଗଲୀ ଜାନୁଆର । ବିଶ୍ୱାସ କ'ଣ ? ମୁଁ ଖୋଲା ଜିପ୍‌ରେ ସଦମ୍ଭେ ଛିଡ଼ା ହୋଇ ରାଇଫଲ୍ ଧରି ଜାଗ୍ରତ ରହିଲି । ସୁବଳ ତାଗିଦ କରି କହୁଥାଏ, ବନ୍ଧୁକ ଆଦୌ ଫୁଟାଇବେ ନାହିଁ ସାହେବ । ସେମାନେ ରାଗି ଯିବେ, କାଣ୍ଡ କରି ବସିବେ। ବାଣକୁ ଏମାନେ ଘୃଣା କରନ୍ତି । ପ୍ରତିକ୍ରିୟା ଜଣାନ୍ତି ।

ସୁବଳ କେମିତି ବା ବୁଝିବ ମୋର ଅନ୍ତର କଥା, ରୁଚି ଓ ମନୋଭାବ ଆଉ ମୋର କାର୍ଯ୍ୟପ୍ରଣାଳୀ ? ହାତୀ ସହିତ ଜଙ୍ଗଲରେ ଭେଟହେଲେ ମୁଁ କେବେ ହେଲେ ବନ୍ଧୁକ ଉଠାଏ ନାହିଁ। ବରଂ ଦଣ୍ଡବତ ହୁଏ। କେବଳ ଆତ୍ମରକ୍ଷା ପାଇଁ ସତର୍କ ରହିବାକୁ ପଡ଼ିଥାଏ, ଜାଗ୍ରତ ରହିଥାଏ ଅସ୍ତ୍ର ସହିତ। ମୋର ମନେ ଅଛି ୧୯୭୪ ମସିହା, କଟକ ବାରବାଟୀ ଷ୍ଟାଡିୟମରେ ଇଂଲଣ୍ଡ ଓ ଭାରତ ମଧ୍ୟରେ ପାଞ୍ଚ ଦିନିଆ କ୍ରିକେଟ୍ ଟେଷ୍ଟମ୍ୟାଚ୍ ଚାଲିଥାଏ। ମୁଁ ଝାରସୁଗୁଡାରୁ ମୋର ଗୁରୁ କ୍ୟାପଟେନ୍ ପ୍ରେମ୍ ସାଗର ତିୱାରୀଙ୍କ ସହିତ ଖେଳ ଦେଖିବାକୁ କଟକ ଆସିଥାଏ । କ୍ରିକେଟ୍ ମୋର ପ୍ରିୟ ଖେଳ । ଭାରତୀୟ ଦଳରେ ପେସ୍ ବୋଲର କେହି ନଥା'ନ୍ତି, କେବଳ ସ୍ପିନ୍ ବୋଲର ଭିସେନ୍ ସିଂ ବେଦୀ, ପ୍ରସନ୍ନା ଓ ଚନ୍ଦ୍ରଶେଖର । ଚନ୍ଦ୍ରଶେଖରଙ୍କର ଡାହାଣ ହାତ ପୋଲିଓ ଆକ୍ରାନ୍ତ । କିନ୍ତୁ ବାମ ହାତରେ ସ୍ପିନ୍ ବୋଲିଂ କରନ୍ତି । ବଡ ଚମତ୍କାର ଗୁଗ୍‌ଲି ଓ ଡାଇନାମ୍ୟାନ ବୋଲିଂରେ ଅଦ୍ୱିତୀୟ । ମୁଁ ମଧ୍ୟ ବାମହାତି ବନ୍ଧୁକଚାଳକ । ପିଲାଦିନେ ସୂର୍ଯ୍ୟୋପରାଗ ଖାଲି ଆଖିରେ ଦେଖିବା ଦ୍ୱାରା ମୋ ଡାହାଣ ଆଖିର ରେଟିନା ନଷ୍ଟ ହୋଇଯାଇଛି । ପ୍ରଥମ ଦିନ ଖେଳ ଅନ୍ତେ ରାତିରେ ଆମେ କ'ଣ କରିବୁ ? ପ୍ରେମଙ୍କର ନିହାତି ଜଙ୍ଗଲି ମାଂସ ଟିକିଏ ଦରକାର । ବଜାର ମାଂସକୁ ପସନ୍ଦ କରନ୍ତି ନାହିଁ ସେ, ତାଙ୍କ ବ୍ୟକ୍ତିଗତ ଚରିତ୍ରର ବିଶେଷତ୍ୱ - ରାତିରେ ଇଂରେଜି ବହି ପଢ଼ନ୍ତି ଅଥବା ଜଙ୍ଗଲରେ ବୁଲନ୍ତି ବନ୍ଧୁକ ଧରି । ତାହା ତାଙ୍କର ରୁଚି, ତାହା ତାଙ୍କର ଜୀବନ । ପଦାର୍ଥ ଅର୍ଥ ପ୍ରତି ନଥାଏ ମୋହ । ପ୍ରଥମ ଦିନ ଖେଳ ଅନ୍ତେ ସନ୍ଧ୍ୟା ପରେ ପ୍ରସ୍ତାବ ଦେଲେ- ମୋହନ, ଚାଲ ଖେରିଆ (ଠେକୁଆ) କେତୁଟା ମାରିବା । ମୁଁ ମନା କଲି ନାହିଁ । କଟକରୁ ଓଡ଼ିଶା ରାଜଧାନୀ ଭୁବନେଶ୍ୱରକୁ ଉଠି ଆସିଥାଏ ଉନବିଂଶ ପଞ୍ଚଦଶକ

Digitized by PPRACHIN, SOA

ପ୍ରାରମ୍ଭ କାଳରେ । ସ୍କୁଲରେ ପଢୁଥିଲା ବେଳେ ମୁଁ ଜାଣିଛି, ଗଙ୍ଗନଗର (ଛ' ନମ୍ବର ୟୁନିଟ୍) ପଛରେ ଉଡ଼ାଜାହାଜ ପଡ଼ିଆ ପାଖକୁ କୁଟୁରା ହରିଣମାନେ ଆସନ୍ତି । ମୁଁ ଅବଶ୍ୟ ସେମାନଙ୍କୁ ଦେଖିନାହିଁ । କିନ୍ତୁ ଛିଟିକିଣି ଓ କାଣ୍ଡଶର ବ୍ୟବହାର କରି ଠେକୁଆ ମାରିଥିଲି । ବାଣୀବିହାରରେ ଏମ୍.ଏ. ପଢୁଥିଲାବେଳେ ବିଶ୍ୱ ବିଦ୍ୟାଳୟ ପରିସର ଓ ଆମ ୪ନମ୍ବର ୱେଷ୍ଟ୍ ହଷ୍ଟେଲ ପାଖକୁ ଠେକୁଆମାନେ ଆସୁଥିବାର ଦେଖିଛି । ବାଣୀବିହାର-ଚନ୍ଦକା ରାସ୍ତାରେ ଠେକୁଆମାନେ ରାସ୍ତା ଅତିକ୍ରମ କରୁଥିବା ଜାଣିଛି । ରାସ୍ତାର ଉଭୟ ପାର୍ଶ୍ୱରେ ବୁଦୁବୁଦିଆ ଜଙ୍ଗଲ, କ୍ଷୀରକୋଳି, ବେତକୋଳି, ଭଇଁଚକୋଳି ଗଛପୂର୍ଣ୍ଣ । ମୋ ଭିଣୋଇଙ୍କ ରାଜଦୂତ ମୋଟରସାଇକେଲ୍ ଧରିଲି । ପଛରେ ବନ୍ଧୁକ ଧରି ବସିଲେ ପ୍ରେମ୍ । ମୋ କାନ୍ଧରେ ଝୁଲାଇଲି ମୋ ପ୍ରିୟ ରାଇଫଲ୍ .୩୭୫ ରେମିଙ୍ଗଟନ୍ । ଦେଖୁ, ବାଣୀବିହାର ପରେ ପରେ ବାଟରେ କେତେଜଣ ସାଇକେଲ ଚଢ଼ାଳି ପଟିଆ ଗ୍ରାମବାସୀ ଗାଁକୁ ଯିବାକୁ ଛିଡ଼ାହୋଇ ରହିଛନ୍ତି । ଆମେ ସେମାନଙ୍କୁ ଦେଖି ଅଟକିଲୁ । କଥା କ'ଣ ?

"-ଆଜ୍ଞା, ପାଗଳ ହାତୀ ମାତିଛି। ରାସ୍ତା ଜଗିଛି। ସରକାର ହାତୀକୁ ପାଗଳ ବୋଲି ଘୋଷଣା କରିଛନ୍ତି । କିନ୍ତୁ କୌଣସି ପୁଲିସି ମାରିବାକୁ ସକ୍ଷମ ହୋଇ ନାହାନ୍ତି । ଲାଇଟ୍ ପଡ଼ିବା ମାତ୍ରେ ବିଜୁଳି ବେଗରେ ଦୌଡ଼ି ବଣ ଭିତରେ ଲୁଚି ଯାଉଛି । ମେଜର ମହାନ୍ତି ଜିପ୍‌ରେ ଓ୍ୱାରଲେସ୍ ଲଗାଇ ତାକୁ ପିଛା କରୁଛନ୍ତି । ଗାଡ଼ି ଶବ୍ଦ ଶୁଣିଲା ମାତ୍ରେ ସେ ଶାଳ ବଣ ଭିତରେ ପଶିଯାଉଛି । ଆମ ଗାଁର ବାଘ ଶିକାରୀ ପଟିଆ ରାଜାଙ୍କ ବଂଶଧର ଗଦାଧର ରାୟ ଆଉ ନାହାନ୍ତି, ସେ ଥିଲେ ଅବା... ଆମେ ହାଟୁଆ ଲୋକ । ପେଟପାଟଣା କଥା । ଭୁବନେଶ୍ୱର ହାଟକୁ ବେପାର କରିବାକୁ ଦିଇନି ନଗଲେ ଆମ ପିଲା ଛୁଆ ଭୋକ ଉପାସରେ ମରିବେ । ଏଣୁ ବାଧ୍ୟ ହୋଇ ଆସିଛୁ ଏବଂ ସାଙ୍ଗ ହୋଇ ଗାଁକୁ ଫେରୁଛୁ । ଶୁଣୁଛୁ, ହାତୀଟା ବାଟରେ ଅଛି ।"

: କେତେ ଲୋକ ମାରିଲାଣି ? ପଚାରିଲି ।

"୪ଜଣଙ୍କୁ"।

ଚନ୍ଦକା ଅଭୟାରଣ୍ୟ ହାତୀମାନଙ୍କ ନିବିଡ଼ ବାସସ୍ଥଳୀ । ସ୍କୁଲ୍‌ରେ ପଢ଼ିଲାବେଳେ ଶୁଣିଥିଲି ଖରାଦିନେ କାଞ୍ଜିଆ ହ୍ରଦରେ ହାତୀମାନେ ଜଳକ୍ରୀଡ଼ା କରନ୍ତି । ହ୍ରଦର ଏ କଡ଼ରୁ ଅନ୍ୟ କଡ଼କୁ ପହଁରି ଯାଆନ୍ତି କେବଳ ଶିଶୁ ହାତୀ ବ୍ୟତୀତ। ହ୍ରଦରେ ପଶି ହାତୀ ସ୍ନାନ କରିବା ସହିତ କଇଁପତ୍ର, ବିଲାତିଦଳ, ପାଣିସିଙ୍ଗଡ଼ା ଖାଇବା ଶୁଣାଯାଏ । କିନ୍ତୁ ହାତୀ ଏମିତି ପାଗଳ ହୋଇ ଲୋକ ମାରିବା ଜଣା ନଥିଲା କେବେ । ମନ୍ତ୍ରି

Digitized by PPRACHIN, SOA

ସମୟରେ ଗୋଟିକିଆ ଦନ୍ତାହାତୀ ଦଳପତି ଦନ୍ତା ସହିତ ଲଢ଼େଇରେ ହାରି ପାଗଳ ହୋଇ ବୁଲିଥାଏ । କିମ୍ବା ବାଣୁଆର ଗୁଳି ଚୋଟରେ କ୍ଷତାକ୍ତ ହୋଇ ପ୍ରତିଶୋଧପରାୟଣ ହୋଇ ଉଠିଥାଏ । ହାତୀଟା କାହିଁକି ପାଗଳ ହେଲା ପ୍ରଶ୍ନର ଉତ୍ତର ହାଟୁଆ ଗାଁ ଲୋକଙ୍କଠୁଁ ପ୍ରଶ୍ନକର୍ତ୍ତାର ଜିଜ୍ଞାସା ଛଡ଼ା ଅନ୍ୟ କିଛି ନୁହେଁ । ବନ୍ୟଜନ୍ତୁ ପାଗଳ ହେବା ବା ବନର ବାଘ ନରଖାଦକ ହେବା ବନ୍ୟଜୀବ ଇତିହାସରେ ନୂଆକଥା ନୁହେଁ ଆଦୌ।

ପ୍ରେମ୍ କହିଲେ, 'ଭୟ କର ନାହିଁ, ଚାଲ ଭାଇମାନେ ଆମେ ତମମାନଙ୍କୁ ଏସ୍କର୍ଟ କରି ଗାଁରେ ଛାଡ଼ି ଆସିବୁ। ଦେଖୁଛ ଆମ ହେଡ୍‌ଲାଇଟ, ରାଇଫଲ୍ ଓ ବନ୍ଧୁକକୁ ? ଆମେ ଶିକାରୀ ଲୋକ, ଦୁଇ ଦୁଇଟା ବନ୍ଧୁକରେ ମୁକାବିଲା କରିବୁ ପାଗଳ ହାତୀ ସହିତ। ଆମକୁ ମାରିବା ପୂର୍ବରୁ ସେ ମରିପଡ଼ିଥିବ କିମ୍ବା ଧରା ଦେଲେ ସିନା।

ସେମାନଙ୍କର ଆସ୍ଥା ହେଲା ଆମ ଉପରେ। ଆମେ ଧୀରେ ଧୀରେ ମଟର ସାଇକେଲ ଚଳାଇ ଆଗେ ଆଗେ ଗଲୁ । ସେମାନେ ଆମ ପଛେ ପଛେ ଅନୁଧାବନ କଲେ । ମୋଠୁଁ ରାଇଫଲ୍ ନେଇ ପ୍ରେମ୍ ସଜାଗ ଥିଲେ । ସେ ସ୍ୱୀକୃତିପ୍ରାପ୍ତ ଶିକାରୀ, ସରକାର ହାତୀକୁ ମାରିବା ପାଇଁ ବିଜ୍ଞାପନ ଜାରି କରିଛନ୍ତି । ଦେଖିବାମାତ୍ରେ ଆଖି ପିଛୁଳାକେ ଗୁଳି ମାରିବାରେ ସେ ଓସ୍ତାଦ, ଅଭ୍ରାନ୍ତ ଲକ୍ଷ୍ୟ ତାଙ୍କର । ଅଳ୍ପ ଖର୍ଚ୍ଚରେ ବିନା ପରିଶ୍ରମରେ ହାତୀଟିକୁ ମାରି ଫାଇଦା ହାସଲ ପାଇଁ ଉଲ୍ଲସିତ ଥିଲେ । କିନ୍ତୁ ରାସ୍ତାରେ କୌଣସି ହାତୀର ଚିହ୍ନବର୍ଣ୍ଣ ଦେଖିଲୁ ନାହିଁ । ପଟିଆ ପହଞ୍ଚିଲୁ । ସେମାନେ କୃତଜ୍ଞତା ସ୍ୱରୂପ ଆମକୁ ପିଠା ମିଠା ଚା' ପାଣି ଦେଇ ଆପ୍ୟାୟିତ କଲେ । ଫେରିଲୁ । ବାଟରେ ଦୁଇଟା ଠେକୁଆ ଦେଖିଲୁ । ୪ ନମ୍ବର ଛରରାରେ ମାରିଲୁ । ପ୍ରେମ୍‌ଙ୍କ କାମ ଚଳିଗଲା।

କ୍ରିକେଟ୍ ମ୍ୟାଚ୍ ଦେଖିସାରି ଝାରସୁଗୁଡ଼ା ଫେରି ମୋର ଦକ୍ଷ ଶିକାରୀ ବନ୍ଧୁ ସମ୍ବଲପୁର ଜିଲ୍ଲାର ଡେନ୍‌ସର୍ଗି ଗ୍ରାମନିବାସୀ ଆର୍ତ୍ତତ୍ରାଣ ବକ୍ସି ଚନ୍ଦକାର ପାଗଳ ହାତୀକୁ ମାରିବା ପାଇଁ ସରକାରଙ୍କ ଘୋଷଣା ଏବଂ ପୁଲିସିର ଅପାରଗତା ବିଷୟରେ କହିଲି । ମୁଁ ହାତୀ ମାରେ ନାହିଁ ବୋଲି ସେ ଜାଣନ୍ତି, ପ୍ରେମ୍ ମଧ୍ୟ । ମୋ ଭଳି ଆର୍ତ୍ତତ୍ରାଣ ମଧ୍ୟ ଜନ୍ତୁ ଖୁବ୍ ଜୋରରେ ଦୌଡ଼ିଲା ବେଳେ 'ରନିଂସଟ୍' ମାରିବାରେ ଓସ୍ତାଦ । ଗୋଟିଏ ଫୁଟ୍‌ବଲକୁ ଭୂଇଁରେ ଗଡ଼େଇ ବା ଶୂନ୍ୟକୁ ଫିଙ୍ଗି, .୨୨ ରାଇଫଲ୍‌ରେ ଗୁଳି ମାରିବା ଅଭ୍ୟାସ କରିଥାଉଁ। ପ୍ରଥମେ 'ବୁଲ୍ ସଟ୍' ପାଇଁ ରାଇଫଲ୍‌କୁ 'ଜିରୋଇଙ୍ଗ' କରାଯାଏ

Digitized by PPRACHIN, SOA

ଯେପରି ଆଖିର ନିର୍ଦ୍ଦିଷ୍ଟ ବାଳକୁ ଗୁଳି ଭେଦ କରି ପାରିବ। ଏହି ଅଭ୍ୟାସ ପ୍ରଥମେ ୩୫ ମୋଡେଲ ଏୟାର ରାଇଫଲ୍ ଦ୍ୱାରା କରାଯାଏ ଗ୍ୟାସ୍‌ଭରା ଉଡନ୍ତା ବେଲୁନ୍ ଉପରେ ଅଥବା ଏକ ଲେମ୍ବୁ କିମ୍ବା ଏକ କୁକୁଡ଼ା ଅଣ୍ଡା ନିର୍ଦ୍ଦିଷ୍ଟ ଦୂରତା ଓ ସ୍ଥାନରେ ଥୋଇ । ଆର୍ତ୍ତତ୍ରାଣ ଜଣେ ପ୍ରଖ୍ୟାତ ସ୍ୱୀକୃତିପ୍ରାପ୍ତ ଶିକାରୀ । ଯାହେଉ, ସେ ପାଦରେ ଚନ୍ଦକା ଜଙ୍ଗଲରେ ପଶି ଚାଲି ଚାଲି ପାଗଳ ଦନ୍ତା ହାତୀକୁ ଖୋଜିଲେ ଏବଂ ଆଦିବାସୀ ଗାଁ ଲୋକମାନଙ୍କ ସାହାଯ୍ୟରେ ତାକୁ ଚିହ୍ନି .୪୦୦/୪୫୦ ରାଇଫଲ୍‌ର ଗୋଟିଏ ହାର୍ଡନୋଜ ଗୁଳିରେ ଭୂଇଁରେ ଶୁଆଇଦେଲେ । ଦ୍ୱିତୀୟ ଗୁଳିର ଆବଶ୍ୟକ ନଥିଲା । ତଥାପି ତା'ର ମୃତ୍ୟୁ ନିଶ୍ଚିତ ହେବା ପାଇଁ ୨ୟ ଗୁଳିଟି ମରାଯାଏ ଶିକାର ନୀତି ଅନୁଯାୟୀ। ସେତେବେଳକୁ ଏହି ଖୁନି ହାତୀଟା ୧୮ ଜଣ ଲୋକଙ୍କୁ ମାରିସାରିଥିଲା ଏବଂ କଲିକତାରୁ ଆସିଥିବା ଜଣେ ୟୁରୋପୀୟାନ୍ ଶିକାରୀର ପ୍ରାଣ ନେଇଥିଲା। ଘୋଷଣା ଅନୁଯାୟୀ ହାତୀର ଦାନ୍ତ ଦୁଇଟିକୁ ନେଲେ ଏବଂ କିଛି ଅର୍ଥ ପାଇଲେ । ସେଇପରି ବାମଡ଼ା ଓ ସିନ୍ଦୂରପଙ୍କରେ ଆର୍ତ୍ତତ୍ରାଣ ମତ୍ତ-ପାଗଳ ହସ୍ତୀକୁ ମାରିଥିଲେ । ପରେ ପରେ ଝାରସୁଗୁଡ଼ା କଲେଜ ପାଖକୁ ଗୋଟିଏ ମହାବଳବାଘ କେମିତି ବଡରମ୍ପା ଅଭୟାରଣ୍ୟରୁ ଚାଲି ଆସିଥିଲା । ଝାରସୁଗୁଡା ସହରବାସୀଙ୍କ ମନରେ ବାଘ ଆତଙ୍କ ଖେଳିଗଲା । ତିନି ଚାରି ଦିନ ଭିତରେ ଜଣେ ଲୋକ, ଗୋଟିଏ ଗର୍ଭିଣୀ ଗାଈ, ଗୋଟିଏ ମେଣ୍ଢା ମାରିଦେଲା । ଗାଈକୁ ମାରିଦେଲା, ଖାଇ ପାରିନଥିଲା । ମେଣ୍ଢା ମାରି କିଛି ଖାଇଲା ଏବଂ କୁଲାବିରା ରାସ୍ତାର ଅମରି ନଟା ଭିତରେ ଲୁଚି ରହିଲା । ଶିକାରୀବନ୍ଧୁ ଆର୍ତ୍ତତ୍ରାଣ ତାକୁ ମାରିଲେ ଅକ୍ଳେଶରେ ଓ ବାଘ ଚମଡ଼ାକୁ ପାଇଲେ । ମାଈ ବାଘଟା ଦୁର୍ବଳ ରୁଗ୍‌ଣ ଥିବାର ଜଣାଗଲା। ତେବେ ବାଘ ଚମଡ଼ାଟାକୁ ଟ୍ୟାନିଂ କରି ମୋତେ ଉପହାର ଦେଇଥିଲେ । ମୁଁ ଚମଡ଼ାକୁ ମୋ ବୋଉର ଧ୍ୟାନରେ ଓ ପୂଜା କାମରେ ଲାଗିବା ପାଇଁ ମୋ ଗାଁ ବାଙ୍କୀ ଚର୍ଚ୍ଚିକାକୁ ପଠାଇ ଦେଇଥିଲି । ମହାନଦୀରେ ୧୯୮୫ ମସିହା ପ୍ରଳୟଙ୍କରୀ ମହାବନ୍ୟାରେ ଆମ ଘର ଭାସିଗଲା । ତା ସହିତ ସବୁ ଆସବାବପତ୍ର ଓ ବାଘ ଚମଡ଼ା ନଦୀ ଗର୍ଭରେ ଲୀନ ହୋଇଗଲା ।

•••

Digitized by PPRACHIN, SOA

- ୪ -

ହାତୀ ପ୍ରତି ମୋର ଦୃଷ୍ଟିଭଙ୍ଗୀ, ଆଚରଣ, ଅନୁଧ୍ୟାନ, ଆଭିମୁଖ୍ୟ ବିଷୟରେ ସୁବଳ ଅବଗତ ହେଲା। ସେ ଖାଲି ଗୁଳିଚାଳନା ନକରିବାକୁ ବାରମ୍ବାର ପରାମର୍ଶ ଦେଉଥାଏ। ତା' ଉଚିତ ପରାମର୍ଶ ଅନୁରୋଧକୁ ଧନ୍ୟବାଦ ଦେଇ ସାବାସ କଲି। କହିଲି - ସୁବଳ, ତମେ ଏଠା ହାତୀମାନଙ୍କୁ ଜାଣିଛ, ଭେଟିଛ। ତମ ଅନୁଭୂତି କଥା କହ। ସେ କହିଲା - ଆପଣ ଶିକାରୀ ସାହେବ। ଜଙ୍ଗଲ କଥା ବହୁତ ଜାଣନ୍ତି। ବନ୍ୟ ଜନ୍ତୁଜୀବ ଭେଟିଛନ୍ତି । ଆପଣଙ୍କ କଥା କହନ୍ତୁ ଆଗେ, ଆମେ ଶୁଣିବୁ। ଆପଣଙ୍କ କଥା ଶୁଣିବାକୁ ଖୁବ୍ ଭଲଲାଗେ। ଆପଣ ଯେମିତି ବର୍ଣ୍ଣନା କରି କହି ପାରନ୍ତି, ଆମେ ମୂରୁଖ ଲୋକ କ'ଣ ସେପରି କହିପାରୁ ?

ହାତୀକୁ ଆମେ କଲୁ ନମସ୍ତେ, ଶୁଣ ଭାଇମାନେ ସମସ୍ତେ :-

ଥରକର କଥା । ବଡରମ୍ଭା ଉଷାକୋଠି ଘୋର ଅରଣ୍ୟ ଅଞ୍ଚଳ। ଅନ୍ଧାର ରାତି । ବଣରେ ବୁଲୁଥାଉଁ ପଦଚାରୀ ଭାବେ କୌଣସି ମିଠା ଜନ୍ତୁ ଉଦ୍ଦେଶ୍ୟରେ । ହାତରେ ମୋ ପ୍ରିୟ ଦ୍ୱିନଳୀ ବନ୍ଧୁକ, ମୁଣ୍ଡରେ ହେଡ୍‌ଲାଇଟ୍, ମୁର୍ଗାବାଡ଼ି ଗାଁର ଧୂତୁ କିସାନ ମୋ ଆଗେ ଆଗେ ରହି ଗାଇଡ ଭଳି ବାଟ କଢ଼ାଇ ଦେଉଥାଏ । ପାହାଡ଼ ଚଢ଼ି ଚଢ଼ି ଶୀର୍ଷ ଛୁଇଁଲୁ । ଗୋଟିଏ ହେଲେ ମିଠା ଜନ୍ତୁ ଦୃଶ୍ୟ ହେଲା ନାହିଁ । ଡେରାକୁ ଫେରିଯିବୁ ? କିନ୍ତୁ ଲୋଭୀ ଧୂତୁ କିଛି ଗୋଟାଏ ପରିଶ୍ରମର ଫଳ ହାତରେ ନଧରି ଘରକୁ ଖାଲି ହାତରେ ଫେରିବାକୁ ରାଜି ନଥାଏ । ମୁଁ ତାକୁ ବୁଝାଇବାକୁ ଚାହୁଁଥିଲି ଯେ ଶିକାରୀମାନେ ଭିକାରୀ । କେତେବେଳେ ପ୍ରବଳ ତ କେତେବେଳେ ବିରଳ । ସବୁବେଳେ ସବୁଥର ଫଳ ଆଶା କରିବା ଠିକ୍ ନୁହେଁ । ଫଳପ୍ରାପ୍ତି ଯୋଗ ଉପରେ ନିର୍ଭର କରିଥାଏ । କିନ୍ତୁ ସେ ମାନିବାକୁ ପ୍ରସ୍ତୁତ ନଥିଲା । ଏତେ ପରିଶ୍ରମ କ'ଣ ବୃଥା ବିଫଳ। ମାନୁଛି, ଦରିଆରେ ପାଣିର ପ୍ରାଚୁର୍ଯ୍ୟ ମଧ୍ୟରେ ଟୋପେ ମଧୁର ଜଳ ମିଳିନଥାଏ । ସେହିପରି ବନ୍ୟଜନ୍ତୁପୂର୍ଣ୍ଣ ଅଞ୍ଚଳରେ ଜଙ୍ଗଲୀ ମାଂସ ଟିକିଏ ଏଇ ବନବାସୀମାନଙ୍କ ପାଇଁ ଦୁଷ୍ପ୍ରାପ୍ୟ ହୋଇଥାଏ । ଅତଏବ ମାଂସ ଖଣ୍ଡେ ପାଇଁ ସେମାନଙ୍କ

Digitized by PPRACHIN, SOA

ଲାଳସା, ବ୍ୟାକୁଳତା ଅସ୍ୱାଭାବିକ ନୁହେଁ । ସେଥିପାଇଁ ମୋ ଶିକାରୀ ବନ୍ଧୁ-ଗୁରୁ ପ୍ରେମ୍ ପ୍ରାରମ୍ଭିକ ଜଙ୍ଗଲାଭିଯାନରେ ଖେରିଆ(ଠକୁଆ) ଖୁରାଣ୍ଟି ବା ଗୁରାଣ୍ଡି (ବାଲିହରିଣ) ସାଇମୂଷା(ଝିଙ୍କ) ଭଳି କେତୋଟି ସହଜଲଭ୍ୟ ଶିକାର ସଂଗ୍ରହ କରିନିଅନ୍ତି ସକାଳର ଜଳଖିଆ ନିମନ୍ତେ । କହନ୍ତି, ବଡ ଜିନିଷକୁ ଆଶା କରି ହାତ ପାଆନ୍ତାର ଛୋଟ ଦ୍ରବ୍ୟକୁ ଆଡେଇ ଦେବା ବୋକାମି । ଶୂନ ଠାରୁ ସାମାନ୍ୟ ଶ୍ରେୟ । ଏଣୁ ଧୂର୍ତ୍ତ କିସାନର ଇଚ୍ଛା ଯଥାର୍ଥ । ହେଲେ କ'ଣ ହେବ ? ମିଳିଲେ ସିନା !

ଠିକ୍ ଏତିକିବେଳେ ନିକଟରେ ହାତୀଦଳ କୌଣସି ତାଳପତ୍ର ଭାଙ୍ଗି କଡମଡ କରି ପତ୍ର ଚୋବାଉଥିବାର ଶବ୍ଦ ଶୁଣି ପାରିଲି । ହେଡ୍-ଲାଇଟ୍ ପଡିଲା ମାତ୍ରେ ଦେଖୁ ଡଜନାଧିକ ବଣୁଆ ହାତୀ ଗଛତାଳ ଭାଙ୍ଗି ଖାଉଛନ୍ତି ଓ ସେମାନଙ୍କ ଛୁଆମାନଙ୍କୁ ଦେଉଛନ୍ତି । ଶିଶୁ ଗଛର କଅଁଳ ଡାଳ, ବରଓସ୍ତ ଡାଳ, ବାଉଁଶ ପତ୍ରାଦି ସବୁଜ ପତ୍ର ତୃଣଭୋଜୀ ହାତୀର ପ୍ରିୟ ଖାଦ୍ୟ ।

ଆମେ ଆଗକୁ ଆଉ ପାଦେ ଯିବା ସମ୍ଭବ ନଥିଲା । ପଛକୁ ଫେରିବା ମଧ୍ୟ ବିପଦ କାରଣ ହାତୀ ଆମର ଖୁବ୍ ନିକଟରେ । ଏଣେ ବାଆଁପଟେ ଅତଳଗର୍ଭ ଗର୍ତ୍ତ, ସେଥିରେ ଖସିପଡ଼ିଲେ ଚିହ୍ନବର୍ଣ୍ଣ ରହିବ ନାହିଁ । ଅଗତ୍ୟା ଆମେ ସ୍ଥିର ହୋଇ ଠିଆ ରହିଲୁ କିଛି ସମୟ । ଏତିକିବେଳେ ଗୋଟେ ବାଘ ହେଣ୍ଟାଳି ବସିଲା । ଛୁଆ ଓ ମା'ହାତୀ ଦଳରୁ କେବେ ଅଲଗା ହୁଅନ୍ତି ନାହିଁ । ତାକୁ ଲୁଚି ଲୁଚି ଛପି ଛପି ଅନୁଧାବନ କରେ ବାଘ । ମା' ହାତୀ ତା' ଛୁଆକୁ ପଛକୁ ଠେଲି ଦେଇ ଶୁଣ୍ଢଟେକି ଆମ ଆଡ଼କୁ ମାଡ଼ି ଆସିଲା ଭଳି ଲାଗିଲା । ମୁଁ ତାକୁ ନମସ୍କାର କରି ରାଇଫଲକୁ ସଜାଡ଼ି ସତର୍କ ରହିଲି । କିନ୍ତୁ ଦେଖିଲି ସେମାନେ ମୋ ଆଡ଼କୁ ଆସୁନାହାନ୍ତି । ବାଘ ହେଣ୍ଟାଳରେ ହଡ଼ବଡ଼େଇ ଇତସ୍ତତଃ ହୋଇଯାଇଛନ୍ତି । ହାତୀ ମାରିବା ମୋର ଲକ୍ଷ୍ୟ ନୁହେଁ, ବରଂ ସେମାନଙ୍କଠାରୁ କୌଣସି ଉପାୟରେ ଦୂରେଇ ଯାଇ ନିରାପଦରେ ରହିବା ଭଲ । ପାଖରେ ବଡ ପଥରକୁ ଲାଗି ଶାଖା ପ୍ରଶାଖା ମେଲି ସୁବୃହତ୍ ବଟ ବୃକ୍ଷଟିଏ ଥିଲା । ଆମେ ଦୁହେଁ ଅବିଳମ୍ବେ ଗଛ ଉପରକୁ ଚଢ଼ିଗଲୁ ଏବଂ ନିଜ ନିଜ ଭିତରେ ବାର୍ତ୍ତାଳାପ କରିବସିଲୁ ଉଚ୍ଚ ପାଟିରେ । ଉଦ୍ଦେଶ୍ୟ- ହାତୀମାନେ ଆମ ସ୍ୱର ଶୁଣି ଦୂରେଇ ଯିବେ କାରଣ ହୁସିଆର ହାତୀମାନେ ସର୍ବଦା ମଣିଷଠାରୁ ଦୂରେଇ ଯିବାକୁ ଇଚ୍ଛା କରନ୍ତି, ତାଲାଖି ଚତୁର ମଣିଷର ସ୍ୱାର୍ଥପରତା ଓ ହିଂସ୍ରତା ସମ୍ବନ୍ଧରେ ଅବଗତ ଥା'ନ୍ତି । ହାତୀ ଛୁଆର ସୁରକ୍ଷା ସକାଶେ ବାଘଠୁଁ ଦୂରେଇ ରହିବା ଭଳି ମଣିଷଠୁଁ ମଧ୍ୟ ଏମାନେ ଦୂରରେ ରହନ୍ତି । ବାଘର ହାତୀଛୁଆ ଉପରେ ନଜର ଥିଲାବେଳେ ମଣିଷର ନଜର ଥାଏ ଦନ୍ତାହାତୀର ମୂଲ୍ୟବାନ ଦାନ୍ତ ଉପରେ । ଅର୍ଥଲିପ୍ସୁ ଶିକାରୀମାନେ ମାଈ ହାତୀ ନମାରି

Digitized by PPRACHIN, SOA

କେବଳ ଦନ୍ତାହାତୀକୁ ବିନା କାରଣରେ ମାରିଥାନ୍ତି କେବଳ ଦାନ୍ତ ଲୋଭରେ । ଆମ ଟିକରପଡ଼ା ଜଙ୍ଗଲରେ ହାତୀ ସଂଖ୍ୟା ବୃଦ୍ଧି ନହେବାର କାରଣ, ସେଠି ଶିକାରୀମାନେ ଦନ୍ତାହାତୀଗୁଡ଼ିକୁ ମାରିଦେଲେ । କେବଳ ରହିଲେ ମାଈ ହାତୀଗୁଡ଼ିଏ । ଶିଶୁ ଅଣ୍ଡିରା ହାତୀ ବୟଃପ୍ରାପ୍ତ ହେବା ପାଇଁ ଅନ୍ୟୁନ ୨୦/୨୫ବର୍ଷ ଲାଗିଥାଏ। ଏପରିସ୍ଥଳେ ପ୍ରଜନନ ବିନା ହାତୀମାନଙ୍କ ସଂଖ୍ୟା ବୃଦ୍ଧି ହେବ କିପରି ? ଅଗତ୍ୟା କର୍ତ୍ତୃପକ୍ଷ ବାହାରୁ କେତୋଟି ପୁରୁଷ ହାତୀକୁ ନେଇ ଟିକରପଡା ଅଭୟାରଣ୍ୟରେ ଛାଡିବାକୁ ବାଧ ହୋଇଥିଲେ ହାତୀମାନଙ୍କ ଆଶୁ ବଂଶବୃଦ୍ଧି ସକାଶେ।

ହାତୀର ଥୋଡ଼ପା ୨୦ ଫୁଟ ଉଚ୍ଚ ପର୍ଯ୍ୟନ୍ତ ଲମ୍ବିପାରେ। ଉଚ୍ଚ ଗଛରୁ କଅଁଳ ଡାଳପତ୍ର ଖାଇବା ପାଇଁ ତା ଲମ୍ବା ଥୋଡ଼ପା ବ୍ୟବହାର କରିଥାଏ। ଏଣୁ ଅନ୍ୟ ଉପାୟ ନପାଇ ଏବେ ଆମ ସୁରକ୍ଷା ସକାଶେ ଗଛର ମଧ୍ୟଭାଗ ପର୍ଯ୍ୟନ୍ତ ଚଢ଼ିଯାଇ ଦୋକାନି ଡାଳରେ ଘୋଡା ଉପରେ ବସିଲା ଭଳି ଏପଟକୁ ଗୋଟେ ଗୋଡ଼ ସେପଟକୁ ଗୋଟେ ଗୋଡ ଝୁଲାଇ ବସିଲୁ। ମୁଣ୍ଡ ଉପରେ ବାଦୁଡ଼ିଙ୍କ ଖେଚ୍‌ଖେଚ୍ ଖିଙ୍କାର ଆମର ଦୃଷ୍ଟି ଆକର୍ଷଣକଲା। ବାଦୁଡ଼ିମାନେ କେବଳ ଫଳାହାରୀ। ଡିମିରି, ବର ଓସ୍ତ, ଦେବଦାରୁ, ପିଜୁଳି, ସପେଟା ଆଦି ଫଳ ସେମାନଙ୍କ ଖାଦ୍ୟ। ଖେଚର ଜାତି ହେଲେ ମଧ୍ୟ ସେମାନେ ସ୍ତନ୍ୟପାୟୀ, ଡିମ୍ବ ନପାରି ସିଧା ସଳଖ ଛୁଆ ଦିଅନ୍ତି ଉଚ୍ଚ ଗଛ କୋରଡରେ। ବିଲେଇ ଉଣ୍ଡିଥିବାକୁ ଶିକା ଛିଣ୍ଡିବା ଭଳି ଧୂତୁ ଉଲ୍ଲସି ଉଠିଲା। କହିଲା, ବାବୁ ବାଦରା କେତୁଟା ମାରୁନ୍। ତା ମାଂସ ଖୁବ୍ ଭଲ। ଶ୍ୱାସରୋଗୀ ପାଇଁ ଏଟା ଭାରି ଉପକାରୀ। ମୋର ବୁଆ ଶ୍ୱାସରୋଗୀ। ଏକ ବରଷ ତଲେ ତାକୁ ଗୁଟେ ବାଦ୍‌ରା ବରଗଛରେ କାଣ୍ଡିଆ ଫାଶ ପକାଇ ମାରି ଖାଇବାକୁ ଦେଇଥିଲି। ଆଉ ଗୁଟେ ଦି'ଟା ବାଦ୍‌ରା ଖାଇ ଦେଲେ ତା'ର ରୋଗ୍ ଭଲ୍ ହୋଇଯିବା ସାହେବ। ମୁଁ କହିଲି, ଅପେକ୍ଷା କର। ହାତୀମାନେ ଗୁଳି ଶବ୍ଦରେ ରାଗିଯିବେ। ବାଦୁଡ଼ିମାନେ ତ ଗଛରେ ଲାଗିଛନ୍ତି। ନିଶ୍ଚୟ ମାରିବା। ଅପେକ୍ଷା କର, ଧର୍ଯ୍ୟଧର ଧୂତୁ।

ପ୍ରାୟ ଅଧଘଣ୍ଟାଏ ପରେ ସର୍ଚ୍ ଲାଇଟ୍ ମୁଣ୍ଡ ଉପର ଡାଳକୁ ପକାଇଲି । ଗଛର ଅଗିନି ଡାଳରେ ଦେଖି ଚକିତ ହେଲି ଯେ ଏକ ସୁବିଶାଳ ଅହିରାଜ ସାପ ଫଣା ମେଲାଇ ଡାଳରେ ଝୁଲନ୍ତ ବାଦୁଡିଟାକୁ ଝାମ୍ପି ନେଇ ଗିଳିବାରେ ଲାଗିଛି ଏବଂ ବାଦୁଡିସମୂହ ଗଛ ଚତୁର୍ଦ୍ଦିଗ ଚକ୍କର କାଟୁଛନ୍ତି ପ୍ରତିବାଦରେ । ଅହିରାଜ ସାପ ବଡ଼ ବିଷାକ୍ତ । ଶୁଣାଯାଏ, ସେ ସୁସୁ ସୁତ୍କାର କରି ମୁହଁରୁ ଗରଳ ବାହାର କରି ତା'ର ପ୍ରତିପକ୍ଷ ଶତ୍ରୁ ଉପରକୁ ଫୋପାଡେ । କିନ୍ତୁ ଆମକୁ କିଛି ସେପରି କରିବାର ଦେଖିଲୁ ନାହିଁ । ସେ ଆମ ଅନାହୂତ ଦୁଇଜଣଙ୍କୁ ଦେଖି ଇତସ୍ତତଃ ହେଲା, ସତେ ଯେମିତି

Digitized by PPRACHIN, SOA

ଅଧାଗିଳା ଶିକାରକୁ ଛାଡି ଆମ ଉପରକୁ କୁଦା ମାରିବ। ଅଗତ୍ୟା ମୁଁ ଅନନ୍ୟୋପାୟ ହୋଇ ବନ୍ଧୁକ ମାଛିକୁ ତା ଫଣା ଉପରେ ସ୍ଥିରି ରଖିଲି । ବନ୍ଧୁକ ନଳୀର ମାଛି ଉପର ଦେଇ ଆଗକୁ ଆଲୋକ ରଶ୍ମି ଲକ୍ଷ୍ୟସ୍ଥଳୀରେ (୨୫ମିଟର ଦୂରତା ମଧ୍ୟରେ) ବିନ୍ଦୁଟିଏ ଭଳି ପଡ଼ିବାର ବ୍ୟବସ୍ଥା ଅଛି, ଯେଉଁଠାରେ ଗୁଳିଟି ନିଶ୍ଚିତ ଭାବେ ଭେଦ କରିବ- ସନ୍ଦେହ ନାହିଁ । ମୁଁ ଟ୍ରିଗର ଟିପିଲି । ଫଳାଫଳ ଜାଣିବାକୁ ଡେରି ଲାଗିଲା ନାହିଁ । ସାପର ଫଣାକୁ ଗୁଳିଟି ଅଧାଗିଳା ବାଦୁଡ଼ି ସହ ଛିନ୍ନଛତର କରି ଦେଇଥିଲା ଏବଂ ଲମ୍ବା ସାପଟା ଗୁଡ଼େଇ ଗୁଡ଼େଇ ହୋଇ ଗଛରୁ ଦୁଲ୍ କିନା ତଳକୁ ଖସିପଡ଼ିଲା । ଗାଇଡ୍ ଧୁଡୁ ବାପୁଡ଼ା ସାପର ଅବସ୍ଥା ଦେଖିବାକୁ ବ୍ୟଗ୍ର ହେଉଥିଲା, ଯାହା ସାଧାରଣତଃ ହୋଇଥାଏ । ମୁଁ ତାକୁ ବାରଣ କଲି, କାରଣ ଖୁବ୍ ନିକଟରେ ହାତୀମାନେ ଅଛନ୍ତି । ସେମାନେ ବାଣକୁ ଘୃଣା କରନ୍ତି, ପ୍ରତିକ୍ରିୟାଶୀଳ ହୁଅନ୍ତି । ହଠାତ୍ ଗୁଳିଖିଆ ଘାଇଲା ଜନ୍ତୁ ବାଘ, ଦନ୍ତା ବାର୍‌ହା, ଗୟଳାଦି ଏମିତି କେତେ ବାଣୁଆଙ୍କ ଜୀବନ ନେଇଛନ୍ତି କେବଳ ଏହି ଅସାବଧାନତା ଯୋଗୁଁ । ଏଣୁ ସକାଳ ପର୍ଯ୍ୟନ୍ତ ଏଇ ଆଶ୍ରିତ ବୃକ୍ଷରେ ବିତାଇବା ପାଇଁ ଧୁଡୁକୁ ପରାମର୍ଶ ଦେଲି । ତା' ପାଇଁ ଅନ୍ୟ ବ୍ୟାରେଲ ଚ୍ୟାମ୍ବରରେ ୧୨ବୋର ଛର୍‌ରା ଭର୍ତ୍ତି କରି ବାଦୁଡ଼ିକୁ ଲକ୍ଷ୍ୟ କରି ହେଡଲାଇଟ୍ ପକାଇଲି । ଏକାଥରକେ ଦୁଇଟି ବାଦୁଡ଼ି ତଳେ ଖସିପଡ଼ିଲା । ସକାଳ ହେଲେ ସେଗୁଡ଼ିକ ସଂଗ୍ରହ ହେବ ବୋଲି କହିଲି; ସେତେବେଳେକୁ ହାତୀମାନେ ସ୍ଥାନ ଛାଡ଼ି ଚାଲିଯାଇଥିବେ ନିଜ ନିଜ ଖାଦ୍ୟ ଅନ୍ୱେଷଣରେ।

ସକାଳ ପର୍ଯ୍ୟନ୍ତ କାହିଁକି ? ପଚାରିଲା ଧୁଡୁ । ସାପ ମାରିଲା ପରେ ଆଉ ଜନ୍ତୁ ମିଳିବ ନାହିଁ ବୋଲି କହିଲି- ମୋର ବ୍ୟକ୍ତିଗତ ଅଙ୍ଗେନିଭା ଧାରଣା, ନିଜସ୍ୱ ବିଶ୍ୱାସ, ହୁଏତ ଅନ୍ଧ ବିଶ୍ୱାସ ହୋଇପାରେ । ପ୍ରତ୍ୟେକ ବ୍ୟକ୍ତିଙ୍କ ନିଜର ନିଜର ଏକ ବିଚିତ୍ର ମନଧାରଣା କାଳକ୍ରମେ ଦୃଢ଼ୀଭୂତ ହୋଇଥାଏ । ଏହା ସଂପୂର୍ଣ୍ଣ ବ୍ୟକ୍ତିଗତ କଥା । ଏମିତି ଥରେ ଥରେ ଝାରସୁଗୁଡ଼ାରେ ମୋ ଉପରିସ୍ଥ ଅଫିସର ଗୋପାଳ ମହାନ୍ତିଙ୍କ ଆଉଟ୍‌ହାଉସ୍‌ ଘରେ ମୂଷାଙ୍କ ପାଇଁ ସାପ ଉତ୍ପାତ କଲା । ସେମାନେ ସପରିବାର ଘର ଭିତରେ ନଶୋଇ ଲନ୍‌ରେ ରାତି କଟାଇଲେ । ସକାଳୁ ଡାକରା ଆସିଲା । ମୁଁ ଯାଇ ଦେଖେ, ନାଗ ସାପ ନୁହେଁ, ଗୋଟେ ଢାମଣା ସାପର ମୁଣ୍ଡଟି କେବଳ ଦିଶୁଛି । ପାଖରୁ ଗୋଟିଏ ଛର୍‌ରା ଯଥେଷ୍ଟ ଓ କାମଶେଷ ହେଲା। ସେଦିନ ମୁଁ କୁଚିଣ୍ଡା ଗସ୍ତରେ ଯିବାର ଥିଲା । ସାଙ୍ଗରେ ନେଇଥିଲି ସାଥୀ ପ୍ରେମ୍‌କୁ । ବେଳେବେଳେ ଏମିତି କଦଳୀ ବିକା ଓ ଦିଅଁ ଦେଖା କାମ କରିଥାଏ ମୁଁ। ବନ୍ଧୁକ ଥାଏ ପାଖେ ପାଖେ । ଅଫିସ୍ କାର୍ଯ୍ୟ ସରିଲା ।

Digitized by PPRACHIN, SOA

ସନ୍ଧ୍ୟା ପରେ ବନଚାରଣ । ରାତିସାରା ବଣରେ ବୁଲିଥିଲେ ମଧ୍ୟ ଠେକୁଆଟିଏ ବି ଦେଖିଲି ନାହିଁ । ନିଷ୍ଫଳ । ସେଇ ଦିନଠୁ ଧାରଣଟା ମୁଣ୍ଡରେ ଜମାଟ ବାନ୍ଧିଛି । ସାପ ଦେଖିଲେ ସେଇଠୁଁ ଫେରୁଁ।

ଉଷାକାଳ ଉପସ୍ଥିତ । ସିନ୍ଦୂରା ଫାଟିବାର ବେଳ । ପୂର୍ବାକାଶରେ ରକ୍ତିମ ଆଭା, ସୂର୍ଯ୍ୟୋଦୟର ପୂର୍ବାଭାସ... ପ୍ରଭାତର ଅତ୍ୟନ୍ତ ମନୋରମ ଦୃଶ୍ୟ ଦେଖିବାକୁ ଖୁବ୍ ଭଲ ଲାଗୁଥିଲା । କିନ୍ତୁ ଧୁଡୁର ଦୃଶ୍ୟ ପ୍ରତି ନିଘା ନଥାଏ- ଏହା ତା'ର ନିତିଦିନିଆ ଦୃଶ୍ୟ । ମୋ ପିଠିରେ ବନ୍ଧା ହ୍ୟାବରସ୍ୟାକ୍ ବ୍ୟାଗରୁ ଥର୍ମୋଫ୍ଲାସ୍ କାଢ଼ି କାଗଜ ଗିଲାସରେ ବାମ୍ଫୁଆ ଚା' ମୁହଁରେ ଦେଲୁ । ତାରାମାନେ ଅଦୃଶ୍ୟ ହୋଇଗଲେ, ଆକାଶ ପୂରା ଫର୍ଚ୍ଚା ହୋଇଗଲା । ଏଥର ଆସ୍ତେ ତଳକୁ ଓହ୍ଲାଇଲୁ । ସାପଟା ତଳେ ମୋଡ଼ିମୋଡ଼ି ହୋଇ ମରିପଡ଼ିଥାଏ । ଗୋଟେ ମୋଟା କାଠି ନେଇ ଧୁଡୁ ତାକୁ ସଳଖି ଲମ୍ବେଇଲା ଆଉ ମାପ କଲା- ଲମ୍ବ ୧୨ହାତ ଏବଂ ମଝି ମୋଟେଇ ୧୬ ଅଙ୍ଗୁଳି । ସେ ଆଖିର ଆକାର ବୃଦ୍ଧି କରି କହିଲା- ଏତେ ବଡ ଅହିରାଜ ସାପ ମୁଁ ନାହିଁ ଦେଖିଥିଲି ସାହେବ!

କହିଲି, ଏତେ ବଡ ସାପଟାକୁ ମାରିବା ମୋର ଅଭିପ୍ରାୟ ନଥିଲା। କିନ୍ତୁ ଆମର ଦୁରବସ୍ଥା ମୋତେ ବନ୍ଧୁକ ଚଳାଇବାକୁ ବାଧ୍ୟ କରିଥିଲା। ଆମ ଆଶ୍ରିତ ବୃକ୍ଷ ଉପରେ ଡାଳରେ ଭୟଙ୍କର ସର୍ପରାଜ ଅହିରାଜ! ଏଣେ ବୃକ୍ଷ ନିକଟରେ ହାତୀଦଳ ଏବଂ ଅହିରାଜ ଆମକୁ ଆକ୍ରମଣ କରିବାର ସମ୍ଭାବନା। ଏଣୁ ତା'ର ମରିବାର ଯୋଗଥିଲା। ଜନ୍ମ-ମୃତ୍ୟୁ ଯୋଗର କାରଣରୁ ହୋଇଥାଏ, ତାହା କା' ହାତରେ ନଥାଏ- ମୁଁ ବିଶ୍ୱାସ କରେ।

ପିମ୍ପୁଡିମାନେ ଲାଗିଯାଇଥିଲେ ସାପର ଗୁଳିବିଦ୍ଧ ଛେଚେରା ମୁଣ୍ଡରେ । ଯା ପରେ ଆସିଯିବେ ଶାଗୁଣା, ଚିଲ, କାଉ, ଗଧିଆ, ଶୃଗାଳ ଆଦି ମେହେନ୍ତର ଦଳ । ଏ ଜଗତ ଏମିତି ଖାଦ୍ୟ ଶୃଙ୍ଖଳରେ ବନ୍ଧା- ପତଙ୍ଗକୁ ପକ୍ଷୀ, ପକ୍ଷୀକୁ ସାପ, ସାପକୁ ଚିଲ, ଈଗଲ ଇତ୍ୟାଦି ଇତ୍ୟାଦି । କିଏ କାହାର ଆହାର, ପ୍ରକୃତି ନିୟମ କରିଛି। ବଡ଼ ବିଚିତ୍ର, ରହସ୍ୟମୟ; ଭାବି ବସିଲେ ସରେନା ଏହି ସୃଷ୍ଟି ରଚନାର ଆଦିଅନ୍ତ।

◆◆◆

Digitized by PPRACHIN, SOA

– ୪ –

ଏତେବେଳଯାଏଁ ମୋ ବନ୍ଧୁମାନେ ଓ ସୁବଳ ମୋ ମୁଖରୁ ବଡ଼ଗମ୍ଭାର ହାତୀ ଓ ଅହିରାଜ ସାପକଥା ଶୁଣୁଥିଲେ । ଦେଖୁ ବେଲଘର ହାତୀମାନେ ପୂର୍ବପରି ରାସ୍ତାର ସେଇ ସ୍ଥାନରେ ଆଡ୍ଡା ମେଲିଛନ୍ତି । ଉଠିବାର ନାଁ ଧରୁନାହାନ୍ତି । ଏତେ ସମୟ ଗୋଟିଏ ଜାଗାରେ ହାତୀସବୁ କ'ଣ କରୁଛନ୍ତି । ଚାଲୁ ନାହାନ୍ତି କି ଚରୁ ନାହାନ୍ତି । କ'ଣ କରାଯିବ ସୁବଳ ? ପଚାରିଲି ।

'ଆଉ ଟିକିଏ ଅପେକ୍ଷା କରନ୍ତୁ ସାହେବ । ସେମାନେ ଏଠାରୁ ନିଷ୍ଚୟ ଚାଲିଯିବେ'- ସୁବଳର ଦାମ୍ଭିକତା । ସେ କହିଲା, ଆପଣଙ୍କ ଗପ ଶୁଣିବାକୁ ଭଲ ଲାଗୁଛି । ଆଉ ଗୋଟେ ଗପ କହନ୍ତୁ । ଅନ୍ୟମାନେ ସମର୍ଥନ କଲେ ।

ଅନୁଭୂତିର ପେଡ଼ି ଅଣ୍ଡାଳି ବସିଲା ବେଳେ ମନେପଡ଼ିଲା କିଛି ବର୍ଷ ତଳର କଥା । ଚକ୍ଷୁ ସମ୍ମୁଖରେ ଉଦ୍‌ଭାସିତ ହୋଇଉଠିଲା ଶିମିଳିପାଳ ଅଭୟାରଣ୍ୟର ନହଣା ବଙ୍ଗଳା । ପର୍ବତର ଶିଖରରେ ଶାଳପିଆଶାଳ ଆଦି ସୁଉଚ୍ଚ ବୃକ୍ଷମାନଙ୍କ ଆବେଷ୍ଟନୀ ଭିତରେ ପ୍ରକୃତି କୋଳରେ ଏକ ସୁନ୍ଦର ସୁରମ୍ୟ ବିଶ୍ରାମାଗାର । ଏଠି ହରିଣ ସମ୍ବରମାନଙ୍କୁ ଖାଇବାକୁ ଲୁଣ ଦିଆଯାଏ ଟ୍ରେଞ୍ଚ୍ ଆରପାଖେ । ସେମାନଙ୍କୁ ବାଘ ଛପି ବସେ । ରାତିରେ ବଙ୍ଗଳା ଚାରିପଟେ ବାଘ ବୁଲେ, ଝରକା ଦେଇ ଦୃଶ୍ୟ ଦେଖିହେବ । ଏଠି ପ୍ରକୃତିର ଆକର୍ଷଣୀୟ ଦୃଶ୍ୟ ହେଉଛି ନିକଟର ଜୋରନ୍ଦା ଜଳପ୍ରପାତ ଓ ଟିକିଏ ଦୂରରେ ବରେହିପାଣି ପ୍ରପାତ । ଏପଟ ପର୍ବତ ସେପଟ ପର୍ବତ ମଧ୍ୟରେ ଅତଳତଳ ଗଭୀର, ତଳକୁ ଚାହିଁଲେ ଆଖି ପାଇବ ନାହିଁ । ବିପରୀତ ପର୍ବତ ଶୀର୍ଷରୁ ପ୍ରବାହିତ ହେଉଛି ପ୍ରପାତ, ସବୁଜ ଶୈଳର ଅନ୍ତଚିର଼ି ଖସି ଆସୁଛି ଶୁଭ୍ର ଜଳ ସ୍ରୋତଧାର ଅନ୍ଧାର ଆକାଶର ବିଦ୍ୟୁତ୍ ପ୍ରଭା ଭଳି । ଅତ୍ୟନ୍ତ ମନୋରମ ଦୃଶ୍ୟ । ବଙ୍ଗଳାର ଅନତିଦୂରରେ ଏପଟ ପର୍ବତ ଉପରେ ହାତୀଗୋଡ଼ ଭଳି ୨୦ଫୁଟିଆ ଠିଆ ଖୁଣ୍ଟରେ କ୍ୟାବିନ୍ ପରି କାଠ କୋଠରିଟିଏ ଠିଆ ହୋଇଛି । ପାହାଚ ପରି କାଠ ନିର୍ମିତ ଶିଡ଼ିରେ ଭାଡ଼ି ଉପରକୁ ଚଢ଼ିବାକୁ ହୁଏ । ପଟାଛାତ ଉପରେ ଟିଣଛପର ହୋଇଛି ।

Digitized by PPRACHIN, SOA

ଆବଦ୍ଧ ଗୋଲାକାର କାଷ୍ଠ କୋଠରିଟିଏ । ବାହାର ଦୃଶ୍ୟ ଦେଖିବାକୁ ବଡ ବଡ ଝର୍କା ରହିଛି । ରାତ୍ରଯାପନ ପାଇଁ ବେଶ୍ ଉପଯୋଗୀ ଓ ଉପଭୋଗ୍ୟ। ଦର୍ଶକ-ପର୍ଯ୍ୟଟକଙ୍କ ଭିଡ଼ ଲାଗିଥାଏ ବର୍ଷ ତମାମ । ସେତେବେଳ ମୟୂରଭଂଜ ମହାରାଜା ବାଘ ଶିକାର କରିବା ଉଦ୍ଦେଶ୍ୟରେ ଏହାକୁ ନିର୍ମାଣ କରିଥିଲେ । ମୟୂରଭଂଜ ସ୍ୱାଧୀନ ରାଜ୍ୟଥିଲା । ଦେଶରେ ରାଜ ଶାସନ ଅମଳରେ ରାଜା, ରାଜପୁତ୍ର ଓ ଯୋଦ୍ଧାମାନଙ୍କ ଦକ୍ଷତା ବାଘମରା ସଂଖ୍ୟାରେ ମପାଯାଉଥିଲା । ଏଠି ଆବଦ୍ଧ କାଷ୍ଠ କୋଠିଟିରେ ନିରାପଦରେ ବସି ରାଇଫଲ୍ ନିଶାଣ କରିବାର ସୁବିଧା ରହିଛି । ଏହି କାଷ୍ଠ ମଂଚର ତିରିଶ ହାତ ଦୂରରେ ପ୍ରଶସ୍ତ ଜଳାଶୟଟିଏ । ବାଘ, ହାତୀ ଓ ଅନ୍ୟ ବନ୍ୟଜନ୍ତୁମାନେ ପାଣି ପିଇବାକୁ ଆସନ୍ତି। ହାତୀମାନେ ଏଠି ଜଳକ୍ରୀଡ଼ା କରନ୍ତି । ସନ୍ଧ୍ୟା ପରେ ନହଣା ବଙ୍ଗଳାରେ ଆମ ଆସବାବପତ୍ର ଥୋଇ ହାତୀମାନଙ୍କ ଜଳକ୍ରୀଡ଼ା ଦେଖିବାକୁ ଗଲୁ କାଠ କୋଠି ଭିତରକୁ । ଅନ୍ଧାର ଆସନ୍ତେ ହାତୀମାନେ ଦଳବଦ୍ଧ ହୋଇ ସେମାନଙ୍କ ଛୁଆ ସହିତ ପାଣିରେ ପଶିଲେ। ଅନ୍ଧାରରେ ହାତୀମାନେ ଜଳକ୍ରୀଡ଼ା ଦୃଶ୍ୟ ଭଲଭାବେ ଦେଖାଯାଉନଥିଲା। ସର୍ଚ୍ଚ୍ ଲାଇଟ୍ ପଡ଼ିଲା ମାତ୍ରେ ସେମାନେ ଚମକି ଗଲେ । ଦନ୍ତା ଗର୍ଜି ସତର୍କ ତୂରୀ ବଜାଇ ଭୁସ୍‌ଭାସ୍ ଜଳାଶୟରୁ ଉଠି ଜଙ୍ଗଲ ଭିତରକୁ ଠୁସ୍‌ଠାସ୍ ପଶିଗଲେ । ଏତିକିବେଳେ ଦୁଷ୍ଟ ବାଘଟାଏ ହେଣ୍ଟାଳି ବସିଲା ଏବଂ ଗୋଟାଏ ବାଣ ବିସ୍ଫୋରଣ ଶବ୍ଦ ଆମ କାନକୁ ସ୍ତବ୍ଧ କଲା ।

କ'ଣ ହେଲା ? ଗୁଳି ଫୁଟାଇଲା କିଏ ? ମୋ ପାଖେ ତ ବନ୍ଧୁକ ! ହାତୀମାନେ ହଡ଼ବଡ଼େଇଲେ- ଏକ କାରଣ ଲାଇଟ୍, ଦୁଇ କାରଣ ଗୁଳି ବାଣ, ତିନି କାରଣ ବାଘ ହେଣ୍ଟାଳ। ଏଣୁ ହାତୀମାନଙ୍କୁ ଆଉ ସମ୍ଭାଳେ କିଏ ? ଦଳର ବଳ । ଦଳେ ହାତୀ ଥିଲେ କାହାକୁ ଖାତିର କରନ୍ତି ନାହିଁ ସେମାନେ। ହାତୀମାନେ ମାତିଲେ ସେମାନଙ୍କୁ ମୁକାବିଲା କରିବା ମୁସ୍କିଲ୍। ଆସନ୍ନ ବିପତ୍ତି ଉପସ୍ଥିତ ଭାବି ସେମାନେ ସମବେତ ଗର୍ଜି ଉଠିଲେ। ସେମାନଙ୍କ ଗର୍ଜନ ନିଶାର ନିସ୍ତବ୍ଧତା ଭଙ୍ଗ କରି ପ୍ରତିଧ୍ୱନି ତୋଳିଲା । ହାତୀମାନେ ପ୍ରତିଶୋଧପରାୟଣ ହୋଇ ଉଠିଲେ। କାଠକୋଠି ତଳେ ପାହାଚ ପାଖରେ ଆମ ଜିପ୍‌ଟାକୁ ରଖିଥିଲୁ । ଜିପ୍‌ଟାକୁ ଶୁଣ୍ଢରେ ଟେକି ନେଇ ଖାତ ଭିତରକୁ ଫେପାଡ଼ି ଦେଲେ। ଆମେ ତ୍ରସ୍ତ ତଟସ୍ଥ ହୋଇ ଭାଡି ଉପରେ ରହି ଅଭାବିତ ଦୃଶ୍ୟଟି ଦେଖୁଥିଲୁ । ଏହାପରେ ସେମାନଙ୍କ କ୍ରୋଧ କମିଲା ଏବଂ ବନସ୍ତ ଭିତରକୁ ପଶି ଅଦୃଶ୍ୟ ହୋଇଗଲେ । ହାତୀ ଭୟରେ ସକାଳ ପୂର୍ବରୁ ତଳକୁ ଆସିବା ଅସମ୍ଭବ ଥିଲା। ସକାଳକୁ ଅପେକ୍ଷା କଲୁ । ଫ୍ଲାସ୍କରୁ ଚା' ସରିଗଲା, ଭୋକ ଦାଉ ହାଉହାଉ କଲା । ପାଣି ବୋତଲ ଗୁଡ଼ିକରୁ ପାଣି ସରିଗଲା । ତେଣେ ରୋଷେଇର

Digitized by PPRACHIN, SOA

ବରାଦ ଦେଇ ଆସିଥିଲୁ ବଙ୍ଗଳାରେ । ଯିବୁ କେମିତି ? ଚିନ୍ତା ଘାରିଲା । ଅନ୍ୟନ୍ୟୋପାୟ ହୋଇ ରାତିସାରା କ୍ୟାବିନ୍ ଭିତରେ ରହିଲୁ ଖାଡ଼ାଖାଡ଼ା । ବଦମାସ୍ ରକ୍ତଲୋଭୀ ମଶା ତାଆଁସମାନେ ଦେହକୁ କଣ୍ଟାଫୋଡ଼ି ଅସ୍ତବ୍ୟସ୍ତ କରୁଥା'ନ୍ତି । କେବଳ ସୂର୍ଯ୍ୟକୁ ଅପେକ୍ଷା ।

ବନରକ୍ଷୀ ଦାୟିତ୍ୱରେ ଥିବା ଜମାଦାର ସକାଳେ ଆମ ହାଲଚାଲ ବୁଝିବାକୁ ଆସି ଦେଖନ୍ତି ଆମର ଦୁଃଖ ଦୁରବସ୍ଥା । ଗୁଳି ଫୁଟାଇଲା କିଏ ? ଶବ୍ଦଟା କେଉଁଠୁ ଆସିଲା ପଚାରିଲା । ଆମେ କହି ପାରିବୁନି ବୋଲି କହିଲୁ । ସେ ଆଶ୍ଚର୍ଯ୍ୟ ହେଲା । ଆମର ଭାଳେଣି- ଏଠୁ ଆମେ ଯିବୁ କେମିତି ? ଜିପ୍‌ର ଅବସ୍ଥା କ'ଣ ? ଖାତ ଭିତରୁ ଗାଡ଼ିକୁ ଉଦ୍ଧାର କରିବା ଦୁରୁହ କାର୍ଯ୍ୟ । କୌଣସି ଶକ୍ତ ଦଉଡ଼ି ବାନ୍ଧି ତାଖ ଖାତ ଭିତରୁ ଜିପ୍‌ଗାଡ଼ିକୁ ଉପରକୁ ଆଣିବା ସମ୍ଭବ ନୁହେଁ ।

ଅଗତ୍ୟା ଆମେ ଜମାଦାରବାବୁଙ୍କ ସାହାଯ୍ୟପ୍ରାର୍ଥୀ ହେଲୁ । ସେ ଆଶ୍ୱସନା ଦେଇ କହିଲେ, ପାଖରେ ରାସ୍ତା ନିର୍ମାଣ କାମରେ ଜେ.ସି.ବି. ମ୍ୟାସିନ୍ ଓ କ୍ରେନ୍ ବ୍ୟବହୃତ

Digitized by PPRACHIN, SOA

ହେଉଛି ବଡ ବଡ ପଥର ଭାଙ୍ଗି ଉଠାଇବା ପାଇଁ । ଏପରିସ୍ଥଳେ କ୍ରେନ୍ ହିଁ ଏକମାତ୍ର ନିର୍ଭରଯୋଗ୍ୟ ଯନ୍ତ୍ର । ଅର୍ଥଲୋଭ ଦେଖାଇଲି । ସବୁ ଖର୍ଚ୍ଚ ବହନ କରିବାକୁ ପ୍ରତିଶ୍ରୁତି ଦେଲି । ଅଗ୍ରୀମ ଅର୍ଥ ଯାଚିଲି ମଧ୍ୟ। ତେବେ ସେ ଦୟାପରବଶ ହୋଇ କ୍ରେନ୍ ଆଣି ଖାତ ଭିତରୁ ଜିପ୍‌କୁ ଉଠାଇଲେ । ସେତେବେଳକୁ ମଧ୍ୟାହ୍ନ ସମୟ। ଏଣେ କେହି କିଛି ନଖାଇ ପାକସ୍ଥଳୀ-ଅନ୍ତଃନଳୀ ଗର୍ଜନ କଲାଣି ସମସ୍ତଙ୍କର । ଏମିତି ଅରଣ୍ୟଚାରଣ ବେଳେ ଭୋକ ଶୋଷରେ ରହିବାକୁ ପଡ଼ିଥାଏ- ଏହା ମୋର ଅଭ୍ୟାସ । ଖାଦ୍ୟ ନଥିଲେ ପାଖରେ ଥାଏ ଝରଣା ପାଣି । କିନ୍ତୁ ମୋ ସାଥୀ ଅତିଥିମାନେ ସହରବାସୀ ସୌଖୀନ ଲୋକ, ଭୋକ ଶୋଷ ସମ୍ଭାଳି ପାରିବେ କେମିତି ? ପାଖରେ ହରିଡ଼ା ବାହାଡ଼ା ଅଁଳା କଷାଫଳ ଗଛ । ଜାମୁକୋଳି ଗଛରେ ଭରପୂର କଞ୍ଚା ଜାମୁକୋଳି । ଛେଳି କୋଳି ଚୋବାଇଲା ଭଳି ସମସ୍ତେ ଚୋବେଇଲେ ବିନା ପ୍ରାତଃ ଦାନ୍ତଘଷାରେ । ଭୋକବେଳେ ଆମ୍ବିଳା ଆମ୍ବ ସୁଆଦ ଲାଗେ, ପିତା ମଧ୍ୟ ପେଟ ପୂରାଇ ଦିଏ, ଖଟା-ମିଠା-ପିତାର ପାର୍ଥକ୍ୟ ଜଣାପଡ଼େ ନାହିଁ ପାକସ୍ଥଳୀ ଗର୍ଜନ କଲାବେଳେ।

ଏଣେ ଡ୍ରାଇଭର ଗାଡ଼ିଉଠା କାମରେ ଲାଗିଥାଏ । ଗାଡ଼ି ଉଠିଲା । କହିଲା – ଆଜ୍ଞା ଦେଖୁଛନ୍ତି ଗାଡ଼ିର ଅବସ୍ଥା କ'ଣ। କାଲି ରାତିର ଶବ୍ଦଟା ଏହି ଜିପ୍ ଟାୟାର ଫୁଟିବା ଶବ୍ଦ । ଜଙ୍ଗଲ ରାସ୍ତା ପାଇଁ ମୁଁ ପଛ ଟାୟାରରେ ହାର୍ଡପମ୍ପ ଦେଇ ଆଣିଥିଲି । ବାଟରେ କୋଉଠୁ ଗୋଟେ କଣ୍ଟା ଗେଟି ପଶି ରହିଥିଲା, ଗାଡି ସ୍ଥିର ହେଲା ପରେ ଚକ ଫାଟିଲା । ଠିକ୍ ସେତିକି ବେଳକୁ ଦୁଷ୍ଟ ବାଘଟା ହେଣ୍ଟାଳ ଛାଡିଥିଲା ଲହରେଇ ଲହରେଇ ଏବଂ ତା ସାଙ୍ଗକୁ ହାତୀମାନଙ୍କ ସମବେତ ଭୟଙ୍କର ଗର୍ଜନ । ଜାଣି ହେଲାନି ଚକାଫଟା ଶବ୍ଦକୁ ଭଲଭାବେ । ଆମେ ଭାବିଲୁ ବାଣଫୁଟା ଶବ୍ଦ ବୋଲି । ଏମିତି କଳ୍ପନାତୀତ ଘଟଣା ଆକସ୍ମିକ ହୋଇଥାଏ ବୋଲି କହିଲି । ତେବେ ଷ୍ଟେପ୍‌ଇନ୍ ଚକ ପ୍ରସ୍ତୁତ ରହିଥିଲା । ଡ୍ରାଇଭର ଇଂଜିନ୍, ବେଟେରି, କାର୍ବୁରେଟର, କ୍ଲଚ୍, ବ୍ରେକ୍, ଗିଅର ଆଦିକୁ ପରଖିନେଲା । ସବୁ ଠିକ୍ ଅଛି । ଗାଡି ଷ୍ଟାର୍ଟ ହୋଇଗଲା । ଗୋଟାଏ ଚିନ୍ତା ମୁଣ୍ଡରୁ ଓହ୍ଲାଇଗଲା । ଧନ୍ୟବାଦ ସହିତ କ୍ରେନ୍ ଚାଳକର ପ୍ରାପ୍ୟ ଓ ଭଦ୍ର ଜମାଦାରଙ୍କୁ କୃତଜ୍ଞତା ଜଣାଇ ନହଣା ବଙ୍ଗଳାରୁ ଆସବାବ୍‌ପତ୍ର ଧରି ବାଟରେ ଆଉ କେଉଁଠି ନରହି କେବଳ ଯଶୀପୁରରେ ସାମାନ୍ୟ ଜଳଖିଆ ଖାଇ ବାରିପଦା ଫେରିଲୁ । ମୋ ବନବୁଲା କାଳରେ ଏମିତି ଅନେକ ଛୋଟବଡ଼ ଅନୁଭୂତି ମୋ ସ୍ମୃତି-ସଂଗ୍ରାହଳୟରେ ଏବେବି ଗଚ୍ଛିତ ରହିଛି ।

•••

Digitized by PPRACHIN, SOA

- ୭ -

ଏଠି ଆଜି ରାସ୍ତା ରୋକିଥିବା ବେଲଘରିଆ ହାତୀଦଳକୁ ସଟ୍ ଲାଇଟ୍ ମାରିଲି । ଆଶ୍ଚର୍ଯ୍ୟର ସୀମା ରହିଲା ନାହିଁ । ବିରଳ କଥା ଦେଖିଲି, ଗର୍ଭିଣୀ ମାଈ ହାତୀଟିଏ ପ୍ରସବ ପୀଡ଼ାରେ କଷ୍ଟ ପାଉଥିଲା ବୋଧେ, ଗର୍ଭଯନ୍ତ୍ରଣା ଭୋଗୁଥିଲା । ଏତେ ସମୟ ହାତୀ ରାସ୍ତା ଉପରେ ଆମମାନଙ୍କ ଉପସ୍ଥିତି ସତ୍ତ୍ୱେ ଅଟକି ରହିବା ମୁଁ ଦେଖିନଥିଲି ପୂର୍ବରୁ। କାରଣ ଜଣାପଡ଼ିଲା । ଏ ଜଙ୍ଗଲରେ ବାଘ ସଂଖ୍ୟା କିଛି କମ୍ ନୁହେଁ । ବାଘମାନେ ବଡ଼ ବଦମାସ ଜନ୍ତୁ, ହିଂସ୍ରତର । ବାଘର ଆକ୍ରମଣ ସ୍ୱଭାବ, ହାତୀର ଆତ୍ମରକ୍ଷା ସ୍ୱଭାବ । ବାଘ ଆକ୍ରମଣକୁ ଆଖିରେ ରଖି ଏହି ନିରାପଦ ସ୍ଥାନରେ ମାଈଗର୍ଭିଣୀ ହାତୀର ଏକ୍ସୁତିଶାଳ ବନାଇଛନ୍ତି ହାତୀମାନଙ୍କ ଘେର ଭିତରେ । ହାତୀମାନେ ବୁଦ୍ଧିଆ, ପାଖରେ ମଣିଷଥିଲେ ବାଘମାନେ ପାଖକୁ ଆସନ୍ତି ନାହିଁ। ହାତୀମାନେ ଆଦୌ କଳହପ୍ରିୟ ନୁହନ୍ତି, ମୁଁ ଜାଣେ। ଆଶ୍ଚର୍ଯ୍ୟ ଘଟଣା, ମାଈ ହାତୀ ପ୍ରସବ କାଳରେ ଧାଈ ହାତୀର ସାହାଯ୍ୟ ନେଇଥାଏ ଠିକ୍ ମଣିଷ ଭଳି। ଏଠି ଏକାଧିକ ହାତୀଛୁଆର ସେମାନେ ମାଉସୀ । ହାତୀ ମାଉସୀ ଶିଶୁ ପାଳନକରେ, ମା'ର ଭୂମିକା ନେଇଥାଏ। ମା'ହାତୀ କୌଣସିମତେ ମରିଗଲେ ସାହସିନୀ ମାଈହାତୀ ଧର୍ମ ମା' ଭଳି ଶିଶୁ ହାତୀକୁ ପାଳିଥାଏ- ହାତୀ ଇତିହାସରେ ଏମିତି ରହିଛି ଅନେକ ଦୃଷ୍ଟାନ୍ତ । କିନ୍ତୁ ଏକାଧିକ ଧାଈ ମାଈ ହାତୀର ନଜିର କେଉଁଠି ନାହିଁ । ଜଙ୍ଗଲରେ ଆସନ୍ନ ପ୍ରସବା ଗର୍ଭିଣୀ ମାଈହାତୀ ଘଞ୍ଚ ନଟା ଭିତରେ ପିଲା ପ୍ରସବ କରିଥାଏ। କିନ୍ତୁ ଏଠି ଖୋଲା ରାସ୍ତାରେ ପୁଣି ମଣିଷ ସମ୍ମୁଖରେ!। ଆଶ୍ଚର୍ଯ୍ୟ। ଅବଶ୍ୟ ଏଠି ଚାରିକଡ଼ ନିଘଞ୍ଚ ନଟା ଜଙ୍ଗଲ ଏବଂ ଏଠା ହାତୀଙ୍କ ବିଶେଷତ୍ୱ ସେମାନେ ମଣିଷ ସହିତ ପରିଚିତ, ସୁବଳ ଯାହା କହିଥାଏ। କିନ୍ତୁ ପୋଷ୍ୟ ମାଈହାତୀମାନେ, କୁନ୍‌କି ମାଈ ହାତୀ, ସର୍କସର ହସ୍ତିନୀ କେମତି ପ୍ରସବ କରିଥାନ୍ତି ? ଠିକ୍ ସାଧାରଣ ପୋଷାଜୀବ ଭଳି। ଭିନ୍ନତା କେବଳ ସ୍ଥାନ।

ସୁବଳ ଗର୍ଭିଣୀ ହାତିଣୀର ପ୍ରସୂତି କଥା ଜାଣି ଉତ୍ସାହିତ ହେଲା, ଏହି କ୍ୱଚିତ୍ ଦୃଶ୍ୟ ଦେଖିନଥିଲା କେବେ ତା ଜୀବନରେ। ମୁଁ ମଧ୍ୟ। ଭାଗ୍ୟର କଥା। ମୋର ଜିଜ୍ଞାସା ବହୁଗୁଣିତ ହେଲା । ମୁଁ ଉଲ୍ଲସିତ ହୋଇ ପଡିଲି।

Digitized by PPRACHIN, SOA

କିନ୍ତୁ ଶିମିଳିପାଳରେ ହାତୀମାନଙ୍କ ଜିପ୍ ଫିଙ୍ଗାଫୋପଡ଼ା କାଣ୍ଡ ମୋ ତୁଣ୍ଡରୁ ବନ୍ଧୁମାନେ ଶୁଣି ଭୟଭୀତ ହୋଇଯାଇଥିଲେ । ଆମକୁ ଯଦି ଏଇ ବାଟଓଗଳା ହାତୀମାନେ ଆମର ଅଯାଚିତ ଉପସ୍ଥିତିରେ ଉତ୍କ୍ଷିପ୍ତ ହୋଇ ଆମ ଜିପ୍‌କୁ ଫୋପାଡି ଦିଅନ୍ତି, ଶିମିଳିପାଳ ଘଟଣା ଭଳି ଆମ ପ୍ରାଣବାୟୁ ଉଡିଯିବ କ୍ଷଣକରେ। ଆମ ପିଲା ବାପଛେଉଣ୍ଡ ଓ ସ୍ତ୍ରୀମାନେ ବିଧବା ହୋଇଯିବେ। ବନ୍ଧୁମାନେ ବରଡ଼ାପତ୍ର ପରି ଥରିଲେ ପ୍ରଚଣ୍ଡ ଭୟରେ। ସୁବଳ ଦମ୍ଭଦେଇ କହିଲା - କିଛି ଭୟ କରନ୍ତୁ ନାହିଁ ଆଜ୍ଞାମାନେ । ମୁଁ ଅଛି। ସେମାନେ ମୋତେ ଚିହ୍ନନ୍ତି। ମୋ ତୁଣ୍ଡସ୍ୱର ଜାଣନ୍ତି । ସେଠାକାର ହାତୀପରି ଏଠା ହାତୀ ଦୁଷ୍ଟ ନୁହନ୍ତି। ଅସୁବିଧା ବିପଦ ବେଳରେ ମଣିଷର ସାହାଯ୍ୟ ଲୋଡ଼ନ୍ତି । ଏକଥା ମୁଁ ଅନେ୍ଦ ନିଭେଇଛି। ସାହେବ; ଲାଇଟ୍ ପକାଇ ଟିକିଏ ଭଲ କରି ଦେଖନ୍ତୁ ତ ମୋ ଚିହ୍ନା 'ଭୂତୁଣୀ' ହାତୀ ଦଳରେ ଅଛି କି ? ତା ଶୁଣ୍ଢରେ ଗୋଟେ ଦଉଡ଼ି ବନ୍ଧାଅଛି। ଶୁଣିଛନ୍ତି ଆମ ଭୂତୁଣୀ ହାତୀ କଥା ?

ମୁଁ ଅଜ୍ଞତା ପ୍ରକାଶ କଲି। ସୁବଳ କହିଲା ଭୂତୁଣୀ ହାତୀର ଅନନ୍ୟ କାହାଣୀ, ବଖାଣିଲା ଭୂତୁଣୀ ହାତୀର ବିରଳ ଜୀବନ ବୃତ୍ତାନ୍ତ :

ତିନିବର୍ଷ ତଳର କଥା। ଗ୍ରୀଷ୍ମଖୋଳା ସମୟ। ନଈନାଳରେ ପାଣି ଟୋପାଏ ନଥାଏ କେଉଁଠି। ଭୂତଖିଆ ପାହାଡ ପାଖରେ ଗୋଟେ କୂଅ ଭଳି ତୀଖ-ଗଭୀର ପୋଖରୀରେ କିଛି ପାଣିଥାଏ। ଦଳେ ହାତୀ ସେଠାକୁ ଗଲେ ପାଣି ପିଇବାକୁ। ଅଳ୍ପ ପାଣିଥିବାରୁ ସେମାନେ ପାଣିକୁ ଛୁଇଁ ପାରୁନଥାନ୍ତି। ପୋଖରୀ ହୁଡ଼ାରେ ଗୋଡ଼ ଥୋଇଲା ମାତ୍ରେ ଅତଡ଼ା ଖସି ଖସି ଯାଉଛି। ହାତୀମାନେ ଡରିଲେ। କିନ୍ତୁ ମାଈ ହାତୀଟିଏ ଶୋଷ ସମ୍ଭାଳି ନପାରି ପୋଖରୀ ଭିତରକୁ ପଶିଗଲା। ପାଣିରେ ଟବର ଟବର ହେଲା, ଖେଳିଲା, ପେଟେ ପାଣି ପିଇଲା, କିନ୍ତୁ ସେ ଆଉ ଉପରକୁ ଉଠି ପାରିଲା ନାହିଁ। ଉପରକୁ ଗୋଡ଼ ଦେଲାମାତ୍ରେ ଅତଡ଼ା ଖସି ଯାଉଥିଲା ତଳକୁ ତଳକୁ। ଏମିତି ବାରମ୍ବାର ଚେଷ୍ଟା କଲା। ତାପରେ ହାଲିଆ ହୋଇଗଲା। ଆଉ ଅନ୍ୟ ଉପାୟ ନପାଇ ଶୁଣ୍ଢ ଉପରକୁ ଟେକି ଖାଲି ବିକଳରେ ଗର୍ଜନ କଲା- ପାଏଁ, ପାଏଁ। ତା ଗର୍ଜନରେ ବନଭୂଇଁ କମ୍ପି ଉଠିଲା। ଅନ୍ୟ ସାଥୀ ହାତୀଗୁଡ଼ିକ ଭିତରକୁ ପଶିବାକୁ ଡରୁଥିଲାବେଳେ, ଦଳପତି ଦନ୍ତା ହାତୀ ପୋଖରୀ ହୁଡ଼ାରେ ଗୋଟେ ବଡ଼ ପଥର ଉପରେ ଦୁଇଗୋଡ ରଖି ଗର୍ଜନକଲା କେବଳ ।

ମୁଁ ସେଦିନ ସଅଳ ଜଙ୍ଗଲକୁ ଆସିଥିଲି । ପୂର୍ବଦିନରେ କଟା ଜାଳକାଠ ସବୁ ସନ୍ଧ୍ୟା ହୋଇଯିବାରୁ ଜଙ୍ଗଲରେ ଛାଡି ଆସିଥିଲି । ସକାଳୁ ସକାଳୁ ହାତୀ କାହିଁକି ଗର୍ଜୁଛି ବୋଲି ଭୂତଖିଆ ମୁଣ୍ଡିଆ ପାଖକୁ ଗଲି । ପୋଖରୀ ଆରପଟ ପଥର ଆଢୁଆଳରେ

Digitized by PPRACHIN, SOA

ରହି ଦେଖିଲି, ଠିକ୍ ବିପରୀତ ପଥର ଉପରେ ବଡ ଦନ୍ତାହାତୀଟା ତା ଆଗ ଦି'ଗୋଡକୁ ରଖି ଶୁଣ୍ଢ ଉପରକୁ ଟେକି ରଡୁଥାଏ ଖୁବ୍ ଜୋରରେ, ଯେପରି ଏହା ମଣିଷମାନଙ୍କ କାନକୁ ଶୁଭିବ ବୋଲି।

ହାତୀ ଏମନ୍ତ କାହିଁକି କରୁଥିଲା ବୋଲି ପଚାରିବାରୁ ସୁବଳ କହିଲା- ହାତୀର ଉଦ୍ଦେଶ୍ୟ ଥିଲା, ସେମାନଙ୍କ ବିପତ୍ତି ମଣିଷଙ୍କୁ ଜଣାଇଦେବା ପାଇଁ ।

"କିନ୍ତୁ କାହିଁକି" ? ପଚାରିଲି ମୁଁ ।

ଏହାଦ୍ୱାରା ସେ ଜଣାଇଦେବାକୁ ଚାହୁଁଥିଲା ଯେ ବୁଦ୍ଧିମାନ ମଣିଷର ବିନା ସାହାଯ୍ୟରେ ତା ସ୍ତ୍ରୀ ମାଈ ହାତୀଟା ଖାତ ଭିତରୁ ଉଠିପାରିବ ନାହିଁ ଆଉ କେବେ । ମଣିଷ ଉପରେ ତା'ର ବିଶ୍ୱାସ ଅଛି । ସତକୁ ସତ ମୋତେ ଦେଖି ଦନ୍ତା ଆଉ ଗର୍ଜିଲା ନାହିଁ । ଦନ୍ତା ପଥର ଉପରୁ ତା ଆଗଗୋଡ଼ ଉଠାଇ ନେଇ କିଛିବାଟ ଦୂରେଇ ଯାଇ ଗଛ ଆଢୁଆଳରେ ରହି ମୋତେ ଦେଖୁଥାଏ ମୁଁ କ'ଣ କରୁଛି ବା କରି ପାରୁଛି ।

ମୁଁ ହାତୀର ଆଚରଣ ଆଭାସରୁ ବୁଝିପାରି ବଡ଼ ପାଟିରେ କହିଲି - ଅପେକ୍ଷା କର । ମୁଁ କ'ଣ ଜଣେ ଲୋକ ଏକଲା ପାରିବି ? ଗାଁକୁ ଯାଉଛି, ଲୋକମାନଙ୍କୁ ନେଇ ଆସିବି । ଦନ୍ତା ବୁଝିଲା ଭଳି ପେଁ କରି ଶବ୍ଦକଲା । ତା ପେଁ କାଳି ମୋତେ ହଁ ଭଳି ଲାଗିଲା । ମୁଁ ସାଙ୍ଗରେ ନେଇଥିବା ସାଇକେଲକୁ ଧରି ଦୌଡ଼ିଲି ଆମ ଗାଁ କୁଆଁରମୁଣ୍ଡାକୁ । ଡେରିକଲେ ଲୋକମାନେ ଟ୍ରେଞ୍ଚଖୋଲିବାକୁ ପଳାଇବେ । ଗାଁ ମାଇପିମାନେ କ'ଣ ଏ କାମକୁ ପାରିବେ ? ଖୁବ୍ ଜୋରରେ ପ୍ୟାଡଲ ମାରିଲି । ଆମ ଗାଁ ସାହୁକାର ଜନାର୍ଦ୍ଦନ ସାହୁଙ୍କୁ ଏକଥା କହିଲି । ଭଲ ଲୋକ ସେ। ମୋ କଥା ଶୁଣନ୍ତି । ତାଙ୍କଠୁଁ ଲୋକଙ୍କ ପାଇଁ ମୁଁ ଋଣ ଆଣେ ଏବଂ ଲୋକଙ୍କଠୁଁ ଟଙ୍କା ଆଣି ଋଣ ପରିଶୋଧ କରେ । ସମସ୍ତେ ମୋତେ ଭଲ ପାଆନ୍ତି । ତାଙ୍କ ପରାମର୍ଶମତେ ସାଙ୍ଗ ସାଥୀ ଓ ସାହସୀ ଲୋକଙ୍କୁ ଧରି ଭୂତଖିଆ ପୋଖରୀକୁ ଆସିଲୁ । ସେତେବେଳକୁ ଦିନ ଦି'ପହର । ଟାଙ୍ଗିଆ କଟୁରୀରେ ଜଙ୍ଗଲରୁ ଲମ୍ବା ଲମ୍ବା ବଲ୍ହା ବାଉଁଶ କାଟି ଖାଇ ଭିତରେ ଶିଡ଼ି ଆକାରରେ ଖଞ୍ଜି ରଖିଲୁ ଓ ଗାଁରୁ ଆଣିଥିବା ମୋଟା ଲଙ୍ଗଳ ଦଉଡ଼ିକୁ ବାଘୁଆ ଫାଶ କରି ହାତୀ ଶୁଣ୍ଡ ଉପରକୁ ଫୋପାଡ଼ିଲୁ । ତା ନାକପୁଡ଼ା ଦେଇ ଶୁଣ୍ଢରେ ଫାଶ ଲାଗିଗଲା ଏବଂ ଦଉଡ଼ିକୁ ସେ ଶୁଣ୍ଢରେ ଗୁଡାଇ ରଖିଲା । ଦଉଡ଼ିର ଅନ୍ୟମୁଣ୍ଡକୁ ପୋଖରୀ ହୁଡ଼ାର ଗଛ ଗଣ୍ଡିରେ ଶକ୍ତ ଭାବେ ବାନ୍ଧିରଖି ଆମେ ସମସ୍ତେ ବଳ ଖଟାଇ ରଥ ଟାଣିବା ଭଳି ଦୌଡି ଟାଣିଲୁ । ହାତୀ ତା'ର ଗୋଡ଼କୁ ବହ୍ଲରେ ଭରାଦେଇ ଆସ୍ତେ ଆସ୍ତେ ଉପରକୁ ଉଠିଆସିଲା । ତା'ପରେ ଦଉଡ଼ିକୁ ଗଛରୁ ଫିଟାଇ ଦେଲୁ । କିନ୍ତୁ ହାତୀ ଶୁଣ୍ଡରୁ ଫାଶ ଖୋଲିବା ଆଉ ସମ୍ଭବ ହେଲା

Digitized by PPRACHIN, SOA

ନାହିଁ। ବଣୁଆ ହାତୀ ପାଖକୁ ଯିବ କିଏ ? ଶୁଣ୍ଢରୁ ପାଞ୍ଚ ହାତ ଛାଡ଼ି ଦଉଡ଼ିକୁ କାଟିଦେଲୁ କଟୁରିରେ। ଦଉଡ଼ିର କିଛି ଅଂଶ ଶୁଣ୍ଢରେ ଲାଗିରହିଲା ଲାଙ୍ଗୁଡ ଭଳି।

ମୁଁ ପଚାରିଲି- ଶୁଣ୍ଢବନ୍ଧା ଦଉଡି ଖଣ୍ଡକ କିଛି ଅସୁବିଧା କଲା ନାହିଁ ହାତୀର ?

"ହଁ ଆଜ୍ଞା, ସେ କଥା ପରେ କହିବି। ଏ ପର୍ଯ୍ୟନ୍ତ ଦନ୍ତା ଗଛ ଆଢୁଆଳରେ ରହି ସବୁ ଦେଖୁଥିଲା। ଆମ ପାଖକୁ ଆସୁନଥିଲା, କାରଣ ସେ ବୁଝି ପାରିଲା ଯେ ସେ ପାଖରେ ରହିଲେ ବୋଧହୁଏ ଲୋକମାନେ ତାକୁ ଭୟକରିବେ ଏବଂ ଉଦ୍ଧାର କାର୍ଯ୍ୟ ବାଧାପ୍ରାପ୍ତ ହେବ। ଏଥର ଦନ୍ତା ହାତୀର ଖୁସି। ସେ ଗୋଟେ କୃତଜ୍ଞତାର ବୋବାଳି ଛାଡ଼ି ମାଈକୁ ସାଙ୍ଗରେ ଧରି ବଣ ଭିତରକୁ ପଶିଗଲା।

ଆମ ସଙ୍ଗେ ଆମ ପଡାର ଦୁଇଟି ବଲୁଆ 'ନାକୁଡ଼ି'(କୁକୁର) 'ଧିମା' ଓ 'ଚିମା' ଆସିଥିଲେ। ସେମାନେ ଭାରି ସାହଯ୍ୟକାରୀ ପୋଷା ଜୀବ। ମଣିଷ ସଂଗେ ସେମାନେ ପଛେ ପଛେ ବା ଆଗେ ଆଗେ ଚାଲିଥାନ୍ତି ଜଙ୍ଗଲ ଭିତରେ। ଧନୁଶରରେ ଶିକାର କଲାବେଳେ ସେମାନେ ଶିକାରକୁ ଖୋଜି ଆଣିଥାନ୍ତି। ଆମେ ଗଭୀର ଗର୍ତ୍ତ ଭିତରୁ ମାଈ ହାତୀଟାକୁ ଉଦ୍ଧାର କରୁଥିଲାବେଳେ ସେମାନେ ମୁହଁରେ ଭୋ ଭୋ ହୋଇ ଚହଳ ପକାଉଥାନ୍ତି ଏବଂ ଦେଖୁଥାନ୍ତି ଆମେମାନେ କ'ଣ କିପରି କରିପାରୁଛୁ। ହାତିଣୀଟା ଉପରକୁ ଉଠି ଆସିଲା ପରେ ସେମାନେ ତା ପାଖକୁ ନିର୍ଭୟରେ ଦୌଡି ଯାଇ ତାକୁ ଶୁଙ୍ଘା ଶୁଙ୍ଘି କରିଥିଲେ। ହାତିଣୀଟା ସେମାନଙ୍କର କିଛି ବି କରି ନଥିଲା।

ମୁଁ ଚକିତ ଆଖିରେ ସୁବଳର ଗଜ ଉଦ୍ଧାରଣ କାହାଣୀ ନିସ୍ପନ୍ଦ ନିଶ୍ଚଳ ହୋଇ ଆକର୍ଣ୍ଣ ଶୁଣୁଥିଲି ଏବଂ ଚମକୃତ ହେଉଥିଲି ।

ଏମିତି ବିପଦ ବେଳେ ହାତୀମାନେ ମଣିଷର ସାହାଯ୍ୟ ଲୋଡ଼ିବାର ଅନେକ ଦୃଷ୍ଟାନ୍ତ ରହିଛି। ପ୍ରଖ୍ୟାତ ଶିକାରୀ ଓ ହାତୀଖେଦା ଓସ୍ତାଦ ଫ୍ରାଙ୍କ୍ ନିକୋଲାସ୍ (ଏସିଆନ୍ ଏଲିଫାଣ୍ଟ- ପୃଷ୍ଠା-୧୦୫)ରେ କହନ୍ତି, ଥରେ ସୂର୍ଯ୍ୟାସ୍ତ ସମୟରେ ସେ ଦନ୍ତାହାତୀ ପିଠିରେ ବସି ବରଗାଙ୍ଗ୍ ଝୋଲା ଅତିକ୍ରମ କଲାବେଳେ ହାତୀଚଲା ବାଟରେ ସଦ୍ୟ ପାହୁଲ ଚିହ୍ନ ଏବଂ ବାଘର ପଞ୍ଝାଦାଗ ପଡିଥିବାର ଦେଖିଲେ। ସେମାନେ ତାଙ୍କ ଆଗେ ଆଗେ ଏକମାତ୍ର ଝରଣା ପାର ହୋଇଛନ୍ତି ନିଶ୍ଚୟ ବୋଲି ଜାଣିଲେ, କାରଣ ମାଟି ଉପରେ ପାଦ ଦାଗରୁ ପାଣି ଶୁଖି ନଥାଏ, ତଥାପି ଓଦାଳିଆ ଥାଏ। ସେ ଅନୁମାନ କଲେ କୌଣସି ଛୁଆ ସହିତ ମାଈ ହାତୀକୁ ବାଘ ଅନୁଧାବନ କରୁଛି । ଠିକ୍ ଏତିକି ବେଳେ ହାତୀର ଗର୍ଜନ ଶୁଣିଲେ । ଦେଖନ୍ତି, ମାଈ ହାତୀଟିଏ ତାଙ୍କ ପାଖକୁ ଛୋଟେଇ ଛୋଟେଇ ଆସିଲା ଏବଂ ତା ଖଣ୍ଡିଆ ଆଗଗୋଡକୁ ଦେଖାଇଲା, ପୁଳାଏ ମାଂସ କିଏ ନେଇଯାଇଛି ଏବଂ ତାଜାରକ୍ତ ଝରୁଛି

Digitized by PPRACHIN, SOA

ବୋହୁଛି ଏବଂ ତା ହାତୀଶୁଣ୍ଢ ମୋ ଦନ୍ତା ହାତୀର ଶୁଣ୍ଢରେ ଲଗାଇ ତା ଦୁଃଖ ଜଣାଇଲା ଓ ବାଘ ବିଷୟରେ ଫେରାଦ କଲା ଏବଂ ବୁଜିପଡ଼ି ଆମକୁ ସେଇ ସ୍ଥାନକୁ ନିମନ୍ତ୍ରଣ କଲା ଭଳି ଆଗରେ ଚାଲିଲା । ଠିକ୍ ୩୦/୪୦ ହାତ ଦୂରରେ ରାସ୍ତାକଡ ଘଞ୍ଚ ବେତଗଛ ପାଖରେ ତା ହାତୀ ଛୁଆର ଦୁର୍ଦ୍ଦଶା ଆମକୁ ଦେଖାଇଲା । ଦୁଇବର୍ଷର ଛୁଆ ହେବ । ତା ମୁଣ୍ଡର ମାଂସ ପ୍ରାୟ ନଥିଲା, ଖପୁରୀ ଦିଶୁଥିଲା, ମୁଣ୍ଡଟା ସଂପୂର୍ଣ୍ଣ ବିଦୀର୍ଣ୍ଣ, ତାଜା ରକ୍ତର ସ୍ରୋତ ଚାଲୁଛି । ହାତୀ ଛୁଆଟା ଛଟପଟ ହେଉଥିଲା ଏବଂ ମା' ହାତୀଟା ବାଘ ଆଡକୁ ଶୁଣ୍ଢରେ ଦେଖାଇ ଦେଉଥିଲା । ବେତକୋଳି କଣ୍ଟା ଗଛ ଏତେ ବହଳ ଥିଲା ଯେ ଫ୍ରାଙ୍କ୍ ନିକୋଲାସ ଭିତରକୁ ଯିବା କଷ୍ଟକର ହୋଇପଡୁଥାଏ । ବାଘକୁ ସେ ଦେଖି ପାରିପାରୁ ନଥାନ୍ତି, କିନ୍ତୁ ପଞ୍ଝା ଚିହ୍ନରୁ ତାକୁ ଅନୁଧାବନ କଲେ କିଛି ସମୟ । ବାଘକୁ ଆଉ ଦେଖି ପାରିଲେ ନାହିଁ। ଚତୁର ବାଘ ନେପେଟେଇ କେଉଁଠି ଲୁଚି ଯାଇଥିଲା ଶତ୍ରୁକୁ ଦେଖି। ଏମିତି ଲୁଚିଯିବା ବାଘର ପ୍ରକୃତି, କିନ୍ତୁ ମା' ହାତୀ ତା ଛୁଆକୁ ଛାଡ଼ି ଯାଇନଥିଲା କୁଆଡେ। ଶୁଣ୍ଢରେ ତା ଦେହକୁ ସାଉଁଳୁଥିଲା ଏବଂ ତା ନିଜ କ୍ଷତାକ୍ତ ଗୋଡକୁ ଲକ୍ଷ୍ୟ କରୁଥିଲା । ତା'ର ଆବେଦନ ଥିଲା ଦୁଷ୍ଟ ବାଘକୁ ଦଣ୍ଡଦେବାକୁ। ଖୋଜି ଖୋଜି ସେ କିନ୍ତୁ ବାଘକୁ ପାଇ ନଥିଲେ, କେଉଁଠି ଲୁଚି ରହିଲା ନଟାବୁଦା ଭିତରେ । ଅନ୍ଧାର ମାଡି ଆସୁଥିଲା। ନିକୋଲାସ ମହାଶୟଙ୍କ ପାଖରେ ଟର୍ଚ୍ଚ ନଥିଲା। ସେ କ୍ୟାମ୍ପକୁ ଫେରିଲେ। ସେ ଅସମର୍ଥ ହୋଇଥିଲେ ବାଘକୁ ମାରିବାକୁ। ଅବଶ୍ୟ ହାତୀ ଛୁଆଟା ଯନ୍ତ୍ରଣାରେ ମରିଯାଇଥିବ ବା ବାଘ ତାକୁ ଖାଇଦେଇଥିବ, କାରଣ ତା'ର ମା' ସାଂଘାତିକ କ୍ଷତାକ୍ତ ଥିଲା । ଯଦି ସୁରକ୍ଷା ଦେବାକୁ କୌଣସି ଦନ୍ତାହାତୀ ଆସିନଥାଏ, ଉଭୟଙ୍କ ଅବସ୍ଥା ଅନୁମେୟ ।

କ୍ୟାମ୍ପର ସହଯୋଗୀମାନେ କଷ୍ଟ ପାଉଥିବା ଛୁଆଟାକୁ କାହିଁକି ନମାରି ଦେଇ ଏମିତି ଯନ୍ତ୍ରଣାରେ ତାକୁ ଛାଡ଼ି ଆସିଲେ ବୋଲି ପଚାରିବାରୁ ସେ କହିଲେ, ତାଙ୍କ ବିବେକ ବାଧା ଦେଲା ଏବଂ ମା' ଆଗରେ ଶିଶୁକୁ ଗୁଳି କରି ହତ୍ୟା କରିବା ବିବେକହୀନ କାର୍ଯ୍ୟ ଏବଂ ଏତଦ୍ବାରା ମା'ର ଆର୍ତ୍ତ, ଦୁଃଖ ଅଧିକ ହୋଇଥାନ୍ତା ଏବଂ ଏହା ଶିକାରନିୟମ ବିରୁଦ୍ଧକାର୍ଯ୍ୟ। ତେବେ ତହିଁ ପରଦିନ ସକାଳେ ସେମାନଙ୍କ ଅବସ୍ଥା ଦେଖିବାକୁ ଯାଇ ଯାହା ଦେଖିଲେ ବାସ୍ତବିକ୍ ହୃଦୟବିଦାରକ ଥିଲା। ସେ ଯାହା ଅନୁମାନ କରିଥିଲେ ସତ୍ୟ। ରାତିରେ ସୁରକ୍ଷା ଦେବାକୁ କୌଣସି ଦନ୍ତହାତୀ ତା ପାଖକୁ ଆସିନଥିଲେ। ଅଞ୍ଚଳର ଦନ୍ତାହାତୀମାନେ ହାତୀଖେଦାକୁ ଡରି ଦୂରକୁ ପଳାଇ ଯାଇଥିଲେ। କେତୋଟି ମାଈହାତୀ ଛୁଆମାନଙ୍କ ସହିତ ରହୁଥିଲେ, ଯେଉଁମାନଙ୍କୁ ହାତୀଖେଦା ପାଇଁ ଧରାଯାଉ ନଥିଲା ବା ଖେଦାରେ ପଡିଲେ ଛାଡି ଦିଆଯାଉଥିଲା। ଏଇ ମା' ହାତୀଟି କେତେଦିନ ତଳେ ଧରାଯାଇ ଖେଦାରୁ ଛାଡ଼ି ଦିଆଯାଉଥିଲା। ତେବେ ସେଦିନ ରାତିରେ ହାତୀ

Digitized by PPRACHIN, SOA

ଛୁଆକୁ ବାଘ ଖାଇଥିଲା ଏବଂ କେବଳ ତା ଦେହର ହାଡ ତକ ପଡିଥିଲା । ହାଡପାଖରେ ମା' ହାତୀ ଠିଆହୋଇ ଆଖିରୁ ଲୁହ ଗଡାଇ କାନ୍ଦୁଥିଲା । ନିକୋଲାସ ମହାଶୟଙ୍କୁ ଦେଖି ସେ ପାଖକୁ ଚାଲି ଆସିଲା ଏବଂ ତା ଶୁଣ୍ଢକୁ ତାଙ୍କ ଦନ୍ତାହାତୀ ଶୁଣ୍ଢରେ ଛୁଆଇଁ ଦୁଷ୍ଟ ବାଘକୁ ଖୋଜି ଦଣ୍ଡସ୍ୱରୂପ ହତ୍ୟା କରିବା ପାଇଁ ନିବେଦନ କଲା । ସେ ଛୋଟେଇ ଛୋଟେଇ ଚାଲୁଥିଲା । ଏଣୁ ନିକୋଲାସ ମହାଶୟ ହାତୀ ପିଠିରୁ ଓହ୍ଲାଇ ତା ଗୋଡରେ କ୍ଷତାଂଶକୁ ଔଷଧ, ଆଣ୍ଟିବାୟୋଟିକ ଲାଗାଇ ବ୍ୟାଣ୍ଡେଜ୍ କରିଦେଲେ ଓ ଛୁଆ ମରିଥିବା ସ୍ଥାନଟିକୁ ପରୀକ୍ଷା କରି ଦେଖିଲେ ଯେ ସେଠାରେ ଗୋଟିଏ ବାଘୁଣୀର ପାଦଚିହ୍ନ ସହିତ ଛୋଟ ଛୁଆବାଘମାନଙ୍କ ପାହୁଲ ଚିହ୍ନ ପଡ଼ିଛି । ଅତଏବ ବାଘ ତା ଶାବକମାନଙ୍କ ସହିତ ଗତ ରାତିରେ ହାତୀ ଛୁଆଟିକୁ ସଂପୂର୍ଣ୍ଣ ଖାଇଛନ୍ତି, ଯାହା ନିଶ୍ଚିତ ଜଣାପଡିଲା । ଏକପକ୍ଷରେ ମା' ହାତୀ ତା ଶିଶୁର ଏମନ୍ତ ଦୁଃଖଦ ମୃତ୍ୟୁ ଦୃଶ୍ୟ ସ୍ୱଚକ୍ଷୁରେ ଦେଖି କେବଳ ଲୁହ ଝରାଉଥିଲା ବେଳେ, ଅନ୍ୟପକ୍ଷରେ ମା' ବାଘୁଣୀ ତା ଶାବକମାନଙ୍କୁ ଖାଦ୍ୟ ଦେବା ପାଇଁ ହାତୀ ମା'ର ସନ୍ତାନକୁ ଆନନ୍ଦରେ ଆହାର କରୁଥିଲା । ବଞ୍ଚିରହିବା ପାଇଁ ପ୍ରାଣୀକୁଳର ଆକ୍ରମଣ ଓ ପ୍ରତିଆକ୍ରମଣର ବିଚିତ୍ର ଜାଙ୍ଗଲିକ ସଂଘର୍ଷ ଧାରା ଆଶ୍ଚର୍ଯ୍ୟ ଲାଗେ । ତେବେ ପ୍ରାଥମିକ ଚିକିତ୍ସା ପରେ ମାଈ ହାତୀକୁ ସେ ଦନ୍ତା ହାତୀ ସାହାଯ୍ୟରେ ହାତୀଶାଳକୁ ନେଇ ଆଣି ଚିକିତ୍ସା ଅବ୍ୟାହତ ରଖିଲେ । ସଂପୂର୍ଣ୍ଣ ସୁସ୍ଥ ହେବା ପରେ ତାକୁ ମୁକ୍ତ କରାଗଲା, କିନ୍ତୁ ସେ ହାତୀଶାଳ ଛାଡ଼ି ଆଉ ଗଲାନାହିଁ । ଇତି ମଧ୍ୟରେ ଦନ୍ତା ସହିତ ତା'ର ସଂପର୍କ ବୃଦ୍ଧି ପାଇଥିଲା ଏବଂ ସଂଗମ ପାଇଁ ସେମାନଙ୍କୁ ରାତିରେ ବଗଗାଙ୍ ଅଭୟାରଣ୍ୟରେ ଛାଡ଼ି ଦିଆଗଲା । ହାତୀମାନେ ଯେତିକି ଶାନ୍ତିପ୍ରିୟ ସେତିକି ପ୍ରତିଶୋଧପରାୟଣ ମଧ୍ୟ । ମନେହୁଏ ଏଇ ହାତୀ-ଦମ୍ପତି ଶିଶୁ ହତ୍ୟାକାରୀ ବାଘୁଣୀକୁ ଅରଣ୍ୟରେ ଖୋଜି ବୁଲୁଥିଲେ । ଦିନେ ବାଘୁଣୀ ତା ଶାବକମାନଙ୍କ ସହିତ ବୁଲୁଥିଲାବେଳେ ହାବୁଡ଼ରେ ପଡ଼ିଗଲା ଏବଂ ହାତୀ-ଦମ୍ପତି ବାଘୁଣୀକୁ ମାଡ଼ି ବସିଲେ ଯୋଡାକୁ ଘୋଡ଼ା ସରି ହେବନି ନ୍ୟାୟରେ । ବଳବାନ୍ ଦନ୍ତାହାତୀ ତା ଦାନ୍ତରେ ବାଘୁଣୀର ଛାତି ଫୁଟାଇ ଦେଇଥିଲାବେଳେ ମାଈ ହାତୀଟା ବାଘୁଣୀକୁ ତା ଗୋଡରେ ଦଳି ଚକଟି ଦେଇଥିଲା । ବାଘୁଣୀଟିଏ ମରି ପଡ଼ିଥିବା ଖବର ପାଇ ନିକୋଲାସ ମହାଶୟ ଦେଖିବାକୁ ଗଲେ ହାତୀ ଦମ୍ପତିକୁ ନେଇ । ଦମ୍ପତିଙ୍କର କେତେ ଆନନ୍ଦ ପ୍ରତିଶୋଧ ନେଇ ପାରିଥିବାରୁ । ବଣୁଆ ହାତୀ ଏମିତି ମଣିଷର ସାହାଯ୍ୟ ଲୋଡ଼ିବା ଆଶ୍ଚର୍ଯ୍ୟ ଘଟଣା ନୁହେଁ । ସୁବଳର ସାହସକୁ ସାବାସ କଲି । ଜାଣିପାରିଲି ସେ ଅଞ୍ଚଳର ହାତୀମାନଙ୍କୁ ନ ଡରିବାର କାରଣ ।

ହାତୀମାନେ ଯେ କେତେ ବୁଦ୍ଧିମାନ୍ ଓ ମଣିଷର ଜ୍ଞାନ, ଶକ୍ତି, ସାମର୍ଥ୍ୟ, ବୃତ୍ତି ପ୍ରବୃତ୍ତି ବିଷୟରେ କେତେ ପରିମାଣରେ ଅବଗତ- ଏଠି ଆଉ ଏକ ଉଦାହରଣ

Digitized by PPRACHIN, SOA

ମୋ ମନକୁ ଛୁଇଁଛି । ଏଇ କିଛିଦିନ ପୂର୍ବେ ଯେଉଁଦିନ ରାୟଗଡ଼ା ସହରରେ 'ଜିଲ୍ଲାସ୍ତରୀୟ କର୍ମ ନିଯୁକ୍ତି କର୍ମଶାଳା' ଅନୁଷ୍ଠିତ ହୋଇଥିଲା, ଜଣେ ଜିଲ୍ଲାସ୍ତରୀୟ ଅଫିସର ଭାବେ ଜିଲ୍ଲାର ସ୍ୱାସ୍ଥ୍ୟସେବା ଅଧିକାରୀ ଡାକ୍ତର ଯୁଗଳ କିଶୋର ପଢିଆରି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ସେଦିନ ସମ୍ମିଳନୀ କକ୍ଷରେ ମୋର ମନ୍ତବ୍ୟ-ବକ୍ତବ୍ୟଟି ଶୁଣି ମୋତେ ଧନ୍ୟବାଦ ଦେଇଥିଲେ । ସେ ଏଇ ଅଳ୍ପଦିନ ହେଲା ସ୍ଥାନୀୟ ମୁଖ୍ୟ ହାସପାତାଳର ମୁଖ୍ୟ ଚିକିତ୍ସାଧିକାରୀ ଭାବେ ଯୋଗ ଦେଇଛନ୍ତି । ଠିକ୍ ସପ୍ତାହକ ପରେ ମୋର ତାଙ୍କ ସହିତ ସାକ୍ଷାତ ହୁଏ ହାସପାତାଳରେ ଦ୍ୱିତୀୟ ଥର ପାଇଁ । ମୁଁ ଅଫିସ ଦିନମାନଙ୍କରେ ଉଷାକାଳରେ ଶଯ୍ୟାତ୍ୟାଗ କରି ପ୍ରଭାତ ଭ୍ରମଣରେ ବାହାରି ଯାଇଥାଏ । ଦୁର୍ଭାଗ୍ୟ ଯେ ମୋର କ୍ୱାଟର ଛୁଇଁବାକୁ ଆଉ ଅଳ୍ପ ଦୂର, ଜଣେ ମୋଟର ସାଇକେଲ ଚଢାଳିର ଧକ୍କାରେ ମୁଁ ସାମାନ୍ୟ ଆହତ ହେଲି । ମୋ ପାଦ ଖଣ୍ଡିଆ ହୋଇ ରକ୍ତ ଝରୁଥିଲା । ଏଣୁ ବସାକୁ ଫେରିବି କଅଣ ? ହାସପାତାଳ ଯିବାକୁ ପଡ଼ିଲା । ପୂର୍ବରୁ ମୋର ପରିଚୟ ଡାକ୍ତର ପଢିଆରି ପାଇ ସାରିଥିଲେ । ସେ ଚିହ୍ନିନେଲେ ଏବଂ ଆଣ୍ଟିଟିଟାନସ ଇଞ୍ଜେକ୍ସନ ଦେଇ କ୍ଷତସ୍ଥାନ ଚିକିତ୍ସା ପରେ ତାଙ୍କ ପ୍ରକୋଷ୍ଠକୁ ସ୍ୱାଗତ କରିନେଲେ ଏବଂ ସେଦିନ ସମ୍ମିଳନୀରେ ମୋର ବକ୍ତବ୍ୟର ପୁନରାବୃତ୍ତି କଲେ । ସୌଜନ୍ୟ ଦୃଷ୍ଟିରୁ ତାଙ୍କ ପୂର୍ବ ନିଯୁକ୍ତିସ୍ଥାନ, ଚାକିରି ଜୀବନର ଅନୁଭୂତି ଆଦି ପଚାରିଲି । ଏହା ପୂର୍ବରୁ ସେ କଳାହାଣ୍ଡି ଜିଲ୍ଲା ସଦର ମହକୁମା ଭବାନୀପାଟଣାରେ ମେଡିକାଲ ଅଫିସର ଥିଲେ । ପଦୋନ୍ନତି ପାଇ ସେ ରାୟଗଡ଼ାରେ ଅବସ୍ଥାପିତ ହୋଇଛନ୍ତି । ନିଜ ଜନ୍ମସ୍ଥାନ ଜୁନାଗଡ଼, ପାହାଡ ପର୍ବତ ବଣନଟାପୂର୍ଣ୍ଣ ଓଡ଼ିଶାର ପଶ୍ଚିମାଞ୍ଚଳ । ତାଙ୍କ ଚାକିରି ଆରମ୍ଭ ହୁଏ କର୍ଲାପାଟ ଗ୍ରାମାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ରରେ । ଅତଏବ ଅଧିକାଂଶ ସମୟରେ ଜଙ୍ଗଲ ଜୀବନ ସହିତ ବାଲ୍ୟକାଳରୁ ସେ ପରିଚିତ । ସ୍ୱାସ୍ଥ୍ୟକେନ୍ଦ୍ରରେ ଚାକିରିକାଳରେ ଦୁର୍ଗମ ବଣ୍ୟଗ୍ରାମକୁ ରୋଗୀସେବା ପାଇଁ ଯିବାକୁ ପଡ଼ିଥାଏ ବନ ବନାନୀ ଓ ପାହାଡ ପର୍ବତ ଘାଟି ପାରିହୋଇ । ଏଠାକାର ହାତୀ ସମ୍ବନ୍ଧରେ ତାଙ୍କର ଏକ ରୋମାଞ୍ଚକର ଅନୁଭୂତି ମୋତେ ଅଭିଭୂତ କରିଥିଲା -

ଏହି ଅଞ୍ଚଳରେ ଡେଙ୍ଗୁ ଜ୍ୱର ବ୍ୟାପିଥାଏ । ପଣ୍ଡା, ସୁରକି, ବାହାଲପୁର ଦୁର୍ଗମ ଗ୍ରାମମାନଙ୍କରେ ରୋଗୀସେବା ସାରି ସନ୍ଧ୍ୟାବେଳେ ସ୍ୱାସ୍ଥ୍ୟକେନ୍ଦ୍ର କର୍ଲାପାଟ ଫେରୁଥିଲେ ନିଜ ମୋଟର ସାଇକଲରେ । ଜଙ୍ଗଲ ଓ ଘାଟି ଅଞ୍ଚଳ । ଦେଖନ୍ତି, ଘାଟି ରାସ୍ତାର ମଝିରେ ମସ୍ତବଡ ଦନ୍ତାହାତୀଟି ସଦର୍ପେ ଠିଆ ହୋଇଛି । ମନରେ ଶଙ୍କା ଓ ପ୍ରଶ୍ନ-ବିଶାଳକାୟ ହାତୀକୁ ଆଡ଼େଇ ତାକୁ ଅତିକ୍ରମ କରି ପଳାଇ ଯିବେ ? ଯଦି ମୋଟର ସାଇକଲେକୁ ଦନ୍ତା ତା' ଶୁଣ୍ଢରେ ଧରିନିଏ ? ଆତଙ୍କିତ ହେଲେ ଡାକ୍ତର ପଢିଆରି । ମୋଟର ସାଇକଲର ଷ୍ଟାର୍ଟ ରଖି ଟିକିଏ ଭାବିଲେ । ରାସ୍ତା ମଝିଟାରେ ଦନ୍ତାହାତୀଟା

Digitized by PPRACHIN, SOA

ଛିଡା ହୋଇ ଶୁଣ୍ଢ ମୁଣ୍ଡ ହଲାଉଛି କାହିଁକି ? ଏମିତି ସେ ଯା’ ଆସ କଲାବେଳେ ହାତୀ ଦେଖିଛନ୍ତି ବହୁବାର । ସେମାନେ ଜନ ଓ ଯାନ ଦେଖିଲା ମାତ୍ରେ ବାଟ ଛାଡିଦେଇ ନଟା ଭିତରକୁ ପଶିଯା’ନ୍ତି । ଏଠି ଆଜି ତାଙ୍କୁ ଦେଖି ରାସ୍ତା ଓଗାଳିବାର କାରଣ କ’ଣ ହୋଇପାରେ ? ସେ ଅନୁଭବ କଲେ, ଦନ୍ତାହାତୀଟା ଯେମିତି ତାଙ୍କ ସାହାଯ୍ୟ ଲୋଡୁଛି । ତହୁଁ, ହାତୀଟା ପଛେଇ ପଛେଇ ଗଲା ମୋଟର ସାଇକଲ ଆଗଟକକୁ ତା’ ଲାଞ୍ଜ ଛୁଇଁଲା ପର୍ଯ୍ୟନ୍ତ । ଅର୍ଥାତ୍ ସେ ବୁଝିଲେ, ହାତୀ ତା’ ପଛେ ପଛେ ଯିବାକୁ ତାଙ୍କୁ ଆହ୍ୱାନ କରୁଛି କୌଣସି ଦୁର୍ଘଟଣାଗ୍ରସ୍ତ ଜାନୁଅରର ସେବାର୍ଥେ । ହାତୀ କ’ଣ ଜାଣି ପାରିଲା ଯେ ସେ ଜଣେ ଡାକ୍ତର ! ରୋଗୀସେବା ତାଙ୍କ କର୍ତ୍ତବ୍ୟ ଆଉ ଧର୍ମ ! ହୋଇପାରେ, ହୁଏତ ଉଚ୍ଚ ପଶୁ ବୁଝିପାରିଥାଏ ମନୁଷ୍ୟର ମନୋଭାବ, ବୃତ୍ତି ଓ ପ୍ରବୃତ୍ତି । କିନ୍ତୁ ମଣିଷ ବୁଝିପାରି ନଥାଏ ତା’ ମନଗହନର କଥା ଓ ହାବଭାବ । ତପରେ ଡାକ୍ତର ମୋଟର ସାଇକଲକୁ ରାସ୍ତାଧାରରେ ରଖି ଡିକିରୁ ଔଷଧବାକ୍ସ ଓ ଟର୍ଚ୍ଚ କାଢ଼ିଲେ । ଦନ୍ତାକୁ ଅନୁଧାବନ କରନ୍ତେ ଦନ୍ତା ଶୋଇପଡି ପିଠି ଦେଖାଇଲା ଏବଂ ତା’ ପିଠି ଉପରେ ସାହସୀ ଡାକ୍ତର ପଡିଆରି ଟର୍ଚ୍ଚ ଓ ଔଷଧ ବ୍ୟାଗ୍ ଧରି ବସିଲେ । ଦନ୍ତା ତାଙ୍କୁ ନେଇ ଜଙ୍ଗଲ ଭିତରକୁ ପ୍ରବେଶ କଲା । ପ୍ରାୟ ୨୦୦ ଗଜ ପରେ ଦେଖନ୍ତି, ଗୋଟିଏ ମା’ ହାତୀ ଓ ତା’ର ଛୁଆକୁ । ତା’ ଆଗ ଦୁଇ ଗୋଡ ଚିରରୁ ହାତୀ ଛୁଆ କ୍ଷୀର ପିଉଛି । ସେଇଠି ଦନ୍ତା ତାଙ୍କୁ ଓହ୍ଲାଇଦେଲା । ସେ ଟର୍ଚ୍ଚ ପକାଇ ଦେଖନ୍ତି ମା’ ହାତୀଟି ତା’ ବାମ ଗୋଡ଼କୁ ଟେକି ରଖିଛି, ଭୂଇଁରେ ଥୋଇପାରୁନାହିଁ । ପାଖକୁ ଯାଇ ଦେଖିଲେ ଗୋଟେ ହାତ ଲମ୍ବର ବାଉଁଶ କିଳା ତା’ ପାଦ ପାହୁଲରେ ପଶିଯାଇଛି ଶକ୍ତ ଭାବେ ଏବଂ ତାଜା ରକ୍ତ ପାଦରୁ ବୋହି ଚାଲିଛି । ଏଥର ଦନ୍ତା ଆଚରଣର କାରଣ ବୁଝି ପାରିଲେ ଡାକ୍ତର । ସାହସ ସଞ୍ଚୟ କରି ସେ ବାଉଁଶ କିଳାକୁ ଦୁଇ ହାତ ପ୍ରୟୋଗ କରି ଟାଣି ଆଣିଲେ ଏବଂ କ୍ଷତସ୍ଥାନରେ ତୁଳା, ଗଜ୍ ଓ ଔଷଧ ଦେଇ ଦୃଢଭାବେ ବ୍ୟାଣ୍ଡେଜ କରିଦେଲେ । ତାକୁ ସେବା କଲାବେଳେ ଦନ୍ତା ପାଖରେ ରହି ତା’ କାନ ଦ୍ୱାରା ଡାକ୍ତରଙ୍କୁ ବିଞ୍ଚିରହିଥିଲା । ଡାକ୍ତରଙ୍କ ସେବା ସାହାଯ୍ୟକୁ ସ୍ୱୀକାର କରି ମାଈ ହାତୀ ଶୁଣ୍ଢ ଟେକିଲା, କ୍ଷତାକ୍ତ ପାଦକୁ ଭୂଇଁରେ ରଖିଲା, ଆଶ୍ୱସ୍ତି ଅନୁଭବ କଲା, ଶେଷରେ ଚାଲି ପାରିଲା । ପୁନଶ୍ଚ ଦନ୍ତା ସେଇପରି ମୁଣ୍ଡ ତଳକୁ କରି ତା’ ପିଠିରେ ବସିବାକୁ ଇସାରା ଦେଲା, ଡାକ୍ତର ତା’ ପିଠିରେ ବସିଲେ । ଦନ୍ତା, ମାଈ ହାତୀ ଓ ତା’ ଛୁଆ ରାସ୍ତାକଡରେ ରଖିଥିବା ମୋଟର ସାଇକଲ ପର୍ଯ୍ୟନ୍ତ ଗଲେ ଏବଂ ଡାକ୍ତରଙ୍କୁ ବିଦାୟ ସମ୍ବର୍ଦ୍ଧନା ଦେଇଥିଲେ । ସତ ହେଲେବି ଗପପରି ଦଳପତି ଦନ୍ତାହାତୀର ଏମନ୍ତ ଆଚରଣ ଏବଂ ମଣିଷର ସାହାଯ୍ୟ ଲୋଡିବାର ଅସଂଖ୍ୟ ଉଦାହରଣ ମଧ୍ୟରୁ ଡାକ୍ତର ପଡିଆରିଙ୍କ ହସ୍ତୀସେବା ଘଟଣା ଅନ୍ୟତମ ଉଲ୍ଲେଖନୀୟ ଦୃଷ୍ଟାନ୍ତ । •••

Digitized by PPRACHIN, SOA

- ୭ -

ମୋ ବନ୍ଧୁମାନେ ସୁବଳର ଗଳ୍ପ ଉଦ୍ଧାରଣ କାହାଣୀ ଏବଂ ଅନୁକମ୍ପାର ବିବରଣୀ ଶୁଣୁଥିଲେ କି ନାହିଁ ମୋର ଧ୍ୟାନ ନଥିଲା। କିନ୍ତୁ ସେମାନେ ଭୟରେ କଣ୍ଠାପାଣି ଥିଲେ। ଗଣପତି ନାଥଶର୍ମା ବିଷ୍ଣୁ ସହସ୍ର ନାମ ଉଚ୍ଚାରଣ କରି ଚାଲିଥାଆନ୍ତି ସମ୍ଭାବ୍ୟ ବିପତ୍ତିରୁ ରକ୍ଷା ପାଇବା ପାଇଁ, କିନ୍ତୁ ଆଲୋକ ଘୋଷଙ୍କ ଅବସ୍ଥା ଆଶାୟତ୍ତ ଥିଲା। ସେ ପେଟ ଓ ପିଚାକୁ ଚାପିଧରି ବସ୍‌ଉଠ୍ ହେଉଥିଲେ ଜିପ୍ ଭିତରେ। ସେ ପେଟରେ ଯନ୍ତ୍ରଣା ପାଉଥିଲେ- ଜାଣିପାରିଲି। କ'ଣ ହୋଇଛି ଆଲୋକ ବାବୁ ? ପଚାରିଲି।

ଅମ୍ଳରୋଗୀ । ଖାଇବାରେ ଓ ପଥିରେ ଟିକିଏ ବ୍ୟତିକ୍ରମ ହେଲେ, କ'ଣ ଟିକେ ଯାତୁ ସାତୁ ଖାଇଦେଲେ ଦେହରେ ଯାଉନାହିଁ । ସଂଯତ, ସଂଯମ ଓ ସାବଧାନରେ ନିର୍ବାଚିତ ଖାଦ୍ୟ ଖାଆନ୍ତି ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ । ମାଛ ମାଂସ ପ୍ରତି ପ୍ରଚଣ୍ଡ ଦୁର୍ବଳତା, ଆଇଁଷିଆ ସ୍ୱଭାବ । କିନ୍ତୁ ମସଲା ମସିଲି ତରକାରୀ ଟିକିଏ ଅଧିକ ଖାଇଦେଲେ ହଜମ କରି ପାରନ୍ତି ନାହିଁ । ଆଜି ଅଧିକ ମସଲା ଦିଆ ଚିଙ୍ଗୁଡି ତରକାରୀ ପେଟେ ଖାଇ ଦେଇଛନ୍ତି, କିନ୍ତୁ ସମ୍ଭାଳେ କିଏ ? ଗାଡ଼ିରେ ବସିବାବେଳହୁଁ ଅସୁସ୍ଥତା ଅନୁଭବ କଲେଣି । ଖାଲି ଅଜୀର୍ଣ୍ଣ ଖଇହାକୁଟି । ବେଲ୍‌ଘର ବଙ୍ଗଳା ବିଷୟରେ ଶୁଣିଥିଲେ, କିନ୍ତୁ ସୁଯୋଗ ପାଇନଥିଲେ ସ୍ୱଚକ୍ଷୁରେ ଦେଖିବାକୁ । ମୁଁ ଆସିବା କଥା ଶୁଣି ଲୋଭ ସମ୍ବରଣ ନକରିପାରି ପୁଳାଏ ଔଷଧ ଜରୁରୀ ବ୍ୟବହାର ପାଇଁ ଧରି ଆସିଛନ୍ତି। ସେ ଦୁଇ ଆଙ୍ଗୁଠି ଦେଖାଇ କହିଲେ- 'ଦୁଇ' ଲାଗୁଛି ଖୁବ୍ ଜୋରରେ, ବାନ୍ତି ମଧ୍ୟ । ପେଟ ଓ ପିଚାକୁ ଚାପି ଧରିଥାନ୍ତି ।

କହିଲି- ଟିକିଏ ଆଉ ସମ୍ଭାଳି ଯା'ନ୍ତୁ ଆଲୋକ ବାବୁ । ସେ କହିଲେ - ଚେଷ୍ଟା କଲିଣି ବହୁତ । ଆଉ ହେବନି ... । ନହେଲେ ଏଇଠି, ଗାଡ଼ି ଭିତରେ... । ଏହା କହି ସେ ମୁହଁ ବାହାରକୁ କରି ଅ ଅ କରି ଗୁଡ଼ାଏ ବାନ୍ତି କଲେ । ବେହଜମି ଖାଦ୍ୟ - ଗନ୍ଧରୁ ବାରି ହୋଇପଡୁଥିଲା । ବ୍ୟାଗରୁ ଚେନ୍ ଖୋଲି ଡବାରୁ ଗୁଡାଏ ଆଣ୍ଟାସିଡ୍ ଟାବଲେଟ୍ ଗିଳି ପକାଇଲେ । ବୋତଲ ଖୋଲି ଅଧ ବୋତଲେ ପାଣି ପେଟ ଭିତରକୁ ଜୋର କରି ଠେଲିଦେଲେ ।

Digitized by PPRACHIN, SOA

ଭଲ ଲାଗିଲା ? ପଚାରିଲି,

ଆଉ ସମ୍ଭାଳି ପାରୁନି, ଝାଡ଼ା ଯିବି, ଅଧ ଘଣ୍ଟାଏ ହେଲା ଚାପି ରଖିଲିଣି । ଏଥର... ।

ଆଉ ଟିକିଏ ରହିଯାଅ । ହେଇ ହାତୀ ବୋଧେ ଛୁଆ ଦେଇ ସାରିଲାଣି ନା କ'ଣ ! ଏଥର ବାଟ ଛାଡି ଦେବେ, ପଳାଇବେ ଜଙ୍ଗଲ ଭିତରକୁ ଚରିବା ପାଇଁ କହିଲି ।

: ନା ମୋହନ ବାବୁ ନା, ଏଇଠି...

ଗୋଟେ ବଡ ଦୁର୍ବାୟୁ ବାୟୁମଣ୍ଡଳକୁ ଦୂଷିତ କଲା । ତାପରେ ତରଳ ବିଷ୍ଠାର ଗନ୍ଧ । ପ୍ୟାଣ୍ଟ୍ ଭିତର ଅନ୍ତର୍ବାସ ଚଡ଼ି ଉଦରବର୍ଜିତ ତରଳ ପଦାର୍ଥରେ ଓଦାହେଲା, ପାଦ ପର୍ଯ୍ୟନ୍ତ ବୋହିଗଲା ।

କହିଲି, ରହନ୍ତୁ ରହନ୍ତୁ । ଆରେ ସୁବଳ; ଶୀଘ୍ର ବାବୁଙ୍କୁ ତଳକୁ ନେଇଯାଅ । ନୋହିଲେ ... ।

ଖୁବ୍ ନିକଟରେ ବୁଦା ଭିତରେ ରାତି ପହରିଆ ବିଲୁଆମାନେ ସମବେତ ଭାବେ ହୁକେ ହୋ ହୁକେ ହୋ ସ୍ୱର ମେଳିଲେ । ଅଜଣା ଏକ ବୃକ୍ଷ ଡାଳରେ ଅଦୃଶ୍ୟ ଏକ ପେଚା ହୁଟ୍ ହୁଟ୍ ଡାକ ଛାଡିଥିଲା । ଝିଂକାରୀ ଅବିରତ ଝିଁଝିଁ ସ୍ୱର ମେଳି ରହିଥିଲା, ଅନ୍ଧାର ରାତିର ଗଭୀରତା ପ୍ରଚାର କରୁଥିଲା । ଘନ ଅରଣ୍ୟରେ ଅନ୍ଧକାରମୟ ରଜନୀ । ସହର ନିବାସୀ ବାବୁମାନଙ୍କ ପାଇଁ ଏକ ଭୟାର୍ତ୍ତ ପରିସ୍ଥିତି ।

ସୁବଳ ବଳ ଦେଇ କହିଲା, କିଛି ଭୟ ନାହିଁ । ମୁଁ ଅଛି ବାବୁ, ମୋ ହାତ ଧରି ତଳକୁ ଆସନ୍ତୁ ।

ଆଲୋକ ବାବୁ ଏଥର ଦେହରୁ ସଂକ୍ରମିତ ପ୍ୟାଣ୍ଟ୍, ଚଡ଼ି ଓ କୁର୍ତ୍ତାଦି ପାଲଟି ଗାମୁଛା ପିନ୍ଧିଲେ । ସଂକ୍ରମିତ ପୋଷାକଗୁଡ଼ିକୁ ପଲିଥିନ ବ୍ୟାଗରେ ପୂରାଇଲେ ଏବଂ ସୁବଳ ହାତଧରି ତଳକୁ ଓହ୍ଲାଇଲେ ଓ ଗାଡ଼ି ପଛପାଖ ରାସ୍ତାକୁ ପାଇଖାନା କଲେ । ପେଟରୁ ବର୍ଜ୍ୟ ପଦାର୍ଥ ପରିତ୍ୟାଗ ପରେ ଉପଶମ ଅନୁଭବ କଲେ । କହିଲେ- ଓଃ କି ଶାନ୍ତି ! ଟିକିଏ ଭଲ ଲାଗିଲା ।

କିନ୍ତୁ ଶୌଚ ପାଇଁ ପାଣି ? ସାଙ୍ଗରେ ନେଇଥିବା ପୁରୁଣା ଖବର କାଗଜ ବ୍ୟବହାର କରି କାମ ଚଳାଇ ଦେଲେ । ପୁନଶ୍ଚ ସୁବଳ ହାତ ଧରି ଜିପ୍‌କୁ ଉଠିଲେ । ପଶ୍ଚାତାପ ଗଳାରେ କହିଲେ - ଆରେ ବାପ୍ରେ ! ଏ ଜାଗାରେ ଏତେ ହାତୀ ଅଛନ୍ତି ବୋଲି ଜାଣି ନଥିଲି ।

Digitized by PPRACHIN, SOA

ତେବେ ଯାହାହେଉ, ହାତୀମାନେ ଗୋଟିଏ ପରେ ଗୋଟିଏ ରାସ୍ତା ଛାଡ଼ି ବଣ ଭିତରେ ପ୍ରବେଶ କଲେ । ହେଡ୍ ଲାଇଟ୍ ପକାଇ ଦେଖିଲି , ମା' ହାତୀ ତା ନବଜାତ ଶିଶୁକୁ ଆଗ ଦୁଇଗୋଡ ସନ୍ଧି ଚିରରୁ ଦୁଗ୍ଧପାନ କରାଉଥିଲା । ସଦ୍ୟଜାତ ଶିଶୁକୁ ବଡ଼ ହାତୀମାନେ ସୁରକ୍ଷା ବଳୟ ଭଳି ଘେରି ରଖିଥିଲେ । ସେମାନଙ୍କ କେତେଗୁଡ଼ିଏ ଫଟୋ ମୋ ଲେନ୍ସଯୁକ୍ତ କ୍ୟାମେରାରେ ଉଠାଇ ନେଇଥିଲି । କିନ୍ତୁ ଆବଶ୍ୟକ ଆଲୋକ ଅଭାବରୁ ଫଟୋଗୁଡ଼ିକ ଅସ୍ପଷ୍ଟ ହୋଇଥିଲା । ଏ ବିରଳ ଦୃଶ୍ୟ ଦେଖି ମୁଁ କୋଟିନିଧି ପାଇବା ପରି ମୋତେ ଲାଗିଲା। ନିଜକୁ ସୌଭାଗ୍ୟବାନ୍ ମନେକଲି।

ଏବେ ବେଲଘର୍ ବଙ୍ଗଳାକୁ ଯାତ୍ରାରମ୍ଭ କଲୁଁ ଦୀର୍ଘ ବିରତି ପରେ । ପେଟ୍ରୋଲ ଖର୍ଚ୍ଚକୁ ଡରି ଡ୍ରାଇଭର ଷ୍ଟାର୍ଟ ବନ୍ଦ କରି ରଖିଥିଲା । ସେ ଷ୍ଟାର୍ଟ ଚାବି ମୋଡ଼ିଲା । କିନ୍ତୁ ଏ କ'ଣ ? ଖାଲି ଘର୍ ଘର୍ ଘର୍ । ଗାଡି ଷ୍ଟାର୍ଟ ଧରୁନି ।

- କ'ଣ ହେଲା ? - ସମସ୍ତଙ୍କର କ୍ରୋଧମିଶ୍ରିତ ଉତ୍କଣ୍ଠା ।

- ଆଜ୍ଞା, ବ୍ୟାଟେରି ଡାଉନ୍ ।

- ଡାଉନ୍ ବ୍ୟାଟେରିକୁ ଆଣିଥିଲ କ୍ୟାଁ ? ମୋର ବିରକ୍ତି ସୂଚକ ଚଢ଼ାଗଳା ।

Digitized by PPRACHIN, SOA

-ଚାର୍ଜରେ ବସାଇବାକୁ ବେଳ ନଥିଲା ଆଜ୍ଞା । ଅଳ୍ପ ସମୟ ଚାର୍ଜରେ ଦେଇଥିଲି ଗ୍ୟାରେଜରେ । ଜରୁରୀ ଡାକରା ଆସିଲା ମାଲିକଙ୍କ ଠାରୁ । ତୁରନ୍ତ ବେଙ୍ଗଲାର ଯିବାକୁ ହେବ ଆଦେଶ ଦେଲେ ମାଲିକ । ଆମେ ଚାକିରିଆ ଲୋକ । ଉପାୟ ଆଉ କ'ଣ ଥିଲା ?

- ଜଣାଇଲ ନାହିଁ ବ୍ୟାଟେରିର ଅବସ୍ଥା ?

ଜଣାଇଥିଲି। କହିଲେ, ଠେଲିଦେଲେ ଗାଡି ଷ୍ଟାର୍ଟ ହୋଇଯିବ...। ଆଜ୍ଞା ସମସ୍ତେ ଟିକିଏ ମିଶି ଠେଲି ଦିଅନ୍ତୁ ପଛ ଆଡୁ। ଗଡ଼ାଣି ରାସ୍ତା। ମୁଁ ଗିଅର ପକାଇ ଷ୍ଟାର୍ଟ କରିଦେବି।

ଅଗତ୍ୟା ଆମେ ସମସ୍ତେ ତଳକୁ ଓହ୍ଲାଇ ଗାଡ଼ିକୁ ଠେଲିଲୁ। ଯାହାହେଉ ସୌଭାଗ୍ୟକୁ ଜିପ୍ ଷ୍ଟାର୍ଟ ହୋଇଗଲା। ଲାଇଟ୍ ଜଳିଲା ଯଦିଓ, ଅପେକ୍ଷାକୃତ କମ୍ ତେଜଥିଲା। ଭଗବାନଙ୍କୁ ବାରମ୍ବାର ଡାକୁଥିଲୁ ଆଉ ଯେମିତି ବାଟରେ ହାତୀଦଳଙ୍କୁ ନଭେଟୁ।

ବଙ୍ଗଳା ପହଞ୍ଚିବା ପୂର୍ବରୁ ମୁଁ ନାଥଶର୍ମାଙ୍କୁ ଛୁଗୁଲେଇ ଚୁପ୍‌ଚୁପ୍ କହିଲି - ଆଲୋକ ବାବୁଙ୍କର ଭୟରେ ଲୁଗାପଟା ଝାଡ଼ା ହୋଇଗଲା। ତମେତ ହମହମ ହୋଇ ଆମ ସାଙ୍ଗରେ ଆସିଲ ବନରାଜ୍ୟକୁ । ଏମିତି କାହିଁକି ଭୟରେ କଣ୍ଠାପାଣି ହୋଇ ହରେକୃଷ୍ଣ ହରେକୃଷ୍ଣ, କୃଷ୍ଣକୃଷ୍ଣ ହରେହରେ, ହରେରାମ ହରେରାମ୍, ରାମରାମ ହରେହରେ ଓ ବିଷ୍ଣୁ ସହସ୍ର ନାମ ଜପ କରୁଥିଲ ? ତମ ନାମ ପରା ଗଣପତି ଗୋପାଳ ନାଥଶର୍ମା। ଗଣପତିଙ୍କର ପୁଣି ଗଣପତିଙ୍କୁ ଭୟ କାହିଁକି ?

ନାଥଶର୍ମା ହସନ୍ତ ମୁହଁରେ କହିଲେ - କୌଣସି କାମ ହାସଲ କରିବାକୁ ତଳ ଅଫିସରକୁ ନଧରି ସର୍ବୋଚ୍ଚ କର୍ତ୍ତାଙ୍କୁ ଧରିଲେ ତମେ ବିନା ବାଧା ପେଣ୍ଡରେ ତଥାସ୍ତୁ ପାଇଯିବ । ଏଣୁ ନାରାୟଣଙ୍କୁ ଭଜୁଥିଲି ସୃଷ୍ଟିର ସର୍ବୋଚ୍ଚ କର୍ତ୍ତା ଭାବି ।

- ତା ହେଲେ ତୁମେ ଗଣପତିଙ୍କୁ ବାଧାକାରୀ ପେଣ୍ଠୁଆ ବୋଲି କହୁଛ ?

- ଆରେ ବାପ୍‌ରେ, ରାମ ରାମ । ଗଣେଶ ବିଘ୍ନେଶ ଈଶ୍ୱରଙ୍କ ପୁତ୍ର । ପୁତ୍ରକୁ ନକହି ଅଭିଭାବକ ପିତାଙ୍କୁ କହିଲି ସଂପର୍କ ଭଲ ଥିବାରୁ ।

-କିନ୍ତୁ ଏଇଟା ତ ଶୃଙ୍ଖଳା ବିରୋଧୀ । ତମେ ନୀତିବାଗୀଶମାନେ ଶୃଙ୍ଖଳାର ବିରୁଦ୍ଧାଚରଣ କରୁଛ ।

- କଥାଟା କ'ଣ କି ମୋହନ ବାବୁ, ଜୀବନ ଘାତକ ରୋଗ ପାଇଁ କମ୍ ପାୱାର ଆଣ୍ଟିବାୟୋଟିକ୍ ବଦଳରେ ପ୍ରଥମରୁ ସର୍ବୋଚ୍ଚ ଶକ୍ତିସଂପନ୍ନ ହାଇପାୱାର ଆଣ୍ଟିବାୟୋଟିକ୍ ଖାଇଲା ଭଳି ବିଷ୍ଣୁଙ୍କୁ ଧରିଲି ।

Digitized by PPRACHIN, SOA

- କିନ୍ତୁ ହାଇପାୱାର ଆଣ୍ଟିବାୟୋଟିକ୍ ଖାଇଲେ ଦେହରେ ଆଣ୍ଟିବଡି ପ୍ରତିରୋଧକ ଶକ୍ତି ବଢ଼ାଇ ଦିଏ । ଆଉ ଥରେ ରୋଗକୁ କାଟୁ କରିବ ନାହିଁ ।

- ଅଙ୍କା, ଆଉ ଥରେ ରୋଗ କେବେ ହେବ ନାହିଁ । ପ୍ରତିଷେଧକ ନେଇଥିବୁ ସେଥିପାଇଁ।

- କି ପ୍ରତିଷେଧକ ?

- ଆଉ ଥରେ ଜୀବନରେ ଏଭଳି ବିପଜ୍ଜନକ ଜଙ୍ଗଲ ଭ୍ରମଣରେ ଆସିବି ନାହିଁ । ବହୁତ ହୋଇଗଲା ...

ଯାହା ହେଉ, ଆକାଙ୍‌କ୍ଷିତ ବନ ବଙ୍ଗଳାରେ ପହଞ୍ଚିଲୁ । ଅର୍ଦ୍ଧରାତ୍ର । ଅଖଣ୍ଡ ଅନ୍ଧାରର ରାଜତ୍ୱ । ଚତୁର୍ଦ୍ଦିଗ ଜାଙ୍ଗଲିକ ତମସାର ଘନ କାଳିମା ମାଠି ରହିଥିଲା। ଉପଭୋଗ୍ୟ।

ଗାଡ଼ି ଶବ୍ଦ ଶୁଣି ଜଗୁଆଳ ଚୌକିଦାର ସଲାମ କରି ଲୌହ ଫାଟକ ଖୋଲିଲା । ଆମେ ସମସ୍ତେ ଭିତରକୁ ଗଲୁ ।

ରାତି ଡେରି ହୋଇଯାଉଛି । ଖାଦ୍ୟପେୟ ବ୍ୟବସ୍ଥାରେ ସନାତନ ବିଶି ଲାଗିପଡ଼ିଲା । ବ୍ୟାଗ୍ ବସ୍ତାନୀ କାଗଜ କାର୍ଟୁନରେ ଜିନିଷ ବାହାର କରି ରୋଷଶାଳରେ ଥୋଇଲା ଟର୍ଚ୍ଚ ଆଲୁଅ ବ୍ୟବହାର କରି।

ଦୁର୍ଗମ ଏହି ବଙ୍ଗଳାରେ ବିଜୁଳି ବତୀର ବ୍ୟବସ୍ଥା ନାହିଁ । ଥାଏ ପେଟ୍ରୋମ୍ୟାକ୍ସ ଲାଇଟ୍, ଲ୍ୟାମ୍ପ ଓ ଲଣ୍ଠନ । ଆମେ ନେଇଥିଲୁ ମହମବତୀ ଆବଶ୍ୟକସ୍ଥଳେ ଇଗୁରା ବ୍ୟବହାର ପାଇଁ । ଥିଲା ମଧ୍ୟ ବେଟେରି ଚାଳିତ ଟର୍ଚ୍ଚ ଲାଇଟ୍ । ଚୌକିଦାର ପେଟ୍ରୋମ୍ୟାକ୍ସ ଲାଇଟ୍ ପୋଛାପୋଛି କଲା । କିରାସିନି ପୂରାଇଲା ଏବଂ ସେଥିରେ ନୂଆ ମେଣ୍ଟେଲ ଲଗାଇଲା । ଦିଆସିଲି ପାଇଁ ବଙ୍ଗଳାର ଏକଣା ମୁଣ୍ଡର ତା ଉଦିଷ୍ଟ ବଖରାକୁ ଗଲା । ସେଠି ଠାକୁର ଫଟୋରେ ଧୂପ ଦେଲାବେଳେ ଲୋଡ଼ା ପଡ଼ିଥାଏ ଦିଆସିଲି । ଫଟୋ ତଳେ ଥୋଇଥାଏ ଦିଆସିଲି । କିନ୍ତୁ ସେଥିରେ ଗୋଟିଏ ମାତ୍ର କାଠିଥିଲା । ପେଟ୍ରୋମାକ୍ସ ଲାଇଟରେ ପମ୍ପ ଦେଇ ଦିଆସିଲି ଜଳାଇଲା । କାଠିଟି ଥରେ ଫୁର୍‌କିନି ଜଳିଉଠି ଲିଭିଗଲା । ଆଉ ଦିଆସିଲି କାଠି ଦରକାର ପଡ଼ିଲା ।

ଆଜ୍ଞା ଦିଆସିଲି ଅଛି ? - ପଚାରିଲା ।

ସୁବଳର ମନେ ପଡ଼ିଲା । ସନାତନଠୁଁ ବାଟରେ ଦିଆସିଲି ନେଇ କାଠ ଜାଳିଥିଲା ହାତୀ ଓଗଳା ରାସ୍ତା ପାଖରେ ।

ସନାତନ, ଦିଆସିଲି ? - ପଚାରିଲି ।

Digitized by PPRACHIN, SOA

ସୁବଳ ମୁଣ୍ଡରେ ଚଢ଼କ । କାଠରେ ନିଆଁ ଧରାଇ ଜଳାଇଲା ପରେ ଆଣିବାକୁ ଭୁଲି ଯାଇଛି ଦିଆସିଲିକୁ। ମୁଣ୍ଡରେ ହାତ ଦେଲା, ନିଜକୁ ଭର୍ତ୍ସନା କଲା । କାନ୍ଦୁଣୁ ମାନ୍ଦୁଣୁ ହୋଇ କହିଲା, ଆଜ୍ଞା ମୋର ଭୁଲ ସାହେବ । ଦିଆସିଲି ବାଟରେ ଛାଡ଼ି ଆସିଛି ।

ଏବେ ରୋଷେଇ ହେବ କେମିତି ଏକ ବଡ଼ ସମସ୍ୟା । ନିଆଁ କେଉଁଠି ମିଳିବ ? ନିଆଁର ଆଉ ବିକଳ୍ପ ବ୍ୟବସ୍ଥା ଏଠି ନାହିଁ । ଏଠୁଁ ପୁଣି ୧୦ କି.ମି. ନିଆଁଜଳା ସ୍ଥାନକୁ ଫେରିଲେ ଯାଇଁ ଦିଆସିଲି ମିଳିବ ।

ଉପାୟ କ'ଣ ?

ଅଗ୍ନିର ଆବଶ୍ୟକତା ମର୍ମେ ମର୍ମେ ଅନୁଭବ କଲୁଁ । ବିନା ଅଗ୍ନିରେ ପାକକ୍ରିୟା ଅଚଳ । ବିନା ପାକକ୍ରିୟାରେ ମନୁଷ୍ୟ ବଞ୍ଚିବା ଅସମ୍ଭବ । ଏଥିପାଇଁ ବୋଧହୁଏ ଆମ ଜଗନ୍ନାଥଙ୍କ ରୋଷଶାଳରେ ଅଗ୍ନି କେବେ ନିର୍ବାପିତ ହୁଏନାହିଁ; କେଉଁ ଅନାଦି କାଳରୁ ଚୂଲିରେ ନିଆଁ ଜଳି ରହିଛି ଅହର୍ନିଶ । ଏଥିପାଇଁ ବୋଧହୁଏ ଆମ ମୁନି ଋଷିମାନେ ଯଜ୍ଞର ବ୍ୟବସ୍ଥା କରିଥାନ୍ତି, ଅଖଣ୍ଡ ଦୀପକୁ ଅହର୍ନିଶ ଜଳାଇ ରଖିଥାନ୍ତି । ଅଗ୍ନି ଅନଳ, ଅଗ୍ନି ଉତ୍ତାପ, ଅଗ୍ନି ଶକ୍ତି, ଅଗ୍ନି ଜ୍ୟୋତି ଜନାର୍ଦ୍ଦନମ୍, ଅଗ୍ନି ନିର୍ବାୟତେ ଅନ୍ଧକାରମ୍, ଅଗ୍ନି ତେଜ ସନାତନମ୍ । ଏଣୁ ଯଥାର୍ଥରେ ତ୍ରିନେତ୍ର (ସୂର୍ଯ୍ୟ, ଚନ୍ଦ୍ର, ଅଗ୍ନି) ମଧ୍ୟରେ ଅଗ୍ନି ଅନ୍ୟତମ ଦେବତା ବୋଲି ହିନ୍ଦୁ ପୁରାଣ ଶାସ୍ତ୍ରରେ ଆଖ୍ୟାୟିତ । ପଣ୍ଡିତ ପୁରାଣବିତ୍ ନାଥଶର୍ମା ଅଗ୍ନି ମହାତ୍ମ୍ୟ ବିଷୟରେ ଏକ ସଂକ୍ଷିପ୍ତୋକ୍ତି ଦେଇ କହିଲେ- ଋଗ୍‌ବେଦ ମତେ, ଅଗ୍ନି ପରମ ପୁରୁଷଙ୍କ ମୁଖରୁ ଉତ୍ପନ୍ନ । ଅଗ୍ନିପୁରାଣ କହେ, ଋଷି କଶ୍ୟପଙ୍କ ଔରସରେ ଅଦିତିଙ୍କ ଗର୍ଭରୁ ଅଗ୍ନିଙ୍କ ଜନ୍ମ ଏବଂ ସ୍ୱାହା ତାଙ୍କର ପତ୍ନୀ । ସ୍ୱାହାଙ୍କ ଗର୍ଭରୁ ପାବକ (ବୈଦ୍ୟୁତାଗ୍ନି) ପବମାନ (ଘର୍ଷଣୋତ୍ପନ୍ନ ଅଗ୍ନି) ଏବଂ ଶୁଚି (ସୌରାଗ୍ନି) ନାମରେ ଏହିପରି ତିନି ପୁତ୍ର ଅଟନ୍ତି ତିନି ପାଦ ପରି - ସ୍ଥୂଳକାୟ, ଲମ୍ବୋଦର ଏବଂ ରକ୍ତବର୍ଣ୍ଣ । କୌଣସି କୌଣସି ସ୍ଥଳରେ ଅଗ୍ନି ତିନିପାଦ, ସପ୍ତବାହୁ, ଦୁଇମୁଖ ଏବଂ ବାଳାରୁଣ ତୁଲ୍ୟ ପିଙ୍ଗଳବର୍ଣ୍ଣ ବୋଲି ବର୍ଣ୍ଣିତ ।

ରାତିରେ ସନାତନ ଆଉ ରୋଷେଇ କରିବ କ'ଣ ? କେବଳ ଶୁଖିଲା ଖାଦ୍ୟ ବିସ୍କୁଟ୍ ବାରମଜା ଖାଇ ଶୋଇଯିବା ଏକମାତ୍ର ପନ୍ଥା । ସକାଳ ହେଲେ ବ୍ୟବସ୍ଥା କରିବା- ମତ ଦେଲି ମୁଁ ।

ସୁବଳ କିନ୍ତୁ ରାଜି ହେଲା ନାହିଁ । ତା ଭୁଲ ପାଇଁ ସମସ୍ତଙ୍କୁ ଓପାସ ରଖିବା ତା ବିବେକ ଦଂଶିଲା । ପ୍ରସ୍ତାବ ଦେଲା- ବାବୁ, ଟାଇଗ୍ରୁ ଗାଡି ନେଇ ଫେରିବା ସେଠିକୁ ।

Digitized by PPRACHIN, SOA

ସେଇଠି ଦିଆସିଲି ଛାଡି ଆସିଛି । ଥିବ ନିଶ୍ଚେ ସେଠି । ମୁଁ ଜିପ୍ ପଛରୁ ଠେଲି ଦେବି । ସମସ୍ତେ ଟିକିଏ ହାତ ମାରିଦେଲେ ଡ୍ରାଇଭର ସତ୍ୟାନନ୍ଦ ଗାଡ଼ି ଷ୍ଟାର୍ଟ କରିଦେବ ।

ଡ୍ରାଇଭର ସତ୍ୟାନନ୍ଦ କିନ୍ତୁ କୁନ୍ଥକୁନ୍ଥ । ଯିବା ଆସିବା ୨୦ କି.ମି. ବାଟ । ସେ ମାପି ଚୁପି ଆବଶ୍ୟକ ପେଟ୍ରୋଲ ଗାଡ଼ିରେ ଭରିଥିଲା । ଯଦି ପେଟ୍ରୋଲ ନିଅଣ୍ଟ ପଡେ ? ସେ ପ୍ରକାଶିଲା ତା'ର ଆଶଙ୍କା ।

ମୁଁ ବିରକ୍ତ ହୋଇ କହିଲି - ଅଧିକ ପେଟ୍ରୋଲ ରଖିଲ ନାହିଁ କାହିଁକି ?

-କିଏ ଜାଣିଥିଲା ଏମିତି ହେବ ବୋଲି ସାର୍ ।

ସବୁବେଳେ ଆପତ୍ କାଳକୁ ଆଖିରେ ରଖି ଆବଶ୍ୟକତା ଠାରୁ ଅଧିକ ଜିନିଷ ପାଖରେ ରଖିବାକୁ ପଡ଼ିଥାଏ। କିନ୍ତୁ ମୂର୍ଖ ସନାତନ ଆଣିଛି ଗୋଟିଏ ମାତ୍ର ଦିଆସିଲି ପେଡି! ଅଧିକ ଆଉ ଗୋଟେ ଆଣିଥିଲେ ହୋଇନଥାନ୍ତା ? କେତେବା ଦିଆସିଲିର ଦାମ୍ ? ପରାମର୍ଶ ଦେବା ଢଙ୍ଗରେ ଟିପ୍ପଣୀ ଦେଲି । କିନ୍ତୁ ବିରକ୍ତ ହୋଇ ଆଉ ଲାଭ ନାହିଁ । ଅରଣ୍ୟ ରୋଦନ କେବଳ । କେବଳ କ୍ଷୋଭ ପ୍ରକାଶିଲେ ସମସ୍ୟା ସମାଧିତ ହୋଇନଥାଏ। ଅବସ୍ଥା ଦେଖି ବ୍ୟବସ୍ଥା କରିବା ବିଧେୟ।

ତେବେ ରାତ୍ରାହାର ଯାହା ହେଉନା କାହିଁକି ଭୋରରେ ମୋର ଚା' ଲୋଡ଼ା । ସଅଳ ବା ବିଳମ୍ବରେ ବିଛଣା ଧରିଲେ ଉଷାକାଳରେ ଶଯ୍ୟାତ୍ୟାଗ କରିବା ମୋର ବାଲ୍ୟ ଅଭ୍ୟାସ । ପ୍ରତ୍ୟୁଷରୁ ଶୌଚକାର୍ଯ୍ୟ ଶେଷ କରି ଦରକାର ହୁଏ କପେ ବା ଦୁଇ କପ ଗରମ ବାମ୍ଫୁଆ କଡ଼ା ଚା' । ଆମର ଚା' ସରଂଜାମ ଅଛି, କିନ୍ତୁ ବିନା ନିଆଁରେ ଚୂଲି ଜଳିବ କେମିତି ? ଚା' ପ୍ରସ୍ତୁତ ହେବ କିପରି ? ଏଣୁ ସୁବଳର ପ୍ରସ୍ତାବ ଗ୍ରହଣୀୟ । ପେଟ୍ରୋଲ ଅଣ୍ଟୁ ନଅଣ୍ଟୁ, ସେକଥା ପରେ ଦେଖାଯିବ, କିନ୍ତୁ ବର୍ତ୍ତମାନର ନିହାତି ଆବଶ୍ୟକତା ନିଆଁପେଡ଼ି। ଛାଡ଼ି ଆସିଥିବା ସ୍ଥାନକୁ ଯାଇ ଦିଆସିଲି ଆଣିବା ଏକମାତ୍ର ଉପାୟ।

•••

Digitized by PPRACHIN, SOA

- ୮ -

ମୋର ମନେପଡୁଛି, ଏହିପରି ଥରେ ଘୋର ଅରଣ୍ୟ ଭିତରେ ନିଆଁ ଅଭାବର ସମ୍ମୁଖୀନ ହୋଇଥିଲୁ । ମୋର ଶିକାର ଗୁରୁ ତଥା ଜଙ୍ଗଲ ସାଥୀ କ୍ୟାପଟେନ୍ ପ୍ରେମ ସାଗର ତିୱାରୀ ଯାହାଙ୍କ ସହିତ ମୋର କ୍ଷୀର ନୀର ସଂପର୍କ, ତାଙ୍କ କଥା ମନକୁ ବାରମ୍ବାର ସ୍ପର୍ଶ କରୁଛି । ପ୍ରେମ୍ ଆଉ ଇହ ଜଗତରେ ନାହାନ୍ତି, ସେ ବର୍ତ୍ତମାନ ସ୍ୱର୍ଗବାସୀ । ହିନ୍ଦୁ ନୈଷ୍ଠିକ ବ୍ରାହ୍ମଣ ଘରେ ଜନ୍ମ ହୋଇଥିଲେ ହେଁ ପ୍ରଚୁର ମାଂସଲୋଭୀ। ବିନା ଆମିଷରେ ସେ ଖାଦ୍ୟ ଗ୍ରହଣ କରନ୍ତି ନାହିଁ । କିଛି ନ ମିଳିଲେ ତାଙ୍କ .୨୦ ବୋର ସଟ୍‌ଗନ୍ କିମ୍ବା ଏୟାର ରାଇଫଲ୍ ନେଇ ବାହାରେ ଆଖପାଖରେ ଘେରାଏ ବୁଲି ଆସନ୍ତି । ଖୁବ୍ ମିତବ୍ୟୟୀ । ଛୋଟ ଜନ୍ତୁ ଠେକୁଆ, ଖୁରାଣ୍ଡି, ପକ୍ଷୀ ଶିକାର ପାଇଁ ଛରରା ଏବଂ ଏଲ୍.ଜି. କ୍ୟାଟ୍ରିଜ୍ ଓ ଉଚ୍ଚଶକ୍ତି ସଂପନ୍ନ ରାଇଫଲ୍ ବଡ ଜନ୍ତୁଙ୍କ ପାଇଁ ବ୍ୟବହାର କରନ୍ତି । କେତେବେଳେ କାପ୍ତା, କୁମ୍ଭାଟୁଆ ତ କେତେବେଳେ ଗୁଣ୍ଡୁଚିମୂଷା କିମ୍ବା ପାରାଟାଏ ମାରି ଆଣି ମାଂସ ଚଟଣି କରି ଥାଳିଏ ଭାତ ଉଦରସ୍ଥ କରିଦିଅନ୍ତି ଓ ହାଉଡ଼ି ମାରନ୍ତି । କହନ୍ତି, ଅତ୍ୟନ୍ତ ତୃପ୍ତିକର, ସ୍ୱାଦିଷ୍ଟ ।

ଥରେ ନିବିଡ଼ ଜଙ୍ଗଲରେ ଆମେ ଯୁଗଳବନ୍ଦୀ ଦୁଃସାହସିକ ନିଶାଭିଯାନ ଜାରି ରଖିଥାଉଁ । ଆମେ ହେଡ୍‌ଲାଇଟ୍ ପକାଇ ପାଦରେ ବୁଲିବାକୁ ପସନ୍ଦ କରୁଁ । ସମ୍ବଲପୁର ରେଢ଼ାଖୋଲର ପଡ଼ିଆବାହାଲ ଆଭ୍ୟନ୍ତର ଅଞ୍ଚଳ । କିନ୍ତୁ ଗୋଟିଏ ହେଲେ ଜନ୍ତୁ ଦୃଶ୍ୟ ହେଲାନାହିଁ । ଅସ୍ରାଏ ଅଦିନ ବର୍ଷା ଦୁହାରିଦେଲା, ଶୀତ ଲହରୀ ମାଡ଼ି ଆସିଲା ବର୍ଷା ଛାଡ଼ିଗଲା ପରେ। ଟିକିଏ ଥକା ମାରି ବସିଲୁ ଉଚ୍ଚ ପଥର ଉପରେ । ପିଠିରୁ ହାଭରସ୍ୟାକ ଝୁଲା ବ୍ୟାଗରୁ ଫ୍ଲାସ୍କ କାଢ଼ିଲେ ପ୍ରେମ୍ । ମଗରେ ଚା’ ଢ଼ାଳିଲେ । କିନ୍ତୁ ଚା’ ବିବାକେ ଥଣ୍ଡା ହୋଇଯାଇଥିଲା । କୁର୍ତ୍ତା ପକେଟରୁ ଦିଆସିଲି କାଢ଼ି ଦେଖନ୍ତି ସଂପୂର୍ଣ୍ଣ ଓଦା ଦିଆସିଲି । କାଠ ପତର ଜାଳି ଚା’ ଗରମ କରିବେ କେମିତି ? ଅସ୍ରାଏ ବର୍ଷାରେ ତ’ ଶୁଖିଲା ପତ୍ର ମଧ୍ୟ ଓଦା । ସେ ବଡ଼ ବିଡ଼ି ସିଗ୍ରେଟ ପ୍ରିୟ । ବିଡ଼ି ସିଗ୍ରେଟରେ ନିଆଁ ଧରାଇବେ କେମିତି ? ଭାଳେଣି ପଡ଼ିଲା । ନିଆଁ ଟିକିଏ ପାଇଁ

Digitized by PPRACHIN, SOA

ଉହଳ ବିକଳ ହେଲେ । ବିନା ଚା' ଆଉ ବିଡ଼ି ସିଗ୍ରେଟରେ ପାହୁଣ୍ଡେ ଚାଲି ପାରିବେ ନାହିଁ, କିଛି କାମ କରିପାରିବେ ନାହିଁ । ଏପରିକି ଗୁଳି ଚାଳନା କଲାବେଳେ ବାମ ହାତ ବିଶି ଆଙ୍ଗୁଠି ଓ ମଝି ଆଙ୍ଗୁଠିରେ ଜଳନ୍ତା ସିଗ୍ରେଟଟାଏ ଥିବ । ଶସ୍ତା ଚାର୍ମିନାର ସିଗ୍ରେଟ ତାଙ୍କ ବ୍ରାଣ୍ଡ । ପ୍ରେମ୍‌ଙ୍କ ମୁଣ୍ଡ ଆଉ କାମ କଲା ନାହିଁ । ନିଆଁ କେଉଁଠୁ ମିଳିବ ଏଠି ? ଉଠି ଆଗକୁ ଚାଲିଲେ । ଗୋଟାଏ ଜାଗାରେ ନିଆଁ ଜଳୁଥିବା ଦେଖି ଖୁସି ହୋଇଗଲେ । ପାଖକୁ ଗଲେ, କାହାର ଚିତାଗ୍ନି ଜଳୁଥିଲା । ପାଖ କେଉଁ ଗାଁଲୋକ ମଶାଣିରେ ଶବଦାହ କରୁଥିଲେ । ଅଚାନକ ବର୍ଷା ଆସିବାରୁ ଦରପୋଡ଼ା ଶବକୁ ଜୁଇରେ ଛାଡିଦେଇ ପଳାଇଛନ୍ତି । ନିଆଁ ଜଳୁଥିଲା ହୁତ୍ ହୁତ୍ । ମିଳିଗଲା, ମିଳିଗଲା କହି ଗୋଟାଏ ଆଶ୍ୱସ୍ତିର ଚିତ୍କାର ଛାଡ଼ିଲେ । ସିଗ୍ରେଟରେ ନିଆଁ ଦେଇ ପୁଳାଏ ଦି'ପୁଳା ଟାଣିଲେ । ଚା' ମଗକୁ ଜୁଇ ନିଆଁରେ ଥୋଇ ଫୁଟାଇଲେ । ଫୁଟିଲା ବାମ୍ଫୁଆ ଚା'କୁ ମୁହଁରେ ଦେଇ ସୋଡକ ମାରିଲେ । ମୋତେ ଚା' ଯାଚିଲେ। ମନା କଲି ମୁଁ । କହିଲେ- ନିଆଁଟା ବଡ ପବିତ୍ର ଜିନିଷ । ଭସ୍ମ କରିବା ତା'ର କାମ । ଛୁଆଁ ଅଛୁଆଁ ନଥାଏ ତା'ର । ଚୂଲିର ନିଆଁ ଯାହା ଚିତାର ନିଆଁ ସେଇଆ । ପାର୍ଥକ୍ୟ ଥାଏ ବ୍ୟବହାରକାରୀର ମନରେ, ପଦାର୍ଥରେ ନୁହେଁ । ମଣିଷ ମନର ଦୁର୍ବଳ ଧାରଣା କେବଳ ପାର୍ଥକ୍ୟର ପାଚେରି କରିଛି । ଅନ୍ଧ ବିଶ୍ୱାସର ପ୍ରବଳ ବିରୋଧୀ ପ୍ରେମ୍। ଖୁବ୍ ବାସ୍ତବବାଦୀ ନିର୍ଭୀକ ଲୋକ । ଭିଜା ଦିଆସିଲିକୁ ଜୁଇ ନିଆଁରେ ଉଷ୍ମ କରାଇ ଚଳତକ୍ଷମ କଲେ, ପରୀକ୍ଷା କରି ଦେଖିଲେ ଠିକ୍ ଅଛି । ମନ ଥଣ୍ଡା ପଡ଼ିଲା । ମଗେ ଚା' ପିଇ ଓ ଚାର୍‌ମିନାର ସିଗ୍ରେଟ ଟାଣି ଟାଣି ବାହାରି ପଡ଼ିଲେ ଶିକାର ଅଭିଯାନରେ । ଚେଲା ଭାବେ ମୁଁ ତାଙ୍କୁ ପିଛା କଲି । ମୁଣ୍ଡର ଫୋକସ ଲାଇଟ୍ ପଡ଼ିଲା ଖୋଲା ପଡ଼ିଆରେ ଚରୁଥିବା ଠେକୁଆ ଉପରେ । ଠେକୁଆ ଆଲୁଅ ଦେଖି ଠିଆହେଲା ଆଗ ଦୁଇଗୋଡ ଓ ମୁଣ୍ଡ ଉପରକୁ ଟେକି କଙ୍ଗାରୁ ଭଳି। ଫୁଟିଲା ତାଙ୍କ ହାତ ତିଆରି .୨୦ ବୋର ବନ୍ଧୁକରୁ ଗୁଳି- ଢ଼ମ୍ । ଲକ୍ଷ୍ୟଭ୍ରଷ୍ଟ ହେବାର ନାହିଁ । ଠେକୁଆଟା ସେଠି ପଡ଼ି ଛଟପଟ ହେଲା । ସକାଳ ପାହି ଆସୁଥିଲା । ପୁନଶ୍ଚ ଚିତାଗ୍ନି ସ୍ଥାନକୁ ଫେରିଲେ। ଗୋଟେ ପାଖେ ଶବକୁ ନିଆଁ ଚାଟି ଚାଲିଥିଲା ବେଳେ ଅନ୍ୟ ପାଖରେ ମଲା ଠେକୁଆକୁ ମଧ୍ୟ ଦାହ କଲେ ବିନା ଛାଲ ଉତାରି ତା ଦେହରୁ । ସେଇ ପୋଡ଼ା ଠେକୁଆକୁ ଆଣି ବୋତଲ ପାଣିରେ ମୁହଁ ଧୋଇ ଶାଳ ପତ୍ର ଉପରେ ପୋଡ଼ା ମାଂସକୁ ଛୁରିରେ ଖଣ୍ଡ ଖଣ୍ଡ କରି ଖାଇ ବସିଲେ । ଭୋକ ଲାଗୁଥିଲା। କହିଲେ, ପୋଡ଼ା ଜଙ୍ଗଲି ମାଂସ ସ୍ୱାଦିଷ୍ଟ । ଖାଇବ ? ମୁଁ ମନାକଲି । ଦେଖୁଥିଲି ଲୋକଟାର ଜାଙ୍ଗଲିକ ପ୍ରବୃତ୍ତି ଓ ନିର୍ବିକାର ଚରିତ୍ରକୁ । ତାଙ୍କ ଉବାଚକୁ ଦୋହରାଇ କହିଲେ,

Digitized by PPRACHIN, SOA

ଯେଉଁ ନିଆଁରେ ଆମେ ଦିନେ ଜଳିବା, ଆମେ ଜୀଇଁଥିଲା ବେଳେ ସେଇ ନିଆଁକୁ ଯଥୋଚିତ ବ୍ୟବହାର କରିବାରେ ଅସୁବିଧା କ'ଣ ? ନିଆଁ ଜାଣିପାରେ ନାହିଁ ବ୍ୟବହାରକାରୀର ଉଦ୍ଦେଶ୍ୟ, ଅଭିପ୍ରାୟ । ଆମ ପାକସ୍ଥଳୀଟା କ'ଣ ? ଗୋଟାଏ ଚୂଲି ଓ ଅନ୍ତଃନଳୀଟା ଖାଦ୍ୟ ବିଶୋଧନ କେନ୍ଦ୍ର । ଶରୀର ଇନ୍ଦ୍ରିୟ କେବଳ ପାର୍ଥକ୍ୟର

(ଶିଷ୍ୟ ଲେଖକ ଏବଂ ଗୁରୁ ପ୍ରେମ ସାଗର)

Digitized by PPRACHIN, SOA

ପ୍ରତାରଣା କରନ୍ତି ମନକୁ । ସେଥିପାଇଁ ମୁନି ଋଷିମାନେ ଇନ୍ଦ୍ରିୟମାନଙ୍କୁ ନିୟନ୍ତ୍ରଣ କରନ୍ତି ଦୃଢ଼ ମନୋବଳ ଦ୍ୱାରା । କହନ୍ତି, ବିକାର ଗ୍ରସ୍ତ ମଣିଷ ଦୁଃଖପାଏ, ନିର୍ବିକାର ମଣିଷ ଦୀର୍ଘଜୀବୀ ହୁଏ- ଜୀବନର ଗଭୀର ତତ୍ତ୍ୱକୁ ବିଶ୍ଳେଷଣ କରି ନିଜ କାର୍ଯ୍ୟପନ୍ଥା ସ୍ଥିର କରନ୍ତି କ୍ୟାପଟେନ୍ ପ୍ରେମ୍ ସାଗର ତିୱାରୀ । ଆଜି ସେ ସ୍ୱର୍ଗରେ । ତାଙ୍କ ବିରଳ ଅମ୍ଳାନ ଆତ୍ମାର ସଦ୍‌ଗତି କାମନା କରୁଛି । ସ୍ୱର୍ଗପୁରରୁ ତାଙ୍କ ଶୁଭାଶୀର୍ବାଦ ମୋର କାମ୍ୟ ।

ବର୍ତ୍ତମାନ ଦିଆସିଲି ପାଇଁ ଜିପ୍‌କୁ ପୁନଃ ଠେଲି ଷ୍ଟାର୍ଟ କରିବା ଏକମାତ୍ର ପନ୍ଥା । ଅଗତ୍ୟା ସୁବଳ, ଧୁରନ୍ଧର ବାବୁ, ପଣ୍ଡିତେ ନାଥ ଶର୍ମା ଗାଡ଼ିକୁ ଠେଲିଲେ । କିନ୍ତୁ ଜିପ୍ ଷ୍ଟାର୍ଟ ହେଲେ କଅଣ ହେବ, ସେମାନେ ସମସ୍ତେ ଯିବାକୁ ଡରିଲେ । ଯଦି ପୁନଶ୍ଚ ବାଟରେ ହାତୀ ସହିତ ଭେଟାଭେଟି ହୋଇଯାଏ, ମୁକାବିଲା କରିବ କିଏ ? ଏଣୁ ମୁଁ ସେମାନଙ୍କ ସହିତ ଯିବା ଅନିବାର୍ଯ୍ୟ ହୋଇପଡ଼ିଲା । ଆଲୋକ ବାବୁ ବଙ୍ଗଳାରେ ରହିଲେ । ତାଙ୍କ ପରିଧାନ କେବଳ ଗାମୁଛା ଏବଂ ତଉଲିଆଟିଏ । ସେ ତାଙ୍କ ଦୂଷିତ ଜାମାପଟା ଟର୍ଚ୍ଚ ଆଲୁଅରେ ସାହାଯ୍ୟରେ ସାବୁନ ଓ ସର୍ଫ ପାଣିରେ ବୁଡାଇ ସଫା କରିବାରେ ଲାଗିଲେ । ନଚେତ୍ ଫେରିବାବେଳେ ପିନ୍ଧିବେ କ'ଣ ?

ମୁଁ ସେମାନଙ୍କ ସହିତ ଯିବାର ଅନ୍ୟତମ ମୁଖ୍ୟ କାରଣ ହେଲା, ଗୋଟାଏ କାମ କରିବାକୁ ଭୁଲି ଯାଇଥିଲି । ବାଟରେ ହାତୀମାନଙ୍କ ସହିତ ଭେଟାଭେଟି ବେଳେ ସୁବଳ ଗରଣ୍ଡା ଶୁଖିଲା କାଠରେ ନିଆଁକୁ ହୁତ୍ ହୁତ୍ ଜଳାଇ ଆସିଥିଲା । ହାତୀମାନେ ରାସ୍ତାରୁ ହଟିଯିବା ପରେ ନିଆଁକୁ ଲିଭାଇବାକୁ ବିବାକେ ଭୁଲି ଯାଇଥିଲି ମାନସିକ ପରିସ୍ଥିତିର ଚାପରେ । ଏଣେ ରାତି ବିଳମ୍ବ ହୋଇଯାଉଛି, ଶୀଘ୍ର ବଙ୍ଗଳା ପହଞ୍ଚିବା ଦରକାର, ଆଲୋକ ଘୋଷଙ୍କ ପେଟ ସମସ୍ୟା ଓ ଝାଡ଼ାବାନ୍ତି ରୋଗ ଏବଂ ହାତୀମାନଙ୍କ ରାସ୍ତା ଅବରୋଧ ଯୋଗୁଁ ସମସ୍ତଙ୍କର କାକୁର୍ତିଆ ପରିସ୍ଥିତି, ଆସନ୍ନ ବିପତ୍ତିରେ ଓ ଆପଦର ଆବର୍ତ୍ତ ଭିତରେ ଚିନ୍ତିତ ହୋଇ ପ୍ରମାଦ ଗଣୁଥିଲେ ସମସ୍ତେ । ନିଆଁ ଲିଭାଇବାକୁ ବିବାକେ ଭୁଲିଯାଇଥିଲି ।

କିନ୍ତୁ ଜଙ୍ଗଲ ଓ ଜନ୍ତୁମାନଙ୍କର ସବୁଠାରୁ ମାରାତ୍ମକ ଶତ୍ରୁ ହେଉଛି ଏଇ ବନାଗ୍ନି । ଟିକିଏ ନିଆଁଗୁଳ ସଂପୂର୍ଣ୍ଣ ଜଙ୍ଗଲକୁ ଧ୍ୱଂସ ସ୍ତୁପରେ ପରିଣତ କରିଦିଏ । ସେଥିପାଇଁ ଆମେ ଯଥେଷ୍ଟ ସତର୍କତା ଓ ସାବଧାନତା ଅବଲମ୍ବନ କରିଥାଉଁ । ପ୍ରେମ୍ ଯଦିଚ ବିଡ଼ି ସିଗ୍ରେଟରେ ପରମ ଭକ୍ତ, ସେ କିନ୍ତୁ ସର୍ବଦା ଲାଇଟର ବ୍ୟବହାର କରନ୍ତି । କଦବା କ୍ୱଚିତ୍ ଦିଆସିଲି ଲଗାଇବାକୁ ପଡିଲେ ଜଳନ୍ତା କାଠିକୁ ଏବଂ ଅବଶିଷ୍ଟ ବିଡ଼ି ସିଗ୍ରେଟକୁ ଭଲ ଭାବେ ଲିଭାଇ ଜୋତାପିନ୍ଧା ପାଦରେ ଦଳି ଦିଅନ୍ତି ଭୂଇଁରେ ସେଥିରୁ ନିଆଁ ସଂପୂର୍ଣ୍ଣ ଲିଭିଲା ପର୍ଯ୍ୟନ୍ତ ।

Digitized by PPRACHIN, SOA

ଗ୍ରୀଷ୍ମକାଳରେ ବନଭ୍ରମଣ ସମୟରେ ବହୁବାର ବନାଗ୍ନିର ଭୟଙ୍କର ଦୃଶ୍ୟ ଦେଖି ମୁଁ ମର୍ମାହତ ହୋଇଛି । ବୃଷ୍ଟି ବା ଜଳ ଭଳି ଅଗ୍ନି ବିହୁନେ ସୃଷ୍ଟି ନାଶ, ଅଗ୍ନି ଗହଳେ ସୃଷ୍ଟି ନାଶ ସୂକ୍ତିର ସତ୍ୟତା ମର୍ମେ ମର୍ମେ ଉପଲବ୍ଧି କରିଛି । ଅଗ୍ନି ଯେପରି ସୃଷ୍ଟି ତିଷ୍ଠିବା ପାଇଁ ସାହାଯ୍ୟ କରେ, ମଣିଷ ବଞ୍ଚିବା ପାଇଁ ଅନିବାର୍ଯ୍ୟ ହୋଇଥାଏ; ସେଇପରି ମଧ୍ୟ ବିନାଶକାରୀ ହୋଇଥାଏ । ମୁଁ ଦେଖିବାରେ ଅଗ୍ନିର ସବୁଠାରୁ ଭୟାନକ ଦୃଶ୍ୟ ହେଉଛି ବଗରଡ଼ ବାରପାହାଡ଼ର ବାଉଁଶପୋଡିର କରୁଣ ଦୃଶ୍ୟ। ମନେ ହେଉଥିଲା ଯେମିତି ଅନଳାସୁର ଲେଲିହାନ ତା ଜିହ୍ୱାରେ ଚାଟି ଚାଲିଛି ସୁଶ୍ୟାମଳ ବନରାଜିକୁ, ହୁତାଶନର ରୋଷଣି ସ୍ୱର୍ଗକୁ ଛୁଇଁଛି । ବାଉଁଶ ବଣରେ ନିଆଁ ଲାଗିଲେ ବାଉଁଶ ଗଣ୍ଠି ବାଣ ପରି ପ୍ରଚଣ୍ଡ ଶବ୍ଦ କରିଥାଏ, ଭୂଇଁର ଶୁଖିଲା ପତ୍ର ଜଳି ଜଳି ଦ୍ରୁତ ଗତିରେ ଅଗ୍ନି ସୁଅ ଭଳି ମାଡ଼ି ଚାଲିଥାଏ ଚତୁର୍ଦ୍ଦିଗକୁ।। ଜୀବଜନ୍ତୁ ଛୋଟରୁ ବଡ଼ ପର୍ଯ୍ୟନ୍ତ ଜୀବନ ପାଇଁ ଦୂରକୁ ଦୂରକୁ ପ୍ରାଣ ବିକଳରେ ପଳାୟନ କରନ୍ତି । ସାପ, ଠେକୁଆ, ଝିଙ୍କ, ଗୋଧି, ସରୀସୃପ ଇତ୍ୟାଦିମାନେ ଉଗ୍ର ଅନଳରେ ଜଳିଯା'ନ୍ତି । ଭୂଇଁରେ ଶୁଖିଲା ପତ୍ର ଓ ଗଛ ବସାରେ ପକ୍ଷୀ ଦେଇଥିବା ଅଣ୍ଡାଗୁଡ଼ିକ ଜଳିଯାଏ, ପକ୍ଷୀ ଶାବକମାନେ ଜଳିଯା'ନ୍ତି । ଏହି ନିଆଁକୁ ଲିଭାଇବା ସମ୍ଭବ ହୋଇନଥାଏ । ବର୍ଷା କାଳରେ ହସି ଉଠିଥିବା ଏଇ ବନ ଇଲାକାରେ ସ୍ତୂପୀକୃତ ପାଉଁଶର ପାହାଡ଼ଗୁଡ଼ିଏ ଛିଡ଼ାହୁଏ । ଜଙ୍ଗଲର ଜୈବ ବିବିଧତା ଧ୍ୱଂସ ପାଇଯାଏ ଖୁବ୍ ଅଳ୍ପ ସମୟ ମଧ୍ୟରେ । କେବଳ ମଣିଷକୃତ ଅସାବଧାନତା ହିଁ ଏଥିପାଇଁ ଦାୟୀ । ପୁନଷ୍ଚ ଶ୍ୟାମଳ ବନଟିଏ ସୃଷ୍ଟି କରିବାକୁ ପୁରୁଷ ପୁରୁଷ ବର୍ଷ ଲାଗିଯିବ । ଚିନ୍ତାକଲେ ଦୀର୍ଘଶ୍ୱାସ ଛଡ଼ା କିଛି ପ୍ରତିକାର ପନ୍ଥା ଦିଶୁ ନାହିଁ । ବୃକ୍ଷ, ବନ ଓ ବନ୍ୟଜନ୍ତୁ କ୍ଷୟର ଅନ୍ୟତମ ମୁଖ୍ୟ କାରଣ ବନାଗ୍ନି ।

ପ୍ରଳୟଙ୍କରୀ ବନାଗ୍ନିର ବିପରୀତ ପଟକୁ ଗଲେ ଜନ୍ତୁମାନଙ୍କ ଆର୍ତ୍ତ ଦେଖିହୁଏ, ଶୁଣିହୁଏ। ଜଳନ୍ତା ବାଉଁଶ ଗଣ୍ଠି ବାଣ ଭଳି ଢୋ ଢୋ ଫୁଟୁଥିଲାବେଳେ ଆମେ ଚାଲି ଚାଲି ବିପରୀତ ପଟକୁ ଗଲୁ । ସେଠାରେ ଗୋଟିଏ ଅର୍ଦ୍ଧଦଗ୍ଧ ଝିଙ୍କଟିଏ ଦେଖିଲୁ । ତାକୁ ପ୍ରେମ୍ ସହଜରେ ଧରିଆଣିଲେ ଓ ବିନା ଶ୍ରମରେ ଫଳଟିଏ ପାଇଗଲା ଭଳି ଅନୁଭବ କଲେ । ଅଭୟାରଣ୍ୟ ବାରପାହଡ ଝିଙ୍କମାନଙ୍କ ବାସସ୍ଥଳୀ । ତାକୁ ସମ୍ବଲପୁରୀ ଭାଷାରେ ସାଇମୂଷା କହନ୍ତି । ଏହାର ମାଂସ ଖୁବ୍ ସ୍ୱାଦୁକର । ଗୋଟିଏ ଝିଙ୍କରୁ ଚାରି ପାଞ୍ଚ କିଲୋ ମାଂସ ମିଳିଥାଏ । ମାଂସର ପରିମାଣ ନେଇ ଗୋଟିଏ ମୋଟା ଢ଼ାବା ବାଉଁଶ ପୋଲା ଭିତରେ ତେଲ, ଲୁଣ ମସଲା ମିଶାଇ ବାଉଁଶକୁ ଜାଳି ଦିଆଯାଏ । ବାଉଁଶ ସଂପୂର୍ଣ୍ଣ ଜଳିଗଲା ପରେ ମାଂସ ସିଝି ଯାଇଥାଏ । ତା'ର ସ୍ୱାଦ ଭୁଲି ହୁଏ ନାହିଁ । ଝିଙ୍କକୁ ସାଧାରଣ ଲୋକେ 'ଝିଙ୍କ ପକ୍ଷୀ' ବୋଲି କହନ୍ତି । କିନ୍ତୁ

Digitized by PPRACHIN, SOA

ଏହା ଏକ ଚତୁସ୍ପଦୀ ସ୍ତନ୍ୟପାୟୀ ପ୍ରାଣୀ । ଏହାର ସବୁଠୁଁ ଉପକାରୀ ଜିନିଷ ହେଉଛି ତା'ର କାଠି । ଆକ୍ୟୁପଙ୍କଚର ଚିକିତ୍ସାରେ ଛୁଞ୍ଚି ବଦଳରେ ଝିଙ୍କ କାଠି ବ୍ୟବହାର କଲେ ବାତ, ରକ୍ତ, ର୍ୟୁମାଟିଜିମ୍, ସ୍ପୋଣ୍ଡିଲାଇଟିସ୍ ରୋଗୀମାନେ ଉପଶମ ପାଆନ୍ତି । ପ୍ରେମ୍ କହନ୍ତି, ସେ ଏହି ଝିଙ୍କ କାଠି ବ୍ୟବହାର କରି ଏପରିକି ପକ୍ଷାଘାତ ରୋଗୀଙ୍କୁ ଏହି ଦେଶୀ ଚିକିତ୍ସା ଉପାୟରେ ଅନେକ ଗାଉଁଲି ବନବାସୀଙ୍କୁ ଉପକୃତ କରାଇଛନ୍ତି। ଏହି ଜଡ଼ିବୁଟି ବିଦ୍ୟା ସେ ଜଙ୍ଗଲୀ ଗାଇଡ୍ ଢ଼ୋଲପାଣି ଆଦିବାସୀ ଫେନା କିସାନ ଠାରୁ ଶିଖିଛନ୍ତି ।

ଝିଙ୍କ ଏକ ବିପନ୍ନ ବିଲୁପ୍ତପ୍ରାୟ ବନ୍ୟଜୀବ। ଗୋଟିଏ ବୟସ୍କ ଝିଙ୍କ ଦେହରେ ତା'ର ଥୋମଣି, ପେଟତଳ ଓ ଚାରୋଟିଯାକ ଗୋଡ଼କୁ ଛାଡିଦେଲେ ଦାଙ୍ଗଣ ଭଳି ମୁନିଆ ଶହ ଶହ କାଠିଥାଏ। ସେଗୁଡ଼ିକ ଶକ୍ତ ଓ ମୁଣ୍ଡ ଉପର କାଠିଗୁଡ଼ିକ ଆକାରରେ ବଡ ହୋଇ ଲାଞ୍ଜଆଡକୁ ଢ଼ଳି ହୋଇଥାଏ ପ୍ରାୟ ଏକ ଫୁଟ ପର୍ଯ୍ୟନ୍ତ । ପୋଲା କାଠିଗୁଡ଼ିକ ଉପରେ କଳା ଓ ଧଳାର ପଟି ପଡ଼ିଥାଏ, ଆଲୁଅ ପଡ଼ିଲେ ଚିକ୍ ଚିକ୍ ଦିଶେ । ରାତିରେ ସର୍ଚ୍ଚ ଲାଇଟ୍ ପଡ଼ିଲେ ଆଖି ଅପେକ୍ଷା ଝିଙ୍କର କାଠି ତା'ର ସ୍ଥିତି ଶିକାରୀକୁ ସହଜରେ ଜଣାପଡ଼ିଯାଏ । ବିପଦରେ ପଡ଼ିଲେ ସେ ତା' ଦେହକୁ ଫୁଲାଇ ଦିଏ ଖୁବ୍ ଉତ୍ତେଜିତ ହୋଇ । ଦେହର ଗୋଜିଆ ଗୋଜିଆ କାଠିଗୁଡ଼ିକ ପଛ ଆଡ଼କୁ ଢଳି ଠିଆ ଠିଆ ହୋଇଯିବାରୁ ଝିଙ୍କ ଶତ୍ରୁପାଖକୁ ମୁକାବିଲା ପାଇଁ ପଛିଆ ପଛିଆ ଯାଏ । ଶତ୍ରୁ ଝିଙ୍କକୁ ଶିକାର କରିବା ପାଇଁ ଯେତେବେଳେ ପଛ ପଟିଆ ତାକୁ ମାଡିବସେ, ଏହି ଶକ୍ତ ତୀକ୍ଷ୍ଣ ଗୋଜିଆ କାଠିଗୁଡ଼ିକ ଶତ୍ରୁ ଦେହରେ ବା ପାଟିରେ ଚପ୍‌ଚାପ୍ ଗଳିଯାଏ ।

ଝିଙ୍କ କାହିଁକି ତା ଶତ୍ରୁକୁ ପିଛିଆ ଆକ୍ରମଣ କରେ ଏବଂ ତା'ର ଶରୀର ଶରଯୁକ୍ତ ହେଲା ତା'ର ଏକ ପୌରାଣିକ ଉପାଖ୍ୟାନ ଶୁଣାଯାଏ ତ୍ରେତେୟା ଯୁଗର ଏକ କିମ୍ବଦନ୍ତୀରୁ। ରାମ-ରାବଣ ଯୁଦ୍ଧରେ ଯୋଦ୍ଧାମାନଙ୍କ ଦ୍ୱାରା ଅନେକ ଶରବାଣ ବ୍ୟବହୃତ ହୋଇଥିଲା। ମହାପ୍ରତାପୀ ଅସୁର ରାଜ ରାବଣ ଶ୍ରୀରାମଙ୍କ ଦ୍ୱାରା ଦଶମୁଣ୍ଡ ହରାଇ ନିହତ ହେଲା ପରେ ଲଙ୍କା ଯୁଦ୍ଧ ଅନ୍ତେ ରଣକ୍ଷେତ୍ରରେ ଯୁଦ୍ଧାସ୍ତ୍ର ଶରଗୁଡ଼ିକ ପଡ଼ିରହିଥିଲା। ଜଣେ ଅସୁର ଜାତୀୟ ବ୍ୟାଧ ସେହି ଶରଗୁଡ଼ିକୁ ନେଇ ତା ଶିକାର କାର୍ଯ୍ୟରେ ବ୍ୟବହାର କଲା। ଏହାଦ୍ୱାରା ଅନେକ ଜୀବଜନ୍ତୁ ଲୋପପାଇ ବସିଲେ। ଥରେ ସେଇ ବ୍ୟାଧ ଆକାଶରେ ଉଡୁଥିବା ଏକ ଝିଙ୍କ ପକ୍ଷୀକୁ ଶର ନିକ୍ଷେପ କଲା। ଉଡ଼ନ୍ତା ଝିଙ୍କ ପକ୍ଷୀର ଗୋଟିଏ ଡେଣା ଛିଣ୍ଡି ଯିବାରୁ ସେ ଗୋଟିଏ ଡେଣାରେ ଦରଉଡ଼ା ହେଇ ଗୋଟିଏ ଗଛମୂଳରେ ତପସ୍ୟାରତ ଋଷି କଶ୍ୟପଙ୍କ ସମ୍ମୁଖରେ

Digitized by PPRACHIN, SOA

ଖସି ପଡ଼ିଲା । ବ୍ୟାଧ ଦ୍ୱାରା ନିକ୍ଷେପ ଶରଟି ପକ୍ଷୀର ପିଞ୍ଜରା ଭିତରେ ପଶିଯାଇ ପଛ ଆଡକୁ ଢ଼ଳେଇ ରହିଥିଲା । ପକ୍ଷୀଟି ଯନ୍ତ୍ରଣାରେ ଛଟପଟ ହେଉଥିଲା । ଋଷିଙ୍କ ଧ୍ୟାନ ଭଙ୍ଗ ହୋଇଗଲା । ସେ ତାକୁ ସହସା ଚିକିତ୍ସା କରିଲେ ଏବଂ ବିନା ଦୋଷରେ ସେ ବ୍ୟାଧ ଦ୍ୱାରା ଦଣ୍ଡିତ ହୋଇଥିବାରୁ ଦୁଃଖିତ ହେଲେ । ଏଣେ ବ୍ୟାଧ ପକ୍ଷୀର ସନ୍ଧାନ ନେଇ ଋଷିଙ୍କ ଆଶ୍ରମରେ ପହଞ୍ଚିଲା ଏବଂ ପକ୍ଷୀଟି ତା'ର ବୋଲି ଦାବି କଲା । ତପସ୍ୱୀ ଋଷି କହିଲେ- ତୁ ନିର୍ଦ୍ଦୋଷକୁ ବିନା କାରଣରେ ଦଣ୍ଡ ଦେଇଛୁ, ତାକୁ ବଧ କରି ପାପ ଅର୍ଜନ କରିଛୁ । ଏହାର ପରିଣାମ ହେଉଛି ତୁ ସମପରିମାଣରେ ଦଣ୍ଡିତ ହେବା ଉଚିତ୍ । ବ୍ୟାଧ କହିଲା, ମହାଭାଗ, ଏ ତ ମୋର ବେଉସା । ଜୀବ ମାରିଣ ଜୀବ ଖାଇ, ସେ ଜୀବ ବୈକୁଣ୍ଠେ ବସଇ । ମୁଁ ତ ସେଥିପାଇଁ ଅଧିକାରପ୍ରାପ୍ତ । ମାରିବା ମୋର ଧର୍ମ । ତପସ୍ୱୀ ବୁଝାଇ କହିଲେ, ଯେ କୌଣସି ଜୀବକୁ ଶିକାର କରି ଜୀବିକା ନିର୍ବାହ କରିବା ସୃଷ୍ଟିର ଧର୍ମ ବିରୁଦ୍ଧ । ଯେତେବେଳେ ଜଗତକର୍ତ୍ତା ସ୍ରଷ୍ଟା ତୋତେ ବଞ୍ଚି ରହିବାକୁ ହାତଗୋଡ ଆଦି ବିକଳ୍ପ ବ୍ୟବସ୍ଥା ଖଞ୍ଜି ଦେଇଛନ୍ତି ଏବଂ ଶ୍ରମ କରି ଜୀଇଁବାକୁ ଦେହରେ ଯଥେଷ୍ଟ ବଳ ଦେଇଛନ୍ତି, ନିରୀହ ନିଷ୍ପାପ ପ୍ରାଣୀମାନଙ୍କୁ ବଧ କରି କେବଳ ପାପ ଅର୍ଜିବା ଛଡ଼ା ଅନ୍ୟ କିଛି ନୁହେଁ । ତୁ ପ୍ରାୟଶ୍ଚିତ କରିବା ଉଚିତ୍ ଏବଂ ଘୃଣ୍ୟ ବ୍ୟାଧ କାମ ଛାଡ଼ି ଶ୍ରମ କରି ଜୀଇଁବା ନିମନ୍ତେ ମାନବଧର୍ମ ପାଳନ କର । ତେବେ ଯାଇଁ ତୁ ସଦ୍‌ଗତି ଲାଭ କରିବୁ । ବ୍ୟାଧ କିନ୍ତୁ ତା ଜିଦ୍‌ରେ ଅଟଳ ରହିଲା ଓ ତା' ଶକ୍ତି ପରୀକ୍ଷା କରିବା ପାଇଁ ଆହ୍ୱାନ କଲା । ଆହତ ପକ୍ଷୀଟିକୁ ତା ପଛଆଡୁ ଆଉ ଗୋଟିଏ ଶର ମାରି ତା ଜୀବନ ଶେଷ କରିବାକୁ ଉଦ୍ୟତ ହେଲା । ଇତି ମଧ୍ୟରେ ଝିଙ୍କ ପକ୍ଷୀଟି ଦେହରେ ପ୍ରଥମ ଶରଟି ପଛ ଆଡ଼କୁ ଢ଼ଳି ଦେହରେ ଲାଗି ରହିଥିଲା । ତପସ୍ୱୀ ତା ଦେହକୁ ସଂପୂର୍ଣ୍ଣ ଶରରେ ଅଚ୍ଛାଦିତ କରିଦେଲେ ଏବଂ ତପସ୍ୱୀ ଓ ବ୍ୟାଧ ମୁହାଁମୁହିଁ କଥାବାର୍ତ୍ତା କରୁଥିଲା ବେଳେ ସେ ପଛୁଆ ପଛୁଆ ଯାଇ ବ୍ୟାଧକୁ ତା' ଦେହରେ ସେଇ ଶର ଦ୍ୱାରା ଭୂଷି ଦେବାକୁ ଇଙ୍ଗିତ ଦେବାରୁ ବ୍ୟାଧ ଦେହରେ ଶର ଗୁଡ଼ିକ ଟପ୍‌ଟାପ୍ ଗଳିଗଲା ଏବଂ ସେ ସେଇଠି ପ୍ରାଣତ୍ୟାଗ କଲା । ସେହି ଦିନଠୁଁ ଶୁଣାଯାଏ, ଝିଙ୍କ ଆଉ ପକ୍ଷୀଟିଏ ହୋଇ ରହିଲା ନାହିଁ, କାରଣ ତା'ର ଆଉ ପକ୍ଷ ନଥିଲା ଆକାଶରେ ଉଡିବା ପାଇଁ । ଭୂପୃଷ୍ଠରେ ସେ ଏକ ଚତୁଃଷ୍ପଦ ସ୍ତନ୍ୟପାୟୀ ପ୍ରାଣୀ ହୋଇ ବାସକଲା ଏବଂ ନିଜ ଆତ୍ମରକ୍ଷା ପାଇଁ ଶତ୍ରୁକୁ ସେବେଠୁଁ ପିଛିଆ ଆକ୍ରମଣ କରିଥାଏ ବୋଲି ଆଖ୍ୟାନ ରହିଛି । ଝିଙ୍କର ଏହି ଜାତି ଯୋଗୁଁ ବାଘ ମଧ ଝିଙ୍କକୁ କେବେ ଶିକାର କରି ପାରେ ନାହିଁ । ବରଂ ଝିଙ୍କକୁ ଆକ୍ରମଣ କରି ବାଘ ଶେଷରେ ଆହତ ବା

Digitized by PPRACHIN, SOA

ଘାଇଲା ହୁଏ ଓ ଶିକାର କରିବା ଅକ୍ଷମତା ଯୋଗୁଁ ମଣିଷଖିଆ ପାଲଟେ ଏବଂ ପରିଶେଷରେ ମଣିଷ ଦ୍ୱାରା ନିହତ ହୁଏ। ଏଣୁ ବଣର ଶିକାରୀ ପଶୁମାନେ ଝିଙ୍କଠୁଁ ସବୁବେଳେ ଦୂରେଇ ରହନ୍ତି ।

ସେଦିନ ପ୍ରେମ ତାଙ୍କ ସହଜଲବ୍ଧ ଏହି ଅର୍ଦ୍ଧଦଗ୍ଧ ଝିଙ୍କକୁ ଧରି ଘରବାହୁଡ଼ା ହେଲେ ।

•••

Digitized by PPRACHIN, SOA

- ୯ -

କର୍ତ୍ତବ୍ୟର ଆହ୍ୱାନରେ ମୁଁ ସୁବଳକୁ ଧରି ଜିପ୍‌ରେ ବସିଲି । କିନ୍ତୁ ଦିଆସିଲି ସେଠି କାହିଁ ? ନିଆଁ ଜଳାଇଲା ବେଳେ କାଠ ପାଖେ ରଖିଥିଲା ସୁବଳ । ଶୁଖିଲା ପତ୍ରରେ ନିଆଁ ଜଳି ଜଳି ଦିଆସିଲି ଛୁଇଁଲା ଓ ତାକୁ ଜାଳିଦେଲା । କିନ୍ତୁ ସୁବଳର ବୁଦ୍ଧିକୁ ମାନିବାକୁ ପଡ଼ିବ । ମୁଁ ନିଆଁ ଲିଭାଇବାକୁ ଜାରକିନ୍‌ରେ ପାଣି ଆଣିଲା ବେଳେ, ସେ ଗୋଟିଏ ବଡ ଡେକ୍‌ଚିରେ ପାଣି ଆଣିଥିଲା । ନିଆଁ ଲିଭାଇଲା ବେଳେ ସେଇ ଡେକ୍‌ଚିରେ କିଛି ନିଆଁ ଭର୍ତ୍ତିକଲା । ତାକୁ ମୁଁ ସାବସ୍ କଲି । ଜଙ୍ଗଲୀ ଲୋକ ସୁବଳଠାରୁ ଅନେକ କଥା ଶିଖିବାର ଅଛି ଆମର। ସେ ଧନ୍ୟବାଦର ପାତ୍ର, ସମସ୍ତଙ୍କୁ କହିଲି । ବଙ୍ଗଳାକୁ ଫେରିଲୁ।

ଏବେ ଆମ ପାଖେ ଯଥେଷ୍ଟ ନିଆଁ । ପେଟ୍ରୋମ୍ୟାକ୍ସ ଲାଇଟ୍ ଜଳିଲା । ବଙ୍ଗଳା ପ୍ରାଙ୍ଗଣ ଉଜ୍ଜ୍ୱଳିତ ହେଲା । ଘଣ୍ଟାକଣ୍ଟା ଘୂରି ଚାଲିଥିଲା ଅବିରାମ ଗତିରେ । ରାତି ବାରଟା ଅନ୍ତେ କଣ୍ଟା ଏକ ଧରିଲା । କ୍ୟାଲେଣ୍ଡର ତାରିଖ ବଦଳିଲା । ନାଥଶର୍ମା ପାଞ୍ଜି ପରାମର୍ଶ କଲେ । ସେ ତିଥି, ବାର, ଗ୍ରହ ନକ୍ଷତ୍ର, ରାଶି ଟିପରେ ଗଣନା କରି ଶୁଭ ଦିନ, ବାର, ମୁହୂର୍ତ୍ତ ନିର୍ଣ୍ଣୟ କରିଥାନ୍ତି । ଆଜି ସମ୍ବତ୍ସର ବିଶ୍ୱାବସୁ କୃଷ୍ଣମାସ, ପାପନାଶିନୀ ଏକାଦଶୀ ତିଥି, ୨୧ ପୁନର୍ବସୁ ମିଥୁନ ଦିନ, ସୂର୍ଯ୍ୟୋଦୟ ଘ. ୫/୫୮ ଓ ସୂର୍ଯ୍ୟାସ୍ତ ଘ ୫/୩୫, ଦିବସ ରାତ୍ରି ପ୍ରାୟ ସମାନ । ସେ ଏକାଦଶୀ ଉପବାସ କରନ୍ତି ଖୁବ୍ ନିଷ୍ଠାରେ । କେବଳ ଫଳାହାର, ପାକଖାଦ୍ୟ ନିଷେଧ । ଗ୍ରହପୂଜା କରନ୍ତି । ଦିନମଣି ଦିନ ଛୁଇଁବା ପୂର୍ବରୁ ପ୍ରତ୍ୟୁଷରେ ସ୍ନାନ କରି କପାଳରେ ଚନ୍ଦନଟୋପା ଦିଅନ୍ତି । ତିଥି ଦିନ ଅନୁଯାୟୀ ବିଭିନ୍ନ ରଂଗର ଖଦି ପୋଷାକ ପିନ୍ଧନ୍ତି । ଗୌରବର୍ଣ୍ଣ, ପତଳା ଦେହ । ନିରାମିଶାଷୀ ସଂପୂର୍ଣ୍ଣ। ସେ କହିଲେ କିଛି ଖାଇବେ ନାହିଁ ଏକାଦଶୀ ଉପବାସ ଯୋଗୁଁ । କେବଳ ଗୋଟେ ସେଉ ଓ କଦଳୀ ହେଲେ ତାଙ୍କ ଖିଆକାମ ଶେଷ । ଆଲୋକ ଘୋଷ କହିଲେ ସେ ଅସୁସ୍ଥ । ଇଲେକ୍ଟ୍ରୋଲାଇଟ୍ ପାଉଚ ଯଥେଷ୍ଟ ଧରିଛନ୍ତି, ପାଣିରେ ପକାଇ ପିଇଲେ ଅନ୍ୟ ଖାଦ୍ୟ ତାଙ୍କର ଦରକାର ପଡ଼ିବ ନାହିଁ । ବାକି ମୁଁ, ଧୁରନ୍ଧର ବାବୁ, ସୁବଳ, ସତ୍ୟାନନ୍ଦ ଓ ସନାତନ ଖାଇବା କଥା । ରନ୍ଧାରନ୍ଧି କାମ ସାରିଲା ବେଳକୁ ସକାଳ ପ୍ରାୟ ହୋଇଯିବ । ଏତେ ବିଳମ୍ବରେ ରାତ୍ର ଆହାର

Digitized by PPRACHIN, SOA

ଆଉ କାହିଁକି ? ଧୁରନ୍ଧର ବାବୁ ରାମ ସ୍ୱାହା ରାବଣ ସ୍ୱାହା ସ୍ୱଭାବର ବ୍ୟକ୍ତି । ବନ୍ଧୁ ଧୁରନ୍ଧର ବିଶ୍ୱାଳ ଜଣେ ଧୃତିକାନ୍ତ ମଣିଷ । ରାୟଗଡା ଜିଲ୍ଲା କୋଷ ଅଧିକାରୀ ଭାବେ ଅବସ୍ଥାପିତ । ଧୀରେ କଥା କହନ୍ତି ଓ ଶୁଣନ୍ତି ମଧ । ସବୁକୁ ଚଳେଇନେବା ଲୋକ । ମୋ ଉପରେ ତାଙ୍କର ଅତୁଟ ଆସ୍ଥା । ଆମେ ଆଣିଥିବା ଯାହା ଶୁଖିଲା ଖାଦ୍ୟ ବିସ୍କୁଟ୍, ପାଉଁରୁଟି ଚେନାଚୂର ଖାଇ ଆଉ କେଇ ଘଣ୍ଟା କଟାଇ ଦେଲେ ଚୂଲି ଜଳାଇବା ଆଉ ଆବଶ୍ୟକ ନାହିଁ । ପେଟର ଦାବି, ମୁଖ ଲାଳସାକୁ ବାଧ୍ୟହୋଇ ସଂଯତ ନିୟନ୍ତ୍ରଣ କଲୁଁ। ଏଣୁ ଅର୍ଦ୍ଧଭୁକ୍ତ ଅଳ୍ପାହାର ଖାଇ ନିଜ ନିଜ ବିଛଣା ଧରିଲୁ ।

ଜ୍ୟୋତ୍ସ୍ନାଳ ରଜନୀର ସୁସୁନ୍ଦର ନିର୍ମଳ ନିସ୍ତବ୍ଧ ନୈଶ୍ୟବେଶ ବେଳେବେଳେ ହାତୀମାନଙ୍କ ଗର୍ଜନ ଓ ବାଘର ହେଣ୍ଟାଳ ଶୁଣିବାକୁ ପାଉଥିଲୁ କେବଳ।

ପ୍ରାକ୍ ଉଷାକାଳରେ ସୂର୍ଯ୍ୟୋଦୟ ପୂର୍ବରୁ ଶଯ୍ୟା ତ୍ୟାଗକରି ଲଗାତର ଦୁଇ କପ ଚା' ଖାଇ ରିବକ୍ ସ୍ପୋର୍ଟ ଜୋତା, ନାଇକ୍ ପ୍ୟାଣ୍ଟ ଓ ଗଂଜି ଓ ମୁଣ୍ଡର ଟୋପି ପିନ୍ଧି ପୋଖତ ଖେଳୁଆଡ ଭଳି ରାଇଫଲ୍ ଧରି ସାଙ୍ଗରେ ସୁବଳକୁ ସାଥୀ କରି ସେଇ ମୋରମ ରାସ୍ତାରେ ପଦଯାତ୍ରାରେ ପ୍ରସ୍ତୁତ ହୋଇ ପଡ଼ିଲି ସକାଳ ବନ ପରିକ୍ରମାରେ ।

ବଙ୍ଗଳାର ଅବସ୍ଥିତି ଓ ବନରାଜ୍ୟର ପ୍ରଭାତୀ ଶୋଭା ବର୍ଣ୍ଣନା କରିବାକୁ ମୋର ଭାଷା ନାହିଁ । ଏଠାକୁ ଆଗନ୍ତୁକ ଆସିଲେ ହନୁମାନେ ଜାଣିପାରନ୍ତି । ଖାଦ୍ୟ ଆଶାରେ ଲାଇନ୍ ହୋଇ ପଥର ପାଚେରି ଉପରେ ବସିଯା'ନ୍ତି । ଆଡ୍ଡା ମାରନ୍ତି । ଶିଶୁ ବାନର କେତେଟି ମା' କୋଳରେ ଥା'ନ୍ତି, କେତେବେଳେ ପୁଣି ସାଙ୍ଗ ସାଥୀମାନଙ୍କ ସହିତ ଡିଆଁକୁଦାରେ ମାତିଯାନ୍ତି । ସେମାନଙ୍କ ଖାଦ୍ୟ ଆଶା ବିଷୟରେ ମୁଁ ଅବଗତ ଥିଲି । ଏଣୁ ସେମାନଙ୍କ ପାଇଁ ପାଚିଲା କଦଳୀ, ପାଉଁରୁଟି, ବୁଟ, ବାଦାମ ସ୍ୱତନ୍ତ୍ର ନେଇଥିଲି । ଆଗନ୍ତୁକ-ଅତିଥିକୁ ଏଠି ଦେଖିଲା ମାତ୍ରେ ହାତରୁ ଆସି ଖାଦ୍ୟ ଜିନିଷ ନେଇଯାନ୍ତି । ବାଦାମ ଚୋପାକୁ କୌଶଳରେ ଦାନ୍ତରେ ଛିଣ୍ଡାଇ କଞ୍ଚା ମଞ୍ଜିଗୁଡ଼ିକ ବେଶ୍ ଖାଇପାରନ୍ତି, ଭଜା ବୁଟରୁ ଚୋପା ଛଡ଼ାଇ ପାରନ୍ତି, ପାଟିରେ ପକାନ୍ତି ମଣିଷ ଭଳି।

Digitized by PPRACHIN, SOA

ଏଣେ ବଙ୍ଗଳାର ପଶ୍ଚାତ୍‌ଭାଗ ବୃକ୍ଷମାନଙ୍କରେ ନେପାଳି ମୂଷା କେତୋଟି ଡାଳକୁ ଡାଳ ଡେଇଁ ଫଳ ଛିଣ୍ଡାଇ ଖାଉଥାନ୍ତି । ଅସଂଖ୍ୟ ଶୁଆ ନିକଟସ୍ଥ ବଡ ବରଗଛ, ଅଶ୍ୱତ୍ଥଗଛ ଡାଳରେ ବସି ପାଚିଲା ବର ଓସ୍ତ ଫଳ ଖାଇବାରେ ବ୍ୟସ୍ତ । ଅଗଣିତ ଶାରୀ ସେମାନଙ୍କ ସହିତ ପ୍ରତିଦ୍ୱନ୍ଦ୍ୱିତା କରୁଥାନ୍ତି । ପକ୍ଷୀମାନଙ୍କ କଳନାଦ କାକଳିରେ ପରିବେଶ ବେଶ୍ ମୁଖରିତ, ଝଙ୍କୃତ। ଚମତ୍କୃତ ହୋଇ ମୁଁ ନିବିଡ଼ ମୁଗ୍ଧ ଚିତ୍ତରେ ଲକ୍ଷ୍ୟ କରି ଚାଲିଥିଲି ପକ୍ଷୀ ଜଗତର ଦୃଶ୍ୟାବଳୀ।

ଏମାନଙ୍କ ସଂଖ୍ୟା କେତେ ଜଣାପଡେ କେମିତି ? ପକ୍ଷୀଗଣିବାର ଭିତ୍ତି ବା ସୂତ୍ର କ'ଣ ? ପକ୍ଷୀ ବିଶାରଦ ବିଶେଷଜ୍ଞଙ୍କ ବୈଜ୍ଞାନିକ ପଦ୍ଧତି ଜାଣେ ନାହିଁ ମୁଁ । ଆମର ନିଜ ପଦ୍ଧତି ଅଛି, ଦଳର ଆନୁମାନିକ ସଂଖ୍ୟା ନିରୂପଣ ପାଇଁ ସେମାନେ ଆକାଶରେ ଉଡ଼ିଲାବେଳେ ତାହା ଗଣାଯାଏ । ଦଳପତି ଦଳର ଆଗ ମୁଣ୍ଡରେ ଥାଏ ଅଗ୍ରଗାମୀ ଦିଗ୍‌ଦର୍ଶକ ଭଳି, ଅନ୍ୟମାନେ ତା ପଛରେ ସଂଘବଦ୍ଧ ହୋଇ ଉଡ଼ନ୍ତି। ଏତିକିବେଳେ ସେମାନଙ୍କ ଉଡନ୍ତା କ୍ଷେତ୍ରଫଳ ଆଖିରେ ଏକ ମାଛର ବା ରମ୍ବସ୍‌ର କ୍ଷେତ୍ରଫଳ ଭାବେ ଆନୁମାନିକ ଆକଳନ କରାଯାଏ - ଲମ୍ବ × ପ୍ରସ୍ଥ × ଉଚ୍ଚତା ÷ ୨= ଉତ୍ତର । ଧରାଯାଉ ଏକ ସମୟରେ ଉଡ଼ନ୍ତା ଅଞ୍ଚଳ (ଏରିଆ)ର ଆଖିର ଆକଳନରେ ମୁଣ୍ଡଠୁଁ ଲାଞ୍ଜ ପର୍ଯ୍ୟନ୍ତ ଯଦି ୨୦ ଫୁଟ ହୁଏ ଓ ମଝିର ଓସାର ଦଶଫୁଟ ହୁଏ ଏବଂ ଉଚ୍ଚତା ବା ମୋଟେଇ ଏକ ଫୁଟ ହୁଏ (ପକ୍ଷୀର ଲମ୍ବା ଯଦି ଏକ ଫୁଟ ହୁଏ) କ୍ଷେତ୍ରଫଳ ହେଲା

Digitized by PPRACHIN, SOA

୨୦'× ୧୦'× ୧' ÷ ୨ = ପକ୍ଷୀସଂଖ୍ୟା ଅର୍ଥାତ୍ ୧୦୦ଟି ପକ୍ଷୀ ବୋଲି ଧରାଯିବ । ପକ୍ଷୀସଂଖ୍ୟା ଦଳର ସାନ୍ଦ୍ରତା ଉପରେ ନିର୍ଭର କରେ । ଏହା ଏକ ଅନ୍ଦାଜ ମାତ୍ର, ଶତ ପ୍ରତିଶତ ଠିକ୍ ନୁହେଁ (ଦଶ ପ୍ରତିଶତ ଏପଟ ସେପଟ ହୋଇପାରେ) । ଆଧୁନିକ ବୈଜ୍ଞାନିକ ପ୍ରଣାଳୀରେ ପଶୁ-ପକ୍ଷୀ ଗଣନା ଶତପ୍ରତିଶତ ମଧ ଠିକ୍ ହୋଇ ନପାରେ, କିଛି କମ୍ ବେଶୀ ବ୍ୟତିକ୍ରମ ସବୁଠି ଥାଏ ।

ଏତିକିବେଳେ ବାଳ ସୂର୍ଯ୍ୟୋଦୟର ସୁନେଲି ସୁକୋମଳ ଖରାରେ ଦଳେ କୋଚିଲାଖାଇ ଚଢ଼େଇ ପର୍ବତ ପାଦର ସୁଉଚ୍ଚ ଓସ୍ତଗଛରେ ବସି ଓସ୍ତଫଳ ଖୁମ୍ପି

ବସିଲେ ସେମାନଙ୍କ ଲମ୍ବା ଥଣ୍ଟ ସାହାଯ୍ୟରେ । ଦେହ ତୁଳନାରେ ସେମାନଙ୍କ ଥଣ୍ଟ ବଡ । ପକ୍ଷୀ ଜଗତରେ କୌଣସି ପକ୍ଷୀର ଏତେ ବଡ ଥଣ୍ଟ ମୁଁ ଦେଖି ନାହିଁ ଯେପରି ପଶୁମାନଙ୍କ ମଧ୍ୟରେ ହାତୀର ଦାନ୍ତ ଓ ଶୁଣ୍ଢ ସର୍ବବୃହତ୍ ।

ନାଥଶର୍ମା ମଠାଲୁଗା ପିନ୍ଧି ମଥାରେ ଚିତା ଚୈତନ୍ୟ କାଟି ଶ୍ଳୋକ ବୋଲି ବୋଲି ବାହାରକୁ ଆସନ୍ତେ ସୂର୍ଯ୍ୟଙ୍କୁ ନମସ୍କାର କରି ଦର୍ଶନ କଲାବେଳେ ନଜର ପଡ଼ିଗଲା କୋଚିଲାଖାଇ ଚଢ଼େଇମାନଙ୍କ ଉପରେ । ବିରଳ ପକ୍ଷୀ । ଜାଣିଲି, ସେ ଏହି ପକ୍ଷୀକୁ ବିକଳ ହୋଇ ଖୋଜୁଛନ୍ତି ବହୁ ବର୍ଷ ହେଲା । ଆଣ୍ଠୁଗଣ୍ଠି ବାତରୋଗରେ ପୀଡ଼ିତ। ଡାକ୍ତରୀ ଔଷଧ କାଟୁ କରୁନାହିଁ । ଚେରମୂଳ କବିରାଜି ଚିକିତ୍ସା କରୁଛନ୍ତି । କବିରାଜ

Digitized by PPRACHIN, SOA

କହିଛନ୍ତି, କୋଚିଲାଖାଇ ଚଢ଼େଇ ଖାଇବାକୁ। ବାତପିତ୍ତ ନଷ୍ଟକରେ କୋଚିଲାଖାଇର ମାଂସ, ଦେହରେ ରକ୍ତ ସଂଚାଳନ ଠିକ୍ ହୁଏ, ହୃତ୍‌ପିଣ୍ଡ ସୁସ୍ଥ ରହେ । ତା'ର ତେଲ, ଆଣ୍ଠୁଗଣ୍ଠି ବାତ ଉପଶମକାରୀ । ସେ ଅନେକଙ୍କୁ କୋଚିଲାଖାଇ ଚଢ଼େଇ ପାଇଁ କହିଛନ୍ତି,କିନ୍ତୁ ମିଳୁନାହିଁ ।

ନାଥଶର୍ମା ଜାଣନ୍ତି, ମୁଁ ଦୁଇଟି କୋଚିଲା ଖାଈ ଚଢେଇ ଘରେ ସଯତ୍ନେ ପୋଷିଛି। ଖୁବ୍ ଛୋଟବେଳୁ ସେମାନଙ୍କ ବସା ଠାବକରି ଦୁଇଟି ଚଢେଇ ଛୁଆ ସବୁଜ ଜଙ୍ଗଲ ଭିତରୁ ଧରି ଆଣି ମୋତେ ଦେଇଥିଲା, କାରଣ ସେ ଜାଣିଥିଲା ମୋର ଧର୍ମପତ୍ନୀ ପ୍ରତିଭା ମଧ୍ୟ ଆଣ୍ଠୁଗଣ୍ଠି ବାତରେ ପୀଡିତା। ମୁଁ ଚଢେଇ ଦୁଇଟିକୁ ମୟୂର ପୋଷିଲା

ରୁମା ଓ ରାମା ସହିତ ପତ୍ନୀ ପ୍ରତିଭା ଏବଂ ଲେଖକ

Digitized by PPRACHIN, SOA

ଭଳି ପାଳିଲି । କିନ୍ତୁ ପୋଷା ଜୀବକୁ ମାରି ତା'ର ମାଂସ ଭକ୍ଷଣ କରିବା ଖୁବ୍ ଅରୁଚିକର ଓ ଅନୁଚିତ ମଧ୍ୟ । ଯଦିଚ ନାଥଶର୍ମାଙ୍କ ଦୃଷ୍ଟିଥିଲା ସଉକରେ ପାଳିତ ମୋ ପୋଷା ପକ୍ଷୀ ଦୁଇଟି ଉପରେ କିନ୍ତୁ ସାହସ କରିନଥିଲେ । ଅବଶ୍ୟ ପରବର୍ତ୍ତୀ କାଳରେ ପୋଷା କୋଚିଲା ଖାଇ ଚଢ଼େଇ ଦ୍ୱୟ (ରୁମା ଓ ରାମା)କୁ ଚିଡିଆଖାନାକୁ ଦାନ କରିଥିଲି ।

ଏଣୁ ନାଥଶର୍ମା ଓସ୍ତଗଛରେ କୋଚିଲାଖାଇ ଦଳ ଦେଖି ଖୁସି ହୋଇଗଲେ ଏବଂ ତାଙ୍କ ପାଇଁ ଗୋଟିଏ କୋଚିଲାଖାଇ ଚଢ଼େଇ ମାରିବାକୁ ମୋତେ ନିବେଦନ କଲେ । ପଚାରିଲି - ତମେ ତ ସଂପୂର୍ଣ୍ଣ ନିରାମିଷାଶୀ, କୋଚିଲାଖାଇ ମାଂସ କିପରି ଭକ୍ଷିବ ନାଥଶର୍ମା ବାବୁ ?

ପଣ୍ଡିତିଆ ଢ଼ଙ୍ଗରେ ସେ କହିଲେ - ଆତୁରେ ନିୟମ ନାସ୍ତି ... ଏଣୁ ବାରଣ ନାହିଁ କାରଣ ଆମ ପୁରାଣ କହେ, 'ଆତାପି ଭକ୍ଷିତ ଯେନ ବାତାପିଶ୍ଚ ମହାବଳୀ, ଶୋଷିତ ସମୁଦ୍ର ଯେନ ସୋଗସ୍ତି ମେ ପ୍ରସିଦ୍ଧତୁ ।' ଆବଶ୍ୟକସ୍ଥଳେ ମହର୍ଷି ଅଗସ୍ତି ଋଷି ଅସୁରରୂପୀଙ୍କ ମାଂସ ଉଦରସ୍ଥ କରିଥିଲେ ସମୁଦାୟ ସମୁଦ୍ରକୁ ଚଳୁ କଲାବେଳେ ।

ମୁଁ ନାଥଶର୍ମାଙ୍କୁ କହିଲି- 'ଜାଣ ଶର୍ମାବାବୁ ! ପଶୁପକ୍ଷୀ ଜଗତରେ ନାରୀ ସତୀତ୍ୱ ଓ ନିଷ୍ପାପର ଦାମ୍ପତ୍ୟର ଶ୍ରେଷ୍ଠ ଠିକଣା ଏଇ କୋଚିଲାଖାଇ ଚଢ଼େଇ ଜୀବନରେ ଦେଖିବାକୁ ମିଳିଥାଏ । ଏହି ପକ୍ଷୀର ଅଣ୍ଟ ଦେହ ତୁଳନାରେ ଖୁବ୍ ବଡ଼- ବେକଠାରୁ ଲାଞ୍ଜ ପର୍ଯ୍ୟନ୍ତ ଲମ୍ବ ୩୦ ଇଞ୍ଚ ହୋଇଥିବା ବେଳେ କେବଳ ଓସାରିଆ ମୁନିଆ ଥଣ୍ଟର ଲମ୍ବ ୮ ଇଞ୍ଚ । ଥଣ୍ଟରେ ଉଈ, ପିମ୍ପୁଡ଼ି, ଜନ୍ଦାଦି ପୋକ ଓ ଫଳ ସଂଗ୍ରହ କରିବା ବ୍ୟତୀତ ତା'ର ଅନ୍ୟ କାମଟି ହେଉଛି, ନିବିଡ଼ାରଣ୍ୟର ସୁଉଚ୍ଚ ଶୁଖିଲା କାଠଗଣ୍ଡିରେ କର୍ମକାର ବଢ଼େଇ ଭଳି କାଠକୁ ଉଭୟେ ପୁରୁଷ-ସ୍ତ୍ରୀ ପକ୍ଷୀ ଖୁମ୍ପି ଖୁମ୍ପି ତା ଭିତରେ ନିବୁଜ ବସାଟିଏ ନିର୍ମାଣ କରିବା, ଯେଉଁଥିରେ ଗର୍ଭିଣୀ କୋଚିଲାଖାଇ ପ୍ରବେଶ କରି ଡିମ୍ବ ଦେବ ଏବଂ ତା'ରି ଭିତରେ ହିଁ କାଳାତିପାତ କରିବ ଶିଶୁ-ଶାବକ ଉଡ଼ି ପାରିଲା ପର୍ଯ୍ୟନ୍ତ । ଅଣ୍ଡିରା କୋଚିଲାଖାଇ ବସା ମୁହଁଟିକୁ ମାଟି ଦ୍ୱାରା ବନ୍ଦ କରିଦେବ, କେବଳ ଛୋଟିଆ ଛିଦ୍ରଟିଏ ଥିବ, ଯେଉଁବାଟେ ସେ ସ୍ତ୍ରୀ କୋଚିଲାଖାଇକୁ ଖାଇବାକୁ ଖାଦ୍ୟ ଦେଇଥାଏ ଡିମ୍ବଦେବା ଆରମ୍ଭରୁ ପିଲା ୫୦ ଦିନର ହେବା ପର୍ଯ୍ୟନ୍ତ । (କୋଚିଲା ଖାଇ ଥରକୁ ଚାରୋଟି ଡିମ୍ବ ଦେଇଥାଏ) । ଅର୍ଥାତ୍ ୭୦ ଦିନ ପର୍ଯ୍ୟନ୍ତ ମାଈ କୋଚିଲା ଖାଇ କାରାବାସିନୀ ହୋଇଥାଏ । ଏହି ସମୟତକ ସ୍ତ୍ରୀ ଓ ପକ୍ଷୀଶାବକଙ୍କ ଖାଦ୍ୟାହାରର ଦାୟିତ୍ୱ ପୁରୁଷ କୋଚିଲାଖାଇର । ଏଭଳି ଅନନ୍ୟ ଦାମ୍ପତ୍ୟ କ୍ୱଚିତ୍ ଦେଖାଯାଏ ଅନ୍ୟ ପଶୁ-ପକ୍ଷୀ-ପ୍ରାଣୀ ସମାଜରେ ।

ନାଥଶର୍ମା ନେତ୍ର ବିସ୍ତାରିତ କଲେ ଏବଂ ପଣ୍ଡିତ ପଣିଆ ଢଙ୍ଗରେ କହିଲେ-

Digitized by PPRACHIN, SOA

'ସୃଷ୍ଟିର ଶ୍ରେଷ୍ଠ ଜୀବ ମଣିଷମାନଙ୍କ ଜୀବନରକ୍ଷା ଓ ଚିକିତ୍ସା ସକାଶେ ପରମେଶ୍ୱର ପଶୁ-ପକ୍ଷୀ ଉଦ୍ଭିଦକୁ ବିନିଯୋଗ କରିବାକୁ ବାରଣ କରି ନାହାନ୍ତି।'

ଏଣୁ ଆବଶ୍ୟକତା ଓ ସ୍ୱାସ୍ଥ୍ୟରକ୍ଷାର ଅନିବାର୍ଯ୍ୟତାକୁ ପ୍ରାଧାନ୍ୟ ଦେଇ ଅଗତ୍ୟା ମୁଁ .୧୨ ବୋର୍ ବନ୍ଧୁକ ଚାମଡ଼ରେ ବି.ବି.ଛର୍‌ରା ପୂରାଇଲି । ଏଥିରେ ୫୦ଟି ଛୋଟ ଛୋଟ ଗୋଲାକାର ସିସା ଗୁଳିଥାଏ । ବି.ବି.ଛର୍‌ରାର କ୍ଷେପଣ ରେଞ୍ଜ ଆସ୍ତେ ବିଛୁରିତ ହୋଇ ୭୦ ଫୁଟ୍ ପର୍ଯ୍ୟନ୍ତ ବ୍ୟାପିଥାଏ ପ୍ରାୟ ଏକଫୁଟ ବ୍ୟାସାର୍ଦ୍ଧରେ। ଲକ୍ଷ୍ୟସ୍ଥଳୀରେ ପକ୍ଷୀମାନେ ପାଖାପାଖି ବସିଥିଲେ ଗୋଟିଏ ସଟ୍‌ରେ ଏକାଧିକ ଶିକାର ମିଳିଥାଏ । ମୁଁ ଟ୍ରିଗର ଚିପିଲି ଓ ଦୁଇଟି କୋଚିଲାଖାଇ ଚଢ଼େଇ ମରି ପଡ଼ିଲେ, ଆତୁରେ ନିୟମ ନାସ୍ତି ନ୍ୟାୟରେ। ନାଥଶର୍ମା ଗୋଟିଏ ନେଲେ ଏବଂ ଅନ୍ୟଟି ମୋ ସହଧର୍ମିଣୀ ପ୍ରତିଭାଙ୍କ ପାଇଁ ରଖିଲି। ସେ ମଧ୍ୟ ଆଣ୍ଠୁଗଣ୍ଠି ବାତରୋଗିଣୀ । କବିରାଜଙ୍କ ମଧ୍ୟ ସେଇ ପରାମର୍ଶ ଥିଲା ତାଙ୍କ ପାଇଁ । ବଣରେ ବୁଲିଲା ବେଳେ କୋଚିଲାଖାଇ ଚଢ଼େଇ ଲକ୍ଷ୍ୟ କରୁଥିଲି । ଦୁଷ୍ପ୍ରାପ୍ୟ ଥିଲା । ସୁଯୋଗ ଛାଡୁଛି କିଏ ?

ମୃତ କୋଚିଲାଖାଇ ପକ୍ଷୀଟି ଦେଖି ନାଥଶର୍ମା ଅତ୍ୟନ୍ତ ଖୁସି ହୋଇଗଲେ । ତାଙ୍କ ଆସିବା ସାର୍ଥକ ହେଲାବୋଲି ସେ ଧନ୍ୟବାଦ ଦେଲେ ମୋତେ ଏବଂ ମୋର ବନ୍ଧୁକ ଚାଳନା ନିଶାଣ ଓ ଲକ୍ଷ୍ୟକୁ ଅନେକ ତାରିଫ୍ କରି କହିଲେ, ଦ୍ରୌପଦୀ ସ୍ୱୟଂବରରେ ଧନୁର୍ଦ୍ଧର ଅର୍ଜୁନ ପାଣିକୁଣ୍ଡରେ ଦିଶୁଥିବା ମାଛ ଆଖିର ପ୍ରତିବିମ୍ବକୁ ଲକ୍ଷ୍ୟ କରି ମୁଣ୍ଡ ଉପରେ ଝୁଲନ୍ତ ମାଛ ଆଖିକୁ ତାଙ୍କ ଗାଣ୍ଡିବ ଧନୁତୀରରେ ଭେଦ କଲା ଭଳି ତମର ମୋହନ ବାବୁ ଅଭ୍ରାନ୍ତ ଲକ୍ଷ୍ୟ । ବନ୍ଧୁକ ଚାଳନାରେ ତୁମେ ବୀର ଅର୍ଜୁନଙ୍କ ସହିତ ତୁଳନୀୟ ।

ମୁଁ ସାମାନ୍ୟ ହସିଲି ଏବଂ କହିଲି- 'କାହିଁ ରାମଚନ୍ଦ୍ର, କାହିଁ ରାମିଆ ଭଣ୍ଡାରୀ।' ଅବଶ୍ୟ ଦିନେ ଅନ୍ଧାର ରାତିରେ ଅସଂଖ୍ୟ ତାଳଗଛ ପରିବେଷ୍ଟିତ ଜଳଉଦ୍ଭିଦ ଲଟାପୂର୍ଣ୍ଣ ଖୁବ୍‌ବଡ ପୁଷ୍କରିଣୀରେ (ସରବାହାଲ ପୋଖରୀ, ଝାରସୁଗୁଡ଼ା) ଚକୁଆମାନଙ୍କ ଫଡଫଡ ଶବ୍ଦ ଶୁଣି ମୁଁ ୪ନମ୍ବର ଛର୍‌ରା ବ୍ୟବହାର କରି ଗୋଟିଏ ଗୁଳିରେ ଚାରୋଟି ସାଇବେରୀୟ ପୋଚାର୍ଡ (ହଂସ) କେବଳ ଶବ୍ଦ ଦ୍ୱାରା ସେମାନଙ୍କ ସ୍ଥିତି ଅନୁମାନ କରି ଗୁଳି ମାରିଥିଲି ଓ ଗୁରୁ ପ୍ରେମ୍ ଏହି ପ୍ରକାର ମନ୍ତବ୍ୟ ଦେଇଥିଲେ । ସେ ସଚଲାଇଟ୍ ପକାନ୍ତି ଓ କ୍ୱଚିତ୍ ବନ୍ଧୁକ ଚାଳନା କରନ୍ତି। ମୁଁ ବାମହାତୀ ଗୁଳି କରିଥାଏ ପ୍ରାୟତଃ ନିର୍ଭୁଲ ଭାବେ। ଏପରିକି ମଣିଷ ଖିଆ ଚିତାବାଘ ଲମ୍ଫ ମାରି ବୁଦା ଅତିକ୍ରମ କଲାବେଳେ ଗୁଳି କରି ତା ଜୀବନ ଶେଷ କରିଛି।

Digitized by PPRACHIN, SOA

ଏହିପରି ୧୯୭୩ ମସିହାରେ ମୋର ଝାରସୁଗୁଡା ଅବସ୍ଥାନ କାଳରେ ଏକ ରବିବାରୀୟ ଛୁଟି ଦିନରେ ମୁଁ ସମ୍ବଲପୁର ଆସିଥାଏ। ପୂର୍ବାହ୍ନ ସମୟ। ସମ୍ବଲପୁର ସହର ମହାନ୍ତି ପଡାର ବନ୍ଧୁକ ଚାଳନାରେ ଧୁରନ୍ଧର ମୋର ଯୁବ ଶିକାରୀ ବନ୍ଧୁ ଆର୍ତ୍ତତ୍ରାଣ ବକ୍ସି ଏବଂ ମୋର କଲେଜ ସହପାଠୀ ତଥା ଆମ ବିଭାଗୀୟ ଅଫିସର ପ୍ରଭାତ କୁମାର ପଟ୍ଟନାୟକ ଓ ତାଙ୍କ ନବବିବାହିତା ପତ୍ନୀ ଅଧ୍ୟାପିକା ଶ୍ରୀମତୀ ସୁପ୍ରଭା ପଟ୍ଟନାୟକ ଆମେ ଦୁଇଟି ମୋଟର ସାଇକଲ ଯାନଯୋଗେ ଜାତୀୟ ରାଜପଥରେ ଝାରସୁଗୁଡା ଫେରୁଥିଲୁ। ଆର୍ତ୍ତତ୍ରାଣ ଧରିଥାନ୍ତି ତାଙ୍କ .୨୨ ବୋର ବ୍ରୋନୋ ବ୍ରାଣ୍ଡ ରାଇଫଲ୍ ଯାହାର ଗୁଳି ଖୁବ୍ କ୍ଷୁଦ୍ର, ଲମ୍ବ ୨.୫ ମିଲିମିଟର, ଛୋଟିଆ ସରୁ କଞ୍ଚାଲଙ୍କା ମରିଚ ଭଳି ଏବଂ ଗୁଳି ମୁନଟି ଠିକ୍ ଗୋଟିଏ ଗୋଟା ଧନିଆ ସଦୃଶ। ଆର୍ତ୍ତତ୍ରାଣଙ୍କ ମୋଟର ସାଇକଲ ପଛରେ ମୁଁ ବସିଥାଏ ଏବଂ ପ୍ରଭାତ କୁମାରଙ୍କ ପଛରେ ତାଙ୍କ ପତ୍ନୀ ସୁପ୍ରଭା। ରାଜ ରାସ୍ତାର ଉଭୟ ପାର୍ଶ୍ୱରେ ଜଙ୍ଗଲ ଏବଂ ସ୍ଥାନେ ସ୍ଥାନେ ଧାନକ୍ଷେତରେ ଚାଷୀମାନେ ଧାନ ତଳି ପକାଇଥା'ନ୍ତି। ପ୍ରଭାତ କୁମାରଙ୍କ ନଜର ପଡିଲା, ଅନ୍ୟୁନ ୫୦ ମିଟର ଦୂରରେ ଏକ ତଳିପକା ଜମି ଭିତରେ ଛାଡି ଛାଡି ବସିଥିଲେ କେତୋଟି ଧଳାବଗ। ସେ ରାସ୍ତା କଡ଼ରେ ଯାନ ରଖି ଆମକୁ ଅଟକିବାକୁ କହିଲେ ଏବଂ ମୋର ଲକ୍ଷ୍ୟକୁ ପରୀକ୍ଷା କରିବା ଆଳରେ ନିର୍ବାଚିତ ଗୋଟିଏ ବଗର ଆଖିକୁ ରାଇଫଲ୍ ଗୁଳିରେ ଲକ୍ଷ୍ୟଭେଦ କରିବାକୁ ମୋତେ କହିଲେ। ମୁଁ ଅବିଳମ୍ବେ ଆର୍ତ୍ତଙ୍କ ଠାରୁ ରାଇଫଲ୍ ନେଇ ଠିଆ ଠିଆ ଠିକ୍ ନିଶାଣ କରି .୨୨ ଗୁଳିଟିଏ ଫାୟାର କଲି। ବଗଟା ସେଇଠାରେ ଟଳି ପଡିଲା ଏବଂ ପାଣି ପଚର ପଚର ତଳିକ୍ଷେତ ଭିତରକୁ ସେ ଦୌଡିଲେ ଓ ମଲା ବଗଟାକୁ ହାତରେ ଉଠାଇ ଆଣି ଦେଖନ୍ତି ଠିକ୍ ତା' ମୁଣ୍ଡର ଆଖି ଭେଦ କରି ଅନ୍ୟ ଆଖି ବାଟେ ବାହାରି ଯାଇଛି। ପ୍ରଭାତ କୁମାର ମୋତେ ସାବାସ୍ କରି ଆଶ୍ଚର୍ଯ୍ୟ ହୋଇ କହିଲେ- 'ତମେ ତ ଧନୁର୍ଦ୍ଧର ଅର୍ଜ୍ଜୁନଙ୍କୁ ଟପି ଏକଲବ୍ୟ ଭଳି ନିଶାଣରେ ନିପୁଣ!' ତାଙ୍କ ଆଖିଦୋଳା ବର୍ଦ୍ଧିତ ମନ୍ତବ୍ୟକୁ ଧନ୍ୟବାଦ ଦେଇ ସ୍ମିତ ହସି କହିଥିଲି- 'କପଟୀ କୁରୁଗୁରୁ ଦ୍ରୋଣାଚାର୍ଯ୍ୟ ଏକଲବ୍ୟ ଠାରୁ ତା' ଦକ୍ଷିଣ ହସ୍ତର ବୃଦ୍ଧାଙ୍ଗୁଳିଟି ଗୁରୁ ଦକ୍ଷିଣା ବାହନାରେ ଛେଦି ନେଇଥିଲେ; କିନ୍ତୁ ମୋ ବନଗୁରୁ 'ପ୍ରେମ୍' ଜଣେ ଖୁବ୍ ଅଳ୍ପରେ ସନ୍ତୁଷ୍ଟ ନିଷ୍କପଟୀ ସଂସାରୀ ମାଂସାଶୀ ମଣିଷ...'

ତେବେ ନାଥଶର୍ମା ଉଲ୍ଲସିତ ହୋଇ ମୋ କାନରେ ଚୁପ୍ ଚୁପ୍ ଆଉ ଗୋଟିଏ ଅନୁରୋଧ କରି ବସିଲେ ମୋ ଉପରେ ତାଙ୍କ ଆସ୍ଥା ଓ ବିଶ୍ୱାସ ଦୃଢ଼ୀଭୂତ ହୋଇଥିବା ଭଙ୍ଗୀରେ। କହିଲେ- ମୋର ଆଉ ଏକ ବନ୍ୟଜୀବ ଲୋଡା। ଦେଇ ପାରିବ ମୋହନ ବାବୁ?

Digitized by PPRACHIN, SOA

ମୁଁ ପଚାରିଲି - କ'ଣ ସେ ଜୀବ ? ଯଦି ସମ୍ଭବ ଚେଷ୍ଟା କରିବି ।

"ବଜ୍ରକାପ୍ତା"

" ବଜ୍ରକାପ୍ତା କ'ଣ କରିବ ?"

" ବଜ୍ରକାପ୍ତା କିଏ ଜାଣ ତମେମାନେ ?"

"ବଣର ଚତୁଷ୍ପଦୀ ଛୋଟିଆ ସ୍ତନ୍ୟପାୟୀ ଜୀବଟିଏ", କହିଲି ମୁଁ।

" ନା ମୋହନ ବାବୁ, ସେ କ୍ଷୁଦ୍ର ଜୀବନଟିଏ ନୁହେଁ, କଳିଯୁଗର ଏକ ଅମୂଲ୍ୟ ପ୍ରାଣୀ । ତା ପୂର୍ବଯୁଗର ଇତିହାସ ଅନନ୍ୟ । ଦ୍ୱାପର ଯୁଗରେ ସେ ଥିଲା ଭରଦ୍ୱାଜ ପକ୍ଷୀ । ଜାଣନାହିଁ ଭରଦ୍ୱାଜ ପକ୍ଷୀର ପୌରାଣିକ କାହାଣୀ ? ମହାଭାରତ ପଢ଼ିନାହିଁ ?

ମୁଁ ଅଜ୍ଞତା ପ୍ରକାଶ କଲି ।

"ଶୁଣ, କୁରୁକ୍ଷେତ୍ର କଥା। କୌରବ ଓ ପାଣ୍ଡବମାନଙ୍କ ଯେଉଁ ସ୍ଥାନରେ ଯୁଦ୍ଧ ହେଉଥିଲା, ସେଠାରେ ଗୋଟିଏ ଭରଦ୍ୱାଜ ପକ୍ଷୀ ଡିମ୍ବ ପାରିଥିଲା । ସେଠାରେ ଯୁଦ୍ଧ ହେଲେ ଯୋଦ୍ଧାମାନଙ୍କ ପଦାଘାତ ଓ ରଥ ଅଶ୍ୱଚାଳନାରେ ଡିମ୍ବ ନଷ୍ଟ ହୋଇଯିବା ଭୟରେ ଭରଦ୍ୱାଜ ପକ୍ଷୀ ଭଗବାନଙ୍କୁ ପ୍ରାର୍ଥନା କଲା । ଭଗବାନ ତ ପରମ ଦୟାଳୁ । ବିନା ଦୋଷରେ କାହାକୁ ଦଣ୍ଡିତ କରନ୍ତି ନାହିଁ । ସେ ଭକ୍ତ ଭରଦ୍ୱାଜ ପକ୍ଷୀକୁ ଅଭୟବାଣୀ ଦେଲେ । ଯୁଦ୍ଧାରମ୍ଭରେ ଅଶ୍ୱତ୍ଥମା ହାତୀର ଘଣ୍ଟିଟି ବେକରୁ ଛିଡ଼ିପଡ଼ି ସେ ଡିମ୍ବକୁ ଆବରଣ କରିରଖିଲା । ଯୁଦ୍ଧରେ ଏତେ ଲୋକ ମଲେ । ମାତ୍ର ଘଣ୍ଟି ତଳେ ଥିବା ଡିମ୍ବଟିର ଲବମାତ୍ର କ୍ଷତି ହେଲା ନାହିଁ । ଯଥା ସମୟରେ ସେଥିରୁ ଛୁଆ ବାହାରିଲା । ଯୁଦ୍ଧ ଶେଷରେ ଲୋକେ ଘଣ୍ଟିଟି ଉଠାଇ ନେବାରୁ ଛୁଆ ଉଡ଼ିଗଲା । କିନ୍ତୁ ଦ୍ୱାପର ଯୁଗ ପରେ କଳିଯୁଗ ଉପସ୍ଥିତ ହୁଅନ୍ତେ ଯେତେବେଳେ ସମସ୍ତେ ଲୋପ ପାଇଗଲେ ଏବଂ ଯୁଧିଷ୍ଠିର ସ୍ୱର୍ଗାରୋହଣ କଲେ, ଭରଦ୍ୱାଜ ପକ୍ଷୀ ଈଶ୍ୱରଙ୍କୁ ପ୍ରାର୍ଥନା କଲା କାରଣ କଳିଯୁଗରେ ସବୁ ଓଲଟା ହେବ, ରହିବ ନାହିଁ ନୀତି ନିୟମ ବିଶ୍ୱାସ । ମଣିଷ ପଶୁ ପତଙ୍ଗ ସମସ୍ତେ ରକ୍ତମୁଖା ହେବେ । ଭଗବାନଙ୍କ ଅମର ଆଶୀର୍ବାଦ ଲଭିଥିବା ଭରଦ୍ୱାଜ ପକ୍ଷୀର ସ୍ଥିତି କ'ଣ ହେବ? ଭଗବାନ କହିଲେ, କଳିଯୁଗରେ ଭରଦ୍ୱାଜ ଏକ ପ୍ରାଣୀ ରୂପରେ ପରିଚିତ ହେବ । ବଜ୍ରପାତ ହେଲେ ମଧ୍ୟ ସେ ମୁକ୍ତ ଜୀବିତ ହୋଇ ରହିବ । ସେଥିପାଇଁ କଳିଯୁଗରେ ତା'ର ନାମ 'ବଜ୍ରକାପ୍ତା' ହେଲା। ବଜ୍ରକାପ୍ତା ସାମାନ୍ୟ ପକ୍ଷୀ ନୁହେଁ, ଅସାମାନ୍ୟ ପ୍ରାଣୀ । ମାଛ କାତି ସଦୃଶ ତା'ର ହାଡ ଭଳି ମୋଟା ଚମଡ଼ା। ସେଇ ଚମଡା କାତିଟିଏ ମୋର ଦରକାର।

Digitized by PPRACHIN, SOA

"କ'ଣ ହେବ ବଜ୍ରକାପ୍ତା କାତି ତମର ନାଥଶର୍ମା ବାବୁ ?" ପଚାରିଲି ।

"ଏହାକୁ ବାମ ଅଙ୍ଗୁଳିରେ ମୁଦି କରି ପିନ୍ଧିଲେ ଅର୍ଶ, ଭଗନ୍ଦର ରୋଗ, ମଳକଣ୍ଟକାଦି ଭଲ ହୁଏ । ଏହା ଅବ୍ୟର୍ଥ ବୋଲି ବୈଦ୍ୟମାନେ ମତ ଦିଅନ୍ତି । ଧର୍ମୀୟ ବିଶ୍ୱାସ ଯେ ମୁଦିଧାରୀକୁ ବିପଦ ଆପଦରେ ରକ୍ଷା ମିଳିବ, ତା'ର ଅପମୃତ୍ୟୁ ହେବ ନାହିଁ, ମଣିଷ ରୋଗବ୍ୟାଧିରୁ ମୁକ୍ତି ପାଇବ । 'ଅକାଳ ମୃତ୍ୟୁ ହରଣଂ, ରୋଗବ୍ୟାଧି ନିବାରଣଂ' ଏହି ମୁଦିର ଗୁଣ ।"

ପଚାରିଲି, 'ଏହା କ'ଣ ସତ୍ୟ ?'

"ଏଥିପାଇଁ ପୌରାଣିକ ଆଖ୍ୟାନ ଅଛି । ଯେ କୌଣସି ବଜ୍ରକାପ୍ତାର କାତି କାମ ଦେବ ନାହିଁ । ଭଗବାନ ଭରଦ୍ୱାଜପକ୍ଷୀକୁ କହିଥିଲେ, ଧରା ଧାମରେ ଦେହ ଧରି, ଈଶ୍ୱର ହୋଇଲେ ମରଇ । ତୁ ତ ମରିବୁ ଦିନେ ନିଶ୍ଚେ, ତୋର ଆୟୁଷ ଶେଷ ହେବ । କିନ୍ତୁ ତୁ ଜୀଇଁଥିଲା ସମୟରେ ତୋତେ କେହି ମାରି ପାରିବ ନାହିଁ । ତେବେ ଗୋଟିଏ କଥା, ସୂର୍ଯ୍ୟୋପରାଗ ବା ଚନ୍ଦ୍ରଗ୍ରହଣ ବେଳେ ତୋର ଅଶୁଭ ସମୟ । ସେତେବେଳେ ତୁ ଗାତ ବା କୋରଡ଼ ଭିତରେ ଲୁଚି ରହିବୁ, କେବେ ଗାତ ଭିତରୁ ବାହାରକୁ ଆସିବୁ ନାହିଁ। ବୈଦ୍ୟ-ଜ୍ୟୋତିଷଙ୍କ ମତରେ ଯେଉଁ ବଜ୍ରକାପ୍ତାକୁ ଚନ୍ଦ୍ରଗ୍ରହଣ ବା ସୂର୍ଯ୍ୟୋପରାଗ ସମୟରେ ମରାଯାଇ ତା'ର ହାଡ଼ ଭଳି କାତିକୁ ହସ୍ତମୁଦି କରାଯାଇ ବାମ ମଝି ଆଙ୍ଗୁଠିରେ ପିନ୍ଧିବ ସେଇ ମୁଦିଧାରୀ ବ୍ୟକ୍ତିକୁ ବ୍ୟାଧି ଛୁଇଁବ ନାହିଁ, ଅପମୃତ୍ୟୁ ହେବ ନାହିଁ। ଆପଣ ଗ୍ରହଣ କି ପରାଗ ବେଳେ ବଜ୍ରକାପ୍ତାଟିଏ ମାରିପାରିବେ ମୋହନ ବାବୁ ?"

ମୁଁ ବିସ୍ଫାରିତ ନେତ୍ରରେ କର୍ଣ୍ଣପାତି ନାଥଶର୍ମାଙ୍କ ପୌରାଣିକ ଆଖ୍ୟାନ ଶୁଣୁଥିଲି । ଏହା ନାଥଶର୍ମାଙ୍କ ଏକ ଅସମ୍ଭବ ଅନୁରୋଧ, ଦୁରୂହ କାର୍ଯ୍ୟ । ବଜ୍ରକାପ୍ତା ଏକ ବିରଳ ଜୀବ, ଏକ ବିଲୁପ୍ତପ୍ରାୟ ପ୍ରାଣୀ। ଜଙ୍ଗଲ ଭ୍ରମଣ କାଳରେ କେବେ ବଜ୍ରକାପ୍ତା ମୁଁ ଦେଖିନାହିଁ । ଦେଖିଛି ଚିତ୍ରରେ ଏବଂ ଚିଡ଼ିଆଖାନାରେ । ଗ୍ରହଣ କି ପରାଗ ବେଳେ ତାକୁ ଠାବ କରି ବଧ କରିବା ଅସମ୍ଭବ ମୋ ପକ୍ଷେ । ମୋର ଅକ୍ଷମତା ପ୍ରକାଶ କଲି । କହିଲି, ବଜ୍ରକାପ୍ତା ସମ୍ବନ୍ଧରେ ମୋର ପ୍ରତ୍ୟକ୍ଷ ଜ୍ଞାନ ନାହିଁ, କେବଳ ପୋଥିଜ୍ଞାନ । ସେ ଏକ ସରୀସୃପ ଜାତୀୟ ପ୍ରାଣୀ । ଦେହସାରା କାତିଥିବା ବଜ୍ରକାପ୍ତାମାନେ ଅତି ବିଚିତ୍ର ଜୀବନ । ଅନ୍ୟ ପ୍ରାଣୀ ତୁଳନାରେ ବଜ୍ରକାପ୍ତାର ଶାରୀରିକ ଗଠନ ଭିନ୍ନ । ଦେହସାରା ପରସ୍ପରକୁ ମାଡ଼ିରହିଥିବା ମୁଦ୍ରା ଆକାରର ମୋଟା ମୋଟା ହାଡ଼ କାତିଗୁଡ଼ିକ ତା ଦେହରେ ସାଞ୍ଜୁଭଳି କାମ କରେ । ଏହା ଦେହରେ ଲୋମ ବା କଣ୍ଟାସବୁ ଚେପଟା ହୋଇ ହାଡ

Digitized by PPRACHIN, SOA

କାତିରେ ରୂପାନ୍ତରିତ ହୋଇଛି । ପେଟ ତଳେ ମୋଟା ଟାଆଁସା ଲୋମଗୁଡ଼ିକ କାତି ସନ୍ଧିରେ ଦେଖାଯାଏ । ବଜ୍ରକାପ୍ତାର ଅନ୍ୟ ଏକ ଅଦ୍ଭୁତ ଗୁଣ ହେଉଛି, ଶତ୍ରୁ ଦେଖିଲେ ସେ ସଂକୁଚିତ ହୋଇ ଗୁଡ଼େଇ ହୋଇଯାଏ, ଅସ୍ତ୍ର ସଜ୍ଜିତ ପେଣ୍ଡୁ ପରି ଦିଶେ । ଏହାର ମାଂସପେଶୀଗୁଡ଼ିକ ଏତେ ଶକ୍ତ ଯେ ଥରକେ ଗୁଡ଼େଇ ହୋଇଗଲେ, ତାକୁ ଫିଟାଇବା କଷ୍ଟକର ହୋଇପଡ଼େ । ତାକୁ ସାପ ମାରିପାରେ ନାହିଁ କି ବାଘ ଖାଇପାରେ ନାହିଁ । ବଜ୍ରକାପ୍ତା ତା'ର ଆଗ ଗୋଡ଼ଠାରୁ ଲମ୍ବ ଲମ୍ବ ମୁଣ୍ଡା ନଖରେ ମାଟି ଖୋଳି ଉଈ ବା ପିମ୍ପୁଡ଼ିମାନଙ୍କୁ ଖାଏ । ସେମାନେ ପଥର ଖୋଲ ବା ମାଟିରେ ଗାତ ଖୋଳି ରହନ୍ତି । ମାତ୍ର ବେଶ୍ ଦକ୍ଷତାର ସହିତ ଗଛରେ ଚଢ଼ି ବେଳେବେଳେ ଜନ୍ଦା କାଇ ପିମ୍ପୁଡ଼ିମାନଙ୍କୁ ଖୋଜିବୁଲନ୍ତି । ଲାଞ୍ଜରେ ଧରି ରଖିବାର ଶକ୍ତି ଏହାର ଅଛି । ତେଣୁ ଏହାର ଲାଞ୍ଜ ଗଛ ଚଢ଼ିଲାବେଳେ ଜାବୁଡ଼ି ଧରିବାରେ ସାହାଯ୍ୟ କରେ । ଗଛ ଚଢ଼ାଳି ଜୀବଟିଏ। ଗର୍ତ୍ତ ନିବାସୀ। କୌଣସି ଅନ୍ଧ ବିଶ୍ୱାସ କିମ୍ବା ଭ୍ରାନ୍ତ ଧାରଣାର ବଶବର୍ତ୍ତୀ ହୋଇ ଅକାରଣରେ ବିରଳ ଜୀବଟିଏ ବଧ କରିବା ଅଭିପ୍ରାୟ ନୁହେଁ ମୋର । କେବଳ ଆବଶ୍ୟକତା ଓ ଅନିବାର୍ଯ୍ୟତାକୁ ଲକ୍ଷ୍ୟରେ ରଖି ବନ୍ଧୁକ ଚାଳନା କରିଥାଏ।

ନୀତିବାଗୀଶ ନାଥଶର୍ମା ଏକମତ ହୋଇ ସମର୍ଥନ କଲେ ମୋର ଉକ୍ତି ଆଭିମୁଖ୍ୟକୁ ।

◆◆◆

Digitized by PPRACHIN, SOA

- ୧୦ -

ଏଥର ସୁବଳକୁ ସାଙ୍ଗରେ ଧରି ସକାଳ ଭ୍ରମଣରେ ବାହାରକୁ ବାହାରିଲି । ଆମ ଯିବା ରାସ୍ତାରେ ହାତୀଖୋଜ ଚିହ୍ନ, ବାଘର ପାହୁଲ ଦାଗ, ବାରହା, କୁଟୁରା, ଗୟଳ, ହରିଣମାନଙ୍କ କ୍ଷୁରା ଚିହ୍ନ ବାରି ହୋଇପଡୁଥାଏ । ଜନ୍ତୁମାନେ ସ୍ଥାନେ ସ୍ଥାନେ ମଳତ୍ୟାଗ କରିଥାନ୍ତି । ସେମାନଙ୍କ ବିଷ୍ଠାରୁ ପରିଚିତି ସ୍ପଷ୍ଟ ଜାଣି ହୁଏ । ଏ ଅଞ୍ଚଳରେ ବହୁ ସଂଖ୍ୟାରେ ଜନ୍ତୁମାନେ ଅଛନ୍ତି ବୋଲି ଜାଣିପାରିଲି ।

ସୁବଳ ସହିତ ବାଟ ଚାଲିଲାବେଳେ କଥାବାର୍ତ୍ତା ଅବସରରେ 'ଭୂତଖିଆ' ପୋଖରୀ ଦେଖିବାକୁ ଇଚ୍ଛାକଲି । ନିକଟରେ ଭୂତଖିଆ ପାହାଡ଼ ଓ ଠିକ୍ ତା' ପାଦତଳେ ଭୂତଖିଆ ପୋଖରୀ ବୋଲି କହିଲା ସେ। ଏକତ୍ର ସେଠାକୁ ଗଲୁ ।

ଗୋଟିଏ ନଣ୍ଡାମୁଣ୍ଡିଆ ଅନୁଚ୍ଚ ପାହାଡ଼ ମୂଳରେ କଙ୍ଗଡ଼ା, ବାନ୍ଧଣ, ଶାଳ, ପିଆଶାଳ, ଗଛ ଆଦି କଣ୍ଟାବୁଦା ଘେରରେ ତୀଖ ପୋଖରୀଟିଏ । ସେଥିରେ ଅଳ୍ପ ପାଣିଥିବାର ଦେଖିଲି । ବର୍ଷାଦିନେ ପାଣିପୂର୍ଣ୍ଣ ହୋଇଯାଏ, କହିଲା ସୁବଳ । ଭୂତଖିଆ ପୋଖରୀ ଗୋଟେ ଅଦ୍ଭୁତ ନାଁ । ନାମକରଣରେ କିଛି ରହସ୍ୟ ରହିଛି ନିଶ୍ଚୟ । କିଏ ନାଁ ଦେଇଛି ସୁବଳ ?

'ବାପ ଗୋସାଁ ଅମଳରୁ ନାଁ ଟା ଆମେ ଶୁଣି ଆସୁଛୁ', କହିଲା ସୁବଳ ।

'ଭୂତ କେବେ ଏଠି ଦେଖିଛ ?' ପଚାରିଲି

'ନା, ଲୋକତୁଣ୍ଡରୁ ଯାହା ଶୁଣିଛି କେବଳ ସାହେବ । ଭୂତ ପଥର କୋରଡ଼ରେ ରହେ । ଯିଏ ସେଇ ବାଟେ ଯାଏ ଖପ୍ କରି ମାଡ଼ିବସି ତାକୁ ଗୋଟା ଖାଇଯାଏ। ଲୋକମାନେ ସେ ବାଟରେ ଯା' ଆସ କରନ୍ତି ନାହିଁ ।'

'ସେ କେବେ ମଣିଷ ଖାଇଛି ?'

'ନା, ଜାଣି ନାହିଁ । ଲୋକ କହନ୍ତି ଯାହା ମୁଁ ଶୁଣିଛି। ବହୁ ବର୍ଷ ତଳେ ଜଣେ ବିଦେଶୀ ଗୋରା ସାହେବ ଶିକାର କରିବାକୁ ଆସିଥିଲେ । ଭୂତ ପୋଖରୀ କୂଳରେ

Digitized by PPRACHIN, SOA

ମଞ୍ଜା କରି ଜନ୍ତୁ ପୋଖରୀରୁ ପାଣି ପିଇ ଆସିଲାବେଳେ ଜନ୍ତୁ ମାରନ୍ତି । ଥରେ ଦିନବେଳେ ଜଙ୍ଗଲରେ ବୁଲୁଥିବାବେଳେ, ଗୋଟାଏ ଚିତାବାଘର ଗର୍ଜନ ଶୁଣିଲେ । ଦେଖନ୍ତି, ଭୂତଖିଆ ପୋଖରୀରେ ଗୋଟେ ମସ୍ତବଡ଼ ଅଜଗର ସାପ ଗୋଟେ ମଧ୍ୟବୟସ୍କ ଚିତାବାଘକୁ ମୁହଁରେ ଧରିନେଇ ଅଧା ଗିଳିଛି । ସାହେବ୍ ତତ୍କ୍ଷଣାତ୍ ବନ୍ଧୁକ ଚଳାଇଲେ ସାପ ମୁଣ୍ଡକୁ । ଗୋଟାଏ ଗୁଳିରେ ଦୁଇଟା ଶିକାର। ଅଜଗର ଆଉ ଚିତାବାଘ । ସେତେବେଳେ ବେଲଘର ବଙ୍ଗଳା ଏତେ ବଡ଼ ନଥିଲା, ଗୋଟିଏ ଟିଣଛପର ଘର । ସାହେବ ଆସି ସେଇଠି ରାତିରେ ବିଶ୍ରାମ ନିଅନ୍ତି, ଖିଆପିଆ କରନ୍ତି । ସବୁବେଳେ ବହି ପଢ଼ନ୍ତି କିମ୍ବା ଜଙ୍ଗଲ ବୁଲନ୍ତି । କାଠକଟା କାମ ତଦାରଖ କରନ୍ତି । ରାତିରେ ଶିକାର କରନ୍ତି । ମଲା ଚିତାବାଘ ଓ ଅଜଗରକୁ ନେଇ ଛେଲିଲେ । ଚମଡ଼ାକୁ ମୁନିଗୁଡ଼ା କୋଠିକୁ ନେଲେ । ସେଇ ଦିନଠୁଁ ଭୂତ ଆଉ ଦିଶୁନି ।'

ଏଥର ରହସ୍ୟ ବୁଝିଲି । ତା'ହେଲେ ଭୂତ ହେଉଛି ଅଜଗର ସାପ, ନୁହେଁ ସୁବଳ ?

'ମୁଁ କେବେ ଦେଖିନାହିଁ । ଶୁଣାକଥା । ହୋଇଥିବ ।' କହିଲା ସୁବଳ। ସେ ବାପ ଅଜାଙ୍କଠୁଁ ଶୁଣିଛି, ବିଦେଶୀ ସାହେବ ଜଣକ ଅଜଗର ଓ ଚିତାବାଘକୁ ମାରିଦେଲା ପରେ ଅଞ୍ଚଳରେ ଭୂତଖିଆ ରାକ୍ଷସର ଆଉ ଉତ୍ପାତ ଦେଖିବାକୁ ମିଳିନଥିଲା। ଯେତେବେଳେ ପ୍ରଥମେ ଗୋରା ସାହେବ ଜଣକ ଏ ଅଞ୍ଚଳକୁ ଆସିଥିଲେ ବଣର ବୃକ୍ଷମାନଙ୍କ ଗଣନା କରିବା ଉଦ୍ଦେଶ୍ୟରେ, ବେଲଘର୍ ଅଭୟାରଣ୍ୟରେ ବହୁ ମୂଲ୍ୟବାନ ବୃକ୍ଷ ରହିଥିଲା।- ଶାଳ, ପିଆଶାଳ, ବାନ୍ଧଣ, କଙ୍ଗଡ଼ା, ଧ ଇତ୍ୟାଦି। ପୁରୁଣା ଗଛ ଗୁଡ଼ିକୁ ସେମାନଙ୍କ ବ୍ୟବସାୟ ପାଇଁ କାଟିନେଇ ଖାଲି ସ୍ଥାନଗୁଡ଼ିକରେ ନୂଆ ଶାଗୁଆନ ଗଛ ରୋପଣ କରିବାର ଯୋଜନା ଥିଲା ବ୍ରିଟିଶ ସରକାରଙ୍କର। ଏଣୁ ଗଛ ଗୁଡ଼ିକର ବୟସ ଓ ପରିପକ୍ୱତା ଅନୁଯାୟୀ ସେଗୁଡ଼ିକୁ କାଟିବା ପାଇଁ ଚିହ୍ନଟ କାମ ଲାଗି ରହିଥିଲା। ବିଦେଶୀ ସାହେବ ସେହି ଦାୟିତ୍ୱରେ ନିୟୋଜିତ ଥିଲେ। ଏହିପରି ଥରେ ଗଛ ଗଣନା ଉଦ୍ଦେଶ୍ୟରେ ଘଞ୍ଚ ଜଙ୍ଗଲରେ ବୁଲୁ ବୁଲୁ ଏକ ହାତୀର କଙ୍କାଳ ଦେଖି ତାଜୁବ ହୋଇଯାଇଥିଲେ। ଏଠାରେ ହାତୀର କଙ୍କାଳ ଆସିଲା କିପରି ? ଘଟଣାକୁ ସେ ଅନୁସନ୍ଧାନ କରି ବସିଲେ। ଭୂତଖିଆ ପୋଖରୀର ଅନତିଦୂରରେ ଏ କାଣ୍ଡ। ଅନୁସନ୍ଧାନରୁ ଜାଣିପାରିଲେ, ଏହି ସ୍ଥାନଟିରେ ଗୋଟିଏ ମସ୍ତବଡ଼ ଅଜଗର ସାପ ଓ ହାତୀର ନିଶ୍ଚିତ ଭାବେ କୌଣସି କାରଣରୁ ଯୁଦ୍ଧ ହୋଇଥିଲା। ହାତୀ ତା' ଚଲାବାଟରେ ଯିବାବେଳେ ତା'ର ପାଦଖୋଜ ଅଜଗର ଉପରେ ପଡ଼ିଯିବାରୁ ଅଜଗର ତା' ବିଶାଳ ପାଟିରେ ହାତୀର ଶୁଣ୍ଢକୁ ଧରି ନେଇଛି, ଯଦ୍ୱାରା ହାତୀ ଅଣନିଶ୍ୱାସୀ ହୋଇ ପ୍ରାଣ

Digitized by PPRACHIN, SOA

ହାଗିଛି ଠିଆ ଠିଆ ଏବଂ ତା'ର ଖୋଳ ଅଜଗର ଉପରେ ରହିଥିବା ଦ୍ୱାରା ଅଜଗର ମଧ୍ୟ ମୁକ୍ତି ପାଇନପାରି ଶେଷରେ ମୃତ୍ୟୁ ବରଣ କରିଛି। ଏଣୁ ହାତୀକୁ ଆକ୍ରମଣ କରି ତାକୁ ଆହର କରିବା ଅଜଗରର ଉଦ୍ଦେଶ୍ୟ ନଥାଇ ପାରେ। କେବଳ ଅସୁବିଧା ଓ ଅକଳରେ ପଡି ତା ମୁହଁରେ ହାତୀଶୁଣ୍ଢକୁ ଧରି ନେବାରେ ସଫଳ ହୋଇଛି। କିନ୍ତୁ ଏହି ବିଶାଳ ସାପର ବିଶେଷତ୍ୱ ହେଉଛି ଥରେ ଯଦି କୌଣସି ଜନ୍ତୁର ଦେହାଂଶ ତା ପାଟି ଭିତରେ ପଶିଯାଏ, ସେ ଚାହିଁଲେ ମଧ୍ୟ ନିଜେ ବାନ୍ତିକରି ତାକୁ ପାଟି ଭିତରୁ ବାହାର କରିବା ସମ୍ଭବ ହୋଇନଥାଏ। କାରଣ ତା ମୁହଁ ଭିତରେ ତକ୍ଷଣ ଶକ୍ତ ଦାନ୍ତଗୁଡିକ ବନସୀ କଣ୍ଟା ଭଳି ତଣ୍ଟି ଆଡକୁ ଢଳି ରହିଥାଏ; ଭକ୍ଷିତ ପଦାର୍ଥକୁ ବିପରୀତ ଦିଗରେ ଯେତେ ଜୋରରେ ଓଟାରିଲେ ମଧ୍ୟ ତାହା ଆଉ ବାହାରକୁ ଆସି ପାରେ ନାହିଁ ଏବଂ ପଦାର୍ଥର ଆକାର ନେଇ ପାଟି ତା'ର ବେଲୁନ ପରିକା ଫୁଲି ଫୁଲି ଯାଇଥାଏ। କ୍ରମଶଃ ଉଭୟ ଅଜଗର ଏବଂ ହାତୀଙ୍କ ଜୀବନ ଶେଷ ହୋଇଛି ଯାହା ହାତୀ ଖୋଳତଳର ଅଜଗର ସାପର ଖଣ୍ଡ ବିଖଣ୍ଡିତ ମେରୁଦଣ୍ଡ ପିଞ୍ଜରା ହାଡ଼ ସୂଚନା ଦେଉଥିଲା। ମୃତ ହାତୀ ଏବଂ ଅଜଗରର ମାଂସକୁ ଜଙ୍ଗଲର ବାଘ, ହେଟା, ଶୃଗାଳ ଓ ମେହେନ୍ତର ଦଳ ଆହାର କରି କେବଳ ସେମାନଙ୍କ ହାଡ଼ ଗୁଡ଼ିକୁ ଛାଡ଼ି ଯାଇଥିଲେ- ଯାହା ଅନୁମାନ ଓ ଅନୁସନ୍ଧାନରୁ ସାହେବ ବୁଝିପାରିଥିଲେ। ଏହି ହାତୀର ପିଞ୍ଜରା ହାଡ଼ ସମୂହକୁ ସାହେବ ଖୁବ୍ ସାବଧାନତାର ସହିତ ସ୍ଥାନାନ୍ତରିତ କଲେ ଏବଂ ଏହାକୁ ଲଣ୍ଡନସ୍ଥିତ ବ୍ରିଟିଶ ଜୁଲୋଜିକାଲ୍ ସଂଗ୍ରହାଳୟରେ ସଂରକ୍ଷିତ ରଖିବାର ଯୋଜନା ପ୍ରସ୍ତୁତ କଲେ ଉତ୍ତର ପୁରୁଷମାନଙ୍କ ଗବେଷଣା ପାଇଁ। ବେଲଘର୍ ଅଭୟାରଣ୍ୟରୁ ସଂଗୃହୀତ ଏହି ହାତୀ ପଞ୍ଜରାଟି ଉକ୍ତ ବିଲାତ ସଂଗ୍ରହାଳୟରେ ଏବେ ଦେଖିବାକୁ ମିଳୁଛି। ବ୍ରିଟିଶ୍ ବ୍ୟକ୍ତିମାନଙ୍କ ଜିଜ୍ଞାସା ଓ ଗବେଷଣା ମାନସିକତାକୁ ସ୍ୱୀକାର କରିବାକୁ ପଡ଼େ। ଏହି ପୃଥିବୀ ପୃଷ୍ଠରୁ ବିରାଟକାୟ ଜୀବ 'ଡାଇନେସୋର' ସୃଷ୍ଟିର ବିବର୍ତ୍ତନବାଦ ପ୍ରକ୍ରିୟା ଏବଂ ପରିବେଶର ପରିବର୍ତ୍ତନ ଯୋଗୁଁ କ୍ରମଶଃ ଲୋପ ପାଇଗଲେ। ପରବର୍ତ୍ତୀ କାଳରେ ସେମାନଙ୍କ କେତୋଟି 'ଫସିଲ୍' ମାତ୍ର ସଂଗ୍ରହ କରାଯାଇ ଡାଇନେସୋରର କଙ୍କାଳଟିଏ ପ୍ରସ୍ତୁତ ହୋଇପାରିଲା ଏବଂ ତା'ର ସମ୍ଭାବ୍ୟ ଚିତ୍ର ଅଙ୍କାଯାଇ ପାରିଥିଲା।

ସେହିପରି ଏକ ସମୟ ଉପସ୍ଥିତ ହୋଇପାରେ ଯେତେବେଳ ହୁଏତ ଭୂପୃଷ୍ଠର ଏହି ବିଶାଳ ଜୀବ ହାତୀ ବିଲୀନ ବିଲୁପ୍ତ ହେବାର ଆଶଙ୍କା ଉପୁଜିଲାଣି। ଏଣୁ ସତ୍ୟ-ତଥ୍ୟ-ଉପାଦାନ ଗୁଡ଼ିକୁ ଭବିଷ୍ୟତ ପୀଢ଼ି ପାଇଁ ସାଇତି ରଖିବାର ଉଦ୍ଦେଶ୍ୟ ହିଁ ଆଜିର ପ୍ରତିଷ୍ଠିତ ଏହି ସଂଗ୍ରହାଳୟ ଗୁଡ଼ିକର। ପରବର୍ତ୍ତୀ ସମୟରେ ମୋର

Digitized by PPRACHIN, SOA



ବିଲାତ ଗସ୍ତ କାଳରେ ବେଲଘର୍ ଅଭୟାରଣ୍ୟରୁ ସଂଗୃହୀତ ଏହି ହାତୀର କଙ୍କାଳ ଓ ତା'ର ଇତିବୃତ୍ତ ସଂଗ୍ରହାଳୟ ସୂଚନା ପୃଷ୍ଠାରୁ ଜାଣିପାରିଥିଲି। ସଂଗ୍ରହକାରୀଙ୍କ ନାମଉଲ୍ଲେଖ ଥିଲା ମିଷ୍ଟର 'ଏଡ୍‌ଗାର ଉଇଲିୟମ୍ ରୋବେଇରୋ'। ସଂଗ୍ରହକାରୀଙ୍କ ମନୋବୃତ୍ତିକୁ ପ୍ରଶଂସା କରି ପରିଦର୍ଶକଙ୍କ ମତ-ମନ୍ତବ୍ୟ ଖାତାରେ ଉଲ୍ଲେଖ କରିବାକୁ ଭୁଲି ନଥିଲି।

ଦୁଇଟା କଥା ମୋତେ ଆଚ୍ଛନ୍ନ କଲା । ଅଜଗର ସାପ ଓ ଚିତାବାଘ ଗୋଟିଏ ଗୁଳିରେ ଦୁଇଟି ଶିକାର ସମ୍ଭବ କାରଣ ସଟ୍‌ଗନ୍ ଏଲ୍.ଜି. କ୍ୟାଟ୍ରିଜ୍‌ରେ ୯ଟି ଗୁଳିଥାଏ ଏବଂ ଲକ୍ଷ୍ୟସ୍ଥଳରେ ଗୋଟିଏ ବା ଏକାଧିକ ଗୁଳି ଚିତାବାଘର ଓ ଅଜଗର ମୁଣ୍ଡରେ ଭେଦିଥିବା ସମ୍ଭବ ଓ ଯୁକ୍ତିଯୁକ୍ତ । କିନ୍ତୁ ଚିତାବାଘ ଭାରି ଧୂର୍ତ୍ତ ଶିକାରୀ । ବୋଧହୁଏ ଚିତାବାଘ ଥିଲା ଅଳ୍ପ ବୟସ୍କ । ପୋଖତ ଶିକାରୀ ଚିତା ହୋଇଥିଲେ ତା' ଦେହର କୌଣସି ଅଂଶ (ମୁଣ୍ଡ ବ୍ୟତୀତ) ଅଜଗର ଧରି ନେଇଥିଲେ ବି ସେ ତା' ତୀକ୍ଷ୍ଣ ଦାନ୍ତ ଦ୍ୱାରା ଅଜଗର ମୁଣ୍ଡକୁ କାମୁଡ଼ି ବିଦାରି ଛିନ୍ନଭିନ୍ନ କରିଦେଇଥାନ୍ତା । ତୃଷା ମେଣ୍ଟାଇବା ପାଇଁ ବାଳ ଚିତାବାଘଟି ପାଣିରେ ପଶିଛି ଏବଂ ଏତିକିବେଳେ ଅଜଗର ପାଣିରେ ବୁଡ଼ିଥିବ କେବଳ ମୁଣ୍ଡଟି ପାଣି କୂଳରେ ରଖିଦେଇ ଏବଂ ଚିତା ପାଣି

Digitized by PPRACHIN, SOA

ଚାକୁଚାକୁ କରି ପିଇବା ବେଳେ ମୁଣ୍ଡକୁ ଧରିନେଇଥିବ ଅଥବା ଚିତାର ଅସାବଧାନତା ହେତୁ ତା' ଦେହରେ ଗୁଡ଼େଇ ହୋଇଯାଇଥିବ ଏବଂ ତା' ହାଡ଼ ଗୁଣ୍ଡଗୁଣ୍ଡା କରିଦେଇଥିବ ତା'ର ଅପରିମିତ ଶକ୍ତି ଦ୍ୱାରା । କେତେକ କହନ୍ତି, ଅଜଗର ସାପ ମଇଁଷି ଦେହରେ ଗୁଡ଼େଇ ହୋଇଯାଇ ତା'ର ହାଡ଼କୁ ଗୁଣ୍ଡଗୁଣ୍ଡା କରି ମଇଁଷିକୁ ଗିଳିଦିଏ । ମୁଁ କିନ୍ତୁ ଏପରି ଦୃଶ୍ୟ କେବେ ଦେଖି ନାହିଁ । ଅବଶ୍ୟ ଖୁବ୍ ନିକଟରୁ 'ଟ୍ରିପଲ୍ ଏ' (ଏ.ଏ.ଏ) ଛରରା କ୍ୟାଟ୍ରିଜ୍‌ରେ ଅଜଗର ମାରିଛି, ଯେଉଁଥିରେ ୩୫ଟି ଗୁଳି ଥାଏ । ସ୍କୁଲରେ ପଢ଼ିଲାବେଳେ ମହାନଦୀ ବନ୍ୟାରେ ଅଜଗର ସାପ ଭାସି ଯାଉଥିବାର ନାଉରିଆମାନେ ଦେଖିଛନ୍ତି । କେତେ ସାପ କୂଳରେ ଲାଗି ସ୍ଥଳକୁ ପଳାଇ ଆସନ୍ତି । ନଦୀକୂଳ ଗାଁ ଗଣ୍ଡା ନଟାବୁଦାରେ ରହି ଛେଳି, ମେଣ୍ଢା, ବାଛୁରୀ, କୁକୁର, ମାଙ୍କଡ, ପକ୍ଷୀ, ସରୀସୃପ ଆଦି ଗୋଟା ଗିଳି ଦିଅନ୍ତି । ଏମିତି ଅଛି ଅନେକ ଅନେକ ଦୃଷ୍ଟାନ୍ତ । କୁମ୍ଭୀର ଆଉ ଅଜଗର ସାପର ଆକ୍ରମଣ ଓ ପ୍ରତିଆକ୍ରମଣର ବିରଳ ଦୃଶ୍ୟ ଭିଡ଼ିଓ କ୍ୟାମେରାରେ ସଂରକ୍ଷିତ ରହିଅଛି । କୁମ୍ଭୀର ବିଶାଳ ପାଟିରେ ଅଜଗରର ମୁଣ୍ଡ । କିନ୍ତୁ ମରିବା ପୂର୍ବରୁ ଅଜଗର ତା' ଲମ୍ବା ଦେହରେ କୁମ୍ଭୀର ବେକକୁ ଏପରିଭାବେ ଗୁଡ଼େଇ ଚାପି ଦେଇଛି ଯେ କୁମ୍ଭୀର ବାନ୍ତି କରିବାକୁ ବାଧ୍ୟ ହୋଇଛି ଏବଂ ବେକରେ ରସି ଲଗାଇ ଫାଶୀ ପାଇବା ଭଳି ଅଜଗର କୁମ୍ଭୀରର ବେକ ହାଡ଼କୁ ଗୁଣ୍ଡଗୁଣ୍ଡା କରିଦେଇଛି । ଫଳରେ ମୁଣ୍ଡରେ ଆଘାତପ୍ରାପ୍ତ ଅଜଗର ଖସିଆସିଛି, କିନ୍ତୁ କୁମ୍ଭୀରର ନିଶ୍ଚିତ ମୃତ୍ୟୁ ହୋଇଛି ।

Digitized by PPRACHIN, SOA

ଉପକୂଳବର୍ତ୍ତୀ ଧୋଇଆ ଅଞ୍ଚଳ ଅଜଗର ସାପର ବାସସ୍ଥଳୀ ନୁହେଁ। ସେମାନେ ବର୍ଷାକାଳ ବନ୍ୟାଜଳରେ ଘଞ୍ଚ ଅରଣ୍ୟରୁ ଭାସି ଆସନ୍ତି ସମତଳ ଅଞ୍ଚଳକୁ ଏବଂ ବନ୍ୟା ଛାଡ଼ିଗଲା ପରେ ସେମାନେ ସେହି ଅଞ୍ଚଳମାନଙ୍କରେ ରହିଯାଇ ପ୍ରାଣୀ ପଶୁମାନଙ୍କୁ ଖାଇ ବଂଶ ବିସ୍ତାର କରନ୍ତି। ଏମିତି ଥରେ ପରବର୍ତ୍ତୀ ସମୟରେ ମୋର ଜଣେ ସହପାଠୀ-ବନ୍ଧୁ ଶତ୍ରୁଘ୍ନ ଓରଫ ସତୁରା ପ୍ରବଳ ବନ୍ୟାସ୍ରୋତରେ ଭାସିଯାଉଥିବା ଅଜଗର ହାବୁଡରେ ପଡ଼ିଥିଲା କିନ୍ତୁ ତା କପାଳ ଟାଣ ଥିବାରୁ ବର୍ତ୍ତି ଯାଇଥିଲା। ସେ ଏକ ଲୋମହର୍ଷଣକାରୀ କାହାଣୀ:-

ଆମ ଧୋଇଆ ଅଞ୍ଚଳରେ ଶେଠ୍ ବିଶନ୍‌ଲାଲ୍ କାପାଡ଼ିଆଙ୍କ ବାଣିଜ୍ୟିକ ସାମ୍ରାଜ୍ୟ ଥିଲା। ମହାନଦୀର ଅବବାହିକା ତ୍ରିକୋଣ ଭୂମି ଗ୍ରାମାଞ୍ଚଳରେ ବିଶନ୍‌ଲାଲଙ୍କ ବାଣିଜ୍ୟ ପ୍ରତିଷ୍ଠାନ ତା'ର ବିପୁଳ ବିସ୍ତାରିତ କାୟା ମେଲିଥିଲା। ସେ ଥିଲେ ସରକାରଙ୍କ ଷ୍ଟୋରେଜ ଏଜେଣ୍ଟ- ଜନସାଧାରଣଙ୍କ ପାଇଁ ଚାଉଳ, ଗହମ, ଡାଲି, କିରାସିନି ଆଦି ଅତ୍ୟାବଶ୍ୟକ ପଦାର୍ଥ ସୁଲଭ ତଥା ରିହାତି ମୂଲ୍ୟରେ ଯୋଗାଣ ବିଭାଗର ଆବଣ୍ଟନ ଦାୟିତ୍ୱ ତୁଲାଇଥା'ନ୍ତି। ସେ ଏହି ଅଞ୍ଚଳର ପ୍ରାୟ ୧୫ ଗୋଟି ଗୋଦାମ ଘର ବିଭିନ୍ନ ସ୍ଥାନରେ ନିର୍ମାଣ କରିଥା'ନ୍ତି। କହିବା ବାହୁଲ୍ୟ, ଏହି ଅବବାହିକା ଅଞ୍ଚଳ ପ୍ରାୟ ପ୍ରତିବର୍ଷ ବନ୍ୟା ତାଣ୍ଡବରେ ସମ୍ମୁଖୀନ ହୋଇଥାଏ। ପ୍ରକୃତିର କରାଳ କାୟାରେ ଜୀବଜଗତ ବିଡମ୍ବିତ ହୋଇଉଠେ। ଅନେକ ବନ୍ୟାଜଳରେ ଭାସିଯା'ନ୍ତି, କେତେ ସଳିଳ ସମାଧି ବରଣ କରନ୍ତି। ବିପନ୍ନ ଲୋକମାନେ ଗାଁ ଗଣ୍ଡା ଘରଦ୍ୱାର ଛାଡ଼ି ନଦୀବନ୍ଧ, ଘରଛାତ ବା ଆଶ୍ରୟ କେନ୍ଦ୍ରରେ ଆଶ୍ରିତ ହୁଅନ୍ତି। ଦୈବୀଦୁର୍ବିପାକର ଦୌରାତ୍ମ୍ୟରେ ଲୋକେ ଯେତେ ଅତିଷ୍ଠ ଅତ୍ୟାଚାରିତ ହେଲେ ହେଁ ଘର ଗାଁ ଲୋଭକୁ ଛାଡ଼ି ନଥା'ନ୍ତି। ବନ୍ୟାଜଳ ଯେତେ ମରଣଯନ୍ତା ହେଲେ ମଧ୍ୟ ଗୃହାକର୍ଷଣ ପରିତ୍ୟାଗ କରି ନଥା'ନ୍ତି- ସେଇ ଗାଁରେ ମୋର ଘର, ଦଇବ କୋପ ପାଇଁ ନାହିଁ ମୋର ଡର। ପ୍ରକୃତିର ନିତିଦିନିଆ ଅତ୍ୟାଚାର ଲୋକମାନଙ୍କର ଏମିତି ଦେହସୁହା।

ଧୋଇଆ ଅଞ୍ଚଳର ଅଧିବାସୀମାନେ ଆଶା କରିଥିଲେ ପୂର୍ବ ଭଳି ବନ୍ୟା ବ୍ୟାପାତ ଆଉ ହେବ ନାହିଁ। ଉପରମୁଣ୍ଡ ହୀରାକୁଦଠାରେ ବନ୍ୟାଜଳ ନିୟନ୍ତ୍ରଣ ପାଇଁ ସୁଦୃଢ଼ ନଦୀବନ୍ଧ ନିର୍ମିତ ହେଲାଣି, ଅବବାହିକା ନଦୀବନ୍ଧଗୁଡ଼ିକ ସୁଦୃଢ଼ କରାଗଲାଣି। କିନ୍ତୁ ଅବସ୍ଥା ଯଥା ପୂର୍ବଂ ତଥା ପରଂ, ବରଂ ନଦୀ ବଢ଼ି ବଢ଼ିଚାଲିଛି। ନଦୀ ବାଲୁକା ପୂର୍ଣ୍ଣ ହୋଇଯିବା କାରଣରୁ ଅଳ୍ପ ଜଳ ମଧ୍ୟ ଉଛୁଳି ଆସି ଜନପଦକୁ

Digitized by PPRACHIN, SOA

ବିପର୍ଯ୍ୟସ୍ତ କରି ବସୁଛି। ପ୍ରକୃତିର ଧାରାକୁ ମଣିଷ ଆୟତ୍ତ କରିବାକୁ ଯେତେ ଯେତେ ପଦକ୍ଷେପ ନେଉଛି, ପ୍ରକୃତି କିନ୍ତୁ ନଛୋଡ଼ବନ୍ଧା, ଅବୁଝା, ଭ୍ରୂକ୍ଷେପ କରିନଥାଏ ମଣିଷର ଉଦ୍ଭାବନ ଓ କାରସାଦିକୁ, କା' ନିୟନ୍ତ୍ରଣରେ ପ୍ରକୃତି ନଥାଏ। ମଣିଷର ଉଦ୍ୟମ କେବଳ ବାଆକୁ ବତା ସଦୃଶ।

ସେ ବର୍ଷ ବନ୍ୟା ଥିଲା କିନ୍ତୁ ଆଶାତୀତ, ଖୁବ୍ ବ୍ୟାପକ, ମାରାତ୍ମକ ଓ ଅଭୂତପୂର୍ବ। ଉପରମୁଣ୍ଡ ଓ ତଳମୁଣ୍ଡରେ ବର୍ଷାର ଅବିରତ ବାରିପାତ, ଫଳରେ ବନ୍ୟା ବିଭୀଷିକା ବ୍ୟାପିଥିଲା କରାଳ ଗତିରେ; ଏପରିକି କେବେ ବନ୍ୟା ଛୁଇଁ ନଥିବା ଗାଁମାନଙ୍କୁ ବ୍ୟାପି ଚାଲିଲା। କିନ୍ତୁ ଚାଲାଖ୍ ବିଶନ୍‌ଲାଲ ଉଚ୍ଚ ସ୍ଥାନରେ ତାଙ୍କ ନିଜ ପାଇଁ ପକ୍କା ବାସଗୃହ ନିର୍ମାଣ କରି ରହୁଥିଲେ। ଅଞ୍ଚଳର ଏକ ମାତ୍ର ତାଙ୍କ ପକ୍କା ଘର। ସେଇଠି ସେ ପ୍ରାୟତଃ ଏକା ରହନ୍ତି ଚାକର କିଂକର ଓ ବ୍ୟବସାୟ କର୍ମୀମାନଙ୍କ ସହିତ। ତାଙ୍କ ପୁଅ ପିଲାପାଡି, ସ୍ତ୍ରୀ ଓ ଜ୍ଞାତିକୁଟୁମ୍ବ ରହନ୍ତି କଟକ ସହରରେ, ଯେଉଁଠି ତାଙ୍କର ପୈତୃକ ସଂପତ୍ତି ରହି ଆସିଛି। ଏଠି କିଶନ୍‌ଲାଲ ତାଙ୍କ ଯୋଗାଣ ବ୍ୟବସାୟରେ ସର୍ବଦା ଲିପ୍ତ ରହିଥାନ୍ତି- ସକାଳୁ ରାତି ପର୍ଯ୍ୟନ୍ତ। ବିଭିନ୍ନ ସ୍ଥାନରେ ଅବସ୍ଥିତ ତାଙ୍କ ଗୋଦାମ ଘର, ଗଚ୍ଛିତ ମାଲ ଆଦି ତଦାରଖ କରନ୍ତି, ଆୟବ୍ୟୟର ହିସାବ କିତାବ ନିଶାର୍ଦ୍ଧ ପର୍ଯ୍ୟନ୍ତ କରୁଥା'ନ୍ତି।

ଦୁଇ ଦିନ ପୂର୍ବରୁ ପାଣିପାଗ କାର୍ଯ୍ୟାଳୟ ସତର୍କ ଘଣ୍ଟି ବଜାଇଥିଲା। ଏଇ ସାତ ଦିନ ଭିତରେ ଦ୍ୱିତୀୟ ଥର ପାଇଁ ବାଲେଶ୍ୱରଠାରୁ ପ୍ରାୟ ଦେଢ଼ ଶହ କିଲୋମିଟର ଦୂରରେ ବଙ୍ଗୋପସାଗରରେ ଲଘୁଚାପ ସୃଷ୍ଟି ହୋଇଛି, ଏହା କ୍ରମଶଃ ଓଡ଼ିଶାର ଉତ୍ତରାଞ୍ଚଳରେ ଘନୀଭୂତ ହୋଇ ମୂଷଳ ଧାରାରେ ପ୍ରବଳ ବର୍ଷା ଓ ବାତ୍ୟାର ସମ୍ଭାବନା ସୃଷ୍ଟି କରିଛି। ଧୀବର ଗୋଷ୍ଠୀକୁ ଏହି ସମୟ ଭିତରେ ସମୁଦ୍ର ଭିତରକୁ ନଯିବା ପାଇଁ ସତର୍କ କରି ଦିଆଯାଇଛି। ବିପଦର ମୁକାବିଲା ପାଇଁ ପ୍ରଶାସନକୁ ସତର୍କ ଓ ଜାଗ୍ରତ ରହିବାକୁ ଚେତାଇ ଦିଆଯାଇଛି। କିନ୍ତୁ କିଶନ୍‌ଲାଲ ଏସବୁ ପ୍ରତି ଭ୍ରୂକ୍ଷେପ କରି ନଥିଲେ। ଏମିତି ଫି' ବର୍ଷ ସରକାର ଚେତାବନୀ ଶୁଣାନ୍ତି। ବନ୍ୟା ବିପତ୍ତି ତା' ବାଟରେ ଆସି ଚାଲି ଯାଇଥାଏ - ନଈ ନଦେଖି ଲଙ୍ଗଳା କାହିଁକି ? ବରଂ ଟିପ୍ପଣୀ ଦିଅନ୍ତି- ଆଜିକାଲି ମେଘର ଖବର ସରକାରଙ୍କ ଇସ୍ତାହାରରେ, ଆଜିକାଲି ମେଘର ଚେହେରା ରେଖାକୃତ ପାଣିପାଗ କାର୍ଯ୍ୟାଳୟ କାଜୁରେ। ମେଘ ଦେଖି ଦେଖି ତାଙ୍କ ବାଳ ପାଚିଲାଣି, ତାଙ୍କ କୌଳିକ ବେପାର ପୂର୍ବ ପୁରୁଷଙ୍କ ଅମଳରୁ ଏହିପରି ଚାଲି ଆସିଛି। ବରଂ ବିପତ୍ତିକାଳରେ ସିନା ବେପାରରୁ ଦୁଇ ପଇସା ଅଧିକ ଫାଇଦା ଭିଆଯାଇ ପାରିଥାଏ! ଅବସ୍ଥା ଦେଖି ବ୍ୟବସ୍ଥା କରିବେ ବୋଲି ଅଧସ୍ତନ ଗୁମାସ୍ତାଦିଙ୍କୁ ବୁଝାଇ ଦେଲେ। କିନ୍ତୁ ସତକୁ ସତ ପ୍ରଖର ବେଗରେ

Digitized by PPRACHIN, SOA

ବନ୍ୟା ମାଡ଼ି ଆସିଲା କରାଳ ରୂପ ଧରି ଉପରମୁଣ୍ଡ ଓ ତଳମୁଣ୍ଡରେ ପ୍ରବଳରୁ ପ୍ରବଳତର ବର୍ଷା ଯୋଗୁଁ । ବନ୍ୟାଜଳରେ ବନ୍ଧ ଉଛୁଳିଲା ଏବଂ ଘାଇ ସୃଷ୍ଟି ହେଲା। ସମଗ୍ର ଅଞ୍ଚଳରେ ଅଳ୍ପ ସମୟ ମଧ୍ୟରେ ବନ୍ୟାର ତାଣ୍ଡବ ଖେଳିଲା। ଲୋକମାନଙ୍କ ଘରଦ୍ୱାର ମୁହୂର୍ତ୍ତକ ମଧ୍ୟରେ ଭାଙ୍ଗି ଭାସିଗଲା, ମଣିଷାଦି ଜୀବଜନ୍ତୁ ଗୃହପାଳିତ ପଶୁ ଜଳ ସ୍ରୋତରେ ଭାସିଗଲେ। ଦୁର୍ଦ୍ଦଶାର ଅନ୍ତ ନଥିଲା, ଦୁଃଖାତି ଦୁଃଖର ଶେଷ ନଥିଲା। ହୃଦୟ ବିଦାରକ ସେ ଦୃଶ୍ୟ। ମା' ଅଛି, କୋଳରେ ପିଲା ନାହିଁ, ପିଲା ଅଛି ମା' ନାହିଁ।

ସରକାର ଓ କର୍ତ୍ତୃପକ୍ଷଙ୍କ ସତର୍କ ଘଣ୍ଟି ଶୁଣି ଗ୍ରାମଲୋକମାନେ ଘରଦ୍ୱାର ଛାଡ଼ି ନିରାପଦ ସ୍ଥାନମାନଙ୍କୁ ଚାଲି ଯାଇଥିଲେ ବହୁତ। ସେମାନଙ୍କ ପାଇଁ ଆକାଶ ମାର୍ଗରୁ ରିଲିଫ୍ ଖାଦ୍ୟ ପେୟ ବଣ୍ଟନର ବ୍ୟବସ୍ଥା କରିଥିଲେ ସରକାର। କିନ୍ତୁ ଶେଠ୍ କିଶନ୍‌ଲାଲ ତାଙ୍କ ପକ୍କାଘର ଛାଡ଼ି ଯାଇ ନଥିଲେ। ସେ ଜଗି ରହିଲେ ତାଙ୍କ ପକ୍କା ବାସଗୃହ ଓ ତହିଁରେ ସାଇତା ଧନ ସମ୍ପତ୍ତିକୁ। ସବୁ ବର୍ଷ ବନ୍ୟା ଆସେ, କିନ୍ତୁ ତାଙ୍କ ଉଚ୍ଚ ପିଣ୍ଡା ତଳ ଛୁଇଁ ଚାଲି ଯାଇଥାଏ। ଭାବିଥିଲେ ଏଥର ମଧ୍ୟ ସେଇଆ ହେବ, ସରକାରଙ୍କ ଆକଳନରେ ଥାଏ ଅନେକ ଅତିରଂଜନ। କିନ୍ତୁ ଏଥର ବନ୍ୟା ଥିଲା ଆଶାତୀତ, କଳ୍ପନାର ଉର୍ଦ୍ଧ୍ୱରେ। ବନ୍ୟାଜଳ କରାଳ ରୂପ ଧରି ମାଡ଼ି ଆସୁଛି ହୁ ହୁ। ହେଇ ପିଣ୍ଡା ଛୁଇଁଲାଣି। ପାଣିସ୍ତର ବଢ଼ୁଛି ଉଚ୍ଚରୁ ଉଚ୍ଚତର। ତାଙ୍କ ଆଖି ଆଗରେ କେଇ ମୁହୂର୍ତ୍ତରେ ଘର ଜଳମଗ୍ନ ହୋଇଗଲା। ଘର ଭିତରେ ତାଙ୍କୁ ଅଣ୍ଟାଏ ପାଣି ଗ୍ରାସିଲାଣି। ଆଉ ଟିକିଏ ବିଳମ୍ବ କଲେ ସେ ହୁଏତ ସଂପୂର୍ଣ୍ଣ ବୁଡି ଯିବେ। ଚେତା ପଶିଲା। ପହଁରା ଜାଣିଥାନ୍ତେ ପରା! ରକ୍ଷା କରିବାକୁ ଏଠି କେହି ନାହାନ୍ତି। ଉପାୟ କ'ଣ ? ତାଙ୍କ କାନରେ ମୃତ୍ୟୁର ଡାକ ଶୁଣି ପାରୁଥିଲେ। ମୃତ୍ୟୁ ଆଉ କେତେ ଦୂର ?

ଶେଠ୍ ବିଶନ୍‌ଲାଲ ଖୁବ୍ କୃପଣ, ମିତବ୍ୟୟୀ। ନିଜ ଖାଦ୍ୟପେୟ ପୋଷାକ ପରିଧାନ ପ୍ରତି ଦୃଷ୍ଟି ନଥାଏ ତାଙ୍କର। ଗୃହରେ ତାଙ୍କର ପରିଧାନ କେବଳ ଗାମୁଛା ଖଣ୍ଡିକ। ଏଣେ ପାଣି ତାଙ୍କ ଛାତି ଛୁଇଁଲାଣି। ହାତରେ ଟଙ୍କା ବ୍ୟାଗ୍ ଓ ମୁଣ୍ଡରେ ଟଙ୍କା ବାକ୍ସକୁ ମୁଣ୍ଡାଇ ଆସ୍ତେ ସିମେଣ୍ଟ ଶିଡ଼ି ଚଢ଼ିଲେ। ଶିଡ଼ି ଲମ୍ବିଥିଲା କୋଠାଛାତ ଉପରକୁ। ଶିଡ଼ି ଉଠିଲା ବେଳେ ଅଣ୍ଟାର ଗାମୁଛାଟି ଶିଡ଼ିରୁ ବାହାରିଥିବା ଲୁହା ରଡ୍‌ରେ ଗୁଡେଇ ହୋଇଗଲା ଜଳ ଭିତରେ। ହାତ ଲଗାଇ ତାକୁ ଖୋଳିବା ସମ୍ଭବ ନଥିଲା କାରଣ ଗୋଟିଏ ହାତରେ ଟଙ୍କାଥଳି ଓ ଅନ୍ୟ ହାତ ମୁଣ୍ଡର ଟଙ୍କାବାକ୍ସ ଉପରେ ଥିଲା। ଅଗତ୍ୟା ଗାମୁଛାଟିକୁ ଜଳରେ ବିସର୍ଜନ କରି ଉଲଗ୍ନ ଦେହରେ କୋଠା ଉପରକୁ ଉଠିଥିଲେ। ଟଙ୍କାବାକ୍ସ ଓ ବ୍ୟାଗ ଛଡ଼ା ତାଙ୍କ ଲଜ୍ଜା ନିବାରଣ

Digitized by PPRACHIN, SOA

ପାଇଁ କୋଠା ଉପରେ କୌଣସି ପଦାର୍ଥ ନଥିଲା। କୋଠା ଉପରେ ଠୁଙ୍କା ହୋଇ ବସି ବନ୍ୟାର ତାଣ୍ଡବ ଦୃଶ୍ୟ ସ୍ୱଚକ୍ଷୁରେ ଦେଖିବା ଛଡ଼ା ଅନ୍ୟ ଉପାୟ ନଥିଲା ତାଙ୍କର। ଯା ପରେ ଅନ୍ଧକାରମୟ ରାତି ଆସିଲା। ଜଳ ସ୍ରୋତର ସୁସୁ ଗର୍ଜନ ଏବଂ କରାଳ ଭଉଁରୀ ହୃଦୟ ଥରାଇ ଦେଉଥିଲା। ଅନତିଦୂରରେ ସ୍ୱପ୍ନେଶ୍ୱର ଶିବ ମନ୍ଦିର ଅଧା ପର୍ଯ୍ୟନ୍ତ ଜଳାର୍ଣ୍ଣବ ଭିତରେ ବୁଡି ରହିଥିଲା। ସ୍ୱପ୍ନେଶ୍ୱରଙ୍କୁ ସେ କେବଳ ସ୍ମରଣ କଲେ, ନାମ ଜପିଲେ ମନେ ମନେ। ଜୀବନଯାକର ଅର୍ଜିତ ସମ୍ପତ୍ତିର ମୂଲ୍ୟ କ'ଣ ? ଚିନ୍ତା କଲେ, ଜନ୍ମ ହେଲା ବେଳେ ମଣିଷ ଯେମିତି ଉଲଗ୍ନ ହୋଇ ଜନ୍ମ ହୋଇଥାଏ, ଗଲାବେଳେ ମଧ୍ୟ ସଂସାରରୁ କିଛି ନନେଇ ସେହିପରି ବସ୍ତ୍ରହୀନ ଅବସ୍ଥାରେ ଦାହ ହୋଇ ବିଦାୟ ନେଇଥାଏ। ସେ ମାପୁଥିଲେ ଜୀବନର ଶୂନ୍ୟତା ଆଉ ଅସାରତାକୁ କେବଳ।

ବର୍ଷା ଥମିଥିଲେ ମଧ୍ୟ ଜଳସ୍ତର କମିନଥିଲା, ବରଂ ବଢୁଥିଲା କ୍ରମଶଃ। ଅମାବାସ୍ୟା ତିଥି ଯୋଗୁଁ ସମୁଦ୍ରର ଜୁଆର ଜୋର ଥିଲା, ସମୁଦ୍ର ମଧ୍ୟକୁ ଜଳ ପ୍ରବେଶ ଧିମେଇ ଥିଲା। ମୁଣ୍ଡ ଉପରେ ହେଲିକପ୍ଟରଟିଏ ଚକ୍କର କାଟିଲା। ଖାଦ୍ୟ ପୁଡ଼ିଆ, ରିଲିଫ୍ ସାମଗ୍ରୀ, ଜଳ ପାଉଚ ଆକାଶରୁ ନିକ୍ଷେପ କରୁଥିଲା ଏଠି ସେଠି। ମୁଣ୍ଡ ଉପର ଦେଇ ଆକାଶଯାନ ଉଡି ଯାଉଥିବା ବେଳେ ଚିତ୍କାର କରି ହାତ ହଲାଇ ଖାଦ୍ୟ ପୁଡିଆ ପାଇଁ ଡାକ ଛାଡ଼ିଲେ ଶେଠ୍ ବିଶନଲାଲ, କିନ୍ତୁ ତାଙ୍କ ଆର୍ତ୍ତସ୍ୱର ଶୁଭି ନଥିଲା ଆକାଶ ଉଡନ୍ତା ରିଲିଫ୍ ଫିଙ୍ଗୁଥିବା ଦଳକୁ। ନାହିଁ ଖାଦ୍ୟ, ନାହିଁ ବସ୍ତ୍ର, ନାହିଁ ପାନୀୟ ଜଳ, ନାହିଁ ତାଙ୍କ ଦୈନନ୍ଦିନ ଔଷଧ ବାକ୍ସ। ନାହିଁ ନାହିଁର ରାଜ୍ୟରେ ଜଳବନ୍ଦୀ ସେ।

ଶେଠ୍‌ଙ୍କ ଆଶ୍ଚର୍ଯ୍ୟର ସୀମା ରହିଲା ନାହିଁ। ଦେଖନ୍ତି, ଆଠ ଦଶ ବର୍ଷର ବାଳକଟିଏ ଗୋଟିଏ ଭାସିଲା ଗରଣ୍ଡା କାଠ ଉପରେ ବସି ସ୍ରୋତ ପାଣିରେ ଭାସି ଭାସି ତାଙ୍କ ଆଡକୁ ଆସୁଛି। ଖୁବ୍ ବିକଳରେ ଡାକ ଛାଡ଼ିଲେ ତାକୁ। ବାଳକଟି ନିକଟତର ହେଲା ଏବଂ କୋଠା କାନ୍ଥ ଧରି ଛାତ ଉପରକୁ ଉଠି ଆସିଲା ଅନାୟାସରେ।

- ଆରେ ତୁ ? ସତୁରା ନା !!

- ହେଁ ମାଲିକ୍। ମୁଁ ସତୁରା। ସଉରାର ପୁଅ ସତୁରା; ଶତ୍ରୁଘ୍ନ। ମାଲିକ, ଚିହ୍ନି ପାରିଲ ମୋତେ ?

- ହଁରେ ପୁଅ, ଚିହ୍ନିବି ନାହିଁ କେମିତି ? ତୋ ବାପା ସଉରା ମୋର କେତେ ପ୍ରିୟ ଆଉ ବିଶ୍ୱସ୍ତ ନଥିଲା! ତାକୁ ମୁଁ ଯେତେ ବୁଝାଇଲେ ବି ସେ ବୁଝିଲା ନାହିଁ,

Digitized by PPRACHIN, SOA

କ୍ୟାଁକି ତା'ର ବଦନାମ ହୋଇଛି, ଚୋରି ଦୁର୍ନାମ ଲାଗିଛି ତା'ଠି। କହିଲୁରେ ପୁଅ, ଏ ଘରେ କେତେ ଲୋକ କାମ ନ କରୁଛନ୍ତି ? ଶୌଚରେ ମାରା ହୋଇଯିବ ଭାବି ବେକର ସୁନା ଚେନ୍‌ଟା ଓ ହାତର ଦୁଇଟା ମୁଦି ବାକ୍ସ ଉପରେ ଥୋଇ ମୁଁ ପାଇଖାନା ଗଲି। ଆସି ଦେଖିଲା ବେଳକୁ ସୁନା ଜିନିଷ ନାହିଁ। ହଳିଆ ଗୋଲକ, ଚୌକିଦାର ଅପନା ଓ ରୋଷେୟା ଗୋକୁଳ ଆଉ ସଉରା ଥିଲେ। ସେମାନଙ୍କ ମଧ୍ୟରୁ କେହି ହେଲେ ଚୋରି କରିଛି ସୁନା ଜିନିଷ। କିନ୍ତୁ କେହି ଜଣେ ହେଲେ ମାନିଲେ ନାହିଁ। ଏଣୁ ବାଧ୍ୟ ହୋଇ ପୁଲିସି ଡାକିଲି। ପୁଲିସି ସେମାନଙ୍କୁ ନେଇ ଥାନାରେ ଜେରାକଲା, ମାଡ଼ ମାରିଲା। ମୁଁ କ'ଣ କେବେ କହିଛି ଯେ ସଉରା ଜିନିଷ ଚୋରି କରିଛି ବୋଲି ? ଜିନିଷତ ଆଉ ମିଳିଲା ନାହିଁ। ତା' ପରଠୁଁ ସଉରା ଆଉ କାମକୁ ଆସିଲା ନାହିଁ। କାମ ଛାଡ଼ି ପଳାଇଲା। ଆଚ୍ଛା, ସେ ଏବେ କେଉଁଠି ଅଛି ?

- ବଢ଼ି ପାଣି ମାଡି ଆସୁଛି ଖବର ପାଇ ସେ ଗାଁକୁ ଦୌଡ଼ିଲା ମୋ ବୋଉ ଓ ସାନ ଭଉଣୀ କଇଁକୁ ନେଇ କୋଉ ଉଚ୍ଚ ଜାଗାରେ ଆଶ୍ରୟ ଦେବା ପାଇଁ।

- ଆଉ ତୁ ?

- ବାପା କହିଲା, ଦାୟିତ୍ୱ କଥା। ତୁ ସ୍କୁଲ ତାଲା ଚାବି ରଖ, ସ୍କୁଲ୍ ଜଗିଥା। ପହଁରା ଜାଣିଛୁ। ପାଣିକୁ ଭୟ କରିବୁ ନାହିଁ। ବନ୍ୟା ଆସିଲେ ସ୍କୁଲ୍ ଘର ମଥାନକୁ ଚଢ଼ିଯିବୁ। ହେଲା ?

- ମୁଁ ହଁ କହିଲି। ପାଣିରେ ପହଁରିବାକୁ ଭଲ ଲାଗେ ମୋତେ। ଘଣ୍ଟା ଘଣ୍ଟା ପାଣିରେ ପହଁରିପାରେ। ଚିତ୍ ପହଁରା, ବୁଡା ପହଁରା, ପେଟେଇ ପହଁରା ଭଲ ଭାବେ ଜଣା ମୋତେ। ଗଲା ବରଷ ଆମ ହେଡମାଷ୍ଟ୍ରେ ମୋତେ ଚୌଦ୍ୱାର ପହଁରା ପ୍ରତିଯୋଗିତାକୁ ନେଇଥିଲେ। ମୁଁ ପୁରସ୍କାର ପାଇଥିଲି ପ୍ରତିଯୋଗିତାରେ ପ୍ରଥମ ହୋଇ।

ଶେଠ୍ ଆଖି ବିସ୍ଫାରିତ କଲେ। କହିଲେ - ତୋ ବାପା ସୁରିଆ ଏବେ ସ୍କୁଲରେ କାମ କରୁଛି ?

- ହଁ, ଜଗୁଆଳି କାମ ତା'ର। ବଗିଚା କାମ ମଧ୍ୟ କରେ । ମୁଁ ସ୍କୁଲରେ ପଢ଼େ।

- କେଉଁ ଶ୍ରେଣୀ ତୋର ?

- ଷଷ୍ଠ ଶ୍ରେଣୀରେ ପଢୁଛି।

- ବନ୍ୟାଜଳରେ ତୁ କେଉଁଠି ଥିଲୁ ?

- ଟିଣ ମଥାନ ଉପରେ ବସିଥିଲି। ସେଠି ଥାଇବି ତମ ଘର ଦିଶୁଥିଲା।

Digitized by PPRACHIN, SOA

ତମେ ଛାତ ଉପରେ ଖାଲି ଦେହରେ ବସିଥିବାର ଦେଖିଲି । ହେଲିକାପ୍ଟରକୁ ହାତ ହଲାଇ ଡାକୁଥିଲ । ସେମାନେ ତମ କଥା ଶୁଣି ପାରୁ ନଥିଲେ । ଭାବିଲି, ଗତ କାଲି ଠୁଁ ମୋ ଭଳି ଖାଇ ନଥିବ କିଛି । ସବୁ ତ ବୁଡି ଯାଇଛି ପାଣିରେ । ହେଲିକାପ୍ଟରବାଲା ସ୍କୁଲ୍ ଟିଣ ଛାତ ଉପରକୁ ଏଇ ଖାଦ୍ୟ ଭରି ପୁଡିଆ କେତୁଟା ଫିଙ୍ଗି ଦେଇଗଲେ । ଗଡ଼ାଣି ଛାତରେ କେତେ ପୁଡ଼ିଆ ଗଡ଼ି ଯାଇ ପାଣିରେ ଭାସିଗଲା । ଗୋଟିଏ ପୁଡ଼ିଆ ମଥାନ ପାଖରେ ପଡିଲା, ମୁଁ ଧରି ନେଲି । ତମେ ଛାତ ଉପରେ ବସି ହାତ ହଲେଇ ପାଟି କରୁଥିବାର ଦେଖିଲି । ତମେ ତ ଆମର ମାଲିକ । ଏଠି ସବୁ ଗୋଦାମ ତମର । ଗୋଦାମରୁ ଚୂଡ଼ା, ଚାଉଳ, ଡାଲି, ଅଟା, ଗହମ ନେଇ ଲୋକମାନଙ୍କୁ ବାଣ୍ଟ । ଅନ୍ନଦାତା କ'ଣ ଉପାସ ରହିବା କଥା ? ଭାବିଲି ରିଲିଫ ପୁଡ଼ିଆଟା ତମକୁ ଦେଇ ଦେବି । କିପରି ? ନଜର ପଡ଼ିଲା ଭାସି ଯାଉଥିବା ଗରଣ୍ଡା କାଠ ଉପରେ, ଅଧା ବୁଡିଛି, ଅଦ୍ଧ ଦିଶୁଛି ପାଣି ଉପରକୁ । ନାଲି ଗାମୁଛାକୁ ଅଣ୍ଟାରେ ଗୁଡ଼ାଇ ଚଉକସ ବାନ୍ଧିଲି ଓ ଡେଇଁଲି ପାଣି ଭିତରକୁ । ପହଁରି ଧରି ନେଲି କାଠ ଗରଣ୍ଡାକୁ, ଚଢ଼ିଗଲି ତା ଉପରକୁ । ତମ ଆଡକୁ ସୁଅଥିଲା । ଲାଖିଲି ଯାଇଁ ତମ କାନ୍ଥ ବାଡ଼ରେ । ଚଢ଼ିଗଲି ଛାତ ଉପରକୁ । ମୁହଁରେ କାମୁଡ଼ି ଧରିଥିଲି ପୋଲିଥିନ ପୁଟୁଳାଟାକୁ । ଓଦା ହୋଇ ଯାଇଥିବ । କଅଣ ସେଥିରେ ଅଛି ଖାଇଦିଅ ମାଲିକ ।

ଅଣ୍ଟାରୁ ଗାମୁଛାକୁ ଖୋଲି ଶେଠ୍‌ଙ୍କ ଅଣ୍ଟାତଳେ ଘେରାଇ ଦେଲା ସତୁରା ତାଙ୍କ ଯୌନାଭରଣ ଓ ଲଜ୍ଜାନିବାରଣ ସକାଶେ ।

ଶେଠ୍ ବିଶନ୍‌ଲାଲଙ୍କ ଆଖି ଲୋତକାର୍ଦ୍ର ହୋଇଉଠିଲା । ପିଲାଟିର କେତେ ବୁଦ୍ଧି ଆଉ ସାହସ ! ତାକୁ ସାବାସ ନକରି ରହି ପାରିଲେ ନାହିଁ ଶେଠ୍ । ସେ ଅନୁଭବ କଲେ, ମଣିଷ ହୃଦୟର ଠିକଣା ପଣ୍ୟ ପଦାର୍ଥ ପ୍ରାଚୁର୍ଯ୍ୟରେ ନାହିଁ, ହୃଦୟର ବାସସ୍ଥାନ ମଣିଷପଣିଆରେ । ଛିଃ ତାଙ୍କ ସଂଚିତ ଧନ । ଧନ ହୁଏ ଯମ ସମାନ । ଧନ ଯଦି ଜୀବନ ନିଏ, ସେ ଶତ୍ରୁ ନୁହେଁ ତ ଆଉ କ'ଣ ? ଭାଗ୍ୟ ସତେ ଅବା ଅଟ୍ଟହାସ୍ୟ କରୁଥିଲା ।

ଯେଉଁ ବନ୍ୟାସ୍ରୋତରେ ଗରଣ୍ଡା କାଠ ଉପରେ ବସି ସତୁରା ଆସିଥିଲା, ସେ କାଠ ଗଲା କୁଆଡେ ? ଦୁଇ ଦିନ ପରେ ବନ୍ୟା ପ୍ରଶମିତ ହେଲା । ପ୍ରକୃତ କଥା ଜଣାପଡିଲା । ଗରଣ୍ଡା କାଠ କାଠ ନଥିଲା, ଭାସମାନ ଦୁଇଟି ମସ୍ତବଡ଼ ଅଜଗର ସାପ, ସେମାନେ ଲଙ୍ଗଳ ଦଉଡି ଭଳି ଗୁଡ଼େଇ ହୋଇ ଯାଇଥିଲେ ସହବାସ ରୀତିରେ ଏବଂ ଭାସି ଭାସି ଚାଲିଥିଲେ ପ୍ରଖର ବନ୍ୟାସ୍ରୋତରେ । ସତୁରା ସେମାନଙ୍କ ଉପରେ ସବାର ହୋଇଥିଲା । ସତୁରା କୋଠା ଉପରକୁ ଉଠିଗଲା ପରେ ସେମାନେ

Digitized by PPRACHIN, SOA

ଶେଠ୍ ବିଶନ୍‌ଲାଲଙ୍କ ଘର ଭିତରେ ରହିଥିଲେ। ଘରୁ ବନ୍ୟାଜଳ ଛାଡ଼ି ଗଲା ପରେ ଦୁଇଟି ଅଜଗର ସାପ ଘରେ ଶୋଇ ରହିଥିବାର ଦେଖାଗଲା। ଶେଠ୍ ବିଶନ୍‌ଲାଲ ତଳକୁ ଓହ୍ଲାଇ ଘରେ ସର୍ପଦୃଶ୍ୟ ଦେଖି ଚିହିରି ଉଠିଲେ, ଭୟରେ ଥରିଲେ ଏବଂ ବାହାରକୁ ଦୌଡ଼ି ଚିତ୍କାର କଲେ- ଘରେ ସାପ ସାପ; ରକ୍ଷା କର, ରକ୍ଷାକର... ଏହି ସମ୍ବାଦ ଗ୍ରାମସରପଞ୍ଚ ପ୍ରାଣୀ ବିଭାଗ କର୍ତ୍ତୃପକ୍ଷଙ୍କୁ ଜଣାଇବାରେ, ସେମାନେ ସଦଳବଳ ଆସି ସାପ ଦୁଇଟିକୁ ତାଙ୍କ ଘରୁ ଖୁବ୍ କୌଶଳରେ ଉଦ୍ଧାର କରି ଚିଡ଼ିଆଖାନା ପାଇଁ ନେଇ ଯାଇଥିଲେ ଯନ୍ତା ଭିତରେ ପୂରାଇ। ମାଈ ସାପ ମଧ୍ୟ କେତୋଟି ଅଣ୍ଡା ପାରିଥିଲା। ସେଗୁଡ଼ିକୁ ମଧ୍ୟ ଉଦ୍ଧାରକାରୀ ଦଳ ସଂଗ୍ରହ କରି ନେଇଥିଲେ। ବନ୍ୟା ସିନା ପ୍ରଶମିତ ହେଲା, ହେଲେ ଶେଠ୍ ବିଶନ୍‌ଲାଲଙ୍କ ମନରେ ବନ୍ୟାସ୍ରୋତ ବୋହି ଚାଲିଥିଲା। ଜୀବନରେ ଅର୍ଜିତ ବିପୁଳ ଅର୍ଥ ପଦାର୍ଥ ମୂଲ୍ୟହୀନ, ତାଙ୍କୁ ଝିଟିପିଟି ସତ କହିଲା ପରି ଟିଟିକାର ଶବ୍ଦ ତୋଳୁଥିଲେ ତାଙ୍କ କର୍ଣ୍ଣ ଗହ୍ୱର ଭିତରେ।

ତାଙ୍କ ମନକୁ ପାପ ଛୁଇଁଲା। ପ୍ରବଳ ପାପ ଯୋଗୁଁ ସିନା ତାଙ୍କ ଘରେ ମହା ସାପ ପଶିଲା। ଅଜଗର ତାଙ୍କୁ ଗିଳି ଦେବାକୁ କେତେ ସମୟ ବା ଲାଗିଥାନ୍ତା।। ମହାକାଳ ହାବୁଡ଼ରୁ ରକ୍ଷା ପାଇ ଯାଇଛନ୍ତି ଖାସ୍ ଏଇ ପିଲାଟା ଯୋଗୁଁ। ଭଗବାନ ବାଳକୃଷ୍ଣଙ୍କ କାଳୀୟ ଦଳନ କଥା ମନକୁ ଆସିଲା। ସୁରିଆ ପୁଅ ସତୁରା ଦି'ଟା ଭାସମାନ ଅଜଗର ସାପ ପିଠିରେ ବସି ମୋତେ ମହା ବିପତ୍ତିରୁ ଉଦ୍ଧାର କଲା, ମରଣ ମୁହଁରୁ ଟାଣି ଆଣିଲା ଏ ମର ସଂସାର ଭିତରକୁ। ଏତ ସାଧାରଣ କଥା ନୁହେଁ। ସତୁରା ନିଶ୍ଚୟ ଈଶ୍ୱରଙ୍କ ସନ୍ତାନ। ହନୁ ମଲା ବେଳେ ସତ କହିଲା ଭଳି ଧନୀ ଗରିବର ପାର୍ଥକ୍ୟ ନାହିଁ, ଧନୀର ଅଛି ଧନ, ଗରିବର ଅଛି ମନ। ଧନ ବଡ଼ ନା ମନ ବଡ? ଦୀର୍ଘଜୀବୀ ହେଉ ସତୁରା- କାମନା କଲେ ବିଶନଲାଲ୍।

ମୁଁ ଜାଣିବାରେ ଅଜଗର ପୃଥିବୀର ବୃହତ୍ତମ ସାପ । ଏହାର ଲମ୍ବ ୧୧ମିଟର ପର୍ଯ୍ୟନ୍ତ ହୋଇପାରେ । ତା ଗୋଳେଇ ଗୋଟାଏ ମଧ୍ୟମ ହାତୀଗୋଡର ମୋଟେଇ ସହ ସମାନ । ଏହା ଗୋଟାଏ ସର୍ବଭକ୍ଷ ଅଳସୁଆ ଓ ନିଦ୍ରାଳୁ ଜୀବ ଅଟେ । କିନ୍ତୁ ଭୋକ ସମୟରେ ସେ ଅତ୍ୟନ୍ତ ଚଞ୍ଚଳ ଓ ସକ୍ରିୟ ହୋଇଉଠେ । ଆମ ପୁରାଣରେ ଅଜଗରର ଶକ୍ତି ବିଷୟରେ ବହୁତ ବର୍ଣ୍ଣନା ଅଛି । ଏହାର ଉଦାହରଣ ନଳ-ଦମୟନ୍ତୀ କାହାଣୀରେ ଅଛି । ଯେତେବେଳେ ଦମୟନ୍ତୀ ଏକାକୀ ଘୋର ଅରଣ୍ୟ ମଧ୍ୟ ଦେଇ ନିଜ ପିତାଙ୍କ ରାଜ୍ୟକୁ ଯାଉଥିଲେ, ଏକ ଅଜଗର ଦମୟନ୍ତୀଙ୍କ ଦେହକୁ ଚତୁର୍ଦ୍ଦିଗରୁ ଘେରି ରହିଲା । ସେହି ସାପ ଗୋଟିଏ ଗଛ ଡ଼ାଳରେ ଲଟକି ରହିଥିଲା । ଭାଗ୍ୟବଶତଃ ଏକ ବ୍ୟାଧ ଦମୟନ୍ତୀଙ୍କ କ୍ରନ୍ଦନ ଶୁଣି ଝୁଲି ରହିଥିବା ଅଜଗରର

Digitized by PPRACHIN, SOA

ମୁହଁକୁ ଲକ୍ଷ୍ୟକରି ଶର ନିକ୍ଷେପ କଲା ଏବଂ ଅଜଗର ସେଇଠି ପଡ଼ି ମରିଗଲା ।

ଅଜଗର ମଣିଷକୁ ଆକ୍ରମଣ କରିବା ଓ ଧୀରେ ଧୀରେ ଗିଳିବାର ଏକ ଘଟଣା ନଜରକୁ ଆସିଥିଲା ମୋର ପିଲାଦିନେ ପାଠପଢ଼ା ସମୟରେ, ଯେତେବେଳେ ଅଜଗରକୁ ମରାଯାଇ ମୋ ବଡବାବା ରାୟବାହାଦୂର ଖଗେନ୍ଦ୍ର ଚନ୍ଦ୍ର ମହାପାତ୍ରଙ୍କ ପାଖକୁ ଅଣାଯାଇଥିଲା ପୁରସ୍କାରପ୍ରାପ୍ତି ଆଶାରେ। ତାଳବସ୍ତ ଗ୍ରାମ ଚନ୍ଦକା ଜଙ୍ଗଲର ଏକ ଅଂଶ ବିଶେଷ। ଚକ୍ରଧର ଓରଫ ଚକରା ନାମ୍ନୀ ଜଣେ ମଧ୍ୟବୟସ୍କ ଗଉଡ ତା ଗାଈଗୋରୁଙ୍କ ପାଇଁ ଦୁଇ ତିନି ବୋଝ ଘାସ କାଟି ନେଇଯିବ ବୋଲି ଭାବି କାମ ଆରମ୍ଭ କରିଦେଲା। ପ୍ରାୟ ଅଧଘଣ୍ଟାଏ ଘାସ କାଟିବା ପରେ ତାର ବାମ ହାତକୁ ବୁଦା ମଧ୍ୟରେ କେହି ଟାଣୁଥିବାର ଅନୁଭବ କଲା। ଚାହିଁ ଦେଖିଲାବେଳକୁ ତା ହାତ ପାପୁଲିଟା ଯାଇ ଏକ ବିରାଟ ଅଜଗର ପାଟିରେ ପଶିଛି। ତା ହାତଟା ଟାଣିବା ପୂର୍ବରୁ ଅଜଗର ତା ଗୋଡରେ ଯାଇ ତତ୍କ୍ଷଣାତ୍ ଗୁଡ଼େଇ ହୋଇଗଲା। ସେ ତା କବଳରୁ ଖସିବା ପାଇଁ ଯେତେ ଟାଣି ଓଟାରି ହେଲା ପାରିଲା ନାହିଁ। ବେଳକୁ ବେଳ ସାପଟା ଅଧିକରୁ ଅଧିକ ଗୁଡ଼େଇ ହୋଇ ଯାଉଥାଏ ତା ଦେହରେ। ସେଇଠୁଁ ଚକରା ବଡ ପାଟିରେ ଚିତ୍କାର କଲା। ତା ଆର୍ତ୍ତ-ଚିତ୍କାର ଶୁଣି ଆଖପାଖର କେତେ ଲୋକ ଦୌଡି ଆସିଲେ। ସେତେବେଳେକୁ ଅଜଗର ସାପ ତା କହୁଣୀ ପର୍ଯ୍ୟନ୍ତ ଗିଳି ଦେଲାଣି। ଲୋକମାନେ ସାପଟାକୁ ପଛପଟୁ ହାଣି ପକାଇଲେ। ସାପଟା ମରିଗଲା। ତଥାପି ତା ପାଟି ଭିତରୁ ଚକରା ହାତ ବହାରି ପାରିଲା ନାହିଁ। ଏଣୁ ତାକୁ ଓ ମଲା ସାପକୁ ଏକ ଶଗଡ଼ରେ ପକାଇ ଗାଁ ଲୋକ ବାଙ୍କୀ ହାସପାତାଳକୁ ଆଣିଲେ। ଡାକ୍ତର ଅସ୍ତ୍ରୋପଚାର କରି ସାପ ଓ ଚକରାକୁ ଅଲଗା ଅଲଗା କଲେ। ଏ ଅଦ୍ଭୁତ ଦୃଶ୍ୟ ଦେଖିବାକୁ ଶହ ଶହ ଦେଖଣାହାରୀ ରୁଣ୍ଡ ହୋଇଯାଇଥିଲେ। ମୋର ବାଳୁତ ବେଳରେ ଏ ଦୃଶ୍ୟର ମୁଁ ଥିଲି ଜଣେ ପ୍ରତ୍ୟକ୍ଷ ଦେଖଣାହାରୀ।

କିନ୍ତୁ ଅଜଗର ଏକ ଅବିଷାକ୍ତ ସାପ । ପୌରାଣିକ କାହାଣୀ-କିମ୍ବଦନ୍ତୀ ଅନୁଯାୟୀ ପ୍ରଥମେ କେବଳ ଅଜଗରର ବିଷ ଥିଲା । ଏ ଯୁଗର ବିଷଧର ସାପମାନେ ଅଜଗର ଠାରୁ ବିଷ ନେଇ ବିଷାକ୍ତ ହୋଇଛନ୍ତି । ସେହି ସମୟରେ ଏହି ବିଷ ଦୁଗ୍ଧ ପରି ଉଜ୍ଜ୍ୱଳ ଓ ପ୍ରଖର ଥିଲା । ଏହି ଅଜଗର 'ଇବ୍' ନାମକ ଏକ ନାରୀକୁ ଧରି ନିଜ ଗୁହାକୁ ନେଇଯାଇ ତାକୁ କହିଲା, ମୋ ଦେହ ଉପରେ ଚିତ୍ର ତିଆରି କର । ସେହି ଚିତ୍ର ଆଜିକାଲି ଅଜଗର ଦେହ ଉପରେ ଦେଖିବାକୁ ମିଳେ । ସେହି ଅଜଗରର ବିଷ ଏଡ଼େ ପ୍ରଖର ଥିଲା ଯେ, ଯଦି ରାସ୍ତା ଉପରେ ପଡ଼ିଥିବା କୌଣସି ମନୁଷ୍ୟର ପାଦ ଚିହ୍ନକୁ ସେ କାମୁଡ଼ିଦିଏ, ତେବେ ସେହି ମନୁଷ୍ୟ ଯେତେ ଦୂରରେ

Digitized by PPRACHIN, SOA

ଆଉନା କାହିଁକି ନିଷୟ ମରିଯିବ । ସେହି ଅଜଗର ମନୁଷ୍ୟର ମୃତ୍ୟୁ ନିଜେ ଆଖିରେ କେବେ ଦେଖି ନଥିଲା । ତେଣୁ ସେ ଗୋଟାଏ କୁଆକୁ କହିଲା, ତୁ ଯା' ଦେଖିଆ, ଏହି ପାଦ ଚିହ୍ନକୁ ମୁଁ କାମୁଡ଼ିବାରୁ କୌଣସି ଲୋକ ମରିଛନ୍ତି କି ନାହିଁ । କୁଆ ଗୋଟିଏ ଘର ନିକଟକୁ ଯାଇ ଦେଖିଲା, ସେଠି ଲୋକମାନେ ଖୁବ୍ ନାଚଗୀତ କରୁଛନ୍ତି । ଆଦିମ ଆଦିବାସୀମାନେ କେହି ମରିଗଲା ପରେ ତାଙ୍କ ସାମାଜିକ ପ୍ରଥା ଅନୁଯାୟୀ ନାଚଗୀତ କରନ୍ତି, କାରଣ ସେ ସ୍ୱର୍ଗକୁ ଚାଲିଯାଏ ଦେବତା ହୋଇ । କୁଆ ଯାଇ ଅଜଗରକୁ କହିଲା, କ୍ରନ୍ଦନ ପରିବର୍ତ୍ତେ ସେମାନେ ଆନନ୍ଦ କରୁଛନ୍ତି । ଏହା ଶୁଣି ଅଜଗର ବହୁତ ରାଗିଗଲା ଏବଂ ଗୋଟିଏ ଗଛ ଉପରେ ଚଢ଼ିଯାଇ ନିଜର ବିଷ ସମ୍ପୂର୍ଣ୍ଣ ଉଦ୍‌ଗିରଣ କରିଦେଲା । ଏହି ବିଷକୁ ଅନ୍ୟ ସାପମାନେ ଖାଇଲେ, ଯଦ୍ୱାରା ସେମାନେ ବିଷଧର ସାପ ହୋଇଗଲେ ଏବଂ ଅଜଗର ସେଇ ଦିନଠୁଁ ଏକ ବିଷହୀନ ସାପ ହୋଇ ରହିଲା । .....

ବୃହତ୍ ସାପ ଅଜଗର ସମ୍ବନ୍ଧୀୟ ଏହା ଏକ କିମ୍ବଦନ୍ତୀୟ କାହାଣୀ ହୋଇପାରେ, କିନ୍ତୁ ବର୍ତ୍ତମାନର ସ୍ଥିତି ଓ ଚିତ୍ର ଭିନ୍ନ । ବର୍ତ୍ତମାନ ସୁଦ୍ଧା ପୃଥିବୀରେ ପ୍ରାୟ ୧୮୦୦ ପ୍ରକାରର ସାପ ଅଛନ୍ତି ଏବଂ ଏଥି ମଧ୍ୟରୁ ପ୍ରାୟ ୧୫୦୦ ଜାତିର ସାପ ଭାରତରେ ଦେଖାଯାନ୍ତି । ତା ମଧ୍ୟରୁ କେବଳ ୭୪ ଜାତିର ସାପ ବିଷଧର ବୋଲି ଚିହ୍ନଟ କରାଯାଇଛି ।

ଆମ ପୁରାଣ ମତରେ ଦକ୍ଷ ପ୍ରଜାପତିଙ୍କ କନ୍ୟା ଓ କଶ୍ୟପ ମୁନିଙ୍କ ଏକତମା ପତ୍ନୀ କଦ୍ରୁଙ୍କ ଗର୍ଭରୁ ସାପମାନେ ଜାତ ହୋଇଥିଲେ। ନାଗରାଜ ବାସୁକି ସହସ୍ର ଫଣାଧାରୀ, ଏ ପୃଥିବୀକୁ ଟେକି ଧରିଛନ୍ତି। ଅୟୁତ ଫଣାଧାରୀ ଅନନ୍ତ ସ୍ରଷ୍ଟା-ଭଗବାନ ବିଷ୍ଣୁଙ୍କର ଶଯ୍ୟାରୂପେ କ୍ଷୀର ସାଗରରେ ଭାସମାନ ଥିବା କଥା ପୁରାଣରେ ବର୍ଣ୍ଣିତ। ଭାଷାକୋଷ ଅନୁଯାୟୀ ରାଜକବି କୃଷ୍ଣସିଂହ ମହାଭାରତ ଆଦି ପର୍ବରେ ସର୍ପବଂଶ ଓ ସେମାନଙ୍କ ଭିନ୍ନ ଭିନ୍ନ ନାମ ବିଷୟରେ ନିମ୍ନମତେ ବର୍ଣ୍ଣନା କରିଛନ୍ତି -

ବହୁତ ଭୁଜଙ୍ଗମ ଅଛନ୍ତି ମହୀରେ,
କେତେ ତାହା ବିସ୍ତାରି କହିବା ସଭାରେ।
ପ୍ରଥମେ କଦ୍ରୁ ପୁତ୍ର ଶେଷଦେବ ହେଲେ,
ତାହାଙ୍କର ଅନୁଜ ବାସୁକି ବୋଲାଇଲେ।
ଐରାବତ, ତକ୍ଷକ, କର୍କୋଟ, ଧନଞ୍ଜୟ,
ମଣିନାଗ, ପୂରଣ, ଆଭ, କାଳକେୟ।

Digitized by PPRACHIN, SOA

ପିଞ୍ଜରକ, ଏଲାପତ୍ର, ନୀଳ ଅନୀଳ,
ବାମନ, କଲମାଷ, ଆର୍ଯ୍ୟକ, ଶବଳ।
ଉଗ୍ରକ, କଳଶ, ପୋତକ, ସୁରମୁଖ,
ବିମଳ, ପିଣ୍ଡକ, ଯେ ଆପ୍ତ, ଦଧିମୁଖ।
ଶଙ୍ଖ, ବାଳିଶିଖ, ନିଷ୍ଠାବକ, କରେଟକ,
ପିଙ୍ଗଳ, ନହୁଷ, ଯେ ମୁଦ୍‌ଗର ପିଣ୍ଡକ।
ବାହ୍ୟକର୍ଣ୍ଣ, ହସ୍ତୀପଦ, ଯେ ଅଶ୍ୱତର,
ବୃତ୍ତ, ସମ୍ବର୍ତ୍ତକ, କୁଷାଣ୍ଡକ, କୁଞ୍ଜର।
ଶଙ୍ଖମୁଖ, ପିଣ୍ଡାରକ ଯେ କ୍ଷେମକ,
କର୍କଶ, ଆକର୍କଶ, ବିଲ୍ୱଳ, ହିଳକ।
କୁଣ୍ଡୋଦର, ମହୋଦର, କରବୀର,
ପୁଷ୍ପଦଂଷ୍ଟ୍ର, ବିଲ୍ୱ, ପାଣ୍ଡର ଶଙ୍ଖଶିର।
ମୂଷକାଦ, ପୂର୍ଣ୍ଣଭଦ୍ର, ହରିଦ୍ରକ,
ଶ୍ରୀବହ, ଅପରାଜିତ, ଯେ ଜ୍ୟୋତକ।
କଉରବୀ, ଧୃତରାଷ୍ଟ, ଶଙ୍ଖପିଣ୍ଡ,
ବିରଜା, ସୁବାହୁ, ଫରକ, ଅଳିପିଣ୍ଡ।
ହସ୍ତିପିଣ୍ଡ, ସୁମୁଖ, ହୋମଗୃହ, କୁଠର
କୌଣପାଶନ, କୁମୁଦ, ତିତ୍ତିରି ପ୍ରଭାକର।
କଦମ୍ବ, ବହୁ, ମୂଳକ, ନାଗ,
ଏମାନେ ନାଗମାନଙ୍କ ମହାଭାଗ।

ଆଶ୍ଚର୍ଯ୍ୟ ହେବାକୁ ପଡ଼େ ଯେ ଉପରୋକ୍ତ ପୁରାଣ ବର୍ଣ୍ଣିତ ବିଷଧର ସାପ (ନାଗ)ଙ୍କ ସଂଖ୍ୟା ୭୮ ଥିବାବେଳେ ଅଧୁନା ବୈଜ୍ଞାନିକ ପଦ୍ଧତିରେ ଗଣନା କରାଯାଇଥିବା ଭାରତରେ ବିଷଧର ସାପଙ୍କ ସଂଖ୍ୟା ୭୪ ଅଟେ- ଯାହା ପୌରାଣିକ ସଂଖ୍ୟା ସହିତ ପ୍ରାୟତଃ ସମାନ। ବୈଜ୍ଞାନିକ ପଦ୍ଧତିରେ ଗଣନାରେ ମଧ୍ୟ ୧୦

Digitized by PPRACHIN, SOA

ଶତାଂଶ କମ୍ ବେଶୀ ସ୍ୱୀକାର୍ଯ୍ୟ। ପୁରାଣ ବର୍ଣ୍ଣିତ କଥା ସହିତ ଆଜିର ବିଜ୍ଞାନ ଯୁଗ ଗଣନା ପଦ୍ଧତିର ସଂଖ୍ୟା ନିର୍ଣ୍ଣୟରେ ସମାନତାକୁ ଲକ୍ଷ୍ୟକଲେ ପ୍ରତୀୟମାନ ହୁଏ ଯେ ଏହା ଏକ ପରମାଶ୍ଚର୍ଯ୍ୟର ବିଷୟ ନିଶ୍ଚୟ।

ଭାରତରେ ଏତେ ସଂଖ୍ୟକ ସାପ ବାସ କରୁଥିବାରୁ ଭାରତକୁ ସାପର ଦେଶ ବୋଲି ବୋଲାଯାଏ ଏବଂ ଏଥିପାଇଁ 'କେଳା' ନାମକ ଏକ ଜାତି ସୃଷ୍ଟି ହୋଇଥିଲା ଯେଉଁମାନେ ସାପ ଖେଳକୁ ଜୀବିକା କରି ଜୀବନାତିବାହିତ କରୁଥିଲେ ଏବଂ ଏଥିପାଇଁ ଭାରତ ଏକ ସାପୁଆ କେଳାର ଦେଶ ବୋଲି ଅଭିହିତ ହେଉଥିଲା । କିନ୍ତୁ କ୍ରମଶଃ ସାପମାନଙ୍କ ସଂଖ୍ୟା କମି ଆସିବାରୁ ଏବଂ ସାପ ଧରିବା ଓ ମାରିବା ସମ୍ବନ୍ଧରେ କଟକଣା ଜାରି ହେବାରୁ କେଳାମାନେ ଜୀବିକା ହରାଇଲେ। ମୋ ବନବୁଲା କାଳରେ ଏବଂ ଗ୍ରାମାଞ୍ଚଳର କେଳା ଜାତିର ବ୍ୟକ୍ତିମାନଙ୍କ ସଂସର୍ଶରେ ଆସିଥିବାର ସୁଯୋଗ ପାଇଥିବାରୁ ସାପ ସମ୍ବନ୍ଧରେ କିଞ୍ଚିତ୍ ଅନୁଭୂତି ମୋର ଜିଜ୍ଞସା-ଜ୍ଞାନକୁ ଖୋରାକି ଦେଇଛି। ତେବେ ଏବେ ଅନେକ ସାପ ଧରାଳି ଉତ୍ତୀର୍ଣ୍ଣ ହେଲେଣି ଏବଂ ସାପ ଆଉ ଭୟଙ୍କର ଜୀବ ଭାବେ ପରିଗଣିତ ହେଉନାହିଁ । ଅନେକ ଲୋକ ସଉକ ସରାଗରେ ସାପ ପୋଷୁଛନ୍ତି । ସେମାନଙ୍କ ସହିତ ଶ୍ରଦ୍ଧାରେ ଖେଳୁଛନ୍ତି । ସେମାନଙ୍କ ବିଷ ସଂଗ୍ରହ କରି ବ୍ୟବସାୟ କରୁଛନ୍ତି । କେତେ ଜାତିର ଲୋକ ଅଛନ୍ତି, ଯେଉଁମାନେ ସାପମାରି ତାର ମାଂସ ଖାଇଥାନ୍ତି । ଜଳରେ ବାସ କରୁଥିବା ତୋଡି ଓ ବମି ମାଛ ହୁଏତ ସର୍ପଜାତୀୟ, କିନ୍ତୁ ଏହାର ମାଂସ ଖୁବ୍ ସ୍ୱାଦିଷ୍ଟ ଏବଂ ଏହାକୁ ସାଗ୍ରହରେ ସମସ୍ତେ ଖାଇଥାନ୍ତି । ଆରବ ଦେଶରେ ଗୋଟିଏ ସାପୁଆ ଜାତି ବାସକରୁଥିଲେ, ଯେଉଁମାନେ ଜାଣି ଜାଣି ସାପକୁ ତାଙ୍କ ଦେହରେ କାମୁଡ଼ିବାକୁ ଦେଉଥିଲେ । ଏହା ଦ୍ୱାରା ବିଷର କୌଣସି ଖରାପ ପ୍ରଭାବ ତାଙ୍କ ଉପରେ ପଡୁନଥିଲା ଏବଂ ଧୀରେ ଧୀରେ ସେମାନେ ବିଷ ପ୍ରଭାବରୁ ମୁକ୍ତ ଥିଲେ । ଏହି ଜାତିର ପ୍ରତିଷ୍ଠାତା ଥିଲେ 'ସିଡନାଇଜର' । ଏକଦା ସେ ସେମାନଙ୍କ ଅନୁଚରମାନଙ୍କ ସହିତ ମରୁଭୂମି ମଧ୍ୟଦେଇ ଏକ ଦୂରସ୍ଥାନକୁ ସାପ ଧରିବାକୁ ଯାଉଥିଲେ । କିଛି ସମୟ ପରେ ତାଙ୍କ ଅନୁଗତମାନଙ୍କୁ ଭୋକ ଲାଗିବାରୁ ସେମାନେ ଖାଇବା ପାଇଁ ଏକ ସଙ୍ଗରେ ଚିତ୍କାର କଲେ । ସେମାନଙ୍କ ପାଟିଶୁଣି ସେ ବିରକ୍ତ ହୋଇ ତାଙ୍କ ଆରବୀ ଭାଷାରେ 'କୁଲସୀମ' ବୋଲି କହିଲେ ଯାହାର ଅର୍ଥ ହେଉଛି 'ବିଷ ଖାଅ' । କିନ୍ତୁ ବିଶ୍ୱାସରେ ନିଶ୍ୱାସ ଥିବା ଭଳି ଦଳପତି ଉପରେ ସେମାନଙ୍କର ଏତେ ବିଶ୍ୱାସ ଥିଲା ଯେ ସେହି ଦିନଠୁ ସେମାନେ ବିଷଧର ସାପକୁ ଧରି ଖାଇବାକୁ ଆରମ୍ଭ କଲେ, ଯେଉଁଥିପାଇଁ ସେମାନଙ୍କର ସନ୍ତାନବର୍ଗ ସାପ ବିଷରୁ ମୁକ୍ତ । କିନ୍ତୁ

ବିଶେଷଜ୍ଞମାନେ ମତଦିଅନ୍ତି କୌଣସି ଜୀବ ବିଷହୀନ ନୁହେଁ, ଏପରିକି ମଣିଷ କାହାକୁ ଦାନ୍ତରେ କାମୁଡ଼ି ଦେଲେ ବିଷାକ୍ତ ହୋଇଥାଏ । ବିରାଡ଼ି, ମୂଷା, ମାଙ୍କଡ଼ ଆଦି କେତେକ ଜୀବ ମଣିଷକୁ କାମୁଡ଼ିଲେ ମଣିଷ ମଧ୍ୟ ମୃତ୍ୟୁ ମୁଖରେ ପଡିଥାଏ । ପ୍ରତ୍ୟେକ ଜୀବ ନିଜ ନିଜ ଆତ୍ମରକ୍ଷା ଓ ଆକ୍ରମଣ ତଥା ପ୍ରତିଆକ୍ରମଣ ସକାଶେ ପ୍ରକୃତି ଦେଇଛି ଅସ୍ତ୍ର । କାହାର ଅସ୍ତ୍ର ମାରାତ୍ମକ, ପ୍ରାଣଘାତୀ ଓ ଖୁବ୍ ଉତ୍କଟ ତ ଆଉ କାହାର ସାମାନ୍ୟ, ନଗଣ୍ୟ ଓ କେବଳ ଆତ୍ମରକ୍ଷା ପାଇଁ ଉଦ୍ଦିଷ୍ଟ । କେବଳ ଦାନ୍ତଥିଲେ ଯେ ବିଷଧର ସାପ, ତାହା ନୁହେଁ । ଯେଉଁ ସାପର ବିଷଗ୍ରନ୍ଥୀ ଓ ବିଷସ୍ଥଳୀ ଅଛି, ସେ ମାତ୍ର ବିଷଧର ହୋଇଥାଏ । ଅଜଗର ସାପ ଏତେ ବୃହତ୍ ହେଲେ ମଧ୍ୟ ତା'ର ବିଷସ୍ଥଳୀ ଓ ବିଷଗ୍ରନ୍ଥୀ ନାହିଁ । ପ୍ରକୃତି-ସ୍ରଷ୍ଟା କାହାକୁ କ'ଣ ଦାନ ଦେଇଛି ଏବେ ବି ରହସ୍ୟମୟ ରହିଛି । ସାଧାରଣ ସାପର ବିଷ ବା ପାଟିର ଅବିଷାକ୍ତ ଲାଳ ଗରଳର ରଙ୍ଗ ପାଉଁଶିଆ ହୋଇଥାଏ, ଯାହାର କୌଣସି ସ୍ୱାଦ ନଥାଏ । କିନ୍ତୁ ଡମ୍ପ, ଗୋଖର, ନାଗ ସାପର ବିଷ ଲଙ୍କା ପରି ରାଗଯୁକ୍ତ ଅଟେ । ମାତ୍ରା ପରିମାଣରେ ବିଷ ଖାଉଥିବା ଲୋକ ଏହାକୁ ପୁଷ୍ଟିକର, ବଳପ୍ରଦାୟକ, ହଜମ ସହାୟକ ବସ୍ତୁ ବୋଲି କହନ୍ତି । ସାପର ବିଷ ହୋମିଓପାଥି ଚିକିତ୍ସାରେ ପ୍ରୟୋଗ କରାଯାଉଛି । ଅଫିମ ଆଉ କ'ଣ। ହୁଏତ ଏକ ପ୍ରକାର ବିଷ, ଶକ୍ତି ପ୍ରଦାୟକ, କିନ୍ତୁ ମାତ୍ରାଧିକ ଖାଇଲେ ପ୍ରାଣଘାତକ ହୋଇଥାଏ । ପ୍ରତ୍ୟେକ ବିଷଧର ସାପର ଥଳୀରେ କିଛି ପରିମାଣରେ ବିଷଥାଏ, କିନ୍ତୁ ସାପ ଚୋଟ ମାରିଲା ପରେ ବିଷସ୍ଥଳୀ ଖାଲି ପଡ଼ିଯାଏ ଏବଂ ପୁନଶ୍ଚ ବିଷସ୍ଥଳୀରେ ବିଷ ସୃଷ୍ଟି ଓ ସଂଗୃହୀତ ହେବା ପାଇଁ ସମୟ ଲାଗେ । ଏହି ସମୟରେ ସାପ କାମୁଡ଼ିଲେ, ଦନ୍ତାଘାତ ଯୋଗୁଁ ଖଣ୍ଡିଆ ହୋଇଥାଏ ଅବଶ୍ୟ, କିନ୍ତୁ ବିଷର ପ୍ରଭାବ ପଡ଼ିନଥାଏ । ଏଣୁ ପ୍ରତ୍ୟେକ ସାପକାମୁଡ଼ା ବ୍ୟକ୍ତି ଯେ ମରିଯାନ୍ତି ଭାବିବା ଭ୍ରମାତ୍ମକ ହୋଇଥାଏ । କେତେକ ବ୍ୟକ୍ତିଙ୍କର ବିଷ ନୁହେଁ, ଭୟରେ ପ୍ରାଣସ୍ପନ୍ଦନ ବନ୍ଦ ହୋଇଯାଏ ।

ବିଷଥଳୀପୂର୍ଣ୍ଣ ନାଗ ସାପ କାମୁଡିବାର ପ୍ରଭାବ ଦଶ ମିନିଟ୍‌ରୁ ଦୁଇଘଣ୍ଟା ଭିତରେ ପ୍ରକଟିତ ହୁଏ। କ୍ଷତ ସ୍ଥାନରେ ଧୀରେ ଧୀରେ କଷ୍ଟଦାୟକ ଜ୍ୱଳନ ଆରମ୍ଭ ହୁଏ, ନିଶ୍ୱାସ ପ୍ରଶ୍ୱାସର ଗତି କ୍ଷିପ୍ର ହୋଇଥାଏ ଏବଂ କିଛି ସମୟ ପରେ ରୋଗୀ ଜଡବତ୍ ହୋଇଥାଏ। କାମୁଡ଼ିବା ସ୍ଥାନଟି ଫୁଲିଯାଏ ଏବଂ ସେଥିରୁ ଫିକା ପାଉଁଶିଆ ରଙ୍ଗର ରକ୍ତ ବାହାରେ। ରୋଗୀର ସମସ୍ତ ଦେହ ଦୁର୍ବଳ ଓ ଶିଥିଳ ହୋଇଯାଏ ଏବଂ ତା'ର ବାକ୍‌ଶକ୍ତି କମିଯାଏ। ତା ମୁହଁରୁ ଫେଣ ବାହାରେ। ଶ୍ୱାସକ୍ରିୟାର ଗତି ମନ୍ଥର ହୋଇ ଆସେ ଏବଂ ଶେଷରେ ସେ ପ୍ରାଣତ୍ୟାଗ କରେ। ଏଣୁ ସାପ କାମୁଡ଼ିବାର

Digitized by PPRACHIN, SOA

ଲକ୍ଷଣ ଓ ବିଷର ପରିମାଣ ଉପରେ କାମୁଡ଼ାର ଭୟାବହତା ନିର୍ଭର କରେ । ସେଥିପାଇଁ ପ୍ରତ୍ୟେକ ମଣିଷ ସାପକୁ ଅସାଧାରଣ ଦୃଷ୍ଟିରେ ଦେଖିଥାନ୍ତି । ଏହି ଜୀବଠାରେ ବିଶେଷ ବିଚିତ୍ରତା ଦେଖାଯାଏ । ଏହା ମୂକ ଓ ବଧିର ଅଟେ । କିନ୍ତୁ ମାଟି ଉପରେ ଜୋରରେ ପିଟିଲେ ସେ ଇତସ୍ତତଃ ହୋଇ ପଳାଇଯାଏ । ତା'ର ଗୋଡ଼ ନଥାଏ । ଦେହରେ ଢ଼ିରା ଦେଇ ସେ ଗତିକରେ । ତା'ର ଦେହ ଗୋଲାକାର । ଏଥିପାଇଁ ସେ ଶୀଘ୍ର ପଳାଇ ଯାଇପାରେ ନାହିଁ । ତା'ର ଗତି ଘଣ୍ଟାକୁ ତିନି ମାଇଲରୁ ଅଧିକ ହୋଇପାରେ ନାହିଁ । ଚଲାପଥ ନରମ ଥିଲେ ଏମାନଙ୍କ ଗତିବିଧି ଜାଣିହୁଏ । ଟାଣ ମାଟିରେ ଚଲାଚିହ୍ନ ବାରିହୁଏ ନାହିଁ, ନରମ ଓଦା ବାଲିରେ ଜାଣିହୁଏ । ସାଧାରଣତଃ ଯେଉଁ ସାପର ଗତିପଥ ବଙ୍କିଲ ସେ ବିଷଧର ଏବଂ ଯାହାର ଗତି ଅପେକ୍ଷାକୃତ ସରଳ ସେ ଅବିଷାକ୍ତ ବୋଲି ମୋର ଧାରଣା ଏବଂ ଏହି ଧାରଣାରେ ବ୍ୟତିକ୍ରମ ହୋଇପାରେ । ସବୁ ସାପ ଅଣ୍ଡାରୁ ଜନ୍ମ ନିଅନ୍ତି ଓ ସେଥିରୁ ଛୁଆ ହୋଇ ବାହାରକୁ ବାହାରି ଆସନ୍ତି । କିନ୍ତୁ ସ୍ତ୍ରୀ ସାପମାନେ ଅଣ୍ଡାଦିଅନ୍ତି । ଛୁଆ ଅଣ୍ଡାକୁ ଫୁଟାଇ ବାହାରକୁ ଆସେ । ସବୁ ଅଣ୍ଡା ଉପରେ ଏକ ଅଠାଳିଆ ରସ ଥାଏ । ଏହି ରସ ଯୋଗୁଁ ଗୋଟିଏ ଅଣ୍ଡା ଅନ୍ୟ ଅଣ୍ଡା ସହ ଲାଗି ରହିଥାଏ । ଅଧିକାଂଶ ସ୍ଥଳଚର ସାପ କୌଣସି ଗାତରେ କିମ୍ବା ବାଲିତଳେ କିମ୍ବା କୌଣସି ଆବର୍ଜନାଯୁକ୍ତ ସ୍ଥାନମାନଙ୍କରେ ଅଣ୍ଡା ଦିଅନ୍ତି । ଅଣ୍ଡାଗୁଡ଼ିକ ଖରା ତାପରେ ପଡିରହେ ଏବଂ ଏହି ଉତ୍ତାପ ଅଣ୍ଡାକୁ ଇଂକ୍ୟୁବେଟର ଭଳି ଉଷୁମାଇବା ପାଇଁ ବହୁତ ସାହାଯ୍ୟ କରେ । କେତେ ସାପ ନିଜକୁ ଗୋଲାକାର କରି ତା ଭିତରେ ଅଣ୍ଡାକୁ ରଖି ଉତ୍ତାପ ଦିଅନ୍ତି । ଏହି ସମୟରେ ସାପ ଦେହର ତାପମାତ୍ରା ବାହାର

Digitized by PPRACHIN, SOA

ଅପେକ୍ଷା ୧୦୦ଡିଗ୍ରୀ ଅଧିକ ହୋଇଥାଏ ବୋଲି ବିଶାରଦମାନଙ୍କ ମତ। କେତେକ କ୍ୱଚିତ ସାପ ଅଛନ୍ତି ଯେଉଁମାନେ ବାଦୁଡ଼ିଙ୍କ ପରି ସିଧାସଳଖ ଛୁଆ ଜନ୍ମ କରନ୍ତି ।

ଏହି ଜାତୀୟ ସାପ ବା ସରୀସୃପକୁ ଓଭୋଭିପାରସ (ovoviviparous) ଶ୍ରେଣୀୟ ବୋଲାଯାଏ। ଏମାନଙ୍କ ପୁରୁଷ ଓ ସ୍ତ୍ରୀର ମିଳନ ପରେ ପ୍ରଥମେ ଅଣ୍ଡା ତିଆରି ହୋଇ ଯାଇଥାଏ ମା' ଗର୍ଭରେ। ସେ ଅଣ୍ଡା ମା' ଗର୍ଭରୁ ପଦାକୁ ବାହାରି ନଆସି ତାହାରି ଭିତରେ ଉଷୁମ୍ ହୋଇଯାଏ ଏବଂ ଛୁଆ ଫୁଟିଲେ ଛୁଆଗୁଡ଼ିକ ପଦାକୁ ଚାଲି ଆସନ୍ତି। ତେବେ ଯେହେତୁ ସେମାନେ ଅଣ୍ଡାରୁ ଜାତ ଏହି ଶ୍ରେଣୀୟ ଜୀବକୁ ମଧ୍ୟ 'ଅଣ୍ଡଜ' ବୋଲାଯାଇଥାଏ। ଆଉ ଯେଉଁ ପ୍ରାଣୀମାନେ ଗର୍ଭଧାରଣ କରି ସିଧାସଳଖ ଛୁଆ ଦିଅନ୍ତି, ସେମାନଙ୍କୁ 'ଜନ୍ମଜ' କୁହାଯାଏ।

ତେବେ 'ଜନ୍ମଜ' ଓ 'ଅଣ୍ଡଜ' ମଧ୍ୟରେ ପାର୍ଥକ୍ୟ କ'ଣ ? ପାର୍ଥକ୍ୟ ଏହି ଯେ ଗୋଟିଏ ମା' ଗର୍ଭ ଭିତରେ ମା'ଠୁଁ ତା' ଆବଶ୍ୟକ ଖାଦ୍ୟ ସଂଗ୍ରହ କରି ବଢ଼ିଥାଏ ପୂର୍ଣ୍ଣାଙ୍ଗପ୍ରାପ୍ତି ପର୍ଯ୍ୟନ୍ତ ଅନ୍ୟଟି ଅଣ୍ଡା ଖୋଳ ଭିତରେ ରହି ପଦାକୁ ଚାଲି ଆସିଥାଏ ଆଉ ଅଣ୍ଡା ଖୋଳ ଭିତରେ ରହି ସେଥିରେ ଥିବା ପ୍ରକୃତି ପ୍ରଦତ୍ତ ନାଳ ଆଦିରୁ ପୂର୍ଣ୍ଣାଙ୍ଗ ପ୍ରାପ୍ତି ପର୍ଯ୍ୟନ୍ତ ଖାଦ୍ୟ ଖାଇ ବଢ଼ିଥାଏ। ଅଣ୍ଡାପାରିବା ବା ଋତୁସ୍ରାବ ପ୍ରତି ମାଈ ଜୀବର ପ୍ରାକୃତିକ ସ୍ୱଭାବ। ସ୍ତନ୍ୟପାୟୀ ମାତୃଗର୍ଭରେ ସିନା ସୀମିତ ସଂଖ୍ୟାରେ ନବଜୀବ ରହି ପାରିବେ, କିନ୍ତୁ ଯେଉଁଠି ଅସଂଖ୍ୟ ସୃଷ୍ଟିର ଆବଶ୍ୟକତା ରହିଛି, ସେକ୍ଷେତ୍ରରେ ଦେହ ଭିତରେ ଶୁକ୍ରାଣୁ ଓ ଡିମ୍ବାଣୁର ମିଳନ ହୋଇ ମଧ୍ୟ ଋତୁସ୍ରାବ ଆକାରରେ ବାହାରକୁ ଚାଲି ଆସିବାକୁ ବାଧ ହୋଇଥାନ୍ତି ଏବଂ ବାହାରେ ପୂର୍ଣ୍ଣାଙ୍ଗପ୍ରାପ୍ତ ହୋଇ ଜନ୍ମିଥାନ୍ତି। କିନ୍ତୁ ମା' ଶରୀର ଭିତର ଉତ୍ପାଦନ କେନ୍ଦ୍ରରେ ଅଣ୍ଡିରା ଶୁକ୍ରାଣୁ ସହିତ ଭେଟ ନହୋଇ ଯେଉଁ ଅଣ୍ଡା ଋତୁସ୍ରାବରେ ବାହାରକୁ ଆସିଥାଏ ତାକୁ 'ବାଉଆ' କିମ୍ବା 'ବାଁ' ଅଣ୍ଡା ନାମ ଦିଆଯାଇଛି, ଯେଉଁଥିରେ ଜୀବନ ବୀଜ ନଥାଏ ଏବଂ ସେଥିରୁ କେବେ ଛୁଆ ବାହାରି ନଥାଏ ଏବଂ ପରିଶେଷରେ 'କାଞ୍ଜିଆ' ବା ଅନୁର୍ବର ଅଲୋଡ଼ା ଅଣ୍ଡା ଭାବେ ପ୍ରତ୍ୟାଖ୍ୟାତ ହୋଇଥାଏ।

ପ୍ରକୃତରେ ପ୍ରକୃତିର ଲୀଳା ବଡ଼ ବିଚିତ୍ର। ମନେହୁଏ ଏ ସୃଷ୍ଟି ଜଗତଟା ହେଉଛି ତା'ର ଏକ ପରୀକ୍ଷାଗାର। ପ୍ରଥମେ ସୃଷ୍ଟି ଜଗତ ପାଇଁ ଏକକୋଷୀ ଜୀବ ଯଥେଷ୍ଟ ନହେବାରୁ 'ଉନ୍ନତ ଜୀବ'ର ସୃଷ୍ଟି ଏବଂ ସେମାନଙ୍କ ବଂଶବୃଦ୍ଧି ପାଇଁ ଅଣ୍ଡିରା ଓ ମାଈ ଦୁଇ ଶ୍ରେଣୀରେ ବିଭକ୍ତ କରିବା ଜରୁରୀ ହୋଇପଡିଲା। ଉଭୟଙ୍କଠାରେ ଏଭଳି କେତେକ ଯନ୍ତ୍ର ବା ଅଙ୍ଗ ସୃଷ୍ଟି କଲା ଯାହାର ନାମ ହେଲା - କୋଷ,

Digitized by PPRACHIN, SOA

ଅଣ୍ଡକୋଷ, ଲିଙ୍ଗ, ଯୋନି, ଜରାୟୁ, ଡିମ୍ବକୋଷ ଇତ୍ୟାଦି। ପୁରୁଷ ଓ ସ୍ତ୍ରୀଙ୍କ ଜନନେନ୍ଦ୍ରିୟ ଗଠନରେ ପାର୍ଥକ୍ୟଟା ବାହାରକୁ ଯେତେ ଜଣାପଡୁଛି, ପ୍ରକୃତରେ ପାର୍ଥକ୍ୟଟା ସେତେ ନୁହେଁ। ପୁରୁଷ ଦେହରେ ତିଆରି ହେବ 'ଶୁକ୍ରକୀଟ' ବା ଶୁକ୍ରାଣୁ, ସ୍ତ୍ରୀ ଦେହ ଭିତରେ ତିଆରି ହେବ ଡିମ୍ବ ବା ଡିମ୍ବାଣୁ। ଶୁକ୍ରକୀଟ ଯେଉଁଠି ତିଆରି ହେଉଛି, ତାକୁ ଅଣ୍ଡକୋଷ କୁହାଯାଉଛି ଓ ପୁରୁଷ ଦେହର ଅଣ୍ଡକୋଷ ଦୁଇଟି ଗୋଟିଏ ଖୋଳ ଚମଡ଼ା ଭିତରେ ପଶି ବାହାରକୁ ଝୁଲୁଛି ଯଦ୍ୱାରା ସେ 'ଅଣ୍ଡିରା' ବୋଲି ଚିହ୍ନିତ ହେଉଛି। ଠିକ୍ ସେଇ ଧରଣର ଦୁଇଟି ଡିମ୍ବକୋଷ ମାଈଠାରେ ଥିଲେ ମଧ୍ୟ ତାହା ରହିଛି ତା' ଦେହ ଭିତରେ, ବାହାରକୁ ଦେଖାଯାଉ ନାହିଁ। ପୁରୁଷର ଅଣ୍ଡକୋଷ ଦୁଇଟିରୁ ଗୋଟିଏ ଲେଖାଏଁ ନଳୀ ଦେହ ଭିତରକୁ ପ୍ରବେଶ କରିଛି ଓ ସେହି ନଳୀବାଟେ ଶୁକ୍ରକୀଟ ଯାଇ ଲିଙ୍ଗ ବାଟେ ପଦାକୁ ବାହାରି ଆସୁଛି। ସ୍ତ୍ରୀର ଡିମ୍ବକୋଷରୁ ମଧ୍ୟ ନଳୀ ବାହାରି ଆସି ଜରାୟୁ ବା ଗର୍ଭାଶୟ (ovary) ସହିତ ସଂଯୁକ୍ତ ହୋଇଅଛି। ସେହି ନଳୀ ଭିତର ଦେଇ ନାରୀ ଡିମ୍ବାଣୁ ଆସୁଛି ଜରାୟୁ ଆଡକୁ। ଡିମ୍ବାଣୁର ଗତି ପଥରେ ଯଦି ପୁରୁଷର ଶୁକ୍ରାଣୁ ଯାଇ ଭେଟିଲା, ତେବେ ନୂଆ ଜୀବ ସୃଷ୍ଟିର 'ଶୁଭ' ଅନୁଷ୍ଠିତ ହେଲା ଓ ସ୍ତ୍ରୀ ଗର୍ଭାଶୟରେ ରହି ସେ ବଢ଼ିବାକୁ ଲାଗିଲା। ପୁରୁଷ-ସ୍ତ୍ରୀର ସମ୍ଭୋଗ ଏକ ସୃଷ୍ଟିଗଢ଼ା ପ୍ରକ୍ରିୟା, ଉଭୟଙ୍କ ସହଯୋଗିତା ଓ ସମଭୋଗିତାରେ ଗଢ଼ି ଉଠିଥାଏ ଜନ୍ମପ୍ରକ୍ରିୟା। ପୁରୁଷର ଅଣ୍ଡକୋଷରୁ ଓ ସ୍ତ୍ରୀର ଡିମ୍ବକୋଷରୁ ଶୁକ୍ରାଣୁ ଓ ଡିମ୍ବାଣୁ ବାହାରିବା ବ୍ୟତୀତ ଆଉ ଗୋଟିଏ ଗୁରୁତ୍ୱପୂର୍ଣ୍ଣ କ୍ରିୟା ହେଉଛି, ସେହି ଦୁଇଟିରୁ ଯେଉଁ ରସ ଝରି ରକ୍ତରେ ମିଶେ, ସେହି ରସ ଉଭୟଙ୍କଠାରେ ବୟଃପ୍ରାପ୍ତର ଲକ୍ଷଣ ଦେଖାଏ ଏବଂ ତାହା ଜନନେନ୍ଦ୍ରିୟ ଉପରେ ପ୍ରଭାବ ପକାଇଥାଏ, ଯଦ୍ୱାରା ସ୍ତ୍ରୀ-ପୁରୁଷ ପରସ୍ପର ଉତ୍ତେଜିତ ଆକର୍ଷିତ ହୁଅନ୍ତି ନାନ୍ଦନିକ କାମ ପ୍ରବୃତ୍ତି ପାଇଁ ବଂଶବୃଦ୍ଧି ସକାଶେ। କେବଳ ଯଦି ବଂଶବୃଦ୍ଧି ପ୍ରକୃତିର ଲକ୍ଷ୍ୟ, ତେବେ ଜନ୍ମିତ ସଂଖ୍ୟାରେ ପ୍ରାଣୀ ପ୍ରାଣୀ ମଧ୍ୟରେ ଏତେ ପାର୍ଥକ୍ୟ କାହିଁକି ? ଏହାର ମଧ୍ୟ କାରଣ ରହିଛି। ବଂଶ ବଢ଼ାଇବା ପାଇଁ ବା ବଂଶରକ୍ଷା କରିବା ପାଇଁ ଜୀବ ଠାରେ କାମ ପ୍ରବୃତ୍ତି ଜାଗରିତ ହେଲା ପରେ ପ୍ରକୃତି ବ୍ୟବସ୍ଥା କରିଛି ବିଭିନ୍ନ ପରିସ୍ଥିତିରେ ଜୀବଟି କିଭଳି ରକ୍ଷା ପାଇବ। ଯେଉଁ ଜୀବ ଯେତେ ଅଧିକ ଶକ୍ତିଶାଳୀ, ଅର୍ଥାତ୍ ନିଜକୁ ଓ ନିଜ ଛୁଆକୁ ରକ୍ଷା କରିବାକୁ ସମର୍ଥ, ସେହି ଜୀବର ଛୁଆ ସଂଖ୍ୟା ସେହି ଅନୁପାତରେ କମ୍। ମନୁଷ୍ୟ, ଗାଈ, ଘୋଡା, ହାତୀ ଆଦି ଥରକରେ ଗୋଟିଏ ଲେଖାଁ ଛୁଆ ଜନ୍ମ କରନ୍ତି। ସେମାନେ ନିଜର ଛୁଆକୁ ରକ୍ଷା କରିବା ପାଇଁ ନିଜ ଶକ୍ତି ବଳରେ ବା ପରିସ୍ଥିତିର

Digitized by PPRACHIN, SOA

ସାହାଯ୍ୟରେ ସମର୍ଥ। କିନ୍ତୁ ଯେଉଁଠି ଚନ୍ନିତ ଛୁଆଗୁଡ଼ିକୁ ଅନ୍ୟ ଜୀବ ଖାଇଯିବ ବା ପାଣି ପବନର ପ୍ରକୋପରେ ନଷ୍ଟ ହୋଇଯିବ, ସେଠି ଜୀବକୁ ଦିଆଯାଇଛି ଅଧିକ ଛୁଆ। ଯେଉଁଠି ମାଆ ଅଣ୍ଡା ଦେଇ ସାରିଲା ପରେ ବା ଛୁଆ ଜନ୍ମ କରି ସାରିଲା ପରେ ଅନ୍ୟ ଜୀବ ଖାଇଯିବ ବା ପାଣି ପବନରେ ନଷ୍ଟ ହୋଇଯିବ, ସେଠି ଜୀବକୁ ଦିଆଯାଇଛି ଅଧିକ ଛୁଆ। ଆଉ ଜେଉଁଠି ମାଆ ଅଣ୍ଡା ଦେଇ ସାରିଲା ପରେ ବା ଛୁଆ ଜନ୍ମ କରି ସାରିଲା ପରେ ଅନ୍ୟ ଜୀବଙ୍କ ଦୟା ଉପରେ ତିଷ୍ଠିବେ, ସେଠି ପ୍ରକୃତି ଅତି ଅସମ୍ଭବ ସଂଖ୍ୟାରେ ଅଣ୍ଡା ବା ଛୁଆର ବ୍ୟବସ୍ଥା କରିଛି ସେଇ ଜୀବମାନଙ୍କ ପାଇଁ। ଗୋଟାଏ ବେଙ୍ଗପୁଲାରୁ ୧୨ ହଜାର ଛୁଆ ବାହାରି ପଡ଼ୁଛନ୍ତି ତ ଗୋଟିଏ କର୍ଡ ମାଛ ଥରକେ ଛାଡ଼ି ଦେଉଛି ୯୦ ଲକ୍ଷ ଅଣ୍ଡା। ସମୁଦ୍ରରେ ଭାସି ଭାସି ଅନ୍ୟ ଜୀବଙ୍କ ଆହାର ହୋଇ ଓ ପ୍ରାକୃତିକ କାରଣରୁ ମରି ମରି ଯେତିକି ବଞ୍ଚିବେ ସେତକ ମଧ ବହୁ ସଂଖ୍ୟାରେ ରହିବା ଭଳି ବ୍ୟବସ୍ଥା କରି ଦେଇଛି ପ୍ରକୃତି। ସୃଷ୍ଟି ଜଗତରେ ପ୍ରକୃତି ହିଁ ସବୁଠୁଁ ବଡ ମାୟା ରଚନାକାରୀ ଯାହାର ରହସ୍ୟ ଏବେ ମଧ ଦୁର୍ବୋଧ୍ୟ ରହିଛି। ପ୍ରକୃତିର ଲୀଳାଖେଳା ଓ ଉଦ୍ଦେଶ୍ୟର ଅନ୍ତ ନାହିଁ। ସଚରାଚର ଜଗତର ବିସ୍ମୟତା ତଥା ମୋର ଅନୁଭୂତି ଓ ଅଭିଜ୍ଞତା ଏବଂ ଜ୍ଞାନାର୍ଜନ ପାଇଁ କିଛି ପୋଥିଗତ ତଥ୍ୟ ପାଠ କରି ତଦ୍ବାରୁ ଦୂରେଇ ରହି ଭିନ୍ନ ଭାବନାରେ ବୁଡ଼ି ରହେ ରଜନୀର ଅବଶେଷାଂଶ ପର୍ଯ୍ୟନ୍ତ।

କିନ୍ତୁ ମୋ ପାଇଁ ସବୁଠାରୁ ବିସ୍ମୟକର ଘଟଣା ହେଉଛି ରାଣୀ ମହୁମାଛି ଅଣ୍ଡାଦେବା କ୍ଷେତ୍ରରେ। ରାଣୀ ମହୁମାଛି ତା' ଜୀବନରେ ମାତ୍ର ଥରେ ଅଣ୍ଡିରା ମହୁମାଛି ସହିତ ଉଡ଼ିଲାବେଳେ ସଂଗମ କରିଥାଏ। ସେହି ଥରକ ପରେ ଅଣ୍ଡିରା ମହୁମାଛି ଭୂଇଁରେ ପଡ଼ି ମରିଯାଇଥାଏ, କିନ୍ତୁ ରାଣୀ ମହୁମାଛି ତା' ଜୀବନ ତମାମ ନିଜ ଇଛାମତେ ଅଣ୍ଡା ଦେଇ ଚାଲିଥାଏ। ଆହୁରି ବଡ଼ ବିଚିତ୍ର କଥା, ସେ ଇଚ୍ଛା ଅନୁସାରେ ଏମିତିକା ଅଣ୍ଡାଦେବ ଯେ ମାଈ ଅଣ୍ଡିରା ଓ କ୍ଲୀବ (ସୈନିକ) ମହୁମାଛି ଠିକ୍ ବରାଦ ମତେ ବାହାରିବେ। ତେଣୁ ରାଣୀ ମହୁମାଛିକୁ ଯଥାର୍ଥରେ ଇଛାମତୀ ବୋଲା ଯାଇଥାଏ। ମଣିଷ ତା' ବସା ଭିତର ମହୁଫେଣାରୁ ମହୁ ସଂଗ୍ରହ କଲା ପରେ ଖାଲିପଡ଼ିଥିବା ଫେଣା ମାନଙ୍କରେ ପୁନଶ୍ଚ ଅଣ୍ଡାରେ ଭର୍ତ୍ତି କରି ଦିଏ, ଯେମିତି ଜଗତକୁ ମଧୁମୟ କରିବା ତା ଜୀବନର ବ୍ରତ। ତେଣୁ କେହି କେହି ରାଣୀ ମହୁମାଛିକୁ ତା'ର ଭିନ୍ନତା ଓ ସ୍ୱତନ୍ତତା ଦୃଷ୍ଟିରୁ 'ସ୍ୱର୍ଗୀୟ କୀଟ' ଆଖ୍ୟା ମଧ ଦେଇଥାନ୍ତି। ଏଥିପାଇଁ ମୋ ସତ୍ୟ ଉଦ୍ୟାନରେ/ସତ୍ୟାଶ୍ରମରେ ରଖିଛି ଅନେକ ମହୁମାଛି ବାକ୍ସ ଏବଂ ବିଜ୍ଞାପିତ ବୋର୍ଡରେ ଲେଖିଛି -

Digitized by PPRACHIN, SOA

"ସ୍ୱର୍ଗୀୟ କୀଟ ତୁହି ନାହିଁ ତୋ'ର ତୁଳନା,
ଧରାଧାମରେ ତୁ ତ ଇଚ୍ଛାମତୀ
ନାହିଁ ତୋର କଳନା।"

ଏବଂ

ଆଶ୍ରମରେ କେତୋଟି ରାଜହଂସ ମଧ ପାଳିଛି ଯାହାର ବସା ବାହାରେ ବିଜ୍ଞାପିତ କରି ଲେଖିଛି ଜଣେ ବିଶିଷ୍ଟ ଓଡ଼ିଆ କବିଙ୍କର ସୁନ୍ଦର ଉଦ୍ଧୃତାଂଶ -

"ଯା'ରେ ସାରସ ପକ୍ଷୀ ଲଘି ପାରାବାର,
ତୋ ଲାଗି ନୁହଇ ନର ନିଷାଦ ସଂସାର।"

ସତ୍ୟାଶ୍ରମରେ ଲେଖକଙ୍କ ହାତରୁ ରାଜହଂସମାନେ ଖାଦ୍ୟ ଖାଉଥିବାର ଦୃଶ୍ୟ

◆◆◆

Digitized by PPRACHIN, SOA

- ୧୧ -

ମୋ ସ୍ୱର୍ଗତ ପିତା ବାଞ୍ଛାନିଧି ମହାପାତ୍ର ମୁଁ ବାଙ୍କୀ ଚର୍ଚ୍ଚିକା ମାଇନର ସ୍କୁଲରେ ପଢୁଥିବା ବେଳେ ହଳଦୀଗଣ୍ଡିଆ ମସ୍ତବଡ଼ ଡାମଣା ସାପ ଆମ ଗାଈ ଗୁହାଳରେ 'କମଳା' ଗାଈ ପଛ୍ୱାରୁ କ୍ଷୀର ପିଉଥିବାର ଦୃଶ୍ୟ ଦେଖି ଅବାକ୍ ହୋଇଯାଇଥିଲେ। ମୁଁ ମଧ୍ୟ ତାଙ୍କ ତୁଣ୍ଡରୁ ଡମଣା ସାପର କାହାଣୀ ଶୁଣି ତଟସ୍ଥ ହୋଇଯାଇଥିଲି। ମୋ ଦେବତୁଲ୍ୟ ବାପାଙ୍କ ବିଷୟରେ ଏଇଠି ପଦେ ନକହି ରହି ପାରୁନାହିଁ -

ସାଂସାରିକ ଜୀବନ ଭିତରେ ଅଞ୍ଚଳର ସେ ଜଣେ ଧାର୍ମିକ ସାଧୁ-ପୁରୁଷ ବୋଲି ବୋଲାଯାନ୍ତି। ଅହଂବର୍ଜିତ, ଅମାୟିକ ଓ ସରଳ। ତାଙ୍କର ଆରାଧ୍ୟ ଦେବତୀ ବାଙ୍କୀର ଅଧିଷ୍ଠାତ୍ରୀ ଦେବୀ ମା' ଚର୍ଚ୍ଚିକା। ବନ୍ୟା ବାତ୍ୟାଦି ଯେତେବଡ଼ ପ୍ରାକୃତିକ ବିପର୍ଯ୍ୟୟ ହେଲେ ହେଁ ରାତିରେ ଲଣ୍ଠନ ଧରି ମା' ଚର୍ଚ୍ଚିକା ଠାକୁରାଣୀ ଦର୍ଶନ କରିବା ନିଶ୍ଚିତ କଥା, ଜଗତ ପ୍ରଳୟ ହୋଇଗଲେ ମଧ୍ୟ। ବାଙ୍କୀ ହାଟ ବନ୍ୟାଜଳରେ ଉବୁଟୁବୁ ହେଉଥିଲା ବେଳେ ବେକେ ପାଣିରେ ମୁଣ୍ଡରେ ଲଣ୍ଠନ ଓ ଫୁଲ ଚାଙ୍ଗୁଡ଼ି ରଖି ସେ ମନ୍ଦିରରେ ଉପସ୍ଥିତ ହେବା ସୁନିଶ୍ଚିତ। ସେ ନପହଞ୍ଚି ପାରିଲେ ରାତିଧୂପ ବିଳମ୍ବିତ ହୋଇଥାଏ। ସେଠାରେ ସେ ମା'ଙ୍କ ସ୍ତୁତି ଗାଇ କୁଆଡେ କଥାବାର୍ତ୍ତା କରନ୍ତି। ଘରର ସବୁ ଭଲ ମନ୍ଦ କଥା ଜଣାନ୍ତି। ସେ ଏତେ ସରଳ, ବିମଳ ଓ ଈଶ୍ୱରବିଶ୍ୱାସୀ ଯେ ତାଙ୍କର ଗୋଟିଏ ରହସ୍ୟପୂର୍ଣ୍ଣ ବିସ୍ମୟକର ଘଟଣାଟିଏ ମନେ ପଡୁଛି:

ମୋ ଉପର ଭାଇ ପ୍ରିୟନାଥ କୃଷି ବିଜ୍ଞାନରେ ଜଣେ ସ୍ନାତକୋତ୍ତର ଡିଗ୍ରୀଧାରୀ ଶିକ୍ଷିତ ଯୁବକ। ତାଙ୍କର ବିବାହ ପାଇଁ ବିଭିନ୍ନ ସ୍ଥାନରୁ ପ୍ରସ୍ତାବ ଆସୁଥାଏ। ଖୋର୍ଦ୍ଧା ବଘେଇଟାଙ୍ଗୀ ଗ୍ରାମର ଗୋଟିଏ କନ୍ୟା ମୋ ବୋଉର ପସନ୍ଦ ହେଲା। କନ୍ୟା ପକ୍ଷ କଥାବାର୍ତ୍ତା କରିବାକୁ ଆମ ଘରକୁ ଆସିଲେ। କିନ୍ତୁ କନ୍ୟାକୁ ପୁଅ ଦେଖିବା କଥା। ତା'ପରେ ଯାଇଁ ବାହାଘର କଥାବାର୍ତ୍ତା। କେବେ ପୁଅ କନ୍ୟାକୁ ଦେଖିବ ? ବାପା କହିଲେ, ଆଜି ରବିବାର, ଦୁଇ ଦିନ ପରେ ଅର୍ଥାତ୍ ମଙ୍ଗଳବାର ଦିନ ଧାର୍ଯ୍ୟ ହେଲା। ସମସ୍ତେ ନେତ୍ର ବିସ୍ତାରିତ କଲେ। ପୁଅ ତ ବର୍ତ୍ତମାନ ଓଡ଼ିଶାରେ ନାହିଁ, ନାଗପୁରରେ।

Digitized by PPRACHIN, SOA

କୃଷି ବିଭାଗୀୟ କୌଣସି ବିଷୟରେ ତିନି ମାସ ପାଇଁ ଟ୍ରେନିଂରେ ଯାଇଛି ନାଗପୁର। ନାଗପୁର ମଧ୍ୟପ୍ରଦେଶରେ, ବହୁ ଦୂରବାଟ। ରେଳରେ ଭୁବନେଶ୍ୱର ଆସିବାକୁ ତିନି ଦିନ ଲାଗିବ। ପୁଣି ଯୋଗାଯୋଗ ହେବ କିପରି ? ଟେଲିଗ୍ରାମ୍ ପହଞ୍ଚିବାକୁ ଗୋଟିଏ ବା ଦୁଇ ଦିନ। ଆଜି ରବିବାର। ଡାକଘର ଛୁଟିଦିନ। ସମସ୍ତେ ମୋ ବୋଉ ସହିତ ବାପାଙ୍କ କଥାକୁ ହାଲୁକା ଭାବେ ଫୁ କିନି ଉଡାଇ ଦେଲେ, କିଛି ଗୁରୁତ୍ୱ ଦେଲେ ନାହିଁ। କହିଲେ, ବାବାଜିଆ ଲୋକ, ସେ କ'ଣ ସଂସାରର ଜଟିଳତା, ବାସ୍ତବତା ବୁଝିବେ ? ସେ ଦିନ ରାତିରେ ଚର୍ଚ୍ଚିକା ଠାକୁରାଣୀଙ୍କ ପୂଜା ସାରି ପହଡ଼ ପରେ ଘରକୁ ଆସି ମୋ ବୋଉକୁ କହିଲେ - ଡମି ବୋଉ, (ମୋ ବଡ ଭଉଣୀର ଶ୍ରଦ୍ଧା ନାମ ଡମି) ମୁଁ ଟେଲିଗ୍ରାମ କରି ଦେଇଛି। ମୋ ବୋଉ ହସିଲା। କହିଲା - ସୋମ ବାପା (ମୋ ବଡ ଭାଇଙ୍କ ନାମ ସୋମ) ତମର ଏ ପାଗଳାମି କେବେ ଛାଡିବ ?

ଆମର ଜମିଦାରୀ ଥାଏ। ହଳିଆ, ମୂଲିଆ, ଚାକର ବାକର ନିଯୁକ୍ତ ଥା'ନ୍ତି। ଘରର ସବୁକଥା ଏପରିକି ଆମ ପାଠପଢ଼ା, ଝିଅ ବାହାଘର, ଜମିବାଡ଼ି ବ୍ୟାପାର ମୋ ବୋଉ ଖୁବ୍ ଦକ୍ଷତାର ସହିତ ସମ୍ଭାଳେ। ସଂସାର ଦାୟିତ୍ୱ ତା ମୁଣ୍ଡରେ।

ମାତୃତ୍ୱ ଓ ଆଦର୍ଶର ମୂର୍ତ୍ତିମତୀ ପ୍ରତୀକ ମୋ ବୋଉ ସ୍ୱର୍ଗତ ରଂଜନା ମହାପାତ୍ର। ତା'ର ବାତ୍ସଲ୍ୟ ସ୍ନେହ ସହିତ ପାରିବାରିକ ଶାସନ ଶୃଙ୍ଖଳା ଓ ସତ୍ୟପ୍ରିୟତା କ୍ୱଚିତ୍ ଦେଖିବାକୁ ମିଳେ ସମାଜରେ। ମାତାପିତାଙ୍କ କୋଳପୋଛା ପୁଅ ମୁଁ। ମୋ ଉପର ଦୁଇଭାଇ ସୋମନାଥ ଓ ପ୍ରିୟନାଥ ଖୁବ୍ ଭଲ ପାଠ ପଢନ୍ତି। ମୁଁ କିନ୍ତୁ ସେମାନଙ୍କ ସମକକ୍ଷ ନୁହେଁ, ପାଠପଢାରେ ଊଣା। ଯେଉଁ ବୟସରେ ବହି ବସ୍ତାନି ସହିତ ମିତ ବସିବାର ବେଳ, ସେହି କୈଶୋର କାଳରେ ମୋର ବାତ୍ସଲ୍ୟଜନିତ ଚଗଲାମି ଆଉ ଦୁଷ୍ଟାମି ଏମିତି ବଢ଼ି ଯାଇଥିଲା ଯେ ସେଥିପାଇଁ ମୋ ବୋଉ ଚିନ୍ତିତ ଅସନ୍ତୁଷ୍ଟ ଥାଏ। ପ୍ରତିଦିନ ପ୍ରଭାତ ଓ ସନ୍ଧ୍ୟାରେ ପ୍ରାର୍ଥନା ପରେ ପରେ ପାଠପଢ଼ାରେ ବସିବା ସୁନିଶ୍ଚିତ। ଏଥିରେ ଟିକିଏ ବ୍ୟତିକ୍ରମ ହେଲେ ବ୍ୟତିକ୍ରମର ପରିମାଣକୁ ନେଇ ଶାସନ ଦଣ୍ଡ- କାନମୋଡ଼ା, ଏକଗୋଡ଼ିଆ ଠିଆ, ଆଣ୍ଠୁଆ ଅଥବା ବେତମାଡ଼। ମୋ ବଡ଼ଭାଇଦ୍ୱୟ କେବେ ଦଣ୍ଡିତ ହେବାର ନଜିର ନାହିଁ। ମୁଁ କିନ୍ତୁ ତା' କଡ଼ା ଶାସନରେ ଅନେକ ଥର ଶିକାର ହୋଇଛି। ଥରେ ଗ୍ରୀଷ୍ମକାଳ ସ୍କୁଲ ଛୁଟି ଦିବସର ଦ୍ୱି'ପ୍ରହର ବେଳରେ ଆମ ସାଇ ସାଙ୍ଗମାନଙ୍କ ସହିତ ନଦୀବନ୍ଧପାର୍ଶ୍ୱ ଫସଲ ଜମିରୁ ଆମେ ପେଟେ କାକୁଡ଼ି, ତରଭୁଜ ଖାଇଲୁ ଏବଂ ପ୍ରତ୍ୟେକେ ଛୋଟ ଛୋଟ କଖାରୁ ଧରି ନିଜ ନିଜ ଘରକୁ ଫେରିଲୁ। ବୋଉ ସେତେବେଳେ ଘରେ ନଥାଏ, ଯାଇଥିଲା ତାଙ୍କ 'ରାମକୃଷ୍ଣ' ଗୁରୁ ଭଗବାନ ମିଶ୍ରଙ୍କ ପାଖକୁ। ସେ ମଧ୍ୟ ରାମକୃଷ୍ଣ ମଠର ଭଲମନ୍ଦ ବୁଝାବୁଝି କରିଥାଏ।

Digitized by PPRACHIN, SOA

ଘରକୁ ଆସି ଦେଖେ ଛୋଟ କଖାରୁଟିଏ ରୋଷେଇ ଶାଳରେ ଥୁଆ ହୋଇଛି।
'ଏ କଖାରୁ କିଏ ଆଣିଛି ?'- ବୋଉର ଚ୍ଚେରା ଓ ନାଲିଆଖି।
ମୁଁ ଡରି ଡରି କହିଲି- 'ମୁଁ।'
'କେଉଁଠୁ ଆଣିଲୁ ?'
'ବନ୍ଧତଳ ପଧାନପଡ଼ା ବାଡ଼ିରୁ।'
'ତାହାଲେ ଚୋରି କରିଛୁ ଅନ୍ଧ ସନେଇ ବାଡ଼ିରୁ ?'
'ସେଟା ତ ଆମ ଜମି। ସନେଇ ସଞ୍ଜାକୁ ନେଇଛି।'
'ସେ କ'ଣ ଆମଠୁଁ ମାଗଣାରେ ନେଇଛି ? ଆମ ଜମି ହେଲେ ମଧ ଫସଲର ମାଲିକ ସନେଇ। ଅର୍ଥାତ୍ ତାକୁ ନକହି ଚୋରି କରିଛୁ ନିଶ୍ଚୟ। ଏଠା ବାଲୁଙ୍ଗା ପିଲାଙ୍କ ସହିତ ପଡ଼ି ପାଠ ପଢୁ ନାହୁଁ। ଶେଷକୁ ଚୋର ବନିଲୁ ?'

ବୋଉକୁ ଆଉ ସମ୍ଭାଳେ କିଏ ? ଦୁଇ ହାତିଆ ଶୁଖିଲା ବାଉଁଶ ଫାଳିଆ ଆଣି ଗୋଡ଼ଠୁଁ ମୁଣ୍ଡଯାଏଁ ପିଟିଗଲା ଯେ ମୁଁ ବେହୋସ ହୋଇଗଲା ଭଳି ଅବସ୍ଥା। ହଳିଆ ଜଗା, ଭୀମା ଯେତେ ପାଟିକଲେ ବି ସେ ଶୁଣିଲା ନାହିଁ। ଫାଳ ବାଉଁଶର ଧାର ଥୋଡ଼ିରେ ପଶିଯିବା ଦ୍ୱାରା ସେଥିରୁ ରକ୍ତ ବୋହିଲା ଝର ଝର। ସେ ଆଖିରେ ଲୁହ ଧରି ଦୌଡିଲା ଖଞ୍ଜାର ଶୋଇବା ଘରକୁ କନା, ତୁଳା, ଆୟୋଡିନ୍ ଆଣିବା ପାଇଁ। ଏତିକିବେଳେ ମୁଁ ଭୂଇଁରୁ ଉଠି କାନ୍ଦି କାନ୍ଦି ପଛ ବାଡ଼ିପଟେ ବାହାରକୁ ଦୌଡି ପଳାଇଲି ଏବଂ ରାତି ପର୍ଯ୍ୟନ୍ତ ନଦୀକୂଳ ଡିମିରିଗଛ ମୂଳରେ ବସି ରହିଲି। ଦେହର ଗଞ୍ଜି ଓ ହ୍ୟାପ୍ ପ୍ୟାଣ୍ଟ ରକ୍ତରେ ତିନ୍ତି ଶୁଖିଯାଇଥିଲା। ମାତୃମନ ଥୟ ଧରି ରହିପାରୁଛି କେଉଁଠି ? ଗୁମାସ୍ତା, ହଳିଆ, ଟହଲିଆମାନଙ୍କୁ ନେଇ ନାଁ ଡାକି ଡାକି ଖୋଜିଲା ଓ ଶେଷରେ ମୋତେ ପାଇ କୁଣ୍ଢାଇ କୋଳେଇ ବହେ ବାହୁନି କନ୍ଦିଲା। ମନେହେଲା ମହାନଦୀର ସବୁ ଜଳତକ ତା ଆଖି ଦେଇ ଯେମିତି ପ୍ରବାହିତ ହେଉଥିଲା। ମୋତେ ଛାତିରେ ଜାକି ଧରି ସେଇମିତି କାନ୍ଦି ଚାଲିଲା। ଗୁମାସ୍ତା ନରହରି, ଜଗା, ଭୀମା ବୋଉକୁ ବହୁତ ବୁଝାଇଲେ। ପିଲା ଲୋକ, ବୁଦ୍ଧି ଆସିନାହିଁ। ଏମିତି ପିଲାଙ୍କୁ ମାରନ୍ତି ନାହିଁ ମା'। ବୋଉ ଆଖିରୁ ଅଶ୍ରୁଧାର କମି ନଥିଲା। ରାତିରେ ସନେଇକୁ ଡକାହେଲା ଘରକୁ। 'ତୁମ ବିଲରୁ ମୋ ସାନ ପୁଅ କଖାରୁ ଚୋରି କରିଛି। ତମେ ଗରିବ ଲୋକ। ପରିଶ୍ରମ କରି ଫସଲ ଉପୁଜାଉଛ। ଛୋଟ ପିଲା। ଯେତେ ଶିକ୍ଷା ଦେଲେ, ତା' ଚଗଲାପଣ କମୁ ନାହିଁ।'

ଅନ୍ଧ ସନେଇ କହିଲା- 'ନା ମା', ବାବୁପୁଅ ଆଉ କେତେଜଣ ପିଲା ସାଙ୍ଗ ହୋଇ କାକୁଡି ତରଭୁଜ ଆଉ ଗୋଟେ ଗୋଟେ କଖାରୁ ନେବାକଥା ମୋ କାନକୁ

Digitized by PPRACHIN, SOA

ଆସିଛି । ମା' ସେ କ'ଣ ଆମ ପୁଅ ନୁହଁ ? ଏ ଜମିତ ତମର । ତମ ଜମି ଆମେ ଚାଷ କରି ପିଲା କୁଟୁମ୍ବ ପୋଷୁଛୁ । ମା' ମୁଁ ଗୁହାରି କରୁଛି, ତାକୁ ଆଉ ମାରିବ ନାହିଁ। ଆମକୁ କଷ୍ଟ ହେଉଛି ।'

ସତେଇର ଆଶ୍ୱାସନା ବାଣୀ ବୋଉକୁ ସନ୍ତୁଷ୍ଟ କରି ପାରିଲା ନାହିଁ । ବୋଉ ମୋତେ ତା' ସାମ୍ନାକୁ ଆଣିଲା ଏବଂ ତାକୁ କ୍ଷମା ମାଗିବାକୁ କହିଲା । ସୁବୋଧ ବାଳକଟିଏ ପରି ମୁଁ ତା' ହାତ ଧରି କ୍ଷମା ମାଗିଲି । କଖାରୁଟିକୁ ଘରେ ନରଖି ବୋଉ ସନେଇ ହାତରେ 'ରାମକୃଷ୍ଣ' ମଠକୁ ପଠାଇ ଦେଲା ।

ତା'ପରଠୁଁ ମୁଁ ବାଙ୍କୀରେ ଆଉ ପାଠ ପଢିବା ନୋହିଲା । ନୂଆ ରାଜଧାନୀ ଭୁବନେଶ୍ୱରକୁ ଆସି ପଡ଼ିଲି । ଏକ ପରିବର୍ତ୍ତନର ସ୍ୱର ଚେଇଁ ଉଠିଲା ମୋ ମନ ଭିତରେ । ପାଠ ପଢିବାର ଝୁଙ୍କ କ୍ରମଶଃ ବଳବତ୍ତର ହେବାକୁ ଲାଗିଲା । ତା'ପରେ ଛାତ୍ର ଜୀବନରେ ଆଉ ଦ୍ୱିତୀୟ ହେବାର ପ୍ରଶ୍ନ ଇ ଉଠିନାହିଁ । ଆଜି ମୁଁ ସମାଜରେ ମଣିଷଟିଏ ହୋଇ ଛିଡ଼ା ହୋଇ ପାରିଛି କେବଳ ମୋ ଦେବ ପ୍ରତିମା ବୋଉର ଶାସନ, ଶୃଙ୍ଖଳା ଓ ଆଶୀର୍ବାଦରୁ । ମାତାପିତାଙ୍କ ଜୀବନାଦର୍ଶର ପ୍ରଭାବ ସନ୍ତାନ ସନ୍ତତିମାନଙ୍କ ଦେହରେ ଛାପି ହୋଇ ରହିବା ସ୍ୱାଭାବିକ । ଏବେ ମୁଁ କ୍ଷିଅର ହେଲାବେଳେ ମୋ ଥୋଡ଼ିରେ ମାଡ଼ ଚିହ୍ନଟି ଦର୍ପଣରେ ଦେଖି ବୋଉର ମୁହଁର ଛବି ଦିଶିଯାଏ, ଆଖି ଲୋତକାର୍ଦ୍ର ହୋଇଉଠେ । ତା'ର ଦୁଃଖଦ ଦେହାନ୍ତ ପରେ ବାଙ୍କୀର ସ୍ୱର୍ଗତ ବିଧାୟକ ଗୋକୁଳାନନ୍ଦ ପ୍ରହରାଜଙ୍କ 'ଚିନ୍ତା ଚେତନା' ସାମାଜିକ ସାଂସ୍କୃତିକ ଅନୁଷ୍ଠାନ ତରଫରୁ ମୋ ବୋଉ ରଂଜନା ମହାପାତ୍ରଙ୍କୁ ସମାଜସେବିକା ନାରୀନେତ୍ରୀ ଭାବେ ପ୍ରଦତ୍ତ ମରଣୋତ୍ତର ପୁରସ୍କାର ଓ ମାନପତ୍ର ମୁଁ ଗ୍ରହଣ କଲାବେଳେ ବୋଉର ଅବଦାନକୁ ସ୍ମରଣ କରି କାନ୍ଦି ପକାଇଥିଲି । ଏପରି ନିଃସ୍ୱାର୍ଥପର ଆଦର୍ଶ ପରୋପକାରୀ ସମାଜସେବିକା ନାରୀ ଚରିତ୍ରଟିଏ ଆଜିକାଲି ଯୁଗରେ ବିରଳ ।

ଆସିବି ଏଥର ମୋ ପ୍ରିୟ ଭାଇଙ୍କ ପାତ୍ରୀଦେଖା ଘଟଣାକୁ । ମଙ୍ଗଳବାର । ମୋ ଭାଇ ପ୍ରିୟନାଥ ଭୁବନେଶ୍ୱର-ବାଙ୍କୀ ବସ୍‌ରୁ ଓହ୍ଲାଇଲେ । ସମସ୍ତେ ଅତ୍ୟାଶ୍ଚର୍ଯ୍ୟ ହୋଇଗଲେ । ଭାଇ କହିଲେ, ନାଗପୁର ଟ୍ରେନିଂରେ କୃଷି ସମ୍ବନ୍ଧୀୟ କିଛି ତଥ୍ୟ ଓ କାଗଜ ନେଇ କୃଷି ମହାବିଦ୍ୟାଳୟ, ଭୁବନେଶ୍ୱରକୁ ସରକାରୀ କାମରେ ଆସିବାକୁ ପଡ଼ିଲା । ଭୁବନେଶ୍ୱର ଆସି ଗାଁକୁ ଆସିବିନି କେମିତି ? ବାପା ବୋଉଙ୍କୁ ଟିକିଏ ଦେଖିଦେଇ ପୁଣି କାଲି ଫେରିଯିବି ନାଗପୁର । ଏହିପରି ମା' ଚର୍ଚ୍ଚିକାଙ୍କ ଉପରେ ବାପାଙ୍କ ଆସ୍ଥା, ଭରସା । ସବୁବେଳେ ମା' ମା' ବୋଲି ତାଙ୍କ ତୁଣ୍ଡରୁ ଶୁଣାଯାଏ । ଦିନରାତି ମା'ଙ୍କ ସହିତ ମନକୁ ମନ ଭୁଟୁଭୁଟୁ ହୋଇ କଅଣ କଥାବାର୍ତ୍ତା କରନ୍ତି, ମନ୍ଦିର ଚୂଡ଼ାକୁ

Digitized by PPRACHIN, SOA

ଚାହିଁ କଅଣ ସବୁ କହନ୍ତି। ଗାଁର ପିଲାମାନେ ତାଙ୍କୁ ପାଗଳ ଅଜା ବୋଲି ଥଟ୍ଟାରେ ଡାକନ୍ତି। ମୁହଁରେ ସର୍ବଦା ଦେବଦେବୀଙ୍କ ଜଣାଣ, ଜଗନ୍ନାଥ ଭଜନ, ରାମରାମ ସ୍ୱର ଉଚ୍ଚାରିତ ହେଉଥାଏ। ବାଙ୍କୀକୁ କୌଣସି ସାଧୁ ସନ୍ଥ, ବାବାଜୀ କୀର୍ତ୍ତନିଆ ଦଳ ଆସିଲେ ସେଇମାନଙ୍କ ସହିତ ମାତିଥାନ୍ତି, ମଜ୍ଜିଥାନ୍ତି। କୌଣସି ଅଭ୍ୟାଗତ, ଭିକାରୀ, ଦୁଃଖୀ ରଙ୍କି ଆସିଲେ କେବେ ଖାଲି ହାତରେ ଫେରନ୍ତି ନାହିଁ, ଇତ୍ୟାଦି ।

ଅତ୍ୟନ୍ତ ଗୋ ପ୍ରିୟ ମୋ ବାପା। ଆମ ଗୁହାଳରେ ଗୋଠେ ଗାଈଥାନ୍ତି। ଚାଷବାସ ପାଇଁ ବଳଦ ମଧ୍ୟ। ପ୍ରତ୍ୟେକ ଗାଈ ବାଛୁରୀ ବଳଦଙ୍କ ଯତ୍ନ ନିଅନ୍ତି। କାହା ଗୋଡ଼ରେ ଫାଟୁଆ ରୋଗ ହେଲେ କି କିଏ ଛେରି ହେଲେ ତାଙ୍କ ହାଲକ ଶୁଖିଯାଏ। ଖାଇବା ପିଇବା ଭୁଲିଯାଇ ସେମାନଙ୍କୁ ଚିକିତ୍ସା କରନ୍ତି। ପଶୁ ଡାକ୍ତରଙ୍କୁ ବସେଇ ଉଠେଇ ଦିଅନ୍ତି ନାହିଁ। ଦିନରେ ଗାଈଆଳ ଗୋଠ ନେଇ ମୁଣ୍ଡିଆ ଆଡକୁ ଚରାଇବାକୁ ନେଇଯାଏ। ଗୋଧୂଳିରେ ଗୁହାଳକୁ ଫେରିଲା ପରେ ତାଙ୍କ କାମ ଆରମ୍ଭ ହୁଏ। ପ୍ରତ୍ୟେକଙ୍କୁ କୁଣ୍ଡା, କୁଲୁଚି, ବୋତା, ଚୋକଡ ପାଣି ତୋରାଣି, ପାଳନଡ଼ା, କୁଟା ଉଦ୍ଦିଷ୍ଟ କୁଣ୍ଡମାନଙ୍କରେ ଦିଅନ୍ତି। ସେମାନଙ୍କୁ ଆଉଁଶା ଆଉଁଶି କରି ଦେହରୁ ଟିଙ୍କ ବାଛନ୍ତି। ସେମାନେ ଶାନ୍ତିରେ ଶୋଇଲା ପର୍ଯ୍ୟନ୍ତ ଜଗିଥାନ୍ତି ଯେମିତି ଗୁହାଳଟା ତାଙ୍କ ମନ୍ଦିର। ଲଣ୍ଠନ କେତୋଟି ବାଉରେ ଝୁଲୁଥାଏ। ରାତିସାରା ଗୁହାଳରେ ଘଷି ଧୂଆଁ ଦେଉଥାନ୍ତି ମଶା ଡାଆଁଶମାନଙ୍କୁ ଘଉଡାଇବା ପାଇଁ। ଏମିତି ପ୍ରାୟ ଦିନେ ଦିନେ ରାତି ପାହିଯାଏ। ସକାଳେ ଗାଈ ଦୁହାଁ କାମ ଆରମ୍ଭ ହୁଏ। ତା ପୂର୍ବରୁ ସେ ନିଜେ ଗୁହାଳ ସଫା କରନ୍ତି। ଚାକର କିଙ୍କର ମୂଲିଆମାନଙ୍କୁ ସେ ଗୁହାଳ ପୋଛାପୋଛି ସଫେଇ କାମ କରିବାକୁ ଦିଅନ୍ତି ନାହିଁ। କହନ୍ତି, ଗାଈ ଦେହରେ ୩୩ କୋଟି ଦେବତା ବାସ କରନ୍ତି। ଗାଈକୁ ମା' ବୋଲି ସମ୍ବୋଧନ କରନ୍ତି। ଗୋ ସେବା କଲାବେଳେ ଏବଂ ସବୁବେଳେ ଧେନୁ ପୂଜନର ଶ୍ଳୋକ ଗାଉଥାନ୍ତି -

ଗୋମାତା ସର୍ବାରାଧ୍ୟା ସକଳ ସୁରଗଣାଃ
ଦିବ୍ୟନ୍ତେଽପି ସର୍ବାଙ୍ଗେ ॥
ସେବାୟାଂ ସର୍ବସିଦ୍ଧି ଭବତି ଚ ଲୋକାନାଂ
ସଂପୂର୍ଣ୍ଣା ଚାଭିଳାଷାଃ ॥
ଧର୍ମାର୍ଥକାମ ମୋକ୍ଷ ତସ୍ୟା କୃପାବଲାୟାତ୍
ସର୍ବ ସୌଖ୍ୟଂ ଚ ଲବ୍ଧମ୍।
ତସ୍ମାନ୍ନିତ୍ୟ ପୁଂସଃ ସୁପ୍ରସନ୍ନ ମନସା
ଧ୍ୟାୟେତ୍ କଲ୍ୟାଣଦାତ୍ରୀମ୍ ॥

Digitized by PPRACHIN, SOA

ବାପା ଏହାର ଆକ୍ଷରିକ ସରଳାର୍ଥ ଆମକୁ ବୁଝାନ୍ତି - ଗୋମାତା ସମସ୍ତଙ୍କର ପୂଜନୀୟ ଅଟନ୍ତି। ତାଙ୍କର ସର୍ବାଙ୍ଗରେ ସମସ୍ତ ଦେବତା ବାସ କରନ୍ତି। ତାଙ୍କୁ ସେବା କରିବା ଦ୍ୱାରା ଲୋକମାନଙ୍କର ସର୍ବସିଦ୍ଧି ହୋଇଥାଏ। ଧର୍ମ-ଅର୍ଥ-କାମ-ମୋକ୍ଷ ତାଙ୍କ କୃପା ଦ୍ୱାରା ପ୍ରାପ୍ତ ହୋଇଥାଏ। ସମସ୍ତ ସୁଖ ମିଳିଥାଏ। ତେଣୁ ପୁରୁଷ ପ୍ରତିଦିନ କଲ୍ୟାଣଦାତ୍ରୀ ଗୋମାତାଙ୍କୁ ଆରାଧନା କରିବା ଉଚିତ।

ଦୋଳପୂର୍ଣ୍ଣିମା ପୂର୍ବଦିନ ଗାଈଗାଧୁଆ ପର୍ବରେ ଆମ ଘରେ ଏକ ସାମାଜିକ ପର୍ବ ପାଳନ ହେଉଥିଲା ଭଳି ଲାଗେ। ଗୋ ଧର୍ମ ତାଙ୍କର କର୍ମ। ଏଭଳି ଲୋକଙ୍କୁ ସମୟ କେଉଁଠି ଅଣ୍ଟିବ? ସୂର୍ଯ୍ୟ ମୁଣ୍ଡ ଉପରକୁ ଉଠିବା ପର୍ଯ୍ୟନ୍ତ ତାଙ୍କ କାମ ଲାଗିଥାଏ। ବିଶ୍ରାମ ଟିକିଏ ନଥାଏ। କେତେବେଳେ କ୍ଳାନ୍ତ ଲାଗିଲେ, ବିଶ୍ରାମ ଲୋଡ଼ା ପଡିଲେ, ଗୋ ଗୃହରେ ପଡ଼ିଥିବା ପଟାଖଟରେ ମେଣ୍ଢାଇ ନିଅନ୍ତି। ହୁଏତ ସେଇ ପଟା ଖଟଟି ତାଙ୍କର ଶୟନ କକ୍ଷ ବୋଲାଯାଇପାରେ। ହଁ, ତାଙ୍କ ମୃତ୍ୟୁକାଳୀନ ସମୟରେ ସେ ଖାଲି ମା' ମା' ବୋଲି କହି କହି ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ। ଅନ୍ତ୍ୟେଷ୍ଟିକ୍ରିୟା ଦଶାହ କର୍ମବେଳେ ତାଙ୍କ ଚଟି ଖାତାରୁ ଦେଖିଲୁ, ବ୍ରାହ୍ମଣ ଭୋଜନ ସହିତ ବାଙ୍କୀର ଏକ ହଜାର ଗାଈମାନଙ୍କୁ ପେଟଭରି ଖାଦ୍ୟ ଦେବାକୁ ଲେଖିଯାଇଥିଲେ ଓ ତଦନୁଯାୟୀ ତାଙ୍କ ଇଛା ଅନୁସାରେ ଆମ୍ଭେ ପୁତ୍ରମାନେ ନିଷ୍ଠାରେ ସଂପାଦନା କରିଥିଲୁ।

Digitized by PPRACHIN, SOA

ମୋ ଦେବୋପମ ସ୍ୱର୍ଗତ ପିତାଙ୍କ ଆଦର୍ଶ ଓ ଅଭିରୁଚିରେ ଅନୁପ୍ରାଣିତ ହୋଇ ପରବର୍ତ୍ତୀ କାଳରେ ବେଲେଶ୍ୱରସ୍ଥ ଫାର୍ମ ହାଉସ 'ସତ୍ୟ-ଉଦ୍ୟାନ / ସତ୍ୟାଶ୍ରମ'ରେ ଅନେକ ଗାଈ ରଖିଥିଲି। କିନ୍ତୁ ଉପଯୁକ୍ତ ଗୋପାଳକ ଅଭାବରୁ ଗାଈଗୁଡିକର ଯତ୍ନ ନେବା କଷ୍ଟକର ହୋଇ ପଡିଥିଲା। ଗଉଡ ଲକ୍ଷ୍ମଣ ମଧ ମୋତେ ଲୁଟିକରି ତା ପରିବାର ସହିତ ପଳାୟନ କଲା। ଏଣୁ ବାଧ୍ୟ ହୋଇ ଗାଈଗୁଡିକ ଦାନ କରିଦେଲି ସ୍ଥାନୀୟ ଜଣେ ଗୋପ୍ରିୟ ଗୋପାଳଙ୍କୁ। ମୋର ଶୂନ୍ୟ ଗୁହାଳଟିକୁ ମୋ ପତ୍ନୀ କଳାପ୍ରେମୀ ପ୍ରତିଭା ମୋ ପାଇଁ ଏକ ରୁଚିସଂପନ୍ନ କାଠ କୁଟୀର କରିଦେଲେ ଯାହାର ପ୍ରବେଶ ଦ୍ୱାରରେ ଏକ ସୁନ୍ଦର ଟେରାକୋଟାର ବଂଶୀଧରୀ ଗୋପାଳକୃଷ୍ଣଙ୍କ ମୂର୍ତ୍ତି ସ୍ଥାପନ କରି କୁଟୀରର ନାମ 'ଗୋପାଳୟ' ଭାବେ ବିଜ୍ଞାପିତ। ବେଳେ ବେଳେ ନିର୍ଜନ ରାତିରେ ଆଖିକୁ ନିଦ ନ ଆସିଲେ ବହି ପଢ଼େ କିମ୍ବା ଆମ ଦେଶୀୟ ଗାଉଁଲି ଗୀତ ସ୍ୱରଗୁଡ଼ିକ ବା ଜଗନ୍ନାଥ ଭଜନ କିମ୍ବା ଲଘୁ ଶାସ୍ତ୍ରୀୟ ସ୍ୱର ଲହର ବଂଶୀରେ ବଜାଇଥାଏ ନିଦ ଆସିଲା ପର୍ଯ୍ୟନ୍ତ।

ବଞ୍ଚିବାକୁ ଇଚ୍ଛାହୁଏ ଏଠି ନିର୍ଜନ ଦୁନିଆରେ,
ଲୋକାରଣ୍ୟଠାରୁ ଦୂରେ ସମୁଦ୍ରର ଏହି ବିଜନ ତଟରେ।
ବଉଦଭରା ନୀଳାକାଶ ଆଉ ସସାଗରା ଧରା,
ସଞ୍ଜହେଲେ ଏଠି ଉଙ୍କିମାରେ ଜହ୍ନ ଆଉ ତାରା।
ସାଗରର ଉର୍ମିଳ ଉତ୍ତାଳ ଲହରୀର ଉସାଣିଆ ସ୍ୱର,

Digitized by PPRACHIN, SOA

ମନ ଭରିଦେଉଥିବ ଅପୂର୍ବ ଏକ ସୀମାହୀନ ସମ୍ଭାର।
ଆରଣ୍ୟକ ଶୋଭାଶ୍ରୀର ବିମଳ ଶ୍ୟାମଳ ବେଶ,
ବେଳେବେଳେ ହସୁଥିବ ଅବା ବର୍ଷୁଥିବ ଉନ୍ମୁକ୍ତ ଆକାଶ।
ଅଖଣ୍ଡ ନୀରବତା ଭିତରେ ଭାସୁଥିବ କୋକିଳର କୁହୁତାନ,
ଚତୁର୍ଦ୍ଦିଗ ପୂରି ଉଠୁଥିବ ବଣ୍ୟ ସୁଷମା ଆଉ ପକ୍ଷୀକୁଳର କୂଜନ।
କପୋତ କପୋତୀମାନେ ଘୁମୁରୁଥିବେ ଖାଦ୍ୟ ଖୋଜୁଥିବାବେଳେ
ଚତୁର କୁଆ ଆଉ ବଣିମାନେ ଇତସ୍ତତଃ ଖେଳୁଥିବେ ଦିବାଲୋକକାଳେ।
ଉଡି ଉଡି ପବନରେ ଭାସୁଥିବ ଶୁଭ ଶଙ୍ଖଚିଲ,
ଗଛଡାଳେ ରାବୁଥିବ ତା'ର ସଂଗୀ କରିବାକୁ ଗେଲ।
ଡାହୁକ ଡାକଦେଇ କହିଲାଣି ବର୍ଷା ଆସିଲାଣି,
କୁମ୍ଭାଟୁଆ ରାବଛାଡ଼ି ବୃକ୍ଷଡାଳେ ଆଶ୍ରୟ ନେଲାଣି।
ଏଠି ନାହିଁ ବାଘ, ନାହିଁ ହିଂସ୍ରଜନ୍ତୁ ମାଳ,
କେବଳ ନିରୀହ ନିରିମାଖି କୃଷ୍ଣସାର ଖେଳ।
ଅନତିଦୂରରେ ଦେଖିହେବ ମୃଗଦମ୍ପତିଙ୍କ ମୁକ୍ତ ବିଚରଣ,
କେତେ ଉଲ୍ଲସିତ ଆଉ ପୁଲକିତ ସେମାନଙ୍କ ଆନନ୍ଦ ଆଚରଣ।
ନାହିଁ ଏଠି ଶୀତ, ନାହିଁ ଉଷ୍ମ, ନାତିଶୀତୋଷ୍ଣ ଅଞ୍ଚଳ,
ତଲ୍ଲୀନ ତନ୍ମୟ ମନ ସର୍ବଦା ହୋଇଉଠେ ଚଳ ଆଉ ଚଞ୍ଚଳ।
ଟିକିଏ ଦୂରରୁ ଶୁଭୁଥିବ ମନ୍ଦିରର ଘଣ୍ଟ ଶଙ୍ଖଧ୍ୱନି,
କବିପ୍ରାଣ ପୂରି ଉଠୁଥିବ ଈଶ୍ୱର ସତ୍ତାର ଅପୂର୍ବ ମୋହିନୀ।
ଅପାର୍ଥିବ ଅମୃତସମ ସେ ସ୍ୱର୍ଗୀୟ ଓଁକାରର ତାନ,
ନୁହେଁ କେତେ ମନୋରମ ସତେ ଏହି ମୋର ତପୋବନ।...

Digitized by PPRACHIN, SOA

ବାପାଙ୍କ ମୁହଁରୁ ମୁଁ ଶୁଣିଛି- ଥରେ ଅପରାହ୍ନରେ ଗୁହାଳର କାଠ ପଟା ଉପରେ ବିଶ୍ରାମ ନେଉଥାନ୍ତି। ଆଖିକୁ ସାମାନ୍ୟ ଛାଇ ନିଦ ଆସି ଯାଉଥିଲା। ତାଙ୍କ 'କମଳା' ନାମ୍ନୀ ଗାଈ (ଗାଈମାନଙ୍କ ନାମ ବଉଳା, କାଳୀ, ସୁନ୍ଦରୀ, ଚମ୍ପି ଇତ୍ୟାଦି) ବାଛୁରୀଟିଏ ସପ୍ତାହତଳେ ଜନ୍ମ ଦେଇଥିଲା। ୨୧ ଦିନ ପର୍ଯ୍ୟନ୍ତ ପୋଖତୀ ଗାଈକୁ ଦୁହାଁ ଯାଏ ନାହିଁ କିମ୍ବା ଗାଈ ଗୋଠରେ ଛଡ଼ା ଯାଏ ନାହିଁ। କେବଳ ଗୁହାଳ ଭିତରେ କମଳା ଓ ସାତ ଦିନର କଅଁଳା ବାଛୁରୀ ଥା'ନ୍ତି। ହଠାତ୍ ଉଠି ଦେଖନ୍ତି ଏକ ବିରାଟ ଢ଼ମଣା ସାପ କମଳାର ପଛ ଦୁଇ ଗୋଡକୁ ଦଉଡି ଭଳି ଶକ୍ତଭାବେ ଛନ୍ଦି ଦେଇ ଗାଈ ପହ୍ନାରୁ ଦୁଧ ପିଇବାରେ ଲାଗିଛି। କମଳା ଖୁରା ଛାଟିନାହିଁ କି ସାମାନ୍ୟତମ ପ୍ରତିରୋଧ କରିନାହିଁ। କମଳାର ପ୍ରକୃତି, ଗୋଟେ ଛୋଟ ପିଲା ବି ତା ଚିରରୁ କ୍ଷୀର ଟାଣି ପାରିବ। ବାପା ସାପର ଏପରି କାଣ୍ଡ ଦେଖି ଆଚମ୍ଭିତ। ସେ ତ ସବୁତକ କ୍ଷୀର ପିଇଯିବ ! କଅଁଳା ବାଛୁରୀ କଅଣ ପିଇବ ? ଖୁବ୍ ବ୍ୟସ୍ତ ହୋଇ ପଡିଲେ। କୌଣସି ଜନ୍ତୁ ବା ମାଛି ମଶାଟିଏ ମାରନ୍ତି ନାହିଁ ସେ। କେବଳ ମା' ମା', ରାମ ରାମ ଜପି ବସିଲେ। ଢ଼ମଣା ଭାରି ଡରକା ସାପ। ବାପା ଉଠି ପଡିବା ଦେଖି ସାପଟା ତତ୍କ୍ଷଣାତ୍ କମଳାଠୁଁ କ୍ଷୀର ପିଇବା ଛାଡି ବିଜୁଳି ବେଗରେ ଗୁହାଳପଛ ବାଉଁଶ ବୁଦାରେ ଲୁଚିଗଲା। ବିଲେଇ ଜାତି (କଟାସ, ବାଘ, ଚିତାବାଘ ଇତ୍ୟାଦି) ମଧ୍ୟରେ ଚିତାବାଘ ଦ୍ରୁତତମ ଜୀବ ଭଳି, ସାପ ଜାତିରେ ଏଇ ଢ଼ମଣା ସାପ ଦ୍ରୁତତମ ସର୍ପ। ଅନ୍ୟ କୌଣସି ସାପ ଗାଈଠାରୁ କ୍ଷୀରପାନ କରିବାର ନଜିର ନାହିଁ।

ଅନେକ କହନ୍ତି, ସ୍ତ୍ରୀ-ନାଗସାପ ପୁରୁଷ ଢମଣା ସାପର ସଂଗମ ହୋଇଥାଏ। ଉଭୟଙ୍କ ମଧ୍ୟରେ ଅନେକ ସାମଞ୍ଜସ୍ୟ ଥିବାରୁ ନାଗବନ୍ଧ ଦ୍ୱାରା ମିଳନ ସମ୍ଭବ ବୋଲି ମୋର ମତ। ନାଗ-ଢମଣା ମିଳନର ଉତ୍ପନ୍ନ ସାପର ନାମ 'ନାଗେଣା' ବୋଲାଯାଇପାରେ, ଠିକ୍ ପୁରୁଷ ବାଘର ଶୁକ୍ରାଣୁକୁ ମାଈ ସିଂହୀର ଡିମ୍ବାଣୁରେ ସଂଗମ ପ୍ରକ୍ରିୟା ଦ୍ୱାରା 'ଟାଇଗନ' ସୃଷ୍ଟି କରାଯାଇ ପାରିଲା ଭଳି, ଯାହାର ମୁହଁ ସିଂହ ପରିକା ଓ ଶରୀର ବାଘପ୍ରାୟ। ସେଇପରି ହାତୀ ଓ ଗଣ୍ଡାର ସଙ୍ଗମ ପ୍ରକ୍ରିୟା ଦ୍ୱାରା ଏକ ନୂତନ ବୃହତ୍ ଜୀବର ସୃଷ୍ଟି-ସନ୍ଧାନରେ ପ୍ରାଣୀ ବିଜ୍ଞାନୀମାନେ ଗବେଷଣାରତ। ଏହି ନାଗେଣା ବଡ ବିଷାକ୍ତ, ଏହାର ବିଷ ଖୁବ୍ ଉତ୍କଟ ହୋଇପାରେ।

ଢମଣା ଏକ ଶିକାର ପ୍ରିୟ ଜୀବ, ମାଂସାହାରୀ ଏବଂ ଶାକାହାରୀ । ସେ ଦୁଧିଆଳୀ ଗାଈର ପହ୍ନାରୁ ଦୁଗ୍ଧପାନ କରୁଥିବାର ଅନେକ ଦୃଷ୍ଟାନ୍ତ ରହିଛି ।

ଏପରି ଥରେ ଚୋର ଜନ୍ତୁଙ୍କର ଧରସ ଲାଗିଗଲେ, ସେ ସେଇକଥାକୁ ବାରମ୍ବାର କରନ୍ତି ପ୍ରତିରୋଧ ସତ୍ତ୍ୱେ। ତାଆଣା ଢ଼ମଣାର ମୁହଁ ଲାଗିଯାଇଛି ଗାଈ କ୍ଷୀର ପ୍ରତି।

Digitized by PPRACHIN, SOA

ଏବେ ପ୍ରତି ପୋଖତି ଗାଈକୁ ଗୋଡେ ଗୋଡେ ଜଗିବାର ବ୍ୟବସ୍ଥା କଲେ ବାପା। କିନ୍ତୁ ଦିନେ ଦୁଧଲୋଭୀ ଢ଼ମଣାଟା ପାଖ ଗାଁ ମାଣିକପାଟଣାର ଜଣେ ସଦ୍ୟପ୍ରସବିନୀ ସ୍ୱାସ୍ଥ୍ୟବତୀ ନାରୀର ସ୍ତନରୁ କ୍ଷୀର ପିଉଥିବାର ଦେଖାଯାଇଥିଲା। ବିଭିନ୍ନ ପ୍ରକାର ସାପଙ୍କର ଆଡ୍ଡାସ୍ଥଳୀ ପାହାଡ଼ ନିକଟରେ ବିଲବାଡ଼ି ପରିବେଷ୍ଟିତ ଏହି ଗାଁଟି। ସେଦିନ ପୋଖତି ମହିଳା ଜଣକ ରାତିରେ ଖାଇପିଇ ବିଛଣାକୁ ଗଲେ। ପାଖରେ ତାଙ୍କର ଏକ ମାସର ଛୁଆଟିଏ ଶୋଇଥାଏ। ସ୍ୱାମୀ ମଧ୍ୟ ଶୋଇଥାନ୍ତି। ହଠାତ୍ ସ୍ୱାମୀଙ୍କର ନିଦ ଭାଙ୍ଗି ଯିବାରୁ ଦେଖନ୍ତି ତାଙ୍କ ପତ୍ନୀଙ୍କ ଦେହରେ ସାପଟା ଗୁଡାଇ ହୋଇ ରହିଛି। ମହିଳା ଜଣକ ନିଘୋଡ଼ ନିଦରେ ଶୋଇଛନ୍ତି। ଛୁଆଟି କୋଳଠାରୁ କିଛି ଦୂରରେ ନିଶ୍ଚିନ୍ତରେ ଶୋଇଛି। ସ୍ୱାମୀ ଆତଙ୍କିତ ହୋଇ ଦେଖନ୍ତି ସାପଟି ଛୁଆ ପରି ତାଙ୍କ ପତ୍ନୀଙ୍କ ସ୍ତନରୁ କ୍ଷୀର ଖାଇବାରେ ଲାଗିଛି। ଏଭଳି ଏକ ଅବିଶ୍ୱାସନୀୟ ଘଟଣା ଦେଖି ତାଙ୍କର ଆଶ୍ଚର୍ଯ୍ୟର ସୀମା ରହିଲା ନାହିଁ। ସେ ବାଡ଼ିନେଇ ତୁରନ୍ତ ସାପକୁ ମାରିବାକୁ ଗଲାବେଳେ ତତ୍କ୍ଷଣାତ ସାପଟା ବିଜୁଳି ବେଗରେ ଦୌଡ଼ି ପଳାଇଲା ବାହାରକୁ। ଅଞ୍ଚଳରେ ଢ଼ମଣାଟା ଗୋଟେ କ୍ଷୀରଚୋର ସାପ ପ୍ରଚାରିତ ହୋଇଗଲା ପରେ ଜଣେ ଦକ୍ଷ କେଳାକୁ ଡାକି ସାପକୁ ପଟିଆ ଜଙ୍ଗଲକୁ ନେଇଗଲେ। ସେଇ ଦିନଠୁଁ ବାପା ଆଶ୍ୱସ୍ତ।

ତେବେ ମାଂସାହାରୀ ସାପ ତା'ର ଶିକାରକୁ ସଂପୂର୍ଣ୍ଣ ଭାବରେ ଗିଳିଦିଏ । ବେଳେବେଳେ ତା'ଠାରୁ ବଡ଼ ଜନ୍ତୁକୁ ମଧ୍ୟ ଗିଳିପାରେ । ସେଥିପାଇଁ ତା'ର ମୁହଁ ଖାଦ୍ୟନଳୀ ଓ ପେଟ ବଲପରି ଫୁଲିଯାଏ । କିନ୍ତୁ ନିଶ୍ୱାସପ୍ରଶ୍ୱାସ ନେବାରେ ଅସୁବିଧା ହୁଏ ନାହିଁ । ଏହିପରି ଅସ୍ୱାଭାବିକ ପରିସ୍ଥିତିରେ ସାପର ଶ୍ୱାସନଳୀ ପାଟିର ବାହାରକୁ ଚାଲିଆସିଥାଏ । ତେଣୁ ବାୟୁ ସିଧାସଳଖ ତା'ର ଫୁସ୍‌ଫୁସ୍‌କୁ ଚାଲିଯାଏ ।

ଏଇ ସାପ-ସରୀସୃପମାନେ ଅଧୁନା ସ୍ତନ୍ୟପାୟୀ ଜୀବମାନଙ୍କର ଯେ ପୂର୍ବଜ ବଂଶଧର ଜୈବ ବୈଜ୍ଞାନିକମାନେ 'ବିଷମଦନ୍ତୀ ସାପ-ସରୀସୃପ'ର ଦେହାବଶେଷରୁ ଜାଣିପାରିଛନ୍ତି । ଏହାର ମୁହଁରେ ମନୁଷ୍ୟ ପରି ଚାରିପ୍ରକାର ଦାନ୍ତ ଓ ଗାଲରେ ହାଡ଼ ଥିବାର ଜଣାଯାଏ । ଏହାର ଆଗ ଓ ପଛଗୋଡ଼ର ଗଠନ ସ୍ତନ୍ୟପାୟୀ ଜୀବଙ୍କ ପାଦ ପରି ଅଟେ । ସିଂହ ଓ ବାଘଙ୍କ ଶାରୀରିକ ଗଠନ ସହିତ ଏମାନଙ୍କ ଜାଙ୍ଘ ଓ ଦେହର ମଧ୍ୟଭାଗ ହାଡ଼ର ସାମଞ୍ଜସ୍ୟ ରହିଛି ଯାହା ପ୍ରମାଣ କରୁଛି କି ସ୍ତନ୍ୟପାୟୀ ଜୀବଙ୍କ ପୂର୍ବପୁରୁଷ ଏହି ସରୀସୃପମାନଙ୍କ ପରି ଥିଲେ । ସୃଷ୍ଟିର ଜୀବୋତ୍ପତ୍ତି ଧାରାରେ ସାପର ଏହି ଶିବ ଓ ଅଶିବ ରୂପ ମଣିଷ ସମାଜରେ ଉଭୟ ଶ୍ରଦ୍ଧା ଓ ଭୟର କାରଣ ହୋଇଛି । ସେଥିପାଇଁ ଆମ ସମାଜରେ ସର୍ପ କେଉଁଠି ପୂଜିତ ତ ଆଉ କେଉଁଠି ସର୍ପଃ କ୍ରୂରଃ ବୋଲି ଘୃଣିତ ଏବଂ ବର୍ଜିତ । ♦♦♦

Digitized by PPRACHIN, SOA

ବନ ଭିତରେ ଏମିତି ମୁଁ ବୁଲୁଥିଲେ ସମୟ ଆଦୌ ଜଣାପଡ଼େ ନାହିଁ । ଦିନରାତି ଏକାକାର ହୋଇଯାଏ, ଭୋକଶୋଷ ଭୁଲିଯାଏ । ସୂର୍ଯ୍ୟ ଅନେକ ଉପରକୁ ଉଠିଲାଣି । ବନ ବଙ୍ଗଳା ବେଲଘର କୋଠିକୁ ଫେରୁଛୁ । ଲେଉଟାଣି ବାଟ । ସୁବଳକୁ ପଚାରିଲି – ଭୂତଖିଆ ପୋଖରୀରୁ ତମେମାନେ ଉଦ୍ଧାର କରିଥିବା ହାତୀ ଶୁଣ୍ଢରେ ଖଣ୍ଡେ ଲଙ୍ଗଳ ଦଉଡ଼ା ଲାଗିଥିଲା, ତା'ର ସୁବିଧା ଅସୁବିଧା କଥା ଅଧାରେ ରହିଲା। ଏବେ କୁହ ।

"ଏଣେ ଟ୍ରେଞ୍ଚ୍ ଖୋଳା କାମ ଚାଲିଥାଏ । ସମ୍ପୂର୍ଣ୍ଣ ହୋଇ ନଥାଏ । ଫସଲ ଅମଳ ସମୟ । ବେଲଘର ଅଭୟାରଣ୍ୟ ଚାରିପାଖରେ ଆମମାନଙ୍କ ଗାଁ – କଣ୍ଡାପାଲି, ପଡ଼ିଆବାହାଲ, କୁଆଁରମୁଣ୍ଡା, ଧୁର୍ସି, ଶାବଣା, ଚମ୍ପାନଳୀ, କତରକେଲା ..... ଇତ୍ୟାଦି । ଗାଁ ପାଖେ ପାଖେ ଚାଷ ଜମି ଲାଗିରହିଛି । ସରକାର ନଳକୂପ ପୋଖରୀ ଖୋଳି ଗୁଜାପାହାଡ଼ ପାଖେ ଆଡ଼ିବନ୍ଧ ବାନ୍ଧି ବିଜୁଳି ସଂଯୋଗ କରି ଜଳସେଚନର ବ୍ୟବସ୍ଥା କରିଛନ୍ତି । ଚାଷୀମାନଙ୍କୁ ସମବାୟ ବ୍ୟାଙ୍କ୍ରୁ ଋଣ ଦେଉଛନ୍ତି । ବର୍ଷ ତମାମ ଫସଲ ଭଲ ହେଉଥାଏ । ଫସଲ ଅମଳ ବେଳ । ଧାନ କଟା କାମ ଲାଗିଥାଏ । ହାତୀମାନେ ଦଳଦଳ ହୋଇ ଧାନ ଖାଇଯା'ନ୍ତି । ଖାଆନ୍ତି ଯେତେ ଗୋଡ଼ରେ ଦଳି ଚକଟି ନଷ୍ଟ କରନ୍ତି ତହୁଁ ଅଧିକ । ଲୋକମାନେ ବାଣ ଫୁଟାଇ ଢ଼ୋଲ ଧୁମ୍‌ସା ବଜାଇ ନିଆଁହୁଳା ଜାଳି ତଡ଼ନ୍ତି ହାତୀ ଦଳକୁ । ସେମାନଙ୍କୁ ଜଙ୍ଗଲ ଭିତରକୁ ନେଇ ଛାଡ଼ି ଆସନ୍ତି । ତହିଁପର ଦିନ ପୁଣି ଯେଉଁ କଥାକୁ ସେଇ କଥା । ପୁନଶ୍ଚ ଦଳ ଦଳ ହାତୀ । ଲୋକେ ଧାନ କଳେଇକୁ ଘରବାଡ଼ିରେ ଆଣି ଥାକ ମାରନ୍ତି । ବେଙ୍ଗଳା ପକାନ୍ତି । ଖାଲି ଜମିରୁ କାଟି ଆଣିଲେ କ'ଣ ହେବ ? ଏଥର କଳେଇ ଗଦା ଉପରେ ହାତୀପଲଙ୍କ ଆଖି । କଳେଇ ଗଦାକୁ ଖିନ୍‌ଭିନ୍ କରନ୍ତି । ଲୋକେ ପୁଣି ନେଇ ସେମାନଙ୍କୁ ଜଙ୍ଗଲରେ ଛାଡ଼ନ୍ତି । ଏମିତି ବେଙ୍ଗଳା ଶେଷ ହେବା ପର୍ଯ୍ୟନ୍ତ ହାତୀ (ଆଡି) ଘଉଡ଼ା କାମ ଲାଗି ରହିଥାଏ । ଧାନଗଣ୍ଡାକ ଅମଳ କରି ଅମାରରେ ଭର୍ତ୍ତି ନକଲା ଯାଏଁ ଆଖିକୁ ନିଦ ଆସେନାହିଁ । ପାଞ୍ଚଖଣ୍ଡ ଗାଁର ପଞ୍ଚାୟତ ବସିଲା । ଲୋକେ ସରକାରଙ୍କ

Digitized by PPRACHIN, SOA

ପାଖେ ଅଭିଯୋଗ କଲେ । ପ୍ରଥମେ ହାତୀମାନଙ୍କୁ ଆୟତ୍ତ କରିବା କାମ । ଦିନରାତି ଡ୍ରୋଜର, ଜେ.ସି.ବି. ମେସିନ୍ ଆଣି ଟ୍ରେଞ୍ଚ୍ କାମ ତ୍ୱରାନ୍ୱିତ କଲେ । ଟ୍ରେଞ୍ଚ୍ କାମ ଶେଷ ହେଲା । ଫୋର୍ସ ଲଗାଇ ହାତୀଗୁଡ଼ିକୁ ଟ୍ରେଞ୍ଚ୍ ସେପଟକୁ ତଡ଼ିନେଲେ । ବେଲଘର ବଙ୍ଗଳାକୁ ଯିବା ରାସ୍ତାରେ ପିତାପଲିଠାରେ ପଟାପୋଲ ତିଆରି କଲେ । ତା'ପରେ ହାତୀମାନେ ଜବତ ହେଲେ ।

କିନ୍ତୁ ଶୁଣ୍ଢରେ ଦଉଡ଼ିବନ୍ଧା ମାଈ ହାତୀଟା କଥା କ'ଣ ହେଲା ? ଉତ୍ସୁକତାର ସହିତ ପଚାରିଲି ।

କହୁଛି । ଖୋଲା ଅଞ୍ଚଳରୁ ସବୁ ହାତୀ ତଡ଼ା ହେଲେ । କିନ୍ତୁ ଭୂତଖିଆ ପୋଖରୀରୁ ଆମେ ଉଦ୍ଧାର କରିଥିବା 'ଭୂତୁଣୀ ଆଡି' (ଭୂତଖିଆ ପୋଖରୀ ନାମ ଅନୁସାରେ ତାକୁ ଭୂତୁଣୀ ଆଡି ଆଖ୍ୟା ଦେଇ କୁଇ ଭାଷାରେ ହାତୀକୁ 'ଆଡି' କହନ୍ତି)ଯା' ଶୁଣ୍ଢରେ ଦଉଡ଼ି ଖଣ୍ଡେ ଲାଗିରହିଥିଲା ସେ ଗୋଠଛଡ଼ା ହୋଇ କୌଣସି ମତେ ରହିଗଲା । ତା' ଶୁଣ୍ଢର ଦଉଡ଼ି ଯୋଗୁଁ ହାତୀଦଳ ବୋଧେ ତାକୁ ଅଲଗା କରି ଦେଲେ ଦଳ ଭିତରୁ । ଦିନେ ଦେଖୁ ତା'ର ଗୋଟିଏ କଅଁଳିଆ ଛୁଆ ହୋଇଛି । ମା' ଆଗ ଦି' ଗୋଡ଼ ସନ୍ଧି ଦେଇ ପହ୍ଲାରୁ କ୍ଷୀର ପିଆଉଛି । ଛୁଆଟା ମା' ପଛେ ପଛେ ବୁଲୁଛି । ଅଳ୍ପ ଦିନର ହାତୀଛୁଆ । ଭୂତୁଣୀ ହାତୀ କିନ୍ତୁ କାହାକୁ ଆକ୍ରମଣ କରେ ନାହିଁ । ମଣିଷକୁ ଦେଖିଲେ ମୁଣ୍ଡ ଶୁଣ୍ଢକୁ ତଳକୁ କରି ଆଡ଼େଇଯାଏ । ଆମେମାନେ ତ ତାକୁ ଭୂତଖିଆ ପୋଖରୀ ଖାତରୁ ଉଦ୍ଧାର କରିଥିଲୁ । ବିପଦରୁ ରକ୍ଷା କରିଥିଲୁ ତାକୁ । ସେଥିପାଇଁ ବୋଧେ ତା'ର କୃତଜ୍ଞତା ଭାବ ଆମେ ବୁଝିପାରୁଥାଉଁ । ଶାନ୍ତ ସୁଧାର ପ୍ରକୃତି ତା'ର । କା'ବାଡ଼ିବଗିଚାରେ ପଶେ ନାହିଁ, ଧାନ ବିଲରେ ଧାନ କି ଧାନଗଛ ନଷ୍ଟ କରେ ନାହିଁ । କେବଳ ଖାଦ୍ୟ ଉପରେ ତା'ର ନଜର । ସେ ଜାଣିପାରିଥାଏ, ହାତୀଗୋଠରେ ମାତି ଲୋକମାନଙ୍କ ଧନ ଧାନ ନଷ୍ଟ କଲେ, ଗାଳି ଖାଇବ, ଢେଲାପଥର ମାଡ଼ ଖାଇବ, ନିଆଁହୁଳା ଖାଇବ । ଏଣୁ ଲୋକମାନଙ୍କ ସହିତ ମିଶି ଚଳିଲେ ଭଲ । ଖାଲି ପେଟକୁ ପେଟେ ଖାଇବାକୁ ମିଳିଗଲେ ସେ ସନ୍ତୁଷ୍ଟ । ପି'ବାକୁ ମନ୍ଦେ ପାଣି ଦରକାର, ଖେଳିବାକୁ ଜଳାଶୟଟିଏ । ଗୁଜା ଆଡ଼ିବନ୍ଧ ଯଥେଷ୍ଟ ତା'ର ।

ଆମ ଗାଁ କୁଆଁରମୁଣ୍ଡା ପାଖ ଦେଇ ପ୍ରଶସ୍ତ ମୁନିଗୁଡ଼ା ରାୟଗଡ଼ା ରାସ୍ତାର ଉଭୟ କଡ଼ରେ ସୁବିଶାଳ ମାଳମାଳ ଶାଳଗଛ ଓ ନିବିଡ଼ ଜାଙ୍ଗଲିକ ନଟାର ଥାଟ । ଏଇ ରାସ୍ତା ଦେଇ ଅନେକ ଗାଡ଼ି ଯା'ଆସ କରେ । ଶୀତଋତୁରେ ଧାନ ଅମଳ ପରେ ଗାଁମାନଙ୍କରୁ ବିଶାଳ ଟ୍ରକ୍‌ମାନଙ୍କରେ ଧାନ ସଂଗ୍ରହକାରୀ ସଂସ୍ଥା ଦ୍ୱାରା ସହସ୍ର ବସ୍ତା ଧାନ ପରିବହନ କରାଯାଏ । ସେଦିନ ଗୋଟିଏ ଟ୍ରକ୍‌ପୂର୍ଣ୍ଣ ଧାନବୋଝେଇ ଗାଡ଼ି

Digitized by PPRACHIN, SOA

ରାୟଗଡ଼ାକୁ ଚାଲାଣ ହେଉଥାଏ । ମିଲର୍‌ମାନେ ଧାନରୁ ଚାଉଳ ବାହାର କରି ଭାରତୀୟ ଖାଦ୍ୟ ନିଗମକୁ ବିକ୍ରୀ କରନ୍ତି । ରାୟଗଡ଼ା ଓ ମୁନିଗୁଡ଼ାରେ ନିଗମର ବଡ଼ ବଡ଼ ଖାଦ୍ୟ ଗୋଦାମ ଅଛି। ଦିନ ଦ୍ୱିପହରଟାରେ ଛୁଆ ସହିତ ମା' ହାତୀଟା ମଝି ରାସ୍ତାରେ ଛିଡ଼ା ହୋଇ ଶୁଣ୍ଢ ହଲାଉଛି।

ଦିନ ବେଳଟାରେ ମଝିରାସ୍ତାରେ ହାତୀ! ଡ୍ରାଇଭର ଟ୍ରକ୍ ବୋଝେଇ ଗାଡ଼ିକୁ ବ୍ରେକ୍ ମାରି ସ୍ଥିର କଲା ଏବଂ ଗୋଟାପଣେ ଥରିଲା । ହାତୀଟା ଧୀରେ ଧୀରେ ଟ୍ରକ୍ ଡାଲା ପାଖକୁ ଆସି ଶୁଣ୍ଢ ଲଗାଇ ଗୋଟଏ ଧାନବସ୍ତା ତଳକୁ ଟାଣି ଆଣିଲା, ବଳ ଖଟାଇ ଅଖାବସ୍ତାକୁ ଫଟାଇ କଣା କରି ପେଟେ ଧାନ ଖାଇଲା ଓ ତା'ର ଛୁଆକୁ ପାଖକୁ ଡାକିଲା । ଛୁଆଟା କୋଉ ଧାନ ଖାଇ ଶିଖିଲାଣି ଯେ । ହାତୀଶିଶୁ କେବଳ ଧାନକୁ ଶୁଙ୍ଘିଲା ଏବଂ ମା' ଆଗଗୋଡ଼ ସନ୍ଧି ଥନରୁ ଚଁ ଚଁ କରି କ୍ଷୀର ପିଇଲା । ଗାଡ଼ି କ୍ୟାବିନ୍ ଭିତରେ ଡ୍ରାଇଭର ଓ ଖଲାସୀ ଭୟରେ ଥରହର ହେଉଥିଲେ ହେଁ ଏପରି ଏକ ଆଚମ୍ବିତ କ୍ୱଚିତ୍ ଦୃଶ୍ୟ କ୍ୟାବିନ୍ ଝର୍କାବାଟେ ମୁହଁ କାଢ଼ି ଦେଖୁଥିଲେ ।

Digitized by PPRACHIN, SOA

ହାତୀଟା ପେଟେ ଧାନ ଖାଇ ତା' ଛୁଆକୁ ନେଇ ଜଙ୍ଗଲ ଭିତରକୁ ପଶିଗଲା । ତା'ପରେ ଚାଳକ ବାପୁଡ଼ା ଟ୍ରକ୍ ଷ୍ଟାର୍ଟ କରି ତା' ଗନ୍ତବ୍ୟସ୍ଥଳକୁ ଗଲା । ମାଈ ହାତୀର ଏମନ୍ତ ଆଚରଣ ଓ କାର୍ଯ୍ୟକଳାପ ଦ୍ରୁତଗତିରେ ପ୍ରଚାରିତ ହୋଇଗଲା । ସେଇଦିନଠୁଁ ହାତୀଟା ଅଞ୍ଚଳ ଛାଡ଼ି କୁଆଡ଼େ ଗଲା ନାହିଁ । ଭୋକ ଲାଗିଲେ ଦିନ ହେଉ ବା ରାତି ଏମିତି ରାସ୍ତା ଉପରକୁ ଆସି ଗାଡ଼ିମାନଙ୍କୁ ଅପେକ୍ଷା କରି ରହେ । ଜନ ବା ଯାନର କିଛି କ୍ଷତି କରେ ନାହିଁ । କେବଳ ଖାଦ୍ୟ ଖାଇବା ପ୍ରକୃତି ତା'ର । ଏକଥା ଜଣାପଡ଼ିଲା ପରେ ଟ୍ରକ୍ ଚାଳକ, କାର୍ ଚାଳକ ଓ ବସ୍‌ଯାତ୍ରୀମାନେ ତା' ପାଇଁ ଫଳମୂଳ ଲଡୁ ଆଦି ନେଇଥାନ୍ତି । ଲୋକଙ୍କ ହାତରୁ ଶୁଣ୍ଢ ବଢ଼ାଇ ସେ ନେଇଥାଏ ଓ ତା' ଛୁଆକୁ ଖିଆ ଶିଖାଏ ।

ଦିନେ ଗୋଟିଏ କାର୍ ଭିତରୁ ଡିକି ଖୋଲିଲା ମାତ୍ରେ ତା' ଖାଦ୍ୟ ଖୋଜି ଖାଇବାରେ ଲାଗିଲା। ତାକୁ ଅଧିକ ଭୋକ ଲାଗୁଥିଲା ବୋଧେ। ଯାହା ଅଳ୍ପ ବହୁତ ଖାଦ୍ୟ ଥିଲା

ସେଥିରେ ତା' ପେଟ ପୂରିଲା ନାହିଁ। ଏଥର କାର୍‌କୁ ଯିବା ପାଇଁ ଅନୁମତି ଦେବା ଢ଼ଙ୍ଗରେ ଦୂରକୁ ଯାଇ ଠିଆ ହୋଇ ରହିଲା ଆଉ ଏକ ଯାନକୁ ଅପେକ୍ଷା କରି। ଯାତ୍ରୀବାହୀ ବସ୍‌ଟିଏ ଆସିଲା। ସେ ଅଟକାଇଲା ତାକୁ, ଯେମିତି ପୋଲିସ ରାସ୍ତାରେ ଯାନ ରୋକିଥାଏ। ବସ୍ ଝରକାବାଟେ ଶୁଣ୍ଢ ପୂରାଇ ଖାଦ୍ୟଭିକ୍ଷା କଲା । ତା'ର ଗୁଣ ଓ ପ୍ରକୃତି ପ୍ରଚାରିତ ହୋଇସାରିଥାଏ ଚାରିଆଡ଼େ । ଯା' ପାଖେ ଯା' ଖାଦ୍ୟ ଜିନିଷ ଥିଲା ବିସ୍କୁଟ୍ ଠୁଁ ଆରମ୍ଭ କରି ବରା ପର୍ଯ୍ୟନ୍ତ, ମିଠାଠୁଁ ପିଠା ପର୍ଯ୍ୟନ୍ତ, ଆପଲ ଅଙ୍ଗୁରଠୁଁ କଦଳୀ, ପିଜୁଳି ପର୍ଯ୍ୟନ୍ତ ତା' ଶୁଣ୍ଢରେ ଦିଅନ୍ତି । ଯାତ୍ରୀମାନଙ୍କର କୌତୂହଳ ବଢ଼ିଲା, ଆମ ଲୋକମାନଙ୍କ

Digitized by PPRACHIN, SOA

ଉତ୍ସାହ ବଢ଼ିଲା । ଦିନେ ଜଣେ ମହିଳା ଯାତ୍ରୀ ମୁନିଗୁଡ଼ା ମହାକାଳୀ ମନ୍ଦିରକୁ ତା' ମାନସିକ ମତେ ଭୋଗସାମଗ୍ରୀ ନେଇ ପୂଜା କରିବାକୁ ଯାଉଥିଲେ ବସ୍‌ରେ । ବସ୍ ଅଟକିଗଲା । ଭୂତୁଣୀ ହାତୀ ଶୁଣ୍ଢ ବାହାର କରି ସବୁତକ ଭୋଗ ଖାଇଦେଲା ଏବଂ ନଡ଼ିଆଟି ନେଇ ରାସ୍ତା କଡ଼ରେ ବଡ଼ ମୁଗୁନି ପଥର ଉପରେ ପିଟି ଦୁଇଫାଳ କରି କାକୁଡ଼ି ଭଳି ରଡ୍ ରଡ୍ ଖାଇଲା । ସ୍ତ୍ରୀଲୋକ ଜଣକ ତା' ମୁଣ୍ଡରେ ସିନ୍ଦୂର ବୋଳିଦେଇ ପ୍ରଣାମ କଲେ ଏବଂ ତା' ଛୁଆ ମୁଣ୍ଡରେ ସିନ୍ଦୂର ଲେପିଲେ । ସୁନ୍ଦର ଦିଶିଲା । ବାକି ସିନ୍ଦୂରତକ ଯେଉଁ ପଥରଟିରେ ହାତୀ ନଡ଼ିଆ ଭାଙ୍ଗିଥିଲା ସେଥିରେ ବୋଳିଦେଲେ, ଫୁଲ ଦେଲେ, ଧୂପଦୀପ ଜାଳିଲେ । ଆମ୍ବାଦୁଲାର ଏହି ଉପାନ୍ତ ଇଲାକା, ଯେଉଁଠି ରାସ୍ତା ଧନୁ ଭଳି ବଙ୍କେଇ ଯାଇଛି, ସେଇ ସିନ୍ଦୂରବୋଳା ପଥର 'ଅମ୍ବାଦେଈ' ଠାକୁରାଣୀ ରୂପେ କ୍ରମଶଃ ଉଭା ହେଲେ । ଭୂତୁଣୀ ଆଜି ବା ହାତୀ ଏଥର ଏଠି ସେଠି ରାସ୍ତାରେ ଛିଡ଼ା ନହୋଇ ସେଇ ନିର୍ଦ୍ଦିଷ୍ଟ ସିନ୍ଦୂରବୋଳା 'ଅମ୍ବାଦେଈ' ଠାକୁରାଣୀଙ୍କ ପାଖରେ ଆସ୍ଥାନ ଜମାଇଲା । ସେ ବନିଗଲା ଦେବତୀଙ୍କ ପୂଜିକା । ବଣ ଦେବତୀ 'ଅମ୍ବାଦେଈ' ଏବଂ ପୂଜିକା ଭୂତୁଣୀ ହାତୀର ଦୈବୀ ଆବିର୍ଭାବ ପ୍ରଚାରିତ ହୋଇଗଲା ଖଣ୍ଡମଣ୍ଡଳରେ । ହାତୀ ଶୁଣ୍ଢରେ ଖଣ୍ଡେ ଦଉଡ଼ି ବନ୍ଧାଥିଲା ଯେଉଁ ଦଉଡ଼ି ଖଣ୍ଡକୁ ତାକୁ ଖାତରୁ ଉଦ୍ଧାର କଲାବେଳେ ତା'ପାଖକୁ ନଯାଇ ଶୁଣ୍ଢରୁ ୪/୫ ହାତ ଛାଡ଼ି ଆମେ କାଟି ଦେଇଥିଲୁ । ଖାତରୁ ଉଦ୍ଧାର ପରେ ସେଇପରି ଶୁଣ୍ଢରେ ଲାଗି ରହିଥିଲା । ଏହା ଏକ ମାହୁନ୍ତବିହୀନ ପୋଷା ହସ୍ତୀ ବୋଲି ଧରି ନେଇଥିଲେ ସମସ୍ତେ । ଯାତ୍ରୀ ଓ ଭକ୍ତଜନଙ୍କ ଭୟ ଆଉ ରହିଲା ନାହିଁ । ଶିଶୁ ହାତୀକୁ 'ଶଙ୍କର ବେଟା' ବୋଲି ଡାକିଲେ ସମସ୍ତେ । ଭୂତୁଣୀକୁ ଯଥେଷ୍ଟ ଭୋଗ ପ୍ରସାଦ ମିଳିଗଲା । ସେ ଏବେ ତୃଷ୍ଟ, ସନ୍ତୁଷ୍ଟ । ଭକ୍ତମାନଙ୍କ ହାତରୁ ନଡ଼ିଆ ନେଇ ଦିଅଁ ପଥରରେ ପିଟି ଭାଙ୍ଗିବା ଏକ ଆକର୍ଷଣ ହୋଇରହିଲା ସମସ୍ତଙ୍କ ପାଇଁ । ଦିଅଁଙ୍କ ପାଖରେ କେତେଗୁଡ଼ିଏ ନାଲିମାଟିର ଟେରାକୋଟା ହାତୀ ଭକ୍ତମାନେ ଥୋଇ ଏକ ବଣ ଦେବତୀର ଆସ୍ଥାନ ରୂପେ ପରିଚିତ ପ୍ରଚାରିତ କରାଇଲେ ସ୍ଥାନଟିକୁ ।

କିନ୍ତୁ ଦିନେ ଦୁଃଖଦ ଘଟଣାଟିଏ ଘଟିଲା । ଭୂତୁଣୀକୁ ଖୁବ୍ ଶୋଷ ହେଲା । ଖରା ଦିନ । ମୁଣ୍ଡ ଉପରେ ସୂରୁଜ ନିଆଁ ଢାଳୁଥିଲା । ପାଖରେ କେଉଁଠି ଟୋପାଏ ପାଣି ନଥାଏ । ଗୁଜା ବନ୍ଧ ଜଳାଶୟକୁ ଅଧିକାଂଶ ରାତିରେ ସେ ଯାଇଥାଏ । ଜଳାଶୟରେ ପାଣି ପିଏ, ପଙ୍କରେ ଲୋଟେ, ଜଳକ୍ରୀଡ଼ା କରେ । ବନ୍ଧ ଉପର ଭାଗରେ ୩୫ କେ.ଭି. ବିଦ୍ୟୁତ୍ ତାର ଗୋଟେ ଖୁଣ୍ଟରୁ ଆଉ ଏକ ଖୁଣ୍ଟ ପର୍ଯ୍ୟନ୍ତ ତଳକୁ ପେଟେଇ ରହିଥାଏ ବିପଜ୍ଜନକ ଭାବେ । ଭୂତୁଣୀ ଶୁଣ୍ଢରେ ପାଣି ଆଣି ବନ୍ଧ ଉପରେ ଛିଡାହୋଇ

Digitized by PPRACHIN, SOA

ଛାଟିଲାବେଳେ ଶୁଣ୍ଢର ଦଉଡ଼ିଟି ବିଜୁଳି ତାରରେ ଗୁଡ଼େଇ ହୋଇଗଲା ଏବଂ ତାରଟା ଖୁଣ୍ଟରୁ ଛିଣ୍ଡି ପଡ଼ି ତା ଦେହରେ ଲାଗିଲା । ପରବର୍ତ୍ତୀ ଘଟଣା ଖୁବ୍ ଦୁଃଖଦାୟକ । ହାତୀଟା ଭୂଇଁରେ ପଡ଼ି ଛଟପଟ ହେଲା ଏବଂ ସଙ୍ଗେ ସଙ୍ଗେ ତା'ର ପ୍ରାଣବାୟୁ ଉଡ଼ିଗଲା । ସକାଳେ ଦୃଶ୍ୟଟି ଦେଖି ସମସ୍ତେ ମର୍ମାହତ ହେଲେ । ଆହା ବିଚାରୀ ଶାନ୍ତ, ସୁଧୀରା, ପୂଜାରିଣୀ ହାତୀଟାର ବିନା ଦୋଷରେ ପ୍ରାଣଗଲା ! ଏ ଅଞ୍ଚଳର ସେ ଗୋଟିଏ ବନ୍ୟବାସିନ୍ଦା ହୋଇଯାଇଥିଲା । ପୂର୍ବ ରାତିରେ ଧମା ଆଉ ଟିମା ଓ ଅନ୍ୟ କୁକୁରମାନେ ଖୁବ୍ ଜୋରରେ ଭୁକି ଉଠିଥିଲେ । କିନ୍ତୁ ଗାଁ ଲୋକେ ସେମାନଙ୍କ ଅସ୍ୱାଭାବିକ ବୋବାଳିର କାରଣ ହଠାତ୍ ବୁଝିପାରି ନଥିଲେ ।

ପୂର୍ବରୁ ଗ୍ରାମବାସୀମାନେ ପଞ୍ଚାୟତ ମାଧ୍ୟମରେ ବିଦ୍ୟୁତ୍ ତାରର ବିପଜ୍ଜନକ ଅବସ୍ଥା ସମ୍ବନ୍ଧରେ ନିକଟସ୍ଥ ବିଭାଗୀୟ ହାକିମଙ୍କୁ ଲିଖିତ ଆକାରରେ ଅବଗତ କରାଇଥିଲେ ହେଁ, ଏହାକୁ ମରାମତି କରିବା ଅବହେଳିତ ହୋଇଥିଲା ଏବଂ ବିଭାଗୀୟ ଅବହେଳା ହିଁ ହାତୀ ମୃତ୍ୟୁର କାରଣ ବୋଲି ଅଭିଯୋଗ ଉଠିଲା । କିନ୍ତୁ ଦୁର୍ଘଟଣା ଘଟି ସାରିଲା

Digitized by PPRACHIN, SOA

ପରେ କା'ର କ'ଣ ଜୀବନ ଫେରିଆସେ ଆଉ ! ସହାନୁଭୂତି ଓ ସମବେଦନାର ନିଦର୍ଶନ ସ୍ୱରୂପ ଅଞ୍ଚଳର ସମସ୍ତ ପଞ୍ଚାୟତବାସୀମାନେ ସେମାନଙ୍କ ପ୍ରିୟ ଏଇ ହସ୍ତିନୀର ଅନ୍ତ୍ୟେଷ୍ଟିକ୍ରିୟା ପାଳନକଲେ । ବନବିଭାଗ କର୍ମକର୍ତ୍ତାଙ୍କୁ ଖବର ଦିଆଗଲା । ବହୁ କଷ୍ଟରେ ଓ ଶ୍ରମରେ କ୍ରେନ୍ ସାହାଯ୍ୟରେ ମଲା ହାତୀକୁ ଉଠାଇ ଟ୍ରକ୍‌ରେ ରଖାଗଲା । ସମସ୍ତଙ୍କ ପ୍ରିୟ ଭୂତୁଣୀ ହାତୀର ବିଦାୟପର୍ବ ଥିଲା ଅତୀବ ଦୁଃଖଦ, ହୃଦୟସ୍ପର୍ଶୀ ଓ ଅବର୍ଣ୍ଣନୀୟ । ଆଖପାଖ ସମସ୍ତ ଗ୍ରାମବାସୀ ଫୁଲଚନ୍ଦନ ସିନ୍ଦୂର ଅବିର ଧୂପ ଦେଇ ସଂକୀର୍ତ୍ତନ ସହ ଶୋଭାଯାତ୍ରାରେ ସ୍ୱତଃସ୍ଫୂର୍ତ୍ତ ଭାବେ ଯୋଗଦାନ କରିଥିଲେ ଏବଂ କୁକୁର ଧିମା ଆଉ ଚିମା ମଧ୍ୟ ଶୋଭାଯାତ୍ରାରେ ଯୋଗ ଦେଇଥିଲେ ଏବଂ ଅମ୍ବାଦେଈ ଦେବତାଙ୍କ ପାଖକୁ ନେଇଯାଇଥିଲେ ଭୂତୁଣୀକୁ । ସେଠାରେ ତା' ଉପରେ ଗୁଆଘିଅ ମହୁ ଢାଳି କବର ଦେଇଥିଲେ । ଭୂତୁଣୀର କବର ସ୍ଥାନରେ ଠିକ୍ ଭୂତୁଣୀ ହାତୀ ପରି ଏକ କଳା ମୁଗୁନି ପଥରର ମୂର୍ତ୍ତି ସ୍ଥାପନ କରିବାକୁ ସମସ୍ତେ ନିଷ୍ପତ୍ତି ନେଲେ । ଏଥିସକାଶେ ଅର୍ଥ ସଂଗ୍ରହ କରିବାକୁ ଲାଗିଲେ ଅଞ୍ଚଳରେ ପ୍ରତି ଗ୍ରାମ୍ୟ କମିଟି ମାଧ୍ୟମରେ । ଏହି କର୍ମରେ ଆମ ଗ୍ରାମ ପଞ୍ଚାୟତର ସାହୁକାର ସରପଞ୍ଚ ଶ୍ରୀ ଜନାର୍ଦ୍ଦନ ସାହୁ ସ୍ୱତଃ ଦାୟିତ୍ୱ ଗ୍ରହଣ କରିଛନ୍ତି ।

କିନ୍ତୁ ବଡ ସୌଭାଗ୍ୟର କଥା, ଶିଶୁ ହାତୀ 'ଶଙ୍କର ବେଟା' ବଞ୍ଚିଯାଇଥିଲା । ତା'ର ମା' ତେଣେ ମରିବା କଥା ଜାଣିପାରି ନଥିଲା । ସେ ଯଦି ତା' ମୃତ ମା'କୁ ଛୁଇଁ ଦେଇଥାନ୍ତା, ତା'ର ଦଶା ମଧ୍ୟ ସେଇପରି ହୋଇଥାନ୍ତା । ସେ କିନ୍ତୁ ଜଳାଶୟ ଭିତରେ ପାଣିରେ ଖେଳୁଥିଲା । ଆମ୍ଭେ ସମସ୍ତେ ଶୁଖିଲା ଲମ୍ବା ବାଉଁଶ ନେଇ ସଂଗେ ସଂଗେ ବିଦ୍ୟୁତ୍ ସଂଯୋଗକୁ ବିଚ୍ଛିନ୍ନ କଲୁ ଓ ବିଜୁଳି ବିଭାଗ କର୍ମଚାରୀଙ୍କୁ ହାତୀର ମୃତ୍ୟୁ ଓ ବିପଜ୍ଜନକ ବିଦ୍ୟୁତ୍ ତାର ଅବସ୍ଥା ଉଦ୍‌ବେଗର ସହ ଜଣାଇଲୁ ।

ଶଙ୍କର ବେଟା ସିନା ବଞ୍ଚିଗଲା, ତାକୁ ଖୁଆଇବ ପିଆଇବ କିଏ ? ବିନା ଖାଦ୍ୟ ଓ କ୍ଷୀରରେ ସେ ବଞ୍ଚିବ କେମିତି ? ତା'ର ଯତ୍ନ ନେବ କିଏ ? ଆହାର ବିନା ମରିଯିବ ସିନା ! ଆମେ ତାକୁ ପାଚିଲା କଦଳୀ, ଅମୃତଭଣ୍ଡା ଖାଇବାକୁ ଦେଲୁ । ସେ କିଛି ଚାକୁ ଚାକୁ କଲା, କିଛି ଛାଡ଼ିଲା । ଭଲଭାବେ ଖାଇ ଶିଖିନଥିଲା । କେଇ ମାସର ଅଣ୍ଡିରା ହାତୀ ଛୁଆ । ଦାନ୍ତ କଅଁଳି ନଥାଏ, ଜନ୍ମ ଲୋମ ମଧ୍ୟ ଦେହରୁ ସମ୍ପୂର୍ଣ୍ଣ ଛାଡ଼ି ନଥାଏ । ବଡ଼ କୌତୁକିଆ ହୋଇଥାଏ । ଗାଁ ଦାଣ୍ଡର ପିଲାଏ ତା' ପଛେ ପଛେ ଶଙ୍କର ବେଟା ଶଙ୍କର ବେଟା କହି ଦଉଡୁଥାନ୍ତି ଖେଳସାଥୀ ଭାବି । କୁକୁର ଧିମା ଓ ଚିମା ବି ।

Digitized by PPRACHIN, SOA

କିନ୍ତୁ ଦୁଇ ଦିନ ପରେ ହଠାତ୍ ଛୁଆଟା କୁଆଡ଼େ ଅନ୍ତର୍ଦ୍ଧାନ ହୋଇଗଲା । ତିନିଦିନ ପରେ ସେ ଖଣ୍ଡିଆ ଖାବଡ଼ା ଅବସ୍ଥାରେ ଗୋଟିଏ ମଇଁଷି ଗୋଠ ଭିତରେ ଦେଖିବାକୁ ମିଳିଲା । ହାତୀ ଶିଶୁ ଛୁଆଙ୍କ ଉପରେ ବାଘର ନଜର । ସମ୍ଭବତଃ ମହାବଳ ବାଘ ହାବୁଡ଼ରେ ପଡ଼ିଥିଲା ସେ। ତା' ଦେହରେ ଦାନ୍ତ କାମୁଡ଼ା ଓ ନଖ ଆଞ୍ଚୁଡ଼ା ଦାଗରୁ ଜଣାପଡୁଥିଲା । ତେବେ ସେ କୌଣସିମତେ ବର୍ତ୍ତିଯାଇ ମଇଁଷି ଗୋଠ ଭିତରେ ପଶିଯାଇଥିଲା । ମଇଁଷିମାନେ ବାଘକୁ ଭୟ କରନ୍ତି ନାହିଁ । ଦଳବଦ୍ଧ ହୋଇ ଜଙ୍ଗଲ ଭିତରେ ରହିପାରନ୍ତି । ମଇଁଷିମାନେ ତାକୁ ସୁରକ୍ଷା ଦେଇଥିଲେ । ତା'ର ଆୟୁଷ ଶେଷ ହୋଇନଥିଲା । ଆୟୁଷ୍ମାନ ସେ । ଯାହାକୁ ରଖିବେ ହରି, ତା'ର କି କରିପାରେ ଅରି ! ମଇଁଷିଆଳ ଦୁଧିଆଳୀ ମଇଁଷି ପହ୍ନାରେ ତା ମୁହଁକୁ ଲଗାଇଲେ। ସେ ଭୋକିଲା ଥିଲା । ମଇଁଷିଆଳ ପିଲାମାନଙ୍କ କି ଆନନ୍ଦ !

ବିଦ୍ୟୁତ ବିଭାଗୀୟ ତ୍ରୁଟି ଓ ଅବହେଳା ଯୋଗୁଁ ଏକ ସୁଧୀରା ହାତୀର ମୃତ୍ୟୁ ଓ ଶିଶୁ ହାତୀର ଉଦ୍ଧାର ସମ୍ବନ୍ଧିତ ଏକ ସ୍ୱର୍ଣ୍ଣାକ୍ଷରର ସମ୍ବାଦ ଫଟୋ ସହିତ ପ୍ରାୟ ପ୍ରତ୍ୟେକ ଖବର କାଗଜର ପୃଷ୍ଠା ମଣ୍ଡନ କଲା । ଫଟୋଟି ଉପରେ ନଜର ପଡ଼ିଲା ରାୟଗଡ଼ାରେ

ଢ଼େରା ପକାଇଥିବା ଡେକାନ୍ ସର୍କସ୍‌ର ମାଷ୍ଟର ମ୍ୟାନେଜର ବାବୁଙ୍କର । ଅଳ୍ପଦିନ ପୂର୍ବେ ସର୍କସର ୪ ମାସର ଗୋଟିଏ ଅଣ୍ଡିରା ହାତୀଛୁଆ ଫ୍ଲୁ ଜ୍ୱରରେ ଆକ୍ରାନ୍ତ ହୋଇ ମରିଯାଇଥିଲା । ତା' ମା' ତା ଛୁଆକୁ ଖୋଜୁଥିଲା । ମ୍ୟାନେଜର ଆଞ୍ଚଳିକ ବନବିଭାଗ କର୍ତ୍ତୃପକ୍ଷଙ୍କ ସହିତ ଯୋଗାଯୋଗ କରି ମାତୃହରା ହାତୀଛୁଆଟିକୁ ପୋଷ୍ୟ କରି ଆଣିବାରେ ଇଚ୍ଛା ପ୍ରକଟ କଲେ । ଏଥିରେ କର୍ତ୍ତୃପକ୍ଷ ଅସହମତ ହେବାର କାରଣ ନଥିଲା । ମା' ଛେଉଣ୍ଡ ଶିଶୁ ହାତୀଟିକୁ ମା'ଟିଏ ମିଳିଯିବ ଏବଂ ସନ୍ତାନହରା ମା' ହାତୀଟି ଶିଶୁଟିଏ ପାଇ ଖୁସି ହେବ। କିନ୍ତୁ ଅସୁବିଧା ଉପୁଜିଲା ଯେତେବେଳେ ମଇଁଷି ଗୋଠରୁ ହାତୀକୁ ମ୍ୟାନେଜର ବାବୁ ଆଣିବାକୁ ଗଲେ। ମଇଁଷିଆଳ ଓ ତା' ପିଲାମାନେ ହାତୀ ଛୁଆକୁ ଦେବାକୁ ମନାକଲେ କାରଣ ଇତିମଧ୍ୟରେ ହାତୀଛୁଆଟା ଦୁଧିଆଳି ମଇଁଷି ମା' ପହ୍ନାରୁ ବେଶ୍ କ୍ଷୀରପାନ କରିପାରୁଥିଲା। ତାକୁ ପାଳି ବଡ କରିବାରେ କିଛି ଅସୁବିଧା ନଥିଲା ସେମାନଙ୍କର। ସେମାନେ ଛୁଆକୁ ଦେବାକୁ ରୋକ୍‌ଠୋକ୍ ମନାକଲେ। ମ୍ୟାନେଜର ବାବୁ ପୁନଶ୍ଚ ବନରକ୍ଷୀଙ୍କ ଦ୍ୱାରସ୍ଥ ହେଲେ। ମଇଁଷିଆଳ ବନ୍ୟପଶୁ ପାଳନ କରିବା ବେଆଇନ୍ ଦର୍ଶାଇ ଧମକ ଦେବାରୁ ଅଗତ୍ୟା ସେମାନଙ୍କ ଉତ୍ସୁକତାକୁ ତ୍ୟାଗ କରି ହାତୀଛୁଆଟିକୁ ସର୍କସ ମ୍ୟାନେଜରଙ୍କୁ ହସ୍ତାନ୍ତର କରିବାକୁ ବାଧ ହୋଇଥିଲେ। ମ୍ୟାନେଜର ବାବୁ ଅବଶ୍ୟ ମଇଁଷିଆଳକୁ କିଛି ହାତଗୁଞ୍ଜା ଅର୍ଥ ଦେଇ ସନ୍ତୁଷ୍ଟ କରିବାକୁ ପଛାଇ ନଥିଲେ। ମ୍ୟାନେଜର ବାବୁ ହାତୀଛୁଆର ଲାଳନପାଳନ ଦାୟିତ୍ୱ ନେଲେ । ସର୍କସର ପଶୁ ଶିଶୁ ଶାବକମାନଙ୍କୁ ପାଳିବାର ଅଭିଜ୍ଞତା ଥିଲା ତାଙ୍କର । ମ୍ୟାନେଜର ବାବୁଙ୍କ ସର୍କସୀୟ ଗୁଣ ଓ ପଶୁବତ୍ସଳତା ଯୋଗୁଁ ମାଉସୀ ହାତୀ ଏଇ ଶିଶୁ ହାତୀକୁ ଆଦର କରିନେବାରେ ଅସୁବିଧା ହେଲା ନାହିଁ । ସ୍ଥାନୀୟ ଲୋକ ତା'ର ନାମ ଦେଇଥିବା ଅନୁଯାୟୀ ସେ ସବୁଦିନ ପାଇଁ ସର୍କସରେ ତା'ର ନାମ ରଖିଲେ 'ଶଙ୍କର ବେଟା' । ଶଙ୍କର ପ୍ରତି ବିଶେଷ ଧ୍ୟାନ ଓ ପ୍ରଶିକ୍ଷଣ ଦେଇ ହାତୀ ବେଟାକୁ ଏକ ସୁସ୍ଥ ସବଳ ବିଖ୍ୟାତ ବୋଲମନା ହାତୀ ଭାବେ ପରିଚୟ କରାଇବାର ପରିକଳ୍ପନା କଲେ ।

ମୁଁ ମନ୍ତ୍ରମୁଗ୍ଧ ଚକିତ ସମ୍ମୋହିତ ହୋଇ ଘଟଣାର ପ୍ରତ୍ୟକ୍ଷଦର୍ଶୀ ସୁବଳ ମୁଖରୁ ଭୂତୁଣୀ ହାତୀର ଦୁଃଖଦ ବୃତ୍ତାନ୍ତ ଓ ଶିଶୁ ଶଙ୍କର ବେଟାର ଇତିବୃତ୍ତ ଶୁଣୁଥିଲି ।

♦♦♦

Digitized by PPRACHIN, SOA

- ୧୩ -

ସକାଳର ଜଳଖିଆ ବେଳ ଅତିକ୍ରାନ୍ତ ହୋଇସାରିଥିଲା । ବଙ୍ଗଳାକୁ ଫେରିଲୁ ।

ବଙ୍ଗଳାରେ ପହଞ୍ଚି ଦେଖିଲି ସମସ୍ତେ ଗୁମ୍ ହୋଇ ବସିଛନ୍ତି । କାହା ମୁହଁରେ ନାହିଁ ସରସତା ।

ଜଳଖିଆ ଖାଇସାରିଛ ? ସୁବଳଠୁଁ ଗୋଟେ ଚମତ୍କାର ହାତୀ କାହାଣୀ ଶୁଣି ମୁଁ ସମୟ ଓ ଭୋକ ଶୋଷ ଭୁଲି ଯାଇଥିଲି। ସନା କ'ଣ କ'ଣ ମେନୁ କରିଛି ? ଗତକାଲି ରାତି ଓପାସ ପାଇଁ ଆଜି ଦୁଇଗୁଣ ଖାଇ କ୍ଷତିପୂରଣ କରିନେବା । ନୁହେଁ ?- ପଚାରିଲି ।

କା' ମୁହଁରୁ ଉତ୍ତର ନାହିଁ । ସନାତନ ମୁଣ୍ଡରେ ହାତ ଦେଇ ବସିଛି ରୋଷେଇ ଘରେ ।

"ଏମିତି ଚୁପ୍ ହୋଇ ବସିଛ ଯେ ସନାତନ ! ପୁଣି କ'ଣ ହେଲା ?"

"ଆଜ୍ଞା ଲୁଣ ପ୍ୟାକେଟ୍ ଦୋକାନୀ ଦେଇ ନାହିଁ ।"

ବିରକ୍ତିପୂର୍ଣ୍ଣ ଚଢ଼ାଗଳାରେ କହିଲି – "କିଣିଲାବେଳେ ତାଲିକା ମିଳାଇ ଜିନିଷ ଆଣିଲ ନାହିଁ କାହିଁକି ?"

"ଦୋକାନୀ କହିଲା, ସବୁ ଦେଇଛି ତାଲିକା ମତେ ।"

"ତାଲିକାଟା କାହିଁ ?"

ସନାତନ ଜିନିଷ କାର୍ଟୁନ୍‌ରୁ ତାଲିକା ଆଣି ଦେଖାଇଲା । ସେଥିରେ ଲୁଣ ଦୁଇ ପ୍ୟାକେଟ୍, ଦିଆସିଲି ଗୋଟିଏ ଇତ୍ୟାଦି ଇତ୍ୟାଦି ଲେଖାଅଛି । ସେହି ଅନୁସାରେ ସେ ପଇସା ନେଇଛି । ଖରିଦ ଜିନିଷର ମୋଟ୍ ପଇସା ଛଅଶହ ଏକତ୍ରିଶ ଟଙ୍କା । ମୁଁ ତାକୁ ସେହି ଅନୁସାରେ ନୋଟ୍ ଗଣି ଦେଇଥିଲି । କାହାକୁ ଭୁଲ୍ ଦେବି ? ଦୋକାନୀ,

Digitized by PPRACHIN, SOA

ସନାତନ କି ମୋ ନିଜକୁ । ନିଜେ ସବୁ କରିବା ସମ୍ଭବ ହୋଇନଥାଏ । ଏଣୁ ଅର୍ଦ୍ଦଳି, ଅନୁଗାମୀ, ଅଧସ୍ତନ, ସହଯୋଗୀମାନଙ୍କ ଉପରେ ନିର୍ଭର କରିବାକୁ ପଡ଼ିଥାଏ । ପରିବାର ହେଲେ ମଧ୍ୟ ସୁପରିଚାଳନା ପାଇଁ ଲୋଡ଼ା ହୁଏ ଦାୟିତ୍ୱବୋଧ, ନୋଚେତ୍ ଏଇଭଳି ବିଶୃଙ୍ଖଳା, ହଇରାଣ ହରକତ ହୀନସ୍ତା ଭୋଗିବାକୁ ପଡ଼ିଥାଏ – ଅନୁଭବ କଲି । ଯେତେବଡ଼ ଯାନ, ଯନ୍ତ୍ର ହେଉ, କ୍ଷୁଦ୍ରାତିକ୍ଷୁଦ୍ର ସାମାନ୍ୟ ପେଚ ବା ପିନ୍‌ଟିଏର ଅଭାବ ଯେପରି ଯାନ ଯନ୍ତ୍ରକୁ ଅଚଳ କରିଦିଏ, ପାଚନ ପ୍ରସ୍ତୁତିରେ ସବୁଠୁଁ କମ୍ ମୂଲ୍ୟର ଲୁଣ ଟିକିଏ ଅଭାବ ହେଲେ ଖାଦ୍ୟ ସମୂହକୁ ଅସ୍ୱାଦୁକର କରିଦିଏ । ଗତ ରାତିରେ ସବୁ ଥାଇ ସାମାନ୍ୟ ଦିଆସିଲି ଅଭାବରୁ ରନ୍ଧାଶାଳ ଅନ୍ଧାର ଓ ଫିକା ପଡ଼ିଗଲା । ସମସ୍ତେ ବିନା ରାତ୍ରାହାରରେ ବିଛଣା ଧରିଲେ । ଛୋଟ ହେଉ, ବଡ଼ ହେଉ, ପ୍ରତ୍ୟେକ ଦ୍ରବ୍ୟର ଗୁଣଥାଏ, ମୂଲ୍ୟ ଥାଏ – ସର୍ବତୋଭାବେ ସମସ୍ତେ ଅନୁଭବ କରିଥିଲୁ ମର୍ମେ ମର୍ମେ।

ହାସ୍ୟକାର ପଣ୍ଡିତେ ନାଥଶର୍ମା ଶ୍ଳୋକ ଗାଇବାରେ ଓ ଢଗଢ଼ମାଳି ବୋଲିବାରେ ଓସ୍ତାଦ । ଶବ୍ଦ ସଜାଇ ଗୀତ ଫାନ୍ଦି ଢଗ ଗଢ଼ନ୍ତି । ଶ୍ଳୋକ ବୋଲି କହିଲେ - ବିନା ବ୍ୟାକରଣଂ ବାଣୀ ବ୍ୟଞ୍ଜନଂ ଲବଣଂ ବିନା... । ଅବସ୍ଥା ଦେଖି ସେ ଗୀତିକାର ବନିଗଲେ ଏବଂ ଗୀତ ଗାଇ ଶୁଣାଇଲେ –

ଲୁଣ ବିନା ଖାଦ୍ୟ ଅସୁଖକର
ଲୁଣ ହୀନ ରାନ୍ଧଣାକୁ ଛି କର ।
ଜାଣ ସମସ୍ତେ ଲୁଣର ଗୁଣ
ଆଗେ ଶିଖ ତାର ପରିମାଣ ।
ବେଶୀ ପରିମାଣ କରଇ ଅନିଷ୍ଟ
ଅଳ୍ପ ପରିମାଣ କରଇ ଅତିଷ୍ଟ ।
ଭୋଜିଭାତେ ଆଗେ ଲୁଣକୁ ଥୁଅ
ପୂଜାପାଠେ ଆଗେ ଗଣେଶ ନିଅ ।

ବାଃ, ନାଥଶର୍ମାଙ୍କ ଚଉତିଶା ମନକୁ ଛୁଇଁଲା। ତେବେ ଦିଆସିଲି ଭଳି ଲୁଣ ଅଭାବ ଆମ ବହିର୍ଗମନକୁ ବିବାକେ ମଳିନ ଫିକା କରିଦେଲା।

ରଥଶର୍ମା ତାଙ୍କ ଜ୍ୟୋତିଷ ପାଠ ଖୋଲି ଦିନର ଶୁଭବେଳା, ଅଶୁଭବେଳା, ଗ୍ରହ ନକ୍ଷତ୍ରଙ୍କ ସ୍ଥିତି ଅନୁଯାୟୀ ବାର ଦୋଷ ନିବୃତ୍ତ ଉପାୟ ଉପସ୍ଥାପନ କଲେ : -

Digitized by PPRACHIN, SOA

ବାର	କ'ଣ କରଣୀୟ	ପରିଧାନ ବସ୍ତ୍ର
ସୋମବାର :	ଦର୍ପଣରେ ମୁହଁ ଦେଖି ବାହାରିବା	ଧଳା ବସ୍ତ୍ର
ମଙ୍ଗଳବାର :	ମକା କିମ୍ବା ଚଣା ଦାନା ଖାଇ ବାହାରିବା	ଲାଲ ବସ୍ତ୍ର
ବୁଧବାର :	ଗୁଡ ଖାଇ ବାହାରିବା	ଶାଗୁଆ ବସ୍ତ୍ର
ଗୁରୁବାର :	ଦହି ଖାଇ ବାହାରିବା	ହଳଦିଆ ବସ୍ତ୍ର
ଶୁକ୍ରବାର :	ରାଇ କିମ୍ବା ସୋରିଷ ଖାଇ ବାହାରିବା	ଧଳା ବସ୍ତ୍ର
ଶନିବାର :	ଗୋଲମରିଚ ଖାଇ ବାହାରିବା	ନୀଳ ବସ୍ତ୍ର
ରବିବାର :	ପାନ ପତ୍ର ଖାଇ ବାହାରିବା	ଗୋଲାପି ବସ୍ତ୍ର

	ଶୁଭ ବେଳମ୍	ବର୍ଜନୀୟ ରାହୁ ବେଳମ୍
ସୋମ:	ଅପରାହ୍ନ -୧.୩୦ରୁ ୩.୦୦ ମଧ୍ୟେ	ପୂ - ୭.୩୦ରୁ ୯.୦୦
ମଙ୍ଗଳ:	ଦିନ - ୧୨.୦୦ରୁ ୧.୩୦ ମଧ୍ୟେ	ଅ - ୩.୦୦ରୁ ୪.୩୦
ବୁଧ:	ପୂର୍ବାହ୍ନ - ୧୦.୩୦ ରୁ ୧୨.୦୦ ମଧ୍ୟେ	ପୂ - ୧୨.୦୦ରୁ ୧.୩୦
ଗୁରୁ:	ପୂର୍ବାହ୍ନ - ୯.୦୦ରୁ ୧୦.୩୦ ମଧ୍ୟେ	ଅ - ୧.୩୦ରୁ ୩.୦୦
ଶୁକ୍ର:	ପୂର୍ବାହ୍ନ - ୭.୩୦ରୁ ୯.୦୦ ମଧ୍ୟେ	ପୂ - ୧୦.୩୦ରୁ୧୨.୦୦
ଶନି:	ପୂର୍ବାହ୍ନ - ୬.୦୦ରୁ ୭.୩୦ମଧ୍ୟେ	ପୂ - ୯.୦୦ରୁ ୧୦.୩୦
ରବି:	ଅପରାହ୍ନ - ୩.୦୦ରୁ ୪.୩୦ ମଧ୍ୟେ	ଅ - ୧.୩୦ରୁ ୨.୦୦

କହିଲେ, ସେ ଉପରୋକ୍ତ ଜ୍ୟୋତିଷୀ କଥାକୁ ଓ ବାରଦୋଷ ନିବୃତ୍ତ ପ୍ରଥାକୁ କଡାକଡି ଭାବେ ମାନନ୍ତି। ସେ ଶନିବାର ଯାତ୍ରାରମ୍ଭ କରିଥିଲେ ଯେଉଁଦିନ ଗୋଲମରିଚ ଖାଇପାରି ନଥିଲେ ଏବଂ ନୀଳ ବସ୍ତ୍ର ପିନ୍ଧି ପାରି ନ ଥିଲେ। ଏଣୁ ଜ୍ୟୋତିଷ ନିୟମ ମାନିବାରେ ବ୍ୟତିକ୍ରମ କରିଥିଲେ; ସେଥିପାଇଁ ଏପରି ହୀନସ୍ତା, ହଇରାଣ, ଦୁରବସ୍ଥା, ଅସୁବିଧା ହେଉଛି ବୋଲି କାରଣ ଦର୍ଶାଇଲେ।

ମୁଁ ତାଙ୍କୁ ପଚାରିଲି- ଜ୍ୟୋତିଷ ବାଣୀ କ'ଣ ସତ୍ୟ ? ଅନେକ ହେତୁବାଦୀ ମତ ଦିଅନ୍ତି ଏବଂ ବେଳେବେଳେ ଅନୁଭୂତିରୁ ମଧ୍ୟ ଅନୁଭବ ହୁଏ, ଟିପ ଗଣନା ଫଳିତ ଜ୍ୟୋତିଷ ବିଦ୍ୟା (ଆଷ୍ଟ୍ରୋଲୋଜି) ଏକ ଠାସୁକୁ ବିଦ୍ୟା, କାକତାଳୀୟ, କାହାଣୀ, ଅନ୍ଦାଜ, ହୁଏତ ମନଗଢ଼ା ଏବଂ ଭ୍ରମାତ୍ମକ; ନୁହେଁ ବିଜ୍ଞାନ ସିଦ୍ଧ। ସ୍ଥିତିବାଦୀମାନେ ବିଶ୍ୱାସ କରନ୍ତି ନାହିଁ ଏପରିକି ଈଶ୍ୱରଙ୍କ ଅସ୍ତିତ୍ୱକୁ, କେବଳ ସଦାଚଳମାନ ସ୍ୱତଃ ସୃଷ୍ଟ ପ୍ରକୃତିରେ ଆସ୍ଥା ରଖନ୍ତି।

Digitized by PPRACHIN, SOA

କିନ୍ତୁ ଗଣିତ ଜ୍ୟୋତିଷ ବିଦ୍ୟା (ଆଷ୍ଟ୍ରୋନୋମି) ଏକ ବିଜ୍ଞାନ ପାଠ। ଇତିହାସ କହେ, ସଭ୍ୟତାର ଉନ୍ମେଷ କାଳରେ ବେବିଲୋନ୍ ଦେଶର ହୁଏତ ଭିନ୍ନ ଜଣେ ସାମାନ୍ୟୋନ୍ନତ ଆଦିମ ଜିଜ୍ଞାସୁ ମଣିଷ ପ୍ରଥମେ ଅନନ୍ତ ଆକାଶର ପ୍ରାକୃତିକ ମହାଜାଗତିକ ଘଟଣାଗୁଡ଼ିକୁ ଅନୁଧ୍ୟାନ କରି ତା ଦୀର୍ଘକାଳ ଅନୁଭୂତିରୁ ଦିନ ଓ ରାତିର ସମୟ, ମାସ ଓ ବର୍ଷ ଇତ୍ୟାଦି ବିଷୟରେ ଜ୍ଞାନାର୍ଜନ କଲା ଏବଂ ଗ୍ରୀଷ୍ମ ବର୍ଷା ଓ ଶୀତ ଋତୁର ପୂର୍ବାଭାସ ଦେଇ ପାରିଲା, ଯଦ୍ୱାରା ସେ ଭବିଷ୍ୟତବାଣୀର ବାର୍ତ୍ତାବହ ରୂପେ ପରିଚିତ ହେଲା। ସମାଜରେ କ୍ରମଶଃ ସେ ତାରା ଗ୍ରହ ନକ୍ଷତ୍ରର ଗତିସ୍ଥିତି ଦୂରତାକୁ ଭିତ୍ତିକରି ୧୨ ଭାଗ ବା ଘରରେ ବିଭକ୍ତ କଲା ଏବଂ ପ୍ରତ୍ୟେକ 'ଭାଗ'ର ପ୍ରଭାବକୁ ନେଇ ରାଶି ନକ୍ଷତ୍ର ନାମକରଣ କଲା ଏବଂ ଶିଶୁର ଜନ୍ମ ସମୟରେ ତା'ର ରାଶି ନକ୍ଷତ୍ର ନିର୍ଦ୍ଧାରଣ କଲା। ଏହା ହେଲା 'ଫଳିତ ଜ୍ୟୋତିର୍ବିଦ୍ୟା'ର ଉତ୍ପତ୍ତି ଓ ଇତିହାସ, କିନ୍ତୁ 'ଗଣିତ ଜ୍ୟୋତିର୍ବିଦ୍ୟା' ଅନ୍ତରୀକ୍ଷ ଅନନ୍ତ ନଭମଣ୍ଡଳର ଗ୍ରହ ନକ୍ଷତ୍ର ତାରାପୁଞ୍ଜଙ୍କର ସ୍ଥିତି ଗତି ଆଦି ସମ୍ବନ୍ଧରେ ନିର୍ଭୁଲ ଅଙ୍କ ଗଣନା।

ସେ କହିଲେ - ଏହା ଏକ ବ୍ୟକ୍ତିଗତ ବିଶ୍ୱାସର କଥା । ବିଶ୍ୱାସ କାହା ଉପରେ ଜବରଦସ୍ତ ଲଦାଯାଇ ପାରେ ନାହିଁ । ମାନିଲେ ଦିଅଁ, ନ ମାନିଲେ ପଥର ଭଳି ଏହାର ଗ୍ରହଣୀୟତା ନିର୍ଭରକରେ । କିନ୍ତୁ ମଣିଷର ବିଶ୍ୱାସ ଅନୁଭବୀର କଷଟି ପଥରରେ ପରୀକ୍ଷିତ ହୋଇଥାଏ ଏବଂ ପୁନଶ୍ଚ ସେ କହିଲେ- ଆମକୁ ପରା ବାଟରେ ବାଘ କାଟିଥିଲା ରାସ୍ତା! ବାଘ ବିଲେଇ ଏକ ଭାଇ, ବାଟରେ ଦେଖିଲେ ଅଶୁଭ ଅଟଇ।

ମୁଁ ତତ୍କ୍ଷଣାତ୍ ତାଙ୍କ କଥାକୁ କାଟି କହିଲି - 'ବାଟରେ ଦେଖିଲୁ ଗଜରାଜ, ସବୁକାମ ହୋଇଯାଏ ଶୁଭ।'

ନାଥଶର୍ମା କେଉଁ ଛାଡିବାର ଲୋକ! ବ୍ୟଙ୍ଗ ତୋଳି କହି ଉଠିଲେ - ସବୁ ଠିକ୍, ସବୁ ବେଠିକ୍, ଖାଲି ମଣିଷ ଅଠିକ୍।

"କାହିଁକି ?"

'ଆମେ ଆସିଛେ ଦେଖିବାକୁ ଜନ୍ତୁ,
ଜନ୍ତୁ କିନ୍ତୁ ଦେଖୁଛି ମଣିଷମାନଙ୍କୁ -
ଶୁଣ ମଣିଷର ଚରିତ୍ର
ସେ ଜୀବ ବଡ ବିଚିତ୍ର।
ତାକୁ ଦେଲେ ପ୍ରଶ୍ରୟ
ମୁଣ୍ଡରେ ସେ ଚଢ଼େ।

Digitized by PPRACHIN, SOA

ଦେଲେ ତାକୁ ଆଦର
ଖୋସାମତ ବଢ଼େ।
ଭଲ କହିଲେ ତାକୁ
ମୁହଁକୁ ସେ ମୋଡ଼େ
ସାହାଯ୍ୟ କଲେ ତାକୁ
ମନରୁ ସେ ତଡ଼େ।
ତାକୁ ବିଶ୍ୱାସ କଲେ
କରଇ ସେ କ୍ଷତି;
ସୁଖ ଦେଖିଲେ ସେ
ପଛରୁ ମାରେ କାତି।
ଏଣୁ ଭାଇମାନେ :
ହୁଅ ସାବଧାନ,
ନାଥବାଣୀରେ ସର୍ବେ
ରଖିଥାଅ ଧ୍ୟାନ।'

ମୁଁ ତାକୁ ସମର୍ଥନ କରି ପଶୁ ସପକ୍ଷରେ କହିଲି -
'ନୁହେଁ ସେ ପ୍ରାଣୀ ଇତର
ମଣିଷ ଠୁଁ ସେ ଶ୍ରେୟସ୍କର ।
ଜାଣେ ନାହିଁ ସେ ଛନ୍ଦ କପଟ
ପେଟ ପାଇଁ ସେ କରୁଛି ନାଟ।'

ପରିବେଶଟା ଏକ ମିନି କବିତା ଆସର ପରି ଲାଗିଲା। ନାଥଶର୍ମାଙ୍କ ବ୍ୟଙ୍ଗପୂର୍ଣ୍ଣ ହାସ୍ୟରସ ସମସ୍ତଙ୍କୁ ହାଲୁକା କରିଦେଲା।
ତେବେ ଆଉ ଅଧିକ ଅରଣ୍ୟରୋଦନ ନକରି ଏବେ କ'ଣ ଖାଇବା ? ନାଥଶର୍ମା କହିଲେ, - ତାଙ୍କର ଆଜି ଏକାଦଶୀ, ପାକ ଖାଦ୍ୟ ନିଷେଧ, କେବଳ ଫଳାହାର । କିନ୍ତୁ ଅନ୍ୟମାନେ ? ପେଟ ଦାଉ କଲାଣି ହାଉ ହାଉ।

ସନାତନକୁ ପଚାରିଲି - କେଉଁ କେଉଁ ଖାଦ୍ୟ ବିନା ଲୁଣରେ ରାନ୍ଧି ପାରିବ ? ସନାତନ ନିରୁତ୍ତର ରହିଲା। କହିଲି - ଭାତ ରାନ୍ଧ, କାକୁଡି, ବିଲାତି ବାଇଗଣ ସାଲାଡ, ପିଆଜ ଏବଂ ପାମ୍ପଡ ଛାଣ। ଲୁଣର ଲୋଡ଼ା ଆଉ କ'ଣ ?

ତଦନୁଯାୟୀ ଚୁଲି ଜଳିଲା। ସେତେବେଳେ ଆସିଲା ଆମ୍ବ ସ୍ୱାଦ ନ୍ୟାୟରେ ମଧ୍ୟାହ୍ନରେ ସେଇ ଖାଦ୍ୟ ପେଟେ ପେଟେ ଖାଇ ଘରବାହୁଡ଼ା ପାଇଁ ପ୍ରସ୍ତୁତ ହୋଇଗଲୁ।

Digitized by PPRACHIN, SOA

ଫେରିବା ବାଟରେ ଆମ୍ବାଦୁଲା ପୂର୍ବରୁ ପଡିବ ଭୂତୁଣୀ ହାତୀର ସମାଧିସ୍ଥଳ। ଏହାକୁ ସ୍ୱଚକ୍ଷୁରେ ଦେଖିବାର ଦୁର୍ବାର ଇଚ୍ଛା ଏଡାଇ ପାରି ନଥିଲି। କୁଆଗଁମୁଣ୍ଡା ଠାରୁ ପ୍ରାୟ ୫ କିଲୋମିଟର ପରେ ପଡ଼ିବ ଏ ସ୍ଥାନ। ଗାଁ ମୁଖିଆ ସରପଞ୍ଚ ଜନାର୍ଦ୍ଦନ ସାହୁ ଓ କେତେକ ଉତ୍ସାହୀ ଗ୍ରାମବାସୀ ଆମ ସାଙ୍ଗରେ ଗଲେ। ଦରଦୀ ଲୋକମାନେ ହାତୀ କବର ସ୍ଥାନରେ ଆପାଦମସ୍ତକ ସିନ୍ଦୂର ବୋଳା ପଥରରେ ଦୁଲାଦେଈ ଦେବତାଙ୍କୁ ଲାଗି ଲମ୍ବା ପଥରଟିଏ ପୋତିଥିଲେ ଓ ସେଥିରେ ଲେଖିଥିଲେ, "ଭୂତୁଣୀ ହାତୀର ପବିତ୍ର ପୀଠ"। ସେହି ସ୍ଥାନରେ ସେମାନେ ସ୍ଥାପନ କରିବେ ହାତୀର ପ୍ରତିମୂର୍ତ୍ତି, ଯେଉଠି ଲିପିବଦ୍ଧ ହୋଇ ରହିବ ଏହି ଅହିଂସ ହାତୀର ଜୀବନ କାହାଣୀ। ଲୋକମାନଙ୍କ ମହତ୍ ଉଦ୍ଦେଶ୍ୟ ଓ ଉତ୍ସାହକୁ ଧନ୍ୟବାଦ ଦେଇ ପକେଟରୁ ପାଞ୍ଚ ଶହ ଟଙ୍କା ନୋଟ୍ କାଢ଼ି ଜନାର୍ଦ୍ଦନ ବାବୁଙ୍କ ହାତକୁ ଦେଲି, ଯିଏ ଦାୟିତ୍ୱଟି ସ୍ୱଇଚ୍ଛାରେ ଗ୍ରହଣ କରିଛନ୍ତି। ମୋତେ ଅନୁକରଣ କରି ବନ୍ଧୁ ଧୁରନ୍ଧର ବିଶ୍ୱାଳ, ଆଲୋକ କୁମାର ଘୋଷ, ଏବଂ ଗଣପତି ନାରାୟଣ ନାଥଶର୍ମା ଏକଶତ ଟଙ୍କା ଲେଖାଏଁ ମୁଖିଆଙ୍କ ହାତକୁ ବଢ଼ାଇ ଦେଲେ। ନୋଟ୍‌ଗୁଡ଼ିକ ମୁଣ୍ଡରେ ଛୁଆଇଁ ସେ ଗ୍ରହଣ କଲେ। ସେଠି ସେମାନେ ଗୋଟିଏ ଦାନବାକ୍ସ ଥୋଇଥିଲେ। ଏହି ଦାନବାକ୍ସ ନାମ ବଦଳାଇ 'ପୁଣ୍ୟ ବାକ୍ସ' ବା 'ପୁଣ୍ୟ ପାଣ୍ଠି' ଲେଖିବାକୁ ପରାମର୍ଶ ଦେଲି, କାରଣ କୌଣସି ଦେବ ମନ୍ଦିର ବା ଧର୍ମାନୁଷ୍ଠାନରେ "ଦାନ ବାକ୍ସ" ଲେଖିବା ଠିକ୍ ନୁହେଁ ବୋଲି ମୁଁ ଭାବିଥାଏ। ଯାହାର ଦାନରେ ଜଗତ ପରିଚାଳିତ ବୋଲି ଧର୍ମୀୟ ବିଶ୍ୱାସ, ତାଙ୍କୁ ଦାନର ଗ୍ରହୀତା ବୋଲି ଉପସ୍ଥାପିତ କରିବା ଅଯୌକ୍ତିକ ମନେହୁଏ। ଏଥିରେ ସମସ୍ତେ ସମ୍ମତ ହେଲେ। ସନାତନ ଓ ସତ୍ୟାନନ୍ଦ ମଧ୍ୟ ପୁଣ୍ୟବାକ୍ସରେ କିଛି କିଛି ଅର୍ଥ ପକାଇଲେ ଓ ଦିଅଁଙ୍କଠାରୁ ସିନ୍ଦୂର ଆଣି ନିଜ ମଥାରେ ଦେଲେ। ମୁଁ ଆଉ ଗୋଟିଏ ସ୍ୱମତ ରଖିଲି। ହାତୀର ନାମ 'ଭୂତୁଣୀ' ପରିବର୍ତ୍ତେ 'ଗୁଣ୍ଠୁଣୀ' ରଖିବାକୁ ପରାମର୍ଶ ଦେଲି କାରଣ ସୁଧୀରା ହାତୀର ସ୍ୱଭାବ ଓ ସୁଆଚରଣ ତା ନାମକରଣର ପରିପନ୍ଥୀ ମନେହେଲା। ସେମାନେ ରାଜି ହେଲେ। ହାତୀର ପଥର ମୂର୍ତ୍ତି ଗଢ଼ା ସରିଲା ପରେ ଏହାକୁ ଜଣେ ପ୍ରାଣୀପ୍ରେମୀ ବନମୋଦୀ ଜନସେବକ ଦ୍ୱାରା ଉନ୍ମୋଚିତ କରାଇବା ଉଚିତ ହେବ ମନେକରି ପ୍ରସ୍ତାବ ଦେଲି। ଏହି ପର୍ବତ ଘେରା ପାର୍ବତ୍ୟ ଅଂଚଳକୁ ଦେଶର ଏକ ସୁରମ୍ୟ ଅହିଂସ ଉପବନ ତଥା ଶସ୍ୟଶ୍ୟାମଳା ସବୁଜମୟ ଉପତ୍ୟକା ଭାବେ ତୋଳିବା ପାଇଁ ମତପୋଷଣ କଲି। ମୋର ସକାରାତ୍ମକ ପ୍ରସ୍ତାବକୁ ସର୍ବସମ୍ମତି କ୍ରମେ ଗ୍ରାମବାସିନ୍ଦାମାନେ ସଂକଳ୍ପ ମାଧ୍ୟମରେ ଘୋଷଣା କଲେ।

Digitized by PPRACHIN, SOA

ଜନାର୍ଦ୍ଦନ ବାବୁ କିନ୍ତୁ ଆଉ ଗୋଟିଏ ଦାୟିତ୍ୱ ଅର୍ପଣ କଲେ। କହିଲେ, ମୂର୍ତ୍ତି ଉଦ୍‌ଘାଟନ ଦିନ ଆପଣ ନିଶ୍ଚୟ ଆସିବେ - ନିମନ୍ତ୍ରଣ ରହିଲା ଏବଂ ଭୂତୁଣୀ ହାତୀ ସମ୍ବନ୍ଧରେ ସବୁ ତ ଶୁଣିଲେ, ଜାଣିଲେ। ତା' ବିଷୟରେ ଏକ ପୁସ୍ତିକା ଲେଖି ଲୋକମାନଙ୍କ ମଧ୍ୟରେ ବାଣ୍ଟିବେ ସେଦିନ। ମୁଁ ଲେଖକ ନୁହେଁ, ଚେଷ୍ଟା କରିବି ବୋଲି କହିଲି। ରାୟଗଡାସ୍ଥ ମୋର ଠିକଣା ଦେଇ ଆବଶ୍ୟକ ସ୍ଥଳେ ମୋତେ ଯୋଗାଯୋଗ କରିବାକୁ ଅନୁରୋଧ କଲି। ଅଂଚଳର ଉତ୍ସାହୀ ଗ୍ରାମବାସୀମାନଙ୍କ ଦରଦ ଓ ସଦିଚ୍ଛା ମୋ ମନ ଭିତରେ ଛାପି ହୋଇ ରହିଲା।

ଫେରିଲା ବେଳେ ଏହି ଆମ୍ବଦୁଲା ରାସ୍ତା ଦେଇ ପୂର୍ବରୁ କେତେଥର ଯା'ଆସ କରିଛି, କିନ୍ତୁ ସ୍ଥାନର ମହାତ୍ମ୍ୟ ଜାଣି ନଥିଲି। ଏହା ଏକ ପବିତ୍ର ପୀଠ ବୋଲି ମନେ କଲି, ପବିତ୍ର ସ୍ଥାନଟିର ପ୍ରସିଦ୍ଧି କାମନା କଲି। ସମାଧି ପୀଠ ପ୍ରତି ମୁଣ୍ଡ ନଇଁ ଆସିଲା ଏବଂ ପ୍ରଣାମ କଲି।

ସୁବଳକୁ ପଚାରିଲି - ସର୍କସବାଲା ଶଙ୍କର ବେଟାକୁ ନେଇଗଲା ପରେ ତା'ର ଆଉ ଖବର ରଖିଛ ?

ସେ କହିଲା- ନା ସାହେବ, କିଛି ଦିନ ବାଦେ ସର୍କସ ରାୟଗଡାରୁ ଅନ୍ୟଠାକୁ ଚାଲିଯାଇଥିଲା। ଶଙ୍କର ବେଟାର ଖବର ଆମକୁ ଆଉ ଜଣାନାହିଁ।

ଛ'ମାସ ତଳେ ମୁଁ ରାୟଗଡାରେ ଅବଶ୍ୟ ଡେକାନ ସର୍କସ ଦେଖିଥିଲି। ବିଶେଷ କରି ପଶୁ ପକ୍ଷୀଙ୍କ ଖେଳ ଦେଖିବାକୁ ମୋର ଆଗ୍ରହ ଥାଏ। କିନ୍ତୁ ଖେଳରେ କୌଣସି ହାତୀ ଛୁଆକୁ ଦେଖିନଥିଲି। ରାୟଗଡାରେ ପହଞ୍ଚି ମୁଁ ସର୍କସର ଅନୁସନ୍ଧାନ କଲି। ପ୍ରଶାସନିକ ମଞ୍ଜୁରୀ ମିଆଦ ପୂରିଯିବାରୁ ସେମାନେ ଓଡିଶା ବାହାର ବିହାର ପ୍ରଦେଶକୁ ଚାଲି ଯାଇଥିଲେ। ଭ୍ରାମ୍ୟମାଣ ସର୍କସ ଅନୁଷ୍ଠାନ। ଦେଶ ବିଦେଶ ବୁଲି ସର୍କସ ପ୍ରଦର୍ଶନ କରିଥାନ୍ତି। ସ୍ଥାୟୀ ଠିକଣା ନଥାଏ। ଶଙ୍କର ବେଟାକୁ ସ୍ୱଚକ୍ଷୁରେ ଦେଖିବା ଆଉ ସମ୍ଭବ ହୋଇ ନଥିଲା ମୋ ପକ୍ଷେ। ମୁଁ ଅନ୍ୟତ୍ର ବଦଳି ହୋଇଗଲି। ସର୍କସ ଭଳି ମୁଁ ମଧ୍ୟ ଭ୍ରାମ୍ୟମାଣ ଚାକିରିଆ। ଗୋଟିଏ ସ୍ଥାନରେ, ସ୍ଥିର ସ୍ଥାୟୀ ନରହି ଓଡିଶାର ବିଭିନ୍ନ ଆଭ୍ୟନ୍ତର ଦୁର୍ଗମ ଅଂଚଳ ଦେଖିବାର ସୁଯୋଗ ଓ ସୌଭାଗ୍ୟକୁ ହାତଛଡ଼ା କରିନଥିଲି।

◆◆◆

Digitized by PPRACHIN, SOA

ଦ୍ୱିତୀୟାଙ୍କ

- ୧୪ -

ଇତିମଧ୍ୟରେ ବିତିଯାଇଛି ଅନେକ ଦିନ। ସମୟ ଘୋଡ଼ା ପିଠିରେ ବସି ଦୌଡ଼ୁଥିଲା, ପ୍ରତି ମୁହୂର୍ତ୍ତରେ ଆଗକୁ କୁଦା ମାରୁଥିଲା । ସମୟର ଘୋଡାଦୌଡ ସହ ତାଳ ଦେଇ ଚାଲିବା ଭିତରେ କେତେବେଳେ ଅତିକ୍ରାନ୍ତ ହୋଇଗଲା ଚଉଠ ଶତାବ୍ଦୀ କାଳ, କୋଡିଏରୁ ଅଧିକ ଶୀତ-ବସନ୍ତ-ବୈଶାଖ-ବର୍ଷା ଅତିବାହିତ ହୋଇଗଲା, ଜଣାପଡ଼ିଲା ନାହିଁ। ଚାକିରିରେ ପଦୋନ୍ନତି ଆସିଥାଏ ଚାକିରି ଅବଧି ଓ ଚାକିରିଆଙ୍କ ଦକ୍ଷତା ନେଇ । ରାଜ୍ୟ ସଚିବାଳୟରେ ସଚିବ ପାହ୍ୟାକୁ ଉନ୍ନୀତ ହୋଇ ଅବସ୍ଥାପିତ ହେଲି ରାଜ୍ୟ ରାଜଧାନୀ ଭୁବନେଶ୍ୱରରେ । ପ୍ରାୟ ପ୍ରତିମାସରେ, ପ୍ରତି ଜିଲ୍ଲାକୁ ଗସ୍ତ କରିବାକୁ ପଡିଥାଏ ସରକାରୀ ଯୋଜନାର ଅଗ୍ରଗତି ସମୀକ୍ଷା କରିବା ପାଇଁ । କାର୍ଯ୍ୟକ୍ରମ ଅନୁଯାୟୀ ମୁଁ ବୌଦ୍ଧ ଜିଲ୍ଲା ଗସ୍ତରେ ବାହାରିଲି କାର୍‌ରେ ।

ବୌଦ୍ଧ ସହର ଉପକଣ୍ଠସ୍ଥ ଏକ ଉପାନ୍ତ ସ୍ଥାନ। ରାସ୍ତା ପାଖକୁ ଲାଗି ଲମ୍ୱି ଯାଇଛି ଧାଡି ଧାଡି ରସାଳ ଆମ୍ରକୁଞ୍ଜ... ତାହାରି ଭିତର ପରିବେଶ ସେଦିନ ଜନଗହଳିରେ ପରିପୂର୍ଣ୍ଣ ହୋଇ ପଡିଥିଲା ଲକ୍ଷ୍ୟ କଲି। ଗାଡ଼ିର ଗତିକୁ ଟିକିଏ କମାଇ ଦେଇ ନିରୀକ୍ଷଣ କରନ୍ତେ, ବୃତ୍ତାକାରରେ ଦଣ୍ଡାୟମାନ ଦେଖଣାହାରୀଙ୍କ ଭିତରେ ଏକ ସୁବୃହତ୍ ଦନ୍ତାହାତୀ ଖେଳ ଦେଖାଉଥିବାର ମୋ ନଜରକୁ ଆସିଲା। କୌତୂହଳ ସମ୍ୱରଣ କରିନପାରି ଖେଳ ଦେଖିଲି ଖୁବ୍ ଆଗ୍ରହର ସହିତ... । ମାହୁନ୍ତ ତୂରୀର ତରଙ୍ଗରେ ଆମ୍ର କାନନ ତରଙ୍ଗାୟିତ । ମଧ୍ୟବୟସ୍କ ମାଷ୍ଟର-ମାହୁନ୍ତ ହାତୀ ହାଉଦା ଉପରେ ବସି ବାଜା ବଜାଉଥାଏ, ଖେଳ ନିର୍ଦ୍ଦେଶ ଦେଉଥାଏ । ତା' ମୁଣ୍ଡରେ ମୋଡ଼ା ମୋଡ଼ା କନାର ସୁଦୃଶ୍ୟ ରଙ୍ଗରଙ୍ଗିଆ ଠେକାଟିଏ । କାର୍ ସେଠି ରାସ୍ତାର କଡ଼ରେ ରଖିଲି । ବନ ଓ ବନ୍ୟଜନ୍ତୁ ସମ୍ବନ୍ଧରେ ମୋ ଅଙ୍ଗେନିଭା ଅନୁଭୂତି ଓ ମୁଠାଏ

Digitized by PPRACHIN, SOA

ସ୍ଥାନକୁ ନେଇ ଲେଖାଲେଖି ଆରମ୍ଭ କରିଥିଲି । ଖେଳ ପ୍ରଦର୍ଶନ କରୁଥିବା ବିଶାଳକାୟ ଦନ୍ତାହାତୀଟିକୁ ଦେଖି ବେଲଘର 'ଭୂତୁଣୀ ହାତୀ' ଓ ତା'ର ଶିଶୁ ସନ୍ତାନ 'ଶଙ୍କର ବେଟା' କଥା ମନେ ପଡ଼ିଗଲା । ଏମିତି କେଉଁଠି ହାତୀମାନଙ୍କୁ ଦେଖିଲେ ସେମାନଙ୍କ କଥା ମନେ ପଡ଼ିଯାଏ । କୁଆଁରମୁଣ୍ଡା ଗ୍ରାମମୁଖ୍ୟ ଜନାର୍ଦ୍ଦନ ସାଉକାରଙ୍କ ଅନୁରୋଧ 'ଭୂତୁଣୀ ହାତୀ'ର ମାର୍ମିକ କାହାଣୀର ପୁସ୍ତିକାଟିଏ ଛାପି ଲୋକାର୍ପିତ କରିବା ହୋଇପାରି ନଥିଲା । ମୁଁ ମଧ୍ୟ ପ୍ରତିଶ୍ରୁତି ମତେ ଉଦ୍‌ଘାଟନ ଉତ୍ସବରେ ଯୋଗଦେଇ ପାରି ନଥିଲି ମୋ ଦୂରନ୍ତ ଅବସ୍ଥାନ ଓ ଚାକିରିର ଚାପ ଯୋଗୁଁ । ଚାକିରିରେ ଯେତେ ତୁମେ ପଦୋନ୍ନତିର ପାହାଚ ଚଢିବ, ଚାକିରିର ଚାପ ଓ ଦାୟିତ୍ୱର ବୋଝ ବଢ଼ି ବଢ଼ି ଚାଲିବ । 'ଭୂତୁଣୀ ହାତୀ' ଲେଖା ଅସମ୍ପୂର୍ଣ୍ଣ ରହିଛି । କେବଳ ଶୁଭେଚ୍ଛାପତ୍ର ଦ୍ୱାରା ମୋ ଅକ୍ଷମତା ପ୍ରକାଶ କରିଥିଲି ଜନାର୍ଦ୍ଦନ ବାବୁଙ୍କୁ । ଗୁଣୁପୁରର ସ୍ୱେଚ୍ଛାସେବୀ ଲୋକପ୍ରିୟ ଗାନ୍ଧୀବାଦୀ ଜନସେବକ ଗୋଲକ ମୁର୍ମୁ ମହାଶୟ 'ଭୂତୁଣୀ ହାତୀ'ର ମୁଗୁନି ପଥର ପ୍ରତିମୂର୍ତ୍ତି ଉଦ୍‌ଘାଟନ କରିଥିଲେ । 'ମା' ଆମ୍ଭ ଗଜଲକ୍ଷ୍ମୀ' ମନ୍ଦିର ପ୍ରାଙ୍ଗଣରେ ଆଡ଼ମ୍ବରପୂର୍ଣ୍ଣ ଉତ୍ସାହ ଉଦ୍ଦୀପନା ଭିତରେ ଉତ୍ସବ ପାଳିତ ହୋଇଥିଲା । ସେଇ ବର୍ଷଠୁଁ କୁମାର ପୂର୍ଣ୍ଣମୀ ଦିନ ଗଜଲକ୍ଷ୍ମୀ ପୂଜା ଉତ୍ସବ ସେଠାରେ ପାଳିତ ହୋଇ ଆସୁଛି ସମାରୋହରେ । ସମାଜସେବୀ ମୁର୍ମୁ ମହାଶୟ ଅଞ୍ଚଳର ଉନ୍ନତି ପାଇଁ ଉତ୍ସର୍ଗୀକୃତ ହୋଇଛନ୍ତି ବୋଲି ଜାଣି ଆଶ୍ୱସ୍ତ ହୋଇଥିଲି ।

ଖେଳରେ ସୁବୃହତ୍ ଦନ୍ତାହାତୀ, ଗୋଟିଏ ମାଈ କୁକୁର ଓ ଗୋଟିଏ ପୁରୁଷ ପାତିମାଙ୍କଡ଼ । ମାହୁନ୍ତ ହାତୀ ଉପରେ ବସି କେତେବେଳେ ଚାଙ୍ଗୁ ବାଦ୍ୟ, କେତେବେଳେ କେନ୍ଦେରା, ଆଉ କେତେବେଳେ ଡମ୍ବରୁ ବଜାଉଥିଲା ଓ କେତେବେଳେ ବଂଶୀର ସ୍ୱର ତୋଳୁଥିଲା, ପୁଣି କେତେବେଳେ ଡାହାଣ ହାତର ତିନୋଟି ଆଙ୍ଗୁଠି ପାଟିରେ ପୂରାଇ ହୁଇସିଲ ମାରୁଥିଲା । ଖାଉନ୍ଦର ନିର୍ଦ୍ଦେଶ ମତେ ହାତୀଟି କେତେବେଳେ ଆଗ ଦୁଇଗୋଡ଼ ଉପରକୁ ଟେକି କେବଳ ପଛ ଦୁଇଗୋଡ଼ରେ ଟିପେଇ ଚାଲୁଥିଲା ତ କେତେବେଳେ ସାପ ଫଣା ଭଳି ଶୁଣ୍ଢ ଉପରକୁ ଟେକି ସାପ ଦଂଶନର ଭୂମିକା କରୁଥାଏ, ଯେଉଁ ସମୟରେ ନାଗୀନ୍ ଗୀତର ନାଗେଶ୍ୱର ରାଗସ୍ୱର ବଂଶୀରେ ମହୁନ୍ତ ବଜାଉଥାଏ ଏବଂ କେତେବେଳେ ଶୁଣ୍ଢ ଦ୍ୱାରା ଫୁଲ ଚନ୍ଦନ ଧୂପ ସିନ୍ଦୂର ନେଇ ପଥର ଉପରେ ନଡ଼ିଆ ଭାଙ୍ଗୁଥାଏ । ମାହୁନ୍ତ ଦର୍ଶକଙ୍କୁ ପୂଜା ପାଇଁ ନଡ଼ିଆ, ଲଡୁ, ରାଶିଲଡୁ, କଦଳୀ, ଭୋଗପାଇଁ ମାଗନ୍ତେ ଇଚ୍ଛୁକ ଦର୍ଶକ ହାତରୁ ଭୋଗ ସାମଗ୍ରୀ ଶୁଣ୍ଢରେ ସଂଗ୍ରହ କରି ପୂଜକ-ପୁରୋହିତ ପରି ଗୋଟିଏ ସିନ୍ଦୂରଲଗା ପଥରକୁ ଦିଅଁ ଭାବେ ଥାପନା କରି ଆଗ ଗୋଡ଼ରେ ଆଣ୍ଠେଇ ପୂଜା କରୁଥାଏ ।

Digitized by PPRACHIN, SOA

ପୂଜା ସମୟରେ ମାଙ୍କଡ଼ ପିତଳ ଘଣ୍ଟ ଧରି ଅନବରତ ବଜାଇ ରହିଥାଏ । ପୁନଶ୍ଚ ପୂଜା ପରେ ଭକ୍ତ-ଦର୍ଶକ ମାନଙ୍କ ପୂଜିତ ସାମଗ୍ରୀ ଗୋଟିଏ ପରେ ଗୋଟିଏ ଫେରସ୍ତ ଦେଉଥାଏ ଓ ପଥରରୁ ସିନ୍ଦୂର ନେଇ ଭକ୍ତ ମଥାରେ ଦେଉଥାଏ ଖୁବ୍ ସନ୍ତର୍ପଣ ଓ ସାବଧାନରେ ।

ମୋର ଉତ୍ସୁକତା ବଢ଼ିଲା । ନିଜ ପଦ ପଦବୀ ଭୁଲିଯାଇ ଦର୍ଶକବୃନ୍ଦଙ୍କୁ ଆଡ଼େଇ ସବା ଆଗରେ ଠିଆ ହେଲି ଏବଂ ମୋ ମୁଣ୍ଡରେ ସିନ୍ଦୂର ଦେବାକୁ ମାହୁନ୍ତକୁ ଉଚ୍ଚ ପାଟିରେ କହିଲି । ମୋ ପାଖେ କିଛି ପୂଜା ପଦାର୍ଥ ଥାଆନ୍ତା ପରା ! ମାହୁନ୍ତର କହିବା ମତେ ମୁଁ ପାହୁଣ୍ଡେ ଭିତରକୁ ଗଲି ଏବଂ ତା ନିର୍ଦ୍ଦେଶ ମତେ ହାତୀ ତା' ଶୁଣ୍ଢ ପୁଡ଼ାରେ ପଥର ଦେହରୁ ସିନ୍ଦୂର ଆଣି ମୋ ମଥାରେ ମେଞ୍ଚାଏ ଲଗାଇ ଦେଲା । ମୁଁ ଶିହରିତ ହେଲି । ପର୍ସରୁ ଏକଶତ ଟଙ୍କାର ନୋଟ୍‌ଟିଏ କାଢ଼ି ହାତୀ ଶୁଣ୍ଢରେ ଧରାଇଦେଲି ଦକ୍ଷିଣା ସ୍ୱରୂପ । ସେ କାଗଜ ନୋଟ୍ ଏବଂ ମୁଦ୍ରାର ପ୍ରଚଳନ ବୁଝିଥିଲା । ତା ନାକ ପୁଡ଼ାରେ ନୋଟ୍‌ଟିକୁ ଧରିନେଇ ମାହୁନ୍ତକୁ ବଢ଼ାଇ ଦେଲା ।

ସେମାନଙ୍କ ଫୁଟବଲ ଖେଳ ମଧ୍ୟ ସେହିପରି ଥିଲା ଚମତ୍କାର । କେତେବେଳେ ଗୋଲରକ୍ଷକ ତ ଆଉ କେତେବେଳେ ସେଣ୍ଟର ଫରଓ୍ୱାର୍ଡର ଭୂମିକା । ଯେ କୌଣସି ଦର୍ଶକ ପେନାଲଟି ଗୋଲ ମାରି ପାରିବ । ପାତି ମାଙ୍କଡ଼ଟି ହାତୀ ଆଗ ଗୋଡ଼ ଫାଙ୍କରେ ବଲ୍‌କୁ ଗୋଲ୍ ଦେବା ପାଇଁ ଚେଷ୍ଟା କରୁଥିଲାବେଳେ ହାତୀ ଦକ୍ଷ ଗୋଲରକ୍ଷକ ଭାବେ ଅଭିନୟ କରୁଥାଏ । ଘନ ଘନ କରତାଳି ଓ ହର୍ଷରୋଳରେ ଭୂଇଁ ଉଛୁଳି ପଡୁଥାଏ ।

ଆଉ କୁକୁରର ଭୂମିକା ? ସେ ବି କିଛି କମ୍ ନଥିଲା ଅଭିନୟରେ । ପଛ ଦୁଇଗୋଡ଼ରେ ଠିଆ ହୋଇ ଆଗ ଦୁଇଗୋଡ଼ର ପାଦ ନୁଆଇଁ ଜିଭ କାଢ଼ି ନର୍ତ୍ତକୀର ନୃତ୍ୟ ଜାରି ରଖିଥାଏ ବାଦ୍ୟର ତାଳେ ତାଳେ । ଇତ୍ୟାଦି ।

ତା'ପରେ ଆରମ୍ଭ ହୁଏ ଅଙ୍କ ଖେଳ । ୬" × ୬" ର ତ୍ରିଭୂଜାକାର କାଠପଟାରେ ୧ଠାରୁ ୧୦ ଅଙ୍କସଂଖ୍ୟା ପ୍ରତି ପଟାରେ ମୋଟା କଳା କାଳିରେ ବଡ଼ ଆକାରରେ ଲେଖା ଯାଇ ଗୋଟିଏ ସ୍ଥାନରେ ଥାକ କରି ଥୁଆ ହୋଇଥାଏ । ଟିକିଏ ଦୂରରେ ସେହିପରି ୧୦"× ୮" ଆୟତାକାରର କାଠପଟାରେ ୧ଠାରୁ ୧୦ ସଂଖ୍ୟା ପର୍ଯ୍ୟନ୍ତ ସୁଦୃଶ୍ୟ ମୋଟା ଧଳା କାଳିରେ ଲେଖାଯାଇ ଥାକ ମରାଯାଇଥାଏ । ଇଚ୍ଛୁକ ଦର୍ଶକ ଜଣକୁ ମାହୁନ୍ତ-ମାଷ୍ଟର ନିର୍ବାଚିତ କରି ୧୦ ଭିତରେ ସଂଖ୍ୟାଟିଏ କହିବାକୁ ଅନୁରୋଧ କରିଥାଏ । ସେଇ ସଂଖ୍ୟାଟି ମାଷ୍ଟର ବାରମ୍ୱାର ଉଚ୍ଚାରଣ କରି ଡମ୍ବରୁ ବଜାଇ ଥାଏ ଓ ମନୁ ବୋଲି ସମ୍ବୋଧନ କରୁଥିବା ମାଙ୍କଡ଼କୁ ନିର୍ଦ୍ଦେଶ ଦିଏ ଚାରି

Digitized by PPRACHIN, SOA

କୋଣିଆ ବର୍ଗାକାର ପଟା ଭିତରୁ ଏହି ପ୍ରଜ୍ଞାପିତ ସଂଖ୍ୟାଟି ଥାକରୁ ଖୋଜି ବାହାର କରିବା ପାଇଁ । ମାଙ୍କଡ ମନୁ ସଂଖ୍ୟାଟି ଖୋଜି ବାହାର କରି ପ୍ରଦର୍ଶିତ କରେ ଦୁଇ ହାତରେ ଧରି । ଏହା ଠିକ୍ ବୋଲି କରତାଳି ମାଧ୍ୟମରେ ସମର୍ଥନ କରନ୍ତି ଦର୍ଶକବୃନ୍ଦ । ତା'ପରେ ନିର୍ଦ୍ଦେଶ ହୁଏ 'ମୋତି' କୁକୁରୀକୁ । ମୋତି ହୃଷ୍ଟପୁଷ୍ଟ ମାଈ ଛଇଳା ସୁନ୍ଦରୀ ସ୍ୱାସ୍ଥ୍ୟବତୀ କୁତାଟିଏ । ମୋତି ଦର୍ଶକ ହାତରୁ ସଂଖ୍ୟା ପଟାଟିକୁ ନେଇ ତିନିକୋଣିଆ ପଟା ଥାକରୁ ବାଛି ବାହାର କରିବା ପାଇଁ ନିର୍ଦ୍ଦେଶ ହୁଏ । ସେ ନିର୍ଭୁଲ ଭାବେ ଉକ୍ତ ସଂଖ୍ୟାକୁ ଖୋଜି ବାହାର କରି ମୁହଁରେ କାମୁଡ଼ି ଦର୍ଶକମାନଙ୍କୁ ଦେଖାଇ ସାରି ଚିହ୍ନିତ ବୃତ୍ତର ମଝିରେ ଥୁଏ । ଏହା ପରେ ଦୁଇ ପଟାରେ ଲିଖିତ ସଂଖ୍ୟାର ଯୋଗଫଳ ନିର୍ଣ୍ଣୟ କରାଯାଏ । ଏହି କାମଟି ହାତୀର । ଏଥର ମାଷ୍ଟର ପେଁ କାଳି (ତୂରୀ) ବଜାଇ ହାତୀକୁ ଦୁଇ ସଂଖ୍ୟାର ଯୋଗଫଳ କଳାପଟାରେ ଲେଖିବାକୁ ନିର୍ଦ୍ଦେଶ ଦିଏ । ହାତୀ ତା' ଶୁଣ୍ଢର ଆଗପୁଡ଼ାରେ ମୋଟା ଖଡ଼ିଧରି କଳାପଟାରେ ମିଶାଣଫଳ ଲେଖିଦିଏ । ବିପୁଳ କରତାଳି ଓ ହର୍ଷରୋଳରେ ଖେଳପଡ଼ିଆ ପ୍ରକମ୍ପିତ ହୋଇଉଠେ ।

ଖେଳର ମୁଖ୍ୟ ନାୟକ ହାତୀଟିର ହୃଷ୍ଟପୁଷ୍ଟ ଶରୀର ବିଶିଷ୍ଟ ସୁଦୀର୍ଘ ଶୁଭ୍ରାଭ ଦନ୍ତଦ୍ୱୟ କଳାକାରର କଳ୍ପନା ଠାରୁ ଆହୁରି ଚମକ ମନେ ହେଉଥିଲା । ସୁଉଚ୍ଚ ହାତୀଟିକୁ ରଙ୍ଗମଞ୍ଚରେ ଅଭିନୟ କଲାଭଳି ସଜାଇଥାଏ ମାହୁନ୍ତ । ପିଠି ଉପରେ ଭେଲଭେଟ୍ ଚାଦର ରବି ରଶ୍ମିରେ ଚକ୍‌ଚକ୍ କରୁଥାଏ । ଚାଦରରେ ବିଭିନ୍ନ ରଙ୍ଗର ଟିପା ଟିପା ଚିତା ଆକର୍ଷଣୀୟ ଥିଲା ଦର୍ଶକ ଆଖିକୁ । ସେହିପରି ଖେଳୁଆଡ଼ କୁକୁର ଓ ମାଙ୍କଡ଼ ଖେଳ ପୋଷାକ ପିନ୍ଧି ଅବତୀର୍ଣ୍ଣ ହୋଇଥିଲେ ଖେଳ ପ୍ରାଙ୍ଗଣକୁ ।

ତା'ପରେ ହେଲା ଘଣ୍ଟା ଖେଳ । ମାଷ୍ଟର-ମାହୁନ୍ତ ଗୋଟିଏ ବ୍ୟାଗ୍‌ରୁ ବେଟେରି ଚାଳିତ ଘଣ୍ଟାଟିଏ କାଢ଼ି ଦର୍ଶକମାନଙ୍କୁ ଦେଖାଇଲା । ଘଣ୍ଟାରେ ସମୟ- ଦିନ ୧୨ ଘଣ୍ଟା ଏଇମାତ୍ର ଅତିକ୍ରାନ୍ତ । ଅତଏବ ମାହୁନ୍ତ ହାତୀକୁ ପଚାରିଲା- ଶଙ୍କର ବେଟା, ଘଣ୍ଟା ସମୟ ଦେଖି ଦର୍ଶକ ଭାଇମାନଙ୍କୁ କହିଦିଅ ବର୍ତ୍ତମାନ କେତେ ସମୟ ଏବଂ ଖେଳ ଶେଷ ବେଳ । ହାତୀ ଅବିଳମ୍ବେ ବାରଥର ତା' ଶୁଣ୍ଢରେ ତୂରୀ ବଜାଇଲା ଏବଂ ଠିକ୍ ତାକୁ ତାଳଦେଇ ପାତିମାଙ୍କଡ଼ଟା ହାତରେ ପିତଳ ଘଣ୍ଟ ଧରି ବାଡ଼ିରେ ବାରଥର ବଜାଇ ଶୁଣାଇ ଦେଲା- ଠନ୍, ଠନ୍, ଠନ୍ । ମୋ ଆଶ୍ଚର୍ଯ୍ୟର ସୀମା ରହିଲା ନାହିଁ । ସାମାନ୍ୟ ଅନାମଧେୟ ଏହି ମାହୁନ୍ତ-ମାଷ୍ଟରର ପଶୁମାନଙ୍କୁ ଶିକ୍ଷାଦାନର ଇନ୍ଦ୍ରଜାଲରେ ମୁଁ କିଛି ସମୟ ବାନ୍ଧି ହୋଇଗଲି ।

ପଶୁତ୍ରୟଙ୍କର ଖେଳ ଦେଖୁଥିଲି, ଅତ୍ୟନ୍ତ ଆନନ୍ଦିତ ହେଉଥିଲି । ପଶୁ ମଧ୍ୟ ବୁଝିପାରେ ଭାଷା ଓ ଅଙ୍କ- ମୋର ହୃଦ୍‌ବୋଧ ହୋଇଥିଲା । ମାଷ୍ଟର ମୁହଁରୁ ସ୍ଫୁରିତ ଭାଷାର ଶବ୍ଦଭଙ୍ଗୀ,

Digitized by PPRACHIN, SOA

ସୁଷ୍ପର, ବାଦ୍ୟଯନ୍ତର ପ୍ରୟୋଗ ଓ ଇସାରା ବୁଝିପାରି ନିର୍ଦ୍ଦେଶ ବା ଠାର ମାଧ୍ୟମରେ କାମ କରିବାକୁ ପଶୁମାନଙ୍କୁ ଶିକ୍ଷା ଦିଆଯାଇଥାଏ ଏବଂ ଏହାପ୍ରାକ୍ ପ୍ରସ୍ତୁତି ଓ ପୁନଃପୁନଃ ପ୍ରଶିକ୍ଷଣ ଓ ଅଭ୍ୟାସ ଦ୍ୱାରା ସମ୍ଭବ ବୋଲି ମୋର ଧାରଣା ଦୃଢ଼ ହେଲା ।

ପଶୁମାନଙ୍କ ବୁଦ୍ଧି ଓ ଖେଳରେ ହଜି ଯାଇଥିଲି ଏତେ ସମୟ, ଭୁଲି ଯାଇଥିଲି ମୋ ଅଫିସରୀୟ ଦାୟିତ୍ୱ, କର୍ତ୍ତବ୍ୟ ଓ ସମୟ ଜ୍ଞାନ । ମୋର ସମ୍ବିତ୍ ଫେରିଲା । ନିର୍ମେଘ ଆକାଶର ସୂର୍ଯ୍ୟସ୍ଥିତି ସମୟ ସୂଚାଇ ଦେଲା, ଚେତାଇଦେଲା ମୋତେ । ହାତଘଡ଼ିକୁ ଦେଖି ସମୟ ଜାଣିଲି । ମଧ୍ୟାହ୍ନ ଉପସ୍ଥିତ । ତେଣେ ଜିଲ୍ଲାସ୍ତରୀୟ ଅଧସ୍ତନମାନେ ଅପେକ୍ଷା କରି କରି ବ୍ୟସ୍ତ ହେବେଣି । ମୁଁ କୌଣସି ଅସୁବିଧାରେ ଅଛି ବୋଲି ଆଶଙ୍କିତ ହେବେଣି । ଅଧିକ ବିଳମ୍ବ ଅଶୋଭନୀୟ । ବିବେକ କୈଫିୟତ ମାଗିବ । ଏଣେ ଖେଳ ଚାଲିଥାଏ, ଆଉ କିଛି ବାକି ଥାଏ । ଖେଳ ସ୍ଥାନ ଛାଡ଼ିଲି ।

ଜିଲ୍ଲା କାର୍ଯ୍ୟାଳୟକୁ ଗଲି । ଅଧସ୍ତନମାନେ ଯଥାରୀତି ସଲାମ କରି ସ୍ୱାଗତ କଲେ, ଭିତରକୁ ପାଛୋଟି ନେଲେ । ଉଦ୍ଦିଷ୍ଟ ଚୌକିରେ ବସି ଯୋଜନା-ସମୀକ୍ଷା ନଥିପତ୍ର ଲେଉଟାଇଲି। ଆଖିଥିଲା ନଥିପତ୍ର ତଥ୍ୟ ଉପରେ, ମନ ମସ୍ତିଷ୍କ କିନ୍ତୁ ଭିନ୍ନ ରାଜ୍ୟରେ । ପଶୁ ଖେଳର ଚମତ୍କାରିତା ମନ ଦର୍ପଣରେ ପ୍ରତିବିମ୍ବିତ ହୋଇ ଉଠୁଥିଲା, ମୋ ମାନସ ଚିନ୍ତାକୁ ଆହ୍ଲାଦିତ କରିଥିଲା।

ଅତିଥିଶାଳାରେ ମଧ୍ୟାହ୍ନ ଭୋଜନର ଆୟୋଜନ, ପରସା ଟେବୁଲରେ ବିଭିନ୍ନ ସ୍ୱାଦୁକର ଖାଦ୍ୟରେ ଜାଗା ନଥାଏ । ଉପରିସ୍ଥ ଅଫିସରଙ୍କ ପାଇଁ ଏପରି କରାଯାଇଥାଏ- ସାଧାରଣ କଥା । ଏଠୁ ସେଠୁ ନେଇ ମୁହଁରେ ଦେଲି । ଅନ୍ୟମନସ୍କତା, ଭିନ୍ନମନତା ଏଡ଼ାଇ ପାରିଲି ନାହିଁ । ଉଠିଲି ବିଶ୍ରାମ କକ୍ଷକୁ । କିନ୍ତୁ ବିଶ୍ରାମ ଦୂରରେ ରହିଲା । ଆଖି ବନ୍ଦ ହେଲା ନାହିଁ । ମନ ବୁଲିଲା ଭାବନା ରାଜ୍ୟରେ । ପଶୁମାନଙ୍କ ଅଙ୍କକଷା ଖେଳ ଦେଖି ତାଜୁବ୍ ହୋଇଯାଇଥିଲି । ସେଇକଥା ମୁଣ୍ଡକୁ ବାରମ୍ବାର ଛୁଇଁଲା । ପଶୁ ପ୍ରଶିକ୍ଷଣ କଥା ମନକୁ ଘାରିଲା । ବ୍ରେଲ୍ ଲିପିର ଅଧ୍ୟୟନ ପ୍ରଶିକ୍ଷଣ ଯୋଗୁଁ ଯଦି ଦୃଷ୍ଟିହୀନ ଅନ୍ଧ ମୂକ ପଢି ଲେଖି ଜୀବିକାର୍ଜ୍ଜନ କରିପାରେ, ପଶୁ ହେଲେ ହେଁ ଅଧିକ ଉପଯୁକ୍ତ ଶିକ୍ଷା, ସୂତ୍ର, ପ୍ରଶିକ୍ଷଣ ଓ ତାଲିମ୍ ଦ୍ୱାରା ଅଧିକ ଶିକ୍ଷାଲାଭ କରିବାର ଯଥେଷ୍ଟ ସମ୍ଭାବନା ରହିଛି । ଜଣେ ମାମୁଲି ମାଷ୍ଟର-ମାହୁନ୍ତ ମାତ୍ର ତିନୋଟି ପଶୁଙ୍କୁ ପୋଷି ଶିକ୍ଷା ଦେଇ ବୁଲି ବୁଲି ଜୀବିକାର୍ଜ୍ଜନ କରୁଛି - ଏକ ବାସ୍ତବ ଉଦାହରଣ ଓ ପ୍ରତ୍ୟକ୍ଷ ପ୍ରମାଣ ।

ମନର ଉତ୍ତରଙ୍ଗ ଭାବ-ଭାବନାକୁ ବ୍ୟବଚ୍ଛେଦ କଲି। ବ୍ରେଇଲିପି ଉଦ୍ଭାବନ ଚକ୍ଷୁହୀନଙ୍କ ପାଇଁ ଏକ ଯୁଗାନ୍ତକାରୀ ଆଶୀର୍ବାଦ । ଫରାସୀ ଉଦ୍ଭାବକ ଲୁଇ ବ୍ରେଲ୍ ।

Digitized by PPRACHIN, SOA

ଜୀବନ କାଳ ମାତ୍ର ୪୩ବର୍ଷ (୧୮୦୯-୧୮୫୨) । ମାତ୍ର ତିନିବର୍ଷର ଶିଶୁ ଥିଲା ବେଳେ ଖେଳନା ସହିତ ଖେଳି ବସିବା ବେଳେ ଦୁର୍ଘଟଣାବଶତଃ ଆଖି ଦୁଇଟି ହରାଇଲେ । ବୟସ ବୃଦ୍ଧି ପାଇବା ସଙ୍ଗେ ସଙ୍ଗେ ପଢ଼ିଲେଖି ଶିକ୍ଷିତ ହେବାର ଜିଦ୍ ଓ ଆକାଂକ୍ଷା ତେଜି ଉଠିଲା ମନରେ । ଦୃଢ଼ ମନୋବଳ ଓ ସଂକଳ୍ପ ଦ୍ୱାରା ପଙ୍ଗୁ ବି ଗିରି ଲଙ୍ଘନ କରିପାରେ, କିଏ ବିଶ୍ୱାସ କରୁ ବା ନକରୁ, ଅଦୃଶ୍ୟ ଐଶୀ ଶକ୍ତିର ପ୍ରେରଣା ଥାଏ। ବିଶ୍ୱାସ ବ୍ୟକ୍ତିଗତ, ଅନୁଭବର କଥା । ମାନିଲେ ପ୍ରଭୁ ନାମାନିଲେ ପଥରଟିଏ ମାତ୍ର । ନିଷ୍ଠା, ସୃଜନ, ସଂକଳ୍ପ ଏକ ତପସ୍ୟା। । ଉଦ୍ଭାବକମାନେ ତପସ୍ୱୀ । ସେହିପରି ଅଷ୍ଟମ ଶତାବ୍ଦୀର ଗ୍ରୀକ୍ କବି ହୋମର ଅନ୍ଧ ଥାଇ 'ଇଲିଆଡ' ଓ 'ଅଡ଼ିସୀ' କାଳଜୟୀ କାବ୍ୟ କିପରି ରଚନା କରିପାରି ଥିଲେ। ଇଂରେଜ ଅନ୍ଧ କବି ଜନ୍ ମିଲଟନ୍ 'ପାରାଡାଇଜ୍ ଲଷ୍ଟ' ଓ 'ପାରାଡାଇଜ୍ ରିଗେନ୍ଡ' ଦୁଇଟି ସୁଦୀର୍ଘ କାବ୍ୟ କିପରି ରଚନା କରିପାରିଥିଲେ। ଆମ ଓଡ଼ିଆ କବି ଭୀମ ଭୋଇ ଅନ୍ଧ କବି ଥିଲେ । ସେ କିଛି କବି ପାଣ୍ଡିତ୍ୟରେ କମ୍ ନଥିଲେ । ବ୍ୟାସ ରଚିତ ଆମ ପୁରାଣ ଧର୍ମଗ୍ରନ୍ଥ ମହାଭାରତରେ କୁରୁରାଜ ଧୃତରାଷ୍ଟ୍ର ଜନ୍ମାନ୍ଧ ଥିଲେ କିନ୍ତୁ ସାମ୍ରାଜ୍ୟ ଓ ଶାସନ ଦକ୍ଷତାର ସହିତ ସମ୍ଭାଳିଥିଲେ । ହୋଇପାରେ ସେକଥା କବି କଳ୍ପନା, କିନ୍ତୁ ନୁହେଁ ଅବାନ୍ତର, ନୁହେଁ ଅସମ୍ଭବ ।

ମୋ ଗାଁ ବାଙ୍କୀ ଟର୍ଚ୍ଚିକାର ସେଇ ଅନ୍ଧ କଥା ମନେପଡ଼ୁଛି। ତା'ର ନାମ ସନେଇ ସାମଲ ଓରଫ ସନା। ସେ ଜଣେ କୃଷକ, ହଳ କରେ ଦିନରେ ଏବଂ ରାତିରେ । ଦିନ ଆଉ ରାତିର ପାର୍ଥକ୍ୟ ଜାଣେ ନାହିଁ । ହାତରେ ମାତ୍ର ଗୋଟିଏ ବାଡ଼ି ତା'ର ଦିଗବାରେଣୀ ଯନ୍ତ୍ରଭଳି । ସେଥିରେ ସ୍ପର୍ଶକରି ଜିନିଷ ଜାଣିପାରେ । ଅନ୍ଧାର ରାତିରେ ନଦୀକୁ ଯାଏ ଶୌଚ ଓ ଗାଧୁଆ ପାଇଁ । ଆଶ୍ଚର୍ଯ୍ୟର ବିଷୟ, କାହାର ଅଞ୍ଚଳର କୂଅରେ ଯଦି ପାଣିପାତ୍ର ଦଉଡ଼ିରୁ ଛିଣ୍ଡି ପଡିଯାଏ, ଲୋକେ ତାକୁ ଲୋଡନ୍ତି । ଅଞ୍ଚଳରେ କେଉଁଠି କୂପ କିମ୍ବା ନଳକୂପ ଖୋଳାଗଲେ ସନାଡନ ଦରକାର ପଡ଼େ । ସେ ବାଡ଼ି ସ୍ପର୍ଶ ଦ୍ୱାରା ମଧୁର ଜଳ ଠାବ କରି ଖୋଳା ସ୍ଥାନ ନିରୂପଣ କରିଥାଏ । ସେ ବିବାହିତ ଥିଲା, ସଂସାର କରିଥିଲା । ସୁସ୍ଥ ସବଳ ସନ୍ତାନ ସନ୍ତତି ତା'ର ଅନ୍ଧ ନୁହନ୍ତି । ସନା ନଦୀରୁ ପଥର ଖୋଳରୁ ଚିଙ୍ଗୁଡ଼ି ମାଛ ଦରାଣ୍ଡି ଧରିପାରୁଥିଲା। ଅନ୍ୟମାନଙ୍କ ଠାରୁ ଅଧିକ ଦକ୍ଷ ସେ ନିଜକୁ ଭାବେ। ତେବେ ଲୁଇ ବ୍ରେଲ୍ ଅନ୍ଧଥାଇ ମଧ୍ୟ ଅନ୍ଧମାନଙ୍କ ପାଇଁ ଐତିହାସିକ ଲିପି ଉଦ୍ଭାବନ କଲେ । ଐଶୀ ଆଶୀର୍ବାଦ, ନିଷ୍ଠା ଏବଂ ଅସମ୍ଭବ ମନୋବଳ ପ୍ରତିଷ୍ଠା ଆଣିଥାଏ - ଉପଲବ୍ଧି କରୁଥିଲି ।

କିନ୍ତୁ ଏହି ବ୍ରେଲ୍ ଲିପିର ଭିତ୍ତି କ'ଣ ? ମାତ୍ର ଛ'ଟି ଉଠା ବିନ୍ଦୁ (......) ରେ ହିଁ ବ୍ରେଲ୍ ଖେଳ । କାଗଜ ପଟାରେ ଅଙ୍କିତ ଉଠା ବିନ୍ଦୁ ଗୁଡ଼ିକର ଟିପସ୍ପର୍ଶ ଦ୍ୱାରା ତା'ର

Digitized by PPRACHIN, SOA

ଆକାର, ଆକୃତି, ସ୍ଥିତି ଓ ଦୂରତାକୁ ଭିତ୍ତି କରି ବର୍ଣ୍ଣମାଳା ଗଢ଼ାଯାଇପାରେ, ଲିପି ଲେଖାଯାଇପାରେ - ପ୍ରମାଣ କରି ଦେଖାଇ ଦେଇ ପାରିଲେ ଲୁଇ ବ୍ରେଲ୍ । ପରବର୍ତ୍ତୀ କାଳରେ ବ୍ରେଲ୍ ଲିପି ସଂସ୍କାରିତ ହୋଇ ଅଧିକ ଉନ୍ନୀତ ହୋଇଛି । ଏବେ ବ୍ରେଲ୍ ଲିପିରେ ୧୪ଟି ଉଠା ବିନ୍ଦୁ ଦେଖିବାକୁ ମିଳେ । ଏହା ମଧ୍ୟ ପୁନଶ୍ଚ ସଂସ୍କାରିତ ପରିବର୍ତ୍ତିତ ଓ ପରିବର୍ଦ୍ଧିତ ହୋଇପାରେ, ଯାହା କାଳକ୍ରମେ ସବୁ ବର୍ଣ୍ଣମାଳାରେ ହୋଇଥାଏ । କୌଣସି ଆବିଷ୍କାର ସଂସ୍କାର ଶେଷ ସିଦ୍ଧାନ୍ତ ନୁହେଁ । ବିବର୍ତ୍ତନବାଦର ପରିଭାଷା- ଆଗକୁ ଅଛି, ପୁଣି ଓ ପୁନଶ୍ଚ ।

ମାହୁନ୍ତର ହାତୀ ଖେଳ ମୋତେ ଆକୃଷ୍ଟ କରିଥାଏ ପ୍ରବଳ ଭାବେ । ପଶୁପକ୍ଷୀ କୀଟପତଙ୍ଗମାନେ ଏପରିକି ବୃକ୍ଷ ମଧ୍ୟ, ଜଗତର ସବୁ ଚରମାନେ ନିଜ ନିଜ ମଧ୍ୟରେ ବାର୍ତ୍ତାଳାପ କରନ୍ତି । ସ୍ୱର ମାଧ୍ୟମରେ ଓ ଅଙ୍ଗଭଙ୍ଗୀ ଦ୍ୱାରା ବାର୍ତ୍ତା ଭାବ ବିନିମୟ, ପରସ୍ପର ଇଚ୍ଛା ଆବେଗ ଇତ୍ୟାଦିକୁ ପ୍ରକାଶ କରନ୍ତି । ସେମାନଙ୍କର ଭାବ ଅଛି, ଭାଷା ଅଛି, ଭବନା ଅଛି, କିନ୍ତୁ ମଣିଷକୁ ତାହା ଅଜଣା । ଜ୍ଞାନୀ ବୋଲାଉଥିବା ସବଜାନତା ମଣିଷ ସେମାନଙ୍କ କୂଜନ-କାକଳିର ଭାଷା ଓ ଭାବ କେତେ ପରିମାଣରେ ବୁଝିପାରିଥାଏ ? ଏପରି କି ମଣିଷ ହୋଇ ମଧ୍ୟ ଭିନ୍ନ ଭାଷୀ ମଣିଷର ଭାଷା ବୁଝିବା ପାଇଁ ଜଣେ ଅନୁବାଦକ ଲୋଡ଼ାହୁଏ, ଏ ଅନୁଭୂତି ମୋର ଅଛି । କିନ୍ତୁ ପଶୁପକ୍ଷୀ ନିଶ୍ଚିତ ଭାବେ ବୁଝି ପାରନ୍ତି ଭଲ ପାଇବାର ଭାଷା, ଶ୍ରଦ୍ଧାର ପରିଭାଷା- ଏହାର ମଧ୍ୟ ଶତାଧିକ ଦୃଷ୍ଟାନ୍ତ ରହିଛି । ମୋର ମଧ୍ୟ ନିଜସ୍ୱ ଅନୁଭୂତି ଅଛି। ଗୋଟିଏ ସଦ୍ୟଜାତ ହରିଣ ଛୁଆକୁ କୁକୁରୀ ଠାରୁ ସନ୍ତହାର କରାଇ ବଡାଇ ପାରିଥିଲି।

ତେବେ ପଶୁପକ୍ଷୀଙ୍କ ଆଚରଣ ବିଚରଣ, ଭାଷା, ଭାବ ବୁଝିବା ପାଇଁ ଯୁଗପତ୍ ଗବେଷଣା ଓ ସୂତ୍ର ଏବଂ ପଦ୍ଧତି ସହିତ ଅଧିକ ଉଦ୍ଭାବନର ଆବଶ୍ୟକତା ରହିଛି ବୋଲି ମୁଁ ଅନୁଭବ କରୁଥିଲି ମର୍ମେ ମର୍ମେ । ବିଜ୍ଞାନ ବର୍ଦ୍ଧିତ ବୈଷୟିକ ସମୃଦ୍ଧ କମ୍ପ୍ୟୁଟର-ଇଣ୍ଟରନେଟ୍-ଗୁଗୁଲ(ଯା' ଦିଗରେ ମୋର ବିଶେଷ ପ୍ରବେଶ ନାହିଁ) ଯୁଗର ଜୈବ ବୈଜ୍ଞାନିକ-ବିଶାରଦ ଏହି ଜ୍ଞାନ ବିଦ୍ୟା ପ୍ରୟୋଗ କରି ହୁଏତ ନୂତନ ଦିଗନ୍ତ ଆବିଷ୍କାର କରିପାରନ୍ତି। ମନେହୁଏ ଆମ ପୁରାଣ ବର୍ଣ୍ଣିତ ପଶୁପକ୍ଷୀମାନଙ୍କ କାହାଣୀ, କଥୋପକଥନ ଅମୂଳକ ନୁହେଁ, ଅବାନ୍ତର ନୁହେଁ, ଯାହା ହୁଏତ ଦିନେ ବାସ୍ତବରେ ପରିଣତ ହୋଇପାରେ। ବ୍ରେଲ୍ ଲିପି ଢଙ୍ଗରେ ପଶୁମାନଙ୍କ ପାଇଁ ଭିନ୍ନ ଏକ ପ୍ରଣାଳୀ ଓ ପଦ୍ଧତି ଉଦ୍ଭାବନ କରିବା ନିରବଧି କାଳରେ କେତେବେଳେ ହୁଏତ ସମ୍ଭବ ହୋଇପାରେ। ଶିକ୍ଷା ଓ ସାଧନା ଦ୍ୱାରା ଇତର ପଶୁ ଉନ୍ନତର ହୋଇପାରେ, ନୂତନ ଭିନ୍ନ ଏକ ସଭ୍ୟତା ଗଢ଼ିପାରେ, ହୁଏତ ଏଥିପାଇଁ କୋଟିକୋଟି ବର୍ଷ ଲାଗିପାରେ, ଏମିତି

Digitized by PPRACHIN, SOA

ଏକ ଅନାଗତ ଭବିଷ୍ୟତର ଚିତ୍ର କଳ୍ପନାରେ ଅଙ୍କାଯାଇ ପାରେ ମାତ୍ର । ଏମିତି ଗୁଡ଼ାଏ ଗୂଢ଼ ତତ୍ତ୍ୱ ଭାବନା ପରେ ପ୍ରକୃତିସ୍ଥ ହେଲି। ଭାବନା ଜଗତରୁ ଫେରିଲି ସଚରାଚର ବାସ୍ତବ ଦୃଶ୍ୟକୁ।

ଅପରାହ୍ନରୁ ସନ୍ଧ୍ୟା ପର୍ଯ୍ୟନ୍ତ ଅଫିସ୍ କାମ୍‌ରେ ଲାଗି ମୋର କର୍ତ୍ତବ୍ୟ ଶେଷ କଲି ଏବଂ ବଙ୍ଗଳା ସମ୍ମୁଖ ପୁଷ୍ପଭରା ଉଦ୍ୟାନରେ ଏକ ବୃକ୍ଷମୂଳେ ଆରାମ ଚୌକିରେ ବସିଲି ଚୁପଚାପ୍ । ସାନ୍ଧ୍ୟ ସମୀରଣ ଉପଭୋଗ କରୁଥିଲି । ନୀରବତା ପ୍ରିୟ ମୁଁ । ଅନ୍ୟମାନଙ୍କୁ ବଙ୍ଗଳାରୁ ବିଦାୟ ଦେଲି । ଏତେ ଲୋକଙ୍କର ଏଠି ଆବଶ୍ୟକତା କ'ଣ ? ହାତୀ କୁକୁର ଓ ମାଙ୍କଡ଼ କଥା, ସେମାନଙ୍କ ଶିକ୍ଷା ପଦ୍ଧତି ଓ ମାହୁନ୍ତର ଭୂମିକା ଓ ତା' ଅନୁଭୂତି ଶୁଣିବା ପାଇଁ ମାହୁନ୍ତକୁ ଡକାଇଲି ।

Digitized by PPRACHIN, SOA

- ୧୫ -

: ନମସ୍କାର ସାର୍।

'ସାର୍' ଶବ୍ଦ ବ୍ୟବହାର କରି ଶିଖିଛି, ଶୃଙ୍ଖଳା ଜ୍ଞାନ ବୋଧେ ଶିକ୍ଷା କରିଛି, ସଭ୍ୟ ପରିବେଶରେ ବଢ଼ିଛି ନିଶ୍ଚୟ- ପ୍ରଥମ ସାକ୍ଷାତରେ ବେଶ୍ ଅନୁଭବ କଲି। ଖେଳ ବେଳର ପୋଷାକଟି ପିନ୍ଧିଛି, କେବଳ ମାହୁନ୍ତ ମୁଣ୍ଡର କପଡାମୋଡା ଠେକା ବ୍ୟତୀତ।

: ବସ। ଚୌକିରେ ବସ ମାହୁନ୍ତ ବାବୁ।

: ନା ସାର୍, ମୁଁ ଠିଆ ହୋଇଛି। ତଳେ ବସୁଛି।

: କିଛି ଅସୁବିଧା ନାହିଁ। ତମ ପାଇଁ ଚୌକିଟି ମଗାଇ ପକାଇଛି। ଚୌକିରେ ଆରାମରେ ବସ। ତମେ ପରିଚ୍ଛଳନା କରୁଥିବା ଖେଳ ଖୁବ୍ ଭଲ ଲାଗିଲା। ମନକୁ ଆକୃଷ୍ଟ କଲା। ସେଥିପାଇଁ ନିରୋଳାରେ ଗପସପ କରିବା ପାଇଁ ଡାକିଲି। କିଛି ଅସୁବିଧା ନାହିଁ ତ ?

ମାହୁନ୍ତ ବସିଲା, କିନ୍ତୁ ଖୁବ୍ ସଂକୋଚରେ, ଆଉ ଯୋଡ଼ହସ୍ତରେ। ମୁହଁରେ ସଂଭ୍ରମ ଭାବ। ଡରିଡରି କହିଲା- ହାକିମ ଡାକୁଛନ୍ତି। କାରଣ କ'ଣ ? ଏମିତି ବନରକ୍ଷୀ ବାବୁ, ପୁଲିସି ବାବୁ ଡାକନ୍ତି, ନାଲି ଆଖି ଦେଖାନ୍ତି। କହନ୍ତି, ହାତୀମାଙ୍କଡ଼ ପୋଷିଛୁ, ଅନୁମତି ନେଇଛୁ ? ଲାଇସେନ୍ସ କରିଛୁ ? ମୁଁ ସେମାନଙ୍କ ଗୋଡ଼ତଳେ ପଡ଼ିଯାଏ। ମୂରୁଖ ଲୋକ ଆମେ। ପାଠ ପଢ଼ିନାହିଁ, ଯାହା ସାମାନ୍ୟ ଅ ଆ ଏ.ବି.ସି.ଡ଼ି...। ଆଇନ କାନୁନ ଜଣା ନାହିଁ ମୋତେ। ହାତୀମାଙ୍କଡ଼କୁ ନେଇ ପେଟ ପୋଷୁଛି। ବାବୁମାନଙ୍କୁ ଫଳପୁଷ୍ପ ଦେଇ ସନ୍ତୁଷ୍ଟ କରେ।

ମୁଁ କହିଲି - ବ୍ୟସ୍ତ ହେବାର ନାହିଁ, ଧୀରେ ସ୍ଥିରେ ବସ। ଚ଼' ଖାଇବ ?

: ନାଇଁ ସାର୍, ସେମିତି ଅଭ୍ୟାସ ନାହିଁ।

ସେ ଆଶ୍ୱସ୍ତ ହେଲା, ହାଲୁକା ଅନୁଭବ କଲା।

: ତୁମର ନାମ ?

Digitized by PPRACHIN, SOA

: ରବୀନ୍ଦ୍ର ପରମାଣିକ। ସମସ୍ତେ ଡାକନ୍ତି ରବି।

: ଘର, ଜନ୍ମସ୍ଥାନ ?

: ଜଗତ୍‌ସିଂହପୁର, ପୁରୋହିତ ପଡ଼ା।

: ଏ ହାତୀଟି କେଉଁଠୁ ପାଇଲ ? କିଏ ତାକୁ ଶିକ୍ଷାଦେଲା ?

: ଡେକାନ୍ ସର୍କସର ହାତୀ।

ଡେକାନ୍ ସର୍କସ୍ ନାଁ ଶୁଣି ମୋ ମନରେ ଚମକ ସୃଷ୍ଟିହେଲା। ରାୟଗଡ଼ା ବେଜଘର କଥା ମନେ ପଡ଼ିଲା - ଭୃତୁଣୀ ହାତୀ ଯାହାର ନାମ ବଦଳାଇ ମୁଁ ରଖିଥିଲି 'ଗୁଣ୍ଡୁଣୀ ହାତୀ' ଏବଂ ଗୁଣ୍ଡୁଣୀ ସମ୍ବନ୍ଧରେ ଗାଁ ମୁଖିଆ ଜନାର୍ଦ୍ଦନ ସାହୁଙ୍କ ଅନୁରୋଧ ମତେ ପୁସ୍ତିକାଟିଏ ରଚନା କରିବା ଅଦ୍ୟାବଧି ଅସଂପୂର୍ଣ୍ଣ ରହିଛି। ଜାଣିଛି, ଗୁଣ୍ଡୁଣୀ ହାତୀ ଏବେ ଆମ୍ଭ ମା'ଗଜଲକ୍ଷ୍ମୀ ଭାବେ ପୂଜିତ ହେଉଛି। ମୋର ଜିଜ୍ଞାସା ବହୁଗୁଣିତ ହେଲା।

: ସର୍କସ ସଂସ୍ପର୍ଶରେ କେମିତି ଆସିଲ ?

: ପିଲା ବେଳରୁ। ପାରାଦ୍ୱୀପରେ ଡେକାନ୍ ସର୍କସ ପଡ଼ିଥାଏ। ଆମେ ଜାତିରେ ଭଣ୍ଡାରୀ। ମୋ ବାପା ଉପେନ୍ଦ୍ର ପରମାଣିକ ପାରାଦ୍ୱୀପରେ ବାଳକଟା ସାଲୁନ୍ କରିଥିଲେ ଗୋଟିଏ କାଠ କ୍ୟାବିନରେ। ସର୍କସ ଲୋକମାନଙ୍କର ବାଳ କାଟିବା ଦରକାର ପଡ଼େ। ବାପାଙ୍କୁ ଡକାଇ ନିଅନ୍ତି ସି'ଦିନ। ଏତିକିବେଳେ ମ୍ୟୁନିସିପାଲଟିବାଲା କାଠ କ୍ୟାବିନଟିକୁ ଉଠାଇ ଦେଲେ ଜବରଦଖଲ ଦର୍ଶାଇ। ସେ କ୍ୟାବିନଟିକୁ ଭଡ଼ାରେ ଆଣିଥାନ୍ତି। ଯିବେ କୁଆଡ଼େ ? ବାପା ତା'ପରେ ସର୍କସରେ ସେମାନଙ୍କ ବାଳକଟା କାମରେ ନିୟୋଜିତ ହେଲେ। ସର୍କସ ସେଠି ମାସେ ପଡ଼ିଲା। ତା'ପରେ ଅନ୍ୟ ଜାଗାକୁ ଗଲା। ମୁଁ ଛୋଟଥିଲି। ମୋତେ ଓ ମୋ ବୋଉକୁ ନେଇ ସର୍କସରେ ସବୁଦିନ ରହିଗଲେ। ବୁଲିଲେ ବିଭିନ୍ନ ସ୍ଥାନ।

: ବାପା ବୋଉ ଅଛନ୍ତି ?

: ନା, ସେମାନେ ସ୍ୱର୍ଗବାସୀ।

: ତମେ କିପରି ରହିଲ ?

: ମୁଁ ଆଉ କୁଆଡ଼େ ଯିବି ? ବାପା ହାତୀମାନଙ୍କ ବୁଝାସୁଝା କରୁଥିଲେ। ତାଙ୍କ ଅନ୍ତେ ହାତୀମାନଙ୍କ ଭଲମନ୍ଦ ମୋତେ ବୁଝିବାକୁ ପଡ଼ିଲା। ମୁଁ ବଡ଼ ହୋଇ ଯାଇଥିଲି।

: ତେବେ ଏଇ ହାତୀଟିକୁ କିପରି ପାଇଲ ?

: ରାୟଗଡ଼ାରେ ସର୍କସ ଖେଳ ଦେଖାଉଥିଲା। ମୁଁ ସେତେବେଳେ ଛୋଟ

Digitized by PPRACHIN, SOA

ଥିଲି। ସର୍କସର ଗୋଟେ ୪ ମାସର ହାତୀଛୁଆ ରୋଗରେ ପଡ଼ି ମରିଗଲା। ତା' ମା' ଛୁଆକୁ ଖୋଜିଲା। ଗର୍ଜନ ତର୍ଜନ କଲା। ହାତୀଟା ଭଲ ଖେଳ ଦେଖାଉଥିଲା। ଖେଳରେ ବାଧା ଆସିଲା। ମ୍ୟାନେଜର ସାର୍ ସତ୍ୟନାରାୟଣ ନାଇଡୁ ଚିନ୍ତିତ ହେଲେ। ଭାଗ୍ୟକୁ ନିକଟରେ କେଉଁଠି ଆଉ ଏକ ମାଈ ହାତୀ ଇଲେକ୍ଟ୍ରି ତାର ସଂସ୍ପର୍ଶରେ ଆସି ମରିଯାଇଥିଲା। ତା'ର ଗୋଟିଏ ସେଇଭଳି ଛୋଟ ଛୁଆଥିଲା। ହାତୀଛୁଆର ଖବର ପାଇ ମ୍ୟାନେଜର ସାର୍ ତା'ର ସନ୍ଧାନ ନେଲେ। ବିଲେଇ ଭାଗ୍ୟକୁ ସିକା ଛିଣ୍ଡିଛି। ବାଘ ମୁହଁରୁ ବଂଚିଯାଇଥିବା ମା'ଛେଉଣ୍ଡ ହାତୀ ଛୁଆକୁ ଆଣି ଚିକିତ୍ସା କଲେ । ସର୍କସର ଛୁଆହରା ମା' ହାତୀ 'ସୁନ୍ଦରୀ' ଏଇ ନୂଆ ଛୁଆକୁ ଆଉଜେଇଗଲା, କ୍ଷୀର ଦେଲା। ସେ ଥଣ୍ଡା ପଡ଼ିଲା, ଛୁଆକୁ ପାଳିଲା। ହାତୀ ଛୁଆଟା ସୁସ୍ଥ ସବଳ ହୋଇ ବଢ଼ିଲା। ମ୍ୟାନେଜର ନାଇଡୁ ସାର୍ ତାକୁ ଖୁବ୍ ଭଲ ପାଉଥିଲେ, ତା'ର ଅଧିକ ଯତ୍ନ ନେଉଥିଲେ। ମୁଁ ତା' ସହିତ ଖେଳେ। ମ୍ୟାନେଜର ସାର୍ ତାକୁ ଡାକୁଥିଲେ 'ଶଙ୍କର ବେଟା'। ମୁଁ ମଧ୍ୟ ତାକୁ ସେଇଭଳି ଡାକିଲି।

ଶଙ୍କର ବେଟା।। ଶଙ୍କର ବେଟା ତୁ ଏଇଠି।।। ମୁଁ ଚିତ୍କାର କରିବସିଲି।

ଘଟଣାର ଇନ୍ଦ୍ରଜାଲରେ ଆକସ୍ମିକତାର ସଂଯୋଗ ମୋ ଛାତିରେ ଚମକ ଖେଳାଇ ଦେଲା। ବିସ୍ମୟ ବିସ୍ଫାରିତ ନେତ୍ର ଓ ହୃଦୟ ଚମତ୍କୃତ ଚିତ୍ତରେ ମୁଁ ସମ୍ମୋହିତ ବିହ୍ୱଳିତ ହୋଇ ଚୌକିରେ ନ ବସି ଠିଆ ହୋଇପଡ଼ିଲି। ଲୌକିକ ଆକସ୍ମିକତା କୁହୁକ ପେଡ଼ିର ଅଲୌକିକ କଥା କାହାଣୀ ଠାରୁ ଏତେ ଚିତ୍ତସ୍ପର୍ଶୀ ହୋଇପାରେ, କେବଳ ଅନୁଭବୀ ତା'ର ପ୍ରଗାଢ଼ତା ବୁଝିଥାଏ ସିନା। ଅବ୍ୟକ୍ତ ସେ ଉପଲବ୍ଧି... ଯେମିତି ଘଟଣାର ଘୂର୍ଣ୍ଣନରେ ପେଷି ହୋଇ ଅନେକ ବର୍ଷ ପରେ ପ୍ରେମୀଯୁଗଳ ପୁନର୍ମିଳନର ଆନନ୍ଦାଶ୍ରୁରେ ବିଭୋର ହୋଇ ପଡ଼ନ୍ତି, 'ଶଙ୍କରବେଟା' ନାମ ଶୁଣି ମୋର ଚିଦାନନ୍ଦ କିଛି କମ୍ ନଥିଲା, ସତେ ଯେମିତି ଏକ ହଜିଲା ମୂଲ୍ୟବାନ ଜିନିଷ ମୋର ହସ୍ତଗତ ହୋଇଛି ଆପେ ଆପେ। ବେଲ୍‌ଘରରେ ସୁବଳଠୁଁ ଶଙ୍କର ବେଟା ହାତୀର ବୃତ୍ତାନ୍ତ ଓ ତା' ମା' ଗୁଣ୍ଠୁଣୀ ହାତୀର ଇତିବୃତ୍ତ ଶୁଣିଲା ପରେ ମୁଁ ଶଙ୍କର ବେଟାକୁ ସ୍ୱଚକ୍ଷୁରେ ଦେଖିବା ପାଇଁ ପ୍ରୟାସ କରିଥଲି । ତେବେ ସର୍କସ କିନ୍ତୁ ଅନ୍ୟ ପ୍ରଦେଶରେ ଥିବାରୁ ଆଉ ଦେଖିବା ସମ୍ଭବ ହୋଇ ନଥିଲା। ଗୁଣ୍ଠୁଣୀ ହାତୀର ମାର୍ମିକ କାହାଣୀ ଲେଖିବସିଲା ବେଳେ ଶଙ୍କର ବେଟା ମାନସ ପଟରେ ଉଦ୍‌ଭାସିତ ହୋଇଥାଏ । କିନ୍ତୁ ରଚନା ଅସଂପୂର୍ଣ୍ଣ ହୋଇ ରହିଛି ଦୀର୍ଘ ଦୁଇ ଦଶନ୍ଧି ଅତିକ୍ରାନ୍ତ ହୋଇ ସାରିଥିଲେ ହେଁ । ମାହୁନ୍ତର ଏହି ହାତୀଟି ଗୁଣ୍ଠୁଣୀ ହାତୀର ସନ୍ତାନ ଜାଣିଲା ପରେ ଇଚ୍ଛା ହେଉଥିଲା ସଂଗେସଂଗେ ଯାଇ ପ୍ରୌଢ଼ ଶଙ୍କର ବେଟାକୁ ଦେଖି

Digitized by PPRACHIN, SOA

ଆସିବା ପାଇଁ, କିନ୍ତୁ ମୋ ଅଫିସରୀୟ ପଦବୀ ପ୍ରତିବନ୍ଧକ ସୃଷ୍ଟି କରୁଥିଲା ଏକ୍ଷଣି ରାତିକାଳରେ। କିନ୍ତୁ ମାହୁନ୍ତ ରବୀନ୍ଦ୍ର କାହିଁକି ବୁଝିବ ମୋ ମନର ଉଦ୍‌ବେଳନ! ଯାହାହେଉ ଶଙ୍କର ବେଟାକୁ ରବୀନ୍ଦ୍ର ପାଳିଛି, ଏଡ଼ଗୁ ଏତୁଟିଏ କରିଛି, ଉଚିତଭାବେ ସ୍ନେହଶ୍ରଦ୍ଧା ଦେଇ ଶିକ୍ଷା ଦେଇଛି, ମୋତେ ଖୁବ୍ ଖୁସି ଲାଗିଲା।

ଏକ ପ୍ରଶାନ୍ତିର ପ୍ରଲେପ ମୋ ମୁହଁରେ ଖେଳିଲା। ଶଙ୍କର ବେଟା ଆଜି ମୋ ମୁହଁରେ ମେଞ୍ଚାଏ ସିନ୍ଦୂର ବୋଳିଥିଲା, କମ୍ ସୁଖର କଥା ନୁହେଁ କାରଣ ମୋ ଅନ୍ତର ଖୋଜୁଥିଲା ତାକୁ ବହୁ ଦିନରୁ । ଏହା ଯୋଗସୂତ୍ରର ଆଶୀର୍ବାଦ ନୁହେଁ ତ ଆଉ କ'ଣ ?

ପଚାରିଲି - ତମେ ସର୍କସରୁ ବାହାରି ଆସିଲ କାହିଁକି ରବୀନ୍ଦ୍ର ?

: ସେମାନେ ମୋତେ ବାହାର କରିବାକୁ ବାଧ୍ୟହେଲେ।

: କ'ଣ ପାଇଁ ?

: ସର୍କସର ଟଙ୍କା ପଇସା ଅଭାବ ପଡ଼ିଲା, ଅବସ୍ଥା ଖରାପ ହୋଇଗଲା। ଦେବାଳିଆ ପରିସ୍ଥିତି ଉପୁଜିଲା। କର୍ମଚାରୀମାନଙ୍କୁ ଦରମା ଦେବାକୁ ପଇସା ନଥିଲା। ଏମିତି କଷ୍ଟରେ ବର୍ଷବର୍ଷ ଚାଲିଲା। ଲୋକମାନେ ଭୋକ ଉପାସରେ ରହିଲେ। କେତେ କ୍ରୀଡ଼ାବିତ୍-କଳାକାର ପୁଅଝିଅ, ସ୍ୱାମୀ-ସ୍ତ୍ରୀ ସର୍କସ ଛାଡ଼ି ପଳାଇଲେ।

: ତା'ପରେ ? ପଚାରିଲି ଖୁବ୍ ଉତ୍ସୁକତାର ସହିତ।

: ସେମାନେ ଅନେକ ପଶୁପକ୍ଷୀ ପୋଷିଥିଲେ - ହାତୀ, ଘୋଡ଼ା, ବାଘ, ଭାଲୁ, ଓଟ, କୁକୁର, ମାଙ୍କଡ଼, ଶୁଆଶାରୀ, ପାରା ଇତ୍ୟାଦି। କିନ୍ତୁ ଏମାନଙ୍କୁ ସମ୍ଭାଳିବା କଷ୍ଟକର ହୋଇ ପଡ଼ିଲା। ଜନ୍ତୁଜାନ୍ତାମାନେ ଖାଇବାକୁ ନପାଇ ଦୁର୍ବଳ ହୋଇ ପଡ଼ିଲେ। କେତେଟା ମଧ୍ୟ ମରିଗଲେ। ଏଣୁ କିଛି ପଶୁପକ୍ଷୀମାନଙ୍କୁ କେତେ ବିକ୍ରୀ କରିଦେଲେ, କିଛି ଦାନ କରିଦେଲେ ଚିଡିଆଖାନାକୁ। ଶେଷକୁ ମୋର ଏଇ ହାତୀ ଶଙ୍କର ବେଟାର ବିକ୍ରୀ କଥା ଉଠିଲା। ପିଲାଟି ବେଳରୁ ଶଙ୍କର ବେଟା ସହିତ ମୁଁ ଘନିଷ୍ଠ। ମୋ ବାପା ମରିଗଲା ପରେ ମୁଁ ଶଙ୍କର ବେଟାର ଯତ୍ନ ନେଇଥିଲି। ତା'ଖିଆପିଆକୁ ମୁଁ କେବେ ଅବହେଳା କରିନଥାଏ। ଅଭାବ ବେଳରେ ତା'ପାଇଁ ମାଗିଯାଚି ଆଣି ତାକୁ ପେଟେ ଖୁଆଏ। ତା' ମୁହଁରେ ବରଓସ୍ତ ଡାଳ ଗଦେଇ ଦିଏ। ହାତୀଟା କେତେ ଖାଇ ପାରୁଚି ଖାଉ! ମୋ ବାପା ମରିଗଲା ପରେ ମୁଁ ତା'ର ସାଙ୍ଗ ଅଛି। ସେ ପେଟେ ଖାଇ ସନ୍ତୁଷ୍ଟ ନହେଲା ପର୍ଯ୍ୟନ୍ତ ମୁଁ ଖାଦ୍ୟ ଖାଏନାହିଁ, ମୋ ପାଟିକୁ ଗୁଣ୍ଡା ଗୁଚେ ନାହିଁ। ତା'ର ଟିକିଏ କଅଣ ହୋଇଗଲେ ମୋ ଦେହରୁ

Digitized by PPRACHIN, SOA

ଜୀବନ ଛାଡ଼ିଯାଏ। ସେ ଖୁବ୍ ହୃଷ୍ଟପୁଷ୍ଟ, ଅନ୍ୟ ପୁରୁଖା ହାତୀମାନଙ୍କ ଠାରୁ ବଳୁଆ ଓ ବଡ଼ ଦିଶିଲା। ମୋତେ ଦଣ୍ଡେ ନ ଦେଖିଲେ ସେ ରହିପାରେ ନାହିଁ, ଗର୍ଜନ କରେ। ମୁଁ ବି ରହିପାରେ ନାହିଁ ତାକୁ ନଦେଖି। ସେ ମୋ କଥା ବୁଝିପାରେ, ତା' କଥା ବି ମୁଁ ବୁଝିପାରେ। ମୁଁ କହିଲା ମୁତାବକ ସେ କାମକରେ। ଏସବୁ ଶିକ୍ଷା ପାଇଁ ବେଣୁଗୋପାଳ ସାର୍ ନିଯୁକ୍ତ ଥିଲେ। ପଶୁପକ୍ଷୀମାନଙ୍କୁ ବହୁତ ଭଲ ପାଉଥିଲେ, ନିଜ ପିଲାପରି ପାଳୁଥିଲେ। ସର୍କସର ପଶୁପକ୍ଷୀଙ୍କୁ ଯେତେବେଳେ ବିକ୍ରୀ କରାଗଲା, ସେ କୋହ ସମ୍ଭାଳି ନପାରି କାନ୍ଦିଥିଲେ। କିନ୍ତୁ ଉପାୟ କ'ଣ ଥିଲା ? ମୁଁ ଶଙ୍କର ବେଟାକୁ କେବେ ଛାଡ଼ି ପାରିବିନି ବୋଲି ତାଙ୍କୁ ଗୁହାରି କଲି। ସେ ମୁଖ୍ୟ ମ୍ୟାନେଜରଙ୍କୁ ଏକଥା କହିଲେ । ମ୍ୟାନେଜର ସାର୍ ମଧ୍ୟ ମୋତେ ଭଲ ପାଆନ୍ତି। ପରିଶେଷରେ ସେମାନେ ଶଙ୍କର ବେଟାକୁ ମୋ ହାତରେ ଦାନ କରିଦେଲେ। କହିଲେ, ତାକୁଇ ନେଇକି ତୁ ବଞ୍ଚ, ବିଭିନ୍ନ ଜାଗାରେ ଖେଳ ଦେଖାଇ ଗୁଜୁରାଣ ମେଣ୍ଟାଇବୁ। ମୁଁ ସାର୍ ସେଇଦିନଠୁଁ.... ।

କ'ଣ କହିବି ସାର୍ ଶଙ୍କର ବେଟାର ଚଗଲାପଣ, ତା କାର୍ଯ୍ୟକଳାପର କାହାଣୀ, ପ୍ରକୃତି-ସ୍ୱଭାବର ବିବରଣୀ। ବଡ ଆଚମ୍ୱିତ ଲାଗେ। ସେ ପୂର୍ଣ୍ଣ ଯୌବନରେ ଅବତୀର୍ଣ୍ଣ। ଆମେ ଟାଉନ୍ ଓ ସହର ଅପେକ୍ଷା ଜଙ୍ଗଲ ପରିପୂର୍ଣ୍ଣ ଗ୍ରାମାଞ୍ଚଳ ହାଟମାନଙ୍କରେ ଖେଳ ଦେଖାଇବାକୁ ଅଧିକ ପସନ୍ଦ କରିଥାଉଁ। କାରଣ ପୋଖରୀ, ନଈନାଳ କୂଳ, ଘଞ୍ଚ ଗଛମୂଳ ଆମ ବେଉସାକୁ ସୁହାଇଥାଏ, ସୁବିଧା ହୋଇଥାଏ। ରାତିରେ ଗଛମୂଳେ ଆମେ ଚାରିପ୍ରାଣୀ ଆଶ୍ରୟ ନେଉ, ଆକାଶତଳ ଖୋଲାରେ ରହୁ। ଖରା, ଶୀତ, ବର୍ଷା, ଆମର ଦେହସୁହା। ରାତିସାରା ଶଙ୍କର ବେଟା ମୁଣ୍ଡ କାନ ହଲାଇ ଛିଡ଼ା ହୋଇ ଆମକୁ ଜଗି ରହିଥାଏ ଦରଓ୍ୱାନ ଭଳି। ଠିଆ ଠିଆ କେତେବେଳେ ଶୋଇଯାଏ। ମୁଁ କେତେବେଳେ ତା ପିଠି ଉପରେ ଶୋଇଯାଏ ତ, କେତେବେଳେ ତଳେ। ହାଟଠୁଁ ପ୍ରାୟ ଅଧ ମାଇଲିଏ ଦୂରରେ ଗୋଟିଏ ବଡ ଝଙ୍କାଳିଆ ଢାଉରଙ୍ଗ ଗଛ ମୂଳ ଆମର ରାତିକାଳ ଯାପନର ଆସ୍ଥାନ ହୋଇଥାଏ। ଟିକିଏ ଦୂରରେ ସ୍ତର ସ୍ତର ଢେଉ ଢେଉକା ପାହାଡ଼ ପର୍ବତ। ହାଟରୁ ସଉଦା ଆଣିଥାଉଁ। ରନ୍ଧା ବଢ଼ା ଖିଆପିଆ କାମ ସାରି ଶୋଇବାକୁ ଗଲୁ। ଖରାଦିନ। ମାଙ୍କଡ଼ 'ମନୁ' ମୋ ମୁଣ୍ଡ ଉପରେ, କୁକୁରୀ 'ମୋତି' ମୋ ଗୋଡ଼ ତଳେ ଶୁଅନ୍ତି। ମୋ ଆଖିକୁ ନିଦ ଆସିଯାଇଛି; କିନ୍ତୁ ମୋ ନିଦ ଭାରି ପତଳା ଆଉ ପାଣିଚିଆ। ହଠାତ୍ ଉଠିପଡ଼ି ଦେଖିଲା ବେଳକୁ ଶଙ୍କର ବେଟା ପାଖରେ ନାହିଁ। ମୋ ଛାତି ଚାଉଁକିନି ହେଲା, ଛନକା ପଶିଲା। ମୁଁ ଧଡ଼ପଡ଼

Digitized by PPRACHIN, SOA

ହୋଇ ଉଠି ଆଲୁଅ ଧରି ତନ୍ନ ତନ୍ନ କରି ଆଖପାଖ ଜାଗା ଖୋଜିଲି। ଭାବିଲି, ସେ ପାଖ ଜଳାଶୟକୁ ପାଣି ପିଇବା ପାଇଁ ଯାଇଥିବ କିମ୍ବା ଜଳକ୍ରୀଡ଼ା କରୁଥିବ। ଗରମ ଦିନ ତ ! ଏମିତି ସେ ମଝିରେ ମଝିରେ କରିଥାଏ, ପାଣିରେ ପଶି ପୁଣି ବନ୍ଧ ଉପରକୁ ଉଠି ଆସି ଶୁଣ୍ଢରେ ବାଲି ନେଇ ଦେହରେ ବୋଳିହୋଇଥାଏ ଚନ୍ଦନ ଭଳି- ଗୋଟାଏ ଅଜବ ପ୍ରକୃତି। ମୁଁ ପୁନଶ୍ଚ ତାକୁ ପାଣି ଭିତରକୁ ନେଇ ଘଷା ଘଷି କରି ସାବୁନ ଲଗାଇ ସଫାସୁତରା କରିବାକୁ ପଡ଼ିଥାଏ। ଅବଶ୍ୟ ସେ ପଙ୍କରେ ଲୋଟିବା, ଦେହରେ ବାଲି ବୋଳିବା ମୋତେ ଜଣାଇ କରିଥାଏ। ଏଥର କିନ୍ତୁ ସେ ମୋତେ ନଜଣାଇ କୁଆଡ଼େ ଅନ୍ତର୍ଦ୍ଧାନ ! ପାଣିଟାପୁରେ ସେ ଦିଶିଲାନାହିଁ। ମୋ ହାତୀକୁ କ'ଣ କିଏ ଭୁଲାଇ ଭାଲେଇ ଚୋରି କରି ନେଇଗଲା ? ବଳବାନ ଶଙ୍କରକୁ ଚୋରେଇ ନେଇ ଯିବାର ଶକ୍ତି କାହାର ଅଛି ? ମୋ ହାଲକ ଶୁଖିଗଲା। ଅନ୍ଧାର ରାତିରେ ତାକୁ କେଉଁଠି ଖୋଜିବି ? କେତେ ଦିଅଁ ଦେବତାଙ୍କୁ ଡାକିଲି, ମାନସିକ କଲି। ସକାଳ ହେଲା। ଜଙ୍ଗଲ ସାରା 'ଶଙ୍କର ବେଟା' 'ଶଙ୍କର ବେଟା' ଚିତ୍କାର କଲି। ତା ଗୋଡ଼ର ଖୋଜ ଚିହ୍ନ ଦେଖି ଦେଖି ଜଙ୍ଗଲର ଭିତର ଅଞ୍ଚଳକୁ ଚାଲିଗଲି। ଦୁଇ ଜଣ କାଠୁରିଆ ଜଙ୍ଗଲରୁ କାଠ ହାଣି ଭାର କରି ଫେରୁଥିଲେ। ମୋ ହାତୀ ଶଙ୍କର ବେଟାକୁ ଦେଖିଛ କି ବୋଲି ବିକଳ ହୋଇ ପଚାରିଲି। ସେମାନେ କହିଲେ ଗୋଟେ ମୂଷଳ ଦାନ୍ତ ବାଲା ହାତୀ ଓ ମାଈ ହାତୀ ଗତ ରାତି ସାରା ପାହାଡ଼ କଡ଼ରେ ମସ୍ତୀ ହେଉଛନ୍ତି। ମୁଁ ସେଇଠୁଁ ବଡ ପାଟିରେ 'ଶଙ୍କର ବେଟା' 'ଶଙ୍କର ବେଟା' ଚିଲ୍ଲେଇଲି। ମୋ ସ୍ୱର ଶଙ୍କର ଶୁଣିପାରିଲା। ତା'ର ଶ୍ରବଣ ଶକ୍ତି ଭାରି ପ୍ରଖର। 'ମୁଁ ଏଇଠି ଅଛି' ବୋଲି ଶୁଣ୍ଢରେ ପେଁକାଳି ମାଧ୍ୟମରେ ପ୍ରତ୍ୟୁତ୍ତର ଦେଲା। ଏବେ ତା'ର ପ୍ରେମ ପାଗଳାମି ବିଷୟରେ ଜାଣି ପାରିଲି। ସର୍କସରେ ରହଣି ବେଳେ ନିଜସ୍ୱ ଅଭିଜ୍ଞତାରୁ ମୁଁ ହାତୀମାନଙ୍କ ଚରିତ୍ର ଓ ମସ୍ତୀ ବିଷୟରେ ଅବଗତ ଥିଲି। ହସ୍ତୀର ମଉ-ମସ୍ତୀ ସମୟରେ ମାଷ୍ଟର ବେଣୁଗୋପାଳ ସାର୍ ହାତୀମାନଙ୍କ କଅଣ କିପରି ଚିକିତ୍ସା ବ୍ୟବସ୍ଥା କରନ୍ତି ଜାଣିଥିଲି। ଏଣୁ ଖୁବ୍ ପାଖକୁ ଯାଇ ଦେଖେ, ଗୋଟେ ବଣୁଆ ମାଈ ହାତୀ ସହିତ ତା'ର ସହବାସ ହେଉଛି। ତେବେ ପଶୁଜାତି। କ'ଣ କରାଯିବ ? ଏହା ତ ପ୍ରତି ପ୍ରାଣୀମାନଙ୍କର ସ୍ୱଭାବ। ମାଲିକକୁ ପାଖରେ ଦେଖି ଶଙ୍କର ତା'ର ଶକ୍ତି ଓ ବଡ଼ପଣ ଆହୁରି ଦେଖାଇଲା। ପ୍ରେମୀ ଯୁଗଳ ହସଖୁସିରେ ସମୟ କଟାଇଲେ। କିଛି ସମୟ ଅନ୍ତେ ଶଙ୍କର ପ୍ରକୃତିସ୍ଥ ହେଲା ଏବଂ ମୋ ପାଖକୁ ଆସି କ୍ଷମା ପ୍ରାର୍ଥନା ଭଙ୍ଗୀରେ ଆଣ୍ଠେଇ ଭୁଲ ମାଗିଲା ଏବଂ ତା ପିଠିରେ ବସିବାକୁ ଆହ୍ୱାନ କଲା। ମୁଁ କିନ୍ତୁ ଗମ୍ଭୀର ରହିଲି। ମୋ ମୁହଁର ଭାଷା ପଢ଼ି ସେ ବେଶ୍ ଜାଣି ପାରିଲା। ଗୁଡ଼ାଏ ତାକୁ ଗାଳି ଦେଲି। ମୋ

Digitized by PPRACHIN, SOA

ବିନା ଅନୁମତିରେ ଏପରି କେବେ 'ଦ୍ୱିୱାନା' କାମ କରିବ ନାହିଁ ବୋଲି ତାଗିଦ୍ କଲି। ମୋତେ ନଜଣାଇ ଏପରି ଯୌନ ଚୋରି କାମ କରିଛି ବୋଲି ପସ୍ତେଇବା ଢଙ୍ଗରେ ଭୂଇଁରେ ସମାନ୍ତରାଳ ଭାବେ ଚାରିଗୋଡ଼ ମୁଣ୍ଡ ଶୁଣ୍ଢ ଲଗାଇ ଶୋଇ ରହିଲା। ତା' ପଶ୍ଚାତାପ ହାବଭାବ ବୁଝି ପାରିଲି। ମୁଁ ତରଳି ଗଲି, ଯେମିତି ବାପାମାନେ ପିଲାଙ୍କ ଦୁଷ୍ଟାମିରେ ଭୁଲ ମାଗିଲା ପରେ ଥଣ୍ଡା ହୋଇଯାନ୍ତି। ମୋ ଆଣ୍ଟ ଭାଙ୍ଗିଗଲା। ଆଖିରୁ ଲୁହ ଝରି ପଡ଼ିଲା। ତା ମୁଣ୍ଡକୁ ଆଉଁସି ଗଲି ଏବଂ ଦେହସାରା ମଧ୍ୟ, ତା' ପ୍ରଶସ୍ତ କପାଳରେ ଚୁମାଟିଏ ଦେଇ କହିଲି - ଉଠ୍ ଶଙ୍କର। ମୋତେ ନ କହି ଏପରି ଭୁଲ୍ ଜୀବନରେ କେବେ କରିବୁ ନାହିଁ। ସେ ଠିଆ ହୋଇ ମଥା ତଳକୁ କରି ସମ୍ମତି ଦେଲା। ମୁଁ ତା ପିଠିରେ ବସିଲି। ପୁନଶ୍ଚ ଫେରିଲୁ ଆମ ରହଣି ସ୍ଥାନକୁ। ସେଇ ଦିନଠୁଁ ଶଙ୍କର ବେଟାକୁ ରାତିରେ ଲୁହା କଡ଼ିରେ ବାନ୍ଧି ରଖେ। ସେ ଜାଣି ପାରିଲା ଏହାର କାରଣ। ସେଇ ଦିନଠାରୁ ସେ ଶୃଙ୍ଖଳିତ, ଅଧିକ ପ୍ରଭୁଭକ୍ତ।

Digitized by PPRACHIN, SOA

ଆହାର ନିଦ୍ରା ମୈଥୁନ ପ୍ରତି ଜୀବର ପ୍ରକୃତିଗତ ସ୍ୱଭାବ। ଋତୁ ସମୟରେ ବେଳେବେଳେ ନିଦ୍ରା ଓ ଆହାର ଅପେକ୍ଷା ଯୌନ ଅଗ୍ରାଧିକାର ଦାବି କରିଥାଏ ଯାହାର ନିଛକ ପ୍ରମାଣ ଆମ ଓଡ଼ିଶାର ପ୍ରାଣୀ ଉଦ୍ୟାନ ନନ୍ଦନକାନନରେ ଦେଖିବାକୁ ମିଳିଥିଲା ୧୯୬୬ ମସିହାରେ। ଚନ୍ଦକା ଅଭୟାରଣ୍ୟ ଭିତରୁ ଏକ ମହାବଳ ବାଘୁଣୀ ତା ଋତୁ ସମୟରେ ତା ମନୋନୀତ ପୁରୁଷ ସାଥୀଟିଏ ମୁକ୍ତ ଜଙ୍ଗଲରୁ ନପାଇବାରୁ ନନ୍ଦନକାନନର ତାର ଜାଲି ଘେରା 'କେଜ୍' ଭିତରକୁ ପୁରୁଷ ବାଘ 'ପ୍ରଦୀପ' ପାଖକୁ ସଂଗମ ପାଇଁ ଡେଇଁ ପଡ଼ିଥିଲା ଜୀବନର ମୁକ୍ତ ସ୍ୱାଧୀନତାକୁ ସବୁଦିନ ପାଇଁ ଜଳାଞ୍ଜଳି ଦେଇ ଏବଂ ସେଇ ଦିନଠୁଁ ନନ୍ଦନକାନନର ବାଘ ପରିବାର ସହିତ ଜୀବନ ବିତାଇଥିଲା ଏବଂ ବିଭାଗୀୟ ଅଧିକାରୀ ତା'ର ନାମ ଦେଇଥିଲେ 'କାନନ'। ଏଣୁ ରବୀନ୍ଦ୍ର ଶଙ୍କର ବେଟା ତା ଯୌନ କ୍ଷୁଧା ମେଣ୍ଟାଇବା ପାଇଁ ଜଙ୍ଗଲର ଅଜଣା ଋତୁମତୀ ବଣୁଆ ହାତୀ ସହିତ ସଂଗମ କରି କିଛି ଅପରାଧ କରିନାହିଁ ବୋଲି ରବୀନ୍ଦ୍ରକୁ ବୁଝାଇ ଦେଲି।

ତାପରେ କହିଲି, ରବୀନ୍ଦ୍ର ଏ ତ ଗଲା ତମ ଶଙ୍କର ବେଟା କଥା। କୁକୁର ମାଙ୍କଡ଼କୁ ଶିକ୍ଷା ଦେଲା କିଏ ?

: ମୁଁ ହଜୁର୍। ଯେମିତି ସର୍କସରେ ମାଷ୍ଟର ସାର୍ ଶିଖାଉଥିଲେ ସେଇଭଳି ଭାବେ ମୁଁ ଶିଖାଇଲି, ତାଲିମ ଦେଲି। ଏଇ ତିନୋଟି ପ୍ରାଣୀର ସଂସାର ମୋର। ଭାରି ଘଲଖ୍ ସେମାନେ। ଗୋଟିଏ ଶୋ'ର ଖେଳ ଦେଖାଇ ସରିଲାପରେ ଦୁଇଗୋଡରେ ଛିଡ଼ାହୋଇ ମାଙ୍କଡ ମନୁ ହାତରେ ଭିକ୍ଷା ଥାଳି ଧରି ବୁଲିବୁଲି ଦେଖଣାହାରୀଙ୍କୁ ଦେଖାଏ । ସେମାନେ ଥାଳିରେ ପଇସା ନପକାଇଲା ପର୍ଯ୍ୟନ୍ତ ସେମାନଙ୍କ ପିଛା

Digitized by PPRACHIN, SOA

ଲାଗିଥାଏ। ଖୁସିରେ ଯିଏ ଯାହା ଇଚ୍ଛା କଲା ପଇସା ହସି ହସି ପକାଇ ଦିଅନ୍ତି। ମନୁ ପଇସା ଆଳିକି ମୋତେ ଆଣି ବଢ଼ାଇ ଦିଏ। ରୋଷେଇ ବାସରେ ମନୁ ମଧ ମୋତେ ସାହାଯ୍ୟ କରେ। ମୁଁ କେବଳ ଚୁଲିରେ ନିଆଁ ଧରାଇ ଦେଲେ, ଜଳାଇବା କାମ ତା'ର। ଚୁଲିରେ କାଠ ପୂରାଇ ଜଳାଇ ରଖେ। ବିଞ୍ଚଣାରେ ବିଞ୍ଚି ନିଆଁକୁ ରଡ଼ କରାଏ। ଏଇଟା ଆଣେ, ସେଇଟା ଆଣେ କହିଲେ ବୁଝିଯାଏ, ସଂଗେସଂଗେ କରିଦିଏ। ଖରାଦିନେ ମୋତେ ବିଞ୍ଚଣାରେ ବିଞ୍ଚେ, ଦେହରୁ ଝାଳ ମାରିଦିଏ। ମୋ ମୁଣ୍ଡରୁ ନଖି, ଗଢି, ଉକୁଣି ବାଛେ। ସେ ଗଛ ଚଢ଼ିଯାଏ, କଅଁଳିଆ ବର ଓସ୍ତ ଜାମୁଡ଼ାଳ ଗଛରୁ ଭାଙ୍ଗି ତଳେ ପକାଏ, ଗଣେଶ ବେଟା ସେଗୁଡ଼ିକୁ ଖାଇ ପେଟ ପୂରାଏ। ଫଳ ଗଛରୁ ଫଳ ଆଣି ମୋତେ ଦିଏ। ଆଜି ଖେଳ ପରେ ଅନେକ ପାଚିଲା ଆମ୍ବ ଗଛରୁ ତୋଳି ଖାଇଲା ଓ ମୋତେ ଆଣି ଦେଲା। ଦେଶୀ ସୁନ୍ଦରୀ ଆମ୍ବ। କି ମିଠା ! ଚାଖିବେ ସାର୍ ? ଆଣିଛି କେତେଟା। ହଁ ନାହିଁ କରିବା ପୂର୍ବରୁ ତା' ଝୁଲା ବ୍ୟାଗରୁ କେତୋଟି ଗଛପାଚିଲା 'ସୁନ୍ଦରୀ' ଆମ୍ବ କାଢ଼ି ମୋତେ ଦେଲା। ମୁଁ ତାକୁ ଆଗ୍ରହରେ ଆସ୍ୱାଦନ କଲି। ସତରେ କି ମିଠା ! କଲମୀ ଆମ୍ବର କାନ କାଟିଦେବ, ତା'ପାସଙ୍ଗରେ ପଡ଼ିବ ନାହିଁ ସ୍ୱାଦ, ବାସ୍ନା ଆଉ ମିଠାରେ। ମୁଁ ଏକ ଶତ ଟଙ୍କାର ନୋଟ୍‌ଟିଏ ପକେଟରୁ କାଢ଼ି ରବୀନ୍ଦ୍ରକୁ ଦେଲି। ସେ ନେଲା ନାହିଁ। କହିଲି, ଦକ୍ଷିଣା ନ ଦେଇ ପ୍ରସାଦ ଖିଆଯାଏ ନାହିଁ। ସେ ଆଖି ବଡ଼ କଲା । ହାକିମ ହୁକୁମା ବାବୁବୁବା ଡାକିଛନ୍ତି ନାଲି ଆଖି ଦେଖାଇବା ପାଇଁ। ସେ ସେମାନଙ୍କୁ କିଛି ହାତଗୁଞ୍ଜା ଦେଇ ସନ୍ତୁଷ୍ଟ କରିଥାଏ। କିନ୍ତୁ ଏଠି ଦେଖୁଛି ଓଲଟା, ବିପରୀତ କଥା। ସେ ନୋଟ୍‌ଟିକୁ ତା' ମୁଣ୍ଡରେ ଛୁଆଇଁ ମୁଣିରେ ରଖିଲା। କହିଲା, ଭଗବାନଙ୍କ ଦାନ। ଲକ୍ଷ୍ମୀ।

- ଆଉ ସେ କୁକୁର ? ପଚାରିଲି।

- ମୋତି ମୋର କିଛି କମ୍ ନୁହେଁ। ମୋତେ ଗୋଡ଼େ ଗୋଡ଼େ ଜଗିଥାଏ, ଠିକ୍ ଗୋଟେ ବଡ଼ିଗାର୍ଡ଼ ଭଳି। ମୁଁ ରାତିରେ ପୋଖରୀପାଣି ଗଲେ ସେ ଲଣ୍ଠନକୁ କାମୁଡ଼ି ଆଗେ ଆଗେ ଯାଏ। ଥରେ ମୋତେ ସାପକାମୁଡ଼ାରୁ ରକ୍ଷା କରିଛି। ଚକାପଦା ଗାଁ ହାଟ ପାଖରେ କିଛିଦିନ ଖେଳ ଦେଖାଉଥିଲି। ରାତିରେ ଗାଁ ମୁଣ୍ଡ ବରଗଛ ମୂଳେ ରହୁ। ଶଙ୍କର ବେଟା ଶିକୁଳିରେ ବନ୍ଧା ଥାଏ। ନଟାବୁଦା ଜଙ୍ଗଲିଆ ଜାଗା। ମୁଁ ସେଦିନ ଗଣେଶ ବେଟା ପିଠି ଉପରେ ନଶୋଇ ଭୂଇଁରେ ବରଗଛ ସିଅରେ ମୁଣ୍ଡଦେଇ ଶୋଇ ପଡ଼ିଥାଏ। ମୋତେ ଘୋର ନିଦ। ଲଣ୍ଠନ ଜଳୁଥାଏ। ଗୋଟେ ତମ୍ପ ସାପଟେ କୋଉଠୁ ମାଡ଼ି ଆସିଲା ମୋ ଶୋଇବା ଥାନ ଆଡ଼କୁ। ନଜର ପଡ଼ିଗଲା ମୋତିର ସାପଟା ଉପରେ। ତା' ମୁଣ୍ଡଟାକୁ ସେଇଠି ମାଡ଼ିବସିଲା ଓ ଖିନ୍‌ଭିନ୍ନ କରିଦେଲା। ମନୁର

Digitized by PPRACHIN, SOA

ଖେଙ୍କରା ଶୁଣି ମୋ ନିଦ ଭାଙ୍ଗିଗଲା। ଦେଖେ ମୋତିର ସାହସକୁ ! ମୁଁ ହାତୀ ଆଙ୍କୁଶ କଣ୍ଟାରେ ସାପଟାକୁ ମାରିଲି। ଭାବିଲି ମନୁକୁ ବିଷ ଚରିଯାଇଥିବ। ତେବେ ସକାଳ ହେଲାରୁ 'ଦେହୁରୀ' ପାଖକୁ ଗଲି। ସେ ମନୁକୁ ଓଷଦ ଦେଲେ। ବଞ୍ଚିଗଲା। ନହିଲେ ତା'ପ୍ରାଣ ଯାଇଥାନ୍ତା ସେପୁରକୁ। ତା' ନିଜ ଜୀବନ ପଛେ ଯାଉ, ତା ମୁନିବର କିଛି ନ ହେଉ। ସେମାନେ ମୋର ପୁଅଝିଅ, ଜୀବନ। ସେମାନଙ୍କୁ ନେଇ ବଂଚିଛି, ସେମାନଙ୍କ ସାଙ୍ଗେ ମରିବି। କହୁ କହୁ ରବୀନ୍ଦ୍ର ଆଖିରେ ଲୁହ ଆସିଯାଇଥିଲା।

ମୋର ଏଇଠି ଆମ ସଂପର୍କୀୟ ପିଉସା ଦାମୋଦର ପଟ୍ଟନାୟକଙ୍କର ଦୁଇ ଅର୍ବାଚୀନ ପୁତ୍ରଙ୍କ ପାଇଁ ତାଙ୍କ ପୋଷା କୁକୁରର ଆତ୍ମବଳି ମୋ ଚିତ୍ତ ଚେତନାକୁ ଚହଲେଇ ଦେଉଛି, ବାଲ୍ୟ ସ୍ମୃତିକୁ ଅଧିକ ଉଜ୍ଜୀବିତ କରୁଛି। ଆମ ଗାଁ ମହାନଦୀ କୂଳ ବାଙ୍କୀ-ଚର୍ଚ୍ଚିକାର ଛଅ କି.ମି. ଦୂରରେ ବ୍ରହ୍ମପୁରା ଗାଁ, ବାଙ୍କୀ ଅଞ୍ଚଳର ବୃହତ୍ତମ ଗ୍ରାମ। ପିଉସାଙ୍କର ଦୁଇପୁତ୍ର ମୋର ସମସାମୟିକ - ନରେନ୍ ଓ ସୁରେନ୍ ଯଥାକ୍ରମେ

Digitized by PPRACHIN, SOA

ଛଅ ବର୍ଷ ଓ ଆଠ ବର୍ଷ। ବ୍ରହ୍ମପୁରାର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପଢୁଥା'ନ୍ତି। ସ୍କୁଲରୁ ଫେରି ବାରିପାଖ ପଡ଼ିଆରେ ବଡ଼ ରବର ପେଣ୍ଡୁ ଖେଳୁଥାନ୍ତି। ପେଣ୍ଡୁଟି ଗୋଡର ସଟ୍ ଦ୍ୱାରା ପଡିଲା ଯାଇ ପାଖ ଧାନ ପଡିଥିବା ତଳି ବିଲରେ। ଖେଳୁ ଖେଳୁ ସେମାନେ ପହଞ୍ଚିଲେ ବିଲରେ ଛିଣ୍ଡି ପଡ଼ିଥିବା ତାର ପାଖରେ, ଜଣାପଡୁନଥିଲା। ତାରରେ ବିଦ୍ୟୁତ୍ ପ୍ରବାହିତ ହେଉଥିଲା। ବିଲ ଭିତରେ ପରସ୍ପର ଗୋଡା ଗୋଡି ହେଉଥିବା ବେଳେ ମାଡି ପକାଇଲେ ତାରକୁ। ତାରଟି ନରେନ୍ ଓ ସୁରେନ୍‌ର ଦେହରେ ଲାଖିଗଲା। ବିଦ୍ୟୁତ୍ ଆଘାତ ଜନିତ ଯନ୍ତ୍ରଣାରେ ଦୁହେଁ ଚିତ୍କାର କରି ଉଠିଲେ। ସେମାନଙ୍କର ବିକଳ ଚିତ୍କାର ଆଖପାଖରେ ବୁଲୁଥିବା ତାଙ୍କ ଘରର ପୋଷା କୁକୁର 'ବୁଲା' କାନରେ ପଡ଼ିଲା। ସେ ଠିକ୍ ଜାଣିନେଲା ତା'ର ମୁନିବର ପୁଅ ବିପଦରେ ପଡିଛନ୍ତି। ବିଜୁଳି ବେଗରେ ଛୁଟିଗଲା ଘଟଣାସ୍ଥଳକୁ। ତାରଟି ପିଲା ଦୁହିଁଙ୍କ ଗୋଡ଼ରେ ଲାଖି ଯାଇଥିବା ଦେଖିବାକ୍ଷଣି ସେ ତାରଟିକୁ କାମୁଡ଼ି ଧରି ଭିଡ଼ି ଆଣିଲା। ବିଦ୍ୟୁତ୍ ତାର ସେମାନଙ୍କ ଗୋଡ଼ରୁ ଛାଡ଼ିଗଲା ସିନା; ଲାଖିଗଲା ବିଚରା କୁକୁର ମୁହଁରେ। କୁକୁର ମୁହଁରୁ ତା'ର ଛଡେଇବାକୁ କିଏ ଦୌଡ଼ି ଆସିଥାନ୍ତା ଅବା! ବିଦ୍ୟୁତ୍ ଆଘାତରେ ସେଇଠି ମରି ପଡ଼ିଲା 'ବୁଲା'। ସେତେବେଳକୁ ଗାଁ ଲୋକେ ପହଞ୍ଚି ଯାଇଥିଲେ। ପିଲା ଦୁହିଁଙ୍କୁ ଆହତ ଅବସ୍ଥାରେ ବାଙ୍କୀ ଡାକ୍ତରଖାନାରେ ତୁରନ୍ତ ଭର୍ତ୍ତି କରାଗଲା। ମୁଁ ସେମାନଙ୍କୁ ଦେଖିବାକୁ ଯାଇଥିଲି ଡାକ୍ତରଖାନାକୁ। କୁକୁର କେତେ ବିଶ୍ୱସ୍ତ, ନିଜ ଜୀବନକୁ ବିପନ୍ନ କରି ମୁନିବର ଜୀବନ ରକ୍ଷାକାରୀ! ସେହିପରି ମାହୁନ୍ତ ରବୀନ୍ଦ୍ରର ପ୍ରିୟ କୁତୀ 'ମୋତି' ନିଶ୍ଚୟ।

କେବଳ ଯେ ହାଇବ୍ରିଡ୍ କୁକୁର ଲାବ୍ରାଡର, ଆଲ୍‌ସେସିଆନ୍, ଡୋଭରମ୍ୟାନ୍, ଗ୍ରେହାଉଣ୍ଡ ଆଦି ପୋଲିସ୍ କୁକୁର ଯେ ବୁଦ୍ଧିମାନ, ମୁଁ ସ୍ୱୀକାର କରେ ନାହିଁ। ରାସ୍ତାର ବାରବୁଲା ଦେଶୀ କୁକୁର ମଧ୍ୟ କମ୍ ବୁଦ୍ଧିମାନ ଓ ହୃଦୟବାନ ନୁହନ୍ତି। ସ୍ନେହ, ପ୍ରେମ, ସଦିଚ୍ଛା ସେମାନଙ୍କ ହୃଦୟକୁ ବେଶ୍ ଛୁଇଁଥାଏ। ସେମାନେ ବି ଏହାର ପ୍ରତ୍ୟୁତ୍ତର ଓ ପ୍ରତିଦାନ ଦେବାକୁ ଭୁଲି ନଥାନ୍ତି। ଏହିପରି ଏକ ଚମତ୍କାର ଘଟଣା ଦେଖିବାକୁ ମିଳିଥିଲା ଦିଲ୍ଲୀର କନ୍ନଟପ୍ଲେସସ୍ଥିତ ପ୍ରସିଦ୍ଧ ହନୁମାନ ମନ୍ଦିରର ପୂଜକ ବାବା କୁତ୍ତେୱାଲାଙ୍କ ମୃତ୍ୟୁ ଦିନ- ଯେଉଁ ସମୟରେ ମୁଁ ଦିଲ୍ଲୀରେ ଥିଲି ଏବଂ ତାଙ୍କର ମୃତ୍ୟୁ ଖବର ଶୁଣି ତାଙ୍କ ମର ଶରୀରରେ ଶେଷ ଦର୍ଶନ ଉଦ୍ଦେଶ୍ୟରେ ଭକ୍ତ୍ୟାର୍ଘ୍ୟ ସ୍ୱରୂପ ପୁଷ୍ପଗୁଚ୍ଛ ଦେବାକୁ ଯାଇଥିଲି। ହନୁମାନ ମନ୍ଦିର ଚାରିପଟେ ଏପଟ ସେପଟ ହେଉଥିବା ବାରବୁଲା କୁକୁରଙ୍କ ସହିତ ବହୁ କିଛି ବର୍ଷ ହେଲା ବାବା ସଂପର୍କ ଜମାଇଥିଲେ।

Digitized by PPRACHIN, SOA

ବାବା କୁକୁରଗୁଡ଼ିକୁ ଅନେକ ସମୟରେ ଖାଇବାକୁ ଦେଉଥିଲେ। ଲାଲୁ, କାଲୁ, ଭାଲୁ, ମିଲୁ ... ଏମିତି କେତେ ନାଁ ମଧ୍ୟ ଦେଇଥିଲେ ସେମାନଙ୍କର। ଥରେ ରାତିରେ ପେଟ୍ରୋଲିଂ କରୁଥିବା ପୋଲିସ୍ କର୍ମଚାରୀମାନେ ଦେଖନ୍ତି ବାବା ମନ୍ଦିର ବାହାରେ ଶୋଇଛନ୍ତି, ଆଉ ତାଙ୍କ ଚାରିପଟେ କୁକୁରଗୁଡ଼ିକ ବସିଛନ୍ତି। କଣ ହେଲା ? ବାବା ଆଉ ନଉଠିବାରୁ ସେମାନେ କାଉଁ କାଉଁ ହୋଇ କରୁଣ ସ୍ୱରରେ ଭୁକିବାକୁ ଲାଗିଲେ। ଲୋକେ ଦେଖନ୍ତି ବାବା ଇହଲୀଳା ସମ୍ବରଣ କରିଛନ୍ତି। କିନ୍ତୁ କୁକୁରଗୁଡ଼ିକ ସେମାନଙ୍କୁ ବାବାଙ୍କ ପାଖେ ପୂରାଇ ଦେଲେ ନାହିଁ। ଇତି ମଧ୍ୟରେ ସ୍ଥାନୀୟ ପୋଲିସ୍ ଖବର ପାଇ ଘଟଣାସ୍ଥଳରେ ପହଞ୍ଚିଲେ। ସେମାନେ ବି ବାବାଙ୍କ ପାଖ ମାଡ଼ି ପାରିଲେ ନାହିଁ। କିନ୍ତୁ ଯେତେବେଳେ ମନ୍ଦିରର ଅନ୍ୟ ପୂଜକମାନେ ଶେଷକୃତ୍ୟ ପାଇଁ ଆବଶ୍ୟକ ସାମଗ୍ରୀ ଧରି ସେଠାରେ ପହଞ୍ଚିଲେ କୁକୁରମାନେ ଛାଏଁ ଛାଏଁ ପାଖ ଛାଡିଦେଲେ। ବାବାଙ୍କ ମର ଶରୀରକୁ ଶୋଭାଯାତ୍ରାରେ ନିଆଗଲା ପାଖ ଶ୍ମଶାନକୁ। କୁକୁରମାନେ ବି ତାଙ୍କ ପଛେ ପଛେ ଗଲେ। ବାବାଙ୍କ ଜୁଇରେ ଯେତେବେଳେ ଅଗ୍ନି ସଂଯୋଗ ହେଲା, କୁକୁରମାନେ ଏକାସ୍ୱରରେ ଭୁକି ଉଠିଲେ। ଜୁଇ ନିଆଁ ଲିଭିଯିବା ପର୍ଯ୍ୟନ୍ତ ସେମାନେ ସେମିତି ସେଠାରେ ଜଗି ରହିଲେ। ସନ୍ଧ୍ୟା ନଇଁ ଆସିବା ବେଳକୁ ଚିତାଗ୍ନି ଲିଭିଗଲା ଏବଂ କୁକୁରମାନେ ଫେରି ଆସିଲେ ହନୁମାନ ମନ୍ଦିର ପ୍ରାଙ୍ଗଣର ସେହି ସ୍ଥାନକୁ, ଯେଉଁଠି ବାବା ଦେହତ୍ୟାଗ କରିଥିଲେ। ଜୀବନକାଳରେ ଦର୍ଶନ ବେଳେ ବାବା ମୋତେ ଦେଇଥିବା ହନୁମାନ ଚାଳିଶା ପୁସ୍ତକଟି ଦେଖିଲା ମାତ୍ରେ ବା ଚାଳିଶା ପାଠ କଲାବେଳେ ବାବାଙ୍କ ଚିତ୍ର ମୋ ମାନସ ପଟରେ ଉଙ୍କିଉଠେ ଓ ଶେଷକୃତ୍ୟ ବେଳେ ବୁଲା କୁକୁରଗୁଡିକର ମର୍ମଛୁଆଁ ପ୍ରତିଶ୍ରଦ୍ଧା ଏବେବି ମନେପଡ଼ିଯାଏ।

ଏହିପରି ବୁଲା କୁକୁର ଓ ମଣିଷ ମଧ୍ୟରେ ରହିଥିବା ବନ୍ଧୁତ୍ୱ ଓ ମାନବିକତାର ନିଦର୍ଶନକୁ ମୋ ଦେଖାରେ ଆଉ ଏକ ଉଦାହରଣ ମଜବୁତ କରିଛି। ଚାକିରି କାଳରେ ମୋର ବାଲେଶ୍ୱର ଅବସ୍ଥାନ ବେଳେ ମୋ ଅଫିସ ନିକଟସ୍ଥ ଟାଉନ ଥାନାକୁ ସହଦେବଖୁଣ୍ଟା ବଜାର ପଛପଟ ଅଳିଆ ଗଦାରୁ ସାହିର କେତେଜଣ ବାସିନ୍ଦାମାନଙ୍କ ଗୋଟିଏ ସଦ୍ୟଜାତ କନ୍ୟା ଶିଶୁକୁ ଆଣି ଆସିଥିଲେ। ସେମାନଙ୍କ ସହିତ ଆସିଥିଲେ ତିନୋଟି ବୁଲା କୁକୁର। ବାସିନ୍ଦାମାନେ କହିବା ଅନୁଯାୟୀ, ଶିଶୁଟି ଏକ ପୁରୁଣା ଖବରକାଗଜରେ ଗୁଡେଇ ହୋଇ ପଡିଥିଲା ମଇଳା ଖାତରେ ଗତ ରାତିଠାରୁ। ଏହି କୁକୁର ତିନୋଟି ନିଜର ଛୁଆକୁ ଜଗି ରହିଲା ଭଳି ତା ଚାରି ପାଖରେ ବେଢ଼ି ରହିଥିଲେ। କେହି କଳ୍ପନା କରି ପାରିବ ନାହିଁ ଯେ ଏହି କୁକୁର ବଳୟ ମଧ୍ୟରେ ଏକ ସଦ୍ୟଜାତ ଶିଶୁ ରହିଛି ବୋଲି, କାରଣ ବାହାରକୁ କେବଳ କାଗଜ ପୁଡ଼ିଆଟି

Digitized by PPRACHIN, SOA

ଦେଖାଯାଉଥିଲା । ଅଳିଆ ଗୋଟାକି ପାଖକୁ ଯିବାରୁ କୁକୁରମାନେ ଭୁକି ଉଠିଲେ ଏବଂ ଘଟଣାଟା ଜଣାପଡ଼ିଲା । କେତେଜଣ ସହୃଦ ବାସିନ୍ଦା ଶିଶୁଟିକୁ ଉଦ୍ଧାର କରି ଥାନାକୁ ଆଣିଲେ; କିନ୍ତୁ କୁକୁର ତିନୋଟି ସେମାନଙ୍କ ପିଛା ଛାଡ଼ିନଥିଲେ । ଥାନାଧିକାରୀ ବିଶ୍ୱଜିତ୍ ମହାନ୍ତି ଡାକ୍ତର ଡକାଇ ପିଲାଟିର ସ୍ୱାସ୍ଥ୍ୟାବସ୍ଥା ପରୀକ୍ଷା କରିଥିଲେ ଏବଂ ପରିଶେଷରେ ଏସ୍.ଆଇ.ସି.ଡ୍ବ୍ଲ୍ୟୁ (Society of Indian Children's Welfare) ହାତରେ ନବଜାତ ପିଲାଟିକୁ ଅର୍ପଣ କରାଯାଇଥିଲା । ନାହି ନାଡ଼ଲଗା ଲାଳ ସରସର ସଦ୍ୟଜାତ ଶିଶୁକୁ କୁକୁର ଆହାର କରିବା ପରିବର୍ତ୍ତେ ସେମାନେ କିନ୍ତୁ ତାକୁ ସୁରକ୍ଷା ଦେଇଥିଲେ- ପଶୁ ମାନବିକତାର ଏହା ଏକ ନିଦର୍ଶନ ନୁହେଁ କି ?

ବେଲେଶ୍ୱରସ୍ଥ ମୋ ସତ୍ୟାଶ୍ରମ / ନିର୍ଜନ ନିବାସ ଫାର୍ମ ହାଉସ୍‌ରେ ମୋର ପୋଷା ପ୍ରାଣୀମାନଙ୍କ ମଧ୍ୟରେ ଦେଶୀ କୁକୁର 'ବାଘା' ଓ 'ଟିକା' ଅନ୍ୟତମ । ବେଲେଶ୍ୱର ମନ୍ଦିର ନିକଟରୁ ଗୋଟିଏ ମୋଟାସୋଟା ଦେଶୀ କୁତୀ ସୁନ୍ଦର ସୁନ୍ଦର ଗୁଲୁଗୁଲିଆ କେତୋଟି ଛୁଆ ଜନ୍ମ କରିଥିଲା । ସେଥି ମଧ୍ୟରୁ ସେମାନଙ୍କ ଆଖି ଫିଟିଲା ମାତ୍ରେ ଦୁଇଟି ଅଣ୍ଡିରା ଛୁଆ ମୁଁ ଫାର୍ମ ହାଉସ୍‌କୁ ନେଇ ଆସି ଯଥେଷ୍ଟ ଯତ୍ନରେ ପାଳିଲି, ଯେମିତି ସଉକିଆ ଧନାଢ୍ୟ ବ୍ୟକ୍ତିମାନେ ନାମିଦାମୀ ବିଦେଶୀ ବିଲାତୀ କୁକୁର ଆଦି ଘରେ ପାଳନ କରିଥାନ୍ତି ଯତ୍ନର ସହିତ । ସୁସବଳ ଦେଶୀ କୁକୁର ସେଠି ପାଳିବାର ମୋର ଉଦ୍ଦେଶ୍ୟ- ସମୁଦ୍ରତଟ ଫାର୍ମ ହାଉସ୍‌ର ଚତୁଃସୀମା ସବୁଜ ଝାଉଁ, ଆକାଶିଆ, କାଜୁ ବାଦାମ (ଲଙ୍କା ଆମ୍ବ) ଗଛ ଏବଂ ଗହଳିଆ କିଆ ଓ ସିଜୁଗଛାଦି ଦ୍ୱାରା ସୀମାବଦ୍ଧ । ଲୁଣି ଜଳବାୟୁ ଯୋଗୁଁ କଣ୍ଟା ତାରବାଡ ବର୍ଷଟିଏ ଭିତରେ ଜଳକି ଖାଇ ଧୂଳିସାତ୍ ହୋଇଯାଏ । ସେଥିଯୋଗୁଁ ଅଭୟାରଣ୍ୟର ହରିଣ ଦଳ ଓ ବଣ ଠେକୁଆମାନେ କୌଣସି ପ୍ରକାର ଫସଲ କରାଇ ଦେଲେ ନାହିଁ; ଏପରିକି ଅତିଥି ଶାଳା (ନିର୍ଜନ ନିବାସ) ଓ ମୋ କୁଟୀର ସମ୍ମୁଖର ଲନ୍ ଓ ଫୁଲକୁଣ୍ଡମାନଙ୍କରୁ ଫୁଲଗଛଟିଏ ରଖିଲେ ନାହିଁ । ଏହି ବାଲୁକାମୟ କୋଣାର୍କ-ବାଲୁଖଣ୍ଡ ଅଭୟାରଣ୍ୟ କେବଳ ଝାଉଁବୃକ୍ଷ ଓ କାଜୁଗଛ ପରିପୂର୍ଣ୍ଣ, ଯାହା ତୃଣଭୋଜୀ ହରିଣ ମିରିଗଙ୍କ ଭୋଜ୍ୟ ନୁହେଁ । ଜଙ୍ଗଲରେ ତୃଣଭୋଜୀ ଜନ୍ତୁମାନଙ୍କ ପାଇଁ ଯଥେଷ୍ଟ ଖାଦ୍ୟ ଓ ଜଳର ଅଭାବ ଦେଖାଦେଇଥାଏ । ସମୁଦ୍ର ତଟରେ ଏବଂ ଅରଣ୍ୟ ଭିତରେ ମୋର ଏକମାତ୍ର ସ୍ମିତିବାନ ଘରୋଇ ତୃଣାଚ୍ଛାଦିତ ସବୁଜ ଭୂମିଟିଏ- ଏହି ଶାନ୍ତ ସ୍ନିଗ୍ଧ କମନୀୟ ଉଦ୍ୟାନ ଇଲାକାଟାକୁ ବିଭିନ୍ନ ଫଳବୃକ୍ଷ କୃଷି ବିଜ୍ଞାନ ପଦ୍ଧତି ପ୍ରୟୋଗ କରି ମୁଁ ନିଜେ ଗଢିଛି । ବଣ୍ୟ ହରିଣମାନେ ଏହାକୁ ଏକ ଚରାଭୂଇଁ ଓ ଅଭୟ ଆଶ୍ରୟସ୍ଥଳୀ ଭାବି ନେଇଛନ୍ତି । ଉଦ୍ୟାନ ଭିତରେ ଅଛି ଡଜନାଧିକ ପାଣିପୂର୍ଣ୍ଣ ପୋଖରୀ ଓ କେତୋଟି ପୁଷ୍କରିଣୀ ବର୍ଷସାରା ବୃକ୍ଷମାନଙ୍କୁ ଜଳ ଯୋଗାଇବା ସକାଶେ;

Digitized by PPRACHIN, SOA

ଏପରିକି ଦିବାଲୋକରେ ସେମାନେ ନିର୍ଭୟରେ ଉଦ୍ୟାନ ଭିତରେ ପୋଖରୀରୁ ପାଣି ପିଇବା ସହିତ ବୁଲାବୁଲି କରିଥା'ନ୍ତି ଏବଂ ବେଳେବେଳେ କେତେକ ସ୍ଥାନରେ ଛୁଆ ପ୍ରସବ ମଧ୍ୟ କରିଥା'ନ୍ତି, ଯାହାକି ଆଗନ୍ତୁକ ଓ ଦେଖଣାହାରୀମାନଙ୍କ ପାଇଁ ବିରଳ ଦୃଶ୍ୟ ହୋଇଥାଏ। ଉଦ୍ୟାନର ଅନ୍ୟନାମ 'ସତ୍ୟାଶ୍ରମ'। ଏଠାରେ କୌଣସି ଜୀବବଧ ନିଷିଦ୍ଧ; ଏଣୁ ବିଜ୍ଞାପିତ ବୋର୍ଡରେ ମଧ୍ୟ ବଡ଼ ବଡ଼ ଅକ୍ଷରରେ ଲେଖିଛି- 'ଜୀବେ ଦୟା ଶିବେ ଭକ୍ତି, ସୁଜନର ଏହା ହେଉ ଉକ୍ତି'। ହରିଣ ଠେକୁଆମାନଙ୍କ ଦାଉରୁ ରକ୍ଷା ପାଇବା ପାଇଁ ବ୍ୟୟ ସାପେକ୍ଷ ରାତି ଜଗୁଆଳି ନିଯୁକ୍ତି ଦେଇଥିଲେ ମଧ୍ୟ ସେମାନଙ୍କୁ ସମ୍ଭାଳିବା ସମ୍ଭବ ହେଲାନାହିଁ। ସେଇଥିପାଇଁ ଉଦ୍ୟାନରେ ଭଲ ବଳୁଆ ଯୋଦ୍ଧା ଦେଶୀ କୁକୁର ପୋଷିବା ଏକମାତ୍ର ଅବଲମ୍ବନ ଥିଲା।

କୁକୁର ଛୁଆ ଦୁଇଟି ଖୁବ୍ ସୁସ୍ଥ ସବଳ ହୋଇ ବଢ଼ିଲେ। ସେମାନେ ନାଗଣ ହେବା ପାଇଁ ପଶୁ ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ଲାଞ୍ଜ କାଟି ଦିଆ ଯାଇଥିଲା ଏବଂ ଖାସୁ କରାଯାଇଥିଲା- ଦିଶନ୍ତି ଏକା ଭଳି। ସେମାନଙ୍କ ରୂପର ପାର୍ଥକ୍ୟ କେବଳ 'ଟିକା' ମୁଣ୍ଡରେ ଧଳା ତିଳକ ଭଳି ଟିକାଟିଏ। ଶଗଡଟଣା ବଳଦ ବେକରେ ଘାଗୁଡିମାଳ ବାନ୍ଧିଲା ଭଳି, ସେମାନଙ୍କ ବେକ ବେଲ୍‌ଟରେ ଗୋଟିଏ ଗୋଟିଏ ଭଲ ଘାଗୁଡି ବାନ୍ଧି ଦେଇଥାଏ ଏବଂ ସେମାନେ କୁଦାମାରି ଦୌଡିଲା ବେଳେ ପରିବେଶ ରୁଣୁଝୁଣ ନୂପୁର ଶବ୍ଦରେ ଗୁଞ୍ଜରିତ ହୋଇ ଉଠିଥାଏ।

ମୋ ସହିତ ସେମାନଙ୍କ ସଂପର୍କ ଖୁବ୍ ଅନ୍ତରଙ୍ଗ ଆଉ ନିବିଡ। ଟିକାଟା କିନ୍ତୁ ଟକିଏ ପେଟୁ, ଅଳସୁଆ, ଆକଣ୍ଠ ଖାଇ ଘଙ୍ଗୁଡି ମାରେ। ତା' ଉପରେ ବିଲେଇ କି ମୂଷା ଚଢି ଚାଲିଗଲେ ମଧ୍ୟ କିଛି ପ୍ରତିରୋଧ ବା ପ୍ରତିକ୍ରିୟା ଦେଖାଇ ନଥାଏ। 'ବାଘା' କିନ୍ତୁ ଖୁବ୍ ଚାଲାକ, ବୁଦ୍ଧିମାନ ଓ ଅତ୍ୟନ୍ତ ସକ୍ରିୟ। ପ୍ରଭୁପ୍ରିୟ। ବହୁ ଦୂରରୁ, ପ୍ରାୟ ଏକ କି.ମି. ଦୂରରୁ ମୋ ମାରୁତି ଭ୍ୟାନ୍ ଶବ୍ଦ ଓ ହର୍ଣ୍ଣ ବାରି ପାରି ଭିନ୍ନ ଏକପ୍ରକାର ସ୍ୱର ମେଳାଇ ରହେ ଲହରେଇ ଲହରେଇ, ଆଉ ଛାଟିପିଟି ହୁଏ, ଯେମିତି ସେ ଚେନ୍ ଛିଣ୍ଡାଇ ଦେଇ ଧାଇଁ ଆସିବ ! ମୁଁ ଫାର୍ମରେ ନଥିବା ସମୟରେ ସେମାନେ ଚେନ୍‌ରେ ବନ୍ଧାଥା'ନ୍ତି ଦିନ ତମାମ। ବାଘା ମୋ ଆସିବା ଜାଣି ପାରି ତା ଭିନ୍ନ ବୋବାଳି-ସ୍ୱରରୁ ମୋ ଲୋକମାନେ ଜାଣି ପାରନ୍ତି ଯେ ମୋହନ ସାହେବ ନିକଟତର ହୋଇଗଲେଣି। ସେମାନେ ଏହା ନିଶ୍ଚିତ ହୋଇ ଚାବି ଧରି ଫାଟକ ଖୋଲିବାକୁ ପଳାଇ ଆସନ୍ତି। ବାଘା ଓ ଟିକା ମାଲିକଙ୍କୁ ଦେଖି ଆନନ୍ଦରେ କୁରୁଳି ଉଠନ୍ତି। ମୁଁ ପହଞ୍ଚିଲା ମାତ୍ରେ ସେମାନଙ୍କୁ ଚେନ୍‌ରୁ ଖୋଲିଦେଲା କ୍ଷଣି ସେମାନେ ଆଗ ଦୁଇଗୋଡରେ ଆଲିଙ୍ଗନ କଲା ଭଳି ମୋତେ କୁଣ୍ଢେଇ ପକାନ୍ତି। ସେମାନଙ୍କ

Digitized by PPRACHIN, SOA

ଗୁଣ ଜାଣି ମୋ ପୋଷାକ କାଳେ ଅପରିଷ୍କାର ହୋଇଯିବ ଭାବି ଗାଡ଼ିରେ ରଖିଥିବା ସ୍ୱତନ୍ତ୍ର ବଡ଼ ଚଉଲିଆକୁ ଛାତିରୁ ଆଣ୍ଠୁ ପର୍ଯ୍ୟନ୍ତ ଗୁଡାଇ ଦେଇଥାଏ। ସ୍ୱାଗତ ଓ ଶ୍ରଦ୍ଧାର ଆଦାନ ପ୍ରଦାନ ଉତ୍ସବ କିଛି ସମୟ ହୋଇଥାଏ ଏବଂ ସେମାନଙ୍କ ପାଇଁ ନେଇଥିବା ବିସ୍କୁଟ, ପାଉଁରୁଟି, ସିଝା ଅଣ୍ଡା ଇତ୍ୟାଦି ସେମାନଙ୍କୁ ଖୁଆଇ ଦିଏ। ମୋ ଉପସ୍ଥିତିରେ ସେମାନେ ଯେମିତି ଅତି ମାତ୍ରାରେ ଆନନ୍ଦିତ। ମୋର ଫାର୍ମ ହାଉସ୍ ରହଣି କାଳରେ ସେମାନେ ମୁକ୍ତ ହୋଇ ବୁଲନ୍ତି। ମୁଁ ପ୍ରାୟତଃ ଫାର୍ମ ହାଉସ୍‌ରେ ରହେ- ମାଲିକ ଭାବେ ନୁହେଁ, ଜଣେ କର୍ମିଷ୍ଠ ଶ୍ରମିକ ଭଳି। ଗଛଗୁଡିକ ନମ୍ବରିତ ହୋଇ ଏବଂ କମ୍ପ୍ୟୁଟର ଭଳି ଲେଜର ପୃଷ୍ଠାଟିଏ ବଡ଼ ଖାତାରେ ଲେଖା ହୋଇ ରହିଥାଏ ପ୍ରତ୍ୟେକ ଗଛର ବିବରଣୀ। କୁକୁର ଦ୍ୱୟ ମୋ ପାଖେ ପାଖେ ଥାଆନ୍ତି ଠିକ୍ ଅଙ୍ଗରକ୍ଷୀ ଭଳି। କୁଟୀର(ଗୋପାଳୟ)ର ପ୍ରବେଶ ଦ୍ୱାର ପାଖରେ ସେମାନଙ୍କ ପାଇଁ ଦୁଇଟି ପ୍ଲାଷ୍ଟିକ୍ ଚୌକି ପଡିଥାଏ। ରାତିରେ ମୁଁ କୁଟୀର ଭିତରେ ଶୋଇଲା ବେଳେ ବାଘା ଜାଗ୍ରତ ପ୍ରହରୀ ଭଳି ଜଗି ରହିଥାଏ। କୌଣସି ବନ୍ୟଜୀବ ଉଦ୍ୟାନକୁ ପ୍ରବେଶ କଲା ମାତ୍ରେ, ବାଘା ଜାଣି ପାରି ଗର୍ଜନ କରି ଦୌଡିଯାଏ ଆକ୍ରମଣ କରିବା ଢଙ୍ଗରେ। ଅଳସୁଆ ଟିକା ତାକୁ ଅନୁକରଣ କରି ସହଯୋଗୀ ଭାବେ ଅନୁଧାବନ କରିଥାଏ ତା' ପଛେ ପଛେ।

ହଠାତ୍ ଦିନେ ବାଘା ଗୁଣର ଏକ ଅକଳ୍ପିତ ବ୍ୟତିକ୍ରମ ଦେଖି ମୁଁ ଅତ୍ୟନ୍ତ ସ୍ତବ୍ଧ ଆଉ କ୍ଷୁବ୍ଧ ହୋଇ ଉଠିଲି। 'ଏ କ'ଣ କରୁଛୁ ବାଘା, ଏ କ'ଣ କରୁଛୁ ବାଘା' ଚିତ୍କାର କରି ଗୋଟେ ବାଉଁଶ ପାଞ୍ଚଣ ଧରି ତାକୁ ପିଟିବାକୁ ଦୌଡିଲି। ଦୋଷ ଏଇଆ ଯେ ମୁଁ ମଧ ଫାର୍ମ ହାଉସ୍‌ରେ କେତୋଟି ଦେଶୀ ଗଞ୍ଜା କୁକୁଡ଼ା ପୋଷିଥିଲି।

Digitized by PPRACHIN, SOA

ଗଞ୍ଜା ଖୁବ୍ ଭୋରରୁ ରାବ ଛାଡି ମୋତେ ଉଠାଇ ଦିଏ ଆଲାରାମ ଘଣ୍ଟା ଭଳି। ସୂର୍ଯ୍ୟୋଦୟ ପୂର୍ବରୁ ଶଯ୍ୟାତ୍ୟାଗ କରିବା ମୋର ଅଭ୍ୟାସ। ପ୍ରଭାତ କାଳର ସୂର୍ଯ୍ୟୋଦୟ ଓ ଗୋଧୂଳି ଲଗ୍ନର ସୂର୍ଯ୍ୟାସ୍ତ ଦୃଶ୍ୟ ଏଠି ଅତ୍ୟନ୍ତ ବର୍ଣ୍ଣିଳ, ଚିତ୍ତାକର୍ଷକ ଆଉ ମନୋମୁଗ୍ଧକର। ସେଦିନ ଗଞ୍ଜା କୁକୁଡ଼ାଙ୍କୁ ସେମାନଙ୍କ ଘରରୁ ଖୋଲିଦେଲା ପରେ ପ୍ରାତଃ ଚା' ଖାଉଥିବା ବେଳେ ଦେଖେତ, ବାଘା ବିରାଟ ଗଞ୍ଜାର ବେକକୁ କାମୁଡ଼ି ଧରି ଦୂରକୁ ଦୌଡିଛି, ବିରାଡି ଛୁଆକୁ ତା ମା' କାମୁଡ଼ି ଧରି ସ୍ଥାନାନ୍ତରିତ କଲାଭଳି। ମୋର କର୍କଶ ନିର୍ଦ୍ଦେଶ ଆଉ ଭର୍ତ୍ସନା ଶୁଣି ସେ ସେଇଠାରେ ଗଞ୍ଜାକୁ ଛାଡିଦେଲା ଏବଂ ମୋର ରୁକ୍ଷ ଗର୍ଜନ ଅନୁସାରେ ସେଇଠାରେ ଛିଡା ହୋଇ ରହିବାକୁ ବାଧ୍ୟ ହେଲା, ନୋଚେତ୍ ପରିଣାମ ସ୍ୱରୂପ ଦଣ୍ଡ ଓ ପାଞ୍ଚଣ ପିଟା ଖାଇବ ବୋଲି ସେ ନିଶ୍ଚିତ ହୋଇଯାଇଥିଲା। ତା'ର ଏମନ୍ତ କୁକାର୍ଯ୍ୟ ପାଇଁ ତା' ବେକକୁ ଦୁଇ ହାତରେ ଚାପି ଧରି ଶୂନ୍ୟରେ ଟେକି ଆଣି ଚେନ୍‌ରେ ବାନ୍ଧି ପାଞ୍ଚଣରେ ଗୁଡାଏ ପିଟିଲି, ଯେମିତି ମା'ବାପାମାନେ ଅବାଧ ପିଲାକୁ ଶାସନ କରିଥା'ନ୍ତି। ତା'ର ବିଶୃଙ୍ଖଳିତ ଆଚରଣ ପାଇଁ ଖୁବ୍ କଡ଼ା ଭାଷାରେ ଗାଳି ଦେଲି ତାକୁ। କିନ୍ତୁ ଦୋଷ ଅନୁଯାୟୀ ଦଣ୍ଡ ଯଥେଷ୍ଟ ନୁହେଁ ଚିନ୍ତା କରି ମାଳି ସାଗର ମହାପାତ୍ରକୁ ୪ ଫୁଟ ଲମ୍ବର ଏକ ସରୁ ପ୍ଲାଷ୍ଟିକ୍ ରସି (ଯାହାକୁ ମୁଁ ସେମାନଙ୍କ ମୁହଁ ବାନ୍ଧିବାକୁ ବ୍ୟବହାର କରିଥାଏ ଆଣ୍ଟିବ୍ୟାଟିସ୍, ଭିଟାମିନ୍ ଓ କୃମି ନାଶକ, ଆଣ୍ଟାସିଡ୍ ଇଂଜେକ୍‌ସନ୍ ଦେବାବେଳେ) ଆଣିବାକୁ କହିଲି ଏବଂ ତା ମୁହଁ ଓ ଆଗ ଗୋଡ ଦୁଇଟାକୁ ବାନ୍ଧିଦେଇ କାଷ୍ଠ ଜାଲି କେଜ୍ ଭିତରରେ ଭର୍ତ୍ତି କରିଦେଲି, ଏବଂ ତା' ପରେ ଆକ୍ରମିତ ଗଞ୍ଜାକୁ ଧରି ସେଇ କେଜ୍ ଭିତରେ ରଖିଲି। ଗଞ୍ଜା ପାଇଁ ଚାଉଳ ଗହମ ଭାତ ଆଦି ତା ଭିତରେ ଖାଇବାକୁ ଦେଲି। ଉଭୟେ ଗଞ୍ଜା ଓ ବାଘା ଏକାଠି କେଜ୍ ଭିତରେ ରହିଲେ। ବାଘା ନିରୁପାୟ। ଗଞ୍ଜା ତା ଭିତରେ ଖାଦ୍ୟ ଖୁଣ୍ଟି ଖାଉଥିଲା ବେଳେ ବାଘା କିଂ କର୍ତ୍ତବ୍ୟ ଅବସ୍ଥାରେ ପଡ଼ି ରହିଲା। ମୁଁ ଖବର କାଗଜ ପଢୁଥିଲା ବେଳେ ଚୌକିରେ ବସି ଲକ୍ଷ୍ୟ କରୁଥିଲି ତା ଗତିବିଧି ଓ ତାକୁ ଉପଯୁକ୍ତ ଶାସ୍ତି ଦିଆଯାଇଛି ବୋଲି ବିରକ୍ତି ପ୍ରକାଶ କରୁଥିଲି ମୁଖର କ୍ରୁଦ୍ଧ ଶବ୍ଦରେ। ବାଘା ବୁଝିପାରୁଥିଲା ମୋ ନାଲିଆଖି ଓ ମୁହଁର ଭାବରୁ। ସଞ୍ଜ ପର୍ଯ୍ୟନ୍ତ ସେଇପରି ଉଭୟେ କେଜ୍ ଭିତରେ ରହିଲେ। ସାଗର ମାଳି କହିଲା, ଏ ଗଞ୍ଜାଟା ବାଘା ଓ ଟିକା ଖାଦ୍ୟ ପାତ୍ରରୁ ଖାଦ୍ୟ ଖାଉଥିଲାବେଳେ ସେମାନଙ୍କ ଖାଦ୍ୟରେ ଲୋଭ ରଖିଥାଏ ଓ ବେଳେ ବେଳେ ସେମାନଙ୍କ ଖାଦ୍ୟ ଖାଇଦିଏ। ବୁଝିଲି ଏବେ ବାଘା କ୍ରୋଧର କାରଣ। ପଶୁ ପ୍ରାଣୀନୁଭବି ଭାବେ ମୁଁ ଅବଶ୍ୟ ତା'ପରେ ତାକୁ ମୁକ୍ତ କରି ଦେଲି। ବାଘା ଅନୁତାପ କଲା ଭଳି ଦୋଷ

Digitized by PPRACHIN, SOA

ସ୍ୱୀକାର କରି ମୋ ପାଖକୁ ଆସି ଦେହରେ ଘଷି ହେଲା ଓ ପାଦ ଚାଟିଲା । ତାକୁ ରାତିରେ ନୈଶାହାର ଦିଆଗଲା ଅବଶ୍ୟ ଉନ୍ମୁକ୍ତ ଭାବେ ତା ପାତ୍ରରେ ।

ତହିଁ ପରଦିନ ଦେଖିବାକୁ ପାଇଲି ଏକ ବିଚିତ୍ର ପରିବର୍ତ୍ତନ । ଗଞ୍ଜା ବାଘା ପାଖେ ପାଖେ ରହି ଖାଦ୍ୟ ଖୁଣ୍ଟୁଥିଲା ଏବଂ କ୍ରମଶଃ ସେମାନଙ୍କ ଏକ ଅହେତୁକ ଦୋସ୍ତି ଜମି ଉଠିଥିଲା ଏବଂ ସେମାନେ ଗୋଟିଏ ପାତ୍ରରେ ଖାଦ୍ୟ ଖାଇବାକୁ ଲାଗିଲେ । କ୍ରମେ କ୍ରମେ ସେମାନଙ୍କ ସମ୍ପର୍କ ଏତେ ନିବିଡ଼ ହୋଇ ଉଠିଲା ଯେ ବାଘା ଜିଭ ଲହ ଲହ କରି ମୁହଁରୁ ନାଳ ଗଡାଇ ଶୋଇ ପଡିଥିଲା ବେଳେ ତା' ଉପରେ ଗଞ୍ଜା ଚଢି ତା' ଦେହରୁ ଉକୁଣୀ ଓ ଟିଙ୍କ ବାଛି ଖାଉଥିଲା । ଏପରି ହେଲା ଯେ ଗଞ୍ଜା, କୁକୁଡା, କୁକୁର ଗୋଟିଏ ପାତ୍ରରେ ଖାଇବାକୁ ଲାଗିଲେ ।

ଏକି ବିଚିତ୍ର ସଂଘଟିର ଦୃଶ୍ୟ ! ଆତ୍ମୀୟତାର କି ନିବିଡ଼ ବନ୍ଧନ, କି ନିଷ୍ପାପ ଆକର୍ଷଣ ! ମନେ ପଡି ଯାଉଥିଲା କବି ଲେଖନୀର ନିଃସୃତ ପଂକ୍ତି- 'କାହିଁ ବନ୍ଧୁତା କାହିଁ ପ୍ରେମ ସୁନ୍ଦର, ଯା'ର ପ୍ରାପତି ଯୋଗୁଁ ଦେବତା ନର !' ଲାଗୁଥିଲା ଯେମିତି ଏକ ମିଳନର କୋରସ ଉଛୁଳି ଉଠୁଛି ସେ ପରିବେଶରେ । ପୂର୍ବରୁ ମୋର ପ୍ରତ୍ୟକ୍ଷ ଅନୁଭୂତି ଥିଲା ଆଉ ଏ ପରିବେଶରେ ସ୍ୱୟଂ ଅନୁଭବ କରୁଥିଲି, ଦେଶୀୟ କୁକୁର ମାନଙ୍କୁ ଉପଯୁକ୍ତ ଯତ୍ନ, ତାଲିମ୍ ଶିକ୍ଷା, ଆଦର ଆଉ ମମତା ଦେଇ ପାରିଲେ ସେମାନେ ବୋଲକରା ଭୃତ୍ୟ ଭଳି ମୁନିବର ମନନେଇ କାମ କରିପାରନ୍ତି; ମଣିଷର ବିପଦ ଆପଦର ବନ୍ଧୁବି ପାଲଟି ଯାଆନ୍ତି । ସର୍କସରେ ଖେଳ ଦେଖାଉଥିବା ଜୀବଜନ୍ତୁମାନେ ଆଉ କ'ଣ କି ? ଅନ୍ତରର ଶ୍ରଦ୍ଧା ଆଉ ମହାନୁଭବତାର ଶିକ୍ଷା ସଭିଙ୍କୁ ବଶୀଭୂତ କରିଦେଇ ପାରେ- ଏକଥା କ'ଣ ସୃଷ୍ଟିର ଶ୍ରେଷ୍ଠଜୀବ ମଣିଷ ଇତର ପଶୁ ସମାଜ ଠାରୁ ଏଯାଏଁ ଶିଖି ପାରିଲା ନାହିଁ ? ମନେ ମନେ ପ୍ରଶ୍ନ କରୁଥିଲେ ନିଜ ବିବେକକୁ ।

ରବୀନ୍ଦ୍ର, ତମେ ପୁଣି ଏ କୁକୁର ମାଙ୍କଡ଼ଙ୍କୁ କେଉଁଠୁ ପାଇଲ ? ପଚାରିଲି ମୁଁ ଉତ୍ସୁକତାର ସହିତ ।

: ଫୁଲବାଣୀ ଚନ୍ଦ୍ରପୁର ଗାଁରୁ । ସେତ ୫ବର୍ଷ ତଳର କଥା । ସିଏ ପୁଣି ଏକ ବିଚିତ୍ର ଘଟଣା । ଚନ୍ଦ୍ରପୁର ନିକଟରେ ଓ ତା' ଆଖପାଖ ଅଞ୍ଚଳରେ ମୁଁ ବୁଲିବୁଲି ହାତୀଖେଳ ଦେଖାଏ । ଦିନେଦିନେ ଖେଳ ଦେଖିବାକୁ ଦର୍ଶକ ନ ହେଲେ ହାତୀ ପିଠିରେ ଆଖପାଖ ଗାଁ ବୁଲି ଲୋକମାନଙ୍କଠୁଁ ଚାଉଳ ଧାନ ଫଳମୂଳ ଭିକ୍ଷାକରେ । ଲୋକମାନେ ଅଳ୍ପଣ୍ଡରେ ଦିଅନ୍ତି ହାତୀ ଶୁଣ୍ଢରେ । କିଏ କିଏ ଶୁଣ୍ଢକୁ ଛୁଇଁ ପ୍ରଣାମ କରନ୍ତି, ପଇସା ଦିଅନ୍ତି । ସ୍ତ୍ରୀ ଲୋକମାନେ ତା' ମୁଣ୍ଡରେ ଫୁଲଚନ୍ଦନ ସିନ୍ଦୂର ଦିଅନ୍ତି । ଶୁଣ୍ଢ ପୁଡ଼ାରେ ପଇସା, ଫଳ

Digitized by PPRACHIN, SOA

ଲୋକଙ୍କ ହାତରୁ ନେଇ ଆଣି ମୋ ହାତକୁ ବଢ଼ାଇ ଦିଏ ଶଙ୍କର। ମୁଁ ତା ପିଠି ଉପରେ ବସିଥାଏ। ତାକୁ ମଧ୍ୟ ଖାଇବାକୁ ଧାନ ଚାଉଳ ଦିଅନ୍ତି। ମୁଁ ଏହିପରି ମୁଣିରେ ଧାନ ଚାଉଳ ସଂଗ୍ରହ କରିଥାଏ। ହାତୀକୁ ମୁଁ ପୋଷେ ନାହିଁ, ସେ ମୋତେ ପୋଷେ, ତା' ଭରଣପୋଷଣ ଓ ମୋ ଖୋରାକି ଉଠିଯାଏ।

ରାତିରେ ଚନ୍ଦ୍ରପୁର ଗାଁମୁଣ୍ଡ ବରଗଛ ମୂଳେ ପୋଖରୀ ବନ୍ଧ ନିକଟରେ ରହୁଥାଏ। ଦିନେ ଖୁବ୍ ବର୍ଷା ହେବାରୁ ମୁଁ ଖେଳ ଦେଖାଇବାକୁ କି ଅନ୍ୟ ଗାଁକୁ ଭିକ୍ଷା ପାଇଁ ଯାଇପାରିଲି ନାହିଁ। ଢୁ ଢୁ ବର୍ଷା। ମୁଁ ଛତା ତଳେ ରହିଲି। ଗଣେଶ ବେଟା ବର୍ଷା ପାଣିରେ ବହେ ତିନ୍ତିଲା। ତା'ର ଭାରି ଖୁସି। ବର୍ଷା ହେଲେ ତ ମଜା ତା'ର। ପାଣିରୁ ଉଠିବାକୁ ସେ ଇଚ୍ଛା କରେ ନାହିଁ। କିଛି ସମୟ ପରେ ପାଗ ପରିଷ୍କାର ଦିଶିଲା। ବର୍ଷା ପୂରା ଛାଡ଼ିଗଲା ପରେ ହାତୀ ପିଠିରେ ଚଢ଼ି ବାହାରିଲି ଭିକ୍ଷା ଉଦ୍ଦେଶ୍ୟରେ। ଗାଁ ମୁଣ୍ଡର ପାଖ ଘରକୁ ଗଲି। ନଡ଼ାଛପର ମାଟି କାନ୍ଥର ଚିତାପକା ଘରଟିଏ। ଘର ଦାଣ୍ଡରେ ଉଚ୍ଚ ବାରଣ୍ଡା। ଶଙ୍କର ଘର ଆଗରେ ଛିଡ଼ା ହୋଇ ଶୁଣ୍ଢ ହଲାଇଲା, ଘଣ୍ଟି ବଜାଇଲା। ତା'ପରେ ପେଁ ପେଁ କରି ଡାକଦେଲା ଭିକ୍ଷା ପାଇଁ। ଡେରିହେଲେ ଭିକ୍ଷାସ୍ୱର ଦୋହରାଏ। ଲୋକଙ୍କଠୁଁ ଭିକ୍ଷା ମାଗିବା ପ୍ରଣାଳୀ, କାଇଦା ମୁଁ ଶିଖାଇ ଦେଇଥାଏ। ଡାକ ଶୁଣି ଜଣେ ମଧ୍ୟବୟସ୍କା ସ୍ତ୍ରୀ ଲୋକ ତାଙ୍କ କାଙ୍ଖରେ ଗୋଟିଏ ପାତିମାଙ୍କଡ଼ ଛୁଆକୁ ବସାଇ ପିତଳ ଥାଳିରେ ଚାଉଳ, ସିନ୍ଦୂର, ମନ୍ଦାର ଫୁଲ ଧରି ଦାଣ୍ଡପିଣ୍ଡା ପାହାଚରେ ଠିଆ ହୋଇ ହୁଳହୁଳି ଦେଲେ। ହାତୀ ଶୁଣ୍ଢରେ ଫୁଲ ଚନ୍ଦନ ଦେଲେ ଓ ପରିଶେଷରେ ମୁଦ୍ରାଟିଏ ଧରାଇ ଦେଲେ ତା ଶୁଣ୍ଢ ପୁଡ଼ାରେ।

ଶଙ୍କର ବେଟା ଟଙ୍କିକିଆ ମୁଦ୍ରାଟି ନେଇ ମୋତେ ବଢ଼ାଇ ଦେଲା। ମୁଁ ତାଙ୍କ ଥାଳିରୁ ଚାଉଳକୁ ସଂଗ୍ରହ କରିନେଲି। ଗଲାବେଳେ ଦାତାଙ୍କ ମଙ୍ଗଳ କାମନା କରି ଧନ୍ୟବାଦ ଦେବା ଢଙ୍ଗରେ ଶୁଣ୍ଢ ଉପରକୁ ଟେକି ପେଁକାଳି ବଜାଏ, ଦାତାଙ୍କୁ ଆଶୀର୍ବାଦ କରେ। ତା'ପରେ ମୁଁ ଅନ୍ୟ ଦୁଆରମାନଙ୍କୁ ସେଇ ବୃତ୍ତିରେ ଚାଲିଯାଏ। ୟେ ମୋ ଦୈନନ୍ଦିନ ଜୀବନ, ପେଷା, ବେଉସା।

ତହିଁ ପରଦିନ ପାଗ ଶୁଖିଲା ଥିଲା। ଶନିବାର ହାଟ୍‌ଦିନ। କିଣାଳି ବିକାଳିମାନଙ୍କ ଭିଡ଼ ଜମେ। ଏଠି କେବେ ଖେଳ ସୁରୁ କରି ନଥିଲି। ଦୂର ଗାଁମାନଙ୍କୁ ଚାଲି ଯାଉଥିଲି। ପାଗ ଡରାଉଥିଲା। ଭାବିଲି, ହାଟପାଖ ଖୋଲା ଆମ୍ବ ତୋଟା ଭିତରେ ଖେଳ ଦେଖାଇବି। ବର୍ଷା ହେଲେ ସ୍ତ୍ରୀ ଲୋକଙ୍କ ବାରଣ୍ଡା ଅଛି ଆଶ୍ରୟ ନେବା ପାଇଁ। ମୋର ତୂରୀ, ଡୋଲକି, ଘଙ୍ଗୁ, ବଇଁଶୀ, ଘଣ୍ଟିବାଜା ଶୁଣି ଲୋକେ ଠୁଳ ହେଲେ। ଖେଳ ଆରମ୍ଭ କଲି 'O' ଭଳି ଦର୍ଶକମାନଙ୍କ ଘେର ଭିତରେ। ସେଇ

Digitized by PPRACHIN, SOA

ସ୍ତ୍ରୀଲୋକ ଜଣକ ମାଙ୍କଡ଼ ଛୁଆକୁ କାନ୍ଧରେ ବସାଇ ଖେଳ ଦେଖିବାକୁ ଆସିଥିଲେ। ବଡ଼ ବିଚିତ୍ର କଥା ଦେଖିଲି ସାର୍। ମାଙ୍କଡ଼ ଛୁଆକୁ ଭୋକ ଲାଗିଲା। ସେ ସ୍ତ୍ରୀ ଲୋକଙ୍କ ଛାତିରୁ ବସ୍ତ୍ର ଆଡ଼େଇ ସ୍ତନରୁ କ୍ଷୀର ପିଇଲା ମଣିଷ ଛୁଆପରି। ଦର୍ଶକମାନେ ମୋ ହାତୀଖେଳ ଦେଖିବେ କ'ଣ? ଫିକା ନାଲିଆ ରଂଗର ବକଟେ ମାଙ୍କଡ଼ ଛୁଆର କଳାପ-କାରବାର, ମାଙ୍କଡ ଛୁଆର ଦୁଗ୍ଧପାନ ଖେଳ ଅପଲକ ଦେଖିଲେ ଡିମାଡିମା ଆଖିରେ- ମଣିଷ ମା' ମାଙ୍କଡ଼ ଶିଶୁର ସଂପର୍କ। ହେଲେ ଏହି ବିରଳ ଦୃଶ୍ୟ ଅପୂର୍ବ ଲାଗିଲା ସମସ୍ତଙ୍କୁ। ଖେଳ ଶେଷ ପରେ ସ୍ତ୍ରୀଲୋକଙ୍କୁ ଭେଟି ତାଙ୍କୁ ପଚାରିଲି - ଏ କଉତୁକିଆ ମାଙ୍କଡ଼ ଛୁଆଟି କେଉଁଠୁ ପାଇଲ ମାଉସୀ?

Digitized by PPRACHIN, SOA

– ଜଙ୍ଗଲ ଭିତରୁ। ଯାଇଥିଲି ମହୁଲ ଗୋଟାଇବାକୁ ସକାଳୁ ସକାଳୁ । କେଉଁଟା ଦିନର କଅଁଳିଆ ପାଟି ଛୁଆଟା ମହୁଲଗଛ ମୂଳେ ପଡ଼ି ସୁକୁସୁକୁ ହେଉଥିଲା। ଦୟା ଲାଗିଲା। ତାକୁ ଉଠାଇ ଆଣି ଲୁଗା କୋଳ ଭିତରେ ରଖିଲି। ଆଉଁସା ଆଉଁସି କଲି। ସେ କୁଙ୍କୁଡ଼ିକାଙ୍କୁଡ଼ି ହୋଇ ଅଣ୍ଟି ଭିତରେ ରହିଲା। ଏଠି ମାଙ୍କଡ଼ ଛୁଆଟା ଆସିଲା କାହୁଁ? ଗଛ ଉପରକୁ ଉଣ୍ଡିଲି। ମୋ ହଂସା ଉଡ଼ିଗଲା। ଗୋଟାଏ ମସ୍ତବଡ଼ ଅଜଗର ସାପ ମାଙ୍କଡ଼ଟାକୁ ପ୍ରାୟ ଗିଳି ଦେଇଛି। ତା ଗୋଡ଼ ଦି'ଟା କେବଳ ଦିଶୁଛି, ଆସ୍ତେ ଆସ୍ତେ ପାଟି ଭିତରକୁ ଟାଣି ହୋଇ ଯାଉଛି। ସଇତାନ ସାପ ମୁହଁରେ କୋଉ ଜନ୍ତୁ ପଡ଼ିଲେ ରକ୍ଷା ପାଇବା ଅସମ୍ଭବ, ବାଘକୁ ବି ଗିଳିଦବ। ଗତ ସନ ଗୋଟେ ବାର୍‌ହାକୁ ଗିଳି ଦେଇଥିଲା। ତା ପେଟ ଫୁଲି ଯାଇଥିଲା। କୁଆଡ଼େ ଯାଇ ପାରିଲା ନାହିଁ, ଖାଲି ଲେଉଟ ପାଉଟ ଗୁଡ଼େଇ ମୋଡ଼େଇ ହେଲା। ଗାଁର କେତେଜଣ କାଠୁରିଆ ଦେଖିଲେ। ସାପଟା ବାର୍‌ହା ଗିଳିଥିବାର ଜାଣିଲେ ତା ଖୋଜ ଚିହ୍ନରୁ ଓ ମାଟି ରାମୁଡ଼ା ଦାଗରୁ। ସେମାନେ ତୀର, ଟେଣ୍ଟା, ଖଣ୍ଡା, ଟାଙ୍ଗିଆ, ଆଣି ଅଜଗର ସାପଟାକୁ ମାରିଲେ, କାଟିଲେ। ତା' ପେଟ ଭିତରୁ ଗୋଟେ ଦାନ୍ତୁଆ ବାର୍‌ହାକୁ ବାହାର କଲେ। ସାପର ଛାଲ ଉତାରିଲେ ଢୋଲକି ବାଜା ପାଇଁ । ଆମେ ଜାତିରେ ବଢ଼େଇ। ମୋ ଗେରସ୍ତ କାଠକାମ କରନ୍ତି। ଖୋଳ, ଖଞ୍ଜଣି, ଢୋଲକି ବନାନ୍ତି। ଏମିତି କେତେ ଜନ୍ତୁଙ୍କ ଚମଡ଼ାରେ ବାଦ୍ୟଯନ୍ତ୍ର ତିଆରି କରିଛନ୍ତି, ମୁଁ ଜାଣେ। ସେ ମଧ୍ୟ କାଠ କଣ୍ଢେଇ କରି ହାଟରେ, ଜାନି ଯାତରାରେ ବିକନ୍ତି। ମୁଁ କଣ୍ଢେଇରେ ରଙ୍ଗଦିଏ, ଜାମା ପୋଷାକ ତିଆରି କରେ ହାତରେ ଛୁଞ୍ଚିସୂତା ଧରି। ସେ ମଧ୍ୟ କଣ୍ଢେଇ ଖେଳ ଦେଖାନ୍ତି ମେଳାରେ, ପୂନେଇଁ ପରବ ମାନଙ୍କରେ। ମୋ ଗେରସ୍ତକୁ ଏଠି ସମସ୍ତେ ଡାକନ୍ତି କଣ୍ଢେଇ ବାପା ଓ ମୋତେ 'ରଙ୍ଗୀ ଅପା' କହିଲେ ଏଠି ସମସ୍ତେ ଜାଣିବେ।

: ଆଉ ସେ ମଲା ବାର୍‌ହାଟା ?

: ତାକୁ କ'ଣ ସେମାନେ ଛାଡ଼ନ୍ତେ ! ବାର୍‌ହା ମାଉଁସ ଭାରି ସୁଆଦ, ପାଟିରୁ ଛାଡ଼ିବନି। ଏମିତି ଆମ ଜଙ୍ଗଲ ଅଞ୍ଚଳରେ ଦି' ବରଷ ଛେଳି, ମେଣ୍ଢାକୁ ଅଜଗର ମୁହଁରୁ ଆଣି ଭୋଜିଭାତ କରି ମଉଜ କରନ୍ତି।

– ସାପଖିଆ ବିଷାକ୍ତ ମାଂସକୁ ତମେମାନେ ଖାଅ ? ଆଶ୍ଚର୍ଯ୍ୟ ହୋଇ ପଚାରିଲି।

– ବିଷାକ୍ତ କ'ଣ ? ଅଜଗରର ବିଷ ନଥାଏ। ଜଙ୍ଗଲର ମୋଟା ଡାମଣା ସାପ ସେ।

– ଆଉ ମହୁଲ ଗଛରେ ମାଙ୍କଡ଼ ଗିଳିଥିବା ଅଜଗରର ଅବସ୍ଥା ?

– ସେ ତାକୁ ଗିଳି ଖାଇଲା। ମାଙ୍କଡ଼ ମାଉଁସ ଖାଇବ କିଏ ? କ'ଣ ଦର୍କାର ?

Digitized by PPRACHIN, SOA

- ତେବେ ଏ ମାଙ୍କଡ଼ ଛୁଆଟା ଆସିଲା କେଉଁଠୁ ?

- ନଗଦ ମାଙ୍କଡ଼ ଛୁଆ। ମା' ପେଟରୁ ବାହାରି ଥିଲା। ଜନମ ପରେ ପରେ ମାଙ୍କଡ଼ ଛୁଆ ତା ମା' ଛାତିରେ ଲାଖିରହେ। ମହୁଲ ଗଛରୁ ମହୁଲ ଖାଇବାକୁ ମା' ମାଙ୍କଡ଼ ଚଢ଼ି ଯାଇଥିଲା ଛୁଆକୁ ଛାତିରେ ଧରି। ଗଛ କୋରଡ଼ରେ ଛପିଥିଲା ଅଜଗର । ତା' ଦେହର ରଂଗ କାଠ ଭଳି। ବିଚରା ମାଙ୍କଡ଼ ଜାଣିପାରିଲା ନାହିଁ। ଏ ଡାଳରୁ ସେ ଡାଳକୁ ଡ଼େଇଁଲା ବେଳେ ଅଜଗର ତା ଅସୁରିଆ ପାଟିରେ ଝାମ୍ପି ଧରିଲା ତାକୁ। ବର୍ତ୍ତିବା ମୁସ୍କିଲ୍। ମା'ମାଙ୍କଡ଼ ଆଉ ଏ ଅସୁର ହାବୁଡ଼ରୁ ବଂଚିବା ଅସମ୍ଭବ ଜାଣି ପାରି କୋଳରୁ ଛୁଆଟାକୁ ଗଛ ତଳକୁ ଫିଙ୍ଗିଦେଲା। ମା'ମାଙ୍କଡ଼ର ଆର୍ତ୍ତ ଥିଲା, ସେ ପଛେ ମରୁ, ତା'ର ଛୁଆଟା ଜୀଇଁ ରହୁ । ପଶୁ ହେଲେ ବି ମା' ତା ସନ୍ତାନର ସର୍ବଦା ଆୟୁଷ କାମନା କରିଥାଏ । ସନ୍ତାନ ଦୀର୍ଘଜୀବୀ ହେବା ପାଇଁ ମା' ସବୁ ତ୍ୟାଗ ସ୍ୱୀକାର କରିଥାଏ । ଗଛମୂଳେ ପଡ଼ି ମାଙ୍କଡ଼ ଛୁଆଟା ମରିବା ଉପରେ। ତା'ର ଆୟୁଷ ପୂରି ନଥିଲା। ମୁଁ ତାକୁ ଗୋଟାଇ ଆଣିଲି ଅଣ୍ଟିକୁ। ମୁଁ ଅଫଳନ୍ତି ଗଛ; ଫଳ ଜଷି ଧରିବାକୁ ଅନେକ ଦିଅଁ ଦେବତା, ପୂଜାପାଠ, ଓଷା ଉପାସ କଲାପରେ ଭଗବାନ ମୋ ପେଟରେ ପୁଅପିଲାଟିଟିଏ ଦେଇଥିଲେ, ହେଲେ ସେ ଭୂଇଁକୁ ଆସିଲା ପରେ ଜାଣିଲୁ ସେ ମଲାପିଲା। କାନ୍ଦିଲି ବହୁତ। ଛୁଆଟିଏ ପାଇଁ ବିକଳ ହେଉଥିଲି। ମୋ ଥନ ଅସ୍ଥିର କରୁଥିଲା। ମାଙ୍କଡ଼ ଛୁଆଟା ଭୋକିଲା ଥିଲା ଜାଣି ପାରିଲି। ତା' ମୁହଁରେ ଥନ ଦେଲି । ଥନ ଚିପି କ୍ଷୀର ଦେଲି ତାକୁ। ସେ ମୋଠୁଁ କ୍ଷୀର ପିଇଲା ଚଁ ଚଁ। ସେଇ ଦିନଠୁଁ ସେ ମୋର ପୁଅ। ତାକୁ ପାଳିଛି। ଖୁଆଇ ପିଆଇ ସେନେହ ଶରଧା ଦେଇ ଏଡ଼ୁଟିଏ କରିଛି। ତା ନାଁ ଦେଇଛି 'ମନୁ' । ଭାରି ବୁଦ୍ଧିଆ ମୋ ମନୁଆ ମାହୁନ୍ତେ। ସବୁକଥା ବୁଝି ପାରୁଛି, ଘର କାମରେ ସାହାଯ୍ୟ କରୁଛି। ଭୋକହେଲେ ଖାଇବାକୁ ଅଝଟ କରୁଛି। ପିଲାପରା...

ସୃଷ୍ଟିର ବୈଚିତ୍ର୍ୟ। ମାତୃତ୍ୱର ଆହ୍ୱାନ ଓ ମମତାର ମୂଲ ଅମାପ। ପଶୁ ହେଲେ ହେଁ ବିରଳ ପ୍ରେମର ପଟାନ୍ତର ନାହିଁ ଏ ଜଗତରେ। ମୋ ନଜରକୁ ଆସିଛି ଅନେକ ଅନେକ ଦୃଷ୍ଟାନ୍ତ, କହି ବସିଲେ ଅନ୍ୟ ଏକ ବହି ହେବ। ଭାବନା ରାଜ୍ୟରେ ବୁଡ଼ି ରହିଥିଲି ମୁଁ, ମନୁ ବିଷୟରେ ରବୀନ୍ଦ୍ର କହୁଥିଲା ବେଳେ। ନୀରବ ନିଶ୍ଚଳ ହୋଇ ଶୁଣି ରହିଥିଲି ଶିଶୁ ମାଙ୍କଡ଼ଟିର ବିରଳ ବୃତ୍ତାନ୍ତ ।

ରବୀନ୍ଦ୍ର କହି ଚାଲିଥିଲା - କିନ୍ତୁ ମଣିଷ ମା' ପଶୁ ପୁଅର ସଂପର୍କ ବେଶୀଦିନ ରହିପାରିଲା ନାହିଁ ସାର୍। ଦଇବ ବାଦ କଲା। ଦିନେ ଖବର ପାଇଲି ବଡ଼େଇଆଣୀ

Digitized by PPRACHIN, SOA

ରଙ୍ଗୀ ଅପାର ଅକାଳ ମୃତ୍ୟୁ ହୋଇଛି। ସାପକାମୁଡ଼ାରେ ମରି ପଡ଼ିଛନ୍ତି। ଦୌଡ଼ିଲି ଦେଖିବାକୁ ତାଙ୍କ ଘରକୁ। ଯାହା ଦେଖିଲି ବିଶ୍ୱାସ କରି ପାରିଲି ନାହିଁ-

ଛଳ ଘର। ମୂଷାମାନଙ୍କର ଆଡ୍ଡା। ଗୋଟାଏ ମସ୍ତବଡ଼ ନାଗସାପ ଛଳରେ ରହି ମୂଷାମାନଙ୍କୁ ଆକ୍ରମଣ କଲା। ଛଳରେ ମୂଷା ଧରିବା ସହଜ ନୁହେଁ। ଗୋଟାଏ ଦୌଡ଼ାଳି ମୂଷାକୁ ଝାମ୍ପ ମାରୁଥିଲାବେଳେ ଛଳରୁ ସାପଟା ତଳକୁ ଖସି ପଡ଼ିଲା ନଥିକିନି। ରାତି । ଶୀତଦିନ। ତଳେ ବିଛଣା ପାରି ଶୋଇଥିଲେ ରଙ୍ଗୀଅପା। ନିଘୋଡ଼ ନିଦ। ସାପଟା ଠିକ୍ କାଠ ଜଳୁଥିବା ଉହ୍ନେଇ ଉପରେ ପଡ଼ିଥିଲା। ନିଆଁଭର୍ତ୍ତି ଉହ୍ନେଇ ପାଖରେ କିରାସିନି ଭର୍ତ୍ତି ଡ଼ିବିଟିଏ ଜଳୁଥିଲା। ଉହ୍ନେଇ ସହିତ ସାପ ଡ଼ବି ଉପରେ ଛିଟିକି ପଡ଼ିଲା। ଡିବିରୁ କିରାସିନି ଢାଳିଯାଇ ନିଆଁକୁ ଆହୁରି ତେଜ କଲା ହୋମରେ ଘିଅ ଢାଳିଲା ପରି। ସାପଟା ଛଟପଟ ହୋଇ ପୋଡ଼ିଗଲାବେଳେ ମଲା ମୁହୂର୍ତ୍ତରେ କାମୁଡ଼ି ଦେଲା ରଙ୍ଗୀ ଅପାର ଗୋଡ଼କୁ। ମଣିଷ ଶୋଇଥିବା ସମୟରେ ସାପ କାମୁଡ଼ି ଦେଲେ ଖୁବ୍ ଶୀଘ୍ର ବିଷ ଖେଳିଯାଏ ଦିହରେ। ରଙ୍ଗୀଅପା ଗୋଡ଼କୁ ଛାଟିଦେଲା ମାତ୍ରେ ଉଠି ପଡ଼ିଲେ ଏବଂ ପୋଡ଼ା ସାପଟାକୁ ଦେଖି ଚମକି ଚିତ୍କାର କଲେ - ସାପ, ସାପ। ତା'ପରେ ବେହୋସ ହୋଇ ସେଇ ବିଛଣାରେ ଶୋଇ ପଡ଼ିଲେ, ଆଉ ଉଠିଲେ ନାହିଁ, ସବୁଦିନ ପାଇଁ ଆଖି ବୁଜିଲେ। ମନୁ ତା ମଣିଷ ମା' କୋଳରେ ଶୋଇଥିଲା। ଏସବୁ ଦୃଶ୍ୟ ଅବାକ୍ ହୋଇ ଦେଖୁଥିଲା। ଗୋଟାଏ ବିପତ୍ତି ବୁଝିପାରି ଖାଲି ଖିଙ୍କାରିଲା। ଛୋଟ ମାଙ୍କଡ଼ ବାଳକ। କ'ଣ ଆଉ କରନ୍ତା ଯେ। କୁଟୀ ମୋତି ଦୁଆର ମୁହଁରେ ଶୋଇଥିଲା। ଦ୍ୱାର କବାଟ ଖୋଲାଥିଲା। ସେ ବି କ'ଣ କରି ପାରନ୍ତା। କେବଳ ଭୁକୁଥିଲା ତୁହାଇ ତୁହାଇ । ସେମାନଙ୍କ କାକୁର୍ତ୍ତିଆ ବୋବାଳିରେ ପାଖ ପଡ଼ୋଶୀ ଲୋକମାନେ ଉଠି ଦେଖନ୍ତି ଏ ଦୁଃଖଦ କାଣ୍ଡ। ସାପଟା ନିଆଁରେ ପୋଡ଼ିଯାଇ ମରିଛି। ରଙ୍ଗୀ ଅପା ବି।

କିଛି ମାସ ପୂର୍ବରୁ ବଡ଼େଇ କଣ୍ଢେଇବାପା ରୋଗରେ ପଡ଼ି ଆଖି ବୁଜିଦେଇଥିଲେ, ସେ ପୁରକୁ ଚାଲିଯାଇଥିଲେ ସବୁଦିନ ପାଇଁ। ରଙ୍ଗୀଅପାର ଆତ୍ମୀୟ ସ୍ୱଜନ ଆଉ କେହି ନଥିଲେ ମନୁ ଓ ମୋତି ବ୍ୟତୀତ। ଶବ ଦାହ କରିବ କିଏ? ଗାଁ ଲୋକେ କହିଲେ - ରଙ୍ଗୀଅପା ସଂଗେ ତୋର ଭାବଦୋସ୍ତି ଥିଲା, ଦୁଃଖସୁଖ ହେଉଥିଲୁ, ଅପା ଅପା ବୋଲି ଡାକୁଥିଲୁ। ବାରଣ୍ଡା ଦଖଲ କରିଥିଲୁ ସୁବିଧା ଅସୁବିଧାରେ। ତାଙ୍କ ମୁହଁରେ ନିଆଁ ଦେବାକୁ କେହି ନାହାଁ। ମାଙ୍କଡ଼ ବାଚ୍ଚାଟା କ'ଣ ମଣିଷ ମୁହଁରେ ମୁଖାଗ୍ନି ଦେବ? ତୁ ରଙ୍ଗୀ ଅପାର ଦଶକାମ, ତୁଠକାମ କର। ଏଣୁ ମୁଁ ରଙ୍ଗୀଅପାର ଅନ୍ତ୍ୟେଷ୍ଟିକ୍ରିୟା ଦାୟିତ୍ୱ ନେଲି। କାମ ସମାପନ କଲି ନିଷ୍ଠାରେ ।

Digitized by PPRACHIN, SOA

କିନ୍ତୁ ଦଶାହ ପରଦିନ ଘଟଣା ମୋତେ ଚିନ୍ତାରେ ପକାଇ ଦେଲା । ମୁଁ ବରଗଛ ମୂଳକୁ ଶଙ୍କର ବେଟାକୁ ଖାଦ୍ୟ ଦେବାକୁ ଯାଇଥିଲି । ସେଠି ସେ ଜଞ୍ଜିରିରେ ବନ୍ଧାହୋଇ ରହିଥାଏ । ଶୁଣିଲି ମନୁର ଖିଙ୍କାର ଓ ମୋତିର ଭୟଙ୍କର ଭୁକା । ଘରକୁ ଆସି ଦେଖେ ଅଗଣାର କୂଅ ଭିତରୁ ଶୁଭୁଛି ସେମାନଙ୍କ ଆରତ ସ୍ୱର । ଆଶ୍ଚର୍ଯ୍ୟ ବିବ୍ରତ ହେଲି । ଉଭୟେ ମନୁ ଓ ମୋତି କୂଅ ଭିତରେ । ଅଳ୍ପ ପାଣିଥିଲା ଗହିରିଆ କୂଅରେ । ସେମାନେ ନିଜ ନିଜ ପ୍ରତିବିମ୍ବ ଦେଖି ଚମକିଛନ୍ତି । କୂଅ ଭିତରେ ଆଉଗୋଟେ ମନୁ ଓ ମୋତି ଦେଖି ରାଗିଯାଇଛନ୍ତି । ଏଟା ଗୋଟେ ସମସ୍ତଙ୍କର ଈର୍ଷାରୋଗ । ସେମାନଙ୍କ ଇଲାକାରେ ଅନୁପ୍ରବେଶକାରୀକୁ ବରଦାସ୍ତ କରନ୍ତି ନାହିଁ । ତେଣୁ ଶତ୍ରୁକୁ ଘଉଡ଼ାଇବା ପାଇଁ ଆକ୍ରମଣ ଉଦ୍ଦେଶ୍ୟରେ କୂଅ ଭିତରକୁ ଲମ୍ଫ ମାରିଛନ୍ତି । କିନ୍ତୁ ଶତ୍ରୁ କାହିଁ ? ଆଉ କୂଅ ଭିତରୁ ଉପରକୁ ଉଠି ପାରୁ ନାହାନ୍ତି । ଖାଲି ବୋବାଳି । ପରିଶେଷରେ ମୁଁ ସତର୍କତାର ସହ କୂଅ ଭିତରକୁ ପଶିଲି କୂଅ ଦଉଡ଼ି ସାହାଯ୍ୟରେ । ଉଦ୍ଧାର କଲି ସେମାନଙ୍କୁ । ଗତକାଲି ଦଶକାମରେ ବୋଧହୁଏ ଅବହେଳାବଶତଃ କୂଅ ଘୋଡ଼ଣିଟି ଥୋଇବାକୁ କିଏ ଭୁଲି ଯାଇଥିଲା । କୂଅ ଖୋଲାଥିଲା । ଅଗଣା କୂଅରୁ ପାଣି ଆଣି ସାରିଲା ପରେ କାଠ ଘୋଡ଼ଣି ଦେବା ନିହାତି ଦରକାର ଥିଲା । ସାବଧାନ ହେଲି । ସେମାନେ ଏଠିକି ନଆସିବାକୁ ତାଗିଦ୍ କଲି ।

ପୁଣି ଦିନେ ଦର୍ପଣରେ ପ୍ରତିବିମ୍ବକୁ ଦେଖି ଆଉ ଏକ ଘଟଣା । ବଢ଼େଇବାପା ଗୋଟିଏ ଡ୍ରେସିଂ ଟେବୁଲ ପାଇଁ ଜଣେ ଚିହ୍ନା ଗ୍ରାହକ ଠାରୁ ବରାଦ ରଖିଥିଲେ । ଡ୍ରେସିଂ ଟେବୁଲର କାମ ଶେଷ ହୋଇଥିଲା, କିନ୍ତୁ ଦର୍ପଣ କାଚ ଲାଗି ନଥିଲା । ଦର୍ପଣ କାଚ ଅଣାଯାଇ ଅନ୍ୟ ସ୍ଥାନରେ ଥୁଆ ହୋଇଥିଲା । କିନ୍ତୁ ତାଙ୍କ ଅକାଳ ବିୟୋଗ ଯୋଗୁଁ ତାହା ଟେବୁଲରେ ସଂଯୋଗ କରାଯାଇ ପାରି ନଥିଲା । ମୁଁ ଆଗ୍ରହର ସହିତ ରେଞ୍ଚ ପେଞ୍ଚକସ ନେଇ କାଚକୁ ଟେବୁଲରେ ସଂଯୋଗ କଲି । ଲମ୍ବା ଦର୍ପଣ କାଚ ସୁନ୍ଦର ଦିଶିଲା । ଘର ଭିତରେ ମନୁ ଓ ମୋତିର ଅଗାଧ ପ୍ରବେଶ । ଦର୍ପଣ କାଚରେ ଉଭୟେ ଦେଖିଲେ ନିଜ ନିଜ ପ୍ରତିବିମ୍ବ ଓ ପ୍ରତିକ୍ରିୟା ସ୍ୱରୂପ ଭୁକିଲେ, ଖିଙ୍କାରିଲେ । ସପ୍ତାହେ ତଳେ କୂଅରୁ ଉଦ୍ଧାର ପାଇଛନ୍ତି ନିଜ ନିଜ ପ୍ରତିବିମ୍ବ ଦେଖି । ପୁଣି ଘର ଭିତରେ ନିଜ ନିଜ ପ୍ରତିବିମ୍ବ ଦେଖି ଘାବଡ଼େଇ ଉତ୍ତେଜିତ ହେଲେ । ମୋ'ଠୁଁ ଖାଇଲେ ଗୋଟେ ଗୋଟେ ପାହାର । ମୂର୍ଖ । ମୋ ଦୁଇ କଡ଼ରେ ଆଣି ସେମାନଙ୍କୁ ଛିଡ଼ା କରାଇଲି ଦର୍ପଣ ସାମ୍ନାରେ । ସେମାନେ ମୋ ସହିତ ନିଜ ନିଜ ଛବି ଦେଖିଲେ । ଦର୍ପଣ କାଚରେ ସେମାନଙ୍କ ମୁହଁ ଘଷାଇଲି । ବୋଧହୁଏ ବୁଝିଲେ ଏଥର । ତେବେ କାଚଦର୍ପଣକୁ ପୁଣି ଡ୍ରେସିଂ ଟେବୁଲରୁ ଖୋଲି କନା ଘୋଡ଼ାଇ ଅଲଗା ରଖିଲି ପୂର୍ବ

Digitized by PPRACHIN, SOA

ଭଳି। କିଛି ଦିନ ପରେ ବରାଦଦାତାର ଠିକଣା ମିଳିଲା। ତୁରନ୍ତ ତାଙ୍କ ଜିନିଷ ତାଙ୍କୁ ଦେଇ ନିଶ୍ଚିନ୍ତ ହେଲି। ଗରହାକ ବରାଦଦାତା ବଢ଼େଇ ବାପାର ମୂଲ ମଜୁରି ବାବଦରେ ତିନିଶହ ଟଙ୍କା ଧରାଇ ଦେଲେ ମୋ ହାତରେ। ମୁଁ ସେ ଦିନଠୁଁ ଘରେ ଦର୍ପଣ ଆଉ ରଖି ନାହିଁ। କିଏ ପାରେ ଏତେ କଥାକୁ! ଏମାନଙ୍କ ଦୁଷ୍ଟାମି ସମ୍ଭାଳିବି ନା ମୋ ହାତୀ ଖେଳକଥା ଚିନ୍ତା କରିବି ?

ଏମିତି ମାସେ ଦି'ମାସ କଟିଗଲା। ମୋ ବେଉସା ମାନ୍ଦା ପଡ଼ିଲା। ଗାଁ ମୁଖିଆଙ୍କୁ ଦୁଃଖ କହିଲି ଓ ମୋତେ ଦାୟିତ୍ୱରୁ ଖଲାସ କରିବାକୁ ଗୁହାରି କଲି। ସେ ଗାଁ ସଭା ଡାକିଲେ। ବଢ଼େଇ ବାପାର କେହି ଉତ୍ତରାଧିକାରୀ ନଥିବାରୁ ତାଙ୍କ ସମ୍ପତ୍ତିକୁ କୋଠ ସଂପତ୍ତି ଭାବେ ନିଷ୍ପତ୍ତି ନେଲେ ଏବଂ ମନୁ ଓ ମୋତିକୁ ମୋତେ ଦାନ କଲେ। ସେଇ ଦିନଠୁଁ ସେମାନଙ୍କୁ ଆଣି ପାଳିଛି, ମୋ ସଂସାର ଭଗବାନଙ୍କ ଦୟାରୁ ସୁରୁଖୁରୁରେ ଚାଲିଛି। ମୋର ପେଷା ଆଉ ନିଶା ଏକ ହୋଇଯାଇଛି।

ମୁଁ ଅନୁଭବ କଲି ସତେ ଯେମିତି ରବୀନ୍ଦ୍ରର ଚତୁଃପ୍ରାଣୀ ସଂସାର ଏକାକାର ହୋଇ ଯାଇଛନ୍ତି। ରବୀନ୍ଦ୍ର ତା' ପ୍ରାଣୀପ୍ରେମ ଓ ଶ୍ରଦ୍ଧାଦ୍ୱାରା ପୋଷା ତିନୋଟି ପ୍ରାଣୀଙ୍କର ଆତ୍ମା ହୋଇଯାଇଛି। ସେମାନଙ୍କ ମନକଥା ସେ ଜାଣିପାରେ ଶହେପଣ ଆଉ ସେମାନେ ମଧ୍ୟ ବୁଝିପାରନ୍ତି ରବୀନ୍ଦ୍ର ମୁହଁର ଭାଷା ସମଭାବରେ; କେବଳ ପାର୍ଥକ୍ୟ, ଏତିକି ଯେ- ରବୀନ୍ଦ୍ର ଭାଷା କହିପାରେ ଏବଂ ଭାଷା ଅବୋଧ୍ୟ ରହିଲେ ଅଙ୍ଗଭଙ୍ଗୀ ଦ୍ୱାରା ତା'ର ମନୋଭାବ ବୁଝାଇ ଦିଏ, ସେକଥା ସେମାନେ ବୁଝିବାକୁ ଆଦୌ ଡେରି କରନ୍ତି ନାହିଁ।

ରବୀନ୍ଦ୍ର ତା ପୂର୍ବ ଅନୁଭୂତିର ଗୋଟେ ଘଟଣା କହିଲା- ଏମିତି ଦିନେ ଥରେ ପ୍ରବଳ ଝଡ଼ ବର୍ଷାର ସୂଚନା ଦେଇପାରିଥିଲା ଶଙ୍କର। ହାଟରେ ଖେଳ ଦେଖାଇ ସାରି ଚନ୍ଦ୍ରପୁର ଗାଁ ମୁଣ୍ଡ ବରଗଛ ମୂଳରେ ଚେନ୍‌ରେ ବନ୍ଧାହେଲା। ହଠାତ୍ ସେ ଭୀଷଣ ଜୋରରେ ବୋବାଳି ଛାଡ଼ିଲା ଓ ଅସ୍ଥିର ହେଲାପରି ଜଣାଗଲା; ଅସ୍ୱାଭାବିକ ଭାବେ କାନ ମୁଣ୍ଡ ହଲାଇ ଜଞ୍ଜିରକୁ ଛିଣ୍ଡାଇ ଦେବା ଭଳି ଆଚରଣ ପ୍ରଦର୍ଶନ କଲା। ସେ ତା' ବାମ ଗୋଡ଼କୁ ଭୂଇଁରୁ ଉଠାଇ ରଖି ତା ଶୁଣ୍ଢକୁ ପଶ୍ଚିମ ଦିଗ ଆଡକୁ ବଢ଼ାଇ, ଭିନ୍ନ ଏକ ଗର୍ଜନ ସ୍ୱର ତୋଳିବସିଲା ଲହରେଇ ଲହରେଇ। ତା'ର ଏମିତି ହାବଭାବ ଓ ତୂର୍ଯ୍ୟନାଦ ଦେଖି ଟିକିଏ ଭାବି ଚିନ୍ତାକଲି ଯେ ଏକ ଆସନ୍ନ ବିପତ୍ତିର ସୂଚନା ଦେଉଛି ଶଙ୍କର। କ'ଣ ହୋଇପାରେ ? ସନ୍ଧ୍ୟା ସେତେବେଳକୁ ଅତିକ୍ରାନ୍ତ। ଦେଖେ, ପଶ୍ଚିମ ଦିଗ୍‌ବଳୟରେ କଳା ହାଣ୍ଡିଆ ବଉଦର ଭୟଙ୍କର ରୂପ। ଶଙ୍କର ବୋଧହୁଏ ବିପଦ ଆଶଙ୍କା କରୁଛି ଏବଂ ବାତ୍ୟା ମାଡ଼ି ଆସିବା ସୂଚାଇ ଦେଉଛି ଏବଂ ଏ ସ୍ଥାନ

Digitized by PPRACHIN, SOA

ତୁରନ୍ତ ଛାଡ଼ି ଅନ୍ୟତ୍ର ନିରାପଦ ଜାଗାକୁ ପଳାଇ ଯିବାକୁ ଯେମିତି କହୁଛି । କିନ୍ତୁ ଏଭଳି ଅବେଳରେ ଯିବୁ କୁଆଡ଼େ ? ଚୁଲି ଏ ପର୍ଯ୍ୟନ୍ତ ଜଳି ନାହିଁ । କେଉଁଠି ଆମେ ଦୁଇପ୍ରାଣୀ ରୋଷେଇବାସ କରି ରାତିରେ ଖାଇବୁ, ପିଇବୁ, ରହିବୁ ? ମନେ ପଡ଼ିଲା ମାଙ୍କଡ଼ ମା' ରଙ୍ଗୀଅପା କଥା । ଅନତିଦୂରରେ ତାଙ୍କ ଘର । ଆଉ ବୁଦ୍ଧିବାଟ ଦିଶିଲା ନାହିଁ । ମୁଁ ସହସା ଶଙ୍କରକୁ ନେଇ ରଙ୍ଗୀଅପା ବାରଣ୍ଡାରେ ଆଶ୍ରିତ ହେଲି । ରଙ୍ଗୀଅପା ସ୍ନେହୀ ମହିଳା ଜଣେ । ସେ ଆମକୁ ଆକଣ୍ଠ ଖାଇବାକୁ ଦେଲେ । ସତକୁ ସତ କିଛି ସମୟ ପରେ ଅଣଚାଶ ପବନ ସହିତ ଅଦିନିଆ ଝଡ ତୋଫାନ ଭୟଙ୍କର ଭାବେ ମାଡ଼ି ଆସିଲା । ପ୍ରବଳ ପବନ ସହିତ ମୂଷଳ ଧାରାରେ ବର୍ଷା । ବାତ୍ୟା ବର୍ଷାର ତାଣ୍ଡବ ଲାଗି ରହିଥିଲାବେଳେ ଗାଁ ଦାଣ୍ଡରେ ଶଙ୍କର ରହିଲା ଅଶାନ୍ତ ଆକାଶ ତଳେ । ତହିଁ ପରଦିନ ପୂର୍ବାହ୍ନ ପର୍ଯ୍ୟନ୍ତ ବର୍ଷା ଲାଗିରହିଥିଲା ଓ ତା'ପରେ ଆସ୍ତେ ଆସ୍ତେ କମିଲା ଓ ଆକାଶ ପରିଷ୍କାର ଦିଶିଲା । ବର୍ଷା ବାତ୍ୟାର ପ୍ରବଳ ପ୍ରକୋପରେ ଚନ୍ଦ୍ରପୁର ଗାଁର କେତୋଟି ଚାଳ ଛପର ଘର ଉଡ଼ି ଯାଇଥିଲା ଓ ମାଟିକାନ୍ଥ ଭୁଶୁଡ଼ି ପଡିଥିଲା । ଆଶ୍ଚର୍ଯ୍ୟର କଥା, ଯେଉଁ ବୃହତ୍ ବଟବୃକ୍ଷ ମୂଳେ ଆମେ ପ୍ରାଣୀଦ୍ୱୟ ଆଶ୍ରୟ ନେଉଥିଲୁ, ମସ୍ତବଡ଼ ବରଡ଼ାଳ ଖଣ୍ଡେ ବୃକ୍ଷରୁ ବିଚ୍ଛିନ୍ନ ହୋଇ ଭୂଇଁରେ ଖସି ପଡିଥିଲା ଠିକ୍ ଆମେ ଯେଉଁଠି ରାତ୍ରିଯାପନ କରିଥାଉଁ । ଆଉ କେତେ ଯେ ଗଛ ଭୂତଳଶାୟୀ ହୋଇଥିଲେ ତା'ର ସୀମା ନାହିଁ । ପୂର୍ବରାତିରେ ଶଙ୍କରର ଏତାଦୃଶ ଆଚରଣରେ ଆସନ୍ନ ବିପଦର ଭବିଷ୍ୟତବାଣୀ ଥିବାର ମୁଁ ନିଶ୍ଚିତ ହୋଇଗଲି ଏବଂ ଅଶ୍ରୁଳ ଆନନ୍ଦରେ ଶଙ୍କର ବେଟାକୁ ଆଉଁଶି ଅନେକ ବୋକ ଦେଇଥିଲି । ମୋର ସଂସାରଟା ସିନା ବଞ୍ଚିଗଲା ମୋ ଶଙ୍କର ବେଟା ଯୋଗୁଁ । ତହି ପରଦିନ ରାତି ଆସନ୍ତେ ରଙ୍ଗୀଅପା ବାରଣ୍ଡାରେ ରୋଷେଇ ଜମିଲା । ଶଙ୍କର ବେଟା ତା' ସବୁଦିନିଆ ରାତିଖିଆ (ଅଧବଷ୍ତାଏ ପାଳ ପିଣ୍ଡୁଳା ଭିତରେ ଗୁଡ଼ ମିଶା ଧାନ ଚାଉଳ) ସହିତ ଅନ୍ୟୂନ ଶହେ ପଟ ଗରମ ଗରମ ରୁଟି ତାଓ୍ୱାରେ ସେକା ହୋଇ ଖାଇ ଚାଲିଲା ପେଟୁ ଶଙ୍କର ବେଟା । ରଙ୍ଗୀଅପାର ମୋତି ଓ ମନୁ ତା ସହିତ ଯୋଗ ଦେଇ ତୃପ୍ତି ଭୋଜନରେ ଭାଗ ନେଇଥିଲେ । ସେଇ ଦିନଠୁଁ ମୋତି ଓ ମନୁ ସହିତ ଶଙ୍କର ବେଟାର ପରିଚୟ ହୋଇଯାଇଥିଲା । ଗ୍ରାମବାସିଙ୍କ ପାଇଁ ଏହା ଥିଲା ଏକ ଉପଭୋଗ୍ୟ ଦୃଶ୍ୟ ।

ମୁଁ ଆଶ୍ଚର୍ଯ୍ୟ ହେଉଥିଲି ତିନୋଟି ପଶୁଙ୍କ ସହିତ ରବୀନ୍ଦ୍ରର ନିବିଡ଼ ଘନିଷ୍ଠତା ଓ ଆତ୍ମୀୟତାରେ । ଏଇଠି ଶୁକମୁନିଙ୍କର ପୁରାଣ ଆଖ୍ୟାନ ମୋର ମନେ ପଡ଼ିଲା, ଯାହାକି ଘଟଣା ପରିପ୍ରେକ୍ଷୀରେ ମୋ ଚିତ୍ତକୁ ସ୍ପର୍ଶକଲା । ବେଦ ବିଭାଗକର୍ତ୍ତା ମହର୍ଷି କୃଷ୍ଣ ଦ୍ୱୈପାୟନ ବ୍ୟାସଦେବଙ୍କ ପୁତ୍ର ମହାଜ୍ଞାନୀ ଶୁକମୁନି ଯାହାକୁ ଦିବ୍ୟଜ୍ଞାନ ଓ

Digitized by PPRACHIN, SOA

ବ୍ରହ୍ମତତ୍ତ୍ୱର ପ୍ରତୀକ ବୋଲି କୁହାଯାଏ। ସେ ଏକଦା ନିଜର ଗୁରୁ ଖୋଜିବା ପାଇଁ ବାହାରିଥିଲେ। ବିନା ସଦ୍‌ଗୁରୁରେ ମୋକ୍ଷଧନ ପ୍ରାପ୍ତ ହୋଇନଥାଏ। ତାଙ୍କର ଲକ୍ଷ୍ୟଥିଲା, ଜଣେ ସତ୍‌ପୁରୁଷଙ୍କ ଆଶ୍ରିତ ହେବା। ଅପାର ଜ୍ଞାନର ଅଧିକାରୀ ଶୁକମୁନିଙ୍କ ମନରେ ଗୁରୁ ଖୋଜି ଖୋଜି ଯାଇ ପହଞ୍ଚିଲେ ମିଥିଳାଧିପତି ଜନକଙ୍କ ପାଖରେ। ସେତେବେଳ ଜନକ ଏକ ବିଚିତ୍ର ରୂପ ଧାରଣ କରିଥିଲେ। ଜନକଙ୍କ ଗୋଟିଏ ପାଦ ଅନଳ ଉପରେ ଏବଂ ଅନ୍ୟ ପାଦଟି ଘୃତ ପାତ୍ରରେ ଅବସ୍ଥାପିତ ଥିଲା। ଘୃତ ଉପରେ ଥିବା ଗୋଡ଼ର ଜାନୁରେ ତାଙ୍କ ପତ୍ନୀ ବିରାଜମାନ କରିଥିଲେ। ଡାହଣ ହାତରେ ସେ ଯଜ୍ଞାଗ୍ନିରେ ମନ୍ତ୍ରୋଚ୍ଚାରଣ ପୂର୍ବକ ଘୃତ ଢାଳୁଥିଲାବେଳେ, ତାଙ୍କ ବାମ ହାତଟି ପତ୍ନୀଙ୍କ ମୁକ୍ତ ସ୍ତନ ଉପରେ ଥିଲା। ଏ ଦୃଶ୍ୟ ଦେଖି ଶୁକମୁନି ବିରକ୍ତି ଭାବ ପ୍ରକାଶ କରିଥିଲେ। ଶେଷରେ ମହାଜ୍ଞାନୀ ଶୁକମୁନି ରହସ୍ୟ ଜାଣିବା ପାଇଁ ଜନକଙ୍କ ମନ ଭିତରେ ପ୍ରବେଶ କରନ୍ତେ ଦେଖିଲେ ଜନକଙ୍କ ମନ ନିର୍ମଳ, ସ୍ୱଚ୍ଛ ଓ ନିର୍ବିକାର। ପଞ୍ଚଚକ୍ରରେ ରାମ ନାମ। ଜନକଙ୍କ ମନ ଚୈତନ୍ୟ ରାମଙ୍କ ଶ୍ରୀଚରଣରେ ସମର୍ପିତ। ତାଙ୍କର ଲକ୍ଷ୍ୟଥିଲା ନିର୍ବାଣପ୍ରାପ୍ତି। ବାହ୍ୟ ଜଗତ କିମ୍ବା ବାହ୍ୟ ଚରିତ୍ର ସହିତ କିଞ୍ଚିତ୍ ସଂପର୍କ ନାହିଁ। ଜନକ ରାଜ ନିସ୍ପନ୍ଦ, ନିର୍ବିକାର, ସ୍ଥିତପ୍ରଜ୍ଞ। ପରିଶେଷରେ ସେ ଜନକଙ୍କୁ ହିଁ ତାଙ୍କର ଗୁରୁ ରୂପେ ବାଛିଥିଲେ।

ଏହି ପୌରାଣିକ କାହାଣୀର ଅବତାରଣା କରିବାର ଉଦ୍ଦେଶ୍ୟ, ଶୁକମୁନି ତାଙ୍କର ମହାଜ୍ଞାନ ଓ ତପୋବଳରେ ଜନକ ରାଜାଙ୍କ ମନ ଭିତରେ ପ୍ରବେଶ କରି ପାରିଥିଲେ। କିନ୍ତୁ ଏଠି ରବୀନ୍ଦ୍ର ମାତ୍ର ତା' ପାଳିତ ପ୍ରାଣୀମାନଙ୍କୁ ଭଲ ପାଉଥିବା ଜଣେ ସାଧାରଣ ମଣିଷ। ସେମାନଙ୍କୁ ଆନ୍ତରିକ ଅନାବିଳ ସ୍ନେହ, ଶ୍ରଦ୍ଧାବଳରେ ହିଁ ହୁଏତ ସେ ପଶୁଙ୍କ ମନ ଭିତରକୁ ପ୍ରବେଶ କରି ପାରୁଛି। ଶ୍ରଦ୍ଧା ତା'ର ମନ୍ତ୍ର, ଆନ୍ତରିକତାର ତା'ର ବ୍ରତ। ଠିକ୍ ପିତା ଭଳି ସେମାନଙ୍କ ସୁଖ ଦୁଃଖ, ସୁବିଧା ଅସୁବିଧା, ମନ ଇଚ୍ଛାଦିକୁ ବୁଝି ପାରୁଛି ଏବଂ ଶିକ୍ଷା ଦେଉଛି। ସେମାନେ ବି ଖାଉନ୍ଦ-ମାଲିକ-ଗୁରୁର ଇଚ୍ଛା ଆଦେଶ ଅନୁଯାୟୀ ଉତ୍ସାହ ଆନନ୍ଦର ସହିତ ପାଳନ କରୁଛନ୍ତି; ଏପରିକି ପରିବାରର ସଦସ୍ୟମାନଙ୍କ ମଧ୍ୟରେ ରାଗରୋଷ କଳହ ଭଳି ଆବେଗ ପ୍ରତ୍ୟାବେଗ ଦେଖାଦେଲେ, ବିଚାରପତି ଆସନରେ ବସି ସମାଧାନ କରୁଛି। ଏଠି ମଣିଷ-ପଶୁ ସଂସାର, ସ୍ୱର୍ଗସମ ନୁହେଁ ତ ଆଉ କ'ଣ ବୋଲା ଯାଇପାରିବ ? ଏଭଳି ମଣିଷଟିକୁ ପ୍ରାଣୀପ୍ରେମୀ ତଥା ପଶୁବତ୍ସଳ ସାଧକ ଆଖ୍ୟା ଦେବା କ'ଣ ଅସଂଗତ ହେବ ?

ଏହା ମନଗଢ଼ା କାହାଣୀ ନୁହେଁ, ସଚରାଚର ବାସ୍ତବ ଜଗତର ଏକ ମନଛୁଆଁ ଅନୁପମ ଜୀବନ୍ତ ଘଟଣା ! ଚମତ୍କାର ଚମତ୍କାର କହି ମୁଁ ରବୀନ୍ଦ୍ରର ଜୀବନ, ଜୀବିକା

Digitized by PPRACHIN, SOA

ଓ ଜୀବପ୍ରେମକୁ ଉଲ୍ଲସିତ ପ୍ରଶଂସା କଲି, ଜୀବ ଇତିହାସରେ ତା'ର ଜୀବନଲିପି ସ୍ୱର୍ଣ୍ଣାକ୍ଷରରେ ସଂରକ୍ଷିତ ରହିବ, ଆଶୀର୍ବାଦ କଲି ଆନନ୍ଦାତିଶଯ୍ୟରେ- ଚିରଂଜୀବୀ ହୁଅ ରବୀନ୍ଦ୍ର, ମନେମନେ ଗୁଡ଼ାଏ କଲ୍ୟାଣ ଡାକିଲି।

ଲକ୍ଷ୍ୟ କଲି ରବୀନ୍ଦ୍ର ଅନ୍ୟମନସ୍କ ହେବାର। କହିଲି, ରବୀନ୍ଦ୍ର ଡେରି ହୋଇଯାଉଛି ତୁମର ବୋଧେ। କହିଲା, ଆପଣ ସାର୍ ଡାକିବାରୁ ମୁଁ ଡରରେ ହଡ଼ବଡ଼େଇ ଯାଇଥିଲି। ସେମାନଙ୍କୁ ଖାଇବାକୁ ନଦେଇ ପଳାଇ ଆସିଲି। ସେମାନେ ଭୋକରେ ବୋବଉଥିବେ, ଖୋଜୁଥିବେ ମୋତେ।

ରାତି ବିଳମ୍ବ ହୋଇଯାଇଥିବାରୁ ରବୀନ୍ଦ୍ରକୁ ଏଠାରେ ଖାଇକରି ଯିବାକୁ କହିବାରୁ ସେ କୁଣ୍ଠା ପ୍ରକାଶ କଲା। ଛଳଛଳ ଆଖିରେ କହିଲା, ତା'ପରିବାରର ପ୍ରିୟ ପ୍ରାଣୀମାନେ ଉପାସ ଥିବେ। ସେମାନେ ଖାଇସାରିଲା ପରେ ସେ ଖାଦ୍ୟ ଖାଇଥାଏ ସବୁବେଳେ- ତା'ର ଅଭ୍ୟାସ। ଶଙ୍କର ବେଟା ଶାକାହାରୀ ଜୀବ ହୋଇଥିବାରୁ ସେ ମଧ ନିରାମିଷାଶୀ ଏବଂ ତା କୁକୁର ମୋତି ମଧ୍ୟ । ଖେଳ ନଥିଲା ଦିନ ସମସ୍ତଙ୍କୁ ସାମ୍ପୁ ସାବୁନ ଲଗେଇ ଗାଧୋଇ ଦିଏ। ରବୀନ୍ଦ୍ରର ନିଷ୍ଠା ଓ ପ୍ରାଣୀପ୍ରୀତି ମୋତେ ଅତୀବ ତୁଷ୍ଟ କଲା । ମାହୁନ୍ତ ରବୀନ୍ଦ୍ର ଓ ତା'ର ପ୍ରାଣୀସଂସାର ମୋତେ ଅଭିଭୂତ, ଚମତ୍କୃତ କରିଥିଲା।

ମୁଁ ଧନ୍ୟବାଦ ଦେଇ ଶ୍ରଦ୍ଧାପୂର୍ଣ୍ଣ ଆଖିରେ ରବୀନ୍ଦ୍ରକୁ ବିଦାୟ ଦେଲି।

ତହିଁ ପରଦିନ ଆଉଥରେ ପ୍ରୌଢ଼ ଶଙ୍କର ବେଟାକୁ ଏବଂ ରବୀନ୍ଦ୍ର ପରିବାରକୁ ଦେଖି ଆସିବା ପାଇଁ ଇଚ୍ଛାଥିଲା। ଖବର ନେଲି ସେମାନେ ଅନ୍ୟତ୍ର କେଉଁଠାକୁ ଖେଳ ଦେଖାଇବାକୁ ଚାଲିଯାଇଥିଲେ। ଗସ୍ତକ୍ରମକୁ ବ୍ୟତିକ୍ରମ କରି ଆଉ ଗୋଟିଏ ଦିନ ରହିବାକୁ ମୋ ପକ୍ଷେ ସମ୍ଭବ ନ ଥଲା। ଅଫିସରେ ଗୁରୁତ୍ୱପୂର୍ଣ୍ଣ ଜରୁରୀ କାର୍ଯ୍ୟ ମୋତେ ବାଧ୍ୟ କରିଥିଲା କର୍ମମୟ ଜୀବନ ପରିଧି ଭିତରକୁ ଫେରିଆସିବା ପାଇଁ। ଫେରିଲି ଭୁବନେଶ୍ୱର- ଜୀବନର ଏକ ଚିର ଅଭୁଲା ସ୍ମୃତି ନେଇ ।

◆◆◆

Digitized by PPRACHIN, SOA

- ୧୬ -

ଅଫିସ୍‌ରେ କାମ ଭିଡଥିଲା। ନିଶ୍ୱାସ ମାରିବାକୁ ତର ନଥିଲା। କେନ୍ଦ୍ର ସରକାରଙ୍କ ଦପ୍ତରରୁ ଦିନେ ଚିଠିଟିଏ ପାଇଲି। ପଢି ଜାଣିଲି ବିଲାତଯାତ୍ରା କରିକରିବାକୁ ନିର୍ଦ୍ଦେଶ ଆସିଛି। ନିଉ ସ୍କଟଲାଣ୍ଡୟାର୍ଡ, ମେଟ୍ରୋପଲିଟାନ ପୋଲିସ ସେଣ୍ଟର, ହ୍ୱାଇଟ ହଲ, ଲଣ୍ଡନରୁ ଡାକରା- ଅପରାଧିକରଣ ଓ ଆତଙ୍କବାଦ ରୋକିବା ନେଇ ୱେବ ସାଇଟ୍ ଡେଭଲପ୍‌ମେଣ୍ଟ ସମ୍ବନ୍ଧରେ ଅଧିକ ଜ୍ଞାନାର୍ଜନ ଓ ଶିକ୍ଷାଗ୍ରହଣ, ଅତ୍ୟାଧୁନିକ ପ୍ରଣାଳୀରେ କମ୍ପ୍ୟୁଟର ଶିକ୍ଷା, ତା'ର ପ୍ରୟୋଗ ଓ ପ୍ରଚଳନ ସମ୍ବନ୍ଧରେ ଏକ ବର୍ଷ ତାଲିମ ଓ ପ୍ରଶିକ୍ଷଣ। କାର୍ଯ୍ୟକ୍ରମ ସଂପର୍କରେ ଚିଠିରୁ ଅବଗତ ହେଲି। ଶୀଘ୍ର ଯିବାକୁ ହେବ, ଏକଦମ୍ ଜରୁରୀ। ମୋର ନାମ ସରକାର ସୁପାରିଶ କରି ଚିଠି ଦେଇଥିଲେ ପୂର୍ବରୁ। ତ୍ୱରିତ ବିଦେଶ ଯାତ୍ରା ପାଇଁ ପାସ୍‌ପୋର୍ଟ, ଭିସାର ଆୟୋଜନରେ ଲାଗି ପଡିଲି। ସସ୍ତ୍ରୀକ ମୋତେ ବିଲାତ ଯିବାକୁ ହେଲା। ବିଦେଶ ଭ୍ରମଣ ସୁଯୋଗରୁ ଅର୍ଦ୍ଧାଙ୍ଗିନୀ ଧର୍ମପତ୍ନୀ ବଞ୍ଚିତ ହେବେ କାହିଁକି ?

ମୋର ବିଦେଶ ଯାତ୍ରା ତଥା ପରଦେଶୀ ଜୀବନ ଓ ଅନୁଭୂତି ଭିନ୍ନ କଥା । କିନ୍ତୁ ଏହା ମୋ ପାଇଁ ଏକ ଅବିସ୍ମରଣୀୟ ପରିଚ୍ଛେଦ- ସ୍ୱୀକାର କରୁଛି । ଜୀବନରେ ପ୍ରତିକ୍ଷଣରେ, ପ୍ରତିକାଳରେ, ପ୍ରତି ମୁହୂର୍ତ୍ତରେ ମଣିଷର ଅନୁଭୂତି ମୋଟେଇ ଚାଲିଥାଏ । ଲଣ୍ଡନରେ ସସ୍ତ୍ରୀକ ଗୋଟିଏ ବର୍ଷ ବିତେଇବା ପାଇଁ ମାନସିକ ପ୍ରସ୍ତୁତି କରି ନେଇଥିଲି । ସେଠି ୟୋର୍କସେୟାରସ୍ଥ ମୋର ଜଣେ ସମସାମୟିକ ପ୍ରିୟ ବନ୍ଧୁ ତଥା ଅତୀତର ସହପାଠୀ ଅନୱାର ଅଲ୍ଲୀ ସସ୍ତ୍ରୀକ ରହୁଥିଲେ ଏବଂ ସେଠାରେ ସ୍ଥାୟୀ ବାସିନ୍ଦା ଭାବେ ଜୀବନଯାପନ କରୁଛନ୍ତି । ଅନୱାର ଭୁବନେଶ୍ୱର ପଶୁ ମହାବିଦ୍ୟାଳୟରୁ ସ୍ନାତକ ଡିଗ୍ରୀ ହାସଲ କରି ଅଧିକ ଅଧ୍ୟୟନ, ଗବେଷଣା ଓ ଜୀବିକା ଅନ୍ୱେଷଣରେ ବିଲାତ ଚାଲିଗଲେ ଓ ଲଣ୍ଡନସ୍ଥ କ୍ୱିନ୍ ମେରୀସ୍ ସ୍କୁଲ ଅଫ୍ ବାୟୋଲୋଜିକାଲ୍ ଆଣ୍ଡ କେମିକାଲ ସାଇନ୍‌ସର ଜଣେ ଗବେଷକ ଓ ଅଧ୍ୟାପକ ଭାବେ ନିଯୁକ୍ତି ପାଇଲେ । ଜଣେ ପଶୁପ୍ରେମୀ ପ୍ରାଣୀ ବିଜ୍ଞାନୀ ଭାବେ ବେଶ୍ ଖ୍ୟାତି ଅର୍ଜନ କରିଛନ୍ତି ଅନୱାର । ଗୋଟିଏ ବର୍ଷ ସେମାନଙ୍କ ପେୟିଙ୍ଗ ଗେଷ୍ଟ ଭାବେ ରହିବାକୁ ସିଦ୍ଧାନ୍ତ କରିନେଲି ଏବଂ ବନ୍ଧୁ

Digitized by PPRACHIN, SOA

ଅନ୍‌ୱାର ସହଯୋଗର ହାତ ବଢ଼ାଇବା ପାଇଁ କୌଣସି କାର୍ପଣ୍ୟ କରି ନଥିଲେ ବରଂ ସେ ଅତ୍ୟନ୍ତ ଖୁସି ବୋଲି ପ୍ରତ୍ୟୁତ୍ତର ପତ୍ରରେ ସ୍ୱୀକାରୋକ୍ତି ଜଣାଇଥିଲେ । ମୋର ଦୈନନ୍ଦିନ ପାଠ୍ୟକ୍ରମ ଓ ପ୍ରଶିକ୍ଷଣ ସମୟ ଅନ୍ତେ ସାଥୀ ଅନ୍‌ୱାରଙ୍କ ବିରଳ ସାନ୍ନିଧ୍ୟ ସହଯୋଗ ମୋତେ ଯଥେଷ୍ଟ ପ୍ରୀତ ଉପକୃତ କରିଥିଲା । ଅନ୍‌ୱାର ଜଣେ ଆୟରଲାଣ୍ଡ ନିବାସୀ ଗୋରା ପ୍ରୌଢ଼ା ଯୁବତୀ ଏଲିଜାଙ୍କୁ ବିବାହ କରି ଘର ସଂସାର କରିଛନ୍ତି। ମୋ ସହଧର୍ମିଣୀଙ୍କୁ ମଧ ଜଣେ ସଙ୍ଗୀନୀ ମିଳିଯାଇଥିଲା ବିଦେଶରେ ଉପଯୁକ୍ତ ସମୟ ଅତିବାହିତ କରିବା ପାଇଁ ।

ଅନ୍‌ୱାର ଓ ଏଲିଜାଙ୍କ ଜୀବନଶୈଳୀ ଆମ ଦମ୍ପତିକୁ ଖୁବ୍ ପ୍ରଭାବିତ କରିଥିଲା । ଆମେ ନୈଷ୍ଠିକ ଭାରତୀୟ ହିନ୍ଦୁ ବୋଲି ସେମାନେ ଜାଣନ୍ତି ଏବଂ ତଦନୁଯାୟୀ ଆମକୁ ଅତିଥି ଭାବି ବନ୍ଧୁ ଚର୍ଚ୍ଚା କରିଥିଲେ। ଆମ ପରମ୍ପରାରେ 'ଅତିଥି ଦେବୋ ଭବ'ର ପ୍ରାମାଣିକ ଚିତ୍ର ଦେଖି ଆମେ ଚକିତ ହୋଇଥିଲୁ । ସେମାନଙ୍କ ଦାମ୍ପତ୍ୟ ଜୀବନରେ ଯଦିଚ ମୁସଲମାନ ଓ ଖ୍ରୀଷ୍ଟିୟାନର ସମନ୍ୱୟ ପ୍ରକଟିତ ହୋଇଛି, ଆମର ସମ୍ମାନାର୍ଥେ ସେମାନେ ବୋଧହୁଏ ଗୃହକୁ କୌଣସି ଆମିଷ ପଦାର୍ଥ ଆଣୁନାହାନ୍ତି। କିମ୍ବା ଆମିଷ ଭକ୍ଷଣ କରୁ ନାହାନ୍ତି । ମୁଁ ଆଶ୍ଚର୍ଯ୍ୟ ହୋଇଥିଲି ଯେ ସେମାନେ ସାଧାରଣ ମୁସଲମାନ ଏବଂ ଖ୍ରୀଷ୍ଟିୟାନଙ୍କ ଠାରୁ ଅଲଗା, ଭିନ୍ନ ଏକ ନିରାମିଷାଶୀ ଜୀବନଯାପନ କରୁଛନ୍ତି । ସେମାନଙ୍କ ଗୃହ ପ୍ରବେଶଦ୍ୱାର ଲନ୍ ପାଖରେ ହିନ୍ଦୁମାନଙ୍କ ତୁଳସୀ ଚଉରା ଓ କଦଳୀଗଛ ଦେଖି ମୋର ଆଶ୍ଚର୍ଯ୍ୟର ସୀମା ରହିଲା ନାହିଁ ଏବଂ ପୁନଶ୍ଚ ଆମେ ହିନ୍ଦୁମାନେ ଗୋବରକୁ ପବିତ୍ର ଭାବି ଚଟାଣ ଲିପାପୋଛା କରିଥାଉଁ ଓ ଚଟାଣ କାନ୍ଥ ବାଡ଼ରେ ଚିତା ପକାଇଥାଉଁ । ଏଲିଜା ଆମ ଧର୍ମଭାବ ଜାଣିପାରି କୋଉଠୁ ଗୋବର ସଂଗ୍ରହ କରି ନିଜେ ଚଟାଣକୁ ଗୋବରଲିପା କରିଥାଏ ଏବଂ ତହିଁରେ ଚିତା ମୁରୁଜ ପକାଇ ଆମକୁ ଭଲ ଲାଗିଲା ଭଳି ସ୍ଥାନର ପବିତ୍ରତା ପ୍ରକଟିତ କରିଥାଏ ।

ତମେ ଦ୍ୱୟ ଆମ ପାଇଁ ଏତେ ଭାରାକ୍ରାନ୍ତ ହେଉଛ ବୋଲି କହିବାରୁ ଅନ୍‌ୱାର କହିଲେ, 'ଈଶ୍ୱର ଆଲ୍ଲା ତେରେ ନାମ, ମନ୍ଦିର ମସ୍‌ଜିଦ୍ ତେରେ ଧାମ'। ମୁଁ କହିଲି, 'ତୁମେ ମୁସଲ୍‌ମାନ ଅର୍ଥାତ୍ ମୁସଲ ଇମାନ'। ଅନୁଭବ କଲି, ଆମ ବନ୍ଧୁ ଦ୍ୱୟଙ୍କର ଆଭିମୁଖ୍ୟ ଓ ମନୋବୃତ୍ତି ଏକ, ଅନେକ ସାମଞ୍ଜସ୍ୟ। ଅନ୍‌ୱାରଙ୍କର ହିନ୍ଦୁ ଓ ମୁସଲମାନ ଧର୍ମଗ୍ରନ୍ଥରେ ଜ୍ଞାନ ରହିଛି। ମୋର ମନେ ପଡୁଛି ଓଡ଼ିଶାବାସୀ ଓଡିଆ କୋହେନୁର ପଞ୍ଜିକା ପ୍ରେସ୍‌ର ପ୍ରକାଶକ ଶେଖ୍ ଜହରୁଲ ଇସଲାମୀ ଏକବିଂଶ ଆର୍ନ୍ତଜାତିକ ଜ୍ୟୋତିର୍ବିତ୍ ସମ୍ମିଳନୀରେ ବିଖ୍ୟାତ ଜ୍ୟୋତିଷ ମହର୍ଷି ଭୃଗୁ ପ୍ରତିଯୋଗିତାରେ 'ଜ୍ୟୋତିଷ

Digitized by PPRACHIN, SOA

ବିଦ୍ୟାଚାର୍ଯ୍ୟ' ଉପାଧି ଲାଭ କରିଥିଲେ। ମୁଁ ତାଙ୍କ ସଫଳତା ପାଇଁ ଅଭିନନ୍ଦନ ପତ୍ର ପଠାଇଥିଲି। ଅନ୍‌ୱାର ଗୋଟିଏ ଧର୍ମୀୟ ସାମଞ୍ଜସ୍ୟ ଓ ଆନୁରୂପ୍ୟ କଥା ପ୍ରକାଶିଲେ। କହିଲେ, ଦେଖୁଛ ମୋହନ, Temple, Church, Masjid ଛ'ଟି ଲେଖାଏଁ ବର୍ଣ୍ଣ। ସେଇପରି ଯଥାକ୍ରମେ ଧର୍ମଗ୍ରନ୍ଥ Geeta, Bible, Quran ପାଞ୍ଚଟି ଲେଖାଏଁ ବର୍ଣ୍ଣ। ଦେଖୁଛ କେମିତି, ଆନ୍ତର୍ଜାତିକ ଭାଷା ଇଂରାଜୀ ବର୍ଣ୍ଣରେ ଲକ୍ଷ୍ୟ କରୁଛ ମେଳ ଓ ଆନୁରୂପ୍ୟକୁ ? ମୁଁ କହିଲି - ସବୁ ଧର୍ମର ରଂଗ, ବର୍ଣ୍ଣ ଓ ଲକ୍ଷ୍ୟ ଏକ, ସମାନ। ସବ୍‌କା ମାଲିକ ଏକ, ଧରିତ୍ରୀ ପୃଷ୍ଠରେ ସମସ୍ତଙ୍କ ସ୍ରଷ୍ଟା ସେଇ ଜଣେ।

ଦୁଇ ଘନିଷ୍ଠ ବନ୍ଧୁ ପରସ୍ପର ଆଲିଙ୍ଗନରେ ଏକାତ୍ମ ହେଲୁ। ମୁଁ କୃତଜ୍ଞତା ଛଳରେ 'ତୁମେ ଆମ ପାଇଁ ଏତେ ତ୍ୟାଗ କରୁଛ ଏବଂ ମାଂସ ଭକ୍ଷଣରୁ ଦୂରେଇ ରହୁଛ' ପଚାରିବାରୁ ଅନ୍‌ୱାର ନିରାମିଷାଶୀ ସପକ୍ଷରେ ଯେଉଁ ଉପାଦେୟ ତଥ୍ୟ ଉପସ୍ଥାପିତ କଲେ, ତାହା କୌଣସି ନୂତନ ବୈଜ୍ଞାନିକ ତଥ୍ୟଠାରୁ କମ୍ ନୁହେଁ -

'କ୍ଷୁଦ୍ରତମ ଜୀବଠାରୁ ବୃହତ୍ତମ ପ୍ରାଣୀ ପର୍ଯ୍ୟନ୍ତ ନବଜାତ ଶିଶୁ-ଶାବକର ଜନ୍ମାନନ୍ଦକୁ ସମସ୍ତେ ସ୍ୱାଗତ କରିଥା'ନ୍ତି। ଉଲ୍ଲାସର ସ୍ୱର ଗୁଞ୍ଜରି ଉଠିଥାଏ ପ୍ରତି ଜନ୍ମଦାତା ମନର ଅନ୍ତରାଳରେ। କିନ୍ତୁ ଜୀବର ମୃତ୍ୟୁରେ ମନ ଭିତର ନିଭୃତ କୋଣରେ ବିଷାଦର ଝଟକା ସୃଷ୍ଟି ହୋଇଥାଏ ପ୍ରକାଶ୍ୟରେ ବା ଅପ୍ରକାଶ୍ୟରେ- ଏହି ଅନୁଭବ ପ୍ରତ୍ୟେକ ଜୀବ-ଜୀବନ ସହିତ ନିହିତ; କେବଳ ପରିପ୍ରକାଶର ଭାବ ଓ ଭଙ୍ଗୀରେ ଭିନ୍ନତା। ମଣିଷ କେତେ ପରିମାଣରେ ହୃଦୟଙ୍ଗମ କରି ପାରିଥାଏ କ୍ଷୁଦ୍ର, ଇତର ଜୀବମାନଙ୍କ ଜନ୍ମ ଓ ମୃତ୍ୟୁର ଯଥାକ୍ରମେ ଆନନ୍ଦ ଓ ବିଷାଦଭାବ ?

'ହନ୍ତବ୍ୟ ପଶୁକୁ ଯେଉଁମାନେ ଜୀଅନ୍ତା ପରିବା ବୋଲି ଭାବନ୍ତି, ତାହା ଭ୍ରମାତ୍ମକ। ମାଂସ ଖାଇବା ଦ୍ୱାରା ମନୁଷ୍ୟ ଅଳ୍ପାୟୁ ହୁଏ। ମାଂସ ଭକ୍ଷଣ ଫଳରେ ଶରୀର ଭିତରେ ଏକ ପ୍ରକାର ବିଷ ସଂଚରିତ ହୁଏ। ଏହାଦ୍ୱାରା କୋଷଗୁଡ଼ିକ ଉତ୍ତେଜିତ ହୋଇ ଅଳ୍ପ ସମୟ ଭିତରେ ଅଧିକ ଥର ବିଭାଜିତ ହୁଏ। ସ୍ୱାଭାବିକ ଭାବେ କୋଷଗୁଡ଼ିକ ଯେଉଁ ସମୟ ମଧ୍ୟରେ ବିଭାଜିତ ହୋଇଥାନ୍ତା, ତା'ର ଅନେକ ପୂର୍ବରୁ କୋଷଗୁଡ଼ିକ ବିଭାଜିତ ଓ ଉତ୍ତେଜିତ ହେବା ଫଳରେ ଆୟୁକାଳ କମିଯାଇଥାଏ। କଂସେଇଖାନାରେ ପଶୁଦଳରୁ ଗୋଟିଏ ପରେ ଗୋଟିଏ ପଶୁକୁ ଛେଦ କରିବା ପାଇଁ ନେବାବେଳେ ଅନ୍ୟ ପଶୁମାନେ ଦେଖି ବୁଝି ପାରିଥା'ନ୍ତି ସେମାନଙ୍କ ପାଳି ଯାପରେ ପଡ଼ିବ। ଆସନ୍ନ ମୃତ୍ୟୁର ଦୁଃଖ ଓ ଭୟ, ଆବେଗ ଓ ଉତ୍ତେଜନା ଯୋଗୁଁ ତା ଶରୀରରେ 'ଏଡ୍ରୋନାଲିନ୍' ନାମକ ରସ କ୍ଷରଣ ହୁଏ, ଯାହା ଫଳରେ ପଶୁର ରକ୍ତଚାପ ବୃଦ୍ଧିପାଏ ଓ ପଶୁ ମାଂସ ବିଷାକ୍ତ ହୋଇଥାଏ। ଜୀବଟିକୁ ହତ୍ୟାକଲା ବେଳେ ତା'ର ହୃତ୍‌ସ୍ପନ୍ଦନ ଓ ଶ୍ୱାସକ୍ରିୟା

Digitized by PPRACHIN, SOA

ହଠାତ୍ ବନ୍ଦ ହୋଇନଥାଏ । ମଲାବେଳେ ଦେହରୁ ପ୍ରାଣବାୟୁ ବିବାକେ ଲୋପ ପାଇବା ପାଇଁ କିଛି ସମୟ ଲାଗିଥାଏ । କ୍ରିୟାର ପ୍ରତିରୋଧ ପ୍ରତିକ୍ରିୟା ଥିବା ଭଳି ଜୀବଟିଏ ହତ୍ୟାକଲା ମୁହୂର୍ତ୍ତରେ ମୃତକର ଶରୀରରେ ଏକ ମୃତ୍ୟୁକାଳୀନ ତେଜଷ୍କ୍ରିୟ ପ୍ରତିରୋଧକ୍ରିୟା ଉତ୍ପନ୍ନ ହୋଇଥାଏ ଯାହାର ପ୍ରଭାବ ତା' ଶରୀର, ରକ୍ତ ଓ ମାଂସରେ ପ୍ରତିଫଳିତ ହୋଇ ମିଶିଥାଏ ଓ ତା'ର ପରିମାଣ ତା' ଶରୀରରେ ଜୀବନ ତରଙ୍ଗ ଥିବା ପର୍ଯ୍ୟନ୍ତ ସ୍ନାୟୁ ସ୍ପର୍ଶଦ୍ୱାରା ଥରମୋମିଟର ବା ରକ୍ତଚାପ ମାପଯନ୍ତ୍ର ଭଳି ସମ୍ବେଦନଶୀଳ ଏକ ଇଲୋକ୍‌ଟ୍ରୋନିକ ସୂକ୍ଷ୍ମ ଯନ୍ତ୍ରରେ ରେକର୍ଡ଼ କରାଯାଇପାରେ ଏବଂ ମୃତକ ଶରୀରରେ 'ଏଡ୍ରୋନାଲିନ୍' ତେଜଷ୍କ୍ରିୟତାର ପରିମାଣ ଓ ପ୍ରଭାବ ସେଇ ସଂକ୍ରମିତ ବିଷାକ୍ତ ମାଂସ ରକ୍ତରେ ନିହିତ ଥାଏ ଓ ତହିଁର ପ୍ରଭାବରେ ଭକ୍ଷକ କେତେ ପ୍ରତିକୂଳ ପରିମାଣରେ ରୋଗାଗ୍ରସ୍ତ ହୋଇ ତା'ର ପରମାୟୁର ଦୀର୍ଘତା ଉପରେ ଚାପ ପକାଇଥାଏ ଏବଂ ମାଂସାହାରୀ ଭକ୍ଷକ ଅଳ୍ପାୟୁ ହୋଇଥାଏ- ତା'ର ପରୀକ୍ଷା ନିରୀକ୍ଷା ଅନ୍‌ୱାରଙ୍କ ସନ୍ଦର୍ଭର ଏକ ଦୃଷ୍ଟି ଆକର୍ଷଣକାରୀ ବିଶେଷ ଦିଗ, ଯାହା ଉପରେ ଅନ୍‌ୱାର ଅଦ୍ୟାପି ଗବେଷଣାରତ । ତାଙ୍କର ପରୀକ୍ଷା ନିରୀକ୍ଷା ସେ ଦିବଂଗତ ଶତାଧିକ ମୃତ ଜୀବ ଓ ଜୀବନ୍ତ ମାଂସାଶୀ ମଣିଷ ଉପରେ କରିସାରିଛନ୍ତି ଏବଂ ଏହା 'ଲଣ୍ଡନ ହେଲ୍‌ଥ' ମ୍ୟାଗାଜିନ୍‌ରେ ପର୍ଯ୍ୟାପ୍ତ ଭାବେ ପ୍ରକାଶିତ ହୋଇ ଉଚ୍ଚ ପ୍ରଶଂସିତ ହୋଇଛି । ପଚନଶୀଳ ବିଷାକ୍ତ ଏହି ମାଂସ ଭକ୍ଷଣରେ ଅପକାରିତା ସମ୍ବନ୍ଧରେ ତାଙ୍କର ଅନେକ ସନ୍ଦର୍ଭ ମଧ୍ୟ ଆନ୍ତର୍ଜାତିକ ପତ୍ରିକାମାନଙ୍କରେ ପ୍ରକାଶିତ ହୋଇଅଛି। ମଣିଷ ଦୀର୍ଘଜୀବୀ ହେବା ପାଇଁ ଗୂଢ଼ ରହସ୍ୟ ଓ ନିର୍ବାଚିତ ପଥ ଅନ୍ୱେଷଣ ପାଇଁ ଅନ୍‌ୱାର ଉତ୍ସର୍ଗୀକୃତ ଅଛନ୍ତି- ଅନୁଭବ କଲି, ସାବାସ୍ କଲି ଦମ୍ପତିଙ୍କୁ । ମୃତକର ଶରୀରରେ କୋଷରେ ମୃତ୍ୟୁକାଳର ତେଜଷ୍କ୍ରିୟ ବିଶ୍ଳେଷଣ ଯନ୍ତ୍ରଟିର ନାମ 'ଅନୱାର ଆୱାର' ରଖିଛନ୍ତି ବୋଲି ପ୍ରକାଶ କଲେ, ଯାହା ମୁଁ ସ୍ୱଚକ୍ଷୁରେ ଦେଖି ଅଭିଭୂତ ହେଲି ।

ଅନ୍‌ୱାର ଜଣେ ସ୍ୱାସ୍ଥ୍ୟଦ୍ରଷ୍ଟା ଭଳି ପ୍ରକାଶ କଲେ - "ମାଂସ ଖାଇଲେ ରକ୍ତରେ କୋଲେଷ୍ଟର ଜମିଯିବା କାରଣରୁ ହୃଦରୋଗ ଓ ଉଚ୍ଚ ରକ୍ତଚାପ ହୋଇଥାଏ। ହୃଦ୍‌ଯନ୍ତ୍ର, ମୂତ୍ର ଯନ୍ତ୍ର ରୋଗାକ୍ରାନ୍ତ ହେବା, ଗଣ୍ଠିରୋଗ, ଜୀବନ ଘାତକ କର୍କଟ ରୋଗ ଆଦି ହେବା ମୂଳରେ ମାଂସାହାର ହିଁ ପ୍ରଧାନ କାରଣ। ଅପେଣ୍ଡିସାଇଟିସ୍ ରୋଗ ମୁଖ୍ୟତଃ ମାଂସାହାରରୁ ହୋଇଥାଏ। ଦୂଷିତ ମାଂସ ଖାଇଲେ ଏପିଲେପ୍ସି ହୋଇଥାଏ। ମାଂସରେ ଅଧିକ ପ୍ରୋଟିନ୍ ଥାଏ। ଏହା ସହିତ ହାଇଡ୍ରୋକାର୍ବନ ନାମକ ଉପାଦାନ ମିଶି ହୃତ୍‌ପିଣ୍ଡ ପ୍ରତି ବିପଦର କାରଣ ମଧ୍ୟ ହୋଇଥାଏ। ମାଂସରେ ରକ୍ତ ମିଶି ରହିଥିବାରୁ ସେଥିରେ ବାକ୍ଟେରିଆ ଶୀଘ୍ର ସଂକ୍ରମିତ ହୁଏ। ମାଂସାହାରୀମାନେ ପ୍ରୟୋଜନତା ଠାରୁ ଅଧିକ

Digitized by PPRACHIN, SOA

ପ୍ରୋଟିନ୍ ବା ସ୍ନେହସାର ଖାଇବା ଫଳରେ ବୃକକ୍ ଚାପଗ୍ରସ୍ତ ହୋଇ ନଷ୍ଟ ହେବାର ସମ୍ଭାବନା ଥାଏ। ମାଂସାହାର ରକ୍ତରେ ୟୁରିକ୍ ଏସିଡ୍‌ର ମାତ୍ରା ବଢ଼ାଇ ଦେବା ଯୋଗୁଁ ବାତ ଜନିତ ରୋଗ ଦେଖାଦିଏ ଏବଂ ଶରୀରରେ ବାର୍ଦ୍ଧକ୍ୟର ଅଧିକ ସୂଚନା ଦୃଶ୍ୟହୁଏ ଏବଂ ମଣିଷ ଆଳସ୍ୟପରାୟଣ ହୋଇଉଠେ ଏବଂ ସ୍ମରଣ ଶକ୍ତି ତଥା ବୁଦ୍ଧି ହ୍ରାସପାଏ କିନ୍ତୁ ଗୋରସ ବା ଦୁଗ୍ଧ ସ୍ମରଣ ଶକ୍ତି ଓ ଧିମରା ବୃଦ୍ଧି କରିଥାଏ। ଶାକାହାରୀ ବ୍ୟକ୍ତି ଅଧିକ ପରିଶ୍ରମୀ ଦୀର୍ଘଜୀବୀ ହୋଇଥା'ନ୍ତି। ଶାକାହାରୀମାନଙ୍କ ଅପେକ୍ଷା ମାଂସାହାରୀ ଅଧିକ କ୍ରୋଧୀ, ଉତ୍ତେଜିତ ଓ ଅପରାଧ ମନୋବୃତ୍ତି ସଂପନ୍ନ ହେବାର ଦେଖାଯାଏ।"

ଅନ୍‌ୱାରଙ୍କ ଗବେଷଣା ଲବ୍ଧ ଜ୍ଞାନ ସମୃଦ୍ଧ ତଥ୍ୟକୁ ତାରିଫ କରି ପ୍ରୋତ୍ସାହନ ଦେବା ପାଇଁ କହିଲି- "ବିଶ୍ୱର ବିଖ୍ୟାତ ମହା ମନୀଷୀଙ୍କ ଜୀବନ ଲିପି ଅଧ୍ୟୟନ କରି ଜଣାଯାଏ ଯେ ମହାବିଜ୍ଞାନୀ ଚାର୍ଲସ୍ ଡାରଉଇନ୍, ସାର୍ ଆଇଜାକ୍ ନିଉଟନ୍ ଏବଂ ଲେଖକ ଜର୍ଜ ବର୍ଣ୍ଣାଡ୍ ଶ, ଲିଓ ଟଲଷ୍ଟୟ, ଦାର୍ଶନିକ ଭୋଲଟେୟାର, ଆମେରିକୀୟ କବି ଇମରସନ୍, ଇଟାଲୀର କାଳଜୟୀ ଚିତ୍ରକର ଲିଓନାର୍ଡୋ ଏବଂ ବେଞ୍ଜାମିନ ଫ୍ରାଙ୍କଲିନ୍ ଓ ଆଉରି ଅନେକ ମହାପୁରୁଷ ସଂପୂର୍ଣ୍ଣ ଶାକାହାରୀ ଥିଲେ। ଆଉ ଆମ ମହାତ୍ମାଗାନ୍ଧୀଙ୍କ ଶାକାହାରୀ ଜୀବନ ବିଶ୍ୱକୁ ଅହିଂସା ନୀତି ଓ ବିଶ୍ୱଶାନ୍ତିର ଏକ ଅମ୍ଳାନ ଆଲୋକ ବର୍ତ୍ତିକା। ଆମ ଭାରତର ପ୍ରାଚୀନ ମୁନିଋଷିମାନେ ଯାହାକୁ ଆମେ ସ୍ରଷ୍ଟା ଓ ଦ୍ରଷ୍ଟା ବୋଲି କହୁ, ସେମାନେ ଶାକାହାରୀ ଏବଂ ଫଳାହାରୀ। ସେମାନେ ଶତାବ୍ଦୀ ଶତାବ୍ଦୀ ଧରି ବଞ୍ଚିରହିଥିଲେ ବୋଲି ବିଶ୍ୱାସ କରାଯାଏ।"

ଅନ୍‌ୱାର କହିଲେ- 'ଏହା ପରମ ସତ୍ୟ।'

ଏବେ ମୁଁ ବୁଝିଲି ଅନ୍‌ୱାର ଦମ୍ପତିଙ୍କ ଜୀବନଶୈଳୀର ମୂଳମନ୍ତ୍ର ଓ ସେମାନେ ସଂପୂର୍ଣ୍ଣ ନିରାମିଷାଶୀ ହେବାର କାରଣ । ଏହା କୌଣସି ଧର୍ମତତ୍ତ୍ୱ ନୁହେଁ, ବରଂ ବିଜ୍ଞାନ ଗବେଷଣାଲବ୍ଧ ତଥ୍ୟ। ବଧାଇ ଦେଲି ବନ୍ଧୁ ଅନ୍‌ୱାର ଦମ୍ପତିଙ୍କୁ ଏବଂ ତାଙ୍କ ଗବେଷଣାତ୍ମକ ଜୀବନରେ ଅପୂର୍ବ ସଫଳତା କାମନା କଲି ।

ଅନ୍‌ୱାର ଜଣେ ମୁସଲମାନ ଓ ତାଙ୍କ ଧର୍ମପତ୍ନୀ ଜଣେ ଖ୍ରୀଷ୍ଟିୟାନ। ମତ୍ସ୍ୟ, ମାଂସ ଓ ମାଦର୍ଯ୍ୟ ଏବଂ ମାଦକଦ୍ରବ୍ୟରେ ବୁଡି ରହିବା କଥା । ମାତ୍ର ସେମାନେ ଏହାର ଏକ ବିରଳ ବ୍ୟତିକ୍ରମ। ଚକିତ ହେଲି। ସେମାନେ ଯେ ଆମିଷ ପ୍ରତି ବୀତସ୍ପୃହ ଏହା ନିଶ୍ଚିତ ଭାବେ ସମକାଳୀନ ସମାଜକୁ ଏକ ମୂଲ୍ୟବାନ ବାର୍ତ୍ତା ମନେହୁଏ । ଅନ୍‌ୱାର ତାଙ୍କ ଜୀବନଶୈଳୀ ଓ ଚିନ୍ତାଧାରାରେ ଭାରତୀୟ ଧର୍ମଧାରାରେ ଅନେକ ପ୍ରଭାବିତ ହୋଇଛନ୍ତି । ସେ ସ୍ୱୀକାର କରନ୍ତି ଯେ ଶାକାହାରୀ ଜୀବନଶୈଳୀର ଚିନ୍ତାଧାରା ସମଗ୍ର ବିଶ୍ୱକୁ ଭାରତର ହିଁ ମହାନ ଅବଦାନ । କିନ୍ତୁ ମୁଖ୍ୟତଃ ପାଶ୍ଚାତ୍ୟ ଦେଶର

Digitized by PPRACHIN, SOA

ଲୋକମାନେ ନିରାମିଷାଶୀ ହେବା କହିଲେ ସାଧାରଣତଃ କେବଳ ରୁଟି ଖାଇ ପାଣି ପିଇବା, ଉପବାସ କରିବା ଓ ତଦ୍ୱାରା ଶରୀରର ବିପୁଳ ମେଦ କମାଇବା, ମଦଠାରୁ ଦୂରେଇ ରହିବା, ମିଛ ନକହିବା ଇତ୍ୟାଦି ଇତ୍ୟାଦିକୁ ବୁଝନ୍ତି । ଅର୍ଥାତ୍ ଜୀବନରେ କୌଣସି ହସଖୁସି, ମଜା ନଥାଇ ଏକ କଠୋର ସନ୍ନ୍ୟାସୀ ପରି ଜୀବନ ବଞ୍ଚିବା । ତେଣୁ ନିରାମିଷାଶୀ ହେବାକୁ ସେମାନେ ବୋକାମି ଓ ପାଗଳାମି ଭାବନ୍ତି । ସେମାନଙ୍କ ଭାବନା ଭିତ୍ତିହୀନ ବୋଲି ପାଶ୍ଚାତ୍ୟ ଲୋକମାନେ ଏବେ ଅନୁଭବ କଲେଣି । ଜଣେ ନିରାମିଷାଶୀ ହୋଇପାରି ସ୍ୱାସ୍ଥ୍ୟପଦ ଆରାମଦାୟକ ଶାନ୍ତି ଓ ସୁଖମୟ ଦୀର୍ଘ ଜୀବନ ଯାପନ କରିପାରେ, ତାହା ପ୍ରମାଣିତ ହୋଇସାରିଲାଣି ।

ଆଶ୍ଚର୍ଯ୍ୟ ହେବାକୁ ପଡେ ଯେ ଇସ୍‌ଲାମ୍‌ଧର୍ମୀ ମୋଗଲ ସମ୍ରାଟମାନେ ଭାରତୀୟ ଖାଦ୍ୟ ପରମ୍ପରାରେ ବେଶ୍ ଉଦ୍‌ବୁଦ୍ଧ ହୋଇଥିଲେ ଓ ସେମାନଙ୍କ ଜୀବନଶୈଳୀରେ ପ୍ରଭାବିତ ହୋଇଥିଲେ । ଏପରିକି ମୋଗଲ ଶାସକମାନେ ଭାରତୀୟ ଖାଦ୍ୟ ପରମ୍ପରାକୁ ଆପଣେଇ ନେଇଥିଲେ ବହୁ ଅଂଶରେ । ଯେତେବେଳେ ଆଫଗାନ୍ ଅନୁପ୍ରବେଶକାରୀ ମହମ୍ମଦ ଘୋରୀ ଦ୍ୱାଦଶ ଶତାବ୍ଦୀରେ ଉତ୍ତର ଭାରତରେ ଅନୁପ୍ରବେଶ କରିଥିଲେ, ସେତେବେଳେ ତାଙ୍କୁ ଗୋ ମାଂସ ଭକ୍ଷଣକାରୀ ମ୍ଳେଚ୍ଛ ବୋଲି ଆଖ୍ୟା ଦିଆଯାଇଥିଲା । ତାଙ୍କୁ ଘୋରୀ ବା ଗୋରି କୁହାଯାଉଥିଲା, ଯାହାର ଅର୍ଥ ଗୋ-ଅରି ବା ଗୋରୁମାନଙ୍କ ଶତ୍ରୁ, ଅଭକ୍ଷ ଭକ୍ଷଣକାରୀ । ହିନ୍ଦୁ ଓ ମୁସଲମାନ ସଂସ୍କୃତି ଓ ଖାଦ୍ୟାଚାର ମଧ୍ୟରେ ଲଢ଼େଇ କ୍ରମଶଃ ଜୋରଦାର ହେବାରେ ଲାଗିଲା ଏବଂ ଶେଷରେ ମୋଗଲମାନେ ଅନୁଭବ କଲେ ଯେ ଏ ଦେଶର ପାରମ୍ପରିକ ଖାଦ୍ୟ ପାନୀୟକୁ ଆପଣେଇ ନେବା ହିଁ ତାଙ୍କ ପକ୍ଷେ ଶ୍ରେୟସ୍କର । ବାବର ହେଉଛନ୍ତି ପ୍ରଥମ ମୋଗଲ, ଯେ କି ଅଖଣ୍ଡ ଭାରତକୁ ଶାସନ କରିଥିଲେ । ତାଙ୍କ ପୁତ୍ର ହୁମାୟୁନ ହେଉଛନ୍ତି ଦ୍ୱିତୀୟ ମୋଗଲ, ଯେକି ଆଜିର ଆଫଗାନିସ୍ତାନ, ପାକିସ୍ତାନ ଓ ଉତ୍ତର ଭାରତ ଶାସନ ଗାଦିରେ ବସିଥିଲେ । କିନ୍ତୁ ସେ ୧୫୪୦ ଖ୍ରୀଷ୍ଟାବ୍ଦରେ କନୌଜ ଯୁଦ୍ଧରେ ଶେରଶାହ ଶୁରୀଙ୍କ ଦ୍ୱାରା ପରାସ୍ତ ହୋଇ ଶାସନ କ୍ଷମତା ହରାଇଥିଲେ । ସେ ପୁନଶ୍ଚ ୧୫ ବର୍ଷ ପରେ ଦିଲ୍ଲୀ ଅଧିକାର କଲେ । ତାଙ୍କର ଶାନ୍ତ ବ୍ୟକ୍ତିତ୍ୱ ଧୈର୍ଯ୍ୟ ଓ ଭଦ୍ରପଣିଆ ଯୋଗୁଁ ତାଙ୍କୁ ଇନଶାନ୍-ଇ-କାମିଲ ଉପାଧି ଅର୍ଥାତ୍ 'ମାନବିକତା' ଉପାଧି ମିଳିଥିଲା । ଏପରିକି କେତୋଟି ବର୍ଷ ସେ ଭାରତୀୟଙ୍କ ସମ୍ମାନାର୍ଥେ ନିରାମିଷାଶୀ ହୋଇଥିଲେ । ହିନ୍ଦୁମାନଙ୍କ ଭାବାବେଗକୁ ସମ୍ମାନ ଜଣାଇ ସେ ଗୋ ମାଂସ ସଂପୂର୍ଣ୍ଣ ପରିତ୍ୟାଗ କରିଥିଲେ । ତାଙ୍କ ପୁତ୍ର ସମ୍ରାଟ ଆକବର ଅହିଂସା ଉପରେ

Digitized by PPRACHIN, SOA

ଆଧାରିତ ଜୈନଧର୍ମ ଦ୍ୱାରା ବିଶେଷ ଭାବେ ପ୍ରଭାବିତ ହୋଇଥିଲେ । ସେ ତାଙ୍କ ଶାସନ କାଳରେ ବର୍ଷର ଛ'ମାସ ପ୍ରାଣୀହତ୍ୟା ନକରିବା, ମାଛ ନଧରିବା ଓ ମାଂସ ନଖାଇବା ଲାଗି ଅଧାଦେଶ ଜାରି କରିଥିଲେ । ସେ ଶିକାର କରିବା ଛାଡ଼ି ଦେଇଥିଲେ । ବର୍ଷର ଅଧିକାଂଶ ଦିନ ମାଂସ ଖାଉ ନଥିଲେ ଏବଂ ବର୍ଷର ଅଳ୍ପ କେତୋଟି ଦିନ ଛଡ଼ା ଅବଶିଷ୍ଟ ଦିନମାନଙ୍କରେ ପ୍ରାଣୀହତ୍ୟା ନକରିବା ପାଇଁ ସରକାରୀ ଭାବେ ଆଇନ୍ ପ୍ରଣୟନ କରିଥିଲେ । ଏହି ଶିକାର ନିଷେଧ ଆଇନ୍ ପୂର୍ବରୁ ଖ୍ରୀ.ପୂ. ଦ୍ୱିତୀୟ ଶତାବ୍ଦୀରେ ଅଶୋକଙ୍କ ଶିଳାଲେଖ ପରେ ଆଉ କେଉଁଠି ଦେଖିବାକୁ ମିଳେ ନାହିଁ । କେବଳ କଳିଙ୍ଗାଧିପତି ବୀର ଐର ଖାରବେଳ ତାଙ୍କ ଶାସନ କାଳରେ ଜୀବହତ୍ୟାକୁ ବିରୋଧ କରିଥିଲେ ଯାହା ତାଙ୍କଦ୍ୱାରା ନିର୍ମିତ ଖଣ୍ଡଗିରି ଉଦୟଗିରି ଶିଳାଲିପି ଓ ଗୁମ୍ଫାରୁ ଜଣାପଡ଼େ। ସେ ସଂପୂର୍ଣ୍ଣ ଜୈନଥିଲେ ଓ କଠୋର ଅହିଂସ ଜୀବନରେ ବିଶ୍ୱାସ କରୁଥିଲେ; ଏପରିକି କୀଟ ପତଂଗ କାଳେ ମରିଯିବେ, ସେଥିପାଇଁ ନାକପୁଡା ଓ ମୁଖକୁ ବସ୍ତ୍ରାଭରଣ କରି ରଖୁଥିଲେ। ଐତିହାସିକ ଆବୁଲ ଫାଜଲ ଇନ୍-ଇ-ଆକବରୀ ପୁସ୍ତକରେ ଲେଖିଛନ୍ତି ଯେ ସମ୍ରାଟ ଆକବରଙ୍କ ଆମିଷ ପ୍ରତି ଆଗ୍ରହ ନଥିଲା । ତାଙ୍କର ପ୍ରିୟ ଖାଦ୍ୟ ଥିଲା ଖେଚୁଡ଼ି ଓ ଦହି । ଆକବର କହନ୍ତି, ପ୍ରକୃତି ମଣିଷ ପାଇଁ ଅନେକ ପ୍ରକାର ଖାଦ୍ୟ ରଖିଛି । କିନ୍ତୁ ଅଜ୍ଞାନତା ଓ ଖାଦ୍ୟ ଲାଳସାବଶତଃ ମଣିଷ ଜୀବହତ୍ୟା କରି ନିଜ ଶରୀରକୁ କବରଖାନାରେ ପରିଣତ କରୁଛି, ଯାହା ବର୍ଜନୀୟ । ଏଣୁ ଜୀବହତ୍ୟା ଓ ମାଂସାହାର ତ୍ୟାଗ କରିବା ଅର୍ଥ ଜୀବନକୁ ସମ୍ମାନ ଦେବା । ମଣିଷର ଖାଦ୍ୟ ଓ ଅମୋଦ ପ୍ରମୋଦମୟ ଜୀବନ ପାଇଁ ଯେତେବେଳେ ବିକଳ୍ପ ଖାଦ୍ୟ ବ୍ୟବସ୍ଥା ସଂପ୍ରତି ସାଇତି ରଖିଛି, ଜୀବହତ୍ୟା କରିବା ଓ ମାଂସାହାରୀ ହେବା ଅମାନବୀୟ । ଆକବର ବିଭିନ୍ନ ଧର୍ମର ସାରମର୍ମକୁ ନେଇ 'ଦିନ୍-ଇ-ଇଲାହି' ଧର୍ମ ପ୍ରଚାର କରିଥିଲେ । ତାଙ୍କ ପ୍ରବର୍ତ୍ତିତ ଏହି ଧର୍ମର ଉଦ୍ଦେଶ୍ୟ ହେଉଛି ଈଶ୍ୱରଙ୍କ ସହ ଏକାତ୍ମ ହେବା। ଏହାର ନୀତିଗୁଡ଼ିକ ମଧ୍ୟରେ ଅଛି ଦାନଶୀଳତା, ଜୀବେ ଦୟା, ବିଧବାଙ୍କ ପୁନର୍ବିବାହ, ବାଲ୍ୟ ବିବାହ ନିଷେଧ ଏବଂ ବଳପୂର୍ବକ ସତୀଦାହ ନକରିବା ଇତ୍ୟାଦି । ତାଙ୍କ ଶାସନକାଳରେ ଗୋ ମାଂସାହାରକୁ ସେ ସଂପୂର୍ଣ୍ଣ ନିଷିଦ୍ଧ କରିଥିଲେ । ଜୈନମାନଙ୍କ ଚତୁର୍ମାସ୍ୟା ପର୍ବ 'ପର୍ଯ୍ୟସନା' ଏବଂ ମହାବୀର ଜୟନ୍ତୀ ଅବସରରେ ପଶୁହତ୍ୟାକୁ ଆଇନଦ୍ୱାରା ନିଷିଦ୍ଧ କରିଥିଲେ । ଏଥିପାଇଁ ଆକବର ହିନ୍ଦୁ ପ୍ରଜାମାନଙ୍କ ଖୁବ୍ ନିକଟତର ହୋଇପାରିଲେ ଏବଂ ପୂଜନୀୟ ହୋଇ ପାରିଲେ ମଧ୍ୟ । ତାଙ୍କ ପୁତ୍ର ତଥା ଉତ୍ତରାଧିକାରୀ ଜାହାଙ୍ଗିର ପିତାଙ୍କ ଆଦର୍ଶ ଓ ପରମ୍ପରାକୁ ବଜାୟ ରଖିଥିଲେ ଏବଂ ଗୁରୁବାରକୁ ଉପବାସର ବାର ଭାବେ ଧାର୍ଯ୍ୟ କରିଥିଲେ ।

Digitized by PPRACHIN, SOA

ସେ ପଶୁଶିକାର ବନ୍ଦ କରିବା ସହିତ ନିଜ ହାତରେ କୌଣସି ପଶୁକୁ ଆହତ ନକରିବା ପାଇଁ ଶପଥ ନେଇଥିଲେ । ତାଙ୍କ ପୁତ୍ର ଆଉରଙ୍ଗଜେବ ଯଦି ଚ କଡ଼ାକଡ଼ି ଭାବେ ଇସ୍‌ଲାମ ଧର୍ମ ପାଳନ କରୁଥିଲେ, କିନ୍ତୁ ସେ ନୈଷ୍ଠିକ ନିରାମିଷାଶୀ ଥିଲେ । କେବଳ ପନିପରିବା, ଫଳମୂଳ, ମିଠା ଓ ସାଧାଖାଦ୍ୟ ଖାଉ ଥିଲେ । ସେ ଗଙ୍ଗାଜଳ ପିଉଥିଲେ ଓ ଖେଚୁଡ଼ି, ଜୋଓ୍ୱାର ଓ ବାଜରା ଅଟାର ରୁଟି ଖାଉଥିଲେ ଯାହାକି ହିନ୍ଦୁଧର୍ମର ଅନୁପନ୍ଥୀ ଥିଲା । ଆଉରଙ୍ଗଜେବ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ ୧୭୦୭ ମସିହା ଫେବୃଆରୀ ୨୧ ତାରିଖ ଶୁକ୍ରବାର ଦିନ । ତାଙ୍କର ବହୁତ ଇଚ୍ଛାଥିଲା ଏ ଧରାଧାମରୁ ଶୁକ୍ରବାର ଦିନ ବିଦାୟ ନେବାକୁ । ଆଲ୍ଲା ଶେଷରେ ତାଙ୍କ ଇଚ୍ଛା ପୂରଣ କରିଥିଲେ । ମୃତ୍ୟୁର ଅବ୍ୟବହିତ ପୂର୍ବରୁ ତାଙ୍କ ଆଖି ଆଗରେ ଯେଉଁ ବିରାଟ ସତ୍ୟର ଚିତ୍ରଟି ଆଙ୍କି ହୋଇ ଯାଇଥିଲା, ସେ ସେଇ ଚିତ୍ରର ଜଳଜଳ ବାସ୍ତବତା ଦେଖି ଶିହରି ଉଠୁଥିଲେ । ତାଙ୍କ ଜୀବନ ରକ୍ଷା ପାଇଁ ଦରବାରର ସମ୍ଭ୍ରାନ୍ତ ବ୍ୟକ୍ତିମାନେ ଜ୍ୟୋତିଷମାନଙ୍କ ଦ୍ୱାରସ୍ଥ ହେବାରୁ ସେମାନେ ପରାମର୍ଶ ଦେଇଥିଲେ, ସମସ୍ତ ଅଶୁଭ ପରିଣାମରୁ ରକ୍ଷା ପାଇବାକୁ ସମ୍ରାଟ ଗୋଟିଏ ହାତୀ ଓ ଗୋଟିଏ ମୂଲ୍ୟବାନ ହୀରା ଦାନ ଦିଅନ୍ତେ କି । ଆଉରଙ୍ଗଦେବ ତ ଏ ସବୁରେ ବିଶ୍ୱାସ କରୁନଥିଲେ, ତା ଛଡା ନିଜ ପାଇଁ ସେ ଥିଲେ ଅତି ମାତ୍ରାରେ କୃପଣ । ମୃତ୍ୟୁକାଳୀନ ଇଚ୍ଛାପତ୍ର (ଉଇଲ)ରେ ସେ ଲେଖିଥିଲେ ଯେ ତାଙ୍କ ମୃତ୍ୟୁ ପରେ ନିଜ ହାତରେ ବୁଣିଥିବା ଟୋପି ବାବଦ ପାଇଥିବା ମୂଲ୍ୟ ଚାରି ଟଙ୍କା ଦୁଇଅଣାରେ ଗୋଟିଏ କନା କିଣାଯାଇ ତାଙ୍କ ଶବ ଉପରେ ପଡ଼ିବ ଓ କୋରାନକୁ ନକଲ କରି ସେ ପାଇଥିବା ତିନିଶହ ୫ଟଙ୍କାକୁ ଫକୀରମାନଙ୍କ ଭିତରେ ବଣ୍ଟନ କରି ଦିଆଯିବ । ସେ କେମିତି ହାତୀ ଓ ହୀରାଦାନ ସହି ପାରିବେ ! ଅଧିକନ୍ତୁ ଆଉରଙ୍ଗଜେବ ଆହୁରି ମଧ ସେ ଇଚ୍ଛାପତ୍ରରେ ଲେଖିଥିଲେ ଯେ ତାଙ୍କୁ କବର ଦିଆଗଲା ବେଳେ ମୁଣ୍ଡରେ ଟୋପିଟିଏ ବି ଦିଆଯିବନି । କବର ଉପରେ ଚାନ୍ଦୁଆ ଟଙ୍ଗାଯିବନି ଓ କୌଣସି ବାଦ୍ୟଯନ୍ତ୍ର ବଜାଯିବ ନାହିଁ । ତାଙ୍କ ଅନ୍ତିମ ଇଚ୍ଛା ଅନୁସାରେ ବିରାଟ ସାମ୍ରାଜ୍ୟର ସାର୍ବଭୌମ ମହାପ୍ରତାପୀ ଆଉରଙ୍ଗଜେବଙ୍କ ଗୋଟିଏ ନଗଣ୍ୟ ଜାଗା, ଔରଙ୍ଗାବାଦରୁ ପ୍ରାୟ କୋଡ଼ିଏ ମାଇଲ ଦୂର ଖୁଲଦାବାଦଠାରେ ଜଣେ ମୁସଲମାନ ସନ୍ଥଙ୍କ କବର ପାଖରେ କବରସ୍ଥ କରାଯାଇଥିଲା । ତେଣୁ ଯେତେବେଳେ ଦରବାରର ସମ୍ଭ୍ରାନ୍ତମାନଙ୍କ ଜ୍ୟୋତିଷଙ୍କ କହିବା ମତେ ତାଙ୍କୁ ହାତୀ ଓ ହୀରାଦାନ କରିବାକୁ ପରାମର୍ଶ ଦେଲେ, ସେତେବେଳେ ଆଉରଙ୍ଗଜେବ କଥା କହିପାରୁନଥିବା ହେତୁ ସ୍ପଷ୍ଟଭାବେ ଲେଖି ଦେଇଥିଲେ ହାତୀ ଦାନ କରିବା ହିନ୍ଦୁମାନଙ୍କର ଓ ଗ୍ରହ ଉପଗ୍ରହରେ ବିଶ୍ୱାସ ରଖିଥିବା ଲୋକମାନଙ୍କର ପ୍ରଥା । ଦରବାରରୁ ମୁଖ୍ୟ କାଜିଙ୍କ

Digitized by PPRACHIN, SOA

ପାଖକୁ ସେ ହାତୀର ମୂଲ୍ୟ ବାବଦକୁ ଚାରି ହଜାର ଟଙ୍କା ପଠାଇ ଦିଆଯାଉ ଏବଂ ତାଙ୍କୁ ନିର୍ଦ୍ଦେଶ ଦିଆଯାଉ ସେ ଏହି ଅର୍ଥକୁ ଗରିବମାନଙ୍କ ମଧ୍ୟରେ ବାଣ୍ଟି ଦିଅନ୍ତୁ। ପରେ ପରେ ସେଇ ଲେଖାତଳେ ସେ ଲେଖି ଦେଇଥିଲେ, 'ମୋର ଏ ଧୂଳିମାଟିର ଦେହଟାକୁ ନେଇ କବରସ୍ଥାନରେ ପହଞ୍ଚାଇ ଦିଅ ଏବଂ ମାମୁଲି କଫିନ୍‌ରେ ତାକୁ ନରଖି ମାଟିରେ ପୋତି ଦିଅ।' ଜୀବନର ଅନ୍ତିମବେଳେ ଆସନ୍ନ ମରଣ କାଳରେ ଦାନ ଧର୍ମ ଯେ ଏକ ମହତ କର୍ମ ଓ ସର୍ବଧର୍ମ ଗୃହୀତ; ନୈଷ୍ଠିକ ଆଉରଙ୍ଗଜେବ ପରୋକ୍ଷରେ ସ୍ୱୀକାର କରି ଉତ୍ତର ପୁରୁଷଙ୍କ ପାଇଁ ଏକ ଅପୂର୍ବ ଐତିହାସିକ ଧର୍ମୀୟ ପରମ୍ପରା ସୃଷ୍ଟିକରି ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ।

ବନ୍ଧୁ ଅନ୍‌ୱାରଙ୍କଠୁଁ ମୋଗଲ ସମ୍ରାଟମାନଙ୍କ ନିରାମିଷ ଭୋଜନ ଓ ଆଉରଙ୍ଗଜେବଙ୍କ ହାତୀ ହୀରା ଦାନ ଉପାଖ୍ୟାନ ଶୁଣି ମୁଁ ସ୍ତମ୍ଭୀଭୂତ ହୋଇଥିଲି। ହାତୀ ଦାନ ମହାପୁଣ୍ୟ ବୋଲି ବିଚାର କରାଯାଏ ଉଭୟ ହିନ୍ଦୁ ଓ ମୁସଲମାନ ସମ୍ପ୍ରଦାୟରେ ଯାହା ଆଉରଙ୍ଗଜେବ ମୃତ୍ୟୁ କାଳୀନ ଶେଷାବସ୍ଥାରୁ ଜଣାପଡେ ଏବଂ ତାହା ସେ ପରୋକ୍ଷରେ ପାଳନ କରିଥିଲେ। ରବୀନ୍ଦ୍ରର ହାତୀ ଶଙ୍କର ବେଚାର ଗୁଣ ଓ ଚମତ୍କାରିତା ମନେ ପକାଇ ମୁଁ ଆହ୍ଲାଦିତ ଆମୋଦିତ ହେଲି। ହାତୀ, ହୀରା, ଗୋ, ସ୍ୱର୍ଣ୍ଣ ସଂସାରରେ ମୂଲ୍ୟବାନ। ହାତୀ ପ୍ରତି ମୋର ଶ୍ରଦ୍ଧାକର୍ଷଣ ମୋ ଆନନ୍ଦକୁ ବହୁଗୁଣିତ କଲା। ଶଙ୍କର ବେଚାର ଚିତ୍ର ମନଶ୍ଚକ୍ଷୁରେ ଆଙ୍କି ହୋଇ ରହିଲା।

ମୁଁ ଆଶ୍ଚର୍ଯ୍ୟ ହେଲି ବନ୍ଧୁ ଅନ୍‌ୱାରଙ୍କ ଜ୍ଞାନସମୃଦ୍ଧ ତଥ୍ୟପୂର୍ଣ୍ଣ ଗବେଷଣାତ୍ମକ ଜୀବନଧାରାରେ । ତାଙ୍କ ଜୀବନାଦର୍ଶରେ ଆମେ ଦମ୍ପତି ଭାରି ପ୍ରଭାବିତ ହେଲୁ ଏବଂ ମାଂସାହାରୀ କେବେ ନ ହେବାକୁ ଶପଥବଦ୍ଧ ହେଲୁ । ମଣିଷର ଖାଦ୍ୟରୁଚି ଏକ ମାନସିକପ୍ରବଣତା, ସଂପୂର୍ଣ୍ଣ ବ୍ୟକ୍ତିଗତ ବ୍ୟାପାର- ବଞ୍ଚି ରହିବା ଅଧିକାରଭୁକ୍ତ । କିନ୍ତୁ ସର୍ବଦା ଅହିଂସା ଆଚରଣ ଶାନ୍ତି ଆଣିଥାଏ, ପରିବାର ଓ ସମାଜରେ ସୌହାର୍ଦ୍ଦ୍ୟ ପ୍ରତିଷ୍ଠା କରିଥାଏ । ଆଚରଣ ଅନ୍ୟ ଉପରେ ଲଦି ଦିଆଯାଇନପାରେ, ଏହା ମାନସିକ ଗ୍ରହଣୀୟତା ଉପରେ ନିର୍ଭର କରେ । ଜୀବନାନନ୍ଦ ନିହିତ ନଥାଏ ଖାଦ୍ୟପେୟର ଉତ୍କର୍ଷତାରେ, ଥାଏ ବ୍ୟକ୍ତିର ଚିନ୍ତାଧାରାରେ । ନାନ୍ଦନିକ ଉତ୍କର୍ଷତା ଏକ ମନ ଭାବନା ଯାହାର ସ୍ୱାଦ ନଥାଏ ଜିଭରେ, ଥାଏ ଚିତ୍ତରେ, ଚିନ୍ତା ଓ ଚେତନାରେ । ଚିତ୍ତକୁ ସ୍ଥିର ସ୍ଥିତପ୍ରଜ୍ଞ କରି ରଖିଲେ ସବୁ ସ୍ୱାଦ ସୁନ୍ଦର, ଉପଭୋଗ୍ୟ । ସଂଯମୀ ତପସ୍ୱୀ-ଜ୍ଞାନୀମାନେ ଏଭଳି ଚିତ୍ତଶୁଦ୍ଧି କରିଥାନ୍ତି। ଯାହା ଅନେକ ସମୟରେ ମୋ ଶିକାର ଗୁରୁ ପ୍ରେମ୍ କହିଥାନ୍ତି। ଇନ୍ଦ୍ରିୟପରାୟଣତାକୁ ନିୟନ୍ତ୍ରଣ କରିଥାନ୍ତି, ଯେମିତି ମୋର ଆଦରଣୀୟ ବନ୍ଧୁ ଅନୱାର ଅଲ୍ଲୀ ଯିଏକି ନିଶ୍ଚିତ ଭାବେ ଜଣେ ତପସ୍ୱୀ-ଆବିଷ୍କାରକ

Digitized by PPRACHIN, SOA

ବା ବୈଜ୍ଞାନିକ ବୋଲାଯାଇ ପାରିବେ ମୋ ମତରେ। ମଣିଷ ଜୀବନ ଏକ ସାଧନା। ଯଶସ୍ୱୀ ହୁଅନ୍ତୁ ସେ, ତାଙ୍କ ଚଲାପଥରେ ପୁଷ୍ପ ବୃଷ୍ଟି ହେଉ- ଶୁଦ୍ଧ ଶୁଭ କାମନା କଲି ଅନ୍ୱାରଙ୍କ ପ୍ରତି ମନେ ମନେ।

ବିଗତ ଦଶନ୍ଧି ଧରି ମଣିଷର 'ମୃତ୍ୟୁ ଚେତନା' ଓ 'ମୃତ୍ୟୁପରେ ଜୀବନ ସତ୍ତା' ଉପରେ ଅନ୍ୱାର ମଧ୍ୟ ଗବେଷଣାରତ। ତାଙ୍କ ଚିନ୍ତାଧାରା ସହିତ ମୁଁ ଏକମତ ହେଲି। ଆମ ଭାଗବତ କହେ, ଜୀବ ମୁଣ୍ଡରେ ମୃତ୍ୟୁ ବସେ, ଜୀବନ ଅନୁକ୍ଷଣେ ଗ୍ରାସେ । ମୋର ଛୋଟ ମତରେ, ଯେଉଁଦିନ ଜୀବଟିଏ ପ୍ରାଣ ଧରି ଧରାରେ ଜନ୍ମ ନିଏ, ସେଇ ଦିନଠୁଁ ମୃତ୍ୟୁକୁ ସାଙ୍ଗରେ ଧରି ଆସିଥାଏ । ଏଇ ଜୀବନର ଧାରା ହେଉଛି ମୃତ୍ୟୁର ଏକ ପ୍ରଲମ୍ବିତ ପ୍ରକ୍ରିୟା। ପ୍ରତିକ୍ଷଣରେ ଜୀବ ଶରୀରରେ ଯୋଗ ବିୟୋଗର ଦୁଇଟି ପ୍ରାକୃତିକ ପ୍ରକ୍ରିୟା ହେଉଥାଏ, ଆୟୁଷ କ୍ଷୟ ହେଉଥାଏ ଓ ବୟସ ଯୋଗ ହେଉଥାଏ। ଜୀଇଁଥିବା ଭିତରେ ପ୍ରତି ମୁହୂର୍ତ୍ତରେ ମଣିଷ ମରି ମରି ଚାଲିଥାଏ ଏବଂ ଶେଷ ମୁହୂର୍ତ୍ତରେ 'ଘଣ୍ଟି ବାଜିଲା ପରୀକ୍ଷା ଶେଷ ଭଳି' ଦେହକୁ ଛାଡ଼ି ପ୍ରାଣବାୟୁ ଉଡିଯାଏ । କୁଆଡ଼େ ଯାଏ ପ୍ରାଣ ଟିକକ ? ପ୍ରାଣ ଏକ ଚେତନା ବସ୍ତୁ, ପ୍ରାଣ ବା ପବନ ଦେହରୁ ବିଚ୍ୟୁତ୍ ହୋଇଗଲେ, ଦେହ ଜଡଟିଏ ମାତ୍ର । ସ୍ଥୁଳଭାବେ ଦେଖିଲେ ଜଡ଼ ମଧ୍ୟ ଅବିନାଶୀ, ଯେଉଁଠୁ ଆସିଥାଏ ସେଥିରେ ବିଲୀନ ହୋଇଯାଏ, ଅର୍ଥାତ୍ ପଞ୍ଚ ମହାଭୂତ ଯଥା, କ୍ଷିତି, ଅପ୍, ତେଜ, ମରୁତ୍, ବ୍ୟୋମରେ ମିଶିଥାଏ, ତଫାତ୍ କେବଳ ରୂପ, ରଙ୍ଗ, ଆକାରରେ। ଯେପରି ମନେକର ଚକ୍ ଖଡିଟିଏ, ତାକୁ ଭାଙ୍ଗିଦେଲେ ଖଣ୍ଡ ଖଣ୍ଡ ହୋଇ ଚୂର୍ଣ୍ଣିଭୂତ ହୋଇଯାଏ, କିଛି ରଙ୍ଗ ମାଟିରେ ମିଶିଯାଏ, କିଛି ଚୂର୍ଣ୍ଣ ପବନରେ ଓ କିଛି ଅନ୍ୟ ଅଂଶ ମୂଳ ଉପାଦାନରେ ପୁନଶ୍ଚ ଲୀନ ହୋଇଯାଏ, ଯେଉଁଥିରୁ ସଂଗୃହୀତ ହୋଇ ବିଭିନ୍ନ ରଙ୍ଗ ନେଇ ଖଡି ରୂପଟିଏ ଧାରଣ କରିଥିଲା । ଯଦି ସାକାର ବସ୍ତୁ ଅବିଧ୍ୱଂସୀ, ଚେତନା ବା ଆତ୍ମା ବା ପ୍ରାଣ କାହିଁକି ଉଭେଇଯିବ ? କିନ୍ତୁ ପବନରୂପୀ ଏଇ ଅବିନାଶୀ ପ୍ରାଣଟିକର ସ୍ଥାନ କେଉଁଠି ? ତା'ର ରୂପ କ'ଣ ? ଆକାର କ'ଣ ? ଅସ୍ତିତ୍ୱ କ'ଣ ? ତାହା ହିଁ ଗବେଷଣାର ବସ୍ତୁ । ଏହା ନିଶ୍ଚିତ ଯେ ଯେଉଁ ସ୍ଥାନରୁ ଆସିଥିଲା, ସେଇଠି ସେ ପୁନଶ୍ଚ ମିଶିଗଲା, ଯେମିତି ପଞ୍ଚ ମହାଭୂତରେ ପଦାର୍ଥ ମିଶିଯାଇଥାଏ ଏବଂ ପୁନଶ୍ଚ ସୃଷ୍ଟି ପ୍ରକ୍ରିୟାରେ ଅବତୀର୍ଣ୍ଣ ହୋଇଥାଏ ଯେତେବେଳେ ଜୀବର ପୁରୁଷ-ସ୍ତ୍ରୀର କ୍ରୋମୋସେମ୍‌ର ସଂଯୋଗ-ମିଳନ ଓ ଘର୍ଷଣ ଆକସ୍ମିକ ଭାବେ ହୋଇଥାଏ, ଘର୍ଷଣରୁ ଉତ୍ତାପ ଓ ଉତ୍ତାପରୁ ଜୀବନ ସତ୍ତା ବା ପ୍ରାଣ ପ୍ରତିଷ୍ଠା ହୁଏ- ଏହି ତ ଜୀବନ-ମୃତ୍ୟୁ ଚକ୍ର।

ଜନ୍ମ-ମୃତ୍ୟୁ ରହସ୍ୟ ସମ୍ବନ୍ଧରେ ଆମ ପୁରାଣର ନଚିକେତା ଉପାଖ୍ୟାନ ସମ୍ୟକ୍ ଧାରଣା ଦିଏ । ନଚିକେତା ବାଜଶ୍ରବା ଋଷିଙ୍କର ପୁତ୍ର ଥିଲେ । ବାଜଶ୍ରବା ଋଷି

Digitized by PPRACHIN, SOA

ଥରେ ଯଜ୍ଞର ଦକ୍ଷିଣା ପାଇଁ ସର୍ବସ୍ୱ ଦାନ କରିଦେଲେ । ଏହି ସମୟରେ ନଚିକେତା ପିତାଙ୍କୁ ଏକାଧିକ ଥର ପଚାରିଲେ ମୋତେ କାହାକୁ ଦାନ କଲ ? ପିତା ବିରକ୍ତ ହୋଇ କହିଲେ, ତୋତେ ମୃତ୍ୟୁକୁ ଦାନ କଲି । ଏହା ଶୁଣି ନଚିକେତା ମୃତ୍ୟୁ (ଯମ ଦେବତା)ଙ୍କ ପାଖକୁ ଗଲେ ଓ ସେଠାରେ ତିନି ଦିନ ନିରାହାର ରହି ମୃତ୍ୟୁଙ୍କ ଠାରୁ ବ୍ରହ୍ମଜ୍ଞାନ ପ୍ରାପ୍ତହେଲେ । ହେଲେ ଏ ବ୍ରହ୍ମଜ୍ଞାନ କ'ଣ ? ଯାହା ଶ୍ରୀ ଅରବିନ୍ଦ ତାଙ୍କ ମହାକାବ୍ୟ ସାବିତ୍ରୀରେ ଦର୍ଶାଇଛନ୍ତି- ସତ୍ୟବାନ ଗୋଟିଏ ନିର୍ଦ୍ଧାରିତ ଦିନରେ ମୃତ୍ୟୁଲାଭ କରିବାର ଥିଲା ଏବଂ ସାବିତ୍ରୀ ଏହି ମୃତ୍ୟୁ ଚକ୍ରକୁ ସ୍ଥଗିତ କରିଦେଇ ପାରିଲେ । ମହା ମନୀଷୀ ଅରବିନ୍ଦଙ୍କ ଭାଷାରେ 'ସାବିତ୍ରୀ' ହେଉଛନ୍ତି ପରମ ସତ୍ୟ, ଏହା ଏକ ନୈସର୍ଗିକ ଶବ୍ଦ, ଯାହା ସ୍ୱର୍ଗରୁ ମର୍ତ୍ତ୍ୟଲୋକକୁ ଓହ୍ଲାଇ ଆସି ଦେହ ଧାରଣ କରିଛି । ସତ୍ୟବାନ ଆତ୍ମସତ୍ତାର ପ୍ରତୀକ । ଦିବ୍ୟସତ୍ୟ ବହନ କରୁଥିବା ଏହି ଆତ୍ମା ମୃତ୍ୟୁ ଅଜ୍ଞାତର ଟାଣ ମୁଠା ଭିତରକୁ ଓହ୍ଲାଇ ଯାଇଛନ୍ତି ମର୍ତ୍ତ୍ୟ-ମଣିଷ ରୂପରେ । ଆତ୍ମା ଅବିନାଶୀ, ଅବ୍ୟକ୍ତ, ଅଚିନ୍ତ୍ୟ, ଶରୀର ଯେପରି ସ୍ଥୂଳ ରୂପରେ ଦେଖାଯାଏ, ଆତ୍ମା ସ୍ଥୂଳ ସୃଷ୍ଟିର ଉର୍ଦ୍ଧ୍ୱରେ। ମର୍ତ୍ତ୍ୟ ମଣିଷର ଜନ୍ମ ମୃତ୍ୟୁ ନିଶ୍ଚିତ । ଜାତସ୍ୟ ହି ଧ୍ରୁବୋ ମୃତ୍ୟୁ ଧ୍ରୁବଂ ଜନ୍ମ ମୃତସ୍ୟ ଚ (ଶ୍ରୀମଦ୍‌ଭଗବଦ୍ ଗୀତା)। ଯିଏ ଜନ୍ମ ହୋଇଛି ତା'ର ମୃତ୍ୟୁ ନିଶ୍ଚିତ ଏବଂ ଯିଏ ମରିଛି ତା'ର ଜନ୍ମ ନିଶ୍ଚିତ। ମୃତ୍ୟୁ ଏକ ଘଟ ପରିବର୍ତ୍ତନ ମାତ୍ର।

ଜନ୍ମ-ମୃତ୍ୟୁର ରହସ୍ୟ ଓ ଆତ୍ମାର ପ୍ରହେଳିକା ଭେଦ କରିବା ପାଇଁ ଭାରତର ଅନେକ ଯୋଗୀ, ମୁନି ଓ ତପସ୍ୱୀ ପରୀକ୍ଷା କରିଛନ୍ତି। ଶରୀର ଓ ଆତ୍ମାର ସଂପର୍କରେ କଠୋର ଚିତ୍ତ ତପସ୍ୟା ଦ୍ୱାରା ଅନେକ ନିଗୂଢ଼ କଥା ଜାଣିପାରିଛନ୍ତି। ଏହାର ଉଦାହରଣର ପଟାନ୍ତର ନାହିଁ। ମୁଁ ସ୍ୱଚକ୍ଷୁରେ ଓ ଅଙ୍ଗେ ନିଭାଇଥିବା ଅନୁଭୂତିର ଏକ ଉଦାହରଣ ଦେଉଛି। ପୁରୀ-କୋଣାର୍କ ମେରାଇନ୍ ଡ୍ରାଇଭ ଶ୍ରୀଶ୍ରୀ ବେଲେଶ୍ୱର ମହାଦେବ ମନ୍ଦିର ସମ୍ମୁଖରେ ମୋର ସତ୍ୟ-ଉଦ୍ୟାନ ନାମରେ ସମୁଦ୍ରତଟରେ ପ୍ରକୃତିର କୋଳରେ ଏକ ଫଳ ଉଦ୍ୟାନ ରହିଅଛି। ଏହାର ଅନ୍ୟନାମ 'ସତ୍ୟାଶ୍ରମ', ଯାହାକୁ ସ୍ୱଚେଷ୍ଟାରେ ସୁରମ୍ୟ କରିଛି ଏବଂ 'ବୃକ୍ଷ ଆମ ବନ୍ଧୁ ତା'ର ନାମ କୃପାସିନ୍ଧୁ' ଭଳି ଜନ ସଚେତନତା ପାଇଁ ଅନେକ ପୋଷ୍ଟର ମାରି ବହୁ ଫଳବୃକ୍ଷ ରୋପଣ କରିଛି। ମୋ ଆଶ୍ରମ କୁଟୀରଟିର ନାମ ରଖିଛି 'ଗୋପାଳୟ' ଏବଂ ପର୍ଯ୍ୟଟକ ଆଗନ୍ତୁକମାନଙ୍କ ପାଇଁ 'ନିର୍ଜନ ନିବାସ' ରଖାଯାଇଛି। ସମ୍ମୁଖର ମହାଦେବ ମନ୍ଦିରକୁ ଲାଗି 'ମଉନ ବାବା' ବାସ କରନ୍ତି। ତାଙ୍କର ପ୍ରକୃତ ନାମ ଜଣାନାହିଁ। ଲୋକେ କହନ୍ତି ସେ କୁଆଡେ ଜଣେ ଇଂଜିନିୟର ଥିଲେ। କୌଣସି ପ୍ରଚାର ପ୍ରସାରର ଉର୍ଦ୍ଧ୍ୱରେ ସେ। ସେ ସର୍ବଦା ତାଙ୍କ ନିବାସରେ ଦ୍ୱାର ବନ୍ଦ କରି ଜପ କରି ରହିଥା'ନ୍ତି। କା' ସଙ୍ଗେ କଥାବାର୍ତ୍ତା କରନ୍ତି ନାହିଁ।

Digitized by PPRACHIN, SOA

କେବଳ ସୂର୍ଯ୍ୟାସ୍ତ ପରେ ସନ୍ଧ୍ୟା ପୂର୍ବରୁ ଟିକିଏ ବାହାରକୁ ଆସନ୍ତି। ଲଗେଇଥିବା ଫୁଲ ଫଳ ଗଛରେ ହାତ ମାରି ଦିଅନ୍ତି ଓ ପୁନଶ୍ଚ ଗୁମ୍ଫ ନିବାସରେ ଝପଟପ କରନ୍ତି। କ'ଣ ସେ ଖାଆନ୍ତି କେବେ କେହି ଦେଖନ୍ତି ନାହିଁ। ଥରେ ତାଙ୍କ ଶିଷ୍ୟ ଦୁଃଶାସନ ଭୁଜବଳଙ୍କୁ ଡାକି ସେ ସେପୁରକୁ ଯାଇ ବୁଲିଆସିବାକୁ ଯୋଜନା କଲେ - ତାଙ୍କ ଦେହକୁ ଗୁମ୍ଫ କୋଠରୀରେ କୋଳପ ପକାଇ ସିଲ୍ କରାଯିବ ଏବଂ ୪୪ ଦିନ ପରେ ସିଲ୍ ଭଙ୍ଗାଯାଇ କୋଳପ ଖୋଲାଯିବ। ଶିଷ୍ୟ ଭୁଜବଳ ବାବୁ ଡରିଗଲେ। ଏ ତ ବଡ଼ ଗୁରୁତର କଥା ! ବିପଜ୍ଜନକ ମଧ୍ୟ, ହୁଏତ ହତ୍ୟା ଅଭିଯୋଗ ଲାଗିପାରେ। କୋଠରିକୁ କୋଳପ ପକାଇ ସିଲ୍ କରିବାକୁ ତାଙ୍କ ସାହସ ଅଣ୍ଟିଲା ନାହିଁ। ଏକଥା ସେ ମନ୍ଦିର ପରିଚାଳନା କମିଟିକୁ ଜଣାଇଲେ। କମିଟି ମଧ୍ୟ ବାବାଙ୍କର ଉଦ୍ଦେଶ୍ୟ ବୁଝିପାରି ତଟସ୍ଥ ହେଲେ, କିଂ କର୍ତ୍ତବ୍ୟ ବିମୂଢ଼ାବସ୍ଥାରେ ରହିଲେ। ବାବା ପୁଣି ଶିଷ୍ୟ ଭୁଜବଳଙ୍କୁ ତାଙ୍କ ଇଚ୍ଛା ଦୋହରାଇଲେ। ବାବାଙ୍କର ଏପରି ଏକ ଚିରନ୍ତୁଆଁ ସମ୍ବେଦନଶୀଳ ବିପଜ୍ଜନକ ପ୍ରସ୍ତାବନା ଜିଲ୍ଲା ପ୍ରଶାସକ ଜିଲ୍ଲାପାଳ ମହାଶୟଙ୍କୁ ଅବଗତ କରାଗଲା। ତଦନୁଯାୟୀ ଏକ ବଣ୍ଡ୍ କାଗଜରେ ବାବାଙ୍କ ଦସ୍ତଖତ କରାଇ ତାଙ୍କୁ ଅନୁମତି ପ୍ରଦାନ କରାଗଲା ଏବଂ ସମସ୍ତଙ୍କ ଉପସ୍ଥିତିରେ (ମୁଁ ସେମାନଙ୍କ ମଧ୍ୟରୁ ଅନ୍ୟତମ) କୋଠରି ବନ୍ଦ କରାଯାଇ ତାଲା ସିଲ୍ କରାଗଲା। ଅଞ୍ଚଳର ଅଖଣ୍ଡ ନୀରବତା ରକ୍ଷା କରିବା ଦାୟିତ୍ୱ ମୁଁ ଗ୍ରହଣ କରିଥିଲି। ଶିବ ମନ୍ଦିରରେ ଘଣ୍ଟ ଘଣ୍ଟା ଓ ଭକ୍ତ ଦର୍ଶକମାନଙ୍କ କୋଳାହଳତା ସଂପୂର୍ଣ୍ଣ ଭାବେ ନିଷିଦ୍ଧ କରାଗଲା। ଠିକ୍ ୪୪ ଦିନ ଯଜ୍ଞ-ସଂକୀର୍ତ୍ତନ କରିବାକୁ ବାବା କହିଯାଇଥିଲେ। ସେ ଦିନ ସକାଳୁ ଯଜ୍ଞ-ସଂକୀର୍ତ୍ତନ ଆରମ୍ଭ ହୋଇଥିଲା ନିଷ୍ଠାରେ, କିନ୍ତୁ ବିନା କୋଳାହଳରେ। ଠିକ୍ ଗୋଧୂଳି ଲଗ୍ନରେ ପ୍ରଶାସକ ଆସି ଦ୍ୱାର ସିଲ୍ ଭାଙ୍ଗି କୋଳପ ଖୋଲି ଦେଖନ୍ତେ, ପୂର୍ବପରି ବାବା ସେଇପରି ସତେଜ ଓ ସକ୍ରିୟ ଅଛନ୍ତି। ହଜାର ହଜାର ଲୋକ ତାଙ୍କ ଚରଣ ତଳେ ପଡିଗଲେ। ଶିଷ୍ୟ ଭୁଜବଳଙ୍କ ହାତରୁ ଲେମ୍ବୁ ସର୍ବତ ପାନ କରି ବାବା ଜଗତଜନଙ୍କ ମଙ୍ଗଳ କାମନା କରିଥିଲେ। ଏହି ରହସ୍ୟମୟ ବିଦ୍ୟାଟି କଅଣ ?- ଅନେକ ସ୍ଥିତିବାଦୀଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ମଉନ ବାବା କ୍ୱଚିତ୍ କଥାବର୍ତ୍ତା କରନ୍ତି। ଅନ୍ୟ ଜଗତରେ ୪୪ ଦିନ ଭ୍ରମଣ ପରେ ଉପସ୍ଥିତ ଭକ୍ତ-ଜନତାଙ୍କୁ କେଇ ପଦ ବାଣୀ ଅକ୍ଷରେ କହିବାକୁ ବାଧ୍ୟ ହୋଇଥିଲେ-

ସାଂସାରିକ ମଣିଷ ସୁଖ ସନ୍ଧାନରେ ମାତି ରହିବା ସ୍ୱାଭାବିକ କଥା। କିନ୍ତୁ ଚିଦାନନ୍ଦ ପ୍ରାପ୍ତି ହିଁ ପ୍ରତ୍ୟେକ ମଣିଷର ଲକ୍ଷ୍ୟ ହେବା ଉଚିତ୍। କେବଳ ଈଶ୍ୱର ପ୍ରାପ୍ତିରେ

Digitized by PPRACHIN, SOA

ହିଁ ଚିଦାନନ୍ଦ ପ୍ରାପ୍ତ ହୋଇଥାଏ। କିନ୍ତୁ ସିଦ୍ଧ ପୁରୁଷ ବା ସଦ୍‌ଗୁରୁ ବିନା ଚିଦାନନ୍ଦ ପ୍ରାପ୍ତ ଅସମ୍ଭବ ହୋଇଥାଏ। ଜୀବାତ୍ମା ବା ପୁରୁଷ, ଭଗବାନ ହେଉଛନ୍ତି ପରମାତ୍ମା ଏବଂ ମର୍ତ୍ତ୍ୟରେ ରହିଲେ ମହାତ୍ମା ବା ମହାପୁରୁଷ ଯାହାଙ୍କୁ ଆମେ ଦିବ୍ୟାତ୍ମା ବୋଲି କହିଥାଉଁ। ଏହି ଦିବ୍ୟାତ୍ମା ବା ମହାପୁରୁଷ ହିଁ ମଣିଷ କିପରି 'ଶରଣାଗତି' ହେବ ମାର୍ଗ ଦର୍ଶନ କରିଥା'ନ୍ତି। ମହାତ୍ମା ବା ମହାପୁରୁଷ ଈଶ୍ୱରଙ୍କ ଇଚ୍ଛାରେ ସବୁକାମ କରନ୍ତି କେବଳ ଜୀବକଲ୍ୟାଣ ପାଇଁ କାରଣ ସେ ସମସ୍ତଙ୍କର ସ୍ରଷ୍ଟା। କିନ୍ତୁ ସ୍ଥିତିବାଦୀ ବା ନାସ୍ତିକ ବ୍ୟକ୍ତିର ବୈଜ୍ଞାନିକ ମନ କହିବ, ଆଗ ଈଶ୍ୱର ଦେଖା, ତା'ପରେ ମୁଁ ସାଧନା-ପୂଜା-ଭକ୍ତି-ଆରାଧନା କରିବି। କିନ୍ତୁ ଏହା ଅସମ୍ଭବ ଠିକ୍ ଯେପରି ବିବାହ ପୂର୍ବରୁ ସନ୍ତାନ ଆଶା କରିବା ଭଳି ହାସ୍ୟାସ୍ପଦ। ଆଗେ ଈଶ୍ୱର ଦର୍ଶନ ଓ ପରେ ଭକ୍ତି ଢାଳିବା ଯୁକ୍ତି ଗ୍ରହଣୀୟ ନୁହେଁ କାଳେ କାଳେ। ଏଥିପାଇଁ ସାଂସାରିକ ମଣିଷର ଆବଶ୍ୟକ ହୁଏ ସତ୍‌ସଙ୍ଗ। ଆମେ ସାଧାରଣ ମଣିଷ ସାଂସାରିକ ବିଷୟାରସରେ ବୁଡି ରହି ଏଭଳି ସ୍ଥିତିରେ ଅଛୁ ଯେ ଜେଲ୍ ପରିସରରେ ତିନି ଜଣ ବ୍ୟକ୍ତିଙ୍କୁ ଦେଖି ସମସ୍ତଙ୍କୁ ଅପରାଧୀ ବୋଲି ମନେ କରିଥାଉଁ। କିନ୍ତୁ ସମସ୍ତେ ଅପରାଧୀ ନୁହନ୍ତି- ହୁଏତ ଜଣେ ଦାଗୀ ବା ଅପରାଧୀ, ଅନ୍ୟ ଜଣେ ତା' ଦାୟିତ୍ୱରେ ଥିବା ଜେଲର୍ ଓ ଆଉ ଜଣେ ନ୍ୟାୟପାଳକ ବା ରାଜା। ଅପରାଧୀର ସଂସ୍ପର୍ଶରେ ଜେଲର୍ ଆସିଥିବାରୁ ସେ ତା'ର ସଂସ୍କାରିତ ଗୁଣ ଯୋଗୁଁ ରାଜାଙ୍କୁ କହି ଅପରାଧର ଦଣ୍ଡ ଲାଘବ କରି ପାରନ୍ତି। ଠିକ୍ ସେମିତି ଜେଲର୍ ଭଳି ମହାତ୍ମା ବା ସଦ୍‌ଗୁରୁ ଚାହିଁଲେ ଜୀବକୁ ନିଜ ଐଶ୍ୱରିକ ଶକ୍ତି ବଳରେ ମୁକ୍ତ କରି ଦେଇ ପାରନ୍ତି କିମ୍ବା ଦଣ୍ଡ ଲାଘବ କରି ପାରନ୍ତି। କିନ୍ତୁ ସେଥିପାଇଁ କାୟ ମନୋବାକ୍ୟରେ ଶରଣାଗତ ହେବା ଆବଶ୍ୟକ...

ମଉନ ବାବାଙ୍କ ସଂକ୍ଷେପୋକ୍ତିରେ ମୁଁ ସେଦିନ ଆକର୍ଷିତ ହୋଇଥିଲି ଏବଂ ତାଙ୍କୁ ହିଁ ମନେ ମନେ ଦିବ୍ୟାତ୍ମା ଗୁରୁ ଭାବେ ନିର୍ବାଚିତ କରି ସନ୍ତୋଷ ଲଭିଥିଲି।

ମନୁଷ୍ୟର ମୃତ୍ୟୁ ସମ୍ବନ୍ଧରେ ଅନନ୍ତ୍ୱାର ତାଙ୍କ ବୈଜ୍ଞାନିକ ମତ ତଥ୍ୟ ଉପସ୍ଥାପନା କଲେ ଚୁମ୍ବକରେ ଶରୀର ତତ୍ତ୍ୱବିତ୍ ହାଲିବର୍ଟନଙ୍କ ଗବେଷଣାକୁ ଉଦ୍ଧାର କରି। ମୃତ୍ୟୁ ହେଉଛି ପ୍ରତ୍ୟେକ ବ୍ୟକ୍ତିଙ୍କର ଜୀବନର ଶେଷ ଅଧ୍ୟାୟ। ବାର୍ଦ୍ଧକ୍ୟ ଉପସ୍ଥିତ ହୁଅନ୍ତେ, ଦୃଷ୍ଟି ଶକ୍ତି କ୍ଷୀଣ ହୋଇଆସେ, ଉପାସ୍ଥି ବା କାଟିଲେଜଗୁଡ଼ିକରେ କାଲସୀକରଣ ହୋଇଆସେ, ମାଂସପେଶୀଗୁଡ଼ିକ ଦୁର୍ବଳ ହୋଇଯାଆନ୍ତି, ହଜମ ଶକ୍ତିର ତେଜ କମିଆସେ, ଦେହ ଭିତରେ ଯେଉଁସବୁ ଶାରୀରିକ କ୍ରିୟା ଚାଲିଥାଏ, ସେଗୁଡ଼ିକ ଆଉ ପୂର୍ବଭଳି ଠିକ୍ ଠିକ୍ ଚାଲେ ନାହିଁ, ଶାରୀରିକ କ୍ରିୟା କ୍ରମେ କ୍ରମେ ଦୁର୍ବଳରୁ ଦୁର୍ବଳତର

Digitized by PPRACHIN, SOA

ହୋଇ ଶେଷରେ ବନ୍ଦ ହୋଇଯିବାର ଅନ୍ୟନାମ 'ମୃତ୍ୟୁ'। ବହୁ ଲୋକଙ୍କ ମୃତ୍ୟୁର କାରଣ ହେଉଛି 'ଆକ୍‌ସିଡେଣ୍ଟ ବା ଅପ୍ରତ୍ୟାଶିତ ଦୁର୍ଘଟଣା ବା ଅପମୃତ୍ୟୁ। ରୋଗ ସେଇଭଳି ଗୋଟିଏ ଘଟଣା। ଯେତେବେଳେ ଯୌବନର ରାଜୁତି ଚାଲିଥାଏ, ବିଭିନ୍ନ ରୋଗ ଆସିଥାଏ, ଯୁବ ଶରୀରର ପ୍ରତିଷେଧକ ଶକ୍ତି ଯୋଗୁଁ ରୋଗ ପରାଜୟ ସ୍ୱୀକାର କରି ଫେରିଯାଏ। ବୟସ ବୃଦ୍ଧି ସଙ୍ଗେ ସଙ୍ଗେ ଯେତେବେଳେ ପ୍ରତିରୋଧର ଶକ୍ତି କମି ଆସେ, ସେତେବେଳେ ଦେଖାଯାଏ ଗୋଟିଏ କୌଣସି ରୋଗ ଆସି ଶରୀରର ଗୋଟାଏ ଗୁରୁତ୍ୱପୂର୍ଣ୍ଣ ଅଙ୍ଗକୁ ହୁଏତ ଗ୍ରାସି ଗଲାଣି ଓ ଶରୀରର ଆଉ ଶକ୍ତି ନାହିଁ ତାହାର ସେହି ଆକ୍ରମଣର ମୁକାବିଲା କରିବା ପାଇଁ। ସେଇଠି ଶେଷ ହୋଇଯାଏ ତା'ର ଜୀବନ।

ସବୁଠାରୁ ପରାମାଶ୍ଚର୍ଯ୍ୟର ଘଟଣା ହେଉଛି ଅନ୍‌ୱାର ଅଲ୍ଲାଙ୍କ ଦାମ୍ପତ୍ୟ ଜୀବନ ଘଟଣା, ଯଦ୍ୱାରା ସେ ମୃତ୍ୟୁ ଓ ମୃତ୍ୟୁପର ଜୀବନ ଓ ମନୁଷ୍ୟ ଦୀର୍ଘାୟୁ ହେବା ସମ୍ବନ୍ଧରେ ଜିଜ୍ଞାସା ଓ ଗବେଷଣା ଅବ୍ୟାହତ ରଖିଛନ୍ତି । ତାଙ୍କ ସୁନ୍ଦରୀ ପତ୍ନୀ ଏଲିଜା ବେଣ୍ଟିକ୍ ବିଧବା ଥିଲେ । ତାଙ୍କ ପ୍ରଥମ ସ୍ୱାମୀ ଜନ୍ ହରକ୍ୟୁଲେକ୍ସ ବ୍ରିଟିଶ୍ ବାୟୁସେନାରେ କ୍ୟାପଟେନ୍ ଭାବେ କାର୍ଯ୍ୟରତ ଥିଲେ । ସେ ବିମାନ ଯାତ୍ରା କଲାବେଳେ ୪୦୧ ବୋଇଂ ବିମାନଟି ମିଆମି ଠାରୁ ଦୂରରେ ସନ୍ତସନ୍ତିଆ ଭୂମିରେ ତଳକୁ ଖସିପଡିଥିବାରୁ ବହୁ ଲୋକ ପ୍ରାଣ ହରାଇଥିଲେ । କ୍ୟାପଟେନ୍ ତତ୍‌କ୍ଷଣାତ୍ ପ୍ରାଣତ୍ୟାଗ କରିଥିଲେ, କିନ୍ତୁ ସମସ୍ତଙ୍କୁ ବିସ୍ମିତ କରି ଦୁର୍ଘଟଣାର ଅଳ୍ପ ସମୟ ପରେ ଚାଲି ଚାଲି ଯାଇ ତାଙ୍କ ଘରେ ପହଞ୍ଚିଥିଲେ। ଦାରୁଣ ମାନସିକ ଆଘାତପ୍ରାପ୍ତ ପରିବାର ସଦସ୍ୟମାନେ ତାଙ୍କୁ ଦେଖି ଅବାକ୍ ହୋଇଗଲେ ଏବଂ ଉଡ଼ାଣରେ କାହିଁକି ଯାଇ ନାହାନ୍ତି ବୋଲି ପଚାରିଲେ। ସେ ଉତ୍ତର ଦେଲେ, ବିମାନଟି ଦୁର୍ଘଟଣାଗ୍ରସ୍ତ ହୋଇଗଲା ଏବଂ ସେ ପ୍ରାଣତ୍ୟାଗ କରିଛନ୍ତି। କି ଆଶ୍ଚର୍ଯ୍ୟ କଥା! ସେ ଯେ ଘରକୁ ଫେରି ଆସିଛନ୍ତି! ଅବଶ୍ୟ ସେ ସମସ୍ତଙ୍କୁ ପୁଣି ବିସ୍ମିତ କରି ତତ୍‌କ୍ଷଣାତ୍ ଅଦୃଶ୍ୟ ହୋଇଗଲେ । ଅନ୍ୟ ଗୋଟିଏ ଦିନ ଏହି ପରଲୋକାଗତ କ୍ୟାପ୍‌ଟେନ ତାଙ୍କ ପୋଷାକ ପିନ୍ଧି ମିଆମିରୁ ଯାଉଥିବା ଗୋଟିଏ ବିମାନରେ ବସିଲେ। ଯେତେବେଳେ ବିମାନଯାତ୍ରୀଙ୍କୁ ଜଣାଗଲା କ୍ୟାପ୍‌ଟେନ ପୋଷାକରେ ଥାଇ ଜଣେ ଯାତ୍ରୀଥିବା ଦେଖାଗଲା, ସେ କିଏ ବୋଲି ପଚାରିବାରୁ ସେ ନିରୁତ୍ତର ରହିଥିଲେ। ଏକଥା ଉଡ଼ାଣର କ୍ୟାପ୍‌ଟେନଙ୍କୁ ଜଣାଇ ଦିଆଯିବାରେ ସେ ଆସି ଏହି ରହସ୍ୟମୟ ଯାତ୍ରୀଙ୍କୁ ଦୁର୍ଘଟଣାଗ୍ରସ୍ତ ହୋଇଥିବା ୪୦୧ ବିମାନ ଉଡାଣର କ୍ୟାପ୍‌ଟେନ ଜନ୍ ହରକ୍ୟୁଲେକ୍ସ ବୋଲି ଚିହ୍ନଟ କରିଥିଲେ । ସେ ତତ୍‌କ୍ଷଣାତ୍ ବସିବା ଜାଗାରୁ ଅନ୍ତର୍ଦ୍ଧାନ ହୋଇଗଲେ।

Digitized by PPRACHIN, SOA

ଦିନେ ବିଧବା ସ୍ତ୍ରୀ ଏଲିଜା ବେଣ୍ଟିକ୍‌କୁ ଦିବଂଗତ ଜନ୍ ହର୍‌କ୍ୟୁଲେକ୍ ସ୍ୱପ୍ନରେ ଅଥବା ପରୋକ୍ଷରେ କହିଲେ ଜଣେ ଶିକ୍ଷିତ ବୈଜ୍ଞାନିକଙ୍କୁ ଦ୍ୱିତୀୟବାର ବିବାହ କରିବା ପାଇଁ । ଏ ଘଟଣା ପରେ ଏକ ସୁଯୋଗ ଆସିଲା। ମେଣ୍ଟମୋର ଟାୱାର୍‌ସରେ ଏକ ବର୍ଣ୍ଣାଢ଼୍ୟ ଡିନରପାର୍ଟିରେ ଉପସ୍ଥିତ ଅନ୍‌ୱାର ଅଲ୍ଲୀଙ୍କ ସଙ୍ଗେ ସହନର୍ତ୍ତକୀ ହେବା ପାଇଁ ଏଲିଜାଙ୍କୁ ନିମନ୍ତ୍ରଣ କରନ୍ତେ, ଏଲିଜା ମୃତ ସ୍ୱାମୀ କ୍ୟାପଟେନ୍‌ଙ୍କ ପରାମର୍ଶ ମନେ ପକାଇ ଅନ୍‌ୱାରଙ୍କ ସହନର୍ତ୍ତକୀ ହେବାପାଇଁ ଅମଙ୍ଗ ବା ଅମତ ହୋଇନଥିଲେ । ସେମାନେ ନାଚୁଥିବା ବେଳେ ଅନ୍‌ୱାର ବିବାହ ପ୍ରସ୍ତାବ ଦେଲେ ଏବଂ ତହିଁ ଆରଦିନ ଚର୍ଚ୍ଚରେ ବିବାହ କରିନେଲେ ଶୁଭସ୍ୟ ଶୀଘ୍ରଂ ନ୍ୟାୟରେ। ଦିବଂଗତ ସ୍ୱାମୀ କ୍ୟାପ୍‌ଟେନ ଜନ୍‌ଙ୍କର ଆଉ ଗୋଟିଏ ଅନୁରୋଧ-ପରାମର୍ଶ ଥିଲା ଏଲିଜାଙ୍କ ପ୍ରତି- ମିଆମିକୁ ୪୦୧ ଉଡାଣରେ ମଝିରେ ମଝିରେ ଏକଲା ଆସିବେ, ଦୁଇଟି ଟିକଟ କାଟିବେ, ଗୋଟିଏ ଏଲିଜା ଓ ଅନ୍ୟଟି ଜନ୍‌ଙ୍କର । ଏଣୁ ଏଲିଜା ଏମିତି ମଝିରେ ମଝିରେ ୪୦୧ରେ ବିମାନ ଯାତ୍ରା କରିଥା'ନ୍ତି। ତାଙ୍କ ସଂଲଗ୍ନ ସିଟ୍‌ଟି ଖାଲି ପଡ଼ିଥାଏ। ଏଲିଜା କହନ୍ତି, ସେ ଦିବଂଗତ ସ୍ୱାମୀଙ୍କ ସାନ୍ନିଧ ଲାଭ କରିଥାନ୍ତି ସତେ ଯେମିତି ପୂର୍ବଭଳି କ୍ୟାପ୍‌ଟେନ୍ ଜନ୍ ପାଖେ ପାଖେ ଅଛନ୍ତି, କଥାବାର୍ତ୍ତା ହେଉଛନ୍ତି। ଇତ୍ୟାଦି....। ଏହି ପ୍ରକାର ସାନ୍ନିଧ ଦିବଂଗତ ସ୍ୱାମୀଙ୍କ ଅନ୍ୟୂନ ଏକ ବର୍ଷ ପର୍ଯ୍ୟନ୍ତ ଅନୁଭୂତ ହେଲା, କିନ୍ତୁ ଏଲିଜାଙ୍କ ଦ୍ୱିତୀୟ ବିବାହର ଏକ ବର୍ଷ ପୂର୍ତ୍ତି ପରେ ପରଲୋକାଗତ କ୍ୟାପ୍‌ଟେନ୍‌ଙ୍କର ଅଶରୀରୀ କାର୍ଯ୍ୟକଳାପ ଆଉ ଅନୁଭୂତ ହେଲା ନାହିଁ । ବୋଧହୁଏ ତାଙ୍କ ପ୍ରେତାତ୍ମା ଇତି ମଧ୍ୟରେ ସଦଗତି ଲାଭ କରିଥିଲା ବୋଲି କହନ୍ତି ଏଲିଜା । ଏବେ ଏଲିଜା ଖୁବ୍ ସୁଖମୟ ଦାମ୍ପତ୍ୟ ଜୀବନ ବିତାଉଛନ୍ତି ଅନ୍‌ୱାରଙ୍କ ସହିତ ।

ଏମିତି ଅବସର ସମୟରେ ଅବା ଛୁଟିଦିନମାନଙ୍କରେ ଆମେ ବନ୍ଧୁଦ୍ୱୟ ଗପସପ ଆଳାପବେଳେ ଅନେକ ଭୌତିକ, ଅଧିଭୌତିକ, ଜ୍ଞାନ ବିଜ୍ଞାନ, ତାତ୍ତ୍ୱିକ ଆଲୋଚନା ପର୍ଯ୍ୟାଲୋଚନା କରିଥାଉଁ। ମନୁଷ୍ୟଟି କେତେ ବର୍ଷ ବଞ୍ଚିବା ଉଚିତ ଓ ସାଧାରଣତଃ କେତେବର୍ଷ ବଞ୍ଚେ ଆମ ଆଲୋଚନା ପରିସର ଭିତରକୁ ଆସି ଯାଇଥାଏ। ପ୍ରାଚୀନ ଭାରତରେ ଆୟୁର ଅସାଧାରଣ ପରିସର ୧୦୮ ବର୍ଷ ବୋଲି ଆମ ହିନ୍ଦୁ ଶାସ୍ତ୍ର ପୁରାଣରେ ଉଲ୍ଲେଖ ଅଛି ଏବଂ ବୈଦିକ ମନ୍ତ୍ରରେ ଉଲ୍ଲେଖ ଅଛି ଯେ କୌଣସି ମଙ୍ଗଳ କାର୍ଯ୍ୟରେ ଆଶୀର୍ବଚନରେ 'ଅଷ୍ଟୋତ୍ତର ଶତ ସମ୍ବତ୍ସର ଜୀବିତାରସ୍ତୁ' ବୋଲି କୁହାଯାଏ। ଜଣେ ଯଦି ୧୦୦ରୁ ଟିକିଏ ଅଧିକ ବା ୧୦୮ ବର୍ଷ ପର୍ଯ୍ୟନ୍ତ ବଞ୍ଚିଲା ସେ ନିଜକୁ ଭାଗ୍ୟବାନ ତଥା ପୁଣ୍ୟବାନ ବୋଲି ମନେ କରୁଥିଲା।

ମନୁଷ୍ୟର କିପରି ୧୦୮ ବର୍ଷ ଆୟୁଷ ହେଲା ବୋଲି ଅନ୍‌ୱାର ପଚାରିବାରୁ

Digitized by PPRACHIN, SOA

ଏକ ହାଲୁକା ବ୍ୟଙ୍ଗୋପାଖ୍ୟାନ କହିଲି- ଜଗତର ସୃଷ୍ଟିକର୍ତ୍ତା ବିଧାତା ପୁରୁଷ ପରମେଶ୍ୱର ପ୍ରାଣୀମାନଙ୍କୁ ଯେତେବେଳେ ସୃଷ୍ଟିକଲେ, ସବୁ ପ୍ରାଣୀକୁ ୪୦ ବର୍ଷ ଲେଖାଏଁ ଆୟୁଷ ପ୍ରଦାନ କରିଥିଲେ ଏବଂ ସମସ୍ତେ ନିଜ ନିଜ କାମ କର୍ତ୍ତବ୍ୟ ସଂପାଦନ କରିବାକୁ କହିଥିଲେ। ମଣିଷ ସବୁଠୁଁ ବୁଦ୍ଧିଆ ପ୍ରାଣୀ, ସେ ବିନୟ ଅନୁନୟ ହୋଇ ଜଗଦୀଶ୍ୱରଙ୍କୁ ଆପତ୍ତି ଅନୁଯୋଗ କରି କହିଲା, ତା'ର ୧୦ ବର୍ଷ କାଳ ଶିଶୁ-ଶୈଶବ ଓ କୈଶୋର ଅବସ୍ଥା, ତାପର ୧୦ ବର୍ଷ ଯୌବନ-ଦାମ୍ପତ୍ୟ ଜୀବନ, ତହିଁ ପରେ ସାଂସାରିକ ପାରିବାରିକ ଦାୟିତ୍ୱ ସଂପାଦନ ଏବଂ ଶେଷ ୧୦ ବର୍ଷ ଯନ୍ତ୍ରଣାମୟ ବ୍ୟାଧିଗ୍ରସ୍ତ ବାର୍ଦ୍ଧକ୍ୟ। ଏହି ୪୦ ବର୍ଷ ସୀମିତ ସମୟ ଭିତରେ ସେ ଜୀବନରେ କିଛି ଭଲ କାମ କରି ପାରିବ ନାହିଁ, କିଛି କରିବା ପୂର୍ବରୁ ତା ଆୟୁ ସରି ଯାଇଥିବ। ମନୁଷ୍ୟ ଦେହେ ଦିବ୍ୟଜ୍ଞାନ, ସନ୍ତୋଷ ହୋଇଲେ ଭଗବାନ। ତା ଅର୍ଜି ଆପତ୍ତିର ପୁନର୍ବିଚାର କରିବେ ବୋଲି କହିଲେ ଭଗବାନ। ଇତି ମଧ୍ୟରେ ଗୋଟିଏ ଗଧ ଭଗବାନଙ୍କୁ ଗୁହାରି କରି କହିଲା, ହେ ମହାଭାଗ ଈଶ୍ୱର, ମୋ ଜୀବନଟା କେବଳ ମଣିଷ ପାଇଁ ଭାର ବୋହି ବୋହି ଖଟଣିରେ କଟିଲା। ଏତେ ବର୍ଷ ଖଟଣି ମୋ ପାଇଁ ଖୁବ୍ ବେଶୀ ହୋଇଯାଉଛି। ମୋର ଆୟୁଷ କମେଇ ଦିଅ ମହାପ୍ରଭୁ। ଏଣୁ ଭଗବାନ ତା'ର ଆୟୁଷ ୨୦ ବର୍ଷ କମ୍ କରି ଦେଇ ମନୁଷ୍ୟ ଆୟୁଷରେ ଯୋଗ କରିଦେଲେ। ତାପରେ କୁକୁର ତା ଦୁଃଖ ଜଣାଇବାକୁ ଆସିଲା। ତାର ୪୦ ବର୍ଷକାଳ ମଣିଷର ଜଗୁଆଳି କାମ କରି କରି ସେ ନୟାନ୍ତ, ତା ଭୋକିଲା ଜୀବନକାଳ ଜଗୁଆଳରେ ଶେଷ ହୋଇଯାଉଛି। ଏଣୁ ତା କଷ୍ଟକାଳ କମାଇଦେବାକୁ ପ୍ରାର୍ଥନା କଲା। ଭଗବାନ ତା ଆୟୁଷରୁ ୨୫ ବର୍ଷ ନେଇ ଇଚ୍ଛେଷୁ ମଣିଷର ଆୟୁରେ ଯୋଗ କରିଦେଲେ। ଯାପରେ ନିଶାଚର ପେଚା ଆସିଲା। ଦିନବେଳେ ସେ ଆଖିଥାଇ ଅନ୍ଧ, ବୁଲାଚରା କରି ପାରୁନାହିଁ। ରାତିରେ ଖାଦ୍ୟ ଅନ୍ୱେଷଣ କରି କରି ଅଭୁକ୍ତ ରହି ୪୦ ବର୍ଷକାଳ ଦିନ କାଟୁଛି ବହୁ କଷ୍ଟରେ। ତା ଦୀର୍ଘାୟୁ କମାଇ ଦେବାକୁ ମିନତି କରନ୍ତେ ଭଗବାନ ତା ୪୦ ବର୍ଷ ଆୟୁର ୨୩ ବର୍ଷ ବିୟୋଗ କରି ମନୁଷ୍ୟ ଆୟୁରେ ଯୋଗ କରିଦେଲେ। ଏହିପରି ମଣିଷର ପରମାୟୁ ୧୦୮ ବର୍ଷ ହେଲା।

ବ୍ୟଙ୍ଗ ଉପାଖ୍ୟାନଟି ଶୁଣି ଅନୱାର ହସି ହସି ବେଦମ୍ ହୋଇଗଲେ ହାସ୍ୟରସ ବଟିକାଟିଏ ଖାଇଲା ଭଳି। ଆୟୁଷ ସମ୍ବନ୍ଧରେ ଏକ ଚମତ୍କାର ପୌରାଣିକ ଆଖ୍ୟାନ ତଥା କଥାଣୀ ବୋଲି ମତ ଦେଲେ ଓ ବୈଜ୍ଞାନିକ ଦୃଷ୍ଟିକୋଣରେ ବୁଝାଇ କହିଲେ - ଆୟୁଷ ବିଷୟରେ ଅଧିକ ଆଲୋଚନା କରିବା ପୂର୍ବରୁ ଆମେ ଗୋଟିଏ ମୌଳିକ କଥାକୁ ନେବା। ପ୍ରଥମେ ଯେଉଁ 'ଜୀବ'ର ସୃଷ୍ଟି ହୋଇଥିଲା ତାହା ଏତେ କ୍ଷୁଦ୍ର ଥିଲା ଯେ ଆଖିକୁ ଦେଖାଯିବ ନାହିଁ। ସେହି ଆଦ୍ୟଜୀବ 'ଏକକୋଷୀ'। ଯେତେବେଳେ

Digitized by PPRACHIN, SOA

ତା'ର 'ବୟସ' ପାକଳ ହୋଇଯାଏ ସେ ଗୋଟିକରୁ ଦୁଇଟି ଏବଂ ଦୁଇଟିରୁ ଚାରିଟି ଏମିତି ଭାଗଭାଗ ହୋଇଯାଏ। ତେଣୁ କୌଣସିଟିର ମୃତ୍ୟୁ ହୁଏନାହିଁ। ଗୋଟିଏ ଆଦ୍ୟଜୀବ ବା 'ପ୍ରୋଟୋଜୋଆ' ଯେପରି ଭାବରେ ଥିଲା, ଏକରୁ ଦୁଇ ହେଲା ବେଳେ ସେହିପରି ଭାବରେ ରହିଲା। ତା'ର ବଂଶବୃଦ୍ଧି ହେଲା ସିନା , ମୃତ୍ୟୁ ହେଲା ନାହିଁ, ହୁଏତ ତାକୁ ଏକ ପ୍ରକାର ଅମର ବୋଲାଯାଇପାରେ। କିନ୍ତୁ ତାହା ପରେ ପରେ ପ୍ରକୃତି ଯେଉଁସବୁ ଜୀବ ସୃଷ୍ଟିକଲା, ସେଗୁଡ଼ିକ 'ବହୁକୋଷୀ ଜୀବ'। ପ୍ରକୃତି ଯେତେବେଳେ ବହୁକୋଷୀ ଜୀବ ଗଢ଼ିଲା, ତାହା ଗୋଟିଏରୁ ଦୁଇ ହୋଇଯିବାର ପ୍ରଶ୍ନ ଆଉ ରହିଲା ନାହିଁ। ଏକ କୋଷୀ ଜୀବର ସିନା ଅଙ୍ଗ ପ୍ରତ୍ୟଙ୍ଗ ନଥାଏ ଯଦ୍ୱାରା ତାକୁ ପ୍ରକୃତି ଗୋଟିଏରୁ ଦୁଇଟି କରିବା ସହଜ, କିନ୍ତୁ ବହୁକୋଷୀ ଜୀବ ଏକରୁ ଦୁଇ ନିଜେ ନିଜେ କରି ପାରେନାହିଁ। ତେଣୁ ସେମାନେ ନିଜ ନିଜ ସନ୍ତାନ ସନ୍ତତିଙ୍କ ଜରିଆରେ ଅମର ରହିବେ ସିନା, ଯେଉଁ ଶରୀରଟି ଧରିଛନ୍ତି ତାକୁ ଠିକ୍ ଦୁଇଭାଗ କରିଦେଇ ବଞ୍ଚିବା ହେବ ନାହିଁ। ମାତାପିତାଙ୍କ କିଛି ଅଂଶ ନେଇ ସନ୍ତାନକୁ ଗଢ଼ାଯାଇଛି। ତା ଭିତରେ ସେଲ୍ ବା ଜୀବକୋଷ ଗୋଟିକରୁ ଦୁଇଟି ହେଉଛନ୍ତି ସତ, କିନ୍ତୁ ସମୁଦାୟ ଶରୀରଟା ଦୁଇଟା ହେଉନାହିଁ। ଏହି ଜୀବ ଯେତେବେଳେ ଉନ୍ନତରୁ ଉନ୍ନତତର ହେଲା, ସେତେବେଳେ ଅତିସରଳ ଭାବେ ବଂଶବୃଦ୍ଧି ପ୍ରକ୍ରିୟାରୁ ବଞ୍ଚିତ ହେଲା। ଏଣୁ ଉନ୍ନତ ଜୀବ ଶରୀର ଦିନେ ନା ଦିନେ ମୃତ୍ୟୁ ମୁଖରେ ପଡିବ, ଯାହା ପୂର୍ବରୁ ହିନ୍ଦୁ ଧାରଣା ଓ ମତବାଦରେ ଆଲୋଚିତ। ସବୁ ଧର୍ମତତ୍ତ୍ୱ ଦୃଶ୍ୟ ଜଗତରୁ ଅଦୃଶ୍ୟ ଜଗତକୁ ପ୍ରଲମ୍ବିତ, କିନ୍ତୁ ବିଜ୍ଞାନର ଅନ୍ୱେଷଣ ଓ ଉଦ୍ଭାବନ ଅଦୃଶ୍ୟ ଜଗତରୁ ଦୃଶ୍ୟ ଜଗତକୁ ଆଣି ଆଲୋକିତ କରିବା।

ରାତିରେ ଡିନର ଟେବୁଲରେ ରାତ୍ରାହାର ଖାଉଥିଲା ବେଳେ ବୈଜ୍ଞାନିକ ଅନୱାରଙ୍କୁ ପଚାରିଲି – ପ୍ରକୃତରେ ଅନୱାର, ମଣିଷ କେତେ ବର୍ଷ ବଞ୍ଚେ ? ପୃଥିବୀରେ ମଣିଷର ହାରାହାରି ବୟସ କେତେ ?

: ଷାଠିଏ ବର୍ଷ।

: କିପରି ?

: ବେଳେବେଳେ ଅନେକ ସମୟରେ ଅତିରଂଜିତ କଥା କୁହାଯାଇଥାଏ ତାହା କେବଳ କଳ୍ପନାଜଳ୍ପନା । ଅନେକ ସ୍ଥାନରେ କବର ଖୋଳି ବହୁ ପୁରୁଣା ଯୁଗର ହାଡ଼ ବାହାର କରାଯାଇଛି – ମାଟି ଖୋଳୁ ଖୋଳୁ ହଜାର ହଜାର ବର୍ଷ ତଳର ଶ୍ମଶାନର ସନ୍ଧାନ ମିଳିଛି। ସେଗୁଡ଼ିକରୁ ଏହି ତଥ୍ୟ ମିଳିଛି ଯେ ପୂର୍ବେ ସାଧାରଣ ଲୋକେ ଅଧିକ ବର୍ଷ ପର୍ଯ୍ୟନ୍ତ ବଞ୍ଚୁନଥିଲେ କିନ୍ତୁ କ୍ରମେ ଲୋକମାନଙ୍କର ହାରାହାରି ଜୀବନକାଳ ଅଧିକ

Digitized by PPRACHIN, SOA

ହେବାକୁ ଲାଗିଲା। ଏବେ କେତେକ ଦେଶରେ ଶହେ ବର୍ଷରୁ ଅଧିକ ବୟସର ବ୍ୟକ୍ତି ବଞ୍ଚି ରହିଛନ୍ତି। ତେବେ ପୃଥିବୀରେ ବିକଶିତ ଓ ଅବିକଶିତ ଦେଶମାନଙ୍କୁ ନେଇ ଜନସଂଖ୍ୟାକୁ ଭିତ୍ତି କରି, ପୃଥିବୀରେ ମଣିଷର ହାରାହାରି ବୟସ ୬୦ ବର୍ଷ।

ମୁଁ ଟିକିଏ ତର୍କ ଆଳରେ ସହାସ୍ୟରେ କହିଲି - ନା, ବନ୍ଧୁ ବୈଜ୍ଞାନିକ ମନୁଷ୍ୟର ଜୀଇଁବା ବୟସକାଳ ମାତ୍ର ୪୫, ହୋଇପାରେ ମଧ ୪୦ ବର୍ଷ।

: ଏହା କିପରି ?

: ଦିନରାତି ୨୪ ଘଣ୍ଟା ସମୟରୁ ମଣିଷ ୮ ଘଣ୍ଟା ବା ତଦୁର୍ଦ୍ଧ୍ୱ ଶୋଇଥାଏ ବା ଶୋଇବା ଆବଶ୍ୟକ କରିଥାଏ। ତା'ର ଜୀବନରେ ଅସୁସ୍ଥତା, ଦୁର୍ଘଟଣା, ମସ୍ତିଷ୍କ ବେମାରି ଇତ୍ୟାଦି ପାଇଁ ମଧ ଅଧିକ ଶୋଇବା ବା କୋମା ଅବସ୍ଥାରେ ରହିବା ସ୍ୱାଭାବିକ ନୁହେଁ କି ?

: ହଁ

: ଏଇ ଶୋଇବା ସମୟରେ ସେ ଜୀବନ୍ତ ମୃତ, କାରଣ ତା'ର ଚେତନା ନଥାଏ। ଇନ୍ଦ୍ରିୟଗୁଡ଼ିକ ସଂପୂର୍ଣ୍ଣ ନିଷ୍କ୍ରିୟ ଏବଂ ମସ୍ତିଷ୍କ ମଧ। କେବଳ ପବନ ଟିକକକୁ ହୃତ୍‌ପିଣ୍ଡ ଦ୍ୱାରା ରକ୍ତ ସଂଚାଳନ କରିଥାଏ। ଏହି ସମୟକୁ ଲିଭିଙ୍ଗ ଡେଡ୍ ବା 'ଜୀଅନ୍ତା ଶବ' ବୋଲି କହିବି। ଅତଏବ ୬୦ ବର୍ଷ ବୟସର ଏକ ତୃତୀୟାଂଶ ବା ତାଠୁଁ କିଛି ଅଧିକ ବାଦ ଦେଲେ ୪୦ ବର୍ଷ। ମନୁଷ୍ୟ ୪୦ ବର୍ଷ ବଞ୍ଚେ କହିଲେ କିଛି ଭୁଲ ହେବ କି ? ଏହା ଆମ ଗଧ-କୁକୁର-ପେଚା ଉପାଖ୍ୟାନ ସହିତ ମେଳ ଖାଉ ନାହିଁ କି ?

ଅନ୍‌ୱାର ହସନ୍ତ ମୁଖରେ କହିଲେ- ମୋହନ, ତମେ ଜଣେ ତର୍କଶାସ୍ତ୍ରୀ ବୋଲି ମନେ ହେଉଛି ମୋର। ପ୍ରକୃତରେ ତମେ ଧନ୍ୟବାଦର ପାତ୍ର। ତତ୍‌କ୍ଷଣାତ ମୁଁ କହିଲି- 'ପାତ୍ର' ନୁହେଁ ବନ୍ଧୁ 'ମହାପାତ୍ର'। ମୋର ସାଙ୍ଗିଆ ମହାପାତ୍ର। କଲେଜ ସମୟ ମନେ ପକାଅ ତ ! ତର୍କ ପ୍ରତିଯୋଗିତାରେ ବିଦ୍ୟାର୍ଥୀ କାଳରେ କେବେ ଦ୍ୱିତୀୟ ହୋଇଛି କି ?

ଅନ୍‌ୱାର ମୋ ପିଠି ଉଲ୍ଲସିତ ଥାପୁଡାଇଲେ ସ୍ୱୀକାରୋକ୍ତି ଭଙ୍ଗୀରେ। ଏଣେ ବାନ୍ଧବୀଦ୍ୱୟ ଆମର ଧର୍ମ-ଜ୍ଞାନ-ବିଜ୍ଞାନ ସମ୍ବନ୍ଧିତ କଥୋପକଥନକୁ ହାର୍ଦ୍ଦିକ ଉପଭୋଗ କରୁଥିଲେ...

ଏବେ ବୁଝିଲି ଅନ୍‌ୱାରଙ୍କର ଗବେଷଣା ବସ୍ତୁ, ଜୀବିକା, ଜୀବନଶୈଳୀ ଓ ତାଙ୍କ ଦାମ୍ପତ୍ୟ ଜୀବନ ଏକାକାର ହୋଇଯିବାର କାରଣ । ବାଃ...

ଗୋଟିଏ ବର୍ଷ ଏମିତି ଲଣ୍ଡନରେ ସୁରୁଖୁରୁରେ ଅତିବାହିତ ହୋଇଗଲା। ବିଲାତ ବୁଲା ଓ ପ୍ରଶିକ୍ଷଣ ପରେ ୱେବସାଇଟ୍ ସମ୍ବନ୍ଧିତ ଅନେକ ଜ୍ଞାନ ଆହରଣ କରି ଫେରିଲି ପୂର୍ବ କର୍ମସ୍ଥଳ ଭୁବନେଶ୍ୱରକୁ। ପ୍ରଶିକ୍ଷଣ ଇତ୍ୟାଦିର ଶିକ୍ଷା ସନ୍ଦର୍ଭ ପ୍ରସ୍ତୁତିରେ ଲାଗିରହିଲି।

◆◆◆

Digitized by PPRACHIN, SOA

- ୧୭ -

ଭୁବନେଶ୍ୱର। ଖରା ଦିନିଆ ଦ୍ୱି'ପ୍ରହରର ଏକ ଅଳସ ମୁହୂର୍ତ୍ତରେ କ୍ଳାନ୍ତି ଅପନୋଦନ କରୁଥିବାବେଳେ ମୋର ବିଦେଶଗସ୍ତ ଦ୍ୱାରା ପଡି ପାରି ନଥିବା ପୁରୁଣା ଖବରକାଗଜ ଉପରେ ଆଖି ବୁଲାଉ ଥିଲି। ବିଗତ ମାର୍ଚ୍ଚ ୨୪, ୧୯୯୬ ର ସମ୍ବାଦ ପତ୍ରର ରବିବାସରୀୟ ବିଚିତ୍ରା ପୃଷ୍ଠାରେ "ମିଷ୍ଟର ଖରସେଲ୍" ଶିରୋନାମାରେ ପ୍ରକାଶିତ ଏବଂ ଫଟୋ ସହିତ ସାମ୍ବାଦିକ ଲାଲମୋହନ ଓ ନବୀନଙ୍କ ଦ୍ୱାରା ଉପସ୍ଥାପିତ ଏକ ଫିଚର ଅଗ୍ରଲେଖା ମୋର ଦୃଷ୍ଟି ଆକର୍ଷଣ କଲା। ମିଷ୍ଟର ଖରସେଲ୍ ଶିରୋନାମାର ଠିକ୍ ତଳକୁ ଅପେକ୍ଷାକୃତ ବଡ ଅକ୍ଷରରେ ଲେଖାଥିବା ଉପକ୍ରମଣିକାଟି ଥିଲା ଏହିପରି - *"ସେ ନଥିଲା ଜଣେ ରାଜନେତା। କିନ୍ତୁ ତାକୁ ନେଇ ବିଧାନସଭାରେ ଉଠିଲା ଝଡ଼। ସେ ନଥିଲା ଜଣେ ଅପରାଧୀ, କିନ୍ତୁ ତା ପାଇଁ ଆଜନ୍ ଅଦାଲତରେ ମାମଲା ଦାୟର ହେଲା। ତା ପାଇଁ ଚହଳ ପଡିଗଲା ଦେଶସାରା। କିଛି ଲୋକ ଚାହୁଁଥିଲେ ତା'ର ଗୁଳିବିଦ୍ଧ ଶରୀର, ତା'ର ତୁରନ୍ତ ମୃତ୍ୟୁ। କିନ୍ତୁ କର୍ତ୍ତୃପକ୍ଷଙ୍କ କାର୍ଯ୍ୟାନୁଷ୍ଠାନରେ ବିଳମ୍ବ ସକାଶେ ତା ପାଇଁ ହୋଇଥିଲା ବନ୍ଦ ପାଳନ, ହରତାଳ। ଅନେକ ବି ଥିଲେ ତା'ର ସମର୍ଥକ। ସେମାନେ ଚାହୁଁଥିଲେ ତା'ର ମୁକ୍ତି। ସେ ହେଲା ବହୁ ଚର୍ଚ୍ଚିତ ନାୟକ "ମିଷ୍ଟର ଖରସେଲ୍।"*

ଏ 'ଖରସେଲ୍' ପୁଣି କିଏ ? ମନକୁ ମନ ପଚାରି ବସିଲି। ମୁଁ ଦୁଶ୍ଚିନ୍ତାଗ୍ରସ୍ତ ହେଲି । ଖରସେଲ୍ ରବୀନ୍ଦ୍ରର ଶଙ୍କର ନୁହେଁ ତ ! ମୋ ତାଳକ ଶୁଖିଗଲା ପରି ଲାଗିଲା।

ସନ୍ଦେହ ଦୋଳାରେ ମନଟା ଝୁଲି ଚାଲିଥିଲା ବେଳେ ଫିଚରଧର୍ମୀ ସଂପୂର୍ଣ୍ଣ ସଂବାଦଟି ମନଧ୍ୟାନ ଦେଇ ପଢିବାର ଆଗ୍ରହ ବଳବତ୍ତର ହୋଇଉଠିଲା।

"ଏକ ବର୍ଷ ପୂର୍ବେ ଖରସେଲ୍‌ର ମାହୁନ୍ତକୁ କୌଣସି ଏକ ଅପରାଧରେ ପୋଲିସ ବାନ୍ଧି ନେଇ ହାଜତକୁ ପଠାଇଦେଲା। ତା ପରେ ଖରସେଲ୍ ଜୀବନରେ ଘଟିଛି ଅଭୂତପୂର୍ବ ପରିବର୍ତ୍ତନ। ମାହୁନ୍ତକୁ ନ ଦେଖି ନ ପାଇ ସେ କ୍ରମଶଃ ଉଗ୍ର, ଅବାଧ, ହିଂସ୍ର ହୋଇଉଠିଲା ।

Digitized by PPRACHIN, SOA

"ଗତ ଡିସେମ୍ବରରେ ଅନେକ ଅନେକ ଚେଷ୍ଟା ପରେ ତାକୁ ଧରାଯାଇ ବଲାଙ୍ଗୀରରୁ ଚନ୍ଦକାକୁ ଅଣାଯାଇ ରଖାଯାଇଛି । ତା'ପୂର୍ବରୁ ସେ ବହୁତ ଚର୍ଚ୍ଚିତ ହୋଇସାରିଥିଲା । ଦେଶର ଅନ୍ୟ ହାତୀଠୁ ଖରସେଲ୍ ଭିନ୍ନ । ତା'ର ଲମ୍ବ ୧୨ଫୁଟ୍ ୫ଇଞ୍ଚ ଥିଲାବେଳେ ଉଚ୍ଚତା ୧୩ ଫୁଟ୍ ୪ ଇଞ୍ଚ (ମୁଣ୍ଡଠାରୁ ଆଗ ଗୋଡ଼ ପର୍ଯ୍ୟନ୍ତ) । ବୟସ ତୁଳନାରେ ତା'ର ଶରୀର ଅଧିକ ପୃଥୁଳ । ଏଇ ବୟସରେ ପଶୁବିଜ୍ଞାନୀଙ୍କ ମତରେ ଲମ୍ବ ଖୁବ୍ ବେଶୀରେ ୧୦ ଫୁଟ୍ ଓ ଉଚ୍ଚତା ୯ ଫୁଟ୍ ହେବା କଥା । ଏହାର ସବୁଠୁଁ ବଡ଼ ଆକର୍ଷଣ ହେଲା ତା'ର ଦୁଇଟା ମୋଟା ମସୃଣ ଦାନ୍ତ, ଯାହାର ଲମ୍ବ ୯ ଫୁଟ୍ ୯ ଇଞ୍ଚ। ତା' ବୟସ ଅନୁଯାୟୀ ଖୁବ୍ ବେଶୀରେ ଏହା ୭ ଫୁଟ୍ କିମ୍ବା ୭ଫୁଟ୍ ୬ ଇଞ୍ଚ ହେବା କଥା । ଶ୍ୱେତ ସଫେଦ ଚକ୍ ଚକ୍ ବିଶାଳ ଦାନ୍ତ ଦୁଇଟି ଶୁଣ୍ଢ ଅତିକ୍ରମ କରି ମିଳିତ ହେବା ଢଙ୍ଗରେ ଶେଷ ଭାଗ ଆଡ଼କୁ ଅଳ୍ପ ବଙ୍କେଇ ଯାଇ ସୁଦୃଶ୍ୟ ଦିଶୁଛି । ଜଣେ ପଥଚାରୀ ଘଡ଼ିଏ ଅଟକି ରହିବ ତା'ର ସୁବିଶାଳ ଦନ୍ତଦ୍ୱୟକୁ ଦେଖିବାକୁ । ରାଜକୀୟ ଠାଣି, ନିର୍ଭୟ ଦାମ୍ଭିକ ଚାହାଣି, ଆଭିଜାତ୍ୟପୂର୍ଣ୍ଣ ପାଦଚାଳନା... ଯେମିତି ସମଗ୍ର ସାମ୍ରାଜ୍ୟର ସେ ଏକଛତ୍ରପତି ସମ୍ରାଟ୍ ! ଜଗତର ସେ ଯେମିତି ଜଣେ ମର୍ଯ୍ୟାଦାବାନ ବିରଳ ବ୍ୟକ୍ତିତ୍ୱ, ସବୁଥିରେ ସ୍ୱାତନ୍ତ୍ର୍ୟ ! ଅସାଧାରଣ ଏହି ହାତୀଟି ଚର୍ଚ୍ଚାର କାରଣରୁ ବହୁ ଦୃଷ୍ଟି ଆକର୍ଷଣ କରିଛି- ସାଧାରଣ ଲୋକଙ୍କଠୁଁ ଆରମ୍ଭ କରି ବିଧାନସଭା ଓ ହାଇକୋର୍ଟ ବିଚାରପତି ପର୍ଯ୍ୟନ୍ତ ।

"ବଲାଙ୍ଗୀରରେ ଜନତା ଦଳର କ୍ଷୋଭ ଓ ଆନ୍ଦୋଳନ ଯୋଗୁଁ ଗତ ବର୍ଷ ଜୁଲାଇରେ ଖରସେଲ୍‌କୁ ଗିରଫ କରାଯାଇଥିଲା ଏବଂ ଗଛରେ ବାନ୍ଧି ରଖାଗଲା। ତା'ର ଆଗ ଦୁଇ ଗୋଡ଼ରେ ବେଡ଼ି ଓ ପଛ ଦୁଇଗୋଡ଼ ଲୁହା ଚେନ୍‌ରେ ବନ୍ଧା ହୋଇ ରଖାଯିବା ଦ୍ୱାରା ପ୍ରବଳ ପ୍ରତିକ୍ରିୟା ସୃଷ୍ଟି ହୋଇଥିଲା ପ୍ରାଣୀପ୍ରେମୀମାନଙ୍କ ମହଲରେ । ଖରସେଲ୍ ବହୁ ଖବର କାଗଜର ଶିରୋନାମା ମଣ୍ଡନ କଲା । ବଲାଙ୍ଗୀରର ଜଣେ ଯୁବ ଓକିଲ ଶ୍ରୀ ପର୍ଶୁରାମ ଶତପଥୀ ସ୍ଥାନୀୟ କୋର୍ଟରେ ତା'ର ମୁକ୍ତି ପାଇଁ ଖରସେଲ୍ ତରଫରୁ ମୋକଦ୍ଦମାଟିଏ ରୁଜୁ କଲେ । 'ୱାଇଲଡ୍ ଲାଇଫ୍ ସୋସାଇଟି' ଓ 'ଜୀବେ ଦୟା' ସଂଗଠନ ହାତୀର ମୁକ୍ତି ଦାବି କରି ହାଇକୋର୍ଟରେ ଆଶ୍ରୟ ନେଲେ। ତେବେ କାହାର ଦୟା ଓ ଅନୁକମ୍ପାକୁ ଅପେକ୍ଷା ନକରି ବଳବାନ ଖରସେଲ୍ ଲୌହ ଶିକୁଳିକୁ ଛିଣ୍ଡାଇ ପଳାଇଲା । ତା ଦେହରେ ଅପରିମିତ ଶକ୍ତି, ଶତ ସିଂହର ବଳ।- ଜନତାକୁ ଜଣାଇଦେଲା।

"ମାହୁନ୍ତ ପରିତ୍ୟାଗ କରିଥିବାରୁ ଖରସେଲ୍ ଏପରି ଉଗ୍ର ଓ ଉତ୍ତେଜିତ ହୋଇଉଠିଲା ବୋଲି ଯୁକ୍ତିକୁ ଅନେକ ଗ୍ରହଣ କଲେ ନାହିଁ । ସେମାନେ କହିଲେ, ଖରସେଲର

Digitized by PPRACHIN, SOA

ବୟସ ୨୦ ବର୍ଷରୁ ୨୫ ବର୍ଷ ଭିତରେ । ସେ ପ୍ରୌଢ଼ ବୟସରେ ଅବତୀର୍ଣ୍ଣ । ଏହି ବୟସରେ ହାତୀ ଜୀବନରେ ଯେଉଁ ପରିବର୍ତ୍ତନ ଆସେ, ତା'ର ପରିଣତିରେ ଖରସେଲ୍ ପାଲଟି ଯାଇଛି 'ସାମୟିକ ଆତଙ୍କବାଦୀ' । ଖରସେଲ୍‌ର ନିଃସଙ୍ଗତା ଦୂର କରିବା ପାଇଁ ଓ ତାକୁ ମନେଇବା ପାଇଁ ନନ୍ଦନକାନନରେ ଦୁଇଟି ପ୍ରୌଢ଼ା ପୋଷାହାତୀ 'ପ୍ରେମା' ଓ 'ବାସନ୍ତୀ'କୁ ତା' ସହିତ ପ୍ରଥମେ ଜଙ୍ଗଲରେ ଛାଡ଼ି ଦିଆଯାଇଥିଲା । କିନ୍ତୁ ସେମାନଙ୍କ ସହିତ ମିଶିବାକୁ ଖରସେଲ୍ ପସନ୍ଦ କଲାନାହିଁ, କିମ୍ବା ସେମାନେ ଖରସେଲ୍‌କୁ ଭୟକଲେ । ଓଡ଼ିଶାର ବଣୁଆ ହାତୀକୁ ତାଲିମ୍ ଦେବା ପାଇଁ 'କୁମ୍‌କୀ' ଜାତୀୟ ହାତୀ ନଥିବାରୁ ବଣୁଆ ମସ୍ତ ହାତୀକୁ ପୋଷା ମନାଇବା ଦିଗରେ ସମସ୍ୟା ଉପୁଜୁଛି ବୋଲି ପ୍ରାଣୀବିତ୍‌ଙ୍କ ମତ । ଏହିପରି ୧୯୮୨ ମସିହାରେ ଅଗସ୍ତି ନାମକ ଏକ ବଣୁଆ ହାତୀକୁ ଭଞ୍ଜନଗର ଜଙ୍ଗଲରୁ ଅଣାଯାଇ ନନ୍ଦନକାନନରେ ରଖାଯାଇଥିଲା । ସେଠାରେ ୧୨ ବର୍ଷ ବିତାଇବା ପରେ ୧୯୮୪ ମସିହାରେ ଅଗସ୍ତିର ମୃତ୍ୟୁ ଘଟିଲା । ଆଉ ଏକ ଘଟଣାରେ 'ଭୋଳା' ନାମକ ଏକ ହିଂସ୍ର ହାତୀକୁ ଧରାଯାଇ ପୋଷାମନାଇବାକୁ ଉଦ୍ୟମ କରାଯାଇଥିଲା । କିନ୍ତୁ କିଛି ଦିନ ପରେ ପୁଣି ହିଂସ୍ର ପାଲଟିଯିବାରୁ ଗୁଳିକରି ମାରିଦିଆଯାଇଥିଲା ।

"ତେବେ ପ୍ରେମା ଆଉ ବାସନ୍ତୀକୁ ଖରସେଲ୍ ସହିତ ତଥାପି ମିଳାମିଶା କରିବାକୁ ତା' ପାଖେ ପାଖେ ବାରମ୍ବାର ଛାଡ଼ି ଦିଆଗଲା- କାଳେ ଚିହ୍ନାପରିଚ ପରେ ସେମାନେ ମିଶିବେ ଏବଂ ଖରସେଲ୍‌ର ଉଗ୍ରତା କମିବ ।

ବନ ବିଭାଗୀୟ କର୍ତ୍ତୃପକ୍ଷ କହନ୍ତି, ଏପରି ଏକ ବଣୁଆ ଦନ୍ତାହାତୀ ଏକ ବର୍ଷ ହେଲା ସମଗ୍ର ସମ୍ବଲପୁର ଅଞ୍ଚଳରେ ଆତଙ୍କ ସୃଷ୍ଟି କରି ଛଅନମ୍ବର ଜାତୀୟ ରାଜପଥରେ ଗମନାଗମନରେ ଅଚଳ ଅବସ୍ଥା ସୃଷ୍ଟି କରିଥିବା ଉନ୍ମତ୍ତ ହାତୀଟି ୫-୭ ଦିନରେ ଶାନ୍ତ ସରଳ ହୋଇ ଯାଇଥିଲା। ହାତୀଟି ଗତ ରାତିରେ ଗୋଟିଏ ମାଈ ହାତୀ ପାଇବାରେ ଓ ତା'ର ସାହଚର୍ଯ୍ୟକୁ ମନଭରି ଉପଭୋଗ କରିବାରେ ତା'ର ଅବସ୍ଥା ସ୍ୱାଭାବିକ ହୋଇଯାଇଥିଲା। ନିଦ ଇଞ୍ଜେକ୍‌ସନ ପ୍ରୟୋଗ କରି ସୁଦ୍ଧା ମତ୍ତ ହାତୀଟି ଉପରେ କୌଣସି ପ୍ରଭାବ ପକାଇବାରେ ସଫଳ ନହେବାରୁ ତାକୁ ନିକଟସ୍ଥ ଷ୍ଟେସନପଡା ଅଞ୍ଚଳରେ ରହୁଥିବା ଗୋଟିଏ ମାହୁନ୍ତର ପୋଷା ମାଈ ହାତୀ ପାଖକୁ ନେଇଥିଲେ ଏବଂ ଉଭୟଙ୍କୁ ପରସ୍ପର ସହିତ ବନ୍ଧୁତା କରିବାକୁ ସୁଯୋଗ ଦେଇଥିଲେ। ପ୍ରେମପାଗଳ ଦିୱାନା ଅଣ୍ଡିରା ହାତୀଟି ମାହୁନ୍ତର ହାତିଣୀକୁ ସଙ୍ଗିନୀ କରି ପାର୍ଶ୍ୱବର୍ତ୍ତୀ ଏକ ପାହାଡ ଅଞ୍ଚଳକୁ ନେଇଯାଇଥିଲା। ସେଇଠି ତା' ସହ ରାତ୍ରିଯାପନ କରିଥିଲା। ରାତି ପାହିବା ପରେ ଉନ୍ମତ୍ତ ହାତୀଟିର ଆଚରଣ ସ୍ୱାଭାବିକ ହୋଇଗଲା। ହାତୀର

Digitized by PPRACHIN, SOA

ଏହି ପ୍ରେମପାଗଳ ଦେଖି ଏବଂ ସେ ସୁଧୀର ହୋଇ ଯାଇଥିବା କାରଣରୁ କର୍ତ୍ତୃପକ୍ଷ ତାକୁ ମାଈ ହାତୀର ମାହୁନ୍ତକୁ ହସ୍ତାନ୍ତର କରିଥିଲେ। ଏକୋଇଶ ମାସ ପରେ ମାଈ ହାତୀ ଅଣ୍ଡିରା ଛୁଆଟିଏ ଜନ୍ମ ଦେଇଥିଲା। ଏବେ ମାହୁନ୍ତ ହାତୀ ପରିବାରରେ ଛୁଆ, ପୁରୁଷ ଓ ମାଈ ହାତୀ ସୁଖରେ ଜୀବନ ଯାପନ କରୁଛନ୍ତି।

କିନ୍ତୁ ବାଲ୍ୟକାଳରୁ ପୋଷାଯାଇଥିବା ଓ ଭିନ୍ନ ପରିବେଶରେ ପ୍ରତିପାଳିତ ଖରସେଲ୍ ଅନ୍ୟ ହାତୀମାନଙ୍କ ସହିତ ନିଜକୁ ଖାପଖୁଆଇ ପାରିଲା ନାହିଁ । ନିଃସଙ୍ଗ ହୋଇପଡ଼ିଥିଲା ସେ । ନିଃସଙ୍ଗ ଖରସେଲ୍ ଘୂରିବୁଲିଲା ଏଣେତେଣେ । ତା' ପ୍ରତି ଲୋକଙ୍କ ମନରେ ଆସିଲା ସନ୍ଦେହ । ସନ୍ଦେହରୁ ଭୟ ଓ ଆଶଙ୍କା । ତା'ପରେ ଖରସେଲ୍ ହୋଇ ଉଠିଛି ଉଗ୍ର ଆତଙ୍କବାଦୀ ।

"ଗତ ଏକ ବର୍ଷ ହେଲା ବୌଦ୍ଧ, ଫୁଲବାଣୀ ଓ ବଲାଙ୍ଗୀର ତା'ର ଥିଲା ଆତଙ୍କର ଅଞ୍ଚଳ । ଲୋକମାନେ ତାକୁ ଜଙ୍ଗଲରେ ବୁଲିବାର ଦେଖିଛନ୍ତି । କିନ୍ତୁ ଜଙ୍ଗଲକୁ ସେ ନିରାପଦ ମଣିନଥିଲା । ବାଘ ସଙ୍ଗେ ଲଢ଼େଇ କରିଥିଲା । ତା' ଦେହରେ କ୍ଷତବିକ୍ଷତ ଚିହ୍ନରୁ ଏହା ଜଣାପଡ଼ିଥିଲା । ଜନପଦକୁ ଫେରିଆସି ବ୍ୟାପକ ଆତଙ୍କ ସୃଷ୍ଟି କଲା । ସ୍ଥାନୀୟ ଜନସାଧାରଣ ତ୍ରାହି ତ୍ରାହି ଡାକିଲେ । ବଲାଙ୍ଗୀରର ଜଣେ ଗୁଡ଼ିଆଘରେ ବାହାଘର ପାଇଁ ମିଠାଇ ପ୍ରସ୍ତୁତ ହେଉଥିଲାବେଳେ ମିଠାଇ ଗନ୍ଧ ବାରି ଖରସେଲ୍ ରନ୍ଧାଶାଳାକୁ ଯାଇ ସବୁତକ ମିଠା ଖାଇଦେଲା । ମିଠା ଓ ମିଠେଇ ପାଇଁ ଖରସେଲ୍ ଆହୁରି ଉତ୍ପାତ କରି ବସିଲା । ଯେଉଁ ଦୋକାନୀମାନେ ନିଆଁହୁଳା ତା' ଉପରକୁ ଫିଙ୍ଗିଲେ ବା ବାଣ ଫୁଟାଇ ତଡ଼ିଲେ ସେଥିରେ ସେ ଆଉରି ଉଦ୍ଧତ ଓ ପ୍ରତିଶୋଧପରାୟଣ ହୋଇ ଉଠିଲା । ସେଇ ଲୋକକୁ ଖୋଜି ଖୋଜି ଶୁଣ୍ଢରେ ଧରି ବୁଲାଇ ବୁଲାଇ ଫୋପାଡ଼ି ଦେଲା । କିନ୍ତୁ ଯେଉଁମାନେ ତାକୁ ଡାକି ଖାଦ୍ୟ ଦେଖାଇ ଖାଇବାକୁ ଦେଲେ ସେ ଶାନ୍ତ ସୁଧୀର ଭାବେ ଗ୍ରହଣ କଲା । ସେମାନଙ୍କର କିଛି କ୍ଷତି କଲା ନାହିଁ । ବରଂ ମୁଣ୍ଡଶୁଣ୍ଢ ତଳକୁ କରି ଦଣ୍ଡବତ ହେଲା ବା ଶୁଣ୍ଢ ଉପରକୁ ଟେକି ଆଶୀର୍ବାଦ କଲା ଦାତାକୁ।

"ଥରେ ବାହାଘର ବରଯାତ୍ରୀ ଦଳ ଶୋଭାଯାତ୍ରାରେ ବ୍ୟାଣ୍ଡ ବଜାଇ ବାଣ ଫୁଟାଇ ଯାଉଥିଲେ । ବାଣଶବ୍ଦ ଶୁଣି କୋଉଠି ଥିଲା, ଗର୍ଜନ କରି ଧାଇଁ ଆସିଲା ବିଜୁଳି ବେଗରେ । ବରଯାତ୍ରୀମାନେ ଛତ୍ରଭଙ୍ଗ ଦେଲେ । ବାଣବସ୍ତାକୁ ଶୁଣ୍ଢରେ ଧରି ପାଖ ପୋଖରୀରେ ଫିଙ୍ଗି ଦେଲା । ଯେଉଁଠି ନିଆଁ ଦେଖିଲା ଶୁଣ୍ଢରେ ପାଣି ଆଣି ଅଜାଡ଼ିଲା । ନିଆଁ ଓ ବାଣକୁ ତା'ର ପ୍ରଚଣ୍ଡ ବିରକ୍ତି, ମିଠାକୁ ତା'ର ଅସମ୍ଭବ ଆସକ୍ତି । ତା' ଭୟରେ ଦୋକାନ ବଜାର ବନ୍ଦ ରହିଲା । ସ୍କୁଲ୍ ଓ କଲେଜକୁ ପିଲାମାନେ ଭୟରେ

Digitized by PPRACHIN, SOA

ଗଲେ ନାହିଁ । ସେଇପରି ଏଭଳି ଭୟାନକ ଅବସ୍ଥା ଉପୁଜିଲା ବୌଦ୍ଧ ଓ ଫୁଲବାଣୀ ସଦର ମହକୁମାରେ । ଏଣୁ ସବୁଠି ବନ୍ଦ ପାଳନ କରାଗଲା । ହାତୀକୁ ହତ୍ୟା କରିବା ପାଇଁ ଜନଆନ୍ଦୋଳନ ତେଜିଲା । ଲୋକେ ରାଜରାସ୍ତାକୁ ଓହ୍ଲାଇଲେ ପଶୁ ଅତ୍ୟାଚାର ଓ ଆତଙ୍କର ପ୍ରତିବାଦରେ ।

"ପରିସ୍ଥିତି କ୍ରମେ ଏପରି ଜଟିଳ ହୋଇଥିଲା ଯେ, ପୂର୍ବତନ ମନ୍ତ୍ରୀ ଅନଙ୍ଗ ଉଦୟ ସିଂହଦେଓ ବିଧାନସଭାର ମୌସୁମୀକାଳୀନ ଅଧିବେଶନରେ ଏକ ଧ୍ୟାନଆକର୍ଷଣକାରୀ ନୋଟିସ୍ ଆଗତ କଲେ । ଖରସେଲ୍‌ର ଆତଙ୍କବାଦ କାର୍ଯ୍ୟକଳାପ ବୃଦ୍ଧି ପାଉଥିବାରୁ ଜୁଲାଇ ମାସ ୧୮ ତାରିଖରେ ବଲାଙ୍ଗୀର ଡି.ଏଫ୍.ଓ.ଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନଶନ ଧାରଣାରେ ବସିବା ସହ ଜୁଲାଇ ୨୪ ତାରିଖ ଦିନ ଡିଏଫ୍‌ଓଙ୍କୁ ଘେରାଉ କରିଥିଲେ । ଏଣୁ ପ୍ରାଣୀବିଭାଗର ମୁଖ୍ୟ ଏଇ ହାତୀଟିକୁ ମଉହାତୀ ବା ପାଗଳ ହସ୍ତୀ ରୂପେ ଘୋଷଣା କରି ଏହାକୁ ମାରିବା ପାଇଁ ବମ୍ବେ ଏବଂ କଲିକତାରୁ ଦୁଇ ଜଣ ସ୍ୱୀକୃତିପ୍ରାପ୍ତ ଶିକାରୀଙ୍କୁ ଆଣିଥିଲେ । ଶିକାରୀ ଦୁଇଜଣ ମଉ ହସ୍ତୀଟିକୁ ମାରିବା ପାଇଁ ଉଦ୍ୟମକଲାବେଳେ ହାତୀଟି ତା'ର ଶୁଣ୍ଢ ଓ ଆଗ ଗୋଡ଼ ୨ଟିକୁ ଟେକି କାନ୍ଦିବାକୁ ଆରମ୍ଭ କଲା । ଏହା ପରେ ଶିକାରୀ ଦୁଇଜଣ ମଉହସ୍ତୀଟିକୁ ଶାନ୍ତ ହୋଇଯାଇଥିବା ଦେଖି ତାକୁ ନମାରି ଫେରି ଆସିଥିଲେ । କର୍ଣ୍ଣାଟକର ବଣ୍ୟପ୍ରାଣୀ ବିଭାଗର ମୁଖ୍ୟ ଡକ୍ଟର ଖାଦ୍‌ରୀ ଏହି ହାତୀଟିକୁ ମାରିବା ପାଇଁ ମଧ୍ୟ ଆସିଥିଲେ । ହାତୀଟି ରାଇଫଲ୍ ଦେଖିବା ମାତ୍ରେ ସେଇ ଜଙ୍ଗଲରେ ଆଗ ଦୁଇଗୋଡ଼ ଉପରକୁ ଟେକି କାନ୍ଦିବା ଆରମ୍ଭ କରିଥିଲା । ଡକ୍ଟର୍ ଖାଦ୍‌ରି ତାକୁ ଗୁଳିକରି ମାରିବାକୁ କୁଣ୍ଠାବୋଧ କରିଥିଲେ ଏବଂ ଏହାକୁ ନନ୍ଦନ କାନନକୁ ଆଣିବାକୁ ମତଦେଲେ ।

"ଶେଷରେ କର୍ତ୍ତୃପକ୍ଷ ଅନନ୍ୟୋପାୟ ହୋଇ ଖରସେଲ୍‌କୁ ନନ୍ଦନକାନନକୁ ଆଣିବାକୁ ଯୋଜନା କଲେ । ଅନ୍ୟୂନ ୫ ଟନ୍ ଓଜନ ଏବଂ ୧୨ ଫୁଟ୍ ୫ ଇଞ୍ଚ ଲମ୍ବ, ସାଢ଼େ ୧୩ ଫୁଟ୍ ୪ ଇଞ୍ଚ ଉଚ୍ଚତା ବିଶିଷ୍ଟ ଖରସେଲ୍‌କୁ ଆଣିବା ପାଇଁ ଏକ ସ୍ୱତନ୍ତ୍ର ଯନ୍ତା ନିର୍ମାଣ କରାଗଲା । ଏହି ଯନ୍ତାର ଲମ୍ବ ୧୬ ଫୁଟ୍ ଓ ଓସାର ୧୫ ଫୁଟ୍ ଏବଂ ଉଚ୍ଚତା ମଧ୍ୟ୧୬ ଫୁଟ୍ । ଯନ୍ତା ସିନା ନିର୍ମିତ ହେଲା, ହେଲେ ଏଡେ ବଡ଼ ହାତୀକୁ କରାୟତ କାବୁ କରିବା, ଯନ୍ତାରେ ରଖିବା ଓ ତାକୁ ସ୍ଥାନାନ୍ତରିତ କରିବା ଏକ କଷ୍ଟକର ବ୍ୟାପାର ଥିଲା । ମଉ ଦନ୍ତାହାତୀଟିକୁ ଧରିବା ଉଦ୍ଦେଶ୍ୟରେ ଶିମିଳିପାଳ ଅଭୟାରଣ୍ୟର ବନ୍ୟଜନ୍ତୁ ବିଶେଷଜ୍ଞ ଡକ୍ଟର ଲାଲା ଏ.କେ.ସିଂହ, ସମ୍ବଲପୁରର ଡି.ଏଫ୍.ଓ. ଏନ୍. ନାୟକ ଓ ବଲାଙ୍ଗୀର ଡି.ଏଫ୍.ଓ. ଶିଶିର କୁମାର ଆଚାର୍ଯ୍ୟଙ୍କ ମିଳିତ ନେତୃତ୍ୱରେ ପ୍ରାୟ ୫୦ ଜଣ କର୍ମଚାରୀ ଦୁଇ ପ୍ଲାଟୁନ୍ ପୋଲିସ

Digitized by PPRACHIN, SOA

ଫୋର୍ସ ସହିତ 'ଖରସେଲ୍' ଅଭୟାରଣ୍ୟକୁ ଯାଇ ପ୍ରାୟ ୫ ଘଣ୍ଟା କାଳ ହାତୀ ଖୋଜ ଚିହ୍ନକୁ ଭିତ୍ତିକରି ଖୋଜିବା ପରେ ମତ୍ତ ହାତୀଟିର ସନ୍ଧାନ ପାଇଥିଲେ । ସାଧାରଣ ହାତୀ ପାହୁଲ ଚିହ୍ନ ଅପେକ୍ଷା ମତ୍ତ ହାତୀଟିର ଖୋଜ ଚିହ୍ନ ଥିଲା ଖୁବ୍ ବଡ଼ । ଆଗ ପାଦଚିହ୍ନର ବ୍ୟାସ ଥିଲା ୨୨୧/୪" ଓ ପଛଗୋଡ ୨୧୧/୨" ଓ ପରିଧି ଯଥାକ୍ରମେ ୬୫ ଇଞ୍ଚ ଓ ୫୮ ଇଞ୍ଚ, ଯାହା ସାଧାରଣ ହାତୀ ତୁଳନାରେ ବହୁ ଅଧିକ। ଏଣୁ ବିଶେଷଜ୍ଞମାନଙ୍କୁ ହାତୀର ସ୍ଥିତି ଠାବ କରିବା ସହଜ ହୋଇପଡ଼ିଥିଲା । ଏତେ ଲୋକ ଆସୁଥିବା ଦେଖି ତାକୁ ଧରିନେବା ଉଦ୍ଦେଶ୍ୟ ଜାଣିପାରି ଏବଂ ତାକୁ ଚତୁର୍ଦ୍ଦିଗରୁ ଘେରିଥିବା ଦେଖି ଖରସେଲ୍ ଗଛ ଗହଳରୁ ପଦାକୁ ବାହାରି ଆସି ଜଣେ ବାଧ୍ୟ ବାଳକ ଭଳି ମୁଣ୍ଡ ତଳକୁ କରି ଆଣ୍ଠେଇ ପଡ଼ି ଆତ୍ମସମର୍ପଣ ଢଙ୍ଗରେ ଠିଆ ହେଲା, ଯାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟାନ୍ୱିତ କରିଥିଲା ।

"ଫରେଷ୍ଟ ରେଞ୍ଜ ଅଫିସର କମଳଲୋଚନ ପୁରୋହିତ କୁହନ୍ତି, ଆତଙ୍କବାଦୀ ହାତୀକୁ ଆୟତ୍ତ କରିବାକୁ ଏହାଥିଲା ଏକ ପ୍ରକାର କୁମ୍ବିଂ ଅପରେସନ୍ । ଏହାପରେ 'ଡାର୍ଟ' ନାମକ ଏକ ନିଶ୍ଚେତକ ଇଂଜେକସନ୍ ବନ୍ଧୁକ ସାହାଯ୍ୟରେ ସ୍ଥିର ଦନ୍ତା ହାତୀର ଶରୀରକୁ ନିକ୍ଷେପ କରାଗଲା । ଅଧଘଣ୍ଟାଏ ଭିତରେ ହାତୀ ନିଶାକ୍ରାନ୍ତହୋଇ ଶୋଇପଡ଼ିବା କଥା । କିନ୍ତୁ ତାହା ହୋଇନଥିଲା । ବୋଧହୁଏ ନିଶାଗୁଳିଟି ସଠିକ୍ ସ୍ଥାନରେ ବାଜିନଥିଲା । ଏଣୁ ସେମାନଙ୍କୁ ଆଉ ଏକ ଶକ୍ତିଶାଳୀ ନିଶ୍ଚେତକ ଇଂଜେକସନ୍ 'ଜାଇଲାଜାଇମ୍' (Xylazine) ସାଢ଼େ ୪ ମିଲିଲିଟର + କୋଟାମାଇନ୍ (Ketamine) ୪ ଲିଟର ଡୋଜ୍ ପ୍ରୟୋଗ କରିବାକୁ ପଡ଼ିଲା । ସେହି ଔଷଧ ତା' ଶରୀରର ମଧ୍ୟକୁ ପ୍ରବେଶ କରିବା ସଙ୍ଗେ ସଙ୍ଗେ ସେ ଛିଡ଼ା ହେବା ଅବସ୍ଥାରେ ପ୍ରାୟ ୫ ମିନିଟ୍ ଭିତରେ ଶୋଇପଡ଼ିଲା ଓ ଗଭୀର ନିଦରେ ଘୁଙ୍ଗୁଡ଼ି ମାରିଲା । ଏଥର କାବୁକରାଳିମାନଙ୍କ ବିଜୟୋଲ୍ଲାସ ସତେ ଯେମିତି ଏହା ଆତଙ୍କବାଦୀଙ୍କୁ କାବୁ କରିବା ପାଇଁ ସଫଳ କମ୍ବିଂ ଅପରେସନ ବା ଅପରେସନ କ୍ଲଷ୍ଟର ! ଏହି ଅବସ୍ଥାରେ ତା'ର ଗୋଡ଼କୁ ଶକ୍ତ ଦଉଡ଼ିରେ ବାନ୍ଧିଦିଆଗଲା ଏବଂ ତାର ମୁଣ୍ଡକୁ ଓଦା ଅଖାରେ ଆବୃତ୍ତ କରି ରଖାଗଲା । ନିଶ୍ଚେତକ ପରେ ଏବଂ ଜନ୍ତୁକୁ କାବୁ କଲା ଅନ୍ତେ, ତାକୁ ପୁନଶ୍ଚ ସଚଳ କରିବା ପାଇଁ 'ଆଣ୍ଟିଡୋଟ୍' ଇଂଜେକସନ୍ ନେବାକୁ ପଡ଼ିଥାଏ । ତଦନୁଯାୟୀ ୭ ମିଲି 'ଆଣ୍ଟାଗୋଜିଲ୍' (Antagozil) ମୋଟା ଛୁଞ୍ଚଦ୍ୱାରା ମାଂସପେଶୀରେ ଇଂଜେକସନ୍ ଦିଆଗଲା । ଏକ କ୍ରେନ୍ ସାହାଯ୍ୟରେ ସ୍ୱତନ୍ତ୍ର ଯାନରେ ଥିବା ବୃହତ୍ ଯନ୍ତା ଭିତରକୁ ନିଆଗଲା ଯାହା ଏକ ସିନେମା ସୁଟିଂ ଭଳି ବିରଳ ଦୃଶ୍ୟ ଥିଲା ଜନତାଙ୍କ ପାଇଁ। ତଥାପି ସେ ତା'ର ପୂର୍ବାବସ୍ଥାକୁ ଫେରିପାଇବାକୁ ଓ ଯନ୍ତାରେ ଛିଡ଼ାହେବାକୁ ବହୁ ସମୟ ଲାଗିଯାଇଥିଲା ।

Digitized by PPRACHIN, SOA

"ଗତ ଡିସେମ୍ବର ୧ ତାରିଖ ରାତି ୧୧ଟା ବେଳେ ନିର୍ମିତ ଏହି ଯନ୍ତାକୁ ଟ୍ରଲରରେ ଲଦାଯାଇ ନିଆ ହୋଇଥିଲା। ବିଳମ୍ବିତ ରାତିରେ ଏହା ଯେତେବେଳେ ବଲାଙ୍ଗୀର ସହରକୁ ଆସିଲା ଅନେକ ବନବାସୀ, ସ୍ଥାନୀୟ ଲୋକ ଏକ ଅପେରା ଦେଖିଲାଭଳି ଗୁଣ୍ଡ ହୋଇଯାଇଥିଲେ । ସେ ଆତଙ୍କ ଜାରି ରଖିଥିଲାବେଳେ ଯେଉଁମାନଙ୍କଠୁଁ ନିୟମିତ ଖାଦ୍ୟ ଖାଉଥିଲା ସେମାନେ ହୁଳହୁଳି ଓ ହରିବୋଲ ପକାଉଥିଲେ ଏବଂ ଯେଉଁମାନେ କ୍ଷତିଗ୍ରସ୍ତ ହୋଇଥିଲେ ସେମାନେ ଦୁର୍ବୃତ୍ତକୁ କଟୁ ଭର୍ତ୍ସନା କରୁଥିବାର ଦେଖାଯାଉଥିଲା । ଏହାଥିଲା ଏକ ସପକ୍ଷ ଓ ବିପକ୍ଷ ଦଳର ଯେମିତି ନୈଶ୍ୟ ସମାବେଶଟିଏ।

"ଖରସେଲ୍ ଭୋର ୪ଟାରେ ବଲାଙ୍ଗୀର ଛାଡ଼ିଥିଲା । ଜଣେ ପ୍ରତିଷ୍ଠିତ ବିଶିଷ୍ଟ ବ୍ୟକ୍ତିତ୍ୱ (ଭି.ଭି.ଆଇ.ପି) ଯାନଯୋଗେ ନିର୍ଦ୍ଦିଷ୍ଟ ସ୍ଥାନକୁ ରାସ୍ତାରେ ଗଲାବେଳେ ଯେମିତି ବିଭିନ୍ନ ସ୍ଥାନରେ ରାସ୍ତାଧାରରେ ଜନତା ଓ ସମର୍ଥକମାନେ ସ୍ୱାଗତ ସମ୍ବର୍ଦ୍ଧନା ଦେଇଥାନ୍ତି, ବାଟରେ ଖରସେଲ୍ ଯାନକୁ ଅଟକାଇ ସୋନପୁର, ବୌଦ୍ଧ, ଚାରିଛକ, ଦଶପଲ୍ଲା, ନୟାଗଡ଼, ଖୋର୍ଦ୍ଧା ସ୍ଥାନରେ ବିଖ୍ୟାତ ଖରସେଲ୍‌କୁ ସ୍ୱଚକ୍ଷୁରେ ଦେଖିବାର ଶ୍ରଦ୍ଧାପ୍ଳୁତ ଇଚ୍ଛାକୁ ଏଡ଼ାଇ ପାରିନଥିଲେ ଜନତା। ଦୀର୍ଘ ୩୩୫ କି.ମି. ଅତିକ୍ରମ କଲାପରେ ସନ୍ଧ୍ୟା ସାଢ଼େ ୭ଟା ବେଳକୁ ତାକୁ ନେଇଆସିଥିବା ଟ୍ରଲର ନନ୍ଦନକାନନରେ ପହଞ୍ଚିଥିଲା । ତା' ସାଙ୍ଗରେ ଆଉ ୨ଟି ଲେଲାଣ୍ଡ ଟ୍ରକ୍‌ରେ ପ୍ରେମା ଓ ବାସନ୍ତୀ ଆସିଥିଲେ । କିନ୍ତୁ ଡମାଣ୍ଡୋ ନିକଟରେ କ୍ରସର ଶବ୍ଦରେ ପ୍ରେମା ଡରକିଯାଇ ଟ୍ରକ୍ ଭାଙ୍ଗି ଦେଇଥିଲା । ଆଉ ଗୋଟିଏ ଟ୍ରକ୍ ପଠାଯାଇ ପ୍ରେମାକୁ ଅଣାଗଲା । ନନ୍ଦନକାନନରେ ଖରସେଲ୍ ପହଞ୍ଚିବାବେଳକୁ ସେ ଅର୍ଦ୍ଧଚେତନ ଅବସ୍ଥାରେ ଥିଲା । ଆତଙ୍କବାଦ, ହିରୋ, କୁଖ୍ୟାତ, ବିଖ୍ୟାତ ହାତୀକୁ ଦେଖିବା ପାଇଁ ନନ୍ଦନକାନନ ଲୋକାରଣ୍ୟ ହୋଇଥିଲା ।

ସମ୍ବାଦପତ୍ର ପୃଷ୍ଠା ମଣ୍ଡନ କରିଥିବା, ରାଜ୍ୟ ବିଧାନସଭାରେ ଆଲୋଚିତ ହୋଇଥିବା ତଥା ଅଦାଲତରେ ତର୍କବିତର୍କ ହୋଇଥିବା ବହୁଳ ପ୍ରଚାରିତ ଏହି ବିରଳ ହାତୀଟିକୁ ସ୍ୱଚକ୍ଷୁରେ ଦେଖିବାର ଇଚ୍ଛାକୁ ଏଡ଼ାଇ ପାରିନଥିଲେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଏବଂ ତାଙ୍କ ସହଯୋଗୀ ମନ୍ତ୍ରୀ । ଦେଶର ଏଭଳି ଏକ ବିରଳ ଅନନ୍ୟ ହାତୀଟିର ବଂଶବୃଦ୍ଧି ପାଇଁ ସେବା, ସୁରକ୍ଷା ଓ ଯତ୍ନରେ ଯେପରି ଅବହେଳା ନହୁଏ, ସମସ୍ତଙ୍କୁ ତାଗିଦ୍ କରି ସ୍ୱତନ୍ତ୍ର ଅର୍ଥର ବ୍ୟବସ୍ଥା ପାଇଁ ଘୋଷଣା କରିଥିଲେ ଏବଂ ଏଥି ସକାଶେ ପଶୁପ୍ରେମୀ ଓ ଚିନ୍ତାବିତ୍‌କୁ ଆହ୍ୱାନ ମଧ୍ୟ କରିଥିଲେ ମାନ୍ୟବର ପ୍ରାଣୀପ୍ରିୟ ମୁଖ୍ୟମନ୍ତ୍ରୀ ।

Digitized by PPRACHIN, SOA

"ଖରସେଲ୍ ସେ ରାତିରେ ଯନ୍ତା ଭିତରେ ରହିଲା। ଦେହରୁ ନିଶା ଛାଡ଼ିଲା ପରେ ସେ ଠିଆହେଲା। ତାକୁ ଯନ୍ତା ଭିତରେ ଫଳ କଦଳୀ, ତାଳପତ୍ର ଖାଇବାକୁ ଦିଆଗଲା, କିନ୍ତୁ ସେ ଗ୍ରହଣ କଲା ନାହିଁ, ଶୁଣ୍ଢରେ ଆଡ଼େଇ ଦେଇ ଗୋଡରେ ଦଳିଦେଲା। ତାକୁ ବାହାରକୁ ଆଣି ଦୁଇଟି ଶକ୍ତ ଲୌହ ଜଞ୍ଜିରରେ ଆଗ ଦୁଇ ଗୋଡ଼କୁ ବେଢ଼ି ପକାଇ ପଛ ଦୁଇଟି ଗୋଡକୁ ଶକ୍ତ ଲୌହ ଶିକୁଳିରେ ଶକ୍ତ ଭାବେ ଶାଳଗଛ ଗଣ୍ଡିରେ ବାନ୍ଧି ଦିଆଗଲା। ନିଶା ଇଂଜେକ୍ସନ ପ୍ରୟୋଗ ପରେ ନିଶା ଗୁଳିଟିକୁ ଅସ୍ତ୍ରୋପଚାର ଦ୍ୱାରା ବାହାର କରିବାକୁ ପଡିଥାଏ ନୋଚେତ୍ ମାଂସ ପିଣ୍ଡୁଳା ଭିତରେ ରହି ବିଷାକ୍ତ ହୋଇଯାଇ ପଶୁ ମରିଯିବାର ସମ୍ଭାବନା ଥାଏ।

"ଇତିମଧ୍ୟରେ ମଗରାରୁ ଜଣେ ପଶୁ ଚିକିତ୍ସକଙ୍କୁ ଅଣା ଯାଇଥିଲା । ସେ ୧୩ ଫୁଟ ୪ ଇଞ୍ଚ ଉଚ୍ଚତା ବିଶିଷ୍ଟ ଖରସେଲ ଶରୀରରେ ଶିଡିଦ୍ୱାରା ଉଠି କ୍ଷତ ପରୀକ୍ଷା କରିଥିଲେ। ଦେଖାଯାଇଥିଲା ଯେ ପ୍ରଥମ ଗୁଳିଟି କାନ ଫୁଟାଇ ବାହାରି ଯାଇଛି, ଯଦ୍ୱାରା ହାତୀଟିର ନିଶ୍ଚେତକ ଇଂଜେକସନ୍‌ର ପ୍ରଭାବ ପଡ଼ିନଥିଲା । ଦ୍ୱିତୀୟ ନିଶାଗୁଳିଟି ତା' ପିଠିରେ ଲାଗିଥିଲା ଓ କାର୍ଯ୍ୟକ୍ଷମ ହୋଇଥିଲା । ଏଥର ତା' ପିଠିରୁ ଗୁଳିଟିକୁ ବାହାର କରିବା ଜରୁରୀ । ନୋଚେତ୍ ଜନ୍ତୁକୁ ପାରାଲିସିସ୍ କରିବାର ସମ୍ଭାବନା ଥାଏ । ନିଶାଗୁଣ ଶେଷ ହୋଇଯିବା ପରେ ସଚେତନ ଜୀବନ୍ତ ହାତୀଟିକୁ ଅସ୍ତ୍ରୋପଚାର କରିବା ମୁସ୍କିଲ୍ । ଆଉ ଗୋଟିଏ ନିଶ୍ଚେତକ ଗୁଳିର ଆବଶ୍ୟକତା ହୋଇଥାଏ । କିନ୍ତୁ ସେଇଟିକୁ ମଧ୍ୟ ଦେହରୁ ବାହାର କରିବା ଦରକାର ପଡ଼େ ଭବିଷ୍ୟତରେ ବିଷାକ୍ତ ସଂକ୍ରମଣରୁ ରକ୍ଷା ପାଇବା ପାଇଁ । କିନ୍ତୁ ସାହସ କରି ଚିକିତ୍ସକ ମହାଶୟ ହାତୀ ଉପରେ ବସି ଅସ୍ତ୍ରୋପଚାର କାମକଲେ । ଦୁର୍ଭାଗ୍ୟ । ଖରସେଲ୍‌କୁ କଷ୍ଟ ହେବାରୁ ସେ ଶୁଣ୍ଢ ଦ୍ୱାରା ଚିକିତ୍ସକଙ୍କୁ ପିଠି ଉପରୁ ପୋପାଡ଼ି ଦେବା ଦ୍ୱାରା ସେ ସଂଜ୍ଞାହୀନ ହୋଇପଡ଼ିଲେ ଏବଂ ତାଙ୍କ ଚିକିତ୍ସା ପାଇଁ ହାସ୍‌ପାତାଳ ଯିବାକୁ ପଡ଼ିଲା । ଅଳ୍ପକେ ବଞ୍ଚିଗଲେ ସେ ନୋଚେତ୍ ଖରସେଲ୍ ଦୁର୍ନାମରେ ଆଉ ଏକ ଅଭିଯୋଗ ଯୁକ୍ତ ହୋଇଥାନ୍ତା । ଏଣୁ ତା' ଦେହରୁ ଖାଲି ଗୁଳି ବାହାର କରିବା ସମ୍ଭବ ଆଉ ହୋଇ ନଥିଲା ।

"ଚନ୍ଦକା ଡିଏଫ୍‌ଓ ଡକ୍ଟର ଡମ୍ବରୁଧର ସାହୁ କହନ୍ତି, ଖରସେଲ୍ ଏବେ ଆଉ ବିଶେଷ ଅବାଧ୍ୟ ନୁହେଁ । କିନ୍ତୁ ତଥାପି ସେ ମୁକ୍ତ ହୋଇପାରି ନାହିଁ । ଦୁଇ ଗୋଡ଼ରେ ତା'ର ବନ୍ଧା ହୋଇଛି ଶକ୍ତ ଲୌହଶିକୁଳି । ତା' ଶରୀରର ଅନେକ ସ୍ଥାନରେ କ୍ଷତ ଓ ନଖ ରାମ୍ପୁଡ଼ା ଦାଗ ଦେଖିବାକୁ ମିଳିଥିଲା । ଏଥିରୁ ସ୍ପଷ୍ଟ ଅନୁମେୟ ଯେ ଅଭୟାରଣ୍ୟରେ ଏକାକୀ ବିଚରଣ କରୁଥିବା ସମୟରେ ଜଙ୍ଗଲରେ ବାଘମାନଙ୍କ ସହିତ ସେ ଲଢ଼େଇ କରିଥିଲା । ସେ ଅଞ୍ଚଳର ଲୋକମାନେ ବାଘ ଓ ହାତୀର କ୍ରୁଦ୍ଧ ଗର୍ଜନ ଶୁଣିଥିଲେ

Digitized by PPRACHIN, SOA

ଏବଂ ଏହାର ଭୟାବହତା ନେଇ ଥାନାରେ ଏତଲା ଦେଇଥିଲେ । ଏତଲା ଅନୁଯାୟୀ ଥାନା ଅଫିସର ଓ ବନବିଭାଗୀୟ କର୍ମଚାରୀମାନେ ଅସ୍ତ୍ର ସହିତ ସଦଳବଳ ଖରସେଲ୍ ବନ ଉପଖଣ୍ଡ ଅଞ୍ଚଳ ତନ୍ନତନ୍ନ କରି ଦେଖିଲେ । ସେମାନେ ଦେଖି ଆଶ୍ଚର୍ଯ୍ୟ ହେଲେ- ଗୋଟାଏ ପାଣି ଟାପୁ ପାଖରେ ହାତୀ ଓ ମହାବଳ ବାଘର ତୁମୁଳ ଲଢ଼େଇ ହୋଇଛି । କାରଣ ଖରସେଲ୍ ବନଖଣ୍ଡ ଇଲାକାରେ ଗୋଟିକିଆ ବାଘଟା କୌଣସି କାରଣରୁ ଗୋଠଛଡା ହୋଇ କିଛିଦିନ ହେଲା ବାସ କରୁଥିଲା । ପ୍ରସବ ପୂର୍ବରୁ ଅବଶ୍ୟ ଗର୍ଭିଣୀ ବାଘୁଣୀମାନେ ପୁରୁଷ ବାଘଠାରୁ ଦୂରେଇ ରହି ପିଲା ଜନ୍ମ କରନ୍ତି; ଇଲାକାରେ କୌଣସି ଅନୁପ୍ରବେଶକାରୀକୁ ପ୍ରଶୟ ଦିଅନ୍ତି ନାହିଁ । ଏଣୁ ବାଘ ସହିତ ଅନୁପ୍ରବେଶକାରରୀ ଦନ୍ତାହାତୀର ଯୁଦ୍ଧ ଅବଶ୍ୟମ୍ଭାବୀ ଥିଲା । ଚକଡାଟା ଦଳିଚକଟି ହୋଇ ଗଛବୃକ୍ଷ ଧ୍ୱସ୍ତ ବିଧ୍ୱସ୍ତ । ଭୂଇଁରେ ହାତୀ ଖୋଜ ଓ ବାଘ ପଞ୍ଝାର ଦାଗ, ଇଞ୍ଚେ ବି ଜାଗା ନାହିଁ ମଣିଷ ପାଦ ରଖିବାକୁ । ଠାଏ ଠାଏ ରକ୍ତର ଦାଗ, ଗଛରେ ରକ୍ତ ଚିହ୍ନ ଜମାଟ ବାନ୍ଧିଗଲାଣି । କାହାର ଏ ରକ୍ତ? ହାତୀର ନା ବାଘର? ତେବେ ଲୋକେ ଦନ୍ତା ହାତୀକୁ ଦେଖିଛନ୍ତି ଗତକାଲି । ସେ ସଦର୍ପେ ବଞ୍ଚିଛି । ଆଉ ବାଘ? ରକ୍ତଦାଗ, ହାତୀ ଓ ବାଘ ଖୋଜକୁ ଅନୁଧ୍ୟାନ କରି କରି ବିଶେଷଜ୍ଞମାନେ ଜାଣିପାରିଲେ ଯେ ବାଘ କ୍ଷତବିକ୍ଷତ ହୋଇ ଦୂରସ୍ଥାନକୁ ପଳାଇଯାଇଛି । ସପ୍ତାହକ ପରେ ଚାରିଛକ ନିକଟସ୍ଥ ସାତପାହାଡ଼ ମହାନଦୀ କୂଳ ଏକ ଜଙ୍ଗଲ ଭିତରରେ ଗୋଟିଏ ମାଈ ମଲା ବାଘର ସନ୍ଧାନ ମିଳିଲା । ବନ ବିଭାଗୀୟ ଅଧିକାରୀ ବାଘୁଣୀର ଶବ ବ୍ୟବଚ୍ଛେଦ କରି ଜାଣିପାରିଲେ ଯେ, ତା' କଙ୍କାଳ ଭିତରେ ଲୁହା ଭଳି ଏକ ଶକ୍ତ ତୀକ୍ଷଣ ଅସ୍ତ୍ର ଭୁସି ହେବା ଦ୍ୱାରା ବାଘୁଣୀର ମୃତ୍ୟୁ ହୋଇଛି । ବାଘୁଣୀ ଗର୍ଭାଶୟରେ ୪ଟି ମଲାଛୁଆ ଥିବାର ଜଣାଗଲା । ଏଣୁ ସନ୍ଦେହର ଅବକାଶ ନଥିଲା; ଏହି ଦନ୍ତା ହାତୀ ସହିତ ବାଘୁଣୀର ଯୁଦ୍ଧ ଖରସେଲ୍ ଜଙ୍ଗଲରେ ହୋଇଥିଲା । ପରିଶେଷରେ ବଳବାନ ହାତୀର ଦନ୍ତାଘାତରେ ବାଘୁଣୀର ମୃତ୍ୟୁ ହୋଇଛି ପ୍ରାଣ ବିକଳରେ ଦୂରସ୍ଥାନକୁ ପଳାଇ ଯିବା ପରେ । ସେଥିପାଇଁ ଖରସେଲ୍ ନିର୍ଭୟରେ ଜଙ୍ଗଲରେ ରହିପାରିନଥିଲା ନା ଜନପଦ ନିରାପଦ ମଣିଥିଲା । ସବୁଠି ତାକୁ ଛେଇଛେଇ, ବାସନ୍ଦ । ଏଥିପାଇଁ ସେ ଆତଙ୍କବାଦୀ ହୋଇଯିବାର ବିଶେଷ କାରଣ ବୋଲି ମତ ଦିଅନ୍ତି ଡକ୍ଟର ସାହୁ । ତେବେ ଖରସେଲ୍‌ର କ୍ଷତସ୍ଥାନମାନଙ୍କରେ ଡେଟଲ୍, ଆୟୋଡିନ୍ ମଇଲମ ଓ ଖରସେଲ୍ ଓ ଘା' ଶୁଖା ପାଉଡର ପ୍ରୟୋଗ ଦ୍ୱାରା ତା'ର କ୍ଷତସ୍ଥାନଗୁଡ଼ିକ ଶୁଖିଗଲାଣି । ସମ୍ଭବତଃ ବାଘ ସହିତ ତା'ର ଲଢେଇ ଯୋଗୁଁ ତା'ର ଦାନ୍ତମୂଳ କ୍ଷତାକ୍ତ ହୋଇଛି । ସେଥିପାଇଁ ବିଶେଷଜ୍ଞମାନେ ବିଶେଷ ଧ୍ୟାନ ଦେଇଛନ୍ତି ଓ ଚିକିତ୍ସା ଜାରି ରଖିଛନ୍ତି । ଶ୍ରଦ୍ଧା, ସ୍ନେହ,

Digitized by PPRACHIN, SOA

ବ୍ୟବହାର, ଉତ୍ତମ ଖାଦ୍ୟ ଓ ଚିକିତ୍ସା ପରେ ଖରସେଲ୍ ଅପେକ୍ଷାକୃତ ଶାନ୍ତ ହୋଇଯାଇଛି । ସମଝଦାର ମଧ୍ୟ । କିନ୍ତୁ ତଥାପି ସେ ମୁକ୍ତ ହୋଇପାରି ନାହିଁ । ପଛ ଦୁଇ ଗୋଡ଼ରେ ବନ୍ଧା ହୋଇଛି ଶକ୍ତ ଶିକୁଳି । ଜଙ୍ଗଲୀ ଜାନୁଆରକୁ ବିଶ୍ୱାସ କ'ଣ ? ଯଦି ସେ ପୁନଶ୍ଚ ମତ୍ତ, ଉଦ୍ଧତ, ପାଗଳ ଓ ହିଂସ୍ର ହୋଇଉଠେ, ରିସ୍କ ନେବ କିଏ ବୋଲି ପ୍ରଶ୍ନ କରନ୍ତି ଡି.ଏଫ୍.ଓ. ଡକ୍ଟର ସାହୁ । ଖରସେଲ୍‌ର ଭବିଷ୍ୟତ କ'ଣ ?" ମୋ ସନ୍ଦେହୀ ମନରେ ସୃଷ୍ଟି କରୁଥିଲା ଏକ ବିରାଟ ପ୍ରଶ୍ନବାଚୀ ।"

◆◆◆

Digitized by PPRACHIN, SOA

- ୧୮ -

ମୁଁ ଜାଣେ, ବିସ୍ତୃତ ଜଙ୍ଗଲରେ କେବଳ ହାତୀ କାହିଁକି ବନ୍ୟପଶୁମାନଙ୍କ ନିର୍ଦ୍ଦିଷ୍ଟ ବାସସ୍ଥଳୀ ଓ ଚଲାବାଟ ରହିଥାଏ । ବିଶେଷ କରି ହାତୀ ଓ ବାଘଙ୍କର ନିତିଦିନିଆ ଚଲାବାଟ ଭିନ୍ନ ଭିନ୍ନ । ବାଘମାନେ ହୁଏତ ହାତୀ ଚଲାବାଟରେ ହାଂତୀ ଛୁଆ ପାଇଁ ଲୁଚି ଛକିଥାଏ, କିନ୍ତୁ ହାତୀ ବାଘମାନଙ୍କୁ ଆଡ଼େଇ ଚାଲିଯାଏ । ଏଣୁ କଦବା କ୍ୱଚିତ୍ ଗୋଟିକିଆ ଦନ୍ତା ହାତୀ ମୁହାଁମୁହିଁ ହେଲେ ବା ଜିଦ୍‌ଖୋର୍ ବାଘ ବାଟ ନଛାଡ଼ିଲେ ସଂଘର୍ଷ ହୋଇଥାଏ । ଏଥିରେ ଉଭୟ କ୍ଷତିଗ୍ରସ୍ତ ହୋଇଥାନ୍ତି, ଅନେକ ସ୍ଥାନରେ ଉଭୟ ମୃତ୍ୟୁବରଣ କରିବାର ନଜିର ରହିଛି । ତେବେ ହାତୀମାନେ ସଂଘବଦ୍ଧ ଜୀବନଯାପନ କରିଥା'ନ୍ତି । ସେମାନଙ୍କ ଦନ୍ତାହାତୀ ମୁରବୀ ସଦୃଶ ଓ ଦଳର ରକ୍ଷାକର୍ତ୍ତା ମଧ୍ୟ ।

ବନ ବିଭାଗୀୟ ସର୍ବେକ୍ଷଣ ରିପୋର୍ଟ ଅନୁଯାୟୀ, ହାତୀ ଅଭୟାରଣ୍ୟ ପାଇଁ ଏହି ଅଞ୍ଚଳ ଉତ୍ତର-ପଶ୍ଚିମ ଓଡ଼ିଶାର କଳାହାଣ୍ଡି, ବୌଦ୍ଧ, ରାୟଗଡ଼ା, ବଲାଙ୍ଗୀର, ସୁବର୍ଣ୍ଣପୁର, ବାରପାହାଡ଼ ସେମାନଙ୍କ ମୁଖ୍ୟସ୍ଥାନ ଯେଉଁଠି ସେମାନେ ବର୍ଷର ଆଠ ମାସ ବିତାଇଥା'ନ୍ତି । ଗୋଟିଏ ବାଟରେ ଅନୁଗୋଳ-ରେଢ଼ାଖୋଲ ଜଙ୍ଗଲ ଦେଇ ହାତୀ ପହଞ୍ଚୁଛନ୍ତି ବୌଦ୍ଧ ଜିଲ୍ଲା କଣ୍ଟାମାଳ-ଘଣ୍ଟାପଡ଼ା ଅଞ୍ଚଳକୁ । ସେଠୁ ତେଲ ନଦୀ ତେଇଁ ନଦୀ କୂଳେ କୂଳେ ବଲାଙ୍ଗୀର ଜିଲ୍ଲା ସୀମାରୁ ସୁବର୍ଣ୍ଣପୁର ଜିଲ୍ଲା ସୀମାକୁ ପ୍ରବେଶ କରି କୁଆଁରମୁଣ୍ଡା ସଂରକ୍ଷିତ ଜଙ୍ଗଲ ଦେଇ ପହଞ୍ଚୁଥାନ୍ତି ବାରପାହାଡ଼ । ଆଉ ଗୋଟେ ବାଟରେ ବୌଦ୍ଧ ଜିଲ୍ଲା କଣ୍ଟାମାଳରୁ ମାତାକୁପା ସଂରକ୍ଷିତ ଜଙ୍ଗଲ ଦେଇ ସହରିପାଲି ପାହାଡ଼ କଡ଼େ କଡ଼େ ସିଧା ତେଲନଦୀକୁ ପାର ହୋଇ ପହଁଞ୍ଚୁଥା'ନ୍ତି ଅର୍ଜୁନପୁର ସଂରକ୍ଷିତ ଜଙ୍ଗଲ ବାରପାହାଡ଼ରେ, ଯାହାର କ୍ଷେତ୍ରଫଳ ୪ ହଜାର ୬ ଶହ ୫୦ ହେକ୍ଟର ସହିତ ୧୦୩ କି.ମି. ବାଉଣ୍ଡାରୀ । ସେମାନଙ୍କ ବାସସ୍ଥଳୀ ଓ ଆତଯାତ ବାଟ ହାତୀମାନେ ନିଜେ ନିଜେ ନିର୍ଦ୍ଧାରଣ କରିଥା'ନ୍ତି ଖାଦ୍ୟ, ଜଳ ଓ ରହିବାର ସୁବିଧା ଦେଖି ।

ମନେହୁଏ, ବଲାଙ୍ଗୀର ସହରରୁ ଯେତେବେଳେ ମତ-ପାଗଳ ବୋଲାଯାଉଥିବା ଦନ୍ତଯୁକ୍ତ ସୁବିଶାଳ ହାତୀଟିକୁ ନିଆଁହୁଳା, ପୋଲିସ ଫଉଜ ଲଗାଇ ନିକଟସ୍ଥ ଖରସେଲ୍

Digitized by PPRACHIN, SOA

ଜଙ୍ଗଲକୁ ତଡ଼ି ଦିଆଯାଉଥିଲା ବନର ଅନ୍ୟ ହାତୀମାନଙ୍କ ସହିତ ମିଶିବା ଉଦ୍ଦେଶ୍ୟରେ, ସେ କିନ୍ତୁ ମିଶି ପାରିନଥିଲା ବନ୍ୟହସ୍ତୀଙ୍କ ସହିତ । ମିଶିବା ମଧ୍ୟ ସମ୍ଭବ ହୋଇନଥିଲା ତା' ପକ୍ଷେ, କାରଣ ସେ ମଣିଷମାନଙ୍କ ସହିତ ଜନ୍ମରୁ ଜଡ଼ିତ ଥିଲା, ପ୍ରତିପାଳିତ ହୋଇଥିଲା ମଣିଷର ଶ୍ରଦ୍ଧା ପାଇ। ବନହସ୍ତୀ ଓ ମଣିଷ ପୋଷା ହାତୀ ମଧ୍ୟରେ ଥାଏ ଭିନ୍ନ ଭିନ୍ନ ଗନ୍ଧ, ଏଣୁ ମିଳାମିଶା ଅସମ୍ଭବ । ହାତୀ ଦେହରେ ମଣିଷ ଗନ୍ଧ ଥିଲେ ବନହସ୍ତୀମାନେ ତାକୁ ସଂଘର ସଭ୍ୟ କରିନଥାନ୍ତି, ଘୃଣା କରନ୍ତି । ହାତୀକୁ ବାଛନ୍ଦ କରିଥାନ୍ତି । ଚନ୍ଦକା ଫରେଷ୍ଟ ରେଞ୍ଜ ଅଫିସର କମଳ ଲୋଚନ ପୁରୋହିତ କହନ୍ତି, ଚନ୍ଦକାରେ ୧୦ ବର୍ଷ ତଳେ ଗୋଟିଏ ସଦ୍ୟଜାତ ହାତୀଛୁଆ ଟ୍ରେଞ୍ଚରେ ପଡ଼ିଯାଇଥିଲା । ସେ ତାକୁ ଉଦ୍ଧାର କରି ନନ୍ଦନକାନନରେ ରଖି କ୍ଷୀରପାନ କରାଇଥିଲେ ଏବଂ ତହିଁ ପରଦିନ ହାତୀଛୁଆକୁ ଚନ୍ଦକା ଜଙ୍ଗଲରୁ ଏକ ଗାମୁଛାରେ ବାନ୍ଧି ଆସିଲେ ଏବଂ ଦୂରରେ ରହି ତା'ର ଗତିବିଧି ଲକ୍ଷ୍ୟକଲେ । ଛୁଆର ସ୍ୱର ଶୁଣି ଦଳେ ହାତୀ ଆସି ତା' ପାଖେ ଉପସ୍ଥିତ ହେଲେ ଏବଂ ତାର ମା' ଓ ମାଉସୀ ହାତୀମାନେ ତାକୁ ଶୁଙ୍ଘାଶୁଙ୍ଘି କରି ନିକଟରେ ଛିଡ଼ା ହୋଇ ଏହାକୁ ଗ୍ରହଣ କରିବେ କି ନାହିଁ ଚିନ୍ତା କଲେ । କାରଣ ତା' ଦେହରେ ମଣିଷର ଗନ୍ଧ ଲାଗିଯାଇଥିଲା । ତା' ଗୋଡ଼ରୁ ହାଲୁକା ଗାମୁଛାକୁ ଯଦିଚ ଛିଣ୍ଡାଇ ଦେଲେ, କିନ୍ତୁ ତାକୁ ଆଉ ଗ୍ରହଣ କଲେ ନାହିଁ । ତାକୁ ଛାଡ଼ି ଦଳଟିଯାକ ଦୂରକୁ ପଳାୟନ କଲେ । ସେମାନଙ୍କ ପଛେ ପଛେ ହାତୀ ଛୁଆଟି ଖଣ୍ଡେ ବାଟ ଯାଇଥିଲା ଅବଶ୍ୟ । ଛୁଆ ହାତୀର ମା' ଅବଶ୍ୟ ତାକୁ ପଛେଇ ଚାହୁଁଥିଲା, କିନ୍ତୁ ବୋଧହୁଏ ଏହା ଥିଲା ଦଳପତି ଦନ୍ତାର ନିଷ୍ପତ୍ତି। ସେ ଜାଣେ, ମଣିଷ ସଂସ୍ପର୍ଶରେ ଆସିଲେ ସେମାନେ ସ୍ୱାଧୀନତା ହରାଇବେ। ମଣିଷ ସେମାନଙ୍କୁ କାବୁ କରାୟତ କରିବ। ମଣିଷର ଶକ୍ତି, ସାମର୍ଥ୍ୟ, କରାମତି ସେ ଜାଣିଛି। କିନ୍ତୁ ଛୁଆଟା କେତେବାଟ ବା ଯାଇପାରିବ ? ପୁରୋହିତବାବୁ ଅନନ୍ୟୋପାୟ ହୋଇ ଛୁଆଟା ତାଙ୍କ ପାଖକୁ ଫେରିଆସିବାକୁ ଇସାରା ଦିଅନ୍ତେ, ସେ ତାଙ୍କ ପାଖକୁ ଫେରି ଆସି ଶୁଣ୍ଢ ଟେକିଲା। ସମ୍ଭବତଃ ତାକୁ ଭୋକ ଲାଗୁଥିଲା । ସେ ଛୁଆଟିକୁ ନେଇ ଆସି ବୋତଲରେ ଦୁଗ୍ଧପାନ କରାଇଲେ ଓ ସେଇ ହାତୀ 'ହୀରା' ନାମରେ ପ୍ରେମା ଓ ବାସନ୍ତୀ ସହିତ ସ୍ୱଚ୍ଛନ୍ଦରେ ଜୀବନଯାପନ କରୁଛି ନନ୍ଦନକାନନରେ।

ଏମିତି ବନପାଳ ସ୍ୱର୍ଗତ ସରୋଜ ଚୌଧୁରୀ ବହୁବାର ତାଙ୍କ ପୋଷା ପ୍ରୌଢ଼ା ଯୁବତୀ ବାଘୁଣୀ ଖଇରୀକୁ ଶିମିଳିପାଳ ଜଙ୍ଗଲରେ ଛାଡ଼ି ଆସିଥିଲେ ତା'ର ମୁକ୍ତ ସହବାସ ପାଇଁ, କିନ୍ତୁ ଜଙ୍ଗଲର ବାଘମାନେ ଯଦିଚ ଖଇରୀର ଡାକ ଶୁଣି ପାଖକୁ ଆସିଲେ, କିନ୍ତୁ ତାକୁ ଶୁଙ୍ଘି ନଥିଲେ କି ଛୁଇଁ ନଥିଲେ । କ'ଣ ମଣିଷର ଗନ୍ଧ ବାଘୁଣୀ

Digitized by PPRACHIN, SOA

ଖଇରୀ ଦେହରେ ଏତେ ଥିଲା ଯେ ! ଏଥିରୁ ସ୍ପଷ୍ଟ ଅନୁମେୟ ଜଙ୍ଗଲର ଜନ୍ତୁମାନେ ମଣିଷକୁ ଘୃଣା କରନ୍ତି ବା ଦୂରେଇ ରହନ୍ତି ମଣିଷଠାରୁ । ବନ୍ୟଜନ୍ତୁମାନଙ୍କ ଦୃଷ୍ଟିରେ ମଣିଷ ବୋଧହୁଏ ସବୁଠୁଁ ମାରାତ୍ମକ ଜୀବ ।

ରବିବାସରୀୟ ସମ୍ବାଦପୃଷ୍ଠା 'ବିଚିତ୍ରା'ରେ ପ୍ରକାଶିତ 'ମିଷ୍ଟର ଖରସେଲ୍' ଅଗ୍ରଲେଖାଟିକୁ ତନ୍ନତନ୍ନ କରି ଦୁଇଥର ପାଠ କଲି । ମୋ ମନ ଭିତରେ ତୋଫାନ ସୃଷ୍ଟି ହେଲା । ଖରସେଲ୍ ଆଉ କେହି ନୁହେଁ, ମାହୁନ୍ତ ରବୀନ୍ଦ୍ରର ପ୍ରାଣପ୍ରିୟ 'ଶଙ୍କର ବେଟା' ବୋଲି ନିଶ୍ଚିନ୍ତ ହୋଇଗଲି । ତା'ର ଜନ୍ମବୃତ୍ତାନ୍ତ, ତା'ମା' ଭୂତୁଣୀ ହାତୀର ଇତିବୃତ୍ତ ସମ୍ବନ୍ଧରେ ମୁଁ ବିଶେଷ ଅବଗତ । ଭୂତୁଣୀ ହାତୀକୁ ମୁଁ 'ଗୁଣ୍ଡୁଣୀ ଗଜଲକ୍ଷ୍ମୀ' ବୋଲି ମୋ ଅସମ୍ପୂର୍ଣ୍ଣ ଚଟି ପୁସ୍ତକରେ ଚିତ୍ରିତ କରିଛି । ସମ୍ବାଦର ଏହି ଅଗ୍ରଲେଖାଟି ପଢ଼ି ମୁଁ ଜଡ଼ବତ୍ ହୋଇଗଲି । ତଟସ୍ଥ, ବ୍ୟଥିତ ଓ ଚିନ୍ତିତ ହୋଇପଡ଼ିଲି । ଗୋଟିଏ ବର୍ଷକ ମଧ୍ୟରେ ଭୟାବହ ଭୂମିକମ୍ପ ସହିତ ପ୍ରଳୟଙ୍କରୀ ସୁନାମୀ ଭଳି ଏତେ ଓଲଟପାଲଟ ଓ ଦୃଶ୍ୟପଟର ପରିବର୍ତ୍ତନରେ ମର୍ମାହତ ହେଲି । ମନେହେଲା ସମଝଦାର ଶଙ୍କର ବେଟା ଅନ୍ୟାୟରେ କେବଳ ଅତ୍ୟାଚାରିତ ହୋଇ ନାହିଁ, ମୋ ଛାତିରେ କିଏ ଜଣେ ବୋଲଡୋଜର ଆଘାତ କରିଛି ! ଶଙ୍କର ବେଟାର ବୁଦ୍ଧିମତ୍ତା ମହନୀୟତା, କ୍ରୀଡ଼ାନୈପୁଣ୍ୟ ଓ ତା'ର ବୁଝିବା ଶକ୍ତି ସମ୍ବନ୍ଧରେ ମାହୁନ୍ତ ରବୀନ୍ଦ୍ର ଓ ମୋ ବ୍ୟତୀତ ଆଉ କିଏ ଜାଣିଛି ଯେ !

କିନ୍ତୁ ଜନସାଧାରଣଙ୍କ ଧାରଣା କ'ଣ ହେଲା ? ଜଣକର ମହାନତା, ଦେବତ୍ୱ, ଭଲଗୁଣ ପ୍ରଚାରିତ ହୋଇପାରେ ନାହିଁ । କିନ୍ତୁ ପଶୁତ୍ୱ ଓ ଆସୁରିକ ଗୁଣ ପ୍ରଚାରିତ ହୋଇଯାଏ ଖୁବ୍ ଶୀଘ୍ର -ଅନୁଭବ କଲି । ହାୟରେ ବିଧାତା ! ଭର୍ତ୍ସନା କଲି ରବୀନ୍ଦ୍ର, ଶଙ୍କର ବେଟା ଓ ମୋର ମନ୍ଦ ଭାଗ୍ୟକୁ । ମୋର ବିଦେଶ ଗସ୍ତ ହୋଇନଥିଲେ ଏତେବଡ଼ କେଳେଙ୍କାରି କାଣ୍ଡ ହୁଏତ ଏଡ଼ାଯାଇପାରିଥାନ୍ତା ବା ଘଟିନଥାନ୍ତା । ରବୀନ୍ଦ୍ରର ପ୍ରକୃତରେ ଦୋଷ କ'ଣ ? ସେ ଅପରାଧି ହେଲା କିପରି ଓ କାହିଁକି ? ତା' ବିନା ସମଝଦାର ଶଙ୍କର ବେଟା ପ୍ରତିଶୋଧପରାୟଣ, ହିଂସ୍ର ହୋଇ ଆତଙ୍କବାଦୀ ପାଲଟିବା ସ୍ୱାଭାବିକ ନିଶ୍ଚୟ । ପୋଲିସର ଭୂମିକାରେ ମୋର ଘୋର ସନ୍ଦେହ ଜାତହେଲା । ପୁଲିସ କ'ଣ ବୁଝିପାରିଲା ନାହିଁ ଯେ, ମାହୁନ୍ତକୁ ତା' ପୋଷା ହାତୀଠୁଁ ଛଡ଼ାଇ ନେଲେ ହାତୀର ଅବସ୍ଥା କ'ଣ ହେବ ? ମୁରବୀବିହୀନ ପିତାହୀନ ପଶୁର ଦାୟିତ୍ୱ କିଏ ନେବ ? ସମ୍ପ୍ରତି ଅପରିଣାମଦର୍ଶୀତା ପାଇଁ ଭର୍ତ୍ସନା କଲି ମନେ ମନେ । ସଠିକ୍ ଭାବେ ପ୍ରଶାସନ ଦାୟିତ୍ୱ ତୁଲାଇବା ଆଜିର ଯୁଗପାଇଁ ଆହ୍ୱାନ । ସେଇଥିପାଇଁ ସମାଜରେ ନ୍ୟାୟରୁ ବଞ୍ଚିତ ହୋଇ ଅସ୍ତ୍ର, ଆଇନ୍, ହାତକୁ ନେଉଛନ୍ତି ଅନେକେ ।

Digitized by PPRACHIN, SOA

ଦେଶରେ ଆତଙ୍କବାଦ ବୃଦ୍ଧି ପାଉଛି। ଶୋଷିତମାନେ ଅତ୍ୟାଚାରିତ ହୋଇ ଶେଷକୁ ଅସ୍ତ୍ର ଧରୁଛନ୍ତି । ବଞ୍ଚି ମରିବା ଅପେକ୍ଷା ମାରି ମରିବାକୁ ଶ୍ରେୟ ମଣୁଛନ୍ତି- ଖରସେଲ୍ ତା'ର ଉଦାହରଣ । ମୁଣ୍ଡରେ ହାତ ଦେଇ ବସିଲି କିଂକର୍ତ୍ତବ୍ୟବିମୂଢ଼ ଅବସ୍ଥାରେ ।

ମୋ ବୃତ୍ତିଗତ ପଦପଦବୀକୁ ଛି କରିବାକୁ ଇଚ୍ଛା ହେଉଥିଲା । କିନ୍ତୁ ଜୀବିକାଟିଏ ନଥିଲେ ଜୀବନ କିପରି ବଞ୍ଚିବ ? ଶରୀର ନଥିଲେ ଆତ୍ମା କ'ଣ ତିଷ୍ଠିପାରେ ?

ନିର୍ଦ୍ଦୋଷ ଶଙ୍କରକୁ ମୁକ୍ତ କରିବା କର୍ତ୍ତବ୍ୟର ଏକ ବଡ଼ ଆହ୍ୱାନ ରୂପେ ମୋ ଆଗରେ ଠିଆ ହେଲା । ଏହି ଘଡ଼ିସନ୍ଧିବେଳେ ମୋର କର୍ତ୍ତବ୍ୟ କ'ଣ ? କୁଆଡ଼େ ଯିବି ? ରବୀନ୍ଦ୍ର ନା ଶଙ୍କର ବେଟା ପାଖକୁ ? ରବୀନ୍ଦ୍ରର ବର୍ତ୍ତମାନ ସ୍ଥିତି ଠିକଣା ଅବସ୍ଥା ଜାଣି ନାହିଁ ମୁଁ । ହୁଏତ ଥିବ କେଉଁ ଜେଲଖାନାରେ, ବିଚରା ବିତଉଥିବ ଦୁଃଖୀ ବନ୍ଦୀର କରୁଣ ଜୀବନ । କିନ୍ତୁ ଶଙ୍କର ବେଟାକୁ ଧରି ଏଇ ଚନ୍ଦକାର ନନ୍ଦନକାନନରେ କର୍ତ୍ତୃପକ୍ଷ ରଖିଛନ୍ତି। ବର୍ତ୍ତମାନ ତାକୁ ଦେଖିବାକୁ ଇଚ୍ଛା-ଅଭିପ୍ରାୟ ଅଗ୍ରାଧିକାର ଦାବିକଲା ମନରେ । ପ୍ରଭୁ ବିଘ୍ନରାଜ ଗଣେଶଙ୍କୁ ପ୍ରାର୍ଥନା କଲି ଶଙ୍କର ବେଟାର ବିଘ୍ନନାଶନ ପାଇଁ । ପ୍ରଭୁଙ୍କୁ ଏପରି ଆନ୍ତରିକ ନିବେଦନ କେବେ କରିନଥିଲି ଜୀବନରେ, ଏପରିକି ନିଜ ବା ଆତ୍ମୀୟଙ୍କ ସଙ୍କଟ ବେଳରେ । ସଙ୍ଗେସଙ୍ଗେ ଜରୁରୀ ବ୍ୟକ୍ତିଗତ କାରଣ ଦର୍ଶାଇ ଲମ୍ବା ଛୁଟି ନିମନ୍ତେ ଦରଖାସ୍ତ କଲି ଓ ତୁରନ୍ତ ଅଫିସ୍ ଦାୟିତ୍ୱରୁ ମୁକ୍ତହେଲି । ଗଲି ନନ୍ଦନକାନନ। ଶଙ୍କର ବେଟା ପାଇଁ ଝୁଡ଼ିଏ ସେଓ, କାନ୍ଧିଏ ପାଚିଲାକଦଳୀ, ମିଠାଫଳ, କେତୋଟି ନଡ଼ିଆ ଓ ଲଡୁ ନେଲି ।

ଶଙ୍କର ବେଟା ଶିକୁଳିରେ ବନ୍ଧାଥିବା ଦେଖି ମୋ ଆଖିରେ ଲୁହ ଆସିଗଲା । କେତେ ଚଳଚଞ୍ଚଳ ନଥିଲା ସେ ତା' କ୍ରୀଡ଼ାପ୍ରଦର୍ଶନ ବେଳେ। ଫଳଝୁଡ଼ିକୁ ହାତରେ ଧରି ଶଙ୍କର ବେଟା, ଶଙ୍କର ବେଟା ବୋଲି ଖୁବ୍ ବଡ଼ ପାଟିରେ ଚିତ୍କାର କଲି ଲୋତକାପ୍ଲୁତ ମୁହଁରେ । କେଉଁଠୁ ଶଙ୍କର ବେଟା ଶବ୍ଦଟା ଆସିଲା ବୋଲି ଶୁଣି ସେ ତଟସ୍ଥ ହେଲା ପରି ଲାଗିଲା । ମୁଣ୍ଡ ଉପରକୁ ଟେକି କାନ ଲହ ଲହ କଲା। ମୁଁ ଆଉ ନିଜକୁ ସମ୍ଭାଳି ନପାରି ତା' ଶୁଣ୍ଢ ଓ ଦେହକୁ ଆଉଁସି ଗଲି । ସେ ମୋତେ ଚିହ୍ନିନେଲା ବୋଧହୁଏ, ମୋ ମନକଥା ଓ ହୃଦୟର ବ୍ୟଥା ଜାଣିପାରିଲା- ତା' ଆଚରଣରୁ ମୁଁ ଜାଣିପାରିଲି। ସେଦିନ ଖେଳ ଦେଖାରେ ମୋ ମୁଣ୍ଡରେ ସିନ୍ଦୂର ଦେଇଥିଲା ଓ ମୋଠୁଁ ଦକ୍ଷିଣା ନେଇ ରବୀନ୍ଦ୍ରକୁ ଦେଇଥିଲା । ହାତୀମାନଙ୍କ ଦୃଷ୍ଟିଶକ୍ତି ବିଶେଷ ପ୍ରଖର ନହେଲେ ବି ଘ୍ରାଣଶକ୍ତି, ସ୍ପର୍ଶଶକ୍ତି ଓ ସ୍ମୃତିଶକ୍ତି ପ୍ରବଳ । ଥରେ ସେ ଶୁଙ୍ଘି ଦେଲେ ବା ଦେଖିଦେଲେ ଜୀବନବ୍ୟାପୀ ମନେରଖନ୍ତି । ଅନ୍ଧବାଡ଼ିରେ ସ୍ପର୍ଶ କରି ଜିନିଷ ଜାଣିବା

Digitized by PPRACHIN, SOA

ଓ ବାଟଚାଲିବା ପରି ତା'ର ଥୋଡ଼ପା ସ୍ପର୍ଶଦ୍ୱାରା ସେ ଜାଣିପାରେ, ମଣିଷର ହୃଦୟ ପଢିବାରେ। ଏପରିକି ପ୍ରବାହିତ ପବନ ସ୍ପର୍ଶରୁ ଏବଂ ବାଘ ମୁତିଥିବା ଗନ୍ଧରୁ ତା'ର ଚିରଶତ୍ରୁ ବାଘର ଅବସ୍ଥିତି ଜାଣିପାରେ ଏବଂ ଭୂମିକମ୍ପ ପୂର୍ବରୁ ସେ ଗର୍ଜନ ଓ ସ୍ୱର ମାଧ୍ୟମରେ ପୂର୍ବାଭାସ ଦେଇପାରେ । ଏମିତି ଥରେ ଗ୍ରାମାଞ୍ଚଳରେ ବରଗଛ ମୂଳେ ରାତ୍ରଯାପନ କାଳରେ ଶଙ୍କର ବେଟା ଝଡ଼ ତୋଫାନର ପୂର୍ବାନୁମାନ ଓ ଆସନ୍ନ ବିପତ୍ତିର ସୂଚନା ଦେଇ ପାରିଥିଲା- ରବୀନ୍ଦ୍ରଠୁଁ ଏହି କିମାଶ୍ଚର୍ଯ୍ୟମ୍ କଥା ଶୁଣି ତାବୁଜ ହୋଇଯାଥିଲି। ସୃଷ୍ଟିର ଏକ ଉପକାରୀ ଜୀବ ସେ । ଏଥିପାଇଁ ଆମ ଧର୍ମଭାବନା ଓ ପୁରାଣରେ ପଶୁମାନଙ୍କ ଭିତରେ ତାକୁ ଉଚ୍ଚାସନ ଦିଆଯାଇଛି ସୃଷ୍ଟିକାଳରୁ, ସଭ୍ୟତାର ଉନ୍ମେଷ ବେଳରୁ। ପୁରୁଣା କହେ, ଯେତେବେଳେ ସମୁଦ୍ରମନ୍ଥନ ହୋଇଥିଲା, ମନ୍ଥନରୁ ମୂଲ୍ୟବାନ ପଦାର୍ଥ ମଧ୍ୟରେ ଐରାବତ ହସ୍ତୀ ଥିଲା ଅନ୍ୟତମ, ଯାହାକୁ ଦେବରାଜ ଇନ୍ଦ୍ର ସ୍ୱର୍ଗର ନନ୍ଦନକାନନକୁ ନେଇଯାଇଥିଲେ । ପୃଥ୍ୱୀ ଯେତେବେଳେ ଅଗ୍ନିଅନଳରେ ଧ୍ୱଂସିତ ହେଉଥିଲା, ସ୍ୱର୍ଗ ରାଜ୍ୟରୁ ଗଙ୍ଗାଙ୍କୁ ଆଣିବା ପାଇଁ ରାଜା ଭଗୀରଥ ତପସ୍ୟା କଲେ । ତପୋବଳରେ ଗଙ୍ଗାଙ୍କୁ ତୁଷ୍ଟ କରି ଯେତେବେଳେ ମର୍ତ୍ତ୍ୟଲୋକକୁ ଆଣିଲେ ଗଙ୍ଗା ସ୍ୱର୍ଗରୁ ଅବରୋହଣ କଲାମାତ୍ରେ ଅସୁରଙ୍କ ଇନ୍ଦ୍ରଜାଲ ଦ୍ୱାରା ମେରୁକୋଟର ମଧ୍ୟରେ ଲୁଚିଗଲେ। ଭଗୀରଥ ଐରାବତ ହସ୍ତୀଙ୍କୁ କାକୁତି ମିନତି କରି ମେରୁ ଗିରିରେ ଦନ୍ତାଘାତ କରନ୍ତେ, ଐରାବତଙ୍କ ଗୋଟିଏ ଦାନ୍ତ ଭାଙ୍ଗି ମେରୁଗିରିରେ ରହିଗଲା ସତ, କିନ୍ତୁ ସେହି ଗର୍ତ୍ତରୁ ପବିତ୍ର ପୁଣ୍ୟତୋୟା ଗଙ୍ଗା ଜଳରାଶି ପ୍ରବାହିତ ହେଲା ଏବଂ ସଂସାର ଧ୍ୱଂସାନଳରୁ ମୁକ୍ତ ହେଲା । ଉକ୍ତ ଉପାଖ୍ୟାନଟି ହସ୍ତୀର ଅପରିମିତ ଶକ୍ତି ଆଉ ମଣିଷ ସଭ୍ୟତା ପାଇଁ ଜଗତରେ ତା'ର ଅବଦାନ ସମ୍ବନ୍ଧରେ ଏକ ପ୍ରତୀକାତ୍ମକ ପୁରାଣ ବର୍ଣ୍ଣିତ ପରିବେଷଣ କୁହାଯାଇପାରେ । ଏବେ ବିଶ୍ୱଜଗତରେ ଯେତେ ହାତୀ ଅଛନ୍ତି ସେମାନେ ଐରାବତଙ୍କର ବଂଶଧର ବୋଲି ବିଶ୍ୱାସ କରାଯାଏ ।

ଖରସେଲ୍‌ର ମୁକ୍ତି ବିଷୟରେ ନନ୍ଦନକାନନ ନିର୍ଦ୍ଦେଶକ ମହାଶୟ ଶ୍ରୀଯୁକ୍ତ ସରୋଜ କୁମାର ପଟ୍ଟନାୟକଙ୍କ ସଙ୍ଗେ ଆଲୋଚନା କଲି । କେଉଁ ପରିପ୍ରେକ୍ଷୀରେ ସେ ଖରସେଲ୍‌କୁ ବନ୍ଦୀ କରି ନନ୍ଦନକାନନ ଆଣି ଚିକିତ୍ସିତ କରୁଛନ୍ତି, ତାହା ପୁଙ୍ଖାନୁପୁଙ୍ଖ ବର୍ଣ୍ଣନା କଲେ ସେ । ତାଙ୍କ ବନବିଭାଗୀୟ ଜୀବକାଳ ଅନୁଭୂତିରେ ଖରସେଲ୍ ସୃଷ୍ଟିର ଏକ ଅନନ୍ୟ ହାତୀ ବୋଲି ସହମତ ହେବା ସଙ୍ଗେ ସଙ୍ଗେ ଖରସେଲ୍‌ର ବାୟୋଡାଟା, ଚରିତ୍ର, ପ୍ରକୃତିର ମତିଗତି, ଆକାର ବିକାର ଓ ଶାରୀରିକ ଗଠନ ଓ ସୁବିଶାଳ ଦନ୍ତ ସମ୍ବନ୍ଧରେ ଏକ ସୁବିସ୍ତୃତ ବିବରଣୀ ସି.ସି.ବି.ଏମ୍. (ସେଣ୍ଟର ଅଫ୍

Digitized by PPRACHIN, SOA

ସେଲ୍ୟୁଲାର୍ ଆଣ୍ଡ ମଲିକ୍ୟୁଲାର୍ ବାୟୋଲଜି) ହାଇଦ୍ରାବାଦ୍‌କୁ ପଠାଇଛନ୍ତି ଅଧିକ ଗବେଷଣା ଓ ଅନୁଧ୍ୟାନ ଉଦ୍ଦେଶ୍ୟରେ । ହାଇଦ୍ରାବାଦସ୍ଥ ଦେଶର ଏହି ଅନୁଷ୍ଠାନ ସି.ଏସ୍.ଆଇ.ଆର୍. (କାଉନ୍‌ସିଲ୍ ଅଫ୍ ସାଇଣ୍ଟିଫିକ୍ ଇଣ୍ଡଷ୍ଟ୍ରିଆଲ୍ ରିସର୍ଚ୍ଚ), ଦିଲ୍ଲୀ ଅଧୀନରେ ଗବେଷଣାରତ । ଏଠାରେ ପ୍ରାଣୀର ଡି.ଏନ୍.ଏ. ଏବଂ କ୍ଲୋନିଂ ପ୍ରଣାଳୀରେ ଭବିଷ୍ୟତରେ ଉନ୍ନତ ଜୀବସୃଷ୍ଟି ପାଇଁ ଓ ସେମାନଙ୍କ ବଂଶବୃଦ୍ଧି ନିମନ୍ତେ ପ୍ରାୟୋଗିକ ବିଜ୍ଞାନ ବିକାଶ ଯୋଜନା ଓ ଗବେଷଣା ଚାଲୁରହିଛି । ହାଇଦ୍ରାବାଦରୁ ଏକ ଡାକ୍ତର ବୈଜ୍ଞାନିକ ଦଳ ଖରସେଲ୍‌କୁ ପରୀକ୍ଷା କରି ତା'ର ରକ୍ତମାଂସ ନମୁନା ସଂଗ୍ରହ କରିନେଇଛନ୍ତି । ଏ ସମସ୍ତ ବିବରଣୀ ଜାଣିବା ପରେ ଆଶ୍ୱସ୍ତ ହେଲି ମୁଁ ।

ତା'ପରେ ଓଡ଼ିଶା ବିଧାନସଭାର ତା୭।୭।୧୯୯୫ ମସିହାର କାର୍ଯ୍ୟଧାରା ବିବରଣୀ ପାଠ କଲି । ବଲାଙ୍ଗୀର ବିଧାୟକ ବଲାଙ୍ଗୀର ଉପଖଣ୍ଡରେ ମତ୍ତହସ୍ତୀ ଉତ୍ପାତ ସମ୍ବନ୍ଧରେ ଓ ସରକାରଙ୍କ ଆଶୁ ପଦକ୍ଷେପ ସଂପର୍କରେ ବିଧାନଗୃହକୁ ଜଣାଇବାକୁ ସେଦିନ ଦାବି କରିଥିଲେ । ସେଥିରେ ମାହୁନ୍ତବିହୀନ ମତ୍ତହସ୍ତୀ ବଲାଙ୍ଗୀର ବୌଦ୍ଧ ସୋନପୁର ବନଖଣ୍ଡରେ ଉତ୍ପାତ କରୁଥିବା ଏବଂ ତାକୁ ଆୟତ୍ତ କରିବା ପାଇଁ ପଦକ୍ଷେପ ବିଷୟରେ ବର୍ଣ୍ଣିତ ହୋଇଅଛି । ଦେଶର ଭିନ୍ନ ଏହି ଆତଙ୍କବାଦୀ ହସ୍ତୀଟିକୁ ହତ୍ୟା ନକରି ତାକୁ ବନ୍ଦୀ କରି ଚିକିତ୍ସା କରିବା ପାଇଁ ସରକାର ବିଧାନସଭା କକ୍ଷରେ ପ୍ରତିଶ୍ରୁତି ଦେଇ ଏ ଦିଗରେ ଧ୍ୟାନ ଦିଆଯାଇଛି ବୋଲି ବିଭାଗୀୟ ମନ୍ତ୍ରୀ ମହୋଦୟ ବିଧାନସଭା ଗୃହରେ ଉତ୍ତର ଦେଇଥିଲେ । ଉଚ୍ଚ ନ୍ୟାୟାଳୟ ହାଇକୋର୍ଟଙ୍କୁ ସରକାରଙ୍କ ଦୃଷ୍ଟିଭଙ୍ଗୀ ଓ ପଦକ୍ଷେପ ସମ୍ବନ୍ଧରେ ଅବଗତ କରାଯାଇଥିଲା । ମାନସିକ ସ୍ତରରେ ହାଲୁକା ଅନୁଭବ କଲି ସରକାରଙ୍କ ଆଭିମୁଖ୍ୟରେ...

◆◆◆

Digitized by PPRACHIN, SOA

- ୧୯ -

ବଲାଙ୍ଗୀର ଥାନା । ନିଜର ପରିଚୟ ଦେଇ ତଥ୍ୟ ଜାଣିବା ଅଧିକାର ଆଇନ୍ ବଳରେ ରବୀନ୍ଦ୍ରର କେସ୍ ରେକର୍ଡ ଓ ଅଭିଯୋଗ ନଥି ଦେଖିଲି । ପୋଲିସ୍ ଆଗରେ କହିଥିବା ରବୀନ୍ଦ୍ରର ବୟାନକୁ ପାଠକଲି । ରବୀନ୍ଦ୍ର ଜଣେ ଦୁର୍ଦ୍ଦାନ୍ତ ଆତଙ୍କବାଦୀ ନକ୍ସଲପନ୍ଥୀ ! ଆଶ୍ଚର୍ଯ୍ୟ ହେଲି ।

ରବୀନ୍ଦ୍ର ପରମାଣିକ ବର୍ତ୍ତମାନ କେଉଁଠି ବୋଲି ପଚାରିବାରୁ ଥାନା ଅଧିକାରୀ କହିଲେ– "ତାକୁ ଆମେ ବଲାଙ୍ଗୀର ଜିଲ୍ଲା ଜେଲଖାନାରେ ରଖିଥିଲୁ । କିନ୍ତୁ ଅବସ୍ଥା ଅଣାୟତ୍ତ ହେବାରୁ ବୌଦ୍ଧ କଇଦୀଖାନାକୁ ସ୍ଥାନାନ୍ତରିତ କରିଛୁ ।"

"କାହିଁକି ?"

"ତା ଦୁଷ୍ଟ ଦୁର୍ଦ୍ଦାନ୍ତ ହାତୀ, କୁକୁର ଆଉ ମାଙ୍କଡ଼ ଏଠାରେ ଆସି ଉତ୍ପାତ କଲେ । ଚାଲାଖ କୁକୁରଟା ତା' ମୁନିବ ଜେଲଖାନାରେ ଅଛି ବୋଲି ମାଙ୍କଡ଼ ଓ ହାତୀକୁ ଜଣାଇଦେଲା । ତା'ପରେ ପାତିମାଙ୍କଡ଼ଟା ଜେଲ୍ ଆଗ, ପଛ, ଭିତର ଗଛ ଛାଡ଼ି କୁଆଡ଼େ ଗଲା ନାହିଁ, ସମସ୍ତଙ୍କୁ ଖିଙ୍କାରିଲା । ସୁଉଚ୍ଚ ଜେଲ୍ ପ୍ରାଚୀର ଡେଇଁ ଜେଲ୍ ଭିତରେ ବି ଆସାମୀ ରବୀନ୍ଦ୍ର ପଛେ ପଛେ ଧାଇଁଲା । ଜଣେ ୱାର୍ଡର ତାକୁ ପିଟିଦେବାରୁ ସେ ତାକୁ କାମୁଡ଼ି ଦେଲା । ଏଣେ କୁକୁରଟା ଜେଲ୍ ଭିତରକୁ ପଶି ପାରିଲା ନାହିଁ ସିନା ଜେଲ୍ ଆଗରେ ଧାରଣା ଦେଲା । ସମସ୍ତଙ୍କୁ ଭୁକିଲା, କାମୁଡ଼ିବାକୁ ଗୋଡ଼ାଇଲା । ତା'ପରେ ଶକ୍ତ ଦାନ୍ତବାଲା ଦୁର୍ଦ୍ଦାନ୍ତ ହାତୀଟା ଆସି ଉପସ୍ଥିତ । ତା' କାଣ୍ଡ କହିଲେ ନସରେ । ତା'ର ପ୍ରଚଣ୍ଡ ଗର୍ଜନ ଶୁଣି ରବୀନ୍ଦ୍ର ଭିତରୁ ସୁସ୍କାର ମାରିଲା ହୁଏତ ଆଉ ଟିକିଏ ପରେ ଲୌହ ଗେଟ୍‌ଟା ଭାଙ୍ଗି ପଡ଼ିଥାନ୍ତା । ତା' ମାଲିକ ମାହୁନ୍ତ ପ୍ରକାଣ୍ଡ ପାଚେରିଘେରା ନିବୁଜ ଜେଲଖାନା ଭିତରେ ଅଛି ଜାଣିପାରି କ୍ରୁଦ୍ଧ ହୋଇ ଉତ୍ପାତ, ଅତ୍ୟାଚାର, ଆକ୍ରମଣ ଆରମ୍ଭ କରିଦେଲା । ପାଖର ଗଛବୃକ୍ଷ ଭାଙ୍ଗି ରାସ୍ତାରେ ଗଦେଇ ଦେଲା । ଅଫିସ୍ ଭିତରେ ପଶି ଟେବୁଲ୍ ଚୌକି ଆଲମିରା ଭାଙ୍ଗିଲା । ଲୁହା ଗେଟ୍‌କୁ ଧକ୍କା ମାରିଲା । ତା ପାଗଳା ଆଚରଣରେ ଆମ୍ଭେମାନେ ସମସ୍ତେ ତ୍ରସ୍ତ ଭୟଭୀତ

Digitized by PPRACHIN, SOA

ହୋଇଗଲୁ । ଏଣୁ ରବୀନ୍ଦ୍ରକୁ ସୁସ୍ଥାର ନମାରିବାକୁ ତାଗିଦ କଲୁ । ଏ ବିଶାଳ ଦାନ୍ତବାଲା ହାତୀଟିକୁ କ'ଣ କରାଯିବ ? ଜିଲ୍ଲାପାଳ ଓ ବନପାଳ ଓ ଆମ ପୋଲିସ ଅଧ୍ୟକ୍ଷଙ୍କୁ ଏକଥା ଜଣାଇଲୁ । ପ୍ରଶାସନ ନିଷ୍ପତ୍ତି ମତେ ରବୀନ୍ଦ୍ରକୁ ବୌଦ୍ଧ ଜେଲଖାନାକୁ ପଠାଇ ଦେଲୁ ।

'ତା'ପରେ ହାତୀର ଅବସ୍ଥା ?' ପଚାରିଲି ଥାନାବାବୁଙ୍କୁ ।

"ତା'ପରେ ସେ ବାୟା ହୋଇ ଏଣେତେଣେ ବୁଲିଲା । କେତେବେଳେ ଜଙ୍ଗଲରେ ତ କେତେବେଳେ ଜନପଦରେ । ବଲାଙ୍ଗୀର, ବୌଦ୍ଧ, ସୋନପୁର, ଫୁଲବାଣୀରେ ଘୋର ଆତଙ୍କରାଜ ସୃଷ୍ଟି କଲା । ତା' ଲମ୍ବା ଦାନ୍ତ ଦୁଇଟା ଦେଖିଲେ ଯେକୌଣସି ଲୋକ ଭୟ କରିଯିବ । ଏତେବଡ଼ ଦନ୍ତାହାତୀ ଦୁନିଆରେ କେଉଁଠି ନଥିବ । ଲୋକେ ତାଟିକବାଟ ଘରଦ୍ୱାର ବନ୍ଦ କରି ରହିଲେ। କେତେ ଲୋକଙ୍କୁ ମାରିଲା ବୋଲି ଅଭିଯୋଗ ଉଠିଲା। ବଲାଙ୍ଗୀର ସାର୍ବଜନୀନ ଦୁର୍ଗାପୂଜା ପାଇଁ ପ୍ରସିଦ୍ଧ । ଖୁବ୍ ଆଡ଼ମ୍ବରରେ ପାଳିତ ହୁଏ ପୂଜା । ଗତ ଦଶହରା ଦିନ ହଠାତ୍ ପୂଜାମଣ୍ଡପରେ ପହଞ୍ଚି ଲଙ୍କାକାଣ୍ଡ କଲା । ବ୍ୟାଘ୍ରାରୋହଣ କରିଥିବା ଠାକୁରାଣୀଙ୍କ ଆସ୍ଥାନକୁ ଭାଙ୍ଗି କଳାପାହାଡ଼ ଭଳି ଚୂରମାର୍ କରିଦେଲା । ପୋଲିସ ଫଉଜ ଧରି ଆମେ ତାକୁ ପିଛା କଲୁ । ଖାକି ପୋଷାକଧାରୀ ଟୋପି ପିନ୍ଧା ପୋଲିସ, ବନବିଭାଗ, ଅବକାରୀ ବିଭାଗ କର୍ମଚାରୀଙ୍କୁ ଶୁଣ୍ଢଟେକି ଭୟ ଦେଖାଇ ଗର୍ଜନ କରି ଗୋଡ଼ାଇଲା । କିନ୍ତୁ ବନ୍ଧୁକ ଦେଖିଲା ମାତ୍ରେ ବଣ ଭିତରକୁ ଛୁଟିଲା ।

"ଜଣେ ୟୁନିଫର୍ମ ପିନ୍ଧା କନେଷ୍ଟବଳ (ହାବିଲଦାର) ତ୍ରିଲୋଚନ ବରାଳ ଝରାଛୁଆ ଗାଁରୁ ହାତକଡ଼ି ପକାଇ ଦୁଇଜଣ ମଣିଷ ହତ୍ୟାକାରୀଙ୍କୁ ଚଲାଇ ଚଲାଇ ଆଣୁଥିଲା । ହାବିଲଦାର ସାଇକେଲ ଧରି ତାଙ୍କ ସଙ୍ଗେ ସଙ୍ଗେ ଚାଲି ଚାଲି ଆସୁଥିଲା । ବାଟରେ ହାତୀର ହାବୁଡ଼ରେ ପଡ଼ିଗଲା । ଖରସେଲ୍ ଦଉଡ଼ିଗଲା ଖାକି ପୋଷାକ ପିନ୍ଧା ସାଇକେଲ ଧରାଳି ହାବିଲଦାର ତ୍ରିଲୋଚନ ବରାଳ ପାଖକୁ । ସାଇକେଲ ସହିତ ତାକୁ ଶୁଣ୍ଢରେ ଟେକି ନେଇ ରାସ୍ତାକଡ଼ ପୋଖରୀ ଭିତରେ ଫୋପାଡ଼ି ଦେଲା ଏବଂ ପଳାୟନ କଲା । ବିଚରା ହାବିଲଦାର ପାଣିରେ ବୁଡ଼ି ଉବୁଟୁବୁ ହେଉଥିଲାବେଳେ ହାତକଡ଼ି ଲାଗିଥିବା ଅଭିଯୁକ୍ତ ଆସାମୀଦ୍ୱୟ ପୋଖରୀ ଭିତରକୁ ପଶି ତ୍ରିଲୋଚନଙ୍କୁ ପାଣିରୁ ଉପରକୁ ଆଣିଲେ । ବଞ୍ଚିଗଲେ ସେ, କିନ୍ତୁ ତାଙ୍କ ବାମ ହାତ ହାଡ଼ ଭାଙ୍ଗି ଯାଇଥିଲା । ଚାରି ମାସ ଡାକ୍ତରଖାନାରେ ପଡ଼ିଲେ ।

ରାତିରେ ଅଧିକାଂଶ ସମୟରେ ସେ ଖରସେଲ୍ ଜଙ୍ଗଲରେ ରହୁଥିଲା । ମଇଁଷି ଗୋଠ ସହିତ ମିଶୁଥିଲା । କିନ୍ତୁ ମଇଁଷିଆଳମାନେ ତାକୁ ଡରୁଥିଲେ । ପାଗଳା

Digitized by PPRACHIN, SOA

ହାତୀର କ'ଣ ଠିକ୍ ଠିକଣା ଅଛି ? କେତେବେଳେ ପିଉ ମୁଣ୍ଡକୁ ଚଢିଗଲେ କାଣ୍ଡ କରି ବସିବ।

"କେତେଜଣ ଲୋକଙ୍କୁ ମାରିଛି" ?- ପଚାରିଲି ।

"ତିନି ଜଣଙ୍କୁ"

"କେସ୍ ରେକର୍ଡ ଦେଖିପାରିବି ?"

"ଦେଖନ୍ତୁ ।"-

ଶଙ୍କର ବେଟାର ବିରୁଦ୍ଧରେ ଅଭିଯୋଗ ଫର୍ଦ୍ଦଗୁଡ଼ିକରେ ନଜର ପକାଇଲି । ସତରେ କ'ଣ ଶଙ୍କର ବେଟା ହତ୍ୟାକାରୀ କି ଖାଲି ମଣିଷ ତୁଣ୍ଡ ବାଇଦରେ ପ୍ରଚାରିତ ? ଅନୁସନ୍ଧାନରୁ ଜାଣିଲି ତା' ବିରୁଦ୍ଧରେ ୩ଟି ମାତ୍ର ହତ୍ୟା ଅଭିଯୋଗ :

ଅଭିଯୋଗ ଏକ : ବଲାଙ୍ଗୀର ସହର, ମୋଦିପଡ଼ା ବସ୍ତି । ଏତଲା ନଂ୬୨/୧୦୮/୨୦୮୫ । ଏତଲାଦାତା କୀର୍ତ୍ତନ ପୃଷ୍ଟି, ପିତା ସ୍ୱର୍ଗତ ଶ୍ରୀଚରଣ ପୃଷ୍ଟି । ମୃତପୁତ୍ର ପୀତାମ୍ବର ପୃଷ୍ଟି, ବୟସ ୩୨ ବର୍ଷ, ଜାତିରେ ଗୁଡ଼ିଆ, ଧନ୍ଦା ମିଠା ବ୍ୟବସାୟ । ବରାଦ ମୁତାବକ ବାହାଘର ପାଇଁ ମିଠେଇ ବନାଉଥିଲା । ତା' ଦୋକାନରେ ପଶି ହାତୀ ବଡ଼ ବଡ଼ ଲଡୁଗୁଡ଼ିକ ଖାଉଥିଲାବେଳେ ନିଆଁରେ ଫୁଟନ୍ତା ତତଲା ଚିନିସିରା ହାତୀ ମୁହଁକୁ ତଙ୍କିଏ ଫିଙ୍ଗିଦେଲା ଦୋକାନୀ। ହାତୀ ତତ୍କ୍ଷଣାତ୍ ରାଗିଯାଇ ପୀତାମ୍ବରକୁ ଶୁଣ୍ଢରେ ଟେକି ନେଇ ଫୋପାଡ଼ି ଦେଲା । ସେ ଖଣ୍ଡେ ଦୂରରେ ବେହୋସ୍ ହୋଇପଡ଼ିଲା । ତାକୁ ଡାକ୍ତରଖାନାକୁ ନିଆଗଲା । ସେଠି ସେ ମୃତ ବୋଲି ଡାକ୍ତର ଘୋଷଣା କଲେ । ଡାକ୍ତରୀ ଶବବ୍ୟବଚ୍ଛେଦ ରିପୋର୍ଟ - ହେଡ୍ ହ୍ୟାମ୍‌ରେଜ୍ ଓ ସି.ଭି.ଏ (କାର୍ଡିଓ ଭାସ୍କୁଲାର ଆକ୍‌ସିଡେଣ୍ଟ) । ଅନୁସନ୍ଧାନ ପରେ ମୋର ମତ, ସିଦ୍ଧାନ୍ତ-ପୂର୍ବରୁ ପୀତାମ୍ବର ବ୍ରୋଙ୍କାଲ୍ ଆଜ୍‌ମା ସହିତ ର୍‌ୟୁମାଟିକ୍ ଏମ୍.ଏସ୍. (ମାଇକ୍ରୋ ଷେନୋସିସ୍) ପାଇଁ ଚିକିତ୍ସିତ ହେଉଥିଲା ବୋଲି ତା' ଔଷଧ ଓ ଡାକ୍ତରୀ ଚିକିତ୍ସା ଚିଠାରୁ ଜଣାପଡୁଛି । ଅବଶ୍ୟ ହାତୀ ତାକୁ ଫୋପାଡ଼ି ଦେବା ଦ୍ୱାରା ପୂର୍ବରୁ ପୀଡ଼ିତ ଥିବା ପୀତାମ୍ବର ସହସା ପ୍ରାଣତ୍ୟାଗ କଲା । ଖରସେଲ୍ ହୁଏତ ପରୋକ୍ଷରେ ଦାୟୀ ହୋଇପାରେ । ମାତ୍ର ତାକୁ ଦାୟୀ କରିବା ପୂର୍ବରୁ ତା' ଉପରକୁ ଗରମ ଚିନି ସିରା ଫିଙ୍ଗି ତାକୁ ଉତ୍ୟକ୍ତ ଓ ପ୍ରତିଶୋଧ ପରାୟଣ କରିବାରେ ଦାୟୀ କିଏ ?

ଅଭିଯୋଗ ଦୁଇ : ଫୁଲବାଣୀ ଫୁଲଝରା ଗାଁର ବୃଦ୍ଧା । ସଦରଥାନା ଏତଲା ନଂ- ୧୦୧/୧୯୮/୨୮୫ । ମୃତ ବୃଦ୍ଧା ଚନ୍ଦୁରୀ ବେଓ୍ୱା, ସ୍ୱାମୀ ସ୍ୱର୍ଗତ ଶତ୍ରୁରା ପାହାନ, ବୟସ - ୫୮, ଜୀବିକା: ଜଙ୍ଗଲରୁ ଜାଳକାଠ ଓ ବନ୍ୟଦ୍ରବ୍ୟ ସଂଗ୍ରହ ।

Digitized by PPRACHIN, SOA

ସାକ୍ଷୀ କେହି ନାହାନ୍ତି । ଗୋଟିଏ ଶୁଖିଲା ଖାତ ଭିତରୁ ତା' ମୃତଦେହ ଉଦ୍ଧାର । ଡାକ୍ତରୀ ମାଇନା ରିପୋର୍ଟ - ଭି.ଭି.ଏ. (ଭାସ୍କୋ ଭାଗାଲ୍ ଆଟାକ୍) ।

ମୋର ମତ ଓ ସିଦ୍ଧାନ୍ତ - ବୁଢ଼ୀ ସବୁଦିନ ପରି ଜଙ୍ଗଲକୁ ଯାଇଥିଲା । ହାତୀ ହାବୁଡ଼ରେ ମୁହାଁମୁହିଁ ପଡ଼ିଛି ଏବଂ ଭୟରେ ଦୌଡ଼ିଛି । ପଥର ଝୁଣ୍ଟି ପଥୁରିଆ ଖାତରେ ପଡ଼ିଛି । ମସ୍ତିଷ୍କ ହାମରେଜ । ଦେହରେ କୌଣସି କ୍ଷତଚିହ୍ନ ନାହିଁ । ଭୟରେ ତା'ର ହୃଦ୍‌ସ୍ପନ୍ଦନ ବନ୍ଦ ହୋଇଯାଇଛି ।

ଅଭିଯୋଗ ତିନି : ବିଜନପାଲି ଥାନା - ଏତଲା ନଂ-୯୧/୧୧୮/୨୦୮୫ । ଏତଲାଦାତା - ବିଶ୍ୱନାଥ ଗଉଁତିଆ, ବୟସ ୩୮, ପିତା ସ୍ୱର୍ଗତଃ ନୀଳକଣ୍ଠ ଗଉଁତିଆ, ଧନ୍ଦା - ଚାଷବାସ ଓ ଧାନକଳ । ଅଧରାତିରେ ହାତୀ ହଠାତ୍ ଗାଁରେ ପଶି ଗଉଁତିଆଙ୍କର କାଠ ନିର୍ମିତ ଅମାରଘର ଶୁଣ୍ଢ ଓ ଦାନ୍ତରେ ଠେଲି ଭାଙ୍ଗିଦେଲା ଓ ଅମାର ଘରୁ ଧାନ ଖାଇଲା । ଅମାର ଘର ଭୁଷୁଡ଼ି ଗଲା । ବାରଣ୍ଡାରେ ଶୋଇଥିଲେ ଗୃହପିତା ନୀଳକଣ୍ଠ ଗଉଁତିଆ । ତାଙ୍କୁ ଅମାର ଖୁଣ୍ଟ ମାଡ଼ିବସିଲା ଏବଂ ସେ ସେଇଠି ମରିଗଲେ । ଡାକ୍ତରୀମାଇନା ରିପୋର୍ଟ - ଶ୍ୱାସରୁଦ୍ଧ ଯୋଗୁଁ ମୃତ୍ୟୁ । ମୃତ ନୀଳକଣ୍ଠ ଗଉଁତିଆଙ୍କ ପୁତ୍ର ବିଶ୍ୱନାଥ ୧୦ ଲକ୍ଷ ଟଙ୍କା କ୍ଷତିପୂରଣ ଦାବି କରିଛନ୍ତି ସରକାରଙ୍କ ଠାରୁ । ମୋକଦ୍ଦମା ବିଚାରଧୀନ । ମୋର ମତ - ଶଙ୍କର ପରୋକ୍ଷରେ ଦାୟୀ ଅବଶ୍ୟ । କିନ୍ତୁ ଶଙ୍କର ପାଗଳ ଓ ପ୍ରତିଶୋଧପରାୟଣ ହେବା ପାଇଁ ଦାୟୀ କିଏ ? ତା'ର କ୍ଷତିପୂରଣ କିଏ ଦେବ ? କିଏ ତା'ର ବିଚାର କରିବ ? ସେ ଅପକାର୍ଓ ମୁଣ୍ଡେଇଛି କା' ଯୋଗୁଁ ?

"ଜଣେ ୨୮ ବର୍ଷିଆ ଓ ଅନ୍ୟଟି ୨୯ ବର୍ଷିଆ ଯଥାକ୍ରମେ ପ୍ରେମା ଓ ବାସନ୍ତୀ ନାମ୍ନୀ ଦୁଇଟି ପୋଷାହସ୍ତୀ ନନ୍ଦନକାନନରୁ ଅଣାଯାଇ ଖରସେଲ ଜଙ୍ଗଲର ପାଖାପାଖି ଛାଡ଼ିଦିଆଗଲା । ହେଲେ ତହିଁ ପର ଦିନ ଦେଖାଗଲା, ଉଭୟେ ମାଈ ହାତୀ ଜଙ୍ଗଲରୁ ପଳାଇ ଆସିଲେ ଏବଂ ସେମାନଙ୍କ ମାହୁନ୍ତ ପାଖରେ ପହଁଚିଲେ, ଯେଉଁଠି ସେମାନେ ବନ୍ଧା ହୋଇ ପ୍ରଥମେ ରହିଥିଲେ । ପୁନଶ୍ଚ ମାହୁନ୍ତଦ୍ୱୟ ପ୍ରେମା ଓ ବାସନ୍ତୀକୁ ନେଇ ମନ୍ଥ ହସ୍ତୀ ପାଖେ ଛାଡ଼ିଲେ ସେମାନଙ୍କ ପିଠିରେ ବସି । କିନ୍ତୁ ଦନ୍ତାହାତୀ ଗର୍ଜନ କରି ସେମାନଙ୍କୁ ଭୟ ପ୍ରଦର୍ଶନ କଲା । ଏଣୁ ସେମାନେ ତା' ପାଖକୁ ଯିବାକୁ ଡରିଲେ । ତା'ର ଯଦି ମସ୍ତି ସମୟ ହୋଇଥାନ୍ତା, ମାଈ ହାତୀ ପ୍ରତି ବିଦ୍ୱେଷ ହେଲା କାହିଁକି ? ପ୍ରଶ୍ନ ଆନ୍ଦୋଳିତ କରିଥିଲା କର୍ତ୍ତୃପକ୍ଷଙ୍କୁ । ତହିଁ ପରଦିନ ଦେଖାଯାଏ, ଦନ୍ତାହାତୀ ପୁନଶ୍ଚ ବଲାଙ୍ଗୀର ସହର ଭିତରେ । ଦିନବେଳେ ସହରରେ ବୁଲେ ରାତିରେ ଖରସେଲ୍

Digitized by PPRACHIN, SOA

ଜଙ୍ଗଲକୁ ପଳାଏ । ସେଦିନ ସନ୍ଧ୍ୟା ପାଖାପାଖି ବେଳରେ ଜଙ୍ଗଲରୁ ଫେରିଲାବେଳେ ପିଲା କେତେଜଣ ଖୋଲା ପଡ଼ିଆରେ ଫୁଟବଲ୍ ଖେଳୁଥିଲେ । ହାତୀ ଦୌଡ଼ିଲା ପଡ଼ିଆ ଭିତରକୁ । ଗୋଡ଼େଇ ଗୋଡ଼େଇ ପେଣ୍ଡୁକୁ ଏପରି ସଟ୍ ତା' ଆଗ ଗୋଡ଼ରେ ମାରିଲା ଯେ ବଲ୍‌ଟା ଶୂନ୍ୟଆକାଶରେ ଭିଡ଼ି ଗୋଟାଏ ବଡ଼ ଜଣ୍ଟେଇ କୋଳି ବୁଦା ଭିତରେ ଯାଇ ପଡ଼ିଲା । ପିଲାମାନେ ଭୟରେ ଛତ୍ରଭଙ୍ଗ ଦେଲେ । ହେଲେ କୌଣସି ପିଲାର ସେ କିଛି ହେଲେ କ୍ଷତି କରିନଥିଲା । ସେ କାହାର ପୋଷା ସର୍କସର ହାତୀ ବୋଲି ଲୋକେ ଭାବିଲେ ଏବଂ ପେଣ୍ଡୁ ଖେଳିବାକୁ ଚାହୁଁଥିଲା, ହେଲେ ତା' ସାଥୀ କେହିନଥିଲେ । ସନ୍ଧ୍ୟା ଆସନ୍ତେ ସେ ଖରସେଲ୍ ଜଙ୍ଗଲକୁ ଚାଲିଯାଇଥିଲା । ଏମିତି ତା' ବିଷୟରେ ରହିଛି ଅନେକ ଅନେକ ଲୋମହର୍ଷୀ କାହାଣୀ । ତା'ର ଯଶ ଓ ଅପଯଶ ରଟି ଯାଇଛି ମଣ୍ଡଳ ସାରା ।

ଆଶ୍ୱସ୍ତ ହେଲି । ହାତୀ କାହାକୁ ଗୋଡ଼ରେ ଦଳି ମାରିବାର କେହି ଦେଖିନାହାନ୍ତି ବା ପ୍ରମାଣ ନାହିଁ । ମଣିଷ ମାରିବା ଶଙ୍କର ବେଟାର ସ୍ୱଭାବ ଆଦୌ ନୁହେଁ । କେବଳ ହତ୍ୟାକାରୀ ବୋଲି ଲୋକତୁଣ୍ଡରେ ବହୁଳ ପ୍ରଚାରିତ । ଅଭିଯୋଗ ଗୁରୁତର ନୁହେଁ ଆଦୌ । ଆତଙ୍କ ଯୋଗୁଁ ଅଭିଯୋଗ ମାତ୍ର । ତିଳକୁ ତାଳ କରି କଥାକୁ ମୋଟା କରିବା ଜନତୁଣ୍ଡର ଚିର ଚରିତ୍ର । ଘଟଣାକୁ ବିଗିଡାଇ ଦେବା ସହଜ, କିନ୍ତୁ ଗଢିବା କଷ୍ଟକର ହୋଇଥାଏ ।

"ମତ୍ତ ପାଗଳ ହାତୀର ବି ଅନେକ ସମର୍ଥକ ଥିଲେ । ତାକୁ ଯିଏ ଖାଦ୍ୟ, ଫଳମୂଳ ଦେଖାଏ, ସେ ସେମାନଙ୍କ ପାଖକୁ ଯାଇ କିଛି କାହାର କ୍ଷତି ନକରି ଖାଇଦିଏ । ଏଠାରେ ଜଣେ ଯୁବ ପାରଙ୍ଗମ ଓକିଲବାବୁ ପର୍ଶୁରାମ ଶତପଥୀଙ୍କ ହାତରୁ ୫ କିଲୋ ଅଙ୍ଗୁର ଖାଇଥିଲା । ସେ ତାକୁ ସବୁଦିନ ଖାଇବା ଦେବାକୁ ଖୋଜନ୍ତି । ହେଲେ ହାତୀର ଠିକଣା କ'ଣ ଥାଏ ? ଆଜି ଏଠି ତ କାଲି ଦଶ କିଲୋମିଟର ଦୂରରେ । କେତେବେଳେ ଜଙ୍ଗଲ ଭିତରେ । ବେଶୀ ସମୟ ସଉରାପାଲି ଗାଁକୁ ଚାଲିଯାଏ । ଏଠୁଁ ସଉରାପାଲି ୫ କି.ମି. ଦୂର । ସେଠି ଜଙ୍ଗଲ ପାଖେ ବିଶିଷ୍ଟ ଲୁଗା ବ୍ୟବସାୟୀ ସଜନ୍ ଲାଲ୍ କେଡ଼ିଆଙ୍କ ବଡ଼ କୃଷି ଫାର୍ମ । ବହୁ ଆଖୁଚାଷ କରିଛନ୍ତି । ସେଦିନ କେଡ଼ିଆ ବାବୁ ଫାର୍ମକୁ ଯାଇଥିଲେ । ତାଙ୍କ ବଡ଼ ଫାଟକ ପାଖେ ଶୁଣ୍ଢ ହଲାଇ ଛିଡ଼ାହେଲା ଏବଂ ଜୋର୍‌ରେ ରଡ଼ି ଛାଡ଼ିଲା । ସେ ଏହି ଡଉଲଡାଉଲ ଚିତ୍ରିତ ହାତୀର ପିଠିରେ ମାହୁନ୍ତ ବସି ଚକାପଦା ହାଟରେ ଚମତ୍କାର ଖେଳ ଦେଖାଉଥିବାର ଦେଖିଥିଲେ । ଖେଳରେ ତାଙ୍କ ହାତରୁ ନଡ଼ିଆ ନେଇ ଭାଙ୍ଗି ଭୋଗ କରିଥିଲା, ତାଙ୍କ ମୁଣ୍ଡରେ ସିନ୍ଦୂର ଦେଇଥିଲା । ଆହା ବିଚରା ହାତୀଟା । ତା' ମାହୁନ୍ତ ଗଲା କୁଆଡ଼େ ?

Digitized by PPRACHIN, SOA

କୃଷିଫାର୍ମରେ ଆଖୁ କଟା ଚାଲିଥିଲା । କେଡ଼ିଆ ମହାଶୟ ଅଧ ଶଗଡ଼େ ଆଖୁଗଛ ଆଣି ଫାଟକ ମୁହଁରେ ଥୋଇଲେ। ସେଗୁଡ଼ିକୁ ସେ ଆନନ୍ଦରେ ଚୋବାଇ ଖାଇଲା । ବଡ଼କୁଣ୍ଡରେ ପାଣି ଆଣି ଦେଲେ ପି'ବାକୁ । ପେଟେ ପାଣି ପିଇଲା ସେ। କେଡ଼ିଆ ବାବୁ କହିଲେ – ପୋଷା ହାତୀ! ମାହୁନ୍ତକୁ ନପାଇ ବାୟା ହୋଇଯାଇଛି, ଏଣେ ତେଣେ ପେଟ ବିକଳରେ ବୁଲୁଛି। ବିଚରା। ଏମିତି ହାତୀକୁ ଭୋକ ଲାଗିଲେ ସେ ବୁଲିବୁଲି ବିଭିନ୍ନ ସ୍ଥାନରେ ଖାଦ୍ୟ ଭିକ୍ଷାକରେ । ଆଉ ତାକୁ ନିଆଁହୁଳା, ବନ୍ଧୁକ ଦେଖାଇ ଢୋଲ ବଜାଇ ଢେଲାପଥର ଫିଙ୍ଗି ତଡ଼ିଲେ ସେ ରାଗିଯାଏ, ଯାହା କରିବା କଥା କରିଥାଏ।

"ଆଞ୍ଚଳିକ ପ୍ରାଣୀ ସୁରକ୍ଷା ସଂଘର ସମ୍ପାଦକ ଓକିଲ ପର୍ଶୁରାମ ବାବୁ ତା' ପାଇଁ ଜିଲ୍ଲା ଦୌରାଜଜଙ୍କ ପାଖେ ଓକିଲାତି କରିଥିଲେ । ପାଗଳ ଘୋଷିତ ଏହି ହାତୀଟିକୁ ହତ୍ୟା କରିବା ପାଇଁ ଭୁବନେଶ୍ୱର ମୁଖ୍ୟ ବନପାଳଙ୍କ ବିଜ୍ଞପ୍ତିକୁ ରଦ୍ଦ କରିବାକୁ ଅର୍ଜି କରିଥିଲେ । ସେହିପରି ପ୍ରକୃତି ଓ ବନ୍ୟପ୍ରାଣୀ ସୋସାଇଟି ବିଜ୍ଞପ୍ତିକୁ ଅସିଦ୍ଧ ଘୋଷଣା କରିବାକୁ ଅର୍ଜି କରିଥିଲେ କଟକ ଉଚ୍ଚ ନ୍ୟାୟାଳୟରେ ଏବଂ ମାନ୍ୟବର ହାଇକୋର୍ଟ ଏହାକୁ ଅସିଦ୍ଧ ଘୋଷଣା କରିଥିଲେ। ଏଣୁ ଖରସେଲ୍‌କୁ ଦ୍ୱିତୀୟବାର ନିଶ୍ଚେତକ ଗୁଳି ପ୍ରୟୋଗ କରି ବହୁ କଷ୍ଟରେ ଦନ୍ତା ହାତୀଟିକୁ ଏଠାରୁ ଚନ୍ଦକା ନନ୍ଦନକାନନ ନେଇଯାଇଥିବାରୁ ବଲାଙ୍ଗୀର ଏବେ ଶାନ୍ତ, ଆଶ୍ୱସ୍ତ । ପ୍ରଶାସନ, ବନବିଭାଗ, ପୋଲିସ ଅଫିସର ଏବେ ସ୍ୱସ୍ତିରେ ନିଶ୍ୱାସ ମାରୁଛନ୍ତି । ଆମେମାନେ ଶାନ୍ତିରେ ଶୋଇ ପାରୁଛୁ।

"ଆଉ ରବୀନ୍ଦ୍ରର କୁକୁର ଓ ମାଙ୍କଡ଼ ? ସେମାନଙ୍କ ଖବର ?" ପଚାରିଲି ଥାନାଧିକାରୀ ପ୍ରଫୁଲ୍ଲ ତ୍ରିପାଠୀଙ୍କୁ ।

ରବୀନ୍ଦ୍ର ଏଠୁ ବୌଦ୍ଧ ଜେଲଖାନାକୁ ସ୍ଥାନାନ୍ତରିତ ହେବା ପରେ କୁକୁରଟା ଜେଲ୍ ଫାଟକ ପାଖେ ପଡ଼ିରହିଲା । ଆମ ଜେଲ୍ ୱାର୍ଡର କୁକୁରପ୍ରିୟ ଚକ୍ରଧର ମାଝୀ କଏଦୀଙ୍କ ଖାଦ୍ୟରୁ ମୁଠିଏ ମୁଠିଏ ଖାଇବାକୁ ଦିଅନ୍ତି କୁତୀଟାକୁ। ଭଲ ବୋଲକରା ମୋଟା ମୋଟି କୁତୀଟିଏ । ଜେଲ୍‌ୱାର୍ଡର ଚକ୍ରଧର ମାଝୀଙ୍କର ଘରେ ଗୋଟିଏ ଦେଶୀ ବିଲାତି ମିଶା ଭଲ ଦାମୀ କୁକୁରଟିଏ ପୋଷିଛନ୍ତି । ସେ ଏହି କୁତୀକୁ ତାଙ୍କ ଘରକୁ ନେଇଗଲେ । ତାଙ୍କ କୁକୁର ବାଘା ସହିତ କୁତୀର ଦୋସ୍ତି ହୋଇଗଲା । ମାସେ ହେଲା ତା'ର ତିନୋଟି ଛୁଆ ହୋଇଛି । ଚକ୍ରଧର ତା'ର ଯତ୍ନ ନେଉଛି ।

"ଆଉ ମାଙ୍କଡ଼ ? ସେ କେଉଁଠି ଅଛି ?" ପଚାରିଲି ।

Digitized by PPRACHIN, SOA

"ଆସାମୀ ରବୀନ୍ଦ୍ର ଏଠି ଥିବାବେଳେ ସେ ପାଖାପାଖି ଗଛମାନଙ୍କରେ ରହୁଥିଲା । ପରେ ସେ ହାତୀ ସଙ୍ଗେ କିଛି ଦିନ ବୁଲିଥିଲା ତା ପିଠିରେ ବସି । ହାତୀଟିକୁ ଗଛରୁ ଫଳ, ଆମ୍ବ, ପିଜୁଳି ଆଣି ଖାଇବାକୁ ଦେବାର ଲୋକେ ଦେଖିଛନ୍ତି । ଆସାମୀ ବୌଦ୍ଧ ଜେଲକୁ ଗଲାପରେ ଏବେ ତା'ର ଦର୍ଶନ ମିଳୁନାହିଁ । ଶୁଣୁଛି, ସେ ମିତ୍ରପୁର ଗାଁର ମଙ୍ଗଳା ମନ୍ଦିରରେ ରହୁଛି । ସେଇଠି ଭକ୍ତମାନଙ୍କ ଠାରୁ ଫଳମୂଳ ପ୍ରସାଦ ଖାଇ ବଞ୍ଚୁଛି । କେତେଦୂର ସତ ମୁଁ କହିପାରିବି ନାହିଁ ।

"ମିତ୍ରପୁର ଏଠାରୁ କେତେ ବାଟ ?" ପଚାରିଲି ।

"୧୦ କି.ମି. ହେବ ।"

ତେବେ ପ୍ରାରମ୍ଭିକ ଅନୁସନ୍ଧାନରୁ ଅନେକ ସତ୍ୟ, ତଥ୍ୟ, ସଠିକ୍ ସମ୍ବାଦ ସଂଗ୍ରହ କରିନେଲି । ଶଙ୍କର ବେଟା ଆତଙ୍କବାଦୀ ନୁହେଁ । ତାକୁ ଆତଙ୍କବାଦୀ କରିଦିଆ ହୋଇଛି । ପାଗଳ ନୁହେଁ ସେ, ସମଝଦାର ସୁଧୀର ଜୀବ । ସବୁଥିରୁ ବଞ୍ଚିତ ହୋଇଛି– ଜଙ୍ଗଲ ଓ ଜନପଦରୁ ବିତାଡ଼ିତ ହୋଇଛି । ତା'ର ପ୍ରିୟ ପ୍ରଭୁ ରବୀନ୍ଦ୍ର ମାହୁନ୍ତ ଠାରୁ ତାକୁ ବିଚ୍ଛେଦ କରାଯାଇଛି । ଏପରି ଦୁଃସ୍ଥିତିରେ ମଣିଷ ମଧ୍ୟ ପାଗଳ ହୋଇଯିବା ସ୍ୱାଭାବିକ । ମୁଁ ସିନା ତା' ଜୀବନ ପାଞ୍ଜି ବିଷୟରେ ଅବଗତ । ସର୍ବସାଧାରଣ ପ୍ରକୃତ କଥା ଜାଣିବେ କିପରି ? ସେଥିପାଇଁ ତା' ବିରୁଦ୍ଧରେ ସଭା, ଶୋଭାଯାତ୍ରା, ସ୍ଲୋଗାନ୍, ଧର୍ମଘଟ, ବନ୍ଦ ପାଳନ ଇତ୍ୟାଦି। ତା'ର ଯଶ ଅପଯଶ ରଟି ଯାଇଛି ମଣ୍ଡଳ ସାରା।

ବର୍ତ୍ତମାନ ବୌଦ୍ଧ ଜେଲ୍‌ରେ ଥିବା ରବୀନ୍ଦ୍ରଠୁଁ ତା'ର ଅପରାଧ ବିଷୟରେ ବିଶଦ୍ ଜାଣିବା ଆବଶ୍ୟକ । ପ୍ରକୃତ ସତ୍ୟ କ'ଣ ? ସେ କ'ଣ ଜଣେ ଅପରାଧୀ ! ମାଓବାଦୀ ନକ୍ସଲଙ୍କ ସହିତ ସମ୍ପୃକ୍ତ! ମଣିଷର ଅସଲ ଚିତ୍ର ଓ ଚରିତ୍ର ଥରେ ସାକ୍ଷାତ ଓ ବାର୍ତ୍ତାଳାପରେ ଚିହ୍ନିବା ସମ୍ଭବ ହୋଇନଥାଏ । ଏଣୁ ସତ୍ୟ ଜାଣିବା ପାଇଁ ରବୀନ୍ଦ୍ରକୁ ଜେରା କରିବା ଜରୁରୀ ମନେକଲି ।

ବୌଦ୍ଧ ଜିଲ୍ଲା ଜେଲଖାନା ପରିସର । 'ରବୀନ୍ଦ୍ର ଚିହ୍ନିପାରୁଛ ?' ପଚାରିଲି ।

ଛଳଛଳ ଆଖିରେ ହାତଯୋଡ଼ି ପ୍ରଣିପାତ କଲା ରବୀନ୍ଦ୍ର। କାନ୍ଦି କାନ୍ଦି କହିଲା – ଚିହ୍ନିପାରିବି ନାହିଁ ଆପଣଙ୍କୁ ? ସେଦିନ ଖେଳରେ ଶଙ୍କର ବେଟା ଆପଣଙ୍କ ମୁଣ୍ଡରେ ସିନ୍ଦୂର ଦେଇଥିଲା । ଆପଣ ଶହେ ଟଙ୍କା ଦକ୍ଷିଣା ଦେଇଥିଲେ । ଆଉ ମଧ ମନୁ ତୋଳିଆଣିଥିବା ଆମ୍ବ ଖାଇ ମୋତେ ଟଙ୍କା ଦେଇଥିଲେ । ଭୁଲିବି କେମିତି ? ସେଦିନ ସନ୍ଧ୍ୟାରେ ବଙ୍ଗଳାକୁ ଡାକି ଶଙ୍କର ବେଟା, ମନୁ ଓ ମୋତି ବିଷୟରେ ଶୁଣି

Digitized by PPRACHIN, SOA

ଯେଉଁ ବ୍ୟବହାର କରିଥିଲେ ତାହା ମଲା ପର୍ଯ୍ୟନ୍ତ ଭୁଲି ପାରିବି ନାହିଁ ସାର୍। ମୁଁ ବଡ଼ ଦୁଃଖରେ ପଡ଼ିଛି ସାର୍, ଜୀବନ ହାରି ଦେବାକୁ ଇଛା ହେଉଛି । ଆପଣଙ୍କୁ ଖୋଜୁଥିଲି ମନେମନେ । ଭଗବାନଙ୍କୁ ଡାକୁଥିଲି, ଜଗନ୍ନାଥଙ୍କୁ ପ୍ରାର୍ଥନା କରୁଥିଲି । ପିଲାଦିନେ ବୋଉଠୁ ଶୁଣିଥିଲି ଭଗବାନ ବିଷ୍ଣୁ ଗଜର ଡାକ ଶୁଣି ତାକୁ କୁମ୍ଭୀର ମୁହଁରୁ ଉଦ୍ଧାର କରିଥିଲେ । ସେଥିପାଇଁ ତାଙ୍କୁ ମାଘ ପୂର୍ଣ୍ଣିମା ଦିନ ଗଜଉଦ୍ଧାରଣ ବେଶ କରାଯାଏ। ଦ୍ରୌପଦୀ ବସ୍ତ୍ରହରଣ ବେଳେ ଭଗବାନ ଶ୍ରୀକୃଷ୍ଣ ଶୂନ୍ୟରୁ ବସ୍ତ୍ର ଦେଇ ନାରୀଲଜ୍ଜା ନିବାରଣ କରିଥିଲେ, ମୋ ବୋଉ କହିଥାଏ। ହେ ଆର୍ତ୍ତତ୍ରାଣ ଦଇତାରୀ, ମୋ ଗଜ ଶଙ୍କର ବେଟାକୁ ରକ୍ଷା କର। ମୋର ଆଉ ଏ ପୋଡ଼ା ଜୀବନରେ କ'ଣ ଲୋଡ଼ା ? ଭଗବାନ ମୋ ଡାକ ଶୁଣିଛନ୍ତି । ନହିଲେ ଆପଣଙ୍କ ପରି ଲୋକ ଏଠି ଉଭା ହୋଇଛନ୍ତି କିପରି ଓ କାହିଁକି ? ଆପଣ ନିଶ୍ଚୟ ଈଶ୍ୱରଙ୍କ ଦୂତ, ମୋ ଭଗବାନ, ମୋ ତ୍ରାଣକର୍ତ୍ତା ।

ମୋ ପାଦ ଧରି ଭୋ ଭୋ ହୋଇ କାନ୍ଦି ଚାଲିଥିଲା ରବୀନ୍ଦ୍ର। ମୋ ପ୍ରାଣୀମାନଙ୍କ କଥା ମନେ ପଡିଲେ ଭୋକ ପେଟକୁ ଆସୁନାହିଁ, କୋହ ଛାତିକୁ ରୁନ୍ଧି ଦେଉଛି ଯେମିତି ପ୍ରାଣଛାଡି ଯିବ ଏକ୍ଷଣି !

"ରବୀନ୍ଦ୍ର ଯାହା ପଚାରିବି, ସତ କହିବ ?"

କାନ୍ଦୁରା ମୁହଁରେ କହିଲା– "ସତ ଛଡ଼ା ଅନ୍ୟ କିଛି କହି ଜାଣିନାହିଁ ସାର୍ ।"

"ତୁମକୁ ପୋଲିସ ସନ୍ଦେହ କଲା କାହିଁକି ? ତୁମେ କ'ଣ ବେଆଇନ୍ ଅପରାଧ କାମ କରିଛ କି ?" ଉଚ୍ଚ ଗଳାରେ ପଚାରିଲି ଉଦ୍‌ବେଗର ସହିତ ।

: ଗାଁ ହାଟମାନଙ୍କରେ ଖେଳ ଦେଖାଏ ବୁଲିବୁଲି । ହାଟଦିନ ଦୁଇ ତିନି ଥର ଓ ଅନ୍ୟ ଦିନମାନଙ୍କରେ ଥରଟିଏ । ସେଦିନ ପଙ୍ଗାସିଙ୍ଗା ହାଟରେ ଖେଳ ଦେଖାଉଥିଲି । ଉପରଓଳି ଖେଳ ପରେ ସନ୍ଧ୍ୟା ହୋଇଗଲା । ଖେଳପଡ଼ିଆରୁ ଜିନିଷପତ୍ର ବନ୍ଧାବନ୍ଧି କରି ସେଗୁଡ଼ିକୁ ହାତୀ ପିଠିରେ ଲଦି ଫେରୁଥିଲି କତରବଖା ବରଗଛ ମୂଳକୁ ଯେଉଁଠି ରାତି ବିତାଉ । ବରଓସ୍ତ ମୂଳରେ ରହିବାକୁ ପସନ୍ଦ କରେ କାରଣ ବରଡ଼ାଳ ଶଙ୍କର ବେଟାକୁ ସୁବିଧାରେ ମିଳିଯାଏ । ସେଠି ଥାଏ ବରଗଛ ମୂଳ, ଖୋଲା ନଦୀକୂଳ, ରୋଷେଇବାସ କରିବାକୁ ସୁବିଧା ହୁଏ । ଏଠି ଆମେ ରହିଥାଉ ପ୍ରାୟ ମାସ କାଳ । ଭାରି ଜଙ୍ଗଲିଆ ଜାଗା । ଅନ୍ଧାର ହୋଇଆସୁଥାଏ । କୌଣସି ଅଜଣା ସ୍ଥାନରୁ ଗୁଳିଶବ୍ଦ ଶୁଭିଲା । ଏଠି ଜଙ୍ଗଲରେ ଗୁଳିଗୁଳା ଶବ୍ଦ ନୂଆ ନୁହେଁ । ଅଞ୍ଚଳରେ ରହିବା ଦିନ ଠାରୁ ମଝିରେ ମଝିରେ ଏମିତି ଶବ୍ଦ ଶୁଣିଥାଏ । ଗୁଳି ଶବ୍ଦରେ ଶଙ୍କର ବେଟା ଡରକି ଯାଏ । ଶୁଣ୍ଢରେ ଫେଁକାଳି ଛାଡିଦିଏ। ତାକୁ ମୁଁ ବୁଝାଇ ଦିଏ- ଚୁପ୍ ରହ । ତୋର

Digitized by PPRACHIN, SOA

ଡକାଇତି ଜାଗା । ଆମର ସେଥିରେ କ'ଣ ଅଛି ? ମୋର ଭୟ ନଥାଏ ପାଖରେ ଶଙ୍କର ବେଟା ଥିବା ପର୍ଯ୍ୟନ୍ତ । କିଛି ବାଟ ଆଗକୁ ଆସିଛୁ, ଜଙ୍ଗଲର ଗୋଟେ ଛକ ରାସ୍ତାର କଡ଼ରେ ମୁଁ ହାତୀ ପିଠିରୁ ଓହ୍ଲାଇ ପରିସ୍ରା କଲାବେଳେ ଗୋଟିଏ ପୁଟୁଳା ଏବଂ ବଡ଼ ବନ୍ଧୁକଟେ ରାସ୍ତାକଡରେ ପଡ଼ିଥିବାର ଦେଖିଲି । ମୁଣିଟିକୁ ଖୋଲି ଦେଖିଲି । ମୁଁ ଓଡ଼ିଆ, ହିନ୍ଦୀ, ଇଂରାଜୀ କିଛି କିଛି ଜାଣେ ସାର୍ । ଓଡ଼ିଆ ମୋ ବୋଉ ପଢ଼ାଉଥିଲା, ସର୍କସରୁ ହିନ୍ଦୀ ଓ କିଛି ଇଂରାଜୀ ଶିଖିଥିଲି । ଓଡ଼ିଆ ଲେଖିପାରେ, ହିନ୍ଦୀ କହିପାରେ । ଦେଖିଲି ମୁଣିରେ କିଛି ଅଠା ଏବଂ ପୋଷ୍ଟର ଇଂରାଜୀ ଓ ଓଡ଼ିଆରେ ଲେଖାଯାଇଛି । ବନ୍ଦ ଡାକରା ଦିଆଯାଇଛି । ମୁଣିରେ କିଛି ବୋମା ଅଛି। ରାଇଫଲ୍‌ଟିକୁ ହାତରେ ଉଠାଇ ଦେଖିଲି । ଅନୁମାନ କଲି ସେଥିରେ ଗୁଳି ଅଛି । ଏସବୁ ବେଆଇନ୍ ଜିନିଷ, ସାଂଘାତିକ କଥା । ସେଗୁଡ଼ିକୁ ଧରି ହାତୀରେ ଚଢ଼ିଲି ବଲାଙ୍ଗୀର ଥାନାକୁ ନେଇ ଦାଖଲ କରିବା ଉଦ୍ଦେଶ୍ୟରେ। ହାତରେ ଧରିଥିଲି ଲମ୍ବା ରାଇଫଲ୍‌ଟାକୁ। କିଛି ବାଟ ଯାଇଛି ଆଗପଟୁ ପୋଲିସ୍ ଭ୍ୟାନ୍‌ଟି ଆସି ହାତୀ ଆଗରେ ଠିଆ ହୋଇଗଲା । ଶଙ୍କର ବେଟା ଶୁଣ୍ଢ ଉପରକୁ କରି ଦାନ୍ତ ଲମ୍ବେଇ ମାରିବା ଢଙ୍ଗରେ ଆଗେଇ ଗଲା । ମୁଁ ତାକୁ ଧଡ଼କେଇ କହିବାରୁ ସେ ସ୍ଥିର ଥଣ୍ଡା ହେଲା । ମୁଁ ହାତୀ ପିଠିରୁ ରାଇଫଲ୍‌ଟିକୁ ଧରି ଓହ୍ଲାଇଲି । ମୋ ହାତରୁ ରାଇଫଲ୍‌କୁ ଛଡ଼ାଇ ନେଇ ପରଖିଲେ ତନ୍ନ ତନ୍ନ କରି ପୁଲିସବାବୁମାନେ। କହିଲେ – ଏଟା ୩୦୩ ରାଇଫଲ । ଏନ୍.ପି. ବୋର୍ । ନିକଟ ଅତୀତରେ ମାଓବାଦୀ ନକ୍ସଲମାନେ ଥାନା ମାଲ୍‌ଖାନା ଚଢ଼ାଉ କରି ଗୁଳିଗୋଳା ଅସ୍ତ୍ରାଦି ଲୁଟ୍ କରି ନେଇଯାଇଛନ୍ତି ଅନେକ ଜାଗାରୁ । ମୋତେ ସେମାନେ ରାଗିଯାଇ ମିଶି ଜେରା କଲେ– ଏ ରାଇଫଲ୍ ତୋତେ କିଏ ଦେଇଛି ?

"କେହି ଦେଇନାହାନ୍ତି ମହାପ୍ରୁ । ଏଇ ପଛ ଛକ ରାସ୍ତାର ପଥର ପାଖରେ ଗୋଟେ ଶାଳଗଛ ମୂଳରେ ପଡ଼ିଥିଲା, ମୁଁ ପରିସ୍ରା କଲାବେଳେ ଦେଖିଲି । ମୋର ଖେଳ ଜିନିଷମାନଙ୍କ ସହିତ ମୁଣି ପୁଟୁଳାଟିକୁ ରଖିଥିଲି । ସେମାନେ ତାକୁ ଖୋଲି ପୋଷ୍ଟରଗୁଡ଼ିକୁ ଦେଖିଲେ ଅଠା ଶିଶି ସହିତ । ୧୩ ଖଣ୍ଡ ପୋଷ୍ଟର । ସେଇଠୁ ସେମାନେ ମୋତେ ଶକ୍ତ ପାହାରେ ଦେଲେ । ଶଙ୍କର ବେଟା ଗର୍ଜନ କଲା । ମୁଁ ତାକୁ ଚୁପ୍ ରହିବାକୁ କହିଲି । ଏଥର ରଡ଼ ଆଖିରେ ପୋଲିସବାବୁମାନେ କଡ଼ାଭାଷାରେ ଜେରାକଲେ – 'ଏ କାମରେ କେତେଦିନ ହେଲା ଲାଗିଛୁ ? ଦିନରେ ହାତୀ ମାଙ୍କଡ଼ ଖେଳ ଦେଖାଉଛୁ, ରାତିରେ ଧନ୍ଦା କରୁଛୁ ? ତୁଟା ଗୋଟେ ନକ୍ସଲବାଦୀ । ଖେଳ ଦେଖାଇବା ନାଁରେ ନାଟକ କରୁଛୁ । ସରକାରଙ୍କ ସହ ଶତ୍ରୁତା କରୁଛୁ।'

ମୁଁ କାନ୍ଦି କାନ୍ଦି କହିଲି – "ନା ଆଜ୍ଞା, ନକ୍ସଲ କିଏ କଅଣ ମୁଁ ଜାଣେ ନାହିଁ,

Digitized by PPRACHIN, SOA

ବୁଝେନାହିଁ। ଚିହ୍ନି ନାହିଁ କାହାକୁ । ରାସ୍ତା ପାଖରେ ପଡ଼ିଥିଲା ଏଇ ଜିନିଷ । ମୁଁ ତାକୁ ଗୋଟେଇ ଆଣିଲି । ପୁଲିସିକୁ ଦେବାପାଇଁ ଯାଉଛି । ମୋ ହାତାମୁଣ୍ଡ ଛୁଇଁ ମୁଁ ହଲପ କରି କହୁଛି ।"

'ନକ୍ସଲମାନଙ୍କୁ ଦେଖିଛୁ ?'

'ଖେଳଦେଖିବାକୁ ବହୁତ ଲୋକ ଆସନ୍ତି । ସେମାନେ କିଏ କଅଣ ଜାଣିବି କେମିତି ମହାପ୍ରୁ ?'

କେଉଁ ସ୍ଥାନରେ ଏସବୁ ଜିନିଷ ପଡ଼ିଥିଲା ସେମାନେ ଦେଖିବାକୁ ଚାହିଁବାରୁ ସେମାନଙ୍କୁ ନେଇ ଡାକେବାଟ ସ୍ଥାନକୁ ଗଲି । ପଥର ଆରପଟ ଦୃଶ୍ୟରେ ସମସ୍ତେ ଅବାକ୍ ହୋଇଗଲେ । ସେଠି ଡିନାମାଇଟ୍ ଯନ୍ତ୍ରାଂଶ, ତାର, ଆଉ କଅଣ କଅଣ ବିସ୍ଫୋରକ ଦ୍ରବ୍ୟ ଓ ବାରୁଦ ପଡ଼ିଥିବାର ଦେଖିଲେ । ଏଗୁଡ଼ିକ ବିଛାଇ ଏକ ବଡ଼ ଧରଣରର ବିସ୍ଫୋରଣ ଘଟାଇବାକୁ ଯୋଜନା କରୁଥିଲେ ବୋଲି ପୁଲିସବାବୁମାନେ ମତଦେଲେ । ଆଉ ଅଳ୍ପ ସମୟ ବାଦେ ପୁଲିସ ବାହିନୀ ଏଇବାଟେ ଯିବାର ଥିଲା । ପୁଲିସର କୁମ୍ବିଂ ଅପରେସନ୍ କାର୍ଯ୍ୟ ଚାଲୁରହିଥିଲା ନକ୍ସଲମାନଙ୍କୁ ଧରିବା ମାରିବା ପାଇଁ, ଯାହା ମୁଁ ସେମାନଙ୍କ ମୁହଁରୁ ଶୁଣିଲି । କିନ୍ତୁ ସେମାନେ ପୁଲିସର ଗତିପଥ ଜାଣିପାରୁଛନ୍ତି କିପରି ? କାହା ମାଧ୍ୟମରେ ଖବର ପାଉଛନ୍ତି ? ଏଇ ଜଙ୍ଗଲରେ ନିଶ୍ଚୟ କେଉଁଠି ଲୁଚିଛନ୍ତି ସେମାନଙ୍କ ସମର୍ଥକ ଏବଂ ଗୁପ୍ତଚର। ହୁଏତ ଫେଏଣେ ସ୍ଥାନକୁ ଫେରିପାରନ୍ତି ଭାବି ଲୁଚିକରି ପୁଲିସମାନେ ଜଗି ରହିଥିଲେ ସ୍ଥାନକୁ । ଏଣେ କେତେଜଣ ପୁଲିସ ମୋତେ ଥାନାକୁ ନେଇଆସିଲେ । ମୁଁ ରହିଲି ପୁଲିସ ହାଜତରେ । ମୋ ନିର୍ଦ୍ଦୋଷତା ପ୍ରମାଣ କରିବାକୁ ମୋର ଶଙ୍କର ବେଟା, କୁକୁର, ମାଙ୍କଡ଼ ଛଡ଼ା ଆଉ କେହି ନାହାନ୍ତି । ମୋର ଦୁର୍ଭାଗ୍ୟ ସାର୍ । ରବୀନ୍ଦ୍ର ଦୀର୍ଘଶ୍ୱାସ ଛାଡୁଥିଲା, ଜେଲ୍ କାନ୍ଥରେ ମୁଣ୍ଡ ପିଟୁ ଥିଲା।

ମୁଁ ଲକ୍ଷ୍ୟ କଲି ରବୀନ୍ଦ୍ରର ମୁଣ୍ଡ କାନ୍ଥରେ ବାରମ୍ବାର ପିଟିବା ଦ୍ୱାରା ଫୁଲି ଯାଇଥିଲା। ତା'ର ପୂର୍ବ ଚେହେରା ଆଉ ନଥିଲା। ଜଣେ ନିର୍ଯ୍ୟାତିତ ଦୁଃଖୀ କଏଦୀର ରୂପ। ତା'ର ଲୋତକପୂର୍ଣ୍ଣ ଆଖି ଫୁଲି ଜଳକା ହୋଇ ଯାଇଥିଲା ଏବଂ କାନ୍ଦି କାନ୍ଦି ସେ କହିଲା- ସେଦିନ ଶଙ୍କର ବେଟାର ଅଶୁଭ ସୂଚନା ଓ ଭବିଷ୍ୟବାଣୀର ଆଚରଣ ପ୍ରଦର୍ଶନକୁ ଖାତିର ନକରି ଆଜି ଆମର ଏ ଦୁଃଖ ଦୁର୍ଦ୍ଦଶା। ଯେଉଁଦିନ ଝଡତୋଫାନ୍ ପୂର୍ବରୁ ସେ ନିର୍ଭୁଲ ସଂକେତ ଦେଇପାରିଥିଲା, ତା' ଉପରେ ମୋର ଆସ୍ଥା, ବିଶ୍ୱାସ ବଢ଼ି ଯାଇଥିଲା। ତା' ପରଠୁଁ ମୁଁ ଯେଉଁ କାମ କରେ, ଶୁଭ ବେଳ, ଅଶୁଭ ବେଳ

Digitized by PPRACHIN, SOA

ତାକୁ ପଚାରି କାମ କରିଥାଏ। ସେ ଆସ୍ତିସୂଚକ (ସାପ ଫଣା ପରି ଶୁଣ୍ଢ ଉପରକୁ ଟେକି ଶବ୍ଦରେ 'ହଁ' କହିଲେ) ମୁଁ କାମରେ ହାତ ଦେଇଥାଏ କିମ୍ବା ଯାତ୍ରାରମ୍ଭ କରିଥାଏ। ଯଦି ସେ ଶୁଣ୍ଢ ତଳକୁ କରି ମୁଣ୍ଡ କାନ ହଲାଏ ଏବଂ 'ନାହିଁ' କରେ, ସେ କାମକୁ ମୁଁ ଏଡାଇ ଦିଏ। ଏପରିକି ଗାଁ ହାଟମାନଙ୍କରେ ଖେଳ ଦେଖାଇବା କି ନାହିଁ ତା'ର ଶୁଭ ଅଶୁଭ ସଂକେତ ଅନୁଯାୟୀ କରିଥାଏ। କିନ୍ତୁ ସେଦିନ ପାଗ ଶୁଖିଲା ଥିଲା। ଶୀତ ଦିନ। ଛୋଟ ଦିନ। ଇଲାକାରେ ପଙ୍ଗାସିଙ୍ଗା ଶନିବାରିଆ ବଡ ହାଟ, ଯାନି ଯାତରା ପରି ଲାଗେ। ବେଶ୍ ଜନସମାଗମ ହୋଇଥାଏ, କିଣାକି ବିକାକିମାନଙ୍କର ସଂଖ୍ୟା ଅଗଣିତ, ଆବାଳବୃଦ୍ଧବନୀତାଙ୍କ ଭିଡ଼। ଏ ଅଞ୍ଚଳରେ ଖେଳ ଦେଖାଉଥିବା ବେଳେ ମୁଁ ପଙ୍ଗାସିଙ୍ଗା ଶନିବାରିଆ ହାଟକୁ ଚାହିଁ ବସିଥାଏ। ଦୁଇ ତିନି ଦିନ ହେଲା ଖେଳ ବନ୍ଦ ଥିବାରୁ ଆମର ଖାଦ୍ୟ ପଦାର୍ଥ କମି ଆସିଥାଏ। ଖେଳ ଦେଖାଇ ଦୁଇ ପଇସା ଭିଆଇଲେ ସିନା ଆମେ ଚାରିପ୍ରାଣୀ ଖାଇପିଇ ବଞ୍ଚିବୁ। ସେଦିନ ସକାଳୁ ମୁଁ ପ୍ରସ୍ତୁତ ହୋଇ ଶୀଘ୍ର ଖିଆପିଆ ସାରି ହାଟକୁ ଖେଳ ଦେଖାଇବା ପାଇଁ ଯିବା କଥା। କିନ୍ତୁ ଶଙ୍କରଠି ବ୍ୟତିକ୍ରମ ଦେଖିଲି। ସେ ଠିକ୍ ସକାଳ ୬ଟାରେ ସମୟ ସୂଚାଇଲା ନାହିଁ ଯାହା ସେ ସବୁ ଦିନ କରିଥାଏ। ଘଣ୍ଟା ଦେଖି ସୂର୍ଯ୍ୟୋଦୟ ଓ ସୂର୍ଯ୍ୟାସ୍ତ ଲକ୍ଷ୍ୟ କରି ସେ ସ୍ୱର ମାଧ୍ୟମରେ ସମୟ ସୂଚାଇ ଦେଇଥାଏ। ସେ ଦିନ କିନ୍ତୁ ଶଙ୍କରର ତୂରୀ ସ୍ୱର ଶୁଣିଲି ନାହିଁ, ମନୁ ତା' ତୂରୀ ସ୍ୱର ମତେ ଘଣ୍ଟ ବଜାଇଥାଏ। ସେ ମଧ ତାହା କରିନଥିଲା। ଯେହେତୁ ମୁଁ ଶଙ୍କରକୁ ଶ୍ରଦ୍ଧା କରେ ଆଉ ଆମ ଜୀବନ-ଜୀବିକାର ସେ ମୂଳପିଣ୍ଡ, ଆମର କେନ୍ଦ୍ରବିନ୍ଦୁ, ତା'ର ମଙ୍ଗଳ ସକାଶେ ଜଗନ୍ନାଥ ମହାପ୍ରଭୁଙ୍କ ଗଜୋଦ୍ଧାରଣ ଫଟୋଟିଏ ରଖି ପ୍ରାୟ ସବୁଦିନ ସନ୍ଧ୍ୟାରେ ରାତ୍ରି ଆଶ୍ରୟସ୍ଥଳରେ ସ୍ନାନ କରି ଧୂପଦୀପ ଦେଇ ପୂଜା କରିଥାଏ। ଏହି ସମୟରେ ଶଙ୍କର ବେଟା ତୂରୀ ବଜାଏ, ମନୁ ଘଣ୍ଟପିଟେ ଓ ମୋତି ଭକ୍ତିସ୍ୱର ମେଳାଇ ରହେ ସନ୍ଧ୍ୟା ଆଳତି ଶେଷ ପର୍ଯ୍ୟନ୍ତ। ଅଞ୍ଚଳର ଆଖପାଖ ଗାଁ ଲୋକେ ଜାଣି ପାରନ୍ତି ଆମର ଉପସ୍ଥିତି। ଆଉ ବାଟରେ ଗଲାବେଳେ ମନ୍ଦିରରେ ଯେଉଁଠି ଘଣ୍ଟ ବାଜି ପୂଜା ପାଠ ହେଉଥିବ, ସେମାନେ କିଛି ସମୟ ଅଟକି ଯା'ନ୍ତି ଓ ସେଇଭଳି ସ୍ୱର ମେଳି ବସନ୍ତି। ମନୁ ମୋଠୁଁ ପିତଳ ଘଣ୍ଟ ନେଇ ପିଟିବାକୁ ଉଚ୍ଛନ୍ନ ହୋଇପଡେ। କିନ୍ତୁ ସେଦିନ ଦେଖିଲି ଶଙ୍କରର ଅନ୍ୟମନସ୍କତା। ରୁଟିନ୍ ପରିକା ଯେଉଁ କାମ କରିଥାଏ, ଏହି ଦୁଇ ତିନି ଦିନ ହେବ ଠିକ୍ ଭାବେ କରୁନାହିଁ। ଭଲଭାବେ ଖିଆପିଆ ମଧ କରୁନାହିଁ। ସନ୍ଧ୍ୟା ଆଳତି ପରେ ଅଧବସ୍ତାଏ ଧାନ ଚାଉଳ ଚଞ୍ଚଳ ଚଳୁ କରିଦିଏ, ଆଉ ଖାଇବାକୁ ମଧ ମାଗିଥାଏ। ମୁଁ ମନା କରିଦିଏ।

Digitized by PPRACHIN, SOA

ସେତିକି ଖାଇଥା। ପେଟ୍ର ତୋ ପାଟିରେ ଦୁନିଆଟାକୁ ଅଗସ୍ତି ଋଷି ଭଳି ଚଳୁ କରିଦେବୁ ବୋଲି ଗେଲରେ ତାକୁ କହିଥାଏ ମୁଁ। କିନ୍ତୁ ଦୁଇଦିନ ହେଲା ତାକୁ ବଳେଇ କରି ଖାଇବାକୁ ଦେଲେ ମଧ ଖାଉନାହିଁ। ମୁଁ ଶଙ୍କିତ ହେଲି। ଦେହ ପା ଖରାପ ନାହିଁତ? ସେ ଅସୁସ୍ଥ କି? ତା' ଦେହରେ ହାତ ମାରିଲି। ଜାଣିଲି ତା' ଦେହର ଉତ୍ତାପ ଠିକ୍ ଅଛି, ଜ୍ୱର ନାହିଁ। କିନ୍ତୁ ତା'ର ପୂର୍ବ ଉତ୍ସାହ ନାହିଁ; କାମରେ, ଆଚରଣରେ, ମନୋଭବରେ ଆଳସ୍ୟ ଭାବ, ଉଦାସିଆ ପଣ। କାହିଁକି? ମୁଁ ସାମାନ୍ୟ ବିରକ୍ତି ପ୍ରକାଶ କଲି। ଏଣେ ଖାଇବାକୁ ଆମ ପାଖେ ଖାଦ୍ୟ ନାହିଁ। ଚାରିପ୍ରାଣୀ ବଞ୍ଚିବୁ କେମିତି? ବାପର ଜମିଦାରୀ ନାହିଁ। ଖଟିଖିଆ ଲୋକ ଆମେ। ଖଟିଲେ ଖାଦ୍ୟ ଖାଇବା, ନୋହିଲେ ଖାଡ଼ା ଓପାସ- ବୁଝୁଛୁ? ତା' ଆଚରଣରେ ଆଉ ବିଶେଷ ମୁଣ୍ଡ ନଖେଳାଇ ଶୀଘ୍ର ବାହାରି ପଡ଼ିଲି ହାଟ ଅଭିମୁଖେ। ଆମ ରାତିଆଶ୍ରୟସ୍ଥଳ କତରବଗା ଗାଁ ମୁଣ୍ଡ ବରଗଛଠାରୁ ପଙ୍ଗାସିଙ୍ଗା ହାଟ ପାଞ୍ଚ ମାଇଲ ଦୂର ହେବ। ଜଙ୍ଗଲ ରାସ୍ତା। ନିହାତି କମ୍‌ରେ ତିନି ଥର ଖେଳ ଦେଖାଇବା ପାଇଁ ମୋର ଯୋଜନା। ବରଗଛ ମୂଳରୁ ଶିକୁଳି ଖୋଲିଲା ମାତ୍ରେ ଶଙ୍କର ଯିବାକୁ ଭିଡ଼ିମୋଡ଼ି ହେଲା ଏବଂ ତତ୍‌କ୍ଷଣାତ୍ ସେ ଭୂଇଁରେ ଶୋଇ ରହିଲା। ଏଣେ ଡେ଼ରି ହୋଇଯାଉଛି। ଆମ ଖେଳ ସହିତ ପ୍ରତିଯୋଗିତା କରି ପଙ୍ଗାସିଙ୍ଗା ହାଟରେ ଗୋଟେ ମୁଣ୍ଡପୋତା କେଳା ବାଉଁଶରାଣୀ ଖେଳ ଜମାଇଲାଣି। ଏଣୁ ଶୀଘ୍ର ଯିବାକୁ ହେବ ହାଟ ସ୍ଥାନକୁ। ଉଠ୍ ଶଙ୍କର ଉଠ୍ ଏଥର, ମୋ ସୁନାଟା ପରା। ସଅଳ ପଳାଇବା ଖେଳ ପଡ଼ିଆକୁ, ନହେଲେ ଆଗ ଜାଗାଟା କେଳା ମାଡ଼ି ବସିବ। ଶଙ୍କର କିନ୍ତୁ ଅମଙ୍ଗ, ଉଠୁନାହିଁ। କହି କହି ଆଦୌ ଉଠିଲା ନାହିଁ ସ୍ଥାନରୁ। ଶେଷରେ ମୋ ବିରକ୍ତି ଓ କ୍ରୋଧ ଶୀର୍ଷରେ ପହଁଞ୍ଚିଲା, ମୋ ସ୍ୱର କର୍କଶ ହେଲା। ବାଧ ହୋଇ ଅଙ୍କୁଶ ଧରିଲି, ତା' ବେକ ଉପର ମୁଣ୍ଡରେ ତେଣ୍ଟା ଭୁସିଲି। ସେ ଉଠିବାକୁ ବାଧ ହେଲା। ଖାଉନ୍ଦ କଥା ନମାନି ତା'ର ଚାରା କ'ଣ ଅଛି? ସେ ଛିଡ଼ା ହେଲା। କିନ୍ତୁ ଶୁଣ୍ଢ ବିପରୀତ ଦିଗ ଗାଁ ଆଡ଼କୁ ବଢ଼ାଇଲା। ମୋତେ ଲାଗିଲା, ଗାଁରେ 'ଭିକ୍ଷାମ୍ ଦେହି' ପାଇଁ ଆହ୍ୱାନ କରୁଛି। ଏଣୁ ପାଞ୍ଚଣରେ ପାହାରେ ତା' ଶୁଣ୍ଢକୁ ଦେଲି। ସେ ଆମ ସଙ୍ଗେ ଗଲା, ଯିବାକୁ ବାଧ ହେଲା। ଖେଳ ଦେଖାଇଲା। କିନ୍ତୁ ପୂର୍ବ ଉତ୍ସାହ ନଥିଲା। ତିନୋଟି ଶୋ' ଖେଳ ଦେଖାଇ ଜଙ୍ଗଲ ରାସ୍ତା ଦେଇ ଫେରୁଥିଲୁ ଆଶ୍ରୟ ସ୍ଥାନକୁ। ବାଟରେ ପୋଲିସ୍ ହାବୁଡ଼ରେ ପଡ଼ିଲୁ। ଦୁର୍ଯୋଗ, ଦୁର୍ଭାଗ୍ୟ। ଅନୁତାପ କରୁଛି ସାର୍। ମୁଁ ମୂର୍ଖ, ମୁଁ ଚାଣ୍ଡାଳ, ମୁଁ ତା'ର ପ୍ରଭୁ ହେବାକୁ ଯୋଗ୍ୟ ନୁହେଁ- ତା'ର ଭବିଷ୍ୟବାଣୀ ସୂଚନାକୁ ଖାତିର ନକରି ଆଜି ଆମର ମୃତ୍ୟୁସମ ଏ ଦୁର୍ଦ୍ଦଶା।

Digitized by PPRACHIN, SOA

ଆମର ଉଜୁଡ଼ା ସଂସାର କ'ଣ ଆଉ ସଜଡ଼ା ହୋଇ ଫେରି ଆସିବ ? ମୋ ଶଙ୍କରକୁ ଯଦି ଆଉ ଜୀବନରେ ନଦେଖେ ପୋଡ଼ା ଜୀବନ ରଖି ଆଉ ଲାଭ କ'ଣ ? ମୋତେ ମରଣ ହୋଇଯିବା ଉଚିତ୍।

ରବୀନ୍ଦ୍ର ଆଖିର ଲୁହ ନଈବଢ଼ି ଭଳି ବଢ଼ି ଚାଲିଥିଲା। ମୁଁ ମୋ ରୁମାଲରେ ତା'ର ଆଖି ସଜଳ ପୋଛିଲି।

ଆଖି ପୋଛି ସେ କହିଲା- ହେଲେ ସାର୍, ଏ ନକ୍ସଲମାନେ କିଏ ? ମୁଁ ତ ସେମାନଙ୍କ ବିଷୟରେ କିଛି ଜାଣିନାହିଁ।

ସରଳ ଭାବେ ବୁଝାଇ ଦେଲି ନିରୀହ ରବୀନ୍ଦ୍ରକୁ । ସେମାନେ ଉଗ୍ରବାଦୀ କମ୍ୟୁନିଷ୍ଟ ବିଦ୍ରୋହୀ । ଯୁଦ୍ଧ, ରକ୍ତପାତ, ହିଂସା, ଅସ୍ତ୍ରଦ୍ୱାରା ସାମାଜବାଦ ସରକାର ଗଢ଼ିବାକୁ ଚାହୁଁଛନ୍ତି । ଗାଁ ଗଣ୍ଡା ଜଙ୍ଗଲ ଭିତରେ ଲୁଚିଛପି ରହି ଗରିବ ଆଦିବାସୀମାନଙ୍କୁ ପ୍ରଶାସନର ଶୋଷଣ, ପୁଲିସିର ଆଚରଣ, ଅନ୍ୟାୟ ବିରୁଦ୍ଧରେ ଯୁଦ୍ଧ କରିବାକୁ ଡାକରା ଦେଉଛନ୍ତି; ଦେଶ ଭିତରେ ଗରିଲା ଯୁଦ୍ଧ ଜାରି ରଖିଛନ୍ତି । ସରକାର ସେମାନଙ୍କୁ ବେଆଇନ୍ ବୋଲି ଘୋଷଣା କରିଛନ୍ତି । ଅନ୍ୟାୟ ବିରୁଦ୍ଧରେ ସଂଗ୍ରାମ କଲେ ଭଲ; କିନ୍ତୁ ଅସ୍ତ୍ର, ରକ୍ତପାତ, ହିଂସା ଦ୍ୱାରା ନୁହେଁ । ଏହା ଶାନ୍ତି ଓ ସୌହାର୍ଦ୍ଦ୍ୟରେ ହେବା ଉଚିତ । ନକ୍ସଲମାନେ ଅହିଂସା ଆଚରଣ ଦ୍ୱାରା ସଂଗ୍ରାମ କରିବା ଉଚିତ। ଯେମେତି ଆମ ଜାତିର ଜନକ ମହାତ୍ମାଗାନ୍ଧୀ କେବଳ ଅହିଂସା ନୀତି ଦ୍ୱାରା ମହାପ୍ରତାପୀ ବିଶ୍ୱ ଶକ୍ତିଶାଳୀ ଇଂରେଜ ସରକାରକୁ ମନ୍ତ ଭଳି ପରାଭୂତ କରି ସ୍ୱରାଜ ଓ ସ୍ୱାଧୀନତା ଆଣିଥିଲେ ଆମ ଦେଶ ଭାରତବର୍ଷ ପାଇଁ। ଯାହା ଶାନ୍ତି, ଶ୍ରଦ୍ଧା ଓ ସଂପ୍ରୀତିରେ ହୋଇପାରେ; ଧ୍ୱଂସ, ଅହିଂସା ଓ ରକ୍ତପାତ ଦ୍ୱାରା ସମ୍ଭବ ହୋଇନଥାଏ- ବିଶ୍ୱକୁ ପ୍ରମାଣ କରି ଦେଖାଇଦେଲେ ଆମ ଜାତିପିତା ପରାମାତ୍ମା ମୋହନ ଦାସ ଗାନ୍ଧୀ। କିନ୍ତୁ ଦୁଃଖର କଥା, ନିର୍ଦ୍ଦୋଷ ନିରୀହ ଲୋକମାନେ ବିନା କାରଣରେ ମରୁଛନ୍ତି । ଏଇ ଯେମିତି ତୁମେ ନିର୍ଦ୍ଦୋଷ। କିନ୍ତୁ ବିନା ଦୋଷରେ ଜେଲ୍ ଭୋଗୁଛ । ଏହାର ପ୍ରତିକାର ଆଇନ୍ ଅନୁଯାୟୀ ଶାନ୍ତି ଉପାୟରେ ହେବା ଉଚିତ । ଅସ୍ତ୍ର ଦ୍ୱାରା ନୁହେଁ, ଶାସ୍ତ୍ର ଦ୍ୱାରା।

ରବୀନ୍ଦ୍ର କାନ୍ଦୁଥିଲା । ବ୍ୟସ୍ତ ବିବ୍ରତ ହେଉଥିଲା ତା' ପୋଷା ଜୀବମାନଙ୍କ ପାଇଁ। ଶଙ୍କର କଥା ମନେ ପଡିଲେ ବିକଳି ହେଉଛି ହୃଦୟ। ଜୀବନ ହାରିଦେବାକୁ ଇଚ୍ଛା ହେଉଛି। ଛାତି ଦେହ ମନ ଛଟପଟ ହେଉଛି। ବଞ୍ଚି ଆଉ ଲାଭ କ'ଣ ତା'ର।

ମୁଁ ତାକୁ ସାନ୍ତ୍ୱନା ଦେଲି । ଅଭୟ ଦେଲି। କହିଲି, ଏସବୁ ନିୟତିର ଖେଳ, ସମୟର ଖେଳ, ଘଟଣାର ଜାଲ । ଶଙ୍କର ବେଟା ନନ୍ଦନକାନନରେ ଭଲ ଅଛି,

Digitized by PPRACHIN, SOA

ଚିକିତ୍ସିତ ହେଉଛି, ତାକୁ ମୁଁ ଦେଖି ଆସିଛି ବୋଲି କହିଲି । ଆଉ ମୋତି ଓ ମନୁର ଠାବ ମଧ୍ୟ ମିଳିଛି । ଓକାଲତନାମା କାଗଜରେ ଦସ୍ତଖତ କରାଇଲି । ମୁଁ ତୋର ଖଲାସ, ଶଙ୍କର ବେଟାର ମୁକ୍ତି ଓ ତମମାନଙ୍କର ମିଳନ ପାଇଁ ଚେଷ୍ଟା କରିବି । ଆଉ କାନ୍ଦନା, ବ୍ୟସ୍ତ ହୁଅନା ରବୀନ୍ଦ୍ର । ଏମିତି ଜଗତରେ କେତେ ନିର୍ଦ୍ଦୋଷ ଦୁଃଖ ପାଉଛନ୍ତି । ତମମାନଙ୍କ ଦୁର୍ଭାଗ୍ୟ, ଖରାପ ସମୟ ପାଇଁ ମୁଁ ଖୁବ୍ ମର୍ମାହତ, ଦୁଃଖିତ ।

ରବୀନ୍ଦ୍ର ଦୀର୍ଘଶ୍ୱାସ ତୋଳୁ ଥିଲା ଅବିରତ ଲୋତକ ଧାରରେ । ସତରେ କ'ଣ ଆଉ ତା'ର ପୂର୍ବ ଜୀବନ ଫେରିବ ! !

◆◆◆

Digitized by PPRACHIN, SOA

- ୨୦ -

ବର୍ତ୍ତମାନ ଅଗ୍ରାଧିକାର ଭିତ୍ତିରେ ଆଉ କାଳ ବିଳମ୍ବ ନ କରି ରବୀନ୍ଦ୍ରକୁ ଜେଲ୍‌ରୁ ଖଲାସ କରିବା ଅତ୍ୟନ୍ତ ଜରୁରୀ। ରବୀନ୍ଦ୍ର ବିନା ଖରସେଲ୍ ଓରଫ ଶଙ୍କରବେଟାକୁ ବାଟକୁ ଆଣିବା ଅସମ୍ଭବ।

ଚିନ୍ତାକଲି, ଖରସେଲ୍‌ର ଜଙ୍ଗଲରେ ନାହିଁ ସ୍ଥାନ, ଜନଜୀବନରେ ହିଁ ତା'ର ଆସ୍ଥାନ, ଜନ୍ମରୁ ସେ ମଣିଷ ମେଳରେ ଲାଳିତପାଳିତ। ଖରସେଲ୍‌କୁ ଆଉ ଦୁର୍ଗମ ଜଙ୍ଗଲ ଅଂଚଳରେ ବାସ କରିବାକୁ ନ ଦେଇ ଏଇ ନନ୍ଦନକାନନ ତା ପାଇଁ ବୋଧହୁଏ ହେବ ପ୍ରକୃଷ୍ଟ ସ୍ଥାନ। ବିଶ୍ୱର ବିରଳ ଏହି ନନ୍ଦନକାନନର ବିଶେଷତ୍ୱ ଓ ଏହାର ଇତିହାସ ମାତ୍ର ଅର୍ଦ୍ଧଶତାବ୍ଦୀ କାଳର ହେଲେ ହେଁ ଆନ୍ତର୍ଜାତିକ କ୍ଷେତ୍ରରେ ବେଶ୍ ପରିଚିତ ହୋଇପାରିଛି। ଏହାର ଜନ୍ମ ସମୟ ଓ ଉଦ୍‌ଘାଟନ ମୁଁ ସ୍ୱଚକ୍ଷୁରେ ଦେଖିଅଛି ବିଦ୍ୟାଳୟର ଶୀର୍ଷ ଶ୍ରେଣୀରେ ପାଠ ପଢ଼ିବା ବେଳେ । ୧୯୬୦ ମସିହା ଫେବୃଆରୀ ମାସ। ଭାରତର ରାଜଧାନୀ ଦିଲ୍ଲୀରେ ଅନୁଷ୍ଠିତ ହେଉଥିଲା କୃଷିମେଳା, ଯେଉଁ ମେଳାକୁ ଅତିଥି ହୋଇ ଆସିଥିଲେ ଋଷିଆର ତତ୍କାଳୀନ ପ୍ରଧାନମନ୍ତ୍ରୀ ନିକିତା କୃଷ୍ଣେଭ। ଭାରତର ଅନ୍ୟ ସବୁ ପ୍ରଦେଶ ନିଜକୁ ନିଜ ନିଜର ସ୍ୱତନ୍ତ୍ର ଢଙ୍ଗରେ ଉପସ୍ଥାପିତ କଲାବେଳେ ଓଡିଶା ନିଜର କୃଷିଜାତ ଦ୍ରବ୍ୟ ବ୍ୟତୀତ ପ୍ରଦର୍ଶିତ କରିଥିଲା କେତେକ ବନ୍ୟଜନ୍ତୁ, ଯଥା- ଭାଲୁ, ମାଙ୍କଡ, ଚିତା, ଅଜଗର ଇତ୍ୟାଦି। ଓଡିଶାର ଉଦ୍ଦେଶ୍ୟ ଥିଲା, ପ୍ରଦର୍ଶନୀ ମାଧ୍ୟମରେ ଜୀବଜନ୍ତୁଙ୍କ ସଂରକ୍ଷଣ ବାର୍ତ୍ତା। ଜୀବ ପ୍ରତି ଦୟା ଓ ଶ୍ରଦ୍ଧାର ଉଦ୍ରେକ ନିମନ୍ତେ ଭିନ୍ନ ଏକ ଢଙ୍ଗରେ ଏହି ଉପସ୍ଥାପନା ପାଇଁ ଓଡିଶା ପାଭିଲିଅନ ହୋଇପାରିଲା ସମସ୍ତଙ୍କର ଆକର୍ଷଣର କେନ୍ଦ୍ର ଏବଂ ଦିଲ୍ଲୀରୁ ଫେରିବା ପରେ ସେଇ ବନ୍ୟଜନ୍ତୁଗୁଡିକୁ ପୁନଶ୍ଚ ଜଙ୍ଗଲରେ ଛାଡି ନଦେଇ ଖଣ୍ଡଗିରି ଅଞ୍ଚଳରେ ଅସ୍ଥାୟୀଭାବେ ସେମାନଙ୍କ ଘର ତିଆରି କରି ସେମାନଙ୍କୁ ରଖାଗଲା, ଯାହା ମୁଁ ସେତେବେଳେ ସ୍ୱଚକ୍ଷୁରେ ଦେଖିଅଛି। ଓଡିଶାର ତତ୍କାଳୀନ ମୁଖ୍ୟମନ୍ତ୍ରୀ ଡଃ ହରେକୃଷ୍ଣ ମହତାବ କେତେଜଣ ବନବିଭାଗୀୟ କର୍ମଚାରୀଙ୍କ ସହ ସେହି ଜାଗାକୁ ଯାଇ ବନ୍ୟଜନ୍ତୁଙ୍କୁ ଦେଖି ଖୁବ୍

Digitized by PPRACHIN, SOA

ମାତ୍ରାରେ ପ୍ରଭାବିତ ହୋଇଥିଲେ। ଡଃ ମହତାବ ଥିଲେ ଜଣେ ଐତିହାସିକ ଓ ଓଡ଼ିଶା ଇତିହାସ ଲେଖିଥିଲେ। ଏହି କଳିଙ୍ଗ ମାଟିରୁ ଅହିଂସା, ଭାତୃଭାବ ଓ ବିଶ୍ୱଶାନ୍ତି ପ୍ରତିଷ୍ଠାଲାଭ କରିଥିଲା ବୋଲି ଦର୍ଶାଇଛନ୍ତି ଖ୍ରୀଷ୍ଟପୂର୍ବ କାଳରୁ, ଗୌତମ ବୁଦ୍ଧ, ଆଶୋକ ଓ ଖାରବେଳଙ୍କ ଅମଳରୁ ଏବଂ ଜୀବ ମାଧ୍ୟମରେ ଓଡିଶାର ବାର୍ତ୍ତା ପ୍ରଚାର କରିବା ପାଇଁ ଗୋଟିଏ ସ୍ୱତନ୍ତ୍ର ଚିଡିଆଘର ନିର୍ମାଣ କରିବା ପାଇଁ ଯୋଜନାବଦ୍ଧ ଭାବେ ଚିନ୍ତାକଲେ ଏବଂ ତା'ର ନାମ 'ନନ୍ଦନକାନନ' ରଖିବେ ବୋଲି ସିଦ୍ଧାନ୍ତ କଲେ। 'ନନ୍ଦନକାନନ' ଶବ୍ଦଟି ପୁରାଣ ବର୍ଣ୍ଣିତ ଇନ୍ଦ୍ର ଦେବତାଙ୍କ କାନନ ଯାହାର ଅର୍ଥ ହେଉଛି ପ୍ରମୋଦ ଉଦ୍ୟାନ। ତା ପରେ ଚିଡ଼ିଆଘର ନନ୍ଦନକାନନ ପାଇଁ ଖୋଜାଗଲା ଉପଯୁକ୍ତ ସ୍ଥାନ। ବହୁ ସ୍ଥାନ ଦେଖିଲା ପରେ ଚିଡ଼ିଆଘର ନିର୍ମାଣ କମିଟି ତଥା ତତ୍‌କାଳୀନ ଉନ୍ନୟନ ମନ୍ତ୍ରୀ ଡଃ ରାଧାନାଥ ରଥ ଭୁବନେଶ୍ୱର-ବାରଙ୍ଗ ନିକଟସ୍ଥ ଚନ୍ଦକାର କାଞ୍ଜିଆ ହ୍ରଦ ଏବଂ ତା'ର ଚତୁଃପାର୍ଶ୍ୱ ଅଂଚଳକୁ ଉପଯୁକ୍ତ ମଣିଥିଲେ ଏବଂ ତାହା ବାସ୍ତବତାର ରୂପ ନେଇଥିଲା। ୧୯୬୦ ମସିହା ଡିସେମ୍ବର ୨୯ ତାରିଖ ଦିନ ଭାରତ ସରକାରଙ୍କ ତତ୍କାଳୀନ କେନ୍ଦ୍ରୀୟ ଖାଦ୍ୟ ଓ କୃଷିମନ୍ତ୍ରୀ ଏସ. କେ. ପାଟିଲ, ଏଇ ଚିଡ଼ିଆଖାନାକୁ ଉଦ୍‌ଘାଟନ କରିଥିଲେ ଏବଂ ଏହି ଉତ୍ସବକୁ ଆମେ ବହୁ ବିଦ୍ୟାଳୟ ଛାତ୍ରଛାତ୍ରୀ ଦେଖିବାକୁ ଯାଇଥିଲୁ। ପ୍ରାକୃତିକ ପାହାଡ଼, ଜଙ୍ଗଲ, ହ୍ରଦକୁ ନେଇ ଗଢ଼ି ଉଠିଲା ବନ୍ୟଜନ୍ତୁଙ୍କର ଏକ ନିରାପଦ ଅଭୟ ସ୍ଥାନ: "ନନ୍ଦନକାନନ" । ପୁରୀ-କୋଣାର୍କ-ଭୁବନେଶ୍ୱର ପର୍ଯ୍ୟଟନ ସ୍ୱର୍ଣ୍ଣ ତ୍ରିଭୁଜ ସହିତ ଯୋଡି ହୋଇଗଲା ଏହି ନନ୍ଦନକାନନ ସୁନ୍ଦରୀ ନାରୀ ଗଳାରେ ଏକ ସ୍ୱର୍ଣ୍ଣାଳଙ୍କାର ସଦୃଶ। ସବୁଜ ଘାସର ଗାଲିଚା, ଗଛ ଛନ ଛନ ଗହନ ବନ ଦ୍ୱାରା ଆଚ୍ଛାଦିତ ଏହି ଉଦ୍ୟାନରେ କୁଳୁକୁଳୁ ରାଗିଣୀରେ ଗୀତ ଗାଇ ବୋହି ଯାଉଥିଲା ଝରଣା। ହ୍ରଦର ଉପର ଦେଇ ପର୍ବତର ଆର ପଟରୁ ବୋହି ଆସୁଥାଏ ମୃଦୁ-ମନ୍ଦ-ମଳୟ। ପରବର୍ତ୍ତୀ ସମୟରେ ହ୍ରଦ ନିକଟରେ ଥିବା ଉଦ୍ଭିଦ ଉଦ୍ୟାନକୁ ମିଶାଇ ଅଧୁନା ଏହାର ଆୟତନ ୪୪୪ ରୁ ୪୫୨ ହେକ୍ଟରକୁ ବୃଦ୍ଧି ପାଇଛି। ଅଧିକାଂଶ ସମୟରେ ଜୀବଜନ୍ତୁଙ୍କ ହାବଭାବ ଜୀବନ ଲକ୍ଷ୍ୟ କରିବାକୁ ମୁଁ ବେଳ ପାଇଲେ ନନ୍ଦନକାନନକୁ ବୁଲିବାକୁ ଚାଲିଯାଏ ଏବଂ ବନ୍ୟଜନ୍ତୁଙ୍କ ମେଳରେ ଏକ ବୃକ୍ଷର ଅନ୍ତରାଳରେ ଅବା ହ୍ରଦର କୂଳରେ ପାଠ୍ୟ ପୁସ୍ତକ ପଢ଼ିଥାଏ, ଯେଉଁ ପୃଷ୍ଠାଗୁଡ଼ିକ ଆଜି ପର୍ଯ୍ୟନ୍ତ ମୋର ମନେଅଛି ଏବଂ ଯେଉଁ ଆକର୍ଷଣ ଆଜି ପର୍ଯ୍ୟନ୍ତ ବାନ୍ଧି ରଖିଛି ମୋତେ। ହାତୀମାନଙ୍କ ପାଇଁ ୧୯୮୨ ମସିହାରେ ୧୯୦ କି.ମି. ଆୟତନ ବିଶିଷ୍ଟ ଚନ୍ଦକା ଅଭୟାରଣ୍ୟ ଭାବେ ପ୍ରତିଷ୍ଠିତ ହୋଇଅଛି। ଏଣୁ ଚନ୍ଦକା ଅଭୟାରଣ୍ୟର ନନ୍ଦନକାନନ ପରିସର କିମ୍ବା ତା'ର ସନ୍ନିକଟରେ ଭିନ୍ନ ସ୍ୱାଦ ଓ ରୂପର ଏକ ହାତୀ

Digitized by PPRACHIN, SOA

ସଫାରି ଗଢିତୋଳିବାର ସ୍ୱପ୍ନ, ଚିତ୍ର ଓ ନକ୍ସା ଆଙ୍କିବାରେ ମୋ ମନ ଭାବନାକୁ ଆକ୍ରାନ୍ତ କରି ରହିଲା। ସଫାରିରେ ଏହି ବିରଳ ହସ୍ତୀ ପରିବାରର ଉନ୍ନତି, ବଂଶବୃଦ୍ଧି ଏବଂ ଶେଷରେ ଶଙ୍କରର ସାଥୀ ସହଯୋଗୀ ମନୁ ଓ ମୋତିର ଖେଳ ପ୍ରଦର୍ଶନ ଚିନ୍ତା-ଭାବନାରେ ତନ୍ଦ୍ରା ତ୍ୟାଗକରି ଭାରାକ୍ରାନ୍ତ ରହିଲି। ଶଙ୍କରର କ'ଣ ଆଉ ପୁନଃ ପରିବର୍ତ୍ତିତ ଏବଂ ତା'ର ପୂର୍ବ ନିରଙ୍କୁଶ ଖେଳ ଫେରି ଆସିବ ? ମୁଁ ଶଙ୍କିତ ରହିଲି। ପ୍ରାଣୀ ହେଲେ ହେଁ ସେମାନଙ୍କ ଆତ୍ମହତ୍ୟା ପ୍ରବଣତା ରହିଥାଏ। ପରିସ୍ଥିତିର ତୀବ୍ର ତାଡ଼ନାରେ ମରିବ ବା ମାରିବା ଆହ୍ୱାନରେ ଜର୍ଜରିତ ହୋଇଥାଏ ପ୍ରାଣୀ ଯେମିତି ଶଙ୍କର ତା'ର ବଳ ଶକ୍ତି ପ୍ରଦର୍ଶନ କରିଥିଲା ବଲାଙ୍ଗୀର, ବୌଦ୍ଧ ଓ ଫୁଲବାଣୀ ଅଞ୍ଚଳରେ।

ମୋତେ ଜଣାଅଛି, କେବଳ ମଣିଷ ନୁହେଁ, ପଶୁ ଓ ପ୍ରାଣୀମାନଙ୍କର ଆତ୍ମହତ୍ୟା ପ୍ରବଣତା ରହିଥାଏ। ଆତ୍ମହତ୍ୟା ହେଉଛି ନୈରାଶ୍ୟର ଏକ ନିଷ୍ଠୁର ପରିଣତି। ବଞ୍ଚିରହିବାର ଯନ୍ତ୍ରଣା ଅପେକ୍ଷା ମୃତ୍ୟୁର ନିର୍ବାଣରେ ନିଷ୍କୃତି ମିଳିଥାଏ ବୋଲି ଜୀବ ବିଶ୍ୱାସ କରିଥାଏ । ଏଣୁ ଜୀବନ ପ୍ରତି ଛି ଭାବ ଜାଗିଉଠେ । ଗୋଟିଏ ମାଆ ପ୍ରାଣୀ ନିଜ ଛୁଆକୁ ବୃହତର ଖାଦକ ପ୍ରାଣୀ ହାତରୁ ବଞ୍ଚାଇବାକୁ ଯାଇ ନିଜ ଜୀବନକୁ ବଳି ଦେବାକୁ ଶ୍ରେୟସ୍କର ମଣିଥାଏ । କାରଣ ନିଜ ଜୀବନ ଅପେକ୍ଷା ବାତ୍ସଲ୍ୟ ମମତାକୁ ସେ ଗୁରୁତ୍ୱ ଦେଇଥାଏ ଯେମିତି ମନୁର ମା' ଅଜଗରକୁ ଗିଳି ଦେଉଥିଲା ବେଳେ ଶିଶୁର ଜୀବନରକ୍ଷା ପାଇଁ ଗଛ ତଳକୁ କୋଳରୁ ଫିଙ୍ଗି ଦେଇଗଲା- ହୁଏତ କାହାର ଦୟାରୁ ସେ ବଞ୍ଚି ଯାଇପାରେ ଏବଂ ତାହାହିଁ ହୋଇଥିଲା। ଏହିପରି ରହିଛି ଅନେକ ଅନେକ ଉଦାହରଣ । ଦେଖାଯାଇଛି ଯେ କେତେକ ମେଣ୍ଢାଙ୍କୁ ମଙ୍ଗୋଲିଆର କଂସେଇଖାନାକୁ ନିଆଯାଉଥିବାବେଳେ ସେମାନେ ଏକ ହ୍ରଦ ଭିତରକୁ ଡେଇଁପଡ଼ି ବୁଡ଼ିଯାଇଥିଲେ । ସେମାନଙ୍କୁ ଯେତେଥର ଉଦ୍ଧାର କରାଗଲା, ସେମାନେ ସେତେଥର ହ୍ରଦ ଭିତରକୁ ଡେଇଁଲେ ଏବଂ ଶେଷରେ ମୃତ୍ୟୁବରଣ କଲେ। ପଶୁ ହେଲେ ହେଁ ସେମାନେ ଜାଣିପାରିଥିଲେ କଂସେଇଖାନାକୁ ନିଆଯିବାର ଉଦ୍ଦେଶ୍ୟ। ଆସାମର ଜଟିଙ୍ଗା ଠାରେ ପ୍ରତିବର୍ଷ ବିଭିନ୍ନ ପ୍ରଜାତିର ଶହ ଶହ ପକ୍ଷୀ ଭୂମି ଉପରକୁ ଡେଇଁପଡ଼ି ଆତ୍ମହତ୍ୟା କରିଥା'ନ୍ତି । ପୋଷା କୁକୁରମାନେ ମାଲିକଙ୍କ ମୃତ୍ୟୁରେ ମର୍ମାହତ ହୋଇ ଖାଇବା ପିଇବା ଛାଡ଼ିଦେଇ ମୃତ୍ୟୁବରଣ କରିବାର ଅନେକ ନଜିର ରହିଛି । ସ୍କଟ୍‌ଲାଣ୍ଡ ଡୁମ୍ବାର୍ଟନ୍‌ଠାରେ ଥିବା ଓଭରଟାଉନ୍ ବ୍ରିଜ୍‌କୁ ଡଗ୍ ସୁଇସାଇଡ୍ ବ୍ରିଜ୍ ବୋଲି କୁହାଯାଇଥାଏ କାରଣ ଏଠାରୁ କୁକୁରମାନେ ଡ଼େଇଁ ଆତ୍ମହତ୍ୟା କରିଥା'ନ୍ତି । ଟାର୍ସିୟର୍ (ଏକ ପ୍ରକାରର ବଣମଣିଷ ଜାତୀୟ)ମାନଙ୍କୁ ପିଞ୍ଜରା ଭିତରେ ରଖିଲେ ସେମାନେ ମାନସିକ ଚାପଗ୍ରସ୍ତ ହୋଇ ଜାଣିଶୁଣି ନିଜ ମୁଣ୍ଡକୁ ପିଟି ଆତ୍ମହତ୍ୟା କରନ୍ତି । କଙ୍କଡ଼ାବିଛାମାନେ

Digitized by PPRACHIN, SOA

ଯେତେବେଳେ ଅତିଶୟ ଯନ୍ତ୍ରଣାଦାୟକ ପରିସ୍ଥିତିରେ ପଡ଼ନ୍ତି, ସେତେବେଳେ ନିଜ ମୁଣ୍ଡକୁ ବାରମ୍ବାର ନାହୁଡ଼ ମାରି ଆତ୍ମହତ୍ୟା କରିଥାନ୍ତି । ଏହି କିଛି ବର୍ଷ ତଳେ ଲକ୍ଷ୍ନୌ ଚିଡ଼ିଆଖାନାରେ ଦୁଇଟି ହାତୀ ମଧ୍ୟରୁ ବୁଢ଼ା ହାତୀଟି ବାର୍ଦ୍ଧକ୍ୟ ହେତୁ ମରିଗଲା । ଏହା ଦେଖି ତା'ର ପାଳିତା କନ୍ୟା 'ଝୁନା' ଖାଇବା ପିଇବା ଛାଡ଼ିଦେଲା । ତାକୁ ଖୁଆଇବାର ସବୁ ଚେଷ୍ଟା ବିଫଳ ହେଲା କାରଣ ସବୁବେଳେ ସେ ବୁଢ଼ା ହାତୀ ପାଖରେ ରହିଥାଏ, ତା'ର ଉଚ୍ଛିଷ୍ଟ ଖାଏ । ବୃଦ୍ଧ ହାତୀର ଦେହାନ୍ତ ପରେ ସେ ଝୁରି ହେଲା ଏବଂ ନଖାଇ ନପିଇ ଶେଷକୁ ମରିଗଲା । ସ୍କୁଲରେ ପଢୁଥିଲାବେଳେ ମୁଁ ଅନେକ ପ୍ରକାରର ପାରା ପୋଷିଥିଲି। ମୁଁ ଦେଖିଛି, ପାରାମାନେ ସ୍ୱାମୀ-ସ୍ତ୍ରୀ ଯୋଡ଼ି ହୋଇ ଏକାଠି ବାସକରନ୍ତି । ସେମାନଙ୍କ ଦାମ୍ପତ୍ୟ ଜୀବନ ଚମତ୍କାର। ସେମାନେ ଏକପତ୍ନୀକ ଏବଂ ଏକସ୍ୱାମୀତ୍ୱ ଗ୍ରହଣ କରିଥା'ନ୍ତି, ପରସ୍ପର ସୁଖମୟ ଦାମ୍ପତ୍ୟ ଜୀବନ ବିତାଇଥା'ନ୍ତି , ଚଞ୍ଚୁକୁ ଚଞ୍ଚୁ ଲଗାଇ ସ୍ନେହ ପାଉନ୍ତି ଏବଂ ସଂଗମ କରିଥା'ନ୍ତି। ବେଳେବେଳେ ସ୍ତ୍ରୀ ପାରା ତଳେ ତ ପୁରୁଷ ପାରା ତା ଉପରେ ଏବଂ ପୁରୁଷ ପାରା ତଳେ ତ ସ୍ତ୍ରୀ ପାରା ତା ଉପରେ। ଥରେ ପୁରୁଷ ପାରାଟିକୁ ବିଲେଇ ଖାଇଦେଲା । ସ୍ତ୍ରୀ ପାରା ଅଣ୍ଡା ଉଷୁମାଉଥିଲା । ପୁରୁଷ ପାରାକୁ ନଦେଖି ସେ ଭାଙ୍ଗି ପଡ଼ିଲା । ପୁରୁଷ ପାରାର ପର ଓ ଅଧାଖିଆ ଦେହାଂଶ ସିଡିଘର କୋଣରେ ପଡିଥିଲା । ଗନ୍ଧ ବାରି ସ୍ତ୍ରୀ ପାରା ସେଠାରେ ପହଞ୍ଚିଲା ଓ ତା' ପ୍ରିୟ ପୁରୁଷ ସେଠି ବିରାଡିର ଆହାର ହୋଇଥିବା ଜାଣିପାରି ଦୁଃଖରେ ଭାଙ୍ଗି ପଡ଼ିଲା ଓ ସେଠୁଁ ଆଉ କୁଆଡେ ଗଲାନାହିଁ । ବିଲେଇକୁ ପୁନଶ୍ଚ ଭୋକ ଲାଗିବାରୁ ସେ ଅଧାଖିଆ ମାଂସ ପାଖରେ ପହଞ୍ଚିଲା ଏବଂ ସ୍ତ୍ରୀ ପାରାକୁ ଦେଖି ମାଡି ବସିଲା ଓ ତାକୁ ମାରିଦେଲା ତତ୍କ୍ଷଣାତ ବିଲେଇ ଓ ତା ଛୁଆମାନେ ଦୁଇଟି ଯାକ ପାରାକୁ ମିଶି ଆହାର କରିଦେଲେ । ଏଥିରୁ ସ୍ତ୍ରୀ ପାରାର ପତିବ୍ରତା ପ୍ରମାଣ ଦିଏ; ଏହିପରି ପକ୍ଷୀଜୀବନରେ ସ୍ୱତଃ ସତୀଦାହ ପ୍ରଥାର ଘଟଣାଟି କୌଣସି ଗୁଣରେ କମ୍ ନୁହେଁ । ପଶୁପକ୍ଷୀମାନେ ମଧ୍ୟ ଏହିପରି ପ୍ରତିକୂଳ ଘଟଣାର କୁଠାରାଘାତରେ ମ୍ରିୟମାଣ ହୋଇ ଶେଷରେ ଜୀବନକୁ ଛି କରିଦିଅନ୍ତି, ବଞ୍ଚି ରହିବା ଅପେକ୍ଷା ପ୍ରାଣତ୍ୟାଗ କରିବାକୁ ଶ୍ରେୟ ମଣିଥା'ନ୍ତି । ଏମିତି ପ୍ରାଣୀ ପୃଷ୍ଠାରେ ରହିଛି କେତେ କେତେ ଦୃଷ୍ଟାନ୍ତ । ଏଣୁ ଗଭୀରଭାବେ ଚିନ୍ତା କଲି, ଅବସାଦଗ୍ରସ୍ତ ମାନସିକ ଯନ୍ତ୍ରଣା ପ୍ରପୀଡ଼ିତ ମାହୁନ୍ତ ବିହୀନ ଶଙ୍କର ଯଦି ଏମିତି କିଛି ଅଘଟଣ କରିବସେ ? ତା' ପାଇଁ ତା' ପ୍ରିୟ ମାହୁନ୍ତ ହିଁ ଅନିବାର୍ଯ୍ୟ– ଅନୁଭବ କଲି ।

ମୁ ଯେହେତୁ ଆଇନ୍‌ର ସ୍ନାତକ ଡିଗ୍ରୀଧାରୀ, ରବୀନ୍ଦ୍ରର ଜାମିନ ଆବେଦନ ନିଜେ ପ୍ରସ୍ତୁତ କଲି ଏବଂ ତା ପାଇଁ ଜଣେ ପ୍ରତିଭୂତି ବା ଗ୍ୟାରେଣ୍ଟିଅର ଭାବେ ଦାୟିତ୍ୱ

Digitized by PPRACHIN, SOA

ମୁଣ୍ଡକୁ ନେଲି। ଉଚ୍ଚ ଅଦାଲତରେ ତୃତୀୟଥର ମୁଲତବି ଶୁଣାଣି ପରେ ମାନ୍ୟବର ଉଚ୍ଚ ନ୍ୟାୟାଳୟ ରବୀନ୍ଦ୍ରର ସର୍ତ୍ତମୂଳକ ଜାମିନ ମଞ୍ଜୁର କଲେ। ସର୍ତ୍ତ ୧- ମୋକଦ୍ଦମାର ଶେଷ ନିଷ୍ପତ୍ତି ପର୍ଯ୍ୟନ୍ତ ସେ ଦେଶ ଛାଡ଼ି ବାହାରକୁ ଯାଇ ପାରିବ ନାହିଁ। ସର୍ତ୍ତ ୨- ଅଦାଲତର ନିର୍ଦ୍ଦେଶ ମତେ ବିଚାର ଶୁଣାଣି ଦିନମାନଙ୍କରେ ଉପସ୍ଥିତ ରହିବ। ସର୍ତ୍ତ- ୩- ଅନୁସନ୍ଧାନରେ ପୋଲିସକୁ ସହଯୋଗ କରିବ । ସର୍ତ୍ତ ୪- ନ୍ୟାୟାଳୟର ଏହି ଆଦେଶ ବଳରେ ରବୀନ୍ଦ୍ର ବିରୁଦ୍ଧରେ ମୂଳ ମୋକଦ୍ଦମା ଦାଏର କରିଥିବା ଥାନା ଅଧିକାରୀ ଏକ ଅଙ୍ଗୀକାରପତ୍ର ବା ବଣ୍ଡ ଦସ୍ତଖତ କରାଇ ଅଭିଯୁକ୍ତ ରବୀନ୍ଦ୍ର କୁମାର ପରମାଣିକକୁ ଜାମିନ୍‌ରେ ଖଲାସ କରିବେ ।

ମାନ୍ୟବର ଉଚ୍ଚ ଅଦାଲତର ଆଦେଶ ମତେ ରବୀନ୍ଦ୍ରକୁ ଅର୍ଥାତ୍ ବଲାଙ୍ଗୀର ସଦରଥାନା ଅଧିକାରୀଙ୍କ ପାଖେ ହାଜର କରାଇଲି । ସେ ବଣ୍ଡ କାଗଜରେ ରବୀନ୍ଦ୍ରର ଦସ୍ତଖତ କରାଇ ମୋତେ ଗ୍ୟାରେଣ୍ଟିଅର ଭାବେ ଅଭିହିତ କରି ରବୀନ୍ଦ୍ରକୁ ଖଲାସ କଲେ।

ଅନୁଭବ କଲି ରବୀନ୍ଦ୍ର ଶଙ୍କରକୁ ଦେଖିବା ପାଇଁ ଉଛନ୍ନ ବ୍ୟାକୁଳିତ ହୋଇପଡ଼ିଲା ସତେ ଯେମିତି ଜଣେ ପ୍ରେମିକ ତା' ପ୍ରିୟା ପ୍ରେମିକାକୁ ଅନେକ ଦିନ ବିଚ୍ଛେଦ ପରେ ଦେଖିବାକୁ ଉହ୍ଳ ବିକଳ ହେଉଛି । ତା ଦେହ ଏଠି ଥିଲେ ତା'ର ପ୍ରାଣ ଶଙ୍କର ପାଖରେ– ମୁଁ ବୁଝିପାରୁଥିଲି । ବର୍ତ୍ତମାନ ମୋତି ଛୁଆର ମା' ହୋଇ ସହୃଦ ଜେଲ୍ ୱାର୍ଡର ଚକ୍ରଧର ମାଝୀଙ୍କ ଘରେ ଅଛି ଯେମିତି ଝିଅମାନେ ବିବାହ ପରେ ବାପଘର ଛାଡ଼ି ଶାଶୁଘରେ ଜୀବନ ବିତାନ୍ତି । ଆମେ ୱାର୍ଡ଼ର ଚକ୍ରଧରଙ୍କ ଘରେ ପହଞ୍ଚି ମୋତିକୁ ଦେଖିଲୁ । ସେ ତିନୋଟି ଛୁଆକୁ ଥନରୁ କ୍ଷୀର ଦେଉଥିଲା । ରବୀନ୍ଦ୍ରକୁ ଦେଖି ତା' ଛୁଆମାନଙ୍କୁ ଆଡ଼େଇ ଦେଇ ଦୁଇଗୋଡ଼ରେ ରବୀନ୍ଦ୍ର ଉପରକୁ ଚଢ଼ିଗଲା ଓ ସ୍ନେହ ଜର୍ଜରିତ ମୁହଁରେ କୁଁ କୁଁ ହୋଇ ଅଭିମାନ ଓ ଅଭିଯୋଗର ଭାଷା ପ୍ରକଟ କଲା । ମୁଁ ତା ଭାଷା ଓ ଭାବ ବେଶ୍ ବୁଝିପାରୁଥିଲି । ରବୀନ୍ଦ୍ର ତାକୁ କୁଣ୍ଢାଇ ଗୁଡ଼ାଏ ଚୁମା ଦେଇ ଚାଲିଲା ଏବଂ ତା' ମୁଣ୍ଡକୁ ଆଉଁସା ଆଉଁସି କରି ତା' ଶିଶୁ-ଶାବକଗୁଡ଼ିକୁ ଦେଖିଲା ସନ୍ତୁଷ୍ଟ ନୟନରେ । ସଦ୍ୟଜାତ କୁକୁର ଛୁଆ, ମୋଟାମୋଟି, ସୁନ୍ଦର । ଚକ୍ରଧର ବାବୁଙ୍କୁ ଅନେକ ଧନ୍ୟବାଦ ଦେଲୁ ଏବଂ ତାଙ୍କର କୁକୁର ପ୍ରତି କୃପା ପାଇଁ ମୁଁ ଅର୍ଥ ଯାଚିଲି । ସେ କିନ୍ତୁ ଗ୍ରହଣ କଲେ ନାହିଁ । ମୋତି ଓ ତା'ର ତିନି ଛୁଆକୁ ମୋ ଗାଡ଼ିରେ ବିଦାୟ ଦେବା ଅବସ୍ଥାରେ ତାଙ୍କ ସ୍ତ୍ରୀ ରମାଦେବୀଙ୍କ ହାତରେ ତାଙ୍କ 'ବାଘା' କୁକୁର ପାଇଁ କହି କିଛି ଅର୍ଥ ଧରାଇ ଦେଲି ସୌଜନ୍ୟ ଦୃଷ୍ଟିରୁ । ସେ ଗ୍ରହଣ କରିବାକୁ ବାଧ୍ୟ ହୋଇଥିଲେ । ତିନୋଟି କୁକୁର ଛୁଆକୁ କୋଳରେ ପୂରାଇ ମୋତିକୁ ଧରି ବସିଲା ରବୀନ୍ଦ୍ର ମୋ ସଫାରୀ ଯାନ ଭିତରେ । ଗଣ୍ଠି ଧନକୁ ପାଇ ଆନନ୍ଦର ଆତିଶଯ୍ୟ ଭିତରେ ସେ ଯେମିତି ନିଜକୁ ଭୁଲି ଯାଉଥିଲା।

Digitized by PPRACHIN, SOA

ଏଥର ମନୁ କଥା । ମିତ୍ରପୁର ମଙ୍ଗଳା ମନ୍ଦିର ଠିକଣା ଟିପି ନେଇଥିଲି । ଏଠାରୁ ୧୦ କି.ମି. ଗ୍ରାମ୍ୟ ରାସ୍ତା । ପଚାରି ଯିବା ପାଇଁ ଅସୁବିଧା ହେଲା ନାହିଁ । ମିତ୍ରପୁର ଗାଁ ମୁଣ୍ଡରେ ଆମ୍ବତୋଟାକୁ ଲାଗି ମଙ୍ଗଳା ମନ୍ଦିର । ଦେବତୀଙ୍କ ପହଡ଼ ପଡ଼ିଥିଲା । ମନୁ କୋଉଠି ଅଛି ଦେଖାଗଲା ନାହିଁ । ରବୀନ୍ଦ୍ର ବଡ଼ ପାଟିରେ ମନୁ ମନୁ ଡାକି ମାଇକ୍ରୋଫୋନ୍‌ରେ ଡାକିଲା ଭଳି ଚିତ୍କାର କଲା । କେଉଁଠି ଅଜ୍ଞାତ ସ୍ଥାନରେ ସେ ଲୁଚି ଥିଲା, ଯେମିତି ତା' ସାଙ୍ଗସାଥୀ ଓ ମାହୁନ୍ତ ତଥା ମାଲିକଠୁଁ ନିର୍ବାସିତ ହୋଇ ଦୁଃଖରେ ଝୁରୁଛି, ବିଳାପ କରୁଛି । ରବୀନ୍ଦ୍ରର କଣ୍ଠସ୍ୱର ଶୁଣି ଦଉଡ଼ି ଆସିଲା ଏବଂ ରବୀନ୍ଦ୍ର ବେକରେ ଝୁଲିପଡ଼ିଲା, ପିଲାମାନେ ଯେମିତି ବାପା ବେକରେ ଝୁଲିପଡ଼ନ୍ତି । ତାକୁ ଛାତିରେ ଚାପି ଧରି ରବୀନ୍ଦ୍ର ଗୁଡ଼ାଏ ବୋବ ଦେଇଚାଲିଲା । ପିତୃତ୍ୱର ସ୍ନେହଶ୍ରଦ୍ଧା ଆଉ ଆକର୍ଷଣ ଯେମିତି ପାଗଳ କରି ଦେଇଥିଲା ରବୀନ୍ଦ୍ରକୁ। ଏଭଳି ଦୃଶ୍ୟରେ ମୋ ଆଖିରୁ ମଧ୍ୟ ଆନନ୍ଦାଶ୍ରୁ ଦୁଇବୁନ୍ଦା ଝରିପଡ଼ିଲା । ପଶୁ ହେଲେହେଁ ସ୍ନେହାମୃତର ମୂଲ୍ୟ ବୁଝିଥାଏ, ତୁଳନା ନାହିଁ ଜଗତରେ ତା'ର- ବାସ୍ତବରେ ଉପଲବ୍ଧି କରୁଥିଲି ମନେ ମନେ। ତା'ର ସ୍ୱର୍ଗୀୟ ସେ ଅନୁଭବ।

ମନେପଡ଼େ ଗୋଟିଏ ଜଙ୍ଗଲି ବୁଢ଼ା ହନୁର ମଣିଷ ଭଳି ଭଦ୍ରାଚରଣ- ମୋ ସ୍ମୃତି ପଟରେ ଏବେବି ସାଇତା ରହିଛି। ମୋ ଚାକିରିର ସକାଳ କାଳ। ପ୍ରୋବେଶନ ପର ପରେ ମୋର ପ୍ରଥମ ନିଯୁକ୍ତି ହୁଏ ଗଛ ଗିରି ବହୁଳ କୋରାପୁଟ ଜିଲ୍ଲା। ସୁଙ୍କି ବାଣିଜ୍ୟ କର ତନଖି ଫାଟକର ଭାରପ୍ରାପ୍ତ ଅଫିସର ଭାବେ ଯୋଗ ଦେଲି। ସୁଙ୍କି ଓଡ଼ିଶା-ଆନ୍ଧ୍ର ସୀମାରେ; ୪୮ କି.ମି. ଲମ୍ୱ ସାଲୁର ଘାଟୀର ଶୀର୍ଷାଂଶରେ ଅବସ୍ଥିତ। ଏଠାର ପ୍ରାକୃତିକ ସୌନ୍ଦର୍ଯ୍ୟ, ଉଚ୍ଚ ଉଚ୍ଚ ଶ୍ୟାମଳ ଶୈଳଶୃଙ୍ଗ ଓ ତରୁରାଜି ଅତ୍ୟନ୍ତ ଚିତ୍ତାକର୍ଷକ। ସେଠି ଫାଟକ ପାଖରେ ଏକ ସରକାରୀ ଡାକ ବଙ୍ଗଳାରେ ରହୁଥାଏ ମୁଁ। ଟିକିଏ ଫୁରୁସତ୍ ମିଳିଲେ ନିକଟସ୍ଥ ବଣଘେରା ଆଦିବାସୀ ଗ୍ରାମର କୌଣସି ବଣ୍ଡା ବନାଭିଜ୍ଞ ଆଦିବାସୀ ବ୍ୟକ୍ତିକୁ ନେଇ ଜଙ୍ଗଲ ପାହାଡ ବୁଲେ। ସୁଙ୍କିର ନିକଟସ୍ଥ ଟାଉନ ହେଲା ସୁନାବେଡା, ସିମିଳିଗୁଡା, ପଟାଙ୍ଗୀ ଇତ୍ୟାଦି। ବେଳେବେଳେ ନିତ୍ୟ ବ୍ୟବହାର୍ଯ୍ୟ ଓ ଆବଶ୍ୟକ ଦ୍ରବ୍ୟ କିଣିବା ପାଇଁ ଟାଉନକୁ ଯିବାକୁ ପଡେ। ମୁଁ ସେଦିନ ମିଗ୍ ସହର ସୁନାବେଡାରୁ ଦ୍ରବ୍ୟ କିଣି ଏକ ଯାତ୍ରୀବାହୀ ବସ୍‌ରେ ଫେରୁଥିଲି ସୁଙ୍କି। ବସ୍ ଅଟକିଲା ପଟାଙ୍ଗୀ ଛକରେ। ହଠାତ୍ ଦେଖେ, ଚାଳକଙ୍କ ଆସନ ପାଖରେ ଥିବା ପାହାଚ ଦେଇ ଏକ ବୃଦ୍ଧ ହନୁମାଙ୍କଡ ଚାଳକ ପାଖ ଆସନରେ ବସିଲା। ବସ୍ ଆଗ ରହିବା ସ୍ଥାନ କୁହୁଳିରେ ଅଟକିଲା। କେତେକ ଯାତ୍ରୀ ଓହ୍ଲାଇ ଗଲେ; ସେ କିନ୍ତୁ ଓହ୍ଲାଇଲା ନାହିଁ, ସତେ ଯେପରି ତା ଗନ୍ତବ୍ୟସ୍ଥଳଟି ସେଇଟି ନଥିଲା। ମଣିଷ ପରି

Digitized by PPRACHIN, SOA

ସେ କାଚ ଝରକା ବାଟେ ବାହାରକୁ ଚାହୁଁଥାଏ କେତେବେଳେ ତା ଓହ୍ଲାଇବା ଛକଟି ପହଞ୍ଚିବ। ଦୁଇଟି ରହିବା ସ୍ଥାନ ପରେ ପଡ଼ିଲା ରାଇଗଡ଼ା। ସେଠି ବସ୍ ଅଟକିଲା। ସେ ଚୁପ୍ ଚାପ୍ ବସ୍ ଭିତରୁ ଡେଇଁଲା ତଳକୁ। ପାଖ ଜଙ୍ଗଲକୁ ଲାଗି ଥିଲା ବଡ ଗଛଟିଏ। ସେ ଚଢିଗଲା ଗଛ ଉପରକୁ। ସେଇଟା ବୋଧେ ଥିଲା ବୁଢା ହନୁର ନିତିଦିନିଆ ରହଣିସ୍ଥାନ। ଗୋଟିଏ ବନ ମାଙ୍କଡର ଭଦ୍ରାଚରଣ ମୋତେ ତାଜୁବ୍ କରିଥିଲା। ଡ୍ରାଇଭରକୁ ପଚାରି ଜାଣିଲି, ବୃଦ୍ଧ ହନୁଟି ତାଙ୍କ 'ବାସନ୍ତୀ' ଯାତ୍ରୀବାହୀ ବସ୍‌ର ଟିକେଟ ବିହୀନ ଜଣାଶୁଣା ଯାତ୍ରୀ ଜଣେ। ସେ ଅଧିକାଂଶ ଦିନ କେବଳ 'ବାସନ୍ତୀ' ଯାତ୍ରୀବାହୀ ବସ୍ କାହିଁକି, ଅନ୍ୟ ବସ୍‌ମାନଙ୍କର ମଧ୍ୟ ଜଣେ ବିନା ଟିକଟଧାରୀ ଯାତ୍ରୀ ବନିଥାଏ। ତା ଚିରାଚରିତ ସ୍ୱଭାବ ସମସ୍ତେ ଜାଣନ୍ତି; ଏଣୁ ବୃଦ୍ଧ ହନୁକୁ ସମସ୍ତେ ସ୍ୱାଗତ କରନ୍ତି। ଘୃଣାଭାବ ଅପେକ୍ଷା ପ୍ରେମଭାବ ମଣିଷ-ପଶୁକୁ ନିକଟତର କରିଥାଏ-ବୃଦ୍ଧ ହନୁ ମାଙ୍କଡ଼ଟିର ଆଚରଣ ତା'ର ପ୍ରମାଣ ଦିଏ।

ବେଳ ଗଡ ଗଡ । ମନୁ, ମୋତି ଓ ତା' ଛୁଆକୁ ନେଇ ଫେରିଲୁ ନନ୍ଦନକାନନ ଅଭିମୁଖେ । ମନୁ ବସିଲା ରବୀନ୍ଦ୍ର କାନ୍ଧରେ । ଗାଡ଼ିରେ କ'ଣ ସିଟ୍ ଅଭାବ ଅଛି । ମନୁ କିନ୍ତୁ ମାନିବାକୁ ପ୍ରସ୍ତୁତ ନଥିଲା । ମାଲିକ କାନ୍ଧଟା ତା'ର ସ୍ଥାନ। ରବୀନ୍ଦ୍ର ମୋତିର ଛୁଆକୁ ପରିଚୟ କରାଇଦେଲା ମନୁ ସହିତ । ସେ ବି ସେମାନଙ୍କୁ ଆଉଁସି ଦେବା ପାଇଁ ଭୁଲି ନଥିଲା ।

ଘଣ୍ଟା ଦେଖି ଜାଣିଲି, ବଲାଙ୍ଗୀର ସହର ଛାଡ଼ିଲା ବେଳକୁ ସମୟ ରାତି ୯ ଘଣ୍ଟା । ଡ୍ରାଇଭରକୁ ସାବଧାନ କଲି । ଗତ ୨ ଦିନ ହେବ ଅନବରତ ଅନଳସ ଭାବେ ଗାଡ଼ି ଚଲାଉଛି । ଖାଦ୍ୟ ଆହାର ବିଶ୍ରାମରେ ଠିକ୍ ଠିକଣା ନାହିଁ । ବୁଝାଇ ଦେଲି । ଆବଶ୍ୟକ ପଡ଼ିଲେ ବାଟରେ ନିଦ ଲାଗିଲେ ଗାଡ଼ି ରଖି ବିଶ୍ରାମ ନେବାକୁ ପରାମର୍ଶ ଦେଲି କାରଣ ଖଟଣିର ସୀମା ଥାଏ, ଅନୁଭବ କଲି। ମୋତେ ସେ ଜଣେ ବିଚିତ୍ର ମଣିଷ ବୋଲି ଭାବୁଥିବ, ଭାବିବା ସ୍ୱାଭାବିକ ମଧ୍ୟ। କିନ୍ତୁ ଡ୍ରାଇଭର ସାଗର ଜାଣେ, ଚିହ୍ନେ ମୋତେ ଏବଂ ମୋ ଜୀବନଶୈଳୀ ସମ୍ବନ୍ଧରେ ବିଶେଷ ଅବଗତ। ପରସ୍ପର ବିଶ୍ୱାସ ରହିଛି ଆମର। ସେ ଜଣେ ପ୍ରଭୁଭକ୍ତ ଅନଳସ କର୍ମୀ ବୋଲି ମୋର ହୃଦବୋଧ।

ବାଟରେ ରବୀନ୍ଦ୍ରକୁ ପଚାରିଲି - ଶଙ୍କର କ'ଣ ଖାଇବାକୁ ଭଲ ପାଏ ?

"ନାଲି ରଙ୍ଗର ଫଳ।"

"କି ନାଲିଆ ଫଳ"

Digitized by PPRACHIN, SOA

ସେ କହିଲା,- "ସେଉ ଫଳ। ସେ ପେଟୁ କିନ୍ତୁ ସବୁ ଫଳ ଖାଏ, ଚଲୁ କରିଦିଏ ଥରକେ।"

ବସ୍ତାଏ ସେଓ ବାଟର ଫଳ ଦୋକାନରୁ ଧରିଲି।

"ଆଉ ?"- ପଚାରିଲି

"ସବୁଜ ଅଙ୍ଗୁର ଖାଇବାକୁ ସେ ଭଲ ପାଏ।"

ଦଶ କିଲୋ ମିଠା ଅଙ୍ଗୁର କିଣିଲି।

"ଆଉ ? କଦଳୀ ଚଳିବ ?"

"ହଁ, ଖାଏ ସେ। ଆମିଷ ଛଡା ପ୍ରାୟ ସବୁ ଖାଦ୍ୟ ଖାଇଥାଏ।

କାନ୍ଧିଏ କଦଳୀ କିଣିଲି। କାର୍ ଭିତରେ ମୋ ହାତରୁ କେତୁଟା ସେଓ ନେଇ ମନୁ କଡ଼ କଡ଼ କରି ଚୋବାଇଲା।

"ଆଉ ମୋତି ?" ପଚାରିଲି।

ସେ ମଧ୍ୟ ଶାକାହାରୀ। କୁକୁର ଜାତି ହେଲେ ମଧ୍ୟ ଆମିଷ ଖାଉନାହିଁ। ଦେଲେ ମୁହଁ ମୋଡୁଛି। ତା ପାଇଁ କେଇ ପ୍ୟାକେଟ ବ୍ରିଟାନିଆ ବିସ୍କୁଟ ଗାଡିରେ ରଖିଲି। ସେ ତାକୁ ଖାଇଲା। ଆମେ ଚାରିଛକରେ ରାତ୍ରାହାର କଲୁ। ଡ୍ରାଇଭର ଟିକିଏ ବିଶ୍ରାମ ନେଲା।

ନନ୍ଦନକାନନରେ ସକାଳ ୭ ଘଣ୍ଟାରେ ପହଞ୍ଚିଲୁ । ମୁଖ୍ୟ ଫାଟକ ବନ୍ଦଥିଲା। ଖୋଲିବା ସମୟ ସକାଳ ୯ ଘଣ୍ଟାରେ। ତେବେ ଆମ ପ୍ରବେଶ ଜରୁରୀ କହି କର୍ତ୍ତୃପକ୍ଷଙ୍କ ଠାରୁ ସ୍ୱତନ୍ତ୍ର ଅନୁମତି ନେଇ ନନ୍ଦନକାନନ ଭିତରକୁ ପ୍ରବେଶ କଲୁ।

ରବୀନ୍ଦ୍ର ଏକ ବର୍ଷ ପରେ ତା ପ୍ରିୟ ଶଙ୍କରକୁ ଶିକୁଳିରେ ବନ୍ଧା ଯାଇଥିବା ଦେଖି ଚିତ୍କାର କଲା, ଗଛ ଗଣ୍ଡିରେ ତା ମୁଣ୍ଡ ପିଟି ଦେବାକୁ ଇଚ୍ଛା ହେଉଥିଲା ତା'ର। ଶଙ୍କରର ଦୁଃଖ ଦୁର୍ଦ୍ଦଶା ସେ ସ୍ୱଚକ୍ଷୁରେ ଦେଖି ସମ୍ଭାଳି ପାରୁନଥିଲା। ଆଖିରେ ତା'ର ଧାର ଧାର ଅଶ୍ରୁ ନୁହେଁ ତ ତତଲା ଲୋତକର ସ୍ରୋତ। ଶଙ୍କର ଅନେକ ଦିନ ପରେ ରବୀନ୍ଦ୍ରକୁ ଆନନ୍ଦରେ ଶୁଣ୍ଢ ଟେକି ଗୋଟେ ବୃହତ୍ ଗର୍ଜନ କଲା। ହାତୀର ଏଡ଼େ ତୂର୍ଯ୍ୟନାଦୀ ଗମ୍ଭୀର ଗର୍ଜନ ମୁଁ ବନଭ୍ରମଣ କାଳରେ ଶୁଣି ନଥିଲି। ସେ ତା'ର ଗର୍ଜନରେ ସମସ୍ତ ଜୀବଜନ୍ତୁ, ମଣିଷମାନଙ୍କୁ ଜଣାଇ ଦେବାକୁ ଚାହୁଁଥିଲା ଯେ ତା'ର ପ୍ରିୟ ପ୍ରଭୁ ଆସିଯାଇଛି, ଜଗତରେ ଏଥର ତା'ର ଭୟ ନାହିଁ କାହାକୁ। ତା'ର ଏହି ଅସ୍ୱାଭାବିକ ଗର୍ଜନରେ ସମଗ୍ର ଚିଡିଆଖାନା ପରିସର ପ୍ରକମ୍ପିତ ହେଲା ଓ ଚତୁର୍ଦ୍ଦିଗରେ ପ୍ରତିଧ୍ୱନି

Digitized by PPRACHIN, SOA

ତୋଳିଲା। ଶଙ୍କର ଶୁଣ୍ଢକୁ ଉପରକୁ ଟେକି ସ୍ଥିର ରହିଲା। ତ'ପରେ ସେଇ ଶୁଣ୍ଢରେ ରବୀନ୍ଦ୍ର ଓହଳି ପଡ଼ିଲା। ରବୀନ୍ଦ୍ରକୁ ଶୁଣ୍ଢରେ ଗୁଡ଼ାଇ ଆଲିଙ୍ଗନ କଲା ଅନେକ। ରବୀନ୍ଦ୍ର ଆଖିରେ ଆନନ୍ଦାଶ୍ରୁର ବନ୍ୟା। ଅମୃତମୟ ଥିଲା ତା'ର ଆନନ୍ଦ। ବର୍ଣ୍ଣନାତୀତ।

ଏଠି ସମସ୍ତେ ମୁକ୍ତ । କିନ୍ତୁ ଶଙ୍କର ଶିକୁଳିରେ ବନ୍ଧା ! ଶଙ୍କରର କ୍ଷୋଭ ଓ କ୍ରୋଧ ଏବଂ ଭୟଙ୍କର ରୂପ । ତା ମାଲିକ ରବୀନ୍ଦ୍ର ପାଖେ ତା ଦୁଃଖ ଫେରାଦ କରୁଥିଲା । ସତେ ଯେମିତି ଲୁହା ଶିକୁଳିକୁ ଛିଣ୍ଡାଇ ଦେବ ଏକ୍ଷଣି ! କିନ୍ତୁ ଏପରି ଅବସ୍ଥାରେ ଯଦି ସେ ମୋଟା ଲୌହ ଜଞ୍ଜିରକୁ ପୁନଶ୍ଚ ଛିଣ୍ଡାଇ ଦିଏ ? ବଡ଼ ସମସ୍ୟାଟିଏ ଉପୁଜିବ । ଏବେ ତାକୁ ଶିକୁଳିମୁକ୍ତ କରିବା ଯେତିକି ଜରୁରୀ, ମୁକ୍ତି ପର ତା'ର ଆଚରଣ ଯଦି ପୁନଶ୍ଚ ଭୟାନକ ହୁଏ କିଏ ଗ୍ୟାରେଣ୍ଟି ଦେବ ? ତା' ପୂର୍ବ ଆତଙ୍କବାଦୀ କାର୍ଯ୍ୟକଳାପ ପରି ଯଦି ସେ ପ୍ରତିଶୋଧପରାୟଣ ହୋଇଉଠେ ? ଏତେ ବଡ଼ ଦାୟିତ୍ୱ କିଏ ମୁଣ୍ଡ ଉପରକୁ ନେବ ? ଏମିତି ଗୁଡ଼ାଏ ଦୁଶ୍ଚିନ୍ତା ସୁଚିନ୍ତାରେ ଭାରାକ୍ରାନ୍ତ ହେଲି । ପ୍ରଥମ ପରମାଣୁ ବୋମା ପରୀକ୍ଷା ପୂର୍ବରୁ ଉଦ୍ଭାବକ ଯେପରି ଫଳାଫଳ ପାଇଁ ଆଶଙ୍କିତ, ଚିନ୍ତିତ ଥିଲେ, ମୋର ଚିନ୍ତା ଠିକ୍ ସେହିପରି ମାନସିକ ଚାପଗ୍ରସ୍ତ ବୋଲି ଅନୁଭବ କଲି । ବିରାଡ଼ି ବେକରେ ଘଣ୍ଟି ବାନ୍ଧିବା ଭଳି ଏକ ଚରମ ଦାୟିତ୍ୱ ଓ ଆହ୍ୱାନରେ ଆନ୍ଦୋଳିତ ରହିଲି । ଏପରି ପରିସ୍ଥିତିରେ ଜଣକୁ ହିଁ ଶେଷ ନିଷ୍ପତ୍ତି ଗ୍ରହଣ କରିବାରକୁ ପଡ଼ିଥାଏ, ତା'ର ନିଷ୍ପତ୍ତି, ଗତି ବା ପଦକ୍ଷେପ ସ୍ୱର୍ଗକୁ କିମ୍ବା ନର୍କକୁ ଯାଉ। ସାଧୁଦ୍ୟମରେ ପରିଣାମକୁ ଡରି ବସିଲେ କିଛି କରି ହୁଏ ନାହିଁ ଏ ଜଗତରେ। ଏ ବିଷୟରେ ନନ୍ଦନକାନନ କର୍ତ୍ତୃପକ୍ଷ ତଥା ନିର୍ଦ୍ଦେଶକ ମହାଶୟ ଶ୍ରୀଯୁକ୍ତ ସରୋଜ କୁମାର ପଟ୍ଟନାୟକଙ୍କ ସହିତ ଖରସେଲ୍‌ର ଇତିହାସ, ତା'ର ପ୍ରକୃତି, ଆଚରଣ ବିଚରଣ ଓ ଇତିବୃତ୍ତ ସମ୍ବନ୍ଧରେ ପୁନଶ୍ଚ ସବିଶେଷ ଆଲୋଚନା କଲି ଓ ପରବର୍ତ୍ତୀ ପନ୍ଥା ନିର୍ଣ୍ଣୟ କରିବା ପାଇଁ ତାଙ୍କର ଉଚିତ ପରାମର୍ଶ ଓ ସହଯୋଗ ଆବଶ୍ୟକ ମଣିଲି ।

ମୁଁ ଶଙ୍କର ପାଇଁ ନେଇଥିବା ଫଳମୂଳଗୁଡ଼ିକୁ ତା' ଆଗରେ ଗଦେଇ ଦେଲି । ଅନେକ ଦିନ ହେଲା ରବୀନ୍ଦ୍ର ହାତରୁ ନେଇ ଖାଦ୍ୟ ଖାଇବାରୁ ବଞ୍ଚିତ ଥିଲା । ହଜିଲା ମାଲିକକୁ ପାଖରେ ପାଇ ସେ ଆନନ୍ଦରେ କୁରୁଳି ଉଠିଲା, ଉତ୍‌ଫୁଲିତ ପ୍ରଫୁଲ୍ଲିତ ଥିବା ଭଳି ମନେ ହେଉଥିଲା- ତା' ଆଖି, ଆଚରଣ ଓ ହାବଭାବରୁ ସ୍ପଷ୍ଟ ଜଣାପଡୁଥିଲା । ସେ ମଣିଷ ସମାଜରୁ ବିତାଡ଼ିତ ହୋଇ ନିର୍ବାସିତର ବିଳାପ କରୁଥିଲା ଏବଂ ତା' ମାଲିକ-ପ୍ରଭୁ-ଦୋସ୍ତକୁ ନପାଇ ପାଗଳ ହୋଇ ଉଠିଥିଲା ସିନା ! ସେ ଖୁବ୍ ସରାଗରେ ଫଳଗୁଡ଼ିକ ଶୁଣ୍ଢରେ ନେଇ ତା' ପାଟିରେ କାତୁ କାତୁ କରି ଚୋବାଇ ଖାଇଲା ପ୍ରଭୁ ପ୍ରସାଦ ଭଳି ଯେମିତି ସେ ବର୍ଷ ବର୍ଷ ହେଲା ବୁଭୁକ୍ଷୁ ଥିଲା ! ଶିଶୁ ଖାଦ୍ୟଗ୍ରହଣ

Digitized by PPRACHIN, SOA

କଲାବେଳେ ଯେମିତ ତା' ମା' ସନ୍ତୁଷ୍ଟ ହୋଇ ପରମ ସନ୍ତୋଷ ଓ ପରିତୃପ୍ତି ଲାଭ କରିଥାଏ, ସେଇଭଳି ରବୀନ୍ଦ୍ର ଅନୁଭବ କରିଥିଲା- ତା' ମୁଖମଣ୍ଡଳ ଓ ଆଖିର ଆନନ୍ଦାଶ୍ରୁ ସୂଚାଇ ଦେଉଥିଲା । ଫଳମାନଙ୍କରୁ ମନୁ ତା' ଅଂଶ ଦାବି କରୁଥିଲା; କିନ୍ତୁ ସ୍ୱାର୍ଥପର ଶଙ୍କର ଆଜି ତା ପାଇଁ ଉଦ୍ଦିଷ୍ଟ ସ୍ୱାଦିଷ୍ଟ ଖାଦ୍ୟରୁ ଟିକିଏ ଆଉ କାହାରିକୁ ଦେବାକୁ ଇଚ୍ଛା କରୁ ନଥିଲା, ସେ ଯେତେ ଅନ୍ତରଙ୍ଗ ଭାଇବନ୍ଧୁ ହେଲେ ବି !

ମନୁ ତା' ପିଠି ଉପରକୁ ଚଢ଼ି ଯାଇ ବହେ ନାଚିଲା, କୁଦିଲା, ପେଟେଇ ଶୋଇଲା ଯେମିତି ହାତୀ ପିଠିଟାକୁ ସେ ପଟ୍ଟା କରିନେଇଛି ! ଏହି ପଶୁଶାଳାର ସମସ୍ତ ଜୀବଜନ୍ତୁଙ୍କୁ ଶଙ୍କର ଦେଖାଇ ଦେବାକୁ ଚାହୁଁଥିଲା ଯେ, ଆସ ଭାଇମାନେ ଦେଖ, ମୋତେ ସିନା ଏମାନେ ଆଣି ବାନ୍ଧି ଶାସ୍ତି ଦେଉଛନ୍ତି, ଏଥର କିନ୍ତୁ ମୋର ଅନ୍ନଦାତା, ପ୍ରଭୁ, ସଖା, ପ୍ରିୟବନ୍ଧୁ ମୋ ପାଖରେ ଉପସ୍ଥିତ, ଆଉ ତମେମାନେ ମୋ ହୀନାବସ୍ଥା, ଯନ୍ତ୍ରଣା ଦେଖି ଖୁସି ହୋଇପାରିବ ନାହିଁ । ଅନ୍ଧକାର ପରେ ନିଶ୍ଚିତଭାବେ ଦିନାଲୋକ ଆସିଥାଏ । ଏଥର ତମେମାନେ ଦେଖିବ ମୋର ମୁକ୍ତ ସ୍ୱାଧୀନ ଜୀବନ, ଆଉ ଅସଲ ରାଜାର ରୂପ ।

ଠିକ୍ ଶଙ୍କରର ପାଦ ପାଖରେ ହୁଏତ ପେଟତଳେ ମୋତି ଚାରିକାତ ମେଲେଇ ଭୂଇଁରେ ପଡ଼ିରହି ତା ତିନିଛୁଆଙ୍କୁ ସ୍ତନାହାର ଦେଇ ଚାଲିଥାଏ ତା' ନାଳଗଡ଼ା ନାଲି ଜିଭକୁ ଟାଖଣ୍ଡେ ବାହାରକୁ ଦେଖାଇ । ସେ ତା'ର ସଫଳ ମାତୃତ୍ୱ, ତା' ପରିବାର ସଦସ୍ୟମାନଙ୍କୁ ବାହାସ୍ଫୋଟ ଢ଼ଙ୍ଗରେ ପ୍ରଦର୍ଶିତ କରୁଥାଏ ଗର୍ବର ସହିତ ।

ରବୀନ୍ଦ୍ରର ଆତ୍ମାନନ୍ଦ କହିଲେ ନସରେ, ଯେମିତି ତୃଷାର୍ତ୍ତର ବହୁଦିନର ତୃଷା ମେଣ୍ଟିଯାଉଥାଏ ସେମାନଙ୍କ ଏହି ଆଶାତୀତ ମିଳନ ପର୍ବରେ । ରବୀନ୍ଦ୍ରକୁ ଶଙ୍କର ପାଖେ ପାଖେ ସବୁବେଳେ ରହିବାକୁ ପରାମର୍ଶ ଦେଲି । ସେ ସେମିତି ଆଉଁସି ଚାଲିଥାଏ ଓ ତା ନାଲିଗାମୁଛାରେ ତା' ଆଖି ପୋଛିଦେଉଥାଏ, ଆହା ଆହା ଚୁ ଚୁ କରି । ବିଚରା ! କେତେ ଦୁଃଖ ନିର୍ଯ୍ୟାତନା ନ ସହିଛି ସେ ! !

ସେମାନଙ୍କ ମିଳନ ଦୃଶ୍ୟକୁ ମୁଁ ଆକଣ୍ଠ ଉପଭୋଗ କରୁଥିଲି । ଏକ ଅପୂର୍ବ ଭାବୋଚ୍ଛ୍ୱଳରେ ଶିହରି ଉଠିଲି । ଏହା ମୋ ପାଇଁ ଅମୃତର ଦୃଶ୍ୟ । ଅଜାଣତରେ ମୋ ନେତ୍ରରୁ ଦୁଇବୁନ୍ଦା ଜଳାନନ୍ଦ ଝରି ପଡିଥିଲା । ମୋ ରୁମାଲରେ ଆନନ୍ଦର ଅଶ୍ରୁ ଟୋପାଗୁଡିକୁ ମୁକ୍ତାଭଳି ସାଇତି ରଖିଲି । ମୁଁ ମୋହାବିଷ୍ଟ ରହିଲି ।

ଏଥର ଶଙ୍କର ପ୍ରକୃତିସ୍ଥ ଶାନ୍ତ ହେଲା ପରି ମନେହେଲା । ସେ ଆଇଶ୍ୱବାନ ପରି ମନେ ହେଉଥିଲା । ଜୀବଦ୍ଦଶାରେ ସଂଘର୍ଷ କରୁଛି ବଞ୍ଚିବା ପାଇଁ । ଛୋଟବେଳେ

Digitized by PPRACHIN, SOA

ତା ମା' ବିଜୁଳି ତାରରେ ପ୍ରାଣ ହରାଇଥିଲା । ସେ ଅଳ୍ପକେ ରକ୍ଷା ପାଇଥିଲା । ତା'ପରେ କେଇ ମାସର ଶିଶୁଥିଲା ବେଳେ ବାଘ ମୁହଁରୁ ରକ୍ଷା ପାଇଥିଲା ମଇଁଷିମାନଙ୍କ ଯୋଗୁଁ । ସେ ମତ୍ତ ଘୋଷିତ ହେଲା ପରେ ତା ଆଚରଣ ଦେଖି ତିନି ତିନି ଜଣ ପ୍ରଖ୍ୟାତ ସ୍ୱୀକୃତିପ୍ରାପ୍ତ ଶିକାରୀ ତାକୁ ହତ୍ୟା କରିବାକୁ ପଶ୍ଚାତ୍‌ପଦ ହୋଇଥିଲେ । ଆୟୁଷ୍ମାନ ଖରସେଲ୍ ଯଶସ୍ୱୀ ହୁଅ – କାମନା କଲି ମୋ ହୃଦୟ କନ୍ଦର ଭିତରୁ।

କର୍ତ୍ତୃପକ୍ଷଙ୍କ ସହିତ ଅନେକ ଆଲୋଚନା ବିଚାରବିମର୍ଷ ପରେ ଶଙ୍କର ଓରଫ ଖରସେଲ୍ ଶିକୁଳିମୁକ୍ତ ହେଲା । ଏଣିକି ତା'ର ଚାଲିଚଳନ, ହାବଭାବ, ଆଚରଣ, ବିଚରଣ, ଦୈନନ୍ଦିନ ଜୀବନଶୈଳୀ, ନିୟମିତ ଖାଦ୍ୟପେୟ, ଜଳ, ସମୟ ଆଦିର ଏକ କ୍ଲୋଜ୍ ଭିଡ଼ିଓ ସି.ସି. କ୍ୟାମେରାରେ ରେକର୍ଡ ହେବା ସହିତ 'ଖରସେଲ୍ ଦୈନନ୍ଦିନ ଡାଏରୀ' ପୃଷ୍ଠାରେ ଲିପିବଦ୍ଧ ହେଲା । ସେଥିପାଇଁ ଓଡ଼ିଶାର ପ୍ରାଣୀପ୍ରିୟ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ଜାନକୀ ବଲ୍ଲଭ ପଟ୍ଟନାୟକ ମହାଶୟ ଯଥେଷ୍ଟ ଅର୍ଥର ବ୍ୟବସ୍ଥା କରିଥିଲେ ଏବଂ ଖରସେଲ୍ ପାଇଁ ସ୍ୱତନ୍ତ୍ର ସେବାଦଳ ଏବଂ ଡାକ୍ତର-ବିଶେଷଜ୍ଞ ନିୟୋଜିତ ଥିଲେ ।

ନନ୍ଦନକାନନ ପରିଚାଳନା ପକ୍ଷରୁ ବୁଝିନେଲି ସେମାନେ ପ୍ରାଣୀମାନଙ୍କ ମଧ୍ୟରୁ ଏକ ପ୍ରାଣୀକୁ ପୋଷ୍ୟ କରିବା ପାଇଁ ନିବେଦନ କରିଛନ୍ତି ବିଶେଷ ବିଜ୍ଞାପନ ଓ ପ୍ରବେଶ ଟିକେଟରେ ଉଲ୍ଲେଖ କରି । ହାତୀପାଇଁ ବର୍ଷକୁ ପାଞ୍ଚ ହଜାର ଟଙ୍କା । ମୁଁ ଖରସେଲ୍‌କୁ ପୋଷ୍ୟପ୍ରାଣୀ ଭାବେ ଗ୍ରହଣ କରିନେଲି ପାଞ୍ଚ ହଜାର ଟଙ୍କାର ଚେକ୍ ପ୍ରଦାନ କଲି । ଶଙ୍କର ଓରଫ ଖରସେଲ୍ ମୋର ପ୍ରିୟ ପୋଷ୍ୟପ୍ରାଣୀ ହୋଇଯାଇଛି ସେଇ ଦିନଠୁଁ ।

◆◆◆

Digitized by PPRACHIN, SOA

- ୨୧ -

ଖରସେଲ୍‌କୁ ଖୁବ୍ ନିକଟରୁ ଅନୁକ୍ଷଣ, ଅନୁଧ୍ୟାନ ଓ ପର୍ଯ୍ୟବେକ୍ଷଣ କରିବାର ସୁଯୋଗ ଓ ସୌଭାଗ୍ୟ ପାଇଛି ମୁଁ ତା ନିକଟ ସଂସ୍ପର୍ଶରେ ଆସିଥିବାରୁ। ତା ସ୍ୱଭାବ, ଜୀବନଶୈଳୀ ଓ ଇତିବୃତ୍ତ ସମ୍ବନ୍ଧରେ ବିଶେଷଭାବେ ଅବଗତ ମୁଁ। ସେ ମଣିଷର ପରମ ମିତ୍ର ହୋଇପାରେ ଏବଂ ତାକୁ ଇତର ପଶୁ ବୋଲି ଘୃଣା କଲେ ଚରମ ଶତ୍ରୁ ମଧ୍ୟ ହୋଇପାରେ- ପ୍ରମାଣ କରି ଦେଖାଇଛି ସେ। ସେ ଶାନ୍ତିର ପ୍ରତୀକ ହୋଇଥାଏ, ଯୁଦ୍ଧର ବାହକ ବି। ରବୀନ୍ଦ୍ର କହେ, ସେ ଖୁବ୍ ପାଣି ପ୍ରିୟ, ଜଳାଶକ୍ତ। ମେଘୁଆ ଆକାଶକୁ ଦେଖିଲେ ଖୁସି ହୁଏ, ଇନ୍ଦ୍ରଧନୁ ଦେଖିଲେ ଉଲ୍ଲସିତ ହୁଏ, ମୟୂର ମେଘକୁ ଦେଖି ପୁଚ୍ଛ ମେଲାଇ ନୃତ୍ୟ କଲାଭଳି ସେ ଶୁଣ୍ଢ ଆକାଶକୁ ଟେକି ବର୍ଷାକୁ ସ୍ୱାଗତ କଲାଭଳି ମନେହୁଏ। କିନ୍ତୁ ଘଡ଼ଘଡ଼ି ଚଡ଼ଚଡ଼ିକୁ ବିରକ୍ତିରେ ମୁହଁ ଛିଞ୍ଚାଡ଼େ ଏବଂ ପ୍ରତିବାଦରେ ଗର୍ଜନଟିଏ ଛାଡ଼ିଦିଏ। ନାଲି ମନ୍ଦାର ଫୁଲକୁ ଭଲପାଏ। କିଏ ଯଦି ତାକୁ ମନ୍ଦାର ଫୁଲର ମାଳଟିଏ ଦିଏ, ସେ ପିନ୍ଧିବ କଅଣ, ଠାକୁରଙ୍କୁ ପିନ୍ଧାଇବ କଅଣ, ତାକୁ ଶୁଣ୍ଢରେ ନେଇ ତା ବୃହତ୍ ପାଟିରେ ପୂରାଇ ଦିଏ। ନାଲି ଫୁଲକୁ ନାଲି ରଂଗକୁ ସୁଖ ପାଏ। କଦଳୀ, କଦଳୀ ପତ୍ର, ପତ୍ରଡାଳ, ଅମୃତଭଣ୍ଡା, ସବୁଜ ଅମୃତ ଭଣ୍ଡା ପତ୍ର, ବାଉଁଶ ପତ୍ର ତା'ର ପସନ୍ଦ। ତା' ଡାଇରୀକୁ ଅନୁଧ୍ୟାନ କଲେ ଜଣାଯାଏ, ଦିନକୁ ସେ ୧୫୦/୨୦୦ କି.ଗ୍ରା.ର ଖାଦ୍ୟ ଆବଶ୍ୟକ କରିଥାଏ। ସେ ଦିନକୁ ୪ ଘଣ୍ଟା ସମୟ ଶୋଇଥାଏ- କେତେବେଳେ ନିଶ୍ଚଳଭାବେ ଛିଡ଼ାହୋଇଥିବ ତ, କେତେବେଳେ ଭୂଇଁରେ ଚାରିକାତ ମେଲାଇ କଡୁଆ ଶୋଇଯାଇଥିବ। ତା'ର ଓଜନ ପ୍ରାୟତଃ ୫ ଟନ୍ ବା ୫୦ କ୍ୱିଣ୍ଟାଲ୍ ବା ତଦୁର୍ଦ୍ଧ୍ୱ। ତା ଆଗଗୋଡ଼ ପାହୁଲର ବ୍ୟାସ ୨୧¹/୪ ଇଞ୍ଚ ଓ ପରିଧି ୬୫ ଇଞ୍ଚ। ସେଇପରି ପଛଗୋଡ଼ ପାହୁଲର ବ୍ୟାସ ୨୧¹/୪ ଇଞ୍ଚ ଓ ପରିଧି ୫୮ ଇଞ୍ଚ ଯାହାକି ଏକ ରେକର୍ଡ଼। ତା'ର ଥୋଡ଼ପା ମଧ୍ୟ ଅନ୍ୟ ସାଧାରଣ ହାତୀଠୁ ବଡ଼, ମୋଟା; ଲମ୍ବ ୧୧ ଫୁଟ ୩ ଇଞ୍ଚ, ସାଧାରଣ ହାତୀଙ୍କର ଖୁବ୍ ବେଶୀରେ ୯ ବା ୧୦ ଫୁଟ ହୋଇଥାଏ। ହାତୀର ଏଇ ଶୁଣ୍ଢ ହେଉଛି ଉପର ଓଠର ସଂପ୍ରସାରଣ ଏବଂ ଶୁଣ୍ଢ ତା ଶରୀରର ଶକ୍ତ ମାଂସପେଶୀଯୁକ୍ତ ପ୍ରଧାନ ଅଂଗ।

Digitized by PPRACHIN, SOA

ଏହି ଶୁଣ୍ଢକୁ ଦକ୍ଷତାର ସହିତ ଚାଳନା କଲାଭଳି ଆବଶ୍ୟକୀୟ ମାଂସପେଶୀ ରହିଛି। ଏହା କେବଳ ଭୂମି ସ୍ପର୍ଶ କରେ ନାହିଁ, ତାହା ପଛ ଆଡ଼କୁ ଆଗ ଆଡ଼କୁ, ଦୁଇ ପାଖକୁ ଓ ଉପରକୁ ନେଇଥାଏ। ଏହି ଶୁଣ୍ଢ ଦ୍ୱାରା ସେ ଅନେକ କାମ କରିଥାଏ। ବଡ଼ ବଡ଼ ଗଛ ଡାଳରୁ ଡାଳ ଛିଣ୍ଡାଇ ଖାଇପାରେ, ପାଣି ଟାଣି ପାଟି ଭିତରକୁ ଅଜାଡ଼ି ଦିଏ, ପାଟିକୁ ଖାଦ୍ୟ ନେବା ଲାଗି ହାତ ଭଳି ଶୁଣ୍ଢକୁ ବ୍ୟବହାର କରେ। ଶୁଣ୍ଢଟି ହାତୀର ପଞ୍ଚମ ଗୋଡ଼ ସଦୃଶ ବା ଏକ ଶକ୍ତିଶାଳୀ ହାତ। ଋଗ୍‌ବେଦରେ ହାତୀକୁ 'ହସ୍ତୀ' ଅର୍ଥାତ୍ ହସ୍ତଯୁକ୍ତ ଏକ ବିଶାଳ ପଶୁ ବୋଲି ବର୍ଣ୍ଣିତ। ଏହି ସଂସ୍କୃତ ଶବ୍ଦରୁ ହିନ୍ଦୀରେ 'ହାଥୀ' ଓ ତହିଁରେ ବୈୟାକରଣିକ ତଦ୍ଧିତ ସୂତ୍ର ପ୍ରୟୋଗ ଦ୍ୱାରା 'ହାତୀ' ଭାବେ ଓଡ଼ିଆ ଭାଷାରେ ଗୃହୀତ ଯାହାର ଗୋଟିଏ 'ହାତ' ବୋଲି ବୁଝାଯିବ। ଏହି ଶୁଣ୍ଢ ଭଳି ହାତ ସାହାଯ୍ୟରେ ୫୦୦ କି.ଗ୍ରା ଓଜନର ଜିନିଷ ଅକ୍ଲେଶରେ ଉଠାଇ ପାରେ। ଅତି ଓଜନିଆ କାଠକୁ ତା ଶୁଣ୍ଢ ସାହାଯ୍ୟରେ ଦୀର୍ଘ ଦୁଇଦାନ୍ତ ଉପରେ ସ୍ଥିର କରି ତାକୁ ଶୁଣ୍ଢ ଦ୍ୱାରା ଜାବୁଡ଼ି ଧରିନିଏ । ଶୁଣ୍ଢ ମଧ୍ୟ ଆହୁରି ଅନେକ ସୂକ୍ଷ୍ମ କାମ କରିପାରେ। ଶୁଣ୍ଢର ଅଗ୍ରଭାଗରେ ଗୋଟିଏ ନାକପୁଡ଼ା ଯାହା ଘ୍ରାଣେନ୍ଦ୍ରିୟ ଭାବରେ କାର୍ଯ୍ୟକରେ । ଅନ୍ଧାରରେ ବା ଆଖି ବୁଜି ସେ ଜିନିଷ ଚିହ୍ନିପାରେ ତା' ନାକପୁଡ଼ାରେ ସ୍ପର୍ଶ କରି। ମାହୁନ୍ତ ରବୀନ୍ଦ୍ରର ହାତୀ ଖେଳରେ ମୁଁ ଦେଖିଛି, ରବୀନ୍ଦ୍ର ତା' ଆଖିକୁ କନା ଗୁଡ଼ାଇ ବନ୍ଦ କରିଦିଏ।, ଯେମିତି ଅନ୍ଧ ହାତୀଟିଏ। ତାକୁ ଏଠି ସେଠି ଥୁଆହୋଇଥିବା ଜିନିଷ, ଯଥା- ପେଣ୍ଡୁ, କ୍ରିକେଟ ବ୍ୟାଟ୍, କ୍ରିକେଟ୍ ବଲ୍ ଏବଂ ଅନ୍ୟ ସାମଗ୍ରୀ ଖୋଜି ଗୋଟାଇ ଆଣିବା ପାଇଁ ମାହୁନ୍ତ ନିର୍ଦ୍ଦେଶ ଦିଏ। ସେ ଶୁଣ୍ଢ ଛୁଇଁ ଛୁଇଁ ନିର୍ଭୁଲ ଭାବେ ଦରବଟିକୁ ଆଣି ମାହୁନ୍ତ ହାତକୁ ବଢ଼ାଇ ଦେଇଥାଏ ଠିକ୍ ଯେମିତି ଜଣେ ଅନ୍ଧ ଲୋକ ତା ହାତର ଯଷ୍ଟି ଛୁଆଇଁ ଦ୍ରବ୍ୟ ଜାଣିପାରେ ଏବଂ ରାସ୍ତାରେ ଖାଲ, ଢ଼ିପ, ଗୋଡ଼ି, ପଥର ଚିହ୍ନିପାରି ବାଟ ଚାଲିପାରେ।

ବିବର୍ତ୍ତନବାଦୀ ପ୍ରାଣୀବିତ୍‌ଙ୍କର ମତରେ ହାତୀର ଶୁଣ୍ଢ ଉପର ଓଠର ଏକ ସଂପ୍ରସାରଣ। ହାତୀର ପୂର୍ବପୁରୁଷମାନଙ୍କଠାରେ ଥିବା ଘୁଷୁରି ଥୋମଣି ବିବର୍ତ୍ତନବାଦର ପ୍ରକ୍ରିୟା ଯୋଗୁଁ ଥୋମଣି ବଢ଼ି ବଢ଼ି କ୍ରମଶଃ ଜିନିଷ ଧରିଲା ଭଳି ଏକ ଲମ୍ବା ଶୁଣ୍ଢରେ ପରିଣତ ହୋଇଛି। ସୃଷ୍ଟି ଜଗତରେ ବଡ଼ ଅଦ୍ଭୁତ ଓ ରହସ୍ୟମୟ ଏଇ ବିବର୍ତ୍ତନବାଦ । ମଣିଷର ଏହି ଜିଜ୍ଞାସା ବଳରେ ପ୍ରାୟ ୧୫୦ ବର୍ଷ ପୂର୍ବେ ଚାର୍ଲସ ଡାରୱିନ୍ ସ୍ରଷ୍ଟାଙ୍କ ଅସ୍ତିତ୍ୱର ପ୍ରମାଣ ନଖୋଜି ମଣିଷ ଓ ଜୀବଜଗତର ଅସ୍ତିତ୍ୱର କାରଣ ଖୋଜିବା ପାଇଁ ବିଜ୍ଞାନ ଚକ୍ଷୁ ବ୍ୟବହାର କଲେ। ତା'ର ନାମ ହେଲା ବିବର୍ତ୍ତନବାଦ ବା ଥିଓରି ଅଫ୍ ଇଭଲ୍ୟୁସନ୍। ଏହା କୈଣସି ଧର୍ମତତ୍ତ୍ୱ ବା ବ୍ରହ୍ମତତ୍ତ୍ୱ ଉପରେ ଆଧାରିତ ନଥିଲା -

Digitized by PPRACHIN, SOA

ବିଜ୍ଞାନର ତ୍ରିଭୂମି ବା ତିନି ଭିତ୍ତିସ୍ତମ୍ଭ - 'ନିରୀକ୍ଷଣ', 'ପରୀକ୍ଷଣ' ଓ 'ବିଶ୍ଳେଷଣ' ଉପରେ ଠିଆ ହୋଇଥିଲା। ମଣିଷ ସୃଷ୍ଟିର ଲକ୍ଷ୍ୟ ନୁହେଁ, ପରିଣାମ ସଂପର୍କରେ ମତ ଦିଅନ୍ତି ବୈଜ୍ଞାନିକ ଡାରଉଇନ୍। ଡାରଉଇନ୍ କହନ୍ତି- ପ୍ରକୃତି ଓ ଜୀବଜଗତର ଆକାର, ବିକାର, ପ୍ରକାର, ରୂପ, ରଂଗର ମୂଳରେ ରହିଛି ଏକକ ବିବର୍ତ୍ତନ ପ୍ରକ୍ରିୟା ଏବଂ ଏହି ପ୍ରକ୍ରିୟାର ତିନୋଟି ମୂଳମନ୍ତ୍ର ହେଲା- 'ମ୍ୟୁଟେସନ୍' (ମୌଳିକ ଜୈବ ପରିବର୍ତ୍ତନ) 'ଭାରିଏସନ୍' (ମୂଲ୍ୟପଦାର୍ଥ ଭିନ୍ନତା ଓ ବିସ୍ତାର) 'ନାଚୁରାଲ ସିଲେକ୍ସନ' (ପ୍ରାକୃତିକ ପ୍ରକ୍ରିୟାରେ ଅନ୍ୟଠୁ ଅଧିକ ପୁଷ୍ଟ ଓ କ୍ଷମତା ପ୍ରବଣତା) ଏବଂ ପରିଶେଷରେ ସର୍ଭାଇଭାଲ ଅଫ୍ ଦି ଫିଟେଷ୍ଟ; ଅର୍ଥାତ୍ ସବଳର ପ୍ରଭୁତ୍ୱ ବିସ୍ତାର। ଜୀବଜଗତ ବିନା ବିବର୍ତ୍ତନ ପ୍ରକ୍ରିୟାରେ ମଣିଷ ସୃଷ୍ଟି ହୋଇନଥାନ୍ତା। ସୃଷ୍ଟିର କାରଣ ସଂଯୋଗ ବା ଚାନ୍ସ ବା ଆକସ୍ମିକତା। ଏହି ସଂଯୋଗରୁ ପିତାମାତାଙ୍କ ମିଳନ 'ବିବାହ'। ସଂଯୋଗରୁ କ୍ରୋମସୋମ୍‌ର ମିଳନ । ବିବର୍ତ୍ତନ ପ୍ରତିକ୍ଷଣରେ ପ୍ରତି ଜୀବକୋଷରେ ପ୍ରବାହିତ ହେଉଛି ସନୈଃ ସନୈଃ। କ୍ରମବିକାଶର ବିଚିତ୍ର ଧାରାରେ ହିନ୍ଦୁ ମତବାଦ ଦଶ ଅବତାର ଓ ୮୪ ଲକ୍ଷ ଯୋନି ମଧ ଦେଇ ମଣିଷର ସୃଷ୍ଟି ଅବାନ୍ତର ବା କବି କଳ୍ପନା ବୋଲି ଏଡ଼ାଇ ଦେଇହେବ ନାହିଁ। ଏଇ କ୍ରମବିକାଶ ସ୍ରୋତରେ ମଣିଷର ମସ୍ତିଷ୍କ ୪୦୦ କ୍ୟୁବିକ୍ ସେଣ୍ଟିମିଟରରୁ ୧୫୦୦ କ୍ୟୁବିକ୍ ହେବାପାଇଁ କୁଆଡ଼େ ୪୦ ଲକ୍ଷ ବର୍ଷ ଲାଗିଯାଇଛି। ମନେ ପକାନ୍ତୁ, ଯେଉଁ ଦିନ ମଣିଷ ଏହି ଭୂପୃଷ୍ଠରେ ଜନ୍ମିଥିଲା, କ'ଣ ଥିଲା ତା'ର ଅବସ୍ଥା ? ବସ୍ତ୍ରହୀନ, ଅସ୍ତ୍ରହୀନ, ଲଙ୍ଗଳା, ଅସହାୟ ଜୀବନ୍ତ ମାଂସ ପିଣ୍ଡୁଳାଟିଏ ମାତ୍ର । ବୋଧହୁଏ, ସୃଷ୍ଟିର ଶିଶୁମାନଙ୍କ ମଧ୍ୟରେ ଏଇ ମଣିଷ ଶିଶୁ ଅନ୍ୟ ପଶୁପକ୍ଷୀ ପତଙ୍ଗ ଭଳି ନିଜେ କିଛି କରି ପାରିନଥାଏ, କେବଳ କ୍ରନ୍ଦନ ବ୍ୟତୀତ, ସଂପୂର୍ଣ୍ଣ ପରାଶ୍ରୟୀ । କିନ୍ତୁ ଏଇ ଦୁର୍ବଳ ଶିଶୁଟି ଦିନେ ଯେ ଜଗତର ସର୍ବଶ୍ରେଷ୍ଠ, ସର୍ବଶକ୍ତିବାନ ଜୀବଟିଏ ହୋଇଉଠିବ କଳ୍ପନାର ବାହାରେ ଥିଲା । ତା'ର ଏହି କ୍ରମବିକାଶ ମୂଳରେ ହିଁ ମସ୍ତିଷ୍କର ଭୂମିକା । ଏହାର ପୁନଃ ବିକାଶ ପୁନଃ ବର୍ଦ୍ଧନ ଅବଶ୍ୟମ୍ଭାବୀ। ଜୀବ କ୍ରମବିକାଶ ଓ ବିନାଶଧାରା ସୃଷ୍ଟିର ବୈଚିତ୍ର୍ୟ । ଆଗକୁ ଅଛି... ଆହୁରି ଅଛି...

କହିବା ବାହୁଲ୍ୟ ପ୍ରାୟ ୬୦୦ କୋଟି ବର୍ଷ ପୂର୍ବେ ପୃଥିବୀ ପୃଷ୍ଠରେ ଜୀବ ସୃଷ୍ଟି ହେବାର ଅନୁମାନ କରାଯାଏ। ଜୀବସୃଷ୍ଟି ହେବା ପୂର୍ବରୁ ପ୍ରଥମେ ଉଦ୍ଭିଦ ସୃଷ୍ଟି ହୋଇଥିଲା, ପ୍ରାଥମିକ ଅବସ୍ଥାରେ ସବୁଜ ଶୈବାଳ ଓ କାଳକ୍ରମେ ଶୈବାଳ ଜୀବକୋଷରୁ କ୍ରମବର୍ଦ୍ଧିତ ହୋଇ ସବୁଜ ବୃକ୍ଷଲତା ସୃଷ୍ଟିହେଲେ ଏବଂ ପରବର୍ତ୍ତୀ କାଳରେ ସୃଷ୍ଟ ଜୀବମାନଙ୍କ ଖାଦ୍ୟ ପ୍ରସ୍ତୁତକାରୀ ମଣ୍ଡଳଭାବେ ବ୍ୟାପ୍ତ ହେଲେ।

Digitized by PPRACHIN, SOA

ପ୍ରଥମେ ତୃଣଭୋଜୀ ପ୍ରାଣୀମାନେ ସୃଷ୍ଟି ହୋଇଥିଲେ ଏବଂ ସେମାନେ ଉଦ୍ଭିଦ ଖାଇ ଶରୀର ପାଇଁ ଶକ୍ତି ଆହରଣ କରି ବଂଶବୃଦ୍ଧି କଲେ। ପରବର୍ତ୍ତୀ କାଳରେ ପରାନ୍ନଭୋଜୀ ମାଂସାଶୀ ପ୍ରାଣୀ ସୃଷ୍ଟିହେଲେ ଯେଉଁମାନେ ଉଦ୍ଭିଦଭୋଜୀ ପ୍ରାଣୀମାନଙ୍କୁ ଶିକାର କରି ବଞ୍ଚିଲେ। କାଳ ପରେ କାଳ ଗତି କରିଚାଲିଛି। ବସୁଧା ମାତାର ଅଧୁନା ସର୍ବଶ୍ରେଷ୍ଠ ଓ କୋଡ଼ପଛା ସନ୍ତାନ ହେଉଛି ମନୁଷ୍ୟ। ତାକୁ ମୋଟେ ୭୦ ଲକ୍ଷ ବର୍ଷ। କିପରି ଜାଣିଲେ ? କେତୋଟି 'ଫସିଲ୍' ବା ଜୀବାସ୍ମକୁ ନେଇ ଜିଜ୍ଞାସା ଓ ବିଶ୍ଳେଷଣ ଦ୍ୱାରା ଡାରଉଇନ୍ ଜୀବୋତ୍ପତ୍ତି ଓ ବିବର୍ତ୍ତନ ପ୍ରକ୍ରିୟାକୁ ଜ୍ଞାନଚକ୍ଷୁ ଦ୍ୱାରା ଚିହ୍ନିପାରିଲେ ଓ ବିବର୍ତ୍ତନାବାଦର ଗୂଢ଼ ତଥ୍ୟ ପ୍ରକାଶ କଲେ।

ଏଇଠି ଡାକ୍ତର 'ସିଡ୍‌ନି ସ୍ମିଥ୍'ଙ୍କ ଜୀବନୀର ଏକ ଝଲକ୍ 'ଭିତ୍ତିତତ୍ତ୍ୱ' ମୋର ମନେପଡ଼େ। ମିଶର ଦେଶର କାଇରୋ ସହରର ସିଡ୍‌ନି ସ୍ମିଥ୍ ନାମକ ଜଣେ ଡାକ୍ତର ବାସ କରୁଥିଲେ। ଥରେ ଡାକ୍ତର ସିଡ୍‌ନି ସ୍ମିଥ୍‌ଙ୍କୁ ଜଣେ ଡାକପିଅନ ଗୋଟେ ପାର୍ସଲ ଦେଇଥିଲେ। ସେ ପାର୍ସଲ ଖୋଲି ଦେଖନ୍ତି ଯେ, ତିନି ଖଣ୍ଡ ଛୋଟ ଛୋଟ ହାଡ଼ ରହିଛି; ତା ସାଙ୍ଗରେ ରହିଛି ଗୋଟିଏ ପୋଲିସ୍ ରିପୋର୍ଟ। ସେହି ରିପୋର୍ଟରେ ଲେଖାଅଛି- "ଗୋଟିଏ କୂଅର ପାଣି ଶୁଖିଗଲା। କୂଅ ଭିତିରେ ଏହି ତିନିଖଣ୍ଡ ହାଡ଼ ପଡ଼ିଥିଲା। କୂଅରେ କୌଣସି ଗୋଟିଏ ଜୀବ ବୋଧହୁଏ ମରିଯାଇଛି ଓ ଏଗୁଡ଼ିକ ତାହାରି ହାଡ଼। କିନ୍ତୁ ଆମ ମନକୁ ସମ୍ପୂର୍ଣ୍ଣ ନିଶ୍ଚିତ କରିଦେବା ପାଇଁ ଆପଣ ଟିକିଏ ପରୀକ୍ଷା କରି ଦେଖିବେ କି ?" ଅଳ୍ପଦିନ ପରେ ଡାକ୍ତର ତାଙ୍କ ରିପୋର୍ଟ ପ୍ରସ୍ତୁତ କରିଦେଲେ। ସେଥିରେ ଲେଖାଥିଲା- "୨୩ ରୁ ୨୫ ବର୍ଷ ବୟସ୍କା ଜଣେ ସ୍ତ୍ରୀ ଲୋକର ଏହି ହାଡ଼। ତା'ର ଉଚ୍ଚତା ୫ ଫୁଟ ୧ ଇଞ୍ଚରୁ ୫ ଫୁଟ ୩ ଇଞ୍ଚ ଭିତରେ। ୩ ମାସ ତଳେ ମରିଛି। ଅନ୍ତତଃ ଥରେ ସେ ଗର୍ଭଧାରଣ କରିଥିଲା। ସେ ଛୋଟେଇ ଛୋଟେଇ ଚାଲୁଥିଲା। ଘରତିଆରି 'ସଟ୍‌ଗନ୍' ବା ବନ୍ଧୁକର ଗୁଳିରେ ସେ ମରିଛି। ଗୁଳି ବାଜିବା ପରେ ୭ରୁ ୧୦ ଦିନ ସେ ବଞ୍ଚିଥିଲା।" ଏହି ରିପୋର୍ଟକୁ ସେ ପୋଲିସ ହାତକୁ ବଢ଼ାଇଦେଲାପରେ ପୋଲିସ ଅଫିସର ଟିକିଏ ବିଦ୍ରୂପ କଲାଭଳି ସ୍ୱରରେ ପଚାରିଲେ- 'ତା ଆଖି ରଂଗ କିଭଳି ଥିଲା, ଅନୁମାନ କରି ଆପଣ କହିପାରିବେ ?' ଡାକ୍ତର ଟିକିଏ ସୁଦ୍ଧା ବିଚଳିତ ନ ହୋଇ ଉତ୍ତର ଦେଲେ- 'ନୀଳପୀତ ମିଶ୍ରିତ ବର୍ଣ୍ଣ' । ଡାକ୍ତରଙ୍କ ରିପୋର୍ଟ ଓ ଦୃଢ଼ତାପୂର୍ଣ୍ଣ ଉତ୍ତର ପୁଲିସକୁ ଆଉ ସ୍ଥିର କରିଦେଲା ନାହିଁ। ଜୋରସୋରରେ ତଦନ୍ତ ଚାଲିଲା। ସେମାନଙ୍କ ବିସ୍ମୟର ସୀମା ରହିଲା ନାହିଁ, ଯେତେବେଳେ ଜାଣିପାରିଲେ ଯେ ଜଣେ ମିଶରୀୟ ତରୁଣୀ ପ୍ରାୟ ୩ ମାସ ତଳେ ହଠାତ୍ କୁଆଡ଼େ ଅନ୍ତର୍ଦ୍ଧାନ ହୋଇଗଲେ। ସେ ଥିଲେ ଛୋଟି ଓ ତାଙ୍କର

Digitized by PPRACHIN, SOA

ଗୋଟିଏ ସନ୍ତାନ ହୋଇଥିଲା। ତରୁଣୀର ବାପାକୁ ଗିରଫ କରାଗଲା। ସେ ସ୍ୱୀକାର କଲେ ଯେ ତାଙ୍କ ବନ୍ଧୁକ ସଫା କରୁକରୁ ଅଜାଣତରେ ଗୁଳି ଫୁଟିଗଲା ଓ ସେହି ଗୁଳି ବାଜି ତାଙ୍କ ଝିଅ ସାଂଘାତିକ ଭାବରେ ଆହତ ହେଲା ଓ କିଛି ଦିନ ପରେ ମରିଗଲା। ତା' ଲାସ୍‌କୁ ସେ କୂଅରେ ପକାଇଦେଲେ ଏବଂ କୂଅ ଘୋଡ଼ଣୀକୁ ବନ୍ଦ କରି ରଖିଦେଲେ। ପୋଲିସ୍ ଯେତେବେଳେ ଡ଼ାକ୍ତର ସ୍ମିଥ୍‌ଙ୍କୁ ଏତେ କଥା କେମିତି ଜାଣିଲେ ବୋଲି ପଚାରିବାରୁ ଡ଼ାକ୍ତର ବୁଝାଇଦେଲେ- ଜାଣିବାଟା ଅତି ସହଜ। ତ୍ରିକାସ୍ଥି ଓ କଟିଅସ୍ଥି ତିନିଖଣ୍ଡ ଦେଖିଲି। ସେଗୁଡ଼ିକ ଯୋଡ଼ିଦେଲାରୁ 'ବସ୍ତିଟିଏ' ତିଆରି ହୋଇଗଲା। ସେହି ହାଡ଼ ଓ ବସ୍ତିର ଗଠନରୁ ଜାଣି ହୋଇଗଲା ବୟସ, ଉଚ୍ଚତା, ପୁରୁଷ କି ସ୍ତ୍ରୀ। ଗୋଟିଏ ପିଲା ତା ଗର୍ଭରେ ରହିଥିବାର ଜଣାପଡ଼ିଲା। ଦୁଇଟି ହାଡ଼ ଭିତରୁ ଗୋଟିକର ଓଜନ ଅଧିକ ଥିବାରୁ ସେ ଛୋଟେଇ ଛୋଟେଇ ଚାଲୁଥିଲା ବୋଲି ଜାଣିନେଲି। ଗୋଟିଏ ହାଡ଼ ଭିତରେ ଗୁଳିଟିଏ ରହିଯାଇଥିଲା। ହାଡ଼ କ୍ଷତଚିହ୍ନରୁ ଜଣାପଡ଼ିଲା ଯେ, କିଛି ଦିନ ପର୍ଯ୍ୟନ୍ତ ବଞ୍ଚିଥିଲା- କାରଣ କ୍ଷତ ହାଡ଼ର ଧାର ଚେଷ୍ଟାକରୁଥିଲା ଯୋଡ଼ିହେବା ପାଇଁ। ତୁମେ ଯେତେବେଳେ ପଚାରିଲ, ତା ଆଖିର ରଂଗ କିପରି, 'ମୁଁ ନୀଳପୀତ ମିଶ୍ର ବୋଲି କହିଥିଲି, କାରଣ ମିଶରୀୟମାନଙ୍କ ଆଖି ରଂଗ ସେହିଭଳି।'

ଜଣେ ଡାକ୍ତର ଯଦି ତିନିଖଣ୍ଡ ହାଡ଼ରୁ ଏତେ ନିର୍ଭୁଲଭାବେ ଜାଣିନେଲେ, ଡାରଓ୍ୱିନ୍‌ଙ୍କ ସତ୍ୟ ଓ ତଥ୍ୟ ଆଧାରିତ ବିବର୍ତ୍ତନବାଦ ନିଶ୍ଚିତ ଭାବେ ନିଃସନ୍ଦେହ। ଶିଳିଭୂତ ବା ପ୍ରସ୍ତାରିତ ବା 'ଫସିଲ' କହିଦେଉଛି ଜୀବୋତ୍ପତ୍ତିର ରହସ୍ୟ ଏବଂ କ୍ରମପରିବର୍ତ୍ତିତ ଜୀବମାନଙ୍କର ଅତୀତ। ପ୍ରତ୍ୟେକ ଜୀବ ତା'ର ଇତିହାସ ଲେଖିଯାଇଛି ପଥର ଦେହରେ। ସେହିମାନଙ୍କ ବଂଶଧରମାନେ ପରିସ୍ଥିତି ସହିତ ନିଜକୁ ଖାପଖୁଆଇବା ଉଦ୍ଦେଶ୍ୟରେ କିଛି ପରିବର୍ତ୍ତନ କରାଇଛନ୍ତି। ପ୍ରକୃତି ଗୋଟଏ ପରେ ଗୋଟିଏ ଜୀବ ସୃଷ୍ଟି କରିଛି, ପୃଥିବୀରେ ସେଇଟି ଚଳିପାରିବ କି ନାହିଁ। ପୃଥିବୀର ଗଠନ, ଜଳସ୍ଥଳ, ଜଳବାୟୁ ଓ ଉତ୍ତାପର ପରିବର୍ତ୍ତନ ସଂଗେ ସଂଗେ ସେଇ ପରିସ୍ଥିତିକୁ ଖାପଖୁଆଇବା ଭଳି ପରିବର୍ତ୍ତନ ଜୀବ ଦେହରେ କରାଯାଇଛି ବା ନୂତନ ଜୀବ ସୃଷ୍ଟି ହୋଇଛି, ଯେମିତି ଆଜିର ହାତୀଶୁଣ୍ଢ ତା ଉପର ଓଠର ସମ୍ପ୍ରସାରଣ ହୋଇଅଛି। ଭବିଷ୍ୟତରେ ଆଉ ଏକ ବିକଶିତ ପରିବର୍ତ୍ତିତ ବିଶ୍ୱର ପରିକଳ୍ପନା ଅବାନ୍ତର ମନେହୁଏ ନାହିଁ। ହିନ୍ଦୁ ପୁରାଣରେ ବର୍ଣ୍ଣିତ ବ୍ରହ୍ମାଙ୍କର ତିନିମୁଣ୍ଡ ଓ ରାବଣର ଦଶମୁଣ୍ଡ ହୁଏତ କବି କଳ୍ପନା ବୋଲି ବିଚାର କରାଯାଇପାରେ, କିନ୍ତୁ ଭବିଷ୍ୟତରେ ଏକାଧିକ ମସ୍ତିଷ୍କଧାରୀ ମନୁଷ୍ୟର ବାସ୍ତବରୂପ ଅସମ୍ଭବ ନୁହେଁ। ସୃଷ୍ଟିର କୌଣସି ସ୍ଥିତି ସ୍ଥିର ନୁହେଁ; ସୃଷ୍ଟିର

Digitized by PPRACHIN, SOA

ଚକ୍ରର ଚକ୍ରାୟନ ପ୍ରକ୍ରିୟା ପ୍ରତିକ୍ଷଣରେ ସକ୍ରିୟ ଓ ଚଳମାନ। ଗତକାଲିର ଦୃଶ୍ୟପଟ ଆଜି ଭିନ୍ନ, ଆସନ୍ତାକାଲିବି ସେଇ ଘୂର୍ଣ୍ଣନ ପ୍ରକ୍ରିୟା ଜାରି ରହିଥିବ; ଭିନ୍ନ ହୋଇ ଚାଲିଥିବ ସ୍ଥିତି, ଅବସ୍ଥିତି, ଅକାର ଆଉ ପ୍ରକାର ଅନନ୍ତ କାଳ ପର୍ଯ୍ୟନ୍ତ। ଜୀବ ଓ ଜଡ଼ର ଚିତ୍ର ଚରିତ୍ର, ଚର ଓ ଅଚର ଜଗତର ରୂପ ଆଉ ରଂଗ ବଦଳିଯିବ- ତହା ନିଃସନ୍ଦେହ ଏବଂ ନିଶ୍ଚିତ- ହୁଏତ ଅନେକ ଅନେକ ମନ୍ୱନ୍ତର ବର୍ଷ ଲାଗିଯାଇପାରେ। ବୈଜ୍ଞାନିକ ପଦ୍ଧତିରେ 'ଆଲୋକ ବର୍ଷ' ନିର୍ଦ୍ଧାରଣ କଲାଭଳି ମହାମୁନି ମନ୍ୱନ୍ତର ସମୟର ଦୀର୍ଘତା ମାପିବାର ଆକଳନ ଏହିପରି ଗଣା ହୋଇଥାଏ-

୧୮ ନିମିଷ = ୧ କାଷ୍ଠା, ୩୦ କାଷ୍ଠା = ୧ କଳା, ୩୦ କଳା = ୧ ଘଡି, ୬୦ ଘଡି = ୧ ଦିବା-ରାତ୍ରି (ଦିନ),୧୫ ଦିନ = ୧ ପକ୍ଷ, ୨ପକ୍ଷ = ୧ ମାସ, ୬ ମାସ = ୧ ଆୟନ, ୨ ଆୟନ = ୧ ବର୍ଷ, ୪୦ ଲକ୍ଷ ୩୨ ହଜାର ବର୍ଷ = ୧ ଯୁଗ, ୪ ନିଯୁତ ୩ ଲକ୍ଷ ୨୦ ହଜାର ଯୁଗ = ୧ ମହାଯୁଗ, ୭୧ ମହାଯୁଗରେ = ୧ ମନ୍ୱନ୍ତର ବର୍ଷ।

ନୂତନ ଏହି ପରବର୍ତ୍ତିତ ବିଶ୍ୱର ନକ୍ସା କବି-କଳ୍ପନାରେ ଅଙ୍କିତ ହୋଇ ସାରିଲାଣି । ପ୍ରଥମେ କବି କଳ୍ପନା ବା ଲେଖକ ଚିନ୍ତା କରିଥାଏ ଯାହାର ବାସ୍ତବ ରୂପ ବା ରୂପାନ୍ତରିତ ଚିତ୍ର ଦେଖିବାକୁ ହୁଏତ ମନ୍ୱନ୍ତରଙ୍କ ନିରୂପିତ ବର୍ଷକୁ ଅପେକ୍ଷା କରିବାକୁ ପଡିବ । ବିଶ୍ୱ ବ୍ରହ୍ମାଣ୍ଡରେ ପୃଥିବୀ ବ୍ୟତୀତ ଅନ୍ୟ ସୌର ଜଗତରେ ଜୀବନ ସତ୍ତାର ସଂଧାନ ଏବେ ବୈଜ୍ଞାନିକ ଗବେଷଣା କକ୍ଷ ଭିତରେ ସୀମାବଦ୍ଧ ମାତ୍ର । ମଣିଷର ଏହିପରି ଜିଜ୍ଞାସା ଓ ସତ୍ୟୋନ୍ମୋଚନ ଲାଗି ରହିଥିବ ଅନନ୍ତକାଳ ପର୍ଯ୍ୟନ୍ତ। ଶେଷ ନଥାଏ ଅନ୍ୱେଷାର...

♦♦♦

Digitized by PPRACHIN, SOA

-୨୨-

ଯେଉଁ ବର୍ଷ ଜୀବମଙ୍ଗଳ ସପ୍ତାହର ପ୍ରଥମ ଦିନରେ ଖରସେଲ୍ ହାତୀ ସଫାରୀର ଏକ ବର୍ଣ୍ଣାଢ୍ୟ ଉଦ୍‌ଘାଟନ ଉତ୍ସବ ପ୍ରାଣୀପ୍ରେମୀମାନଙ୍କ ଅଫୁରନ୍ତ ଉଦ୍ଦୀପନା ମଧ୍ୟରେ ପାଳିତ ହେଲା, ମୁଁ ଉତ୍ସବରେ ଅନ୍ୟତମ ଅତିଥି ଭାବେ ନିମନ୍ତ୍ରିତ ହୋଇଥିଲି।

ନନ୍ଦନକାନନ କର୍ତ୍ତୃପକ୍ଷଙ୍କ ନିମନ୍ତ୍ରଣକୁ ସ୍ୱାଗତ ଜଣାଇ ଉତ୍ସବରେ ଯୋଗଦାନ କରିବାକୁ ସମ୍ମତି ଜଣାଇଲି। ମନେକଲି, ଖରସେଲ୍ ସହିତ ମୋର ଅନ୍ତରଙ୍ଗ ସଂପୃକ୍ତି, ନିରଳସ ନିଃସ୍ୱାର୍ଥପର ମନୋବୃତ୍ତି ଆଉ ତା'ପ୍ରତି ମୋର ଶ୍ରଦ୍ଧା ମମତା ଓ ସ୍ନେହ ସେବାପଣ ଗଭୀର ଭାବେ ରେଖାପାତ କରିଥିଲା ସମସ୍ତଙ୍କୁ। ପ୍ରକୃତ ଘଟଣା ଯାହା ହୋଇଥିଲେବି ଏ ନିମନ୍ତ୍ରଣ ଥିଲା ମୋ ପାଇଁ ପରମ ସୌଭାଗ୍ୟ। କିନ୍ତୁ ଏଇ ସୌଭାଗ୍ୟର ସନ୍ଦେଶ ଭିତରେ ଦୁର୍ଭାଗ୍ୟର ବିଷୟ ଥିଲା, ବେଲ୍‌ଘର ବନଖଣ୍ଡର ମୋର ପ୍ରିୟ ଅନୁଗତ ସୁବଳ ସହିତ ଦୀର୍ଘ ବର୍ଷର ସଂପର୍କ ବିଚ୍ଛିନ୍ନତା... ଯାହାକି ଏ ମୁହୂର୍ତ୍ତରେ ମୋ ମନକୁ ପ୍ରାଣକୁ ବିନ୍ଧ କରୁଥିଲା। ଅନନ୍ତ ମହାକାଳର ଗତିପଥରେ ହଜାଇ ଆସିଥିବା ଚଉଠ ଶତାବ୍ଦୀ ବର୍ଷ ତଳର ସ୍ମୃତି ମନଦର୍ପଣରେ ପ୍ରତିବିମ୍ବିତ ହୋଇ ଉଠିଲା, ଚକ୍ଷୁ ସମ୍ମୁଖରେ ଉଦ୍‌ଭାସିତ ହୋଇ ଉଠିଲା ସୁବଳର ହସ ହସ ମୁଖମଣ୍ଡଳ... ବିବେକ ମୋତେ ଦଂଶନ କରୁଥିଲା ଯେ ଯାହାର ସଙ୍ଗତି, ସାହାଯ୍ୟ ଓ ସାହଚର୍ଯ୍ୟ ମୋର ସେଠାକାର ରହଣି କାଳରେ ପ୍ରତିଟି ମୁହୂର୍ତ୍ତରେ ମୋତେ ଅନୁପ୍ରାଣିତ କରିଥିଲା, ଜାଙ୍ଗଲିକ ଜୀବନର ବହୁ ସଂଗୁପ୍ତ ରହସ୍ୟର ପେଡିକୁ କନ୍ଧ ସଂପ୍ରଦାୟର ଯେଉଁ ଅଳ୍ପ ଶିକ୍ଷିତ ସରଳ ମଣିଷଟି ମୋ ସମ୍ମୁଖରେ ବାରମ୍ବାର ଖୋଲି ଦେଇ ମୋର ଜିଜ୍ଞାସା ଓ ଜଙ୍ଗଲାନୁଭୂତିକୁ ବିସ୍ତାରିତ, ସଂପ୍ରସାରିତ କରିଥିଲା, ଆ' ଭିତରେ ମୁଁ ତାକୁ ପାଶୋରି ଦେଲି କେମିତି ? ମୋର କର୍ମବହୁଳ ଜୀବନର ବ୍ୟସ୍ତତା ଭିତରେ ଯୋଗାଯୋଗର ଅଭାବ ଏହାର ସଠିକ୍ କାରଣ ହୋଇଥିଲେ ବି ନିଜକୁ କ୍ଷମା ଦେଇପାରୁନଥିଲି। ବୁଝାଇ ପାରୁନଥିଲି ନିଜର ଭାବପ୍ରବଣ ଉଦ୍‌ବେଳିତ ମନକୁ। ଭୂତୁଣୀ ହାତୀର ମୃତ୍ୟୁପରେ ତା'ର ଶିଶୁ ସନ୍ତାନ ଶଙ୍କର ବେଟାକୁ ଡେକାନ୍ ସର୍କସର ମାଲିକ ନେଇଗଲା ପରେ ଶଙ୍କରର ଅନାଗତ ଅନ୍ଧକାରାଚ୍ଛନ୍ନ ଭବିଷ୍ୟତ ଆଉ ତା'ର ସଂଘର୍ଷମୟ ଜୀବନର

Digitized by PPRACHIN, SOA

ଇତିବୃତ୍ତ ସହିତ ପରିଚୟ ହେବାର ସୁଯୋଗ କେବେ ହେଲେ ସୁବଳ ଜାଣି ପାରିନଥିବ। ମୁଁ ଅକିଞ୍ଚନ ଆଜି ସିନା ତାକୁ ନେଇ ଏକ ନୂତନ ପୃଥିବୀର ଚିତ୍ରପଟ ଦେଖୁଛି, ମୋ ଭଳି ଏକ ବନବୁଲା ମଣିଷ ସିନା ଜଙ୍ଗଲ ବିଭାଗ ଦ୍ୱାରା ଆୟୋଜିତ ଉତ୍ସବରେ ଅତିଥି ଆସନ ଅଳଙ୍କୃତ କରିବାକୁ କର୍ତ୍ତୃପକ୍ଷଙ୍କ ଆମନ୍ତ୍ରଣ ପାଇ ଉଲ୍ଲସିତ ହୋଇ ଉଠୁଛି, ହେଲେ ସୁବଳ? ସେ ଏସବୁର କୌଣସି ଖୋଜ ଖବର ଜାଣି ପାରିନଥିବ, ଜାଣିବା ମଧ୍ୟ ସମ୍ଭବ ନୁହେଁ। ଆଜି ଖୁସି ମନେଇବାର ଏଭଳି ଏକ ମାହେନ୍ଦ୍ର ବେଳରେ ତା'ର ପ୍ରିୟ ସ୍ନେହବତ୍ସଳ ଶଙ୍କର ବେଟା ସଂପର୍କରେ ତାକୁ ଅବଗତ କରାଇ ଦେବାକୁ ଉଚିତ୍ ମଣି ନୈତିକ କର୍ତ୍ତବ୍ୟବୋଧର ବୋଝରେ ମୁଣ୍ଡଟା ଯେମିତି ମୋର ଭାରାକ୍ରାନ୍ତ ହୋଇ ପଡିଲା। ମନର କଥା କହିବା ପାଇଁ ମନଟିଏ ଆଉ ଗୋଟିଏ ମନକୁ ଖୋଜିଲା ପରି ଦୀର୍ଘ ବର୍ଷର ବିରତି ପରେ ଏ ମୁହୂର୍ତ୍ତରେ ସୁବଳକୁ ଥରେ ଆଖି ପୂରେଇ ଦେଖିବାକୁ ମନଟା ଯେମତି ବ୍ୟାକୁଳ ହୋଇ ଉଠୁଥିଲା। ଅନନ୍ୟୋପାୟ ହୋଇ ଉତ୍ସବ ତାରିଖର କିଛିଦିନ ପୂର୍ବରୁ ମୋତେ ଜଣାଥିବା ତା'ର ଠିକଣା (ସୁବଳ ଭୋଇ, ଗ୍ରାମ- କୁଆଁର ମୁଣ୍ଡା, ପୋଷ୍ଟ - ଆମ୍ବାଦୁଲା, ଜିଲ୍ଲା-ରାୟଗଡ଼ା)ରେ ମୋର ହାତଲେଖା ଚିଠି ସହିତ ନିମନ୍ତ୍ରଣ ପତ୍ରଟିଏ ମଧ୍ୟ ପଠାଇ ଦେଇଥିଲି।

ଆଜି ସେଇ ପ୍ରତୀକ୍ଷମାଣ ଉତ୍ସବର ଦିନ... ବିପୁଳ ଜନସମାଗମ... କୋଳାହଳରେ ମୁଖରିତ ହୋଇ ଉଠିଛି ସଭା ପରିସର। ବିରାଟ ଜନସମୁଦ୍ର ଭିତରେ ସୁବଳକୁ ନଦେଖି ନିରାଶ ହୋଇ ପଡିଲି। ମୋର ପତ୍ରକୁ ସେ ତ କେବେ ଉପେକ୍ଷା କରିବାର ପାତ୍ର ନୁହେଁ। ଆସିଲା ନାହିଁ କାହିଁକି ? ଭାବିନେଲି ଆଉ ସେଇ ଭାବନାକ୍ରମରେ ମନକୁ ବୁଝାଇ ଦେଲି- ହୁଏତ ଡାକ ତ୍ରୁଟି ହେତୁ ପତ୍ରଟି ତା'ର ହସ୍ତଗତ ହୋଇ ନଥିବ। ସଭାମଞ୍ଚକୁ ଅଳଙ୍କୃତ କରି ବସିଥିଲି ସିନା ଜଣେ ନିମନ୍ତ୍ରିତ ଅତିଥି ଭାବେ, ହେଲେ ସୁବଳର ଅନୁପସ୍ଥିତିକୁ ନେଇ ଶୁଭ-ଅଶୁଭ ଆଶଙ୍କା ଭିତରେ ଅନ୍ୟମନସ୍କ ହୋଇପଡିଥିଲି। ସେ କିପରି ଅଛି? କ'ଣ ତା'ର ଅବସ୍ଥା? ଜୀବିତ ନା ମୃତ? (ଆଜିକାଲି ଯେଉଁସବୁ ଦୁର୍ଘଟଣା ଘଟୁଛି।)

ଉତ୍ସବକୁ ମୋ ସମେତ ଅନେକ ମାନ୍ୟଗଣ୍ୟ ବିଶିଷ୍ଟ ଅତିଥି ଓ ଉଚ୍ଚ ପଦ ପଦବୀଧାରୀ ଅଧିକାରୀମାନେ ନିମନ୍ତ୍ରିତ ହୋଇଥିଲେ। ସେଥିରେ ଅନ୍ୟତମ ବିଶିଷ୍ଟ ଅତିଥି ଥିଲେ କେନ୍ଦ୍ର ସରକାରଙ୍କର ଜଙ୍ଗଲ ଓ ପରିବେଶ ବିଭାଗ ମନ୍ତ୍ରୀ ମାନ୍ୟବର ଶ୍ରୀଯୁକ୍ତ ସୁଦର୍ଶନ ଭୋଇ- ଯିଏକି ରାୟଗଡ଼ା ନିର୍ବାଚନ ମଣ୍ଡଳୀର ସାଂସଦ ଭାବେ ନିକଟ ଅତୀତରେ ନିର୍ବାଚିତ ହୋଇଥିଲେ ଗତ ଉପନିର୍ବାଚନରେ, ସ୍ଥାନୀୟ ସାଂସଦ

Digitized by PPRACHIN, SOA

ଗୋଲୋକ ମୁର୍ମୁଙ୍କ ଦେହାନ୍ତ ପରେ। କିନ୍ତୁ ସେଦିନ ଦିଲ୍ଲୀର ପାଣିପାଗ ପ୍ରତିକୂଳ ଥିବାରୁ ମାନ୍ୟବର ମନ୍ତ୍ରୀ ସଭାଗୃହରେ ପହଞ୍ଚି ପାରିନଥିଲେ। ପାଣିପାଗ ସୂଚନା ଅନୁଯାୟୀ ଘୂର୍ଣ୍ଣିବାତ୍ୟାର ସମ୍ଭାବନା ଥିଲା। ମଞ୍ଚ ଉପରେ ତାଙ୍କ ଚୌକିଟି ଖାଲି ପଡ଼ିଥିଲା। ମନ୍ତ୍ରୀ ମହୋଦୟଙ୍କ ପ୍ରତୀକ୍ଷାରେ ରହି ସଭାକାର୍ଯ୍ୟ ମଧ୍ୟ ବିଳମ୍ବରେ ଆରମ୍ଭ ହୋଇଥିଲା। ତାଙ୍କ ବଦଳରେ ମାନ୍ୟବର ମୁଖ୍ୟମନ୍ତ୍ରୀ ମହୋଦୟ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉତ୍ସବକୁ ଆନୁଷ୍ଠାନିକ ଭାବେ ପୁଷ୍ପ ସହିତ ସଫାରିର ଉଦ୍‌ଘାଟନ କରିଥିଲେ।

ସଭାକାର୍ଯ୍ୟ ଆଗେଇ ଚାଲିଥିବା ବେଳେ ମଞ୍ଚରେ ନିମନ୍ତ୍ରିତ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଶ୍ମଶ୍ରୁଧାରୀ ଶ୍ରୀଯୁକ୍ତ ସୁଦର୍ଶନ ମହୋଦୟ ପ୍ରତିକୂଳ ପାଗ ସତ୍ତ୍ୱେ ପହଞ୍ଚି ନିଜର ଆସନ ଗ୍ରହଣ କଲେ। ପ୍ରତୀକ୍ଷାରତ କର୍ମକର୍ତ୍ତାଙ୍କ ମଧ୍ୟରେ ଉତ୍ସବର ସଫଳତାକୁ ନେଇ ଖେଳିଗଲା ଖୁସି ଆଉ ଆନନ୍ଦର ମାହୋଲ୍... ବିଳମ୍ବତାର କାରଣ ସଂପର୍କରେ ସାମାନ୍ୟ ସୂଚନା ଦେଇ ପାରମ୍ପରିକ ଢଙ୍ଗରେ କ୍ଷମା ଭିକ୍ଷା କରିବା ସହିତ ସେ ତାଙ୍କର ବକ୍ତବ୍ୟ ଉପସ୍ଥାପନ କଲେ।

ତା'ପରେ ସର୍ବଶେଷରେ ଉତ୍ସବର ଉପସଂହାରୀୟ ଅଭିବ୍ୟକ୍ତି ଭଳି ମୋ ଅଭିଭାଷଣର ପାଳି ପଡ଼ିଲା। ଏହା ଥିଲା ମୋ ବକ୍ତବ୍ୟର ସାରାଂଶ-

ବଣର ରାଜା କିଏ? ବାଘ ନା ହାତୀ? ଏଠି ଦୁଇ ବଳବାନ ପଶୁଙ୍କ ମଧ୍ୟରେ ଶକ୍ତି ଆଉ ସ୍ୱାଭିମାନର ପ୍ରଶ୍ନ। ସ୍ୱାଭିମାନ ଏକ ଅହଂଜନିତ ସ୍ୱଭାବ ଯାହା ପ୍ରତି ସଜୀବ ହୁଏତ ନିର୍ଜୀବ ଚରିତ୍ରରେ ମଧ୍ୟ ଦୃଶ୍ୟ ହୁଏ ବା ଆକଳିତ ହୋଇଥାଏ। ଏହି ସମ୍ବନ୍ଧରେ 'ଫୁଲ ବଡ କି ଫଳ ବଡ' ଏକ ଜଟିଳ ସ୍ୱାଭିମାନ ପ୍ରଶ୍ନର ସମାଧାନ କରିଥିଲେ ସ୍ରଷ୍ଟା-ବିଚାରପତି ସ୍ୱୟଂ ଈଶ୍ୱର। ଫୁଲ ଫଳର ଏହି ସ୍ୱାଭିମାନ କାହାଣୀଟି ଅବତାରଣା କରିବାର ଯଥାର୍ଥତା ଏଇଠି ଅନୁଭବ କରୁଛି-

ଏକଦା ଫୁଲ ଆଉ ଫଳ ମଧ୍ୟରେ ବିବାଦ ହେଲା। ଫୁଲ ବଡ଼ ନା ଫଳ ବଡ଼? କିଏ ଆଗ? ସୃଷ୍ଟି ପାଇଁ କିଏ ଅପରିହାର୍ଯ୍ୟ? ସଂସାରରେ କାହାର ଆବଶ୍ୟକତା ବେଶି? ଫଳ କହିଲା- ମୁଁ ବିଶ୍ୱର ଖାଦ୍ୟଭଣ୍ଡାର, ସ୍ୱୟଂ ଲକ୍ଷ୍ମୀଙ୍କର ଆୟୁଧ, ଜୀବଜଗତର କ୍ଷୁଧା ନିବାରଣକାରୀ, ଯନ୍ତର କାଳେଣି ସଦୃଶ। ମୋ ବିନୁ ଜୀବ ଦିନଟିଏ ବଞ୍ଚିପାରିବ ନାହିଁ, ହା ଅନ୍ନ ଚିତ୍କାରରେ ଜଗତ ଜଡ଼ ପାଲଟିଯିବ। ହଁ, ମୁଁ ମଧ୍ୟ ବୀଜକୁ ଗର୍ଭରେ ଧାରଣ କରେ, ସଂଖ୍ୟା ବୃଦ୍ଧି କରାଏ; ସଂସାରରେ ସମସ୍ତେ ଜୀଇଁ ରହିବା ପାଇଁ ମୋ ଉପରେ ନିର୍ଭର କରନ୍ତି। ଈଶ୍ୱର ମୋତେ ଶ୍ରଦ୍ଧାରେ ଖାଆନ୍ତି, ମୁଁ ତାଙ୍କର ପ୍ରସାଦ, ଯେଉଁ ପ୍ରସାଦ ପ୍ରାଣୀମାନେ ଆନନ୍ଦରେ ଆହାର କରି ବଞ୍ଚନ୍ତି।

Digitized by PPRACHIN, SOA

ଜଗତ ପାଇଁ ମୁଁ ଅପରିହାର୍ଯ୍ୟ। କିନ୍ତୁ ଫୁଲ କହିଲା, ତୁ ଯଦି ଦେହ ମୁଁ ହେଉଛି ଆତ୍ମା। ବିନା ଆତ୍ମାରେ ଦେହ ବଞ୍ଚିବ ନାହିଁ। ମୁଁ ସୌନ୍ଦର୍ଯ୍ୟର ପ୍ରତୀକ, ରଙ୍ଗ ଏବଂ ବାସ୍ନାର ବାହକ, ବୀଜ ବପନରେ ମୋର ସ୍ଥିତି ଏବଂ ଆବଶ୍ୟକତା ଅପରିହାର୍ଯ୍ୟ। ମୋ ବିନୁ ବୃକ୍ଷ ନିଃସନ୍ତାନ, ସ୍ଥାଣୁ ଏବଂ ଜଡ଼ପିଣ୍ଡଟିଏ ମାତ୍ର। ମୋତେ ଈଶ୍ୱର ଶ୍ରଦ୍ଧା କରନ୍ତି, ପ୍ରାଣୀମାନେ ମୋତେ ନେଇ ଭକ୍ତ୍ୟର୍ଘ୍ୟ ଅର୍ପଣ କରନ୍ତି ଈଶ୍ୱରଙ୍କୁ ଏବଂ ଈଶ୍ୱରଙ୍କ ମସ୍ତକରେ ମୁଁ ଶୋଭା ପାଏ। ତୋର ସ୍ଥାନ କେବଳ ପେଟରେ ଓ ପାଟିରେ, ମୋର ସ୍ଥାନ ଉଚ୍ଚରେ, ଫଳର ନୁହେଁ।

ଫୁଲ ଓ ଫଳର କଳିତକରାଳ ଏକ ସମସ୍ୟା ଆଉ ସ୍ୱାଭିମାନର ପ୍ରଶ୍ନ। ଅହଂଜନିତ ଜଟିଳ ପ୍ରଶ୍ନ। କିଏ ବଡ଼, କିଏ ସାନ? କିଏ ଆଗ, କିଏ ପଛ ? କିଏ ମୁଖ୍ୟ, କିଏ ଗୌଣ? କିଏ ଆଦରଣୀୟ ଓ କିଏ ବର୍ଜନୀୟ? କିନ୍ତୁ ସମାଧାନର ପନ୍ଥା କ'ଣ ?

ଯେକୌଣସି ବିବାଦର ନିଷ୍ପତ୍ତି କରିବା ପାଇଁ ଜଣେ ବିଚାରପତି ଆବଶ୍ୟକ ପଡ଼ିଥାଏ। ବିଚାରପତିଙ୍କ ରାୟ ଉଭୟପକ୍ଷ ଗ୍ରହଣ କରିବାକୁ ବାଧ୍ୟ। କିନ୍ତୁ ନ୍ୟାୟପତି ନିଷ୍ପକ୍ଷ ହେବା ଉଚିତ। ଏଠାରେ ନ୍ୟାୟପତି କିଏ ହେବ ? ବାଦୀ ଓ ପ୍ରତିବାଦୀ ଉଭୟେ ସମ୍ମତ ହେବା ଆବଶ୍ୟକ ନ୍ୟାୟପତି ବାଛିବା ପାଇଁ। ଏଣୁ ଉଭୟେ ସ୍ଥିର କଲେ ସମସ୍ୟାର ସମାଧାନ ପାଇଁ ସୃଷ୍ଟିକର୍ତ୍ତା ହିଁ ଏକମାତ୍ର ନିର୍ଭରଯୋଗ୍ୟ ବିଚାରପତି। ଚାଲ ତାଙ୍କ ଆଗରେ ଆମ ପ୍ରଶ୍ନ ଉତ୍‌ଥାପନ କରିବା। କିନ୍ତୁ କିପରି? ଉଭୟେ ରାଜି ହେଲେ। ନିକଟସ୍ଥ 'ଗଛ ଛନ ଛନ ଗହନ ବନ'ରେ ପରିବେଷ୍ଟିତ ପର୍ବତମାଳା ଶିଖରରେ ଏକ ବହୁ ପୁରାତନ ଶିବ ମନ୍ଦିରଟିଏ କେଉଁ ଆବହମାନ କାଳରୁ ବିରାଜୁଛି। ରାତି ପାହିଲେ କାଲି ସକାଳେ ସୂର୍ଯ୍ୟୋଦୟ ପୂର୍ବରୁ ଫୁଲଟିଏ ଓ ଫଳଟିଏ ମହାପ୍ରଭୁ ଶିବଙ୍କ ପାଦତଳେ ଥୋଇ ଆସିବେ। ଈଶ୍ୱରଙ୍କ ଯିଏ ଆଦରଣୀୟ ସିଏ ତାକୁ ଗ୍ରହଣ କରିବେ ଓ ସେ ହିଁ ବଡ଼ ବୋଲି ବିଚାର କରାଯିବ। ତହିଁ ଆରଦିନ ପହଡ଼ ଖୋଲିଲେ ରାୟ ଜଣାପଡିଯିବ।

ଉଭୟ ସମ୍ମତ ପ୍ରସ୍ତାବ ଅନୁଯାୟୀ କାର୍ଯ୍ୟ ହେଲା। ଶୁଦ୍ଧପୂତ ମନରେ ଗୋଟିଏ ଫଳ ଓ ଗୋଟିଏ ଫୁଲ ଈଶ୍ୱରଙ୍କ ପାଦତଳେ ଥୁଆହେଲେ। ପହଡ଼ ବନ୍ଦ ହେଲା। ପରଦିନ ପୁନଶ୍ଚ ଦ୍ୱାର ଖୋଲିଲେ ନିଷ୍ପତ୍ତି ଜଣାପଡ଼ିବ। ଫୁଲ ଓ ଫଳ ରାତି ପାହିଲା ପର୍ଯ୍ୟନ୍ତ ବଡ଼ ଉଦ୍‌ବିଗ୍ନରେ କଟାଇଲେ। ତହିଁ ପରଦିନ ପ୍ରାତଃରେ ପହଡ଼ ଖୋଲିଲା। ଉଭୟେ ମନ୍ଦିର ଭିତରକୁ ପ୍ରବେଶ କରନ୍ତେ, ଦେଖିଲେ ଯେଉଁଠାରେ ଫୁଲ ଓ ଫଳ ଥୁଆ ହୋଇଥିଲେ, ସେ ସ୍ଥାନ ଶୂନ୍ୟ। ସେଠାରେ ଫୁଲ ନାହିଁ କି ଫଳ ନାହିଁ।

Digitized by PPRACHIN, SOA

ତେବେ ଉଭୟଙ୍କୁ କ'ଣ ଈଶ୍ୱର ଗ୍ରହଣ କରିନେଲେ ? ଉଭୟେ ଈଶ୍ୱରଙ୍କ ଆଦରଣୀୟ ? ପ୍ରଶ୍ନ ଅସମାହିତ ରହିଲା। ଫୁଲ ଏବଂ ଫଳର ଅହଂ-ଜନିତ ବିବାଦ ଅତୁଟ ରହିଲା। ତେବେ ଫୁଲ ଓ ଫଳ ମନ୍ଦିର ଭିତରୁ ଗଲେ କୁଆଡେ ? ଈଶ୍ୱର ଯଦି ଗୋଟିଏ ଗ୍ରହଣ କଲେ, ଅବଶିଷ୍ଟଟି ତ ସେଇଠି ଥାଆନ୍ତା। ଯାହାକୁ ଗ୍ରହଣ କଲେ ଯଦି ଫୁଲ ହୋଇଥାଏ ତାହା ଈଶ୍ୱରଙ୍କ ମସ୍ତକରେ ଲାଗିଥାନ୍ତା, ଫଳ ହୋଇଥିଲେ ତା'ର କିୟଦଂଶ ପ୍ରସାଦ ପାତ୍ରରେ ରହିଥାନ୍ତା ଭକ୍ତଜନଙ୍କ ପ୍ରସାଦ ପାଇଁ।

କିନ୍ତୁ ପ୍ରକୃତ କଥା ହେଲା, ମନ୍ଦିର ଭିତର ଝର୍କାବାଟେ ପବନ ବୋହିଲା, ଫୁଲଟି କୁଆଡେ ଉଡ଼ିଗଲା। ମନ୍ଦିରରେ ଥା'ନ୍ତି ଅନେକ ମୂଷା। ଚୋର ମୂଷାଟିଏ ଫଳଟିକୁ ନେଇ ବାହାରକୁ ପଳାଇଲା, ସେଠି ତାକୁ ଆହାର କଲା ଏବଂ ତହିଁରୁ ମଞ୍ଜିତକ ଭୂମିରେ ପକାଇଦେଲା। ବିତିଗଲା ବର୍ଷ ବର୍ଷ। ଠିକ୍ ମନ୍ଦିର ପ୍ରାଚୀର ପାଖେ ଯେଉଁଠି ମୂଷା ଫଳଟିକୁ ଭକ୍ଷଣ କରି ମଞ୍ଜିକୁ ତଳେ ପକାଇ ଦେଇଥିଲା, ସେଇଠି ଜନ୍ମ ନେଲା ଏକ ଗଛ। ଋତୁର ଆବର୍ତ୍ତନ ପରିବର୍ତ୍ତନ ପ୍ରକ୍ରିୟାରେ ବୀଜରୁ ଅଙ୍କୁର, କ୍ରମଶଃ ଚାରା ଓ ତା'ପରେ ପୂର୍ଣ୍ଣାଙ୍ଗ ବୃକ୍ଷ। ସବୁଜ ପତ୍ର ପୂର୍ଣ୍ଣ, ସୁଢ଼ଳ, ସୁଦୃଶ୍ୟ ଛନ୍ଦଛନ୍ଦ ଯୌବନଭରା ଗଛଟିଏ। ସେହି ସବୁଜମତୀ ଗଛରେ କେତେ ପକ୍ଷୀ ବସାବାନ୍ଧି ରହନ୍ତି, ଅଣ୍ଡା ଦିଅନ୍ତି, ପକ୍ଷୀ ଶିଶୁ-ଶାବକମାନଙ୍କ ହର୍ଷଧ୍ୱନି ସ୍ୱର ଓ କାକଳିରେ ପରିବେଶ ଉଚ୍ଛୁଳି ଉଠେ। କିନ୍ତୁ ସ୍ୱାସ୍ଥ୍ୟବତୀ ବୃକ୍ଷ-ତରୁଣୀର ଦୁଃଖ ବୁଝିବ କିଏ ? ପୂର୍ଣ୍ଣ ଯୌବନ ଲାବଣ୍ୟ ଥିଲେ ମଧ୍ୟ ଫୁଲଟିଏ ଧରିଲେ ତାହା ଝଡ଼ି ପଡୁଛି ମା' ଗର୍ଭରୁ ଗର୍ଭପାତ ଭଳି। ସେ କ'ଣ ଏମିତି ନିଷ୍ଫଳା ବୃକ୍ଷଟିଏ ହୋଇ ରହିଯିବ ? ନିଃସନ୍ତାନ ଅଭିଶାପର ଜ୍ୱାଳା କେତେ ମର୍ମାନ୍ତିକ ଓ ଯନ୍ତ୍ରଣାଦାୟକ କେବଳ ନାରୀ ହିଁ ବୁଝିପାରେ। ଜୀବନ ତା'ର ଅସଫଳ, ଅସାର, ମୂଲ୍ୟହୀନ। ଗୋଟାଏ ଗଭୀର ହତାଶ ଭିତରେ କାଳାତିପାତ କରୁଥାଏ ମନ୍ଦିର ପାଚେରି ପାଖ ସେଇ ବୃକ୍ଷ-ତରୁଣୀଟି। କେତେ ବିକଳ ହୋଇ ଠାକୁରଙ୍କୁ ପ୍ରାର୍ଥନା କରୁଥାଏ ସନ୍ତାନଟିଏ ପାଇଁ କୁଳରକ୍ଷା ଉଦ୍ଦେଶ୍ୟରେ, ମା' ହେବାର ଆଶା ଓ ଅଭିପ୍ରାୟରେ। କେତେ ଆକୁଳ ନିବେଦନ ତା'ର ଅନ୍ତଃସ୍ୱରରେ। ଆଣ୍ଟୁକୁଡୀ ଜୀବନରୁ ମୁକ୍ତି ପାଇବା ପାଇଁ ତା'ର ବ୍ୟାକୁଳ ମିନତି ଜଣାଇ ରହିଥାଏ ଈଶ୍ୱରଙ୍କ ପାଖେ। ଏମିତି ବିତିଯାଏ ବର୍ଷ ବର୍ଷ, ଅନେକ ବର୍ଷ...।

ଏମିତି ଦିନେ ଦ୍ୱିପ୍ରହର ବେଳାରେ ଯେତେବେଳେ ମୃଦୁ-ମନ୍ଦ-ମଳୟ ବହୁଥିଲା, ପବନରେ ବସନ୍ତ ଖେଳୁଥିଲା, ଚତୁର୍ଦ୍ଦିଗ କାକଳିର ତାନରେ ସ୍ନାନ କମ୍ପି ଉଠୁଥିଲା, ଏକ ଅଭୂତପୂର୍ବ ଅଭିନବ ଶିହରଣରେ ବୃକ୍ଷଟି ଉଲ୍ଲସି ଉଠିଲା। ଏ କି ଅପୂର୍ବ ସ୍ୱର୍ଗୀୟ ଆନନ୍ଦ! ସର୍ବାଙ୍ଗରେ ତା'ର ଅମୃତ ପରଶ। କିଏ ଆଣି ବିଞ୍ଚିଦେଲା

Digitized by PPRACHIN, SOA

ଏଇ ସଂଜ୍ଞାବନୀ ଟିକକ!! ଏ କ'ଣ ସ୍ତ୍ରୀ-ପୁରୁଷ ମିଳନର ଅମୃତ ରସ, ସଂଗମର ଅପୂର୍ବ ମୁହୂର୍ତ୍ତ, ଯାହାପାଇଁ ସେ ବ୍ୟାକୁଳିତ ହେଉଥିଲା ଅନେକ ବର୍ଷ ହେଲା!!! କିଏ ସେ ପୀୟୂଷର ଦେବଦୁର୍ଲଭ ବାହକ? ତାକୁ ସେ କୋଟି ପ୍ରଣାମ କଲା ଓ କୋଟି ପରମାୟୁ କାମନା କଲା ତା'ର।

ଏଠି ଶୀତ ଅନ୍ତେ ବସନ୍ତ ଆସନ୍ତେ ଅନୁଷ୍ଠିତ ହୁଏ ବସନ୍ତ ମେଳା ଫି' ବର୍ଷ। ବାସନ୍ତୀ ପ୍ରକୃତିର ମନଲୋଭା ପରିବେଶ ଭିତରେ ବନାଞ୍ଚଳ ମୁଖରିତ ହୋଇଉଠେ। ଦୂରଦୂରାନ୍ତରୁ ଶ୍ରଦ୍ଧାଳୁ ଭକ୍ତଜନଙ୍କ ପଟୁଆର ଛୁଟିଥାଏ ପର୍ବତର ଶିଖରକୁ, ଯେଉଁଠି ଏହି ଶିବ ମନ୍ଦିରଟି ବିରାଜମାନ କେଉଁ ଅନନ୍ତ କାଳରୁ। ଧୂପ, ଘଣ୍ଟ, ଘଣ୍ଟି, ହରିବୋଲ, ହୁଳହୁଳି, ଖୋଳ, ଗିନି, ପେଁକାଳି, ମହୁରୀ ଆଦିର ବାଦ୍ୟଧ୍ୱନିରେ ଅଞ୍ଚଳ ଉଛୁଳି ଉଠେ। ପୂଜାର ଷୋଡଶ ଉପଚାରରେ ମନ୍ଦିର ପ୍ରାଙ୍ଗଣ ଭରପୂର ହୋଇଯାଏ। ନାନାଦି ଫୁଲ ଓ ଫଳର ବାସ୍ନାରେ ମହକିତ ହୁଏ ସର୍ବତ୍ର। ମଧୁପମାନେ ଆକର୍ଷିତ ହୋଇ ଫୁଲରେ ବସନ୍ତି, ମଧୁପାନ କରନ୍ତି ଆକଣ୍ଠ, ପୁନଶ୍ଚ ଉଡିଯାଆନ୍ତି ପାଖ ବୃକ୍ଷ ଡାଳକୁ। ଏମିତି ଡାଆଁଣା ଭଁଅରଟିଏ ମନ୍ଦିର ବେଢ଼ା ଠାକୁର ଅର୍ପିତ ପୁଷ୍ପଗୁଚ୍ଛରୁ ମଧୁପାନ କରି ଆସି ବସିଲା ଏଇ ବୃକ୍ଷ ଡାଳରେ। କଡ଼ଟିଏ ଉଙ୍କି ମାରୁଥିଲା ବୃକ୍ଷ ଡାଳରେ। ରହି ପାରିଲା ନାହିଁ ମଧୁଲୋଭା ପିପାସୁ ଭଁଅର। ବସି ପଡ଼ିଲା ପ୍ରସ୍ଫୁଟମାନ ଫୁଲ ଉପରେ। ଆକଣ୍ଠ ପାନ କଲା ମଧୁ। ପ୍ରତିଦାନ ସ୍ୱରୂପ ପରାଗରେଣୁ ବିଞ୍ଚି ଦେଇଥିଲା ଫୁଲଟି ଉପରେ, ଯେଉଁ ସୂକ୍ଷ୍ମ ରେଣୁଗୁଡ଼ିକ ତା' ପାଦରେ ଲାଗି ରହିଥିଲା ଅନ୍ୟ ଫୁଲରୁ ମଧୁ ଆହରଣ କଲାବେଳେ। ପରାଗ ରେଣୁର ସ୍ପର୍ଶ ସର୍ବାଙ୍ଗରେ ସଞ୍ଚରିତ ହେଲା ବୃକ୍ଷଟିର। ଗୋଟାଏ ପରିପୂର୍ଣ୍ଣତାର ତରଙ୍ଗରେ ପୂରି ଉଠିଲା ତା' ହୃଦୟ। ଫି' ବର୍ଷ ଗଛରେ ଫୁଲ ଆସେ, କିନ୍ତୁ ଝରିପଡ଼େ ଗର୍ଭପାତ ଭଳି। ସ୍ୱପରାଗ ସଂଗମ ସଫଳ ହୁଏନି ତା' ପକ୍ଷେ। କିନ୍ତୁ ପରପରାଗ ସଂଗମରେ ଥାଏ ଏତେ ଉନ୍ମାଦ ସତେ! ଗର୍ଭଧାରଣର ଏହି ପବିତ୍ର ଲଗ୍ନ ଓ ମାହେନ୍ଦ୍ର ମୁହୂର୍ତ୍ତର ଅନୁଭବ ଅନୁଭବୀ ହିଁ ଜାଣେ। ବର୍ଣ୍ଣନାତୀତ ସେ ଅନୁଭବ।

ଆଜି ବୃକ୍ଷର ନିଷ୍ଫଳା ଜୀବନ ସଫଳତାର ଦ୍ୱାରଦେଶରେ ଉପନୀତ। ସେ ମା' ହେବାକୁ ଯାଉଛି। ଆଉ ଅଳ୍ପଦିନ ପରେ କୁଆଁକୁଆଁର ସ୍ୱରରେ ଏକ୍ରୁଡ଼ିଶାଳ ପୂରି ଉଠିବ। ତା'ର ପ୍ରଥମ ଫଳଟି ସେଇ ମନ୍ଦିର ଭିତରେ ପୂଜିତ ହର ହର ମହାଦେବଙ୍କୁ ଅର୍ପଣ କରିବାକୁ ମନସ୍ଥ କଲା ବୃକ୍ଷ। ଉଦ୍‌ଗ୍ରୀବ ହୋଇ ଚାହିଁଲା ସେଇ ଶୁଭ ଦିନକୁ।

ଆନନ୍ଦର ଦିନଟି ଆସିଲା। ବୃକ୍ଷଟି ପୁଷ୍ପ ଫଳରେ ବିମଣ୍ଡିତ ହେଲା। ଭକ୍ତି ଗଦ୍‌ଗଦ୍ ଶ୍ରଦ୍ଧାପୁତ ନୟନରେ ପ୍ରଥମ ସୁପକ୍ୱ ଫଳଟି ଧରି ଧାଇଁଲା ମନ୍ଦିର ଭିତରକୁ।

Digitized by PPRACHIN, SOA

ଅର୍ଘ୍ୟ ସ୍ୱରୂପ ଅର୍ପଣ କଲା ଈଶ୍ୱରଙ୍କୁ। କହିଲା - ହେ ପ୍ରଭୁ, ପୁଷ୍ପ ରେଣୁବିନା ଫଳ ଜନ୍ମଲାଭ କରିବା ଅସମ୍ଭବ ଏବଂ ଫଳ ବିନା ପୁଷ୍ପର ଅସ୍ତିତ୍ୱ ଅଚିନ୍ତ୍ୟ। ଈଶ୍ୱର ପ୍ରସନ୍ନ ହୋଇ କହିଲେ- ଫୁଲ ଓ ଫଳର ସଂପର୍କ ଅତି ନିବିଡ଼। ଉଭୟ ଏକ, ଅବିଚ୍ଛିନ୍ନ, ଉଭୟେ ଉଭୟଙ୍କର ପରିପୂରକ, ଗୋଟିଏ ମୁଦ୍ରାର ଦୁଇପାର୍ଶ୍ୱ ଭଳି। ସେମାନେ ଶରୀର ରକ୍ତର ଶ୍ୱେତ ଓ ଲୋହିତ ରକ୍ତକଣିକା ସଦୃଶ। କିନ୍ତୁ ଭୂମିକା ଭିନ୍ନ। ସୃଷ୍ଟି ପ୍ରକ୍ରିୟାକୁ ଅନନ୍ତକାଳ ପର୍ଯ୍ୟନ୍ତ କ୍ରିୟାଶୀଳ ଓ ବଂଶବିସ୍ତାର ପାଇଁ ଜୀବଜଗତ ନିମନ୍ତେ ଫୁଲ ଓ ଫଳର ଅପରିହାର୍ଯ୍ୟ ଭୂମିକା। ବିନା ଫୁଲ ଓ ଫଳରେ ଜଗତ ଜଡ଼ପିଣ୍ଡ ପାଲଟିଯିବ। ତେବେ ଯେଉଁ ଫୁଲଟି ଦ୍ୱାରା ଫଳଟି ଆତ୍ମପ୍ରକାଶ କରିଛି, ତାକୁ ସର୍ବଦା ମୁଣ୍ଡେଇ ରଖିବୁ, ମୁଁ ଖୁସି ହେବି। ସେଇ ଦିନଠୁଁ ଡାଳିମ୍ବ ଫଳଟି ସର୍ବଦା ଫୁଲଟିକୁ ମୁଣ୍ଡାଇ ରହିଥାଏ। ସେ ଫଳ ଈଶ୍ୱରଙ୍କର ଅତି ପ୍ରିୟ। ବୃନ୍ତଚ୍ୟୁତ ଅନ୍ତେ ଯେଉଁ ପକ୍ୱଫଳଟି ଫୁଲଟିକୁ ମୁଣ୍ଡାଇଥାଏ, ସେଇ ଫଳକୁ ଈଶ୍ୱର ଅତ୍ୟନ୍ତ ଶ୍ରଦ୍ଧା କରନ୍ତି। ଏହିପରି ଭାବେ ସ୍ୱୟଂ ଈଶ୍ୱର ଫୁଲ ଓ ଫଳର ବିବାଦ ସମାଧାନ କରିଥିଲେ।

ସେହିପରି ଏବେ ବଣ 'ରାଜା କିଏ, ହାତୀ କି ବାଘ ?' ସେମାନଙ୍କ ଶକ୍ତି ଓ ସ୍ୱାଭିମାନର ଲଢେଇ ବିଚାର୍ଯ୍ୟ।

ବାଘ କହେ: ମୁଁ ବଳବାନ। ମୋ ପଞ୍ଝାରେ ପ୍ରବଳ ବଳ ଅଛି। ଗାଈ ମଇଁଷି ଭଳି ବୃହତ୍ ଜୀବକୁ ଗୋଟେ ଥାପଡରେ ତା ବେକ ଭାଙ୍ଗିଦେବି ଏବଂ ତାକୁ ଘୋଷାରି ଘୋଷାରି ମାଇଲ ମାଇଲ ନେଇପାରିବି।

ହାତୀ କହେ: ମୁଁ ସ୍ଥଳଭାଗରେ ସର୍ବବୃହତ୍ ପ୍ରାଣୀ, ମୋର ଓଜନ ୫ ଟନ୍, ତୋଠୁଁ ମୁଁ ବଳବାନ। ମୁଁ ମହଣ ମହଣ ଓଜନର ଜିନିଷ ମୋ ଲମ୍ବା ଦାନ୍ତରେ ଉଠାଇ ଶୁଣ୍ଢରେ ଗୁଡ଼ାଇ ଟେକି ଟେକି ଯେତେ ବାଟ କହିବୁ ନେଇପାରିବି। ତୁ ନେଇପାରିବୁ ?

ବାଘ: କିନ୍ତୁ ରାଜା ହେବାକୁ ହେଲେ ଖଡ଼ଗ୍ ଭଳି ତୀକ୍ଷ୍ଣ ଅସ୍ତ୍ର ଦରକାର। ଦାନ୍ତ ମୋର ତୀକ୍ଷ୍ଣ ଅସ୍ତ୍ର। ମୋ ପାଟିକୁ ଦେଖୁଛୁ କେତେ ବିଶାଳ। ମୋର ନଖ କେତେ ମୁନିଆ। ଯେ କୌଣସି ପ୍ରାଣୀକୁ ମାରି ବିଦାରି ଖିନ୍‌ଭିନ୍ କରି ତା'ର ରକ୍ତ ଶୋଷି ନେବି ଏବଂ ତା ମାଂସକୁ ପେଟେ ଖାଇ ହାଇ ମାରିବି।

ହାତୀ: ମୋର ମଧ୍ୟ ଯଥେଷ୍ଟ ଅସ୍ତ୍ର ଅଛି। ମୋର ୧୦ ଫୁଟିଆ ଦୁଇଟି ଦାନ୍ତ କେତେ ମଜବୁତ ଜାଣୁ ? ସେଇ ଦାନ୍ତ ଜାବରେ ଯିଏ ପଡ଼ିବ ସେ ଆଉ କେବେ ଖସି ଯାଇପାରିବ ନାହିଁ। ତା'ର ନିଶ୍ଚିତ ମୃତ୍ୟୁ ଜାଣ। ମୋ ସରୁଆସି ଦାନ୍ତରେ ଭୁସିପାରିବି ଯେକୌଣସି ଜୀବକୁ ଏବଂ ତାକୁ ମୋ ଶୁଣ୍ଢରେ ଗୁଡ଼େଇ ଗୁଣ୍ଡଗୁଣ୍ଡା କରିଦେବି। ତୁ ପାରିବୁ ?

Digitized by PPRACHIN, SOA

Digitized by PPRACHIN, SOA

ବାଘ: ତୋର ଏଡ଼େ ବିଶାଳ ଶରୀର ହେଲେ ହେଁ ମୁଁ ପଛଆଡୁ କୁଦାମାରି ତୋ ପିଠିରେ ଚଢ଼ିଯାଇ ତୋ ମୁଣ୍ଡ ଉପର ବେକ ମୁଣ୍ଡାକୁ ମୋ ମୁନିଆଁ ଦାନ୍ତରେ କାମୁଡ଼ି ଦେଲେ ତୁ ଶେଷ ଜାଣ।

ହାତୀ: ମୁଁ ତତ୍‌କ୍ଷଣାତ୍ ଭୂଇଁରେ ଚିତ୍ ହୋଇ ଶୋଇପଡ଼ିଲେ ତୁ ତଳେ ପଡ଼ି ଚାପିହୋଇ ମରିଯିବୁ। ତୋ ପଞ୍ଝାରେ ମୋ ଶକ୍ତ ଗୋଡ଼କୁ ମାରି ଦେଖ୍। ମୋ ପାହୁଲ ପାଦରେ ଏତେ ବଳ ଯେ ତୋ ଦେହକୁ ଦଳି ଚକଟି ଦେଇ ମାରିଦେବି। ଆ' ଥରେ ପରୀକ୍ଷା କରି ଦେଖେ।

ବାଘ: ତୁ ଜାଣୁ? ଜଗତ ଠାକୁରାଣୀ ଖଡ଼୍‌ଗଧାରିଣୀ ମହିଷମର୍ଦ୍ଦିନୀ ମା' ଦୁର୍ଗା ମୋ ବଳ ଦେଖି ମୋତେ ବାହାନ ବୋଲି ବାଛିଛନ୍ତି, ତୋତେ ନୁହେଁ।

ହାତୀ: ଈଶ୍ୱର ମୋ ମୁଣ୍ଡ ନେଇ ଗଣେଶଙ୍କ ମୁଣ୍ଡରେ ଥାପିଛନ୍ତି, କାରଣ ମୁଁ ତୀକ୍ଷଣ୍ ବୁଦ୍ଧିଆ। ମୋର ଉନ୍ନତ ମସ୍ତିଷ୍କ। ଏହା ଧରାଧାମରେ ମଣିଷ ଶରୀରରେ ମସ୍ତିଷ୍କ ପ୍ରତିରୋପଣର ସୂଚନା ଦିଏ। ବୁଦ୍ଧିଦାତା, ଶିକ୍ଷାଦାତା ଗଣେଶ ଦେବତାଙ୍କୁ ମାର୍ଗ ପ୍ରଦର୍ଶକ ଭାବେ ଆରାଧନା କରାଯାଏ। ଏଣୁ ମୁଁ ହିଁ ଈଶ୍ୱରଙ୍କ କଲ୍ୟାଣପାତ୍ର, ପବିତ୍ର ପ୍ରତିନିଧି। ତୁ କିନ୍ତୁ ନୁହେଁ। ତୁ ମୂର୍ଖ। ବୁଦ୍ଧି ନଥିଲେ ନୀଳବର୍ଣ୍ଣ ଶୃଗାଳ ପରି ହୀନସ୍ତା ଭୋଗିବାକୁ ପଡିବ ତୋତେ। ଖାଲି ଦୁର୍ଗାଙ୍କର ବାହନ ବୋଲି ବାହାସ୍ଫୋଟ ମାରିବା ବୃଥା ମାତ୍ର। ତୁ ସିଂହାସନରେ ବସିବୁ କେମିତି ? ମୁଁ ହିଁ ଯୋଗ୍ୟ ପାତ୍ର।

ବାଘ: ଆମ ବାଘ ଜାତି ବି କିଛି ପଛରେ ପଡିନାହିଁ । ଜୀବ ବିଜ୍ଞାନୀମାନେ ମୋ ଶକ୍ତିବାନ ବୀଜକୁ ସିଂହୀର ଗର୍ଭାଶୟରେ ରୋପଣ କରି 'ଟାଇଗନ୍' ଭଳି ଉନ୍ନତ ଜୀବନ ସୃଷ୍ଟି କରିଛନ୍ତି ଏବଂ ଆହୁରି ଉନ୍ନତ 'ହାଇବ୍ରିଡ୍' ବାଘ ଶ୍ରେଣୀୟ ଜୀବ ସୃଷ୍ଟି ହେବେ । ଅଚିରେ ବାଘ କିମ୍ବା ତା ପ୍ରତିନିଧି ବିଶ୍ୱରେ ରାଜୁତି କରିବେ ।

ଆଉ ମୁଁ ତୋ ପରି ମଠୁଆ ନୁହେଁ। ମୁଁ ଚଞ୍ଚଳ। ମୋର କ୍ଷିପ୍ରଗତି। ଘଣ୍ଟାକୁ ୬୦କି.ମି. ବେଗରେ ମୁଁ ଦୌଡ଼ିପାରେ ଯେମିତି ତୀର ଭଳି ପବନରେ କିଏ ପହଁରିଯାଉଛି। ବେଗ ହିଁ ଉନ୍ନତିର ଲକ୍ଷଣ। ତୋର ଘଣ୍ଟାକୁ ଗତି ମାତ୍ର ୧୦ କି. ମି. ଖୁବ୍ ବେଶୀରେ ୧୫ କି. ମି. ।

ହାତୀ: ଧୀର ପାଣି ପଥର କାଟେ। ତୁ କେତେ ବାଟ ଦୌଡ଼ିପାରିବୁ? ଖୁବ୍ ବେଶୀରେ ୧୦୦ କି. ମି. ରୁ ୧୩୦ କି. ମି; କିନ୍ତୁ ମୁଁ ଅବିରତ ଭାବେ ଅସୀମ ବାଟ ଯାଇପାରିବି । ମୁଁ ଅତି ଧୀର ନୁହେଁ କି ଅତି ତର ତର ନୁହେଁ । ଅତି ତରତର ପ୍ରମାଦ ଆଣେ, ଅତି ଧୀର ଧୀର ପଛକୁ ଟାଣେ- ମୋ ନୀତି । ବୁଝୁଛୁ?

Digitized by PPRACHIN, SOA

ବାଘ: ରାଜା ହେବାକୁ ହେଲେ ରୂପ, ସୌନ୍ଦର୍ଯ୍ୟ, ଠାଣି ଓ ରାଜକୀୟ ପୋଷାକ ଦରକାର। ଦେଖ୍ ମୋ ଦେହର ରୂପ ଆଉ ରଂଗକୁ। ଭେଲଭେଟ୍ ଚଦର ଭଳି ଦେହ ମୋର ଚିକ୍ ଚିକ୍ କରୁଛି। ମୋ ଦେହ ସାରା କଳାଗାର, ଆଙ୍କିଲା ଭଳି ଆଖିଦୃଶିଆ ସୌନ୍ଦର୍ଯ୍ୟ - ନାଲି ହଳଦୀ ଚର୍ମ ଉପରେ କଳା କଳା ପଟାଗାର, ଦେଖୁଛୁ କେତେ ସୁନ୍ଦର! ଧଳା ବାଘ ଦେଖିଛୁ ? ସେ ଆହୁରି ରମଣୀୟ ? ଆଉ ତୁ ବିରାଟକାୟ ବିଶାଳ ହେଲେ କ'ଣ ହେବ; ଭୁଷୁଣ୍ଡା କଳା, ତୁ ଦେଖିବାକୁ ଖୁବ୍ ଅସୁନ୍ଦର। ମୁଁ ପିତଳ ହାଣ୍ଡି ହେଲେ ତୁ ମାଟି କଳାହାଣ୍ଡି। କାହିଁ ପିତଳ, କାହିଁ ମାଟିହାଣ୍ଡି।

ହାତୀ: ଥିଲେ ଥାଉ ପଛେ ରୂପ ହଜାର, ଗୁଣ ନ ଥିଲେ ସବୁ ଅସାର। କୋଇଲି କଳା ହେଲେ ତା'ର ସ୍ୱର କେତେ ମଧୁର। କାଉ ଭଳି ତୋର କର୍କଶ ସ୍ୱର। ମୋର କିନ୍ତୁ ମଧୁର ସ୍ୱର, ମୁଁ ସୁର ଦେଇ ତୂରୀ ବଜାଏ। ତୁ ଘାଉଁ ଘାଉଁ କରି ଢୋଲ ବଜାଉ। ଢୋଲ ନା ତୂରୀ, କାହାର ସ୍ୱର ମଧୁର ? ମଧୁରାଳାପି ଆଦର ପାଏ, କର୍କଶଭାଷୀ ଘୃଣା ଜନ୍ମାଏ । ଆଉ ଜାଣୁ, ମୁଁ ମଧ ଧଳା ରଂଗର ଅଛି। ଥାଇଲାଣ୍ଡ୍‌ର ଧଳା ହାତୀ ଜଗତ ବିଖ୍ୟାତ।

ବାଘ: ମୋତେ ସବୁ ପ୍ରାଣୀ ପ୍ରାଣରେ ଭୟ କରନ୍ତି କ୍ୟାଁକି ସେମାନେ ମୋର ଖାଦ୍ୟ, ମୁଁ ସେମାନଙ୍କ ଖାଦକ। ଯାହାର ଭୟ ଦେଖାଇବାର ଶକ୍ତି ନାହିଁ ସେ ରାଜଶାସନ କରିବ କେମିତି ? ପ୍ରଜାମାନେ ମୁଣ୍ଡରେ ଚଢ଼ିବେ। ତେଣୁ ମୁଁ ରାଜ ସିଂହାସନର ଅଧିକାରୀ, ଜଙ୍ଗଲର ଉଚିତ୍ ରାଜା। ତୁ ଅନ୍ୟମାନଙ୍କ ଭଳି ପ୍ରଜା ଆଉ ସେବକ ମାତ୍ର।

ହାତୀ: କେବଳ ଖଣ୍ଡାସ୍ତ୍ରରେ କ'ଣ ଶାସନ କରିହୁଏ ? ରାଜା ହେବାକୁ ହେଲେ ଦୟାଳୁ, କ୍ଷମାଳୁ, ଶ୍ରଦ୍ଧାଳୁ ଓ ପ୍ରଜାବତ୍ସଳ ହେବାକୁ ପଡ଼ିବ। ମୁଁ ସବୁ ଜୀବକୁ ଶ୍ରଦ୍ଧା କରେ। ମୁଁ କୌଣସି ଜୀବକୁ ହତ୍ୟା କରେନାହିଁ କି କାହାର ମାଂସ ଖାଏ ନାହିଁ, ସଂପୂର୍ଣ୍ଣ ଶାକାହାରୀ, ତୃଣଭୋଜୀ ଓ ନିରାମିଷାଶୀ। ମୁଁ ପରୋପକାରୀ। ଈଶ୍ୱର ମୋ ଶରୀରକୁ ବିଶାଳ କରିଛନ୍ତି ଓ ଦେହ ଚମଡ଼ାକୁ ମୋଟା କରିଛନ୍ତି କାରଣ ଘଞ୍ଚ କଣ୍ଟାବୁଦାପୂର୍ଣ୍ଣ ବଣ ନଟାରେ ମୁଁ ପଶିଯାଇ କଣ୍ଟାକୁ ଭ୍ରୂକ୍ଷେପ ନକରି ବାଟ ପରିଷ୍କାର କରିଦିଏ ସମସ୍ତଙ୍କ ପାଇଁ। ମୁଁ ପଥ ପ୍ରଦର୍ଶକ। ଆଉ ମୋର ବିଶାଳ କାନ ? ଏତେବଡ କାନ କାହାର ନାହିଁ ଜଗତରେ। ଯୋଜନ ଯୋଜନ ଦୂରରୁ ମୁଁ ସୂକ୍ଷ୍ମ ସ୍ୱର ଶୁଣିପାରେ ଆଉ ବିପଦର ପୂର୍ବାଭାସ ଜାଣିପାରେ, ସତର୍କ

Digitized by PPRACHIN, SOA

କରିଦିଏ ପ୍ରାଣୀସମୂହକୁ। ତୋ'ର କିନ୍ତୁ ଚୋର ବୃତ୍ତି, ଦୁଷ୍ଟ ବୁଦ୍ଧି, ହୀନ ପ୍ରକୃତି। ଲୁଚି ଲୁଚି ଛପି ଛପି ଜୀବ ମାରୁ। ଗୁହାଳ ଭିତରୁ ଛେଳି, ମେଣ୍ଢା, ଗାଈ ବା ବାଛୁରୀ ଟାଣିନେଇ ହତ୍ୟାକରି ଖାଉ। ନରଖାଦକ ହୋଇ ମଣିଷ ବି ମାରୁ। ତୁ ଛୁଆଖାଈ, ହତ୍ୟାକାରୀ। ମୋ ଛୁଆ ଉପରେ ତୋର ସର୍ବଦା ଅତ୍ୟନ୍ତ ଲୋଭ। ମୋର କିନ୍ତୁ ତୋର ଛୁଆ ଉପରେ ଟିକିଏ ହେଲେ ଲୋଭ ନାହିଁ। ମୁଁ ତୋ'ପରି ରକ୍ତମୁଖା ନୁହେଁ। ମୁଁ ଶାନ୍ତିପ୍ରିୟ । ସର୍ବେ ଭବନ୍ତୁ ସୁଖୀନଃ, ସର୍ବେସନ୍ତୁ ନିରାମୟ- ମୋର ଅଭିପ୍ରାୟ। ଏ ସବୁ ଗୁଣ ତୋ ପାଖେ ଆଦୌ ନାହିଁ। ଏଣୁ ରାଜା ହେବା ପାଇଁ ତୁ ସଂପୂର୍ଣ୍ଣ ଅନୁପଯୁକ୍ତ। ଚୋର, ଡ଼କାୟତମାନେ ରାଜା ହେଲେ ରାଜ୍ୟଶାସନ କ'ଣ ଚାଲିପାରେ ?

ବାଘ: ତୁ ଛାର ତୃଣଭୋଜୀ ପ୍ରାଣୀ। ତୃଣରେ ବଳ କ'ଣ ଅଛି ? ମାଂସେନ ବର୍ଦ୍ଧତେ ବଳଂ। ବିନା ବଳରେ ରାଜା ହେବା ଅସମ୍ଭବ। ନିରାମିଷାଶୀ ଜୀବମାନେ ଡ଼ାଳପତ୍ର ଖାଇ ବଞ୍ଚନ୍ତି ଓ ଦେହରେ ରକ୍ତ ମାଂସ ତିଆରି କରାନ୍ତି। ସେଇମାନଙ୍କ ରକ୍ତ ମାଂସ ସାରାଂଶ ଖାଇ ମୁଁ ସବୁଠାରୁ ବଳବାନ ଜୀବ ହୋଇଛି। ଆଉ ତୁ ଛାର ତୃଣଭୋଜୀ ଜୀବ, ଶକ୍ତିହୀନ; ରାଜାହେବାକୁ ଅଯୋଗ୍ୟ, ଅକ୍ଷମ, ଅନୁପଯୁକ୍ତ, ଅପାରଗ ।

ହାତୀ: ସ୍ତନ୍ୟପାୟୀ ଜୀବମାନେ ଦେହରେ କ୍ଷୀର ଉତ୍ପାଦନ୍ତି। କ୍ଷୀର ନିରାମିଷ, ସେଇ କ୍ଷୀର ଅମୃତ ସମାନ। କ୍ଷୀର ଆଉ ରକ୍ତର ପାର୍ଥକ୍ୟ କେବଳ ରଂଗରେ। ତାକୁ ଖାଇ ପ୍ରତ୍ୟେକ ଜୀବ ବଞ୍ଚନ୍ତି। ତୁ ଜନ୍ମ ହେଲା ମାତ୍ରେ କ୍ଷୀର ପିଉଥିଲୁ, ପରେ କ୍ଷୀର ଛାଡ଼ି ମାଂସ ଖାଇଲୁ। ଧର୍ମଛଡ଼ା ହେଲୁ। ମୁଁ କିନ୍ତୁ ଅମୃତ ସମାନ ଖାଦ୍ୟ ଖାଏ, ଅମୃତର ସନ୍ତାନ । ଜନ୍ମରୁ ସେଇ ନିରାମିଷ ଖାଦ୍ୟ ଖାଉଛି। ତୁ କିନ୍ତୁ ଅମୃତ ଛାଡ଼ି ବିଷ ଖାଉଛୁ। ସେଥିପାଇଁ ତୋର ଆୟୁ କେତେ ? ତୋ ଜୀବନ କାଳ ୨୦ ରୁ ୨୫ ବର୍ଷ, ଖୁବ୍ ବେଶୀରେ ୩୦ ବର୍ଷ। ତୁ ସେଥିପାଇଁ ଅଳ୍ପାୟୁ। ମୁଁ କିନ୍ତୁ ଦୀର୍ଘାୟୁ। ମୋର ଆୟୁ ଏକଶତ ବର୍ଷ।

ଆଉ ଜାଣୁ, ମୁଁ ଗଛଡାଳ ପତ୍ର ଖାଇଥାଏ, ଯେଉଁ ଗଛମାନେ ମୋତେ ସ୍ୱାଗତ କରିଥା'ନ୍ତି ଓ ମୁଁ ଡାଳ ଖାଇଲା ବେଳେ ତୃପ୍ତି ଅନୁଭବ କରିଥା'ନ୍ତି, ଯେମିତି ଗାଈ ପହ୍ନାରୁ ବାଛୁରୀ ଦୁଗ୍ଧପାନ କଲା ବେଳେ ମା' ଗାଈ ଅନୁଭବ କରିଥାଏ। ମୁଁ ଡାଳପତ୍ର ଖାଇବା ଦ୍ୱାରା ଗଛର କିଛି କ୍ଷତି କରିନଥାଏ, ବରଂ ମୋ ପାଇଁ ପୁନଶ୍ଚ ଗାଈ ପହ୍ନାରେ କ୍ଷୀର ଜାତ ହେଲା ଭଳି ନୂତନ ଡାଳପତ୍ର ଗଛରେ ଆହୁରି ଝଙ୍କାଳିଆ ହୋଇ କଅଁଳି ଥାଏ। ତୁ ରାକ୍ଷସ କିନ୍ତୁ ଯେଉଁଠି ମୁହଁ ମାରୁ, ତା'ର ଜୀବନ ଶେଷ

Digitized by PPRACHIN, SOA

ହୋଇଯାଇଥାଏ, ସେ ଲୋପ ପାଇଯାଏ ବିବାକେ ଏ ସଂସାରରୁ। ମୁଁ କିନ୍ତୁ ହେଉଛି ହିତକାରୀ ଧର୍ମବୀର। ଜଗତରେ ଦେବ ପ୍ରକୃତିର ଧର୍ମବୀରମାନେ ରାଜୁତି କରିଥା'ନ୍ତି। ଧର୍ମଛଡ଼ା ମାଂସଲୋଭୀ ଅସୁରମାନେ ଧ୍ୱଂସ ପାଇଯା'ନ୍ତି।

ବାଘ: ତୋ ଭାବପ୍ରବଣତାର ମୂଲ୍ୟ ନାହିଁ, ଏଠି ବାସ୍ତବ ଦୁନିଆକୁ ଦେଖ। ସୃଷ୍ଟିର ନିୟମ, ଜୋର ଯା'ର ମୁଲକ ତା'ର। ମୋର ଜୋର ଅଛି। ମୁଁ ରାଜା ହେବି, ସିଂହାସନର ଅଧିକାରୀ ହେବି। 'ଜୋର୍'ର ଅନ୍ୟନାମ ଖଡ୍ଗ। ଖଡ୍ଗ ଦ୍ୱାରା ଶାସନ ଚାଲିବ। ପ୍ରଜାମାନେ ଘୃଣା କରିବା କି ଭଲପାଇବା ଶାସନ କ୍ଷେତ୍ରରେ ଅବାନ୍ତର, ନିଷ୍ପ୍ରୟୋଜନ ।

ହାତୀ: ପ୍ରଜାମାନେ କିନ୍ତୁ ତୋ ନିୟମ ଭାଙ୍ଗି ଦେବେ। ଯୁଗ ବଦଳିଲାଣି, ସେମାନେ ବିଦ୍ରୋହ କରି ତୋତେ ଗାଦିଚ୍ୟୁତ କରିଦେବେ। ଏବେ ପ୍ରଜାମାନେ ନିଜ ନିଜ ରାଜା ବାଛୁଛନ୍ତି। ତୋତେ କେହି ବାଛିବେ ନାହିଁ କାରଣ ତୁ ସମସ୍ତଙ୍କର ଘୃଣ୍ୟ, ଶତ୍ରୁ, ରକ୍ତମୁଖା। ମୁଁ କିନ୍ତୁ ସମସ୍ତଙ୍କ ଶ୍ରଦ୍ଧାଭାଜନ, ମିତ୍ର, ଶାନ୍ତିପ୍ରିୟ। ମୁଁ ନିର୍ବାଚିତ ହେବା ସୁନିଶ୍ଚିତ।

ବାଘ ଓ ହାତୀର ତର୍କ ଓ ଜଳିତକରାଳ ଏବଂ ବାକ୍ ବିବାଦର ସିଦ୍ଧାନ୍ତ ହୋଇପାରିଲା ନାହିଁ। ଜଙ୍ଗଲର କିଏ ରାଜା ଅସମାହିତ ହୋଇ ରହିଲା। କିନ୍ତୁ ସମୟ ଅତିକ୍ରାନ୍ତ ହୁଅନ୍ତେ, ଏହି ବିବାଦ ବୃଥା ବୋଲି ଉଭୟେ ଅନୁଭବ କଲେ; ଏଣୁ ଏକ ସାଲିସ ପତ୍ର ସ୍ୱାକ୍ଷରିତ କଲେ କାରଣ ରାଜା ହେବାପାଇଁ ଯେଉଁ ରାଜ୍ୟ ଆବଶ୍ୟକ ସେ ରାଜ୍ୟ ଆଉ ନାହିଁ, ନାହିଁ ବାସସ୍ଥଳୀ, ନାହିଁ ଚରାଭୂଇଁ। ସେ ରାଜ୍ୟକୁ ସ୍ୱାର୍ଥପର ଧୂର୍ତ୍ତ ଧ୍ୱଂସଖୋରୀ ମଣିଷ ଦଖଲ କରିନେଲାଣି। ବନର ଆମେ ଉଭୟ ବଳବାନ ପଶୁ ବର୍ତ୍ତମାନ ବିପନ୍ନମୁଖୀ। ଆମ୍ଭମାନଙ୍କର ଶତ୍ରୁ ମଣିଷ। ବଣର ରାଜା ପଦ ପାଇଁ ଆଉ ବିବାଦ ନକରି ଜବରଦଖଲକାରୀ ମଣିଷ ବିରୁଦ୍ଧରେ ସଂଗ୍ରାମ ପାଇଁ ଚୁକ୍ତିବଦ୍ଧ ହେବା, ନଚେତ୍ ରାଜ୍ୟ ନୁହେଁ ନିଜେ ହୋଇଯିବା ନିଶ୍ଚିହ୍ନ।

ଉଭୟେ ସହମତ ହେଲେ, ଜୀଇଁ ମରିବା ଅପେକ୍ଷା, ମରି ଜୀଇଁବା ଶ୍ରେୟ। ଆମେ ମରଣକୁ ବରଣ କରିବା ପଛେ, ଆସ ମିଶି ଯୁଦ୍ଧ କରିବା, ବନ ବିପ୍ଲବରେ ଯୋଗଦେବା। ବୁଦ୍ଧିମାନ ମଣିଷ ପାଖେ ଅବଶ୍ୟ ଅଛି ବନ୍ଧୁକ ଓ ଅସ୍ତ୍ର। ତଥାପି ଆମେ ଲଢ଼ିବା ଆଉ ମରିବା, ପଶୁ ସମାଜ ପାଇଁ ଶହୀଦ ହେବା...

ସେହି ଦିନଠାରୁ ବାଘ ଓ ହାତୀମାନେ ଜନପଦକୁ ମାଡ଼ିଆସୁଛନ୍ତି। ଆକ୍ରମଣ ଓ ସଂଗ୍ରାମ ଜାରି ରଖିଛନ୍ତି ଏବଂ ମାରୁଛନ୍ତି ମଣିଷକୁ ଏବଂ ମଣିଷ ମାରୁଛି ସେମାନଙ୍କୁ।

Digitized by PPRACHIN, SOA

ଜନପଦ ଭିତରକୁ ପଶିଆସି ମଣିଷ ବିରୁଦ୍ଧରେ ସଂଗ୍ରାମ ଜାରିରଖି ଆତଙ୍କ ସୃଷ୍ଟି କରିଥିବା (ଉଦାହରଣ ସ୍ୱରୂପ) କର୍ତ୍ତୃପକ୍ଷଙ୍କ ଆଦେଶ ବଳରେ ଲେଖକଙ୍କ ସ୍ୱୀକୃତିପ୍ରାପ୍ତ ଶିକାରୀ-ବନ୍ଧୁ ଆର୍ତ୍ତତ୍ରାଣ ବକ୍ସିଙ୍କ ଗୁଳିରେ ହତ କେତୋଟି ପଶୁ-ଶହୀଦଙ୍କ ମର୍ମାନ୍ତିକ ଫଟୋ

Digitized by PPRACHIN, SOA



Digitized by PPRACHIN, SOA

ବନ୍ଧୁଗଣ, ଆଜି ସ୍ଥଳଭାଗର ଏହି ସର୍ବବୃହତ୍ ପ୍ରାଣୀ ସର୍ବ ଶୁଚିର ସୂଚକ ହାତୀ ବିପନ୍ନମୁଖୀ, ଏହା ପ୍ରକୃତିମୋଦି, ଚିନ୍ତାବିତ୍ ଓ ପ୍ରାଣୀପ୍ରେମୀମାନଙ୍କୁ ଚିନ୍ତିତ ବ୍ୟଥିତ କରିଛି। ଜଙ୍ଗଲ କ୍ରମଶଃ କ୍ଷୟ ହେବା ସହିତ ସବୁ ବନ୍ୟଜନ୍ତୁଙ୍କ ପରି ହାତୀମାନଙ୍କ ସଂଖ୍ୟା ମଧ କମି କମି ଆସୁଛି। ତୃଣଭୋଜୀ ଉଦ୍ଭିଦଜୀବୀ ଏହି ହାତୀମାନେ ସେମାନଙ୍କ ବାସସ୍ଥଳୀ ଓ ଖାଦ୍ୟ ଅନ୍ୱେଷଣରେ ବାୟା ହୋଇ ବୁଲୁଛନ୍ତି। ପୂର୍ବଭଳି ସେମାନଙ୍କ ବୃକ୍ଷପୂର୍ଣ୍ଣ ବାସସ୍ଥଳୀ ଆଉ ନାହିଁ। ଯାହା ଜଙ୍ଗଲ ଦିଶିଛି, ସେଥିରେ ସେମାନଙ୍କର ନାହିଁ ପରିପୂର୍ଣ୍ଣ ଖାଦ୍ୟ, ନାହିଁ ଆବଶ୍ୟକ ଜଳ, ନାହିଁ ମଧ ଘଞ୍ଚ ଆଶ୍ରୟସ୍ଥଳ। ନଦୀରେ 'ନାହିଁ ମାଛ, ବନରେ ନାହିଁ ଗଛ' ହେଉଛି ସାଂପ୍ରତିକ ଅବସ୍ଥା। ଏହି ସମସ୍ୟା କ୍ରମଶଃ ଉତ୍କଟ ହେଉଛି ଏବଂ ଆଗକୁ ଉତ୍କଟତର ହେବ। ପୃଥିବୀ କ୍ରମଶଃ ନିଷ୍ପତ୍ର ପାଣ୍ଡୁର ମରୁଭୂମି ଆଡ଼କୁ ପ୍ରଧାବିତ। ମନୁଷ୍ୟ ସଭ୍ୟତା ଆଜି ଦୋ'ଛକିରେ ଦଣ୍ଡାୟମାନ। ଗୋଟିଏ ହସ୍ତରେ ବିଜ୍ଞାନ ଓ ବୈଷୟିକ ବିକାଶ, ଅନ୍ୟଟିରେ ପ୍ରାକୃତିକ ପରିବେଶ ଏବଂ ବନ ବନ୍ୟଜନ୍ତୁମାନଙ୍କର ବିନାଶ। ଉଚିତ୍ ମାର୍ଗ ନିର୍ଦ୍ଧାରଣ କରିବା ମୁସ୍କିଲ ହୋଇ ପଡ଼ିଛି ମଣିଷ ମସ୍ତିଷ୍କ ପାଇଁ। କେବଳ ହାତୀ କାହିଁକି ଅନ୍ୟ ବନ୍ୟପ୍ରାଣୀମାନେ ସହରମୁଖା ହୋଇ ଜନବସତି ଆଡ଼କୁ ମୁହାଁଇଲେଣି; ମୁହାଁଇବାକୁ ବାଧ ହେଉଛନ୍ତି। ଏକ ପକ୍ଷରେ ସଭ୍ୟ ଜଗତର ଦରଦୀ ମଣିଷ ସେମାନଙ୍କ ସଂଖ୍ୟା କିପରି ବୃଦ୍ଧି ପାଇବ ଗଭୀର ଭାବେ ଚିନ୍ତାପ୍ରକଟ କରୁଥିବାବେଳେ, ଅନ୍ୟ ପକ୍ଷରେ ସେମାନଙ୍କ ଖାଦ୍ୟ ଓ ବାସସ୍ଥାନ ପାଇଁ କ'ଣ ବିକଳ୍ପ ବ୍ୟବସ୍ଥା କରିହେବ, ଚିନ୍ତାର ବିଷୟ ହୋଇପଡ଼ିଛି ଏବଂ ଏଥିପାଇଁ ବିଶ୍ୱସାରା ବିଭିନ୍ନ ପ୍ରାଣୀ ସୁରକ୍ଷା ସଂଗଠନ ପକ୍ଷରୁ ଆଶୁ ଯୋଜନା ପ୍ରସ୍ତୁତ ଚାଲିଛି। ବନ୍ୟପ୍ରାଣୀମାନଙ୍କ ପାଇଁ ଅଭୟାରଣ୍ୟ ସୃଷ୍ଟି ପାଇଁ ପଶୁବିତ୍‌ମାନେ ଅଣ୍ଟା ଭିଡ଼ି ବାହାରି ପଡ଼ିଛନ୍ତି। କିନ୍ତୁ କେବଳ ଅଭୟାରଣ୍ୟଟିଏ ତିଆରି କରିଦେଲେ ବା ଜୀବଜନ୍ତୁଙ୍କ ନିର୍ଦ୍ଦିଷ୍ଟ ସୀମାରେଖା ଚିହ୍ନିତ କରିଦେଲେ ସ୍ଥାୟୀ ସମାଧାନ ହେଲାଭଳି ଦିଶୁନାହିଁ। ଜନସଂଖ୍ୟା ବୃଦ୍ଧିକୁ ଆଖିରେ ରଖି ମଣିଷର ଶକ୍ତି, ସୃଜନ ଓ ଜ୍ଞାନ କୌଶଳ ବଳରେ ଆକାଶରେ ଅଟ୍ଟାଳିକା ତୋଳାଯାଇ ପାରିବ। ବିଲ୍‌ଡ଼ର ଯୁଗ ଉପସ୍ଥିତ ହେଲାଣି, ନଭସ୍ପର୍ଶୀ ଆପାର୍ଟମେଣ୍ଟ କ୍ଷିପ୍ରଗତିରେ ନିର୍ମାଣ ଚାଲିଛି। ଆକାଶ କକ୍ଷ ଓ ସମୁଦ୍ର ବକ୍ଷରେ ମଲ୍‌ଟିପ୍ଲେକ୍‌ସ କଂକ୍ରିଟ ଗ୍ରାମର ଯୋଜନା ଅଚିରେ କାର୍ଯ୍ୟକାରୀ ହେବ। କିନ୍ତୁ ଏଇ ବଣ୍ୟଜୀବମାନଙ୍କ ପାଇଁ? ସମସ୍ୟା ସର୍ବଦା ଅସମାହିତ ହୋଇ ରହିବ। ମଣିଷ ଓ ଜୀବମାନଙ୍କ ମଧରେ ସଂଘର୍ଷ ଲାଗିରହିବ। ପେଟ ପାଇଁ ପ୍ରାଣବଳୀ ଦେଉଥିବେ ବନ୍ୟ ଜୀବମାନେ। ମନେହୁଏ ଭବିଷ୍ୟତରେ ଏହିପରି ସଫାରି ଓ ଚିଡ଼ିଆଖାନା ସେମାନଙ୍କର ଅଭୟାରଣ୍ୟ ହୋଇରହିବ। ବିଚିତ୍ରମୟ ପୃଥିବୀପୃଷ୍ଠରେ

Digitized by PPRACHIN, SOA

ଅନେକ ଖରସେଲ୍ ଜନ୍ମନେବେ ଓ ମୃତ୍ୟୁବରଣ କରିବେ। ଖରସେଲ୍ ବଳବାନ, ଶକ୍ତିବାନ, ବୁଦ୍ଧିମାନ ପଶୁଟିଏ ହେଲେ ମଧ୍ୟ ତା'ର ଜୀବନ ଚରିତ ପ୍ରାଣୀପୃଷ୍ଠାରେ ପରିଚ୍ଛେଦଟିଏ ହୋଇ ରହିବ କେବଳ। ଧନ୍ୟବାଦ..."

ଜୀବନ ମୃତ୍ୟୁର ଏଇ ଲଢେଇ ଭିତରେ ଖରସେଲ୍ ଓରଫ ଶଙ୍କର ବେଟା ଯିଏ ହୁଏତ ମୋର ପୋଷ୍ୟ ସନ୍ତାନ, ଅପୂର୍ବ ଏହି ସମାବେଶରେ ସଫାରି ଭିତରେ ତା'ର ମୁହଁକୁ ଚାହୁଁଥିଲି ଆଉ ଭାବୁଥିଲି- ଆସନ୍ତା କାଲିର ପୃଥିବୀ ତା' ପାଇଁ କି ନୂଆ ରୂପ, ରଙ୍ଗ ନେଇ ଆସିବ ଆଉ ତା'ର ଉତ୍ତରାଧିକାରୀ ପାଇଁ ସେ ପୃଥିବୀର ସବୁଜିମା, ଶ୍ୟାମଳିମା, ଆଲୋକ, ପବନ, ଜଳ ଆଉ ଶାନ୍ତ ସୁନ୍ଦର, ବିଶୁଦ୍ଧ ନିର୍ମଳ ପରିବେଶ ଥିବା ନା ପାଲଟି ଯାଇଥିବ ସ୍ୱପ୍ନ ?

ମୋ ଅଭିଭାଷଣ ଅନ୍ତେ ଶ୍ରୋତୃମଣ୍ଡଳୀର ବିପୁଳ କରତାଳି ଓ ପ୍ରବଳ ହର୍ଷରୋଳରେ ଅଞ୍ଚଳ ଚଞ୍ଚଳ ହୋଇ ଉଠିଲା ପରି ମନେହେଲା ମୋର। ଜାତୀୟ ସଂଗୀତ ଗାନ କଲାବେଳେ ସମସ୍ତେ ଆସନରୁ ଉଠି ଠିଆହେବା ଢଙ୍ଗରେ ମୋ ଭାଷଣକୁ ସାବାସ କରି ତାଳିମାରି ଛିଡ଼ା ହେଲାପରି ଲାଗିଲା ମୋତେ। ସଭାମଞ୍ଚରୁ ସାଧୁ ବାବା ଭକ୍ତ-ଶିଷ୍ୟମାନଙ୍କୁ ଦୁଇ ହାତ ଉପରକୁ ଟେକି କଲ୍ୟାଣ କଲା ଭଳି ଆପେ ଆପେ ମୋର ହସ୍ତଦ୍ୱୟ ଉପରକୁ ଟେକି ହୋଇ ଉପସ୍ଥିତ ଭଦ୍ରମଣ୍ଡଳୀ ଓ ପ୍ରାଣୀପ୍ରେମୀ ବନ୍ଧୁମାନଙ୍କୁ ହସ୍ତାଙ୍ଗ ଦ୍ୱାରା ଶୁଭେଚ୍ଛା ଆଦାନପ୍ରଦାନ କରୁଥିଲି। ଠିକ୍ ଏତିକି ବେଳେ ଖଦୀପୋଷାକ ଗାନ୍ଧୀ ଟୋପିପିନ୍ଧା ଶ୍ମଶ୍ରୁଧାରୀ ମନ୍ତ୍ରୀ ଶ୍ରୀସୁଦର୍ଶନ ମହାଶୟ ମୋ ପାଦ ସ୍ପର୍ଶ କରି ଆଶିଷଭିକ୍ଷା ଢଙ୍ଗରେ କହିଲେ - "ମୁଁ ସୁବଳ ମୋହନ ସାହେବ, ମୁଁ ଆପଣଙ୍କର ସେହି ସୁବଳ ଭୋଇ। ଆପଣ ମୋର ଗୁରୁ; ଗୁରୁବ୍ରହ୍ମା, ଗୁରୁବିଷ୍ଣୁ, ଗୁରୁ ହିଁ ଭଗବାନ, ମୋର ଦିଗ୍‌ଦର୍ଶକ। ଆପଣଙ୍କ ପରାମର୍ଶ, ଆଶୀର୍ବାଦ ମୋ ପାଇଁ ସନ୍ଥ ବିଭୂତି ସଦୃଶ। ବିଦାୟବେଳେ ଆପଣ କହିଥିଲେ- ସୁବଳ ତମ ଭଲପଣିଆ, ସ୍ୱଚ୍ଛତା ଓ ସେବାମନୋବୃତ୍ତି ତୁମକୁ ଦିନେ ଖୁବ୍ ଉଚ୍ଚକୁ ନେବ। କଲ୍ୟାଣ ହେଉ ତୁମର... ଆପଣଙ୍କର ସେଇ କଲ୍ୟାଣ ମୋତେ ଏଇ ସ୍ତରରେ ଆଣି ପହଞ୍ଚାଇଛି ମୋହନ ସାହେବ। ଆପଣଙ୍କ ଜୀବନଚର୍ଯ୍ୟା ଏବଂ ଚେତନୋଦ୍ଦୀପକ ସମ୍ଭାଷଣ ମୋତେ ଉଦ୍‌ବୁଦ୍ଧ କରିଛି..."

ସୁବଳର ରୂପାନ୍ତରିତ ରୂପ ଦେଖି ମୋର ମନରେ କି ଭାବନା ସୃଷ୍ଟି ହେଉଥିଲା ଆଉ କର୍ଣ୍ଣରେ କ'ଣ ଶୁଣୁଥିଲି ବିଶ୍ୱାସ ଅବିଶ୍ୱାସର ବିସ୍ମୟ ବଳୟ ଭିତରେ ଛିଡା ହୋଇଥିଲା ବେଳେ ଉପସ୍ଥିତ ଅତିଥିବୃନ୍ଦ ଓ ଭଦ୍ରମଣ୍ଡଳୀ ଏକ ରହସ୍ୟପୂର୍ଣ୍ଣ ନାଟକର ଅବୋଧ୍ୟ ଦୃଶ୍ୟ ଦେଖିଲା ଭଳି ଚକିତ ଚକ୍ଷୁରେ ପରସ୍ପର ମୁହଁ ଚାହାଁଚୁହିଁ ହେଉଥିଲେ।

Digitized by PPRACHIN, SOA

ମୋର ମନେପଡୁଛି, ପଚିଶ ବର୍ଷ ତଳେ ମୁଁ ଯେଉଁଦିନ ରାୟଗଡ଼ା ଛାଡ଼ିଥିଲି ବିଦାୟବେଳେ ସୁବଳ ଆଖି ଲୋତକପୂର୍ଣ୍ଣ ହୋଇଯାଇଥିଲା। ଅତୀତରେ ମୁଁ ତାକୁ କୌଣସି ଅଫିସ୍‌ରେ ତଳିଆ କର୍ମଚାରୀ ଭାବେ ନିଯୁକ୍ତି ଦେବା ପାଇଁ ଅନେକ ଥର ପ୍ରସ୍ତାବ ଦେଇଥିଲି। ସେ କିନ୍ତୁ ରାଜି ହୋଇନଥିଲା। ସଂପ୍ରଦାୟ ଲୋକମାନଙ୍କୁ ସେବା ସାହାଯ୍ୟ ଓ ସାମାଜିକ, ସାଂସ୍କୃତିକ ପର୍ବପର୍ବାଣୀରେ ଅସୁବିଧା ଆଳ ଦର୍ଶାଇ ନିଯୁକ୍ତି ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିଥିଲା। ଏହି ପଚିଶ ବର୍ଷ ଭିତରେ ଏତେ ପରିବର୍ତ୍ତନ! ସେ ଆଶାତୀତ ଉପରକୁ ଉଠି ପାରିଛି। କ'ଣ ରହସ୍ୟ! କିନ୍ତୁ ଏ ପରିସ୍ଥିତିରେ ଜାଣିବା ବୁଝିବା ଓ କଥୋପକଥନ ପାଇଁ ସମୟ ନଥିଲା, ସମ୍ଭବ ହୋଇନଥିଲା।

ସଭାର ପରବର୍ତ୍ତୀ କାର୍ଯ୍ୟକ୍ରମ ଥିଲା ମନ୍ତ୍ରୀ ମହାଶୟ ଖରସେଲ୍ ହାତୀ ପିଠିରେ ବସି ବର୍ଣ୍ଣାଢ୍ୟ ସଫାରି ଅଞ୍ଚଳ ପରିଦର୍ଶନ କରିବା। ତଦନୁଯାୟୀ ରବୀନ୍ଦ୍ର ହାତୀ ଉପରେ ବସି ହାତୀକୁ ଆଣ୍ଠେଇ ଆମକୁ ପ୍ରଣିପାତ କଲା ଓ ଖରସେଲ୍ ଶୁଣ୍ଢଟେକି କୁଞ୍ଜରର ଗୁଞ୍ଜନ ସ୍ୱରରେ ସ୍ୱାଗତ କଲା। ମନ୍ତ୍ରୀଙ୍କ ନିମନ୍ତ୍ରଣକ୍ରମେ ମୁଁ ମଧ ମନ୍ତ୍ରୀଙ୍କ ପଛରେ ଖରସେଲ୍ ପିଠିରେ ବସିଲି। ଏହି ସମୟରେ ମାହୁନ୍ତ ରବୀନ୍ଦ୍ର ସହିତ ପରିଚୟ କରି ଦେଇ କହିଲି – " ମନ୍ତ୍ରୀ ମହାଶୟ, ଖରସେଲ୍ କେମିତି ଲାଗୁଛି ?"

"ବଡ଼ ଚମତ୍କାର ପଶୁଟିଏ। ତା'ର ବାଦସାହୀ ଠାଣି, ହୃଷ୍ଟପୁଷ୍ଟ ଚେହେରା ଏବଂ ଶ୍ୱେତଶୁଭ୍ର ବିଶାଳ ଦାନ୍ତ ଦୁଇଟି ଖୁବ୍ ଆକର୍ଷଣୀୟ ହୋଇଛି। ଏତେ ସୁନ୍ଦର ମନଲୋଭା ଦନ୍ତାହାତୀଟିକୁ କେଉଁଠୁ ପାଇଲେ ମୋହନ ସାହେବ ?"

ପ୍ରକୃତ ସତ୍ୟକୁ ଆଉ ଗୋପନ ନରଖି ତା'ର ଉପସ୍ଥାପନା କରିବାକୁ ଯାଇ ହସ ଉକୁଟା ମୁହଁରେ କହିଲି- "ସେ ଖରସେଲ୍ ନୁହେଁ। ଆପଣଙ୍କର ଭୃତୁଣୀ ହାତୀର ସନ୍ତାନ ଶଙ୍କର ବେଟା..."।

ଲକ୍ଷ୍ୟ କରୁଥିଲି ମନ୍ତ୍ରୀ ମହୋଦୟଙ୍କର ମାନସିକ ପ୍ରତିକ୍ରିୟା... ମଣିଷ ଅତି ଦୁଃଖଦ ସମ୍ବାଦରେ ମୂକ ହୋଇଯାଇଥାଏ ଏବଂ ଅତି ସୁଖଦ ସମ୍ବାଦରେ ମଧ ସ୍ଥାଣୁ ପାଲଟି ଯାଇଥାଏ ମୁହୂର୍ତ୍ତେ। ମୋ ମୁହଁରୁ ଏଭଳି ଅଶ୍ରୁତପୂର୍ବ ସୁସମ୍ବାଦଟି ଶୁଣି ଦଣ୍ଡେ ଥ ହୋଇଗଲେ, ସେ ନିଜର ପଦ ପଦବୀ ଭୁଲି ଯାଇ କେଉଁ ଅଜଣା ଆନନ୍ଦରେ କୁରୁଳିଉଠି ବିସ୍ମୟ ବିମୂଢ଼ ସ୍ୱରରେ ଚିତ୍କାର କରିଉଠିଲେ- ଆମ ଶଙ୍କର ବେଟା, ଶଙ୍କର ବେଟା!! ହାଉଦା ଉପରୁ ହାତ ବଢ଼ାଇ ତା ଶୁଣ୍ଢ, କାନ, ଦେହ ଆଉଁଶି ପକାଇଲେ ଓ ତା ଶୁଣ୍ଢରେ ଚୁମାଟିଏ ଦେଲେ। ସେ ଅତୀବ ବିହ୍ୱଳିତ, ଆହ୍ଲାଦିତ ଓ ପ୍ରଫୁଲ୍ଲିତ ଦିଶିଲେ। ତାଙ୍କ ହୃଦୟର ଉଲ୍ଲାସାନନ୍ଦ କଳି ହେଉନଥିଲା। ଅଜଣା ଆନନ୍ଦରେ ସେ ବିଭୋର ହୋଇ ଉଠିଥିଲେ ଏବଂ ଶଙ୍କରକୁ 'ପଶୁଶ୍ରେଷ୍ଠ' ଆଖ୍ୟା ଦେଇ ମୋତେ

Digitized by PPRACHIN, SOA

କୃତଜ୍ଞତା ଜଣାଇ ଉଲ୍ଲସିତ ସାବାସ କଲେ- ଯେମିତି ଜଙ୍ଗଲ ଭ୍ରମଣ ସମୟରେ ସୁବଳର କାମକୁ ତାରିଫ କରି ମୁଁ ତା' ପିଠି ଆପୁଡ଼ାଇଥାଏ। ଅନୁଭବ କଲି, ସେ ମୋ ପିଠି ଥାପୁଡାଇବାକୁ ଇଚ୍ଛା କରୁଥିଲେ। କିନ୍ତୁ ସାହସ କରିପାରି ନଥିଲେ। ତେବେ ଗାନ୍ଧୀଟୋପିପିନ୍ଧା ତାଙ୍କ ଶ୍ମଶ୍ରୁଳ ମୁହଁକୁ ମୋ ଛାତିରେ ଚାବୁଡେଇ ରଖିଲେ ମୁହୂର୍ତ୍ତେ। ମୁଁ ପରିତୃପ୍ତି ଅନୁଭବ କରୁଥିଲି ଶଙ୍କର ପିଠିରେ ଆତ୍ମିକଭାବେ ଜଡ଼ିତ ଆମ ତ୍ରିମୂର୍ତ୍ତିଙ୍କ ନିବିଡ଼ ବନ୍ଧନ ସାନ୍ନିଧରେ- ଏକ ପବିତ୍ର ତ୍ରିବେଣୀ ସଙ୍ଗମ ଭଳି।

ଆସନ୍ନ ମଧ୍ୟାହ୍ନ ଭୋଜନ ସମୟ ଅତିକ୍ରମ ହୋଇଆସୁଥିଲା। ମଧ୍ୟାହ୍ନର ଅବଶେଷାଂଶ। ସମୟ ତାଗିଦ୍ କରୁଥିଲା। ମନ୍ତ୍ରୀଙ୍କ ପାଇଁ ରାଜଭବନର ଅତିଥି ଶାଳାରେ ଆୟୋଜନ ହୋଇଥିଲା। ସେ ମୋତେ ତାଙ୍କ ସାଙ୍ଗରେ ଯିବାକୁ ଅନୁରୋଧ କଲେ। ଗଲି ଏବଂ ମଧ୍ୟାହ୍ନଭୋଜନରେ ଯୋଗଦେଲି ଅନ୍ୟ ଅତିଥିବୃନ୍ଦଙ୍କ ସହିତ।

ହାତରେ ସମୟ ଖୁବ୍ ଅଳ୍ପ ଥିଲା, କାରଣ ଠିକ୍ ସନ୍ଧ୍ୟା ୬ଟାରେ ବିମାନ ଯୋଗେ ଦିଲ୍ଲୀ ଫେରିଯିବେ ମନ୍ତ୍ରୀ କାର୍ଯ୍ୟ ବହୁଳତା ହେତୁ। ଆମେ ଲଗାଲଗି ହୋଇ ଖିଆ ସ୍ଥାନରେ ବସିଥିଲୁ। ସୁଦୀର୍ଘ ପଚିଶ ବର୍ଷର ବ୍ୟବଧାନ ପରେ ପରସ୍ପର ନିଜ କଥା ପ୍ରକାଶିବାକୁ ବେଳ ନଥିଲା। ଅପରାହ୍ଣ ଅତିକ୍ରାନ୍ତ ହୋଇ ସାରିଥିଲା। ରାଜ ଭବନ ଅତିଥିଶାଳାର ଆଡମ୍ବରୀୟ ଡାଇନିଂ ଟେବୁଲରେ ଲଞ୍ଚ୍ ଖାଉଥିଲା ବେଳେ ବହୁ ପ୍ରକାର ସୁବାସିତ ବ୍ୟଞ୍ଜନରେ ପରିପୂର୍ଣ୍ଣ ପରସା ଥାଳିଗୁଡ଼ିକ ଯେମିତି ଆମର ଅସ୍ପର୍ଶ ରହିଥିଲା ପ୍ରାୟ। ପ୍ଲେଟମାନଙ୍କରୁ କେବଳ ଆମିଷ ବ୍ୟଞ୍ଜନଗୁଡ଼ିକ କାଢ଼ି ଦେଇଥିଲୁ, କାରଣ ଆମେ ଉଭୟେ ନିରାମିଷାଶୀ ବୋଲି ଜଣାଇଲୁ।

ଖୁବ୍ ଚୁମ୍ବକରେ ମନ୍ତ୍ରୀ କହିଲେ - ଆପଣଙ୍କ ପରାମର୍ଶ ମତେ, ଗାନ୍ଧୀବାଦୀ ଗୋଲୋକ ମୁର୍ମୁ 'ଗଜଲକ୍ଷ୍ମୀ' ହାତୀ ପ୍ରତିଷ୍ଠା କରି ଅଞ୍ଚଳର ସର୍ବାଙ୍ଗୀନ ଉନ୍ନତି ପାଇଁ ଉତ୍ସର୍ଗୀକୃତ ରହିଲେ। ସେ ଜଣେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ଆଦର୍ଶବାଦୀ ସଚ୍ଚୋଟ ସମାଜସେବୀ, ଶହେ ଶତାଂଶ ଗାନ୍ଧୀଙ୍କ ଅହିଂସ ନୀତି ଅବଲମ୍ବନ କରିଥା'ନ୍ତି, ଜିଭରେ ଅମୃତ ରଖିଥା'ନ୍ତି, ବଚନରୁ ସୁଧା ଝରିପଡେ, ଶତ୍ରୁକୁ ମିତ୍ର କରି ନିଅନ୍ତି କିମିଆ କଳାଭଳି। ଅଞ୍ଚଳରେ ପିଲାଠୁଁ ବୁଢା ସମସ୍ତେ ତାଙ୍କୁ 'ଦ୍ୱିତୀୟ ଗାନ୍ଧୀ' ବୋଲି କହିଥା'ନ୍ତି। ଗତ ପାର୍ଲିଆମେଣ୍ଟ ନିର୍ବାଚନରେ ଜନତାର ଦାବି ମତେ ସେ ବାଧ୍ୟ ହୋଇ ନିର୍ବାଚନ ମଇଦାନକୁ ଅବତୀର୍ଣ୍ଣ ହେଲେ ଏବଂ ବିପୁଳ ସଂଖ୍ୟାରେ ବିଜୟ ଲାଭ କରି ନିର୍ବାଚିତ ହେଲେ। ତାଙ୍କର ଉପଦେଶ-ପରାମର୍ଶରେ ମୁଁ ଘରୋଇ ଭାବେ ପରୀକ୍ଷା ଦେଇ ସର୍ବୋଚ୍ଚ ନମ୍ବର ରଖି ବି.ଏ. ପାସ୍ କଲି ଏବଂ ଶ୍ରେଷ୍ଠ ସ୍ନାତକ(ବେଷ୍ଟ୍ ଗ୍ରାଜୁଏଟ୍) ସାର୍ଟିଫିକେଟ୍ ପାଇଲି। ଗୋଲୋକ ମୁର୍ମୁ ସାର୍ କେନ୍ଦ୍ରରେ ଜଙ୍ଗଲ ପରିବେଶ ମନ୍ତ୍ରୀ ଥିଲେ। ସେ ଅସୁସ୍ଥ ହୋଇ ପଡ଼ିଲେ। ଫୁସ୍‌ଫୁସ୍ ଜନିତ ଜଟିଳ ବ୍ୟାଧିରେ ଆକ୍ରାନ୍ତ ହୋଇ ଏମ୍‌ସ

Digitized by PPRACHIN, SOA

(AIMS)ରେ ଛ' ମାସ ଚିକିତ୍ସିତ ହେଲେ, ଆଇସିୟୁ (I.C.U.)ରେ ରହିଲେ। ଡାୟାଲିସିସ୍ ଲାଗିଥାଏ। ୮୨ ବର୍ଷୀୟ ବୃଦ୍ଧ। କୋମାରେ ରହିଲେ ଏକ ମାସ। ମୁଁ ସବୁବେଳେ ତାଙ୍କ ପାଖେ ପାଖେ ଥାଏ ଶିଷ୍ୟଟିଏ ଭଳି ସବୁ ସ୍ଥାନରେ, ସବୁ ସ୍ଥଳରେ କେବଳ ସଂସଦ ଅଧିବେଶନ କକ୍ଷ ବ୍ୟତୀତ। ପରିଶେଷରେ ଗତ ବର୍ଷ ଡାକ୍ତରମାନଙ୍କ ଅକ୍ଳାନ୍ତ ଚେଷ୍ଟା ସତ୍ତ୍ୱେ ସେ ଶେଷ ନିଃଶ୍ୱାସ ତ୍ୟାଗକଲେ ଏବଂ ତାଙ୍କ ଇଚ୍ଛାପତ୍ରରେ ମୋତେ ଉତ୍ତରାଧିକାରୀ ଭାବେ ସ୍ୱୀକୃତି ଦେଇ ଲେଖି ଯାଇଥିଲେ। ସେ ଥିଲେ ଅବିବାହିତ। ମୁଖାଗ୍ନି ଦେବାକୁ ତାଙ୍କର କେହି ନଥିଲେ। ଶେଷରେ ତାଙ୍କ ଇଚ୍ଛାପତ୍ର ଏବଂ ତାଙ୍କ ଅନୁଗତ ଶିଷ୍ୟ ଭାବେ ତାଙ୍କ ଇଚ୍ଛାମତେ ଅନ୍ତ୍ୟେଷ୍ଟିକ୍ରିୟା ନିରାଡମ୍ବର ସହକାରେ ପାଳନ କରିଥିଲୁ। ଯା ପରେ ତାଙ୍କର ଉପଯୁକ୍ତ ଦାୟାଦ ଭାବେ ଜନତା ମୋତେ ଉପନିର୍ବାଚନରେ ଛିଡ଼ା କରାଇଲେ। ଅଞ୍ଚଳର ଲୋକେ ମୋତେ ଡାକନ୍ତି ସୁବଲ୍। ମୋର ସାର୍ଟିଫିକେଟ୍ ନାମ କିନ୍ତୁ ଶ୍ରୀସୁଦର୍ଶନ ଭୋଇ।

କେଇଦିନ ଭିତରେ ସାଂସଦ ଭାବେ ମୋର ସଚ୍ଚୋଟତା, ଦକ୍ଷତା, ନିର୍ଭୀକତା ଓ ସ୍ୱର୍ଗତ ଗୋଲକ ମୁର୍ମୁଙ୍କ ଇଚ୍ଛାପତ୍ରକୁ ଆଧାର କରି କେନ୍ଦ୍ର ସରକାର ପରୀକ୍ଷାମୂଳକ ଭାବେ ମୋତେ ଜଙ୍ଗଲ ଓ ପରିବେଶ ବିଭାଗର ଦାୟିତ୍ୱ ଦେଇଛନ୍ତି। ବନ, ବନ୍ୟଜନ୍ତୁ ଓ ସୁପରିବେଶ ପାଇଁ ମୁଁ ଉତ୍ସର୍ଗୀକୃତ, ସଂକଳ୍ପିତ। ଦେଶର ଜନତା ତଥା ଆଦିବାସୀମାନଙ୍କ ଶିକ୍ଷା, ସଂସ୍କାର ଓ ଆର୍ଥିକ ଉନ୍ନତି ମୋର ଜୀବନର ଲକ୍ଷ୍ୟ। ଏଣୁ...

ମନ୍ତ୍ରୀଙ୍କୁ ବିଦାୟ ସମ୍ବର୍ଦ୍ଧନା ଦେବାକୁ ଅନ୍ୟମାନଙ୍କ ସହିତ ମୁଁ ଭୁବନେଶ୍ୱର ବିମାନ ବନ୍ଦର ଯାଇଥିଲି। ବିଦାୟ ବେଳେ ସେ କହିଲେ - "ମୋହନ ସାହେବ, ପ୍ରତି ବର୍ଷ କୁମାର ପୂର୍ଣ୍ଣିମା ଦିନ ଆମ୍ବାଦୁଲାରେ ଗଜଲକ୍ଷ୍ମୀ ପୂଜା ବହୁ ଜାକଜମକ ଓ ଆଡ଼ମ୍ବରରେ ପାଳିତ ହୋଇଆସୁଛି। ଏଥର ଶଙ୍କର ବେଟା ଓ ଆପଣ ଉତ୍ସବର ମୁଖ୍ୟ ଅତିଥି ହେବେ- ଏବେଠୁଁ ନିମନ୍ତ୍ରଣ ରହିଲା। ଅତୀତକୁ ମନେ ପକାନ୍ତୁ ସାହେବ- ଆମ 'ପୋଢ଼ପର୍ବ'ରେ ଆପଣ କେତେଥର ମୁଖ୍ୟ ଅତିଥି ହୋଇ ନଥିଲେ ? ହଁ, ଜନପ୍ରିୟ ଗୋଲୋକ ମୁର୍ମୁ ଅଞ୍ଚଳର ଦାୟିତ୍ୱ ନେଲା ପରଠାରୁ, ପୋଢ଼ ପର୍ବରେ ଆଉ ପୋଢ଼ବଳି ହେଉନାହିଁ ବା ଆଉ କୌଣସି ହନ୍ତବ୍ୟ ବଳିପ୍ରଥା ନାହିଁ। ଅଞ୍ଚଳର ଲୋକମାନେ ମଦ୍ୟପାନଠୁଁ ପ୍ରାୟ ଦୂରେଇ ଯାଇଛନ୍ତି। ଯେଉଁମାନେ ମଦ୍ୟପାନ ତ୍ୟାଗ କରୁଛନ୍ତି, ସେମାନଙ୍କୁ ଥମ୍ସଅପ୍, ଫ୍ରୁଟି, କୋକକଲା ଆଦି ପାନୀୟ ବୋତଲ ମାଗଣାରେ ଦିଆଯିବାର ବ୍ୟବସ୍ଥା ହୋଇଛି। ସାଂସଦଙ୍କ ଲ୍ୟାଡ୍ ପାଣ୍ଠି ବିଶେଷ ଭାବେ ସେଇଥିରେ ହିଁ ବିନିଯୋଗ ହେଉଛି। ଆପଣ ସେଦିନ ଆମ ଅଞ୍ଚଳକୁ ଏକ ଅହିଂସ ଉପତ୍ୟକାରେ ପରିବର୍ତ୍ତନ କରିବାକୁ ସୁପରାମର୍ଶ ଦେଇଥିଲେ ନା !"

ବିମାନ ବନ୍ଦରରେ ହାତ ହଲାଇ ହସ ହସ ମୁହଁରେ ମନ୍ତ୍ରୀ ଶ୍ରୀସୁଦର୍ଶନଙ୍କୁ

Digitized by PPRACHIN, SOA

ବିଦାୟ ଦେଲି। କ୍ୱାର୍ଟରକୁ ଫେରୁଥିଲି। ମନ ମୁକୁରରେ ସେଦିନର ସୁବଳ ଠୁଁ ମନ୍ତ୍ରୀ ସୁଦର୍ଶନର ଚିତ୍ର ଝଲସି ଉଠିଲା। ଚାକରରୁ ଚକ୍ରବର୍ତ୍ତୀ ହେବାର କ୍ରମ ଆରୋହଣର ଉଦାହରଣ ଆମ ଭାରତୀୟ ଇତିହାସ ପୃଷ୍ଠାରେ କିଛି ବିରଳ ନୁହେଁ। ଆମ ସାଂସ୍କୃତିକ ରାଜନୈତିକ ଓଡ଼ିଶା ଇତିହାସରେ ମଧ୍ୟ ଏହା ଲିପିବଦ୍ଧ ରହିଛି ପ୍ରମାଣ ସ୍ୱରୂପ। ଭାବପ୍ରବଣତାର ଭିତରେ ଯେମିତି ଆନମନା ହୋଇପଡିଥିଲି ଏଇ ମୁହୂର୍ତ୍ତରେ... ରୋମନ୍ଥନ କରୁଥିଲି ଜାତିର ସ୍ୱର୍ଣ୍ଣାଭ ବର୍ଣ୍ଣାଭ ଇତିହାସର କିଛି ଉପାଦେୟ ଅଧ୍ୟାୟକୁ- ପୁରୀ ଗଜପତି ମହାରାଜାଙ୍କ ଶାସନ-ଇତିହାସର ନଜିର୍ 'ମାଦଳା ପାଞ୍ଜି' (ପୃ-୪୧) ଏବଂ N. Hunter ଙ୍କ 'Antiquities of Orissa' ଏକ ଜ୍ୱଳନ୍ତ ନିଦର୍ଶନ। ଗଜପତି ଅନଙ୍ଗଭୀମ ଦେବଙ୍କ ପରେ ମିଉଭାନୁ ଦେବ ସିଂହାସନ ଆରୋହରଣ କରି ୨୩ ବର୍ଷ ୬ ମାସ କାଳ ରାଜୁତି କଲେ। ସେ କିନ୍ତୁ ଥିଲେ ନିଃସନ୍ତାନ। ଏଣୁ ପରମେଶ୍ୱର ଜଗନ୍ନାଥଙ୍କୁ କିଏ ତାଙ୍କ ଉତ୍ତରାଧିକାରୀ ହେବା ପାଇଁ ପ୍ରାର୍ଥନା କଲେ। ଜଗନ୍ନାଥ ସ୍ୱପ୍ନାଜ୍ଞା ଦେଲେ – 'କାଲି ଦରଶନ ବେଳେ ବିମଳାଇଙ୍କ ଆଗେ ଖପରା ଖଣ୍ଡେ କୋରୁଥିବ, ତତେ ଦେଖି ପଳାଇ ଯିବ ସେହି ତାକୁ କରୁଅଛୁଁ।' ପରଦିନ ବିମଳାଈଙ୍କଠାରେ ସେ ଡରରେ ପଳାଇ ଯାଉଥିବା ବେଳେ ତାକୁ ଦେଖି ଛାମୁ ବୋଇଲେ 'ତୁମ୍ଭେ କି ଲୋକ ? ଆମ୍ଭେ ସୂର୍ଯ୍ୟବଂଶୀ କପିଳି ରାଉତ। ଏଥକୁ ରାଜା କହିଲେ ଆମ୍ଭଠାରେ ଚାକର ରହ।' ତାକୁ ନେଇ ପାଟ ମହାଦେଈଙ୍କୁ କହିଲେ, 'ଏହାକୁ ଠାକୁରଙ୍କ ଆଗ୍ୟାଂ ହୋଇଅଛି।' କପିଳି ପୂର୍ବରୁ ଜଣେ ବ୍ରାହ୍ମଣ ଘରେ ଗାଈ ବାଛୁରୀ ଚରାଉଥିଲା। ଦିନେ ଗଛ ମୂଳରେ ସେ ଶୋଇ ପଡ଼ିଲା। ମୁହଁରେ ଖରା ପଡୁଥିବାରୁ ନାଗସାପ ଫଣା ଟେକି ଛାଇ କରିଥିଲା। ଏକଥା ତା' ସାଙ୍ଗ କାଣିଆ ଦେଖି କହିଲା ତୁ ରାଜା ହେବୁ। ଯା ପରେ କପିଳି କାଣିଆ ବ୍ରାହ୍ମଣର ଗାଈ ଜଗା କାମ ଛାଡ଼ି ଦେଇ ବାରବୁଲା 'ତେରଟିଆ' ସାଙ୍ଗେ ପୁରୁଷୋତ୍ତମ କ୍ଷେତ୍ରରେ ଏଣେ ତେଣେ ବୁଲିଲେ ଭିକାରୀ ଭଳି। ବିମଳାଇ ମନ୍ଦିର ସମ୍ମୁଖରେ କପିଳି ଗୁଡ ଖପରା କୋରୁ ଥିବାର ଛାମୁ ଦେଖିଲେ ଏବଂ ନେଇଗଲେ। ଏକଥା ଶୁଣି ବ୍ରାହ୍ମଣ ଛାମୁଙ୍କୁ ନେତ୍ର ବିସ୍ତାରିତ କରି କହିଲା, 'ମହାଭାଗ, ସେ ଗଛ ମୂଳେ ଶୋଇଥିଲା ବେଳେ ନାଗ ସାପ ଫଣା ଟେକି କରି ତା ମୁଣ୍ଡକୁ ଛାଇ କରିଥିଲା। ସେ ରାଜା ହେବା ଯୋଗ୍ୟ।' ଏଥୁ ଅନ୍ତେ କାଳବିଳମ୍ବ ନକରି ଏହା ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆହ୍ୱାନ ଭାବି ମହାରାଜା ତାକୁ 'ଭ୍ରମରବର' ଉପାଧି ଦେଲେ। ସେ ବଡ଼ ହେଲାରୁ କପିଳେନ୍ଦ୍ର ଦେବ ନାମରେ ସିଂହାସନ ଆରୋହଣ କଲେ। ଗଙ୍ଗ ବଂଶ ପରେ କପିଳେନ୍ଦ୍ର ଦେବ ସୂର୍ଯ୍ୟବଂଶୀ ହୋଇଥିବାରୁ, ସେହି ଦିନଠୁଁ ସୂର୍ଯ୍ୟବଂଶ ରାଜତ୍ୱର ପ୍ରତିଷ୍ଠା ହୋଇଥିଲା ବୋଲି ଇତିହାସ କହେ। ଗଜପତି କପିଳେନ୍ଦ୍ର ଦେବ କମ୍ ପରାକ୍ରମୀ ନଥିଲେ।

Digitized by PPRACHIN, SOA

ତାଙ୍କ ପୁତ୍ର ପୁରୁଷୋତ୍ତମ ଦେବ ମଧ୍ୟ ଥିଲେ ମହା ପରାକ୍ରମୀ। ଆଗଙ୍ଗା ଗୋଦାବରୀ ବିସ୍ତୃତ ଥିଲା ପୁରୀ ଗଜପତିଙ୍କ ସାମ୍ରାଜ୍ୟ।

ନିୟତିର ନିୟମ ଏବଂ ଭାଗ୍ୟର ଭାଷା ଏହିପରି ବଡ଼ ବିଚିତ୍ର ଓ ଅବୋଧ୍ୟ ହୋଇଥାଏ ବେଳେବେଳେ। ଆଜି ଯେ ରାଜେନ୍ଦ୍ରାସନେ, କାଲି ସେ ଫକୀର; କାଲି ଯେ ଫକୀର ଆଜି ତା'ର ରାଜେନ୍ଦ୍ରାସନ। କପିଳଠୁଁ କପିଳେନ୍ଦ୍ର, ସୁବଳଠୁଁ ସୁଦର୍ଶନ, ସାମାନ୍ୟରୁ ଅସାମାନ୍ୟ, ସାଧାରଣରୁ ଅସାଧାରଣ, ସମୀମରୁ ଅସୀମ- ଇଏ କେବଳ ଭାଗ୍ୟର ଖେଳ, ସମୟର ବିଚାରଧାରା। ସମୟ କେବେ ସ୍ଥିର ସ୍ଥାଣୁ ନଥାଏ। ସମୁଦ୍ରର ଜୁଆର ଓ ଭଟ୍ଟା ଭଳି ଇତିହାସର ସ୍ରୋତ କେତେବେଳେ ପ୍ରବଳ ଓ ପ୍ରଖର ତ କେତେବେଳେ ପୁଣି ମନ୍ଥର। ଉତ୍‌ଥାନ ପତନ ସୃଷ୍ଟିର ଚିରନ୍ତନ ରୀତି। ସମୟର ଆବର୍ତ୍ତନରେ ହାତୀ ସୁବଳ ମୁଣ୍ଡରେ କଳସ ଢାଳିଲା- ମନେହେଲା, ଦିନେ ଅଗାଧ ଜଳରେ ଭଗବାନ ବିଷ୍ଣୁ ଗଜେନ୍ଦ୍ରକୁ ଜଳ ରାକ୍ଷସ କୁମ୍ଭୀରର କରାଳ ମୁହଁରୁ ଉଦ୍ଧାର କରିଥିଲେ। ସେଇ ପରମ କାରୁଣିକ ଆଜି ସୁବଳକୁ ସୁଦୟା କରିଛନ୍ତି। ଅତୀତରେ ସେ ଭୂତୁଣୀ ହାତୀକୁ ଗଭୀର ଖାତରୁ ଉଦ୍ଧାର କରିଥିଲା ଓ ତା'ର ଗଜୋଦ୍ଧାରଣ ଭୂମିକା ଏବଂ ହାତୀପ୍ରୀତିର ପ୍ରତିଦାନ ସ୍ୱରୂପ ତା ମସ୍ତକରେ ହାତୀ କଳସ ଢାଳିଲା ଏବଂ ସେ ରାଜା ହେଲା। ଅତୀତର ମୋର ପ୍ରିୟ ଜଙ୍ଗଲ ଗାଇଡ୍ କବି, ଗୀତିକାର, କଳାକାର ସୁବଳ ବର୍ତ୍ତମାନ ରାଜା ସୁଦର୍ଶନ- ଅଧୁନା ଗଣତନ୍ତ୍ର ଶାସନରେ କେନ୍ଦ୍ରମନ୍ତ୍ରୀ ସୁଦର୍ଶନ ରାଜା ନୁହେଁ ତ ଆଉ କ'ଣ ? ଖୁବ୍ ଖୁସି ଲାଗିଲା। ପରମ ଆତ୍ମସନ୍ତୋଷ ଲାଭ କଲି ମୁଁ। ସୁବଳ ଓରଫ ସୁଦର୍ଶନ ଯଶସ୍ୱୀ ହୁଅନ୍ତୁ- ଦୀର୍ଘ ଜୀବନ କାମନା କଲି। ଆଜିର ଯୁଗରେ ଜଗତଜନେ ସୁବଳର କ୍ରମୋଭରିତ ଆଦର୍ଶ ଜୀବନରୁ କିଛି ଶିକ୍ଷାଲାଭ କରିବା ଜରୁରୀ ହୋଇପଡ଼ିଛି ଯେମିତି ! ସୁବଳଠୁଁ... ସୁଦର୍ଶନ ଜୀବନ ଦର୍ଶନାଲୋକ ବାସ୍ତବରେ କେତେ ପ୍ରଖର, କେତେ ଉଜ୍ଜ୍ୱଳ, କେତେ ଭାସ୍ୱର... ମନେ ମନେ ବିସ୍ମିତ ହେଉଥିଲି ମୁଁ। ଏତେ ପ୍ରଲମ୍ବିତ ସେ ଆଲୋକ ରେଖା ଯେ, ମୋର ସ୍ୱପ୍ନ ବିଳାସୀ ମନରେ ଏକ ଗଭୀର ଆଶାବାଦର ଝଲକ ଯେମିତି ଲହଡି ଭାଙ୍ଗି ଉଠୁଥିଲା- ଅହିଂସାର ଅବତାର ଓ ସତ୍ୟର ପୂଜାରୀ ଜାତିର ଜନକ ଗାନ୍ଧୀ ମହାତ୍ମାଙ୍କ କଳ୍ପିତ ରାମରାଜ୍ୟର ଅପହଞ୍ଚ ଇଲାକା ଆଉ କେତେ ଦୂର ହୁଅନ୍ତା ଯେ ! ମିଷ୍ଟର ଖରସେଲର ଜୀବନ ବୃତ୍ତାନ୍ତକୁ ଉପସଂହାରୀୟ ତୂଳିକା ସ୍ପର୍ଶ ଦେଉଥିଲା ବେଳେ ଗାନ୍ଧିଜୀଙ୍କର ତିନି ମାଙ୍କଡ଼ ଉପାଖ୍ୟାନ ଜୀବନ୍ତ ହୋଇ ଉଠୁଥିଲା ମୋ ଚକ୍ଷୁ ସମ୍ମୁଖରେ।

◆◆◆

Digitized by PPRACHIN, SOA

-୨୩-

ଖିରସେଲ୍ ଓରଫ ଶଙ୍କର ବେଟା ଆଜି ବିକଶିତ ଓ ବିଖ୍ୟାତ ହୋଇଛି, ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛି, ପ୍ରତ୍ୟେକ ମିଡିଆ ଓ ଖବରକାଗଜ ପୃଷ୍ଠା ମଣ୍ଡନ କରିଛି । ତା ପାଇଁ ଦେଶ ଭିତର ଓ ବାହାର କୋଣ ଅନୁକୋଣରୁ ସାହାଯ୍ୟ, ସହଯୋଗ, ସହାନୁଭୂତି ଓ ଆର୍ଥିକ ଅନୁଦାନର ସ୍ରୋତ ଅବ୍ୟାହତ ରହିଛି, ଯେଉଁ ଦିନଠାରୁ ଖରସେଲ୍ ବିଶ୍ୱରେକର୍ଡରେ ସ୍ଥାନ ପାଇଲା । ଏଇ ଅଳ୍ପ ବୟସ୍କ ଏସୀୟ ହାତୀ ଖରସେଲ୍ ପ୍ରାୟ ୨୫ ବର୍ଷର ଦାନ୍ତର ଲମ୍ୱ ୯ ଫୁଟ୍ ୯ ଇଞ୍ଚ, ମୂଳ ମୋଟେଇ ୨୧ ଇଞ୍ଚ ଓ ଓଜନ ୧୧୧ ପାଉଣ୍ଡ (୪୯ କ୍ୱିଣ୍ଟାଲ ୯୫୦ ଗ୍ରାମ) । ଅଦ୍ୟାବଧି ବିଶ୍ୱ ରେକର୍ଡ ଥିଲା ଆସାମ ଗୌହାଟୀରେ ସଂରକ୍ଷିତ ଥିବା ହାତୀ ଦାନ୍ତର ଲମ୍ୱ ୯ଫୁଟ୍ ୨ ଇଞ୍ଚ, ମୂଳ ମୋଟେଇ ୧୭ ଇଞ୍ଚ ଓ ଓଜନ ୯୦ ପାଉଣ୍ଡ (୪୫ କ୍ୱିଣ୍ଟାଲ ୫୦୦ଗ୍ରାମ), କିନ୍ତୁ ସେ ବର୍ତ୍ତମାନ ଜୀବିତ ନୁହେଁ । ମଲାପରେ ତା'ର ଦାନ୍ତକୁ ମ୍ୟୁଜିୟମରେ ସଂରକ୍ଷିତ କରାଯାଇଛି ଗବେଷଣା ଓ ରେକର୍ଡ ଉଦ୍ଦେଶ୍ୟରେ । କିନ୍ତୁ ଖରସେଲ୍‌ର ବିଶେଷତ୍ୱ ହେଉଛି ସେ ବର୍ତ୍ତମାନ ଜୀବିତ । ତା'ର ଉଚ୍ଚତା ମଧ୍ୟ ଅଦ୍ୱିତୀୟ (୧୩ ଫୁଟ୍ ୪ ଇଞ୍ଚ) । ଏଭଳି ବିଶାଳକାୟ ଦାନ୍ତଦାର ହାତୀ ବଂଶର ବୃଦ୍ଧି ସକାଶେ ବିଶ୍ୱର ପ୍ରାଣୀପ୍ରେମୀ ସଂସ୍ଥା ଓ ସଂଗଠନ ସାହାଯ୍ୟ ସହଯୋଗ ଓ ସମ୍ବର୍ଦ୍ଧନାର ହାତ ବଢ଼ାଇଛନ୍ତି, ଯଥା - ୱାଇଲଡ୍ ଆନିମଲ ସେଲଟର୍, ନିଉଜର୍ସି, ଯୁକ୍ତରାଷ୍ଟ୍ର ଆମେରିକା, ୟୁ.ଏନ.ଓ. (Wild Animal Shelter, Newjersi, U.S.A., UNO), ନ୍ୟାଚୁରାଲ ହିଷ୍ଟ୍ରି ସୋସାଇଟି, ମୁମ୍ବାଇ (Natural History Society, Mumbai), ନ୍ୟାସନାଲ୍ ଅହିଂସା ଫାଉଣ୍ଡେସନ, ଯୋଧପୁର (National Non- Violence Foundation, Jodhpur), ପ୍ଲା।ଣ୍ଟ ଆଣ୍ଡ ଆନିମଲ ଲଭର ସୋସାଇଟି, କୋଲବା (Plant & Animal Lover Society, Kolba), କରୁଣା କ୍ଲବ, ରାଜସ୍ଥାନ (Karuna Club, Rajsthan), ପଶୁପତି କଲ୍ୟାଣ ପରିଷଦ, ଉଦୟପୁର, (Pasupati Welfare Club, Udayapur), ରେଡକ୍ରସ ଆଣ୍ଡ ରେଡ୍ କ୍ରିସେଣ୍ଟ, ୟୁଏନ୍‌ଓ (Red Cross & Red Crescent, UNO), ଅଲ୍ ଲଭର୍ସ ଆନିମଲ, କୋଲକତା, (All Lover's Animal, Calcutta)

Digitized by PPRACHIN, SOA

ହିଲ୍‌ଭ୍ୟୁ ଫାର୍ମ ଆନିମଲ୍ ରିଫୁଜ, ନୀଳଗିରି, (Hill View Farm Animal Refuge, Nilgiri), ପ୍ରିଭେନ୍‌ସନ୍ ଅଫ କ୍ରୁଏଲିଟି ଟୁ ଆନିମଲ ସୋସାଇଟି, ଉତ୍କାମଣ୍ଡ (Prevention of Cruelty to Animal Society, Utkamand), କମ୍ପାସନେଟ୍ କ୍ରୁସେଡ୍‌ର ଟ୍ରଷ୍ଟ, କୋଲକାତା, ପଶ୍ଚିମବଂଗ, (Compassionate Crusoder Trust, Kolkata, W.B), ପ୍ରାଣୀମାନଙ୍କ ପାଇଁ ଜନତା (People for Animals) ଇତ୍ୟାଦି...

ସେମାନଙ୍କ ଶୁଭେଚ୍ଛା ପତ୍ର ଓ ସହଯୋଗ ରାଶି ବୃଦ୍ଧି କରିବାରେ ଲାଗିଛି ଏବଂ ଦୈନିକ ତାଲିକା ମୋଟେଇ ଚାଲିଛି । ଆଜିର ଏହି ଖରସେଲ୍‌କୁ ମାତ୍ର ୨୫ ବର୍ଷ ପାଞ୍ଚମାସ। ହାତୀମାନଙ୍କର ହାରାହାରି ବୟସ ୮୦ରୁ ୧୦୦ ବର୍ଷ ପର୍ଯ୍ୟନ୍ତ । ଖରସେଲ୍ ବର୍ତ୍ତମାନ ବଢ଼ିବାର ସମୟ । ହୁଏତ ଆଜିର ଉଚ୍ଚତା, ଦୀର୍ଘକାୟତା, ଅଙ୍ଗାଦିର ଆକାର ବଢ଼ିବାରେ ଯଥେଷ୍ଟ ସମ୍ଭାବନା ରହିଛି । ଚନ୍ଦକା ହସ୍ତୀ ଅଭୟାରଣ୍ୟ ତଥା ନନ୍ଦନକାନନର ଖରସେଲ୍ ହାତୀ ସଫାରି ବିଶ୍ୱ ପ୍ରାଣୀ ମାନଚିତ୍ରରେ ଏକ ସ୍ୱତନ୍ତ୍ର ସ୍ଥାନର ଅଧିକାରୀ ହୋଇରହିବ ଯେ ପର୍ଯ୍ୟନ୍ତ ଖରସେଲ୍‌ର ଏହି ଐତିହାସିକ ରେକର୍ଡ ଅନତିକ୍ରମ୍ୟ ରହିଥିବ ।

ଆଜି ଚନ୍ଦକା ଅଭୟାରଣ୍ୟର ପ୍ରାକୃତିକ ପରିବେଶ ଭିତରେ ନିର୍ମିତ ଏହି 'ଖରସେଲ୍' ହାତୀ ସଫାରି ଦେଖିବାକୁ ଦେଶ ବିଦେଶର ପର୍ଯ୍ୟଟକ ଦର୍ଶକମାନଙ୍କ ଭିଡ଼ ଲାଗିରହିଛି। ଏହା ବିଶ୍ୱବିରଳ ପ୍ରାଣୀ ସର୍କସ ଭାବେ ଖ୍ୟାତି ଅର୍ଜନ କରିଛି ଓ ଅଞ୍ଚଳ ଲୋକାରଣ୍ୟରେ ପୂରି ଉଠୁଛି ଯେଉଁ ସଫାରି ଭିତରେ ହାତୀ, ମାଙ୍କଡ଼ ଓ କୁକୁର ମଣିଷମାନଙ୍କ ଭଳି ଜୀବନଯାପନ କରନ୍ତି - ଚାଲିଚଳନ, ଆଚରଣ ବିଚରଣ ଓ ଜୀବନଶୈଳୀରେ, ଏପରିକି ପୋଷାକ ପରିଚ୍ଛେଦରେ। ସଫାରିର ମୁଖ୍ୟ ନାୟକ ଭାବେ ଖରସେଲ୍ ଅବତୀର୍ଣ୍ଣ। ପ୍ରାଣୀ ପରିବେଶକୁ ପ୍ରାଣବନ୍ତ କରିଛି, ତା ଶ୍ରଦ୍ଧାର ସଂସାର ଫେରିଆସିଛି। ଶ୍ରଦ୍ଧାରେ ବନ୍ଧା ତା ସଂସାର। ରବୀନ୍ଦ୍ରର ରାଜେନ୍ଦ୍ରାସନ। ଯଥାର୍ଥରେ ସେ ଗଜବନ୍ଧୁ। ଏବେ ଖରସେଲ୍ ସହିତ ତା ମାଙ୍କଡ଼ (ମନ୍ଟୁ) ଓ କୁକୁର (ମୋତି)ର ଖେଳ କୌତୁକ ପ୍ରଦର୍ଶନ ଦର୍ଶକ ଚିତ୍ତକୁ ପୂତ କରୁଛି, ଆକର୍ଷିତ ଆମୋହିତ କରୁଛି ସମସ୍ତ ଦର୍ଶକଙ୍କୁ।

ଖରସେଲ୍ ସହ ମଧ୍ୟ ବାସକରୁଛନ୍ତି ତା'ର ଦୁଇଟି ସଂଗିନୀ- ପ୍ରେମା ଓ ବାସନ୍ତୀ ଯେଉଁ ପୋଷା ହାତୀ ଦ୍ୱୟଙ୍କୁ ବଲାଙ୍ଗୀର ଖରସେଲ ଅଭୟାରଣ୍ୟକୁ ପଠାଯାଇଥିଲା ମହା ପରାକ୍ରମୀ ଖରସେଲ୍‌କୁ ମନାଇବା ପାଇଁ। ନନ୍ଦନକାନନ ହାତୀ ମହଲରେ ଯୋଗ ଦେଇଛି ମାଈ ହାତୀ 'ହୀରା'। ତଥାପି ସେ ବୟଃପ୍ରାପ୍ତ ହୋଇନାହିଁ। ଆଉ ମଧ୍ୟ ଯୋଗ ଦେଇଛନ୍ତି 'ଜୁଲି' (ମାଈ ହାତୀ), ଚନ୍ଦନ ଓ ଜଗନ (ଅଣ୍ଡିରା ହାତୀ

Digitized by PPRACHIN, SOA

ଛୁଆ)। ସେମାନେ ଏବେ ନାବାଳକ। କିନ୍ତୁ ପ୍ରେମା ଓ ବାସନ୍ତୀ ଉଭୟେ ଏବେ ଅନ୍ତଃସତ୍ତ୍ୱା। ପ୍ରାଣୀବିତ୍ ଓ ପଶୁପ୍ରେମୀ ମହଲରେ ଆନନ୍ଦ ଲହରୀର ସୀମା ନାହିଁ। ଖରସେଲ୍ ଔରସରୁ ପ୍ରେମା ଓ ବାସନ୍ତୀ ମାଧ୍ୟମରେ କେତୋଟି ଉନ୍ନତ ହାତୀଛୁଆ ଉତ୍ପନ୍ନ କରି ବିପନ୍ନ ହାତୀବଂଶରେ ଯୋଗକରିବା ପାଇଁ ପ୍ରାଣୀବିଜ୍ଞାନୀମାନଙ୍କ ଉଦ୍ୟମ ପ୍ରଶଂସନୀୟ । ସେମାନଙ୍କ ସହବାସ ସମୟ ସାତଦିନ ହୋଇଥାଏ ଓ ଗର୍ଭଧାରଣ କାଳ ୨୨ମାସ । ସେଇ ଆକାଂକ୍ଷିତ ଶୁଭ ପ୍ରସବ ଦିନଟିକୁ ସମସ୍ତେ ଉତ୍କଣ୍ଠାର ସହିତ ଅପେକ୍ଷା କରିଛନ୍ତି।

ଆଜି ଏହି ପ୍ରାଣୀ ଉଦ୍ୟାନ ନନ୍ଦନକାନନର ହାତୀସଂଖ୍ୟା ବୃଦ୍ଧି କରାଇବା ପାଇଁ ଯଥୋରୋନାସ୍ତି ଉଦ୍ୟମ ଜାରି ରହିଛି। ଠିକ୍ ନନ୍ଦନକାନନର ସଂଲଗ୍ନ ଉତ୍ତର ପଶ୍ଚିମ ଦିଗନ୍ତରେ ଚନ୍ଦକା ଅଭୟାରଣ୍ୟ, ଦିନେ ଯେଉଁଠି ହାତୀମାନଙ୍କର ଓ ମହାବଳ ବାଘ ତଥା ବନ୍ୟପ୍ରାଣୀମାନଙ୍କର ଅଭୟ ବାସସ୍ଥଳୀ ଥିଲା। କ୍ରମଶଃ ବାଘମାନେ ଲୋପ ପାଇବସିଲେ, ହାତୀମାନଙ୍କ ସଂଖ୍ୟା କ୍ରମଶଃ କମି ଆସିଲା, ବିଶେଷ କରି ପରିବେଶ ସନ୍ତୁଳନ ଓ ସହରୀକରଣ କାରଣରୁ। ଏହି 'କ୍ରମଶଃ ଶଙ୍କୁଚନ ଧରା'କୁ ପ୍ରତିହତ କରିବା ପାଇଁ ସ୍ଥାନୀୟ ଜନସାଧାରଣ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ଏବଂ ସରକାରୀ ସଂସ୍ଥା ସହଯୋଗରେ 'ମାଷ୍ଟର ପ୍ଲାନ' ପ୍ରସ୍ତୁତ ହୋଇଅଛି। ବନ୍ୟଜନ୍ତୁଙ୍କର ବାସୋପଯୋଗୀ ସ୍ଥାନ ପାଇଁ ପତଳା ଜଙ୍ଗଲ ଅଞ୍ଚଳକୁ ବୃକ୍ଷରୋପଣ ମାଧ୍ୟମରେ ବିନିଡ ଓ ଘଞ୍ଚ କରିବାର ଯୋଜନା କାର୍ଯ୍ୟକାରୀ ହେଉଅଛି। ଚନ୍ଦକା ପ୍ରବେଶ ପଥ ଭରତପୁର ସନ୍ନିକଟ ମେଣ୍ଢାଶାଳ ରାସ୍ତାରେ 'ଗୋଡିବାରୀ' ଠାରେ ଉନ୍ମୁକ୍ତ ଭାବେ ପୋଷା ଯାଇଛନ୍ତି ୬ଟି ହାତୀ- ଯଶୋଦା, ଶୋଭା (ମାଈ ହାତୀ), ନନ୍ଦନ (ନନ୍ଦନକାନନରେ ଜନ୍ମିତ ପୁରୁଷ ହାତୀ), ଶଙ୍କର, ରାଜକୁମାର ଓ ମହେନ୍ଦ୍ର(ପୁରୁଷ ହାତୀ)। ପ୍ରତ୍ୟେକଙ୍କ ପାଇଁ ଜଣେ ମାହୁନ୍ତ ଓ ଜଣେ ସହଯୋଗୀ ନିଯୁକ୍ତ। ଏମାନେ ମୁକ୍ତାକାଶ ତଳେ ଜଙ୍ଗଲରେ ଉନ୍ମୁକ୍ତ ବିଚରଣ କରୁଛନ୍ତି, ନିଜ ଖାଦ୍ୟ ନିଜେ ଜଙ୍ଗଲରୁ ସଂଗ୍ରହ କରୁଛନ୍ତି ଏବଂ 'ଗୋଡିବାରୀ' ହାସ୍ତୀଶାଳରେ ରାତ୍ରଯାପନ କରୁଛନ୍ତି ଠିକ୍ ଲୋକେ ଗୁହାଳରେ ଗାଈ ରଖି ପୋଷିଲା ଭଳି। ସେମାନଙ୍କ ସହିତ ଖୋଲା ବିଚରଣ ପାଇଁ ନନ୍ଦନକାନନର ପ୍ରେମା, ବାସନ୍ତୀ, ହୀରା, ଜୁଲିକୁ ମଧ୍ୟ ଛାଡି ଦିଆଯାଏ। ଆଶ୍ଚର୍ଯ୍ୟର ବିଷୟ, ଚନ୍ଦକା ଅଭୟାରଣ୍ୟର ବଣୁଆ ହାତୀଦଳ (ଅଧୁନା ସଂଖ୍ୟା ୨୩) ଏମାନଙ୍କ ସହିତ ମିଳାମିଶା କରୁଛନ୍ତି। ଏହାର ଉଦ୍ଦେଶ୍ୟ, ବଣୁଆ ହାତୀମାନେ ଜନବସତିକୁ ପ୍ରବେଶ ନକରି ବିସ୍ତୀର୍ଣ୍ଣ ଜଙ୍ଗଲରୁ ନିଜ ଖାଦ୍ୟ ସଂଗ୍ରହ କରିବାର ଶିକ୍ଷା ଏବଂ ଜଳାଭାବ ଓ ଖାଦ୍ୟାଭାବ ବେଳେ ସୁଧାର ଏବଂ ପ୍ରଶିକ୍ଷିତ ହାତୀମାନଙ୍କ

Digitized by PPRACHIN, SOA

ଆଚରଣ ବିଚରଣ ଓ ସ୍ୱଭାବରେ ପ୍ରଭାବିତ ହୋଇ ଜନାଞ୍ଚଳକୁ ନଯାଇ ଖାଦ୍ୟପ୍ରଦାନସ୍ଥଳୀ ନନ୍ଦନକାନନକୁ ଆସି ଖାଦ୍ୟ ସଂଗ୍ରହ କରିବା ଯେଉଁଠି ହାତୀମାନଙ୍କ ପାଇଁ ପ୍ରଚୁର ପରିମାଣରେ ତୃଣ ଜାତୀୟ ଖାଦ୍ୟ ଯୋଗାଇ ଦିଆଯାଇ ପାରୁଛି। ଠିକ୍ ସଂନ୍ଧ୍ୟାରେ ପୋଷା ପ୍ରେମା, ବାସନ୍ତୀ, ହୀରା, ଜୁଲି ଆଦି ନନ୍ଦନକାନନକୁ ବିନା ମାହୁନ୍ତରେ ଫେରି ଆସନ୍ତି ରାତ୍ରଯାପନ ଓ ରାତ୍ରାହାର ପାଇଁ। ସେମାନଙ୍କ ସହିତ ଚନ୍ଦକା ବନଖଣ୍ଡର ବଣୁଆ ହାତୀଦଳ ମଧ୍ୟ ପ୍ରଲୋଭିତ ହୋଇ ଖାଦ୍ୟ ଆଶାରେ ଭିଡ ଜମାଉଛନ୍ତି। ହାତୀମାନଙ୍କର ଗୋଟାଏ ବିଚିତ୍ର ଗୁଣ ଓ ସ୍ୱତନ୍ତ୍ର ପରିଭାଷା ଥାଏ। ସେମାନେ ଶବ୍ଦଦ୍ୱାରା ଯେତିକି ଭାବ ପ୍ରକାଶ କରନ୍ତି, ବିନା ଶବ୍ଦରେ ମଧ୍ୟ ସେତିକି ସୂଚନା ଦେଇଥା'ନ୍ତି। ଯଦି କୌଣସି ହାତୀ ଖାଦ୍ୟର ସନ୍ଧାନ ପାଇଯାଏ, ତା' ହେଲେ ସିଏ ନିଜ ଶୁଣ୍ଢକୁ ଉପରକୁ ଟେକି ସେହି ଦିଗରେ ମାଡିଚାଲେ। ଉକ୍ତ ହାତୀକୁ ଅନ୍ୟ ହାତୀମାନେ ମଧ୍ୟ ଅନୁସରଣ କରି ସେହି ସ୍ଥାନରେ ପହଞ୍ଚଯାଆନ୍ତି। ସେହିପରି ହାତୀମାନେ ପରସ୍ପର ପରସ୍ପରର ଦେହକୁ ବାରମ୍ବାର ଆଉଁସୁଥା'ନ୍ତି ଓ ଶୁଙ୍ଘୁଥା'ନ୍ତି। ଏହାଦ୍ୱାରା ସେମାନଙ୍କ ସଂପର୍କ ସୁଦୃଢ ହୋଇଥାଏ ଓ ସେମାନଙ୍କର ତୀବ୍ର ଘ୍ରାଣଶକ୍ତି ଥିବାରୁ ପରସ୍ପର ଦେହର ଗନ୍ଧକୁ ମନେ ରଖିଥା'ନ୍ତି। ଫଳରେ କୌଣସି ହାତୀର ମଲା ଶରୀର ଦେଖିଲେ ଏମାନେ ସଂଗେ ସଂଗେ ଉକ୍ତ ହାତୀକୁ ଶୁଙ୍ଘି ଏହା ତାଙ୍କ ଦଳର କି ନୁହେଁ ସହଜରେ ଜାଣିପାରନ୍ତି। ପୁରୁଷ ହାତୀଙ୍କ ତୁଳନାରେ ମାଈ ହାତୀମାନେ ଘରଣୀଙ୍କ ଭଳି ଅଧିକ ସକ୍ରିୟ ଥା'ନ୍ତି। ତେଣୁ ମାଈ ହାତୀକୁ ଆକୃଷ୍ଟ କରିବା ପାଇଁ ପୁରୁଷ ହାତୀକୁ ନିଜ ଶକ୍ତିର ବାରମ୍ବାର ପରୀକ୍ଷା ଦେବାକୁ ପଡିଥାଏ। ତେବେ ପୋଷାହାତୀ ଏବଂ ବଣୁଆ ହାତୀ ମଧ୍ୟରେ ବୁଝାମଣା ଓ ସୁସଂପର୍କ ସ୍ଥାପନ କରିପାରିଲେ ବଣୁଆ ହାତୀମାନଙ୍କ ସହରାଭିମୁଖୀ ସ୍ୱଭାବର ପରିବର୍ତ୍ତନ ପାଇଁ କେତୋଟି ପରୀକ୍ଷାମୂଳକ ପଦକ୍ଷେପ ସଫଳ ହେଉଥିବାର ଜଣାଯାଏ। ପଶୁର ପେଟ ପାଇଁ ଖାଦ୍ୟ ଓ ଶରୀର ପାଇଁ ସଂଗମ- ମୁକ୍ତ ବା କାରାରୁଦ୍ଧ ଜୀବନରେ ପାର୍ଥକ୍ୟ ନଥାଏ କିଛି- କର୍ତ୍ତୃପକ୍ଷ ଓ ପଶୁପ୍ରେମୀଙ୍କ ଉଦ୍ୟମ କିଛି ପରିମାଣରେ ଫଳବତୀ ହୋଇଛି। ଆଗାମୀ ଦିନମାନଙ୍କରେ ଏହି ଐତିହ୍ୟ ପ୍ରାଣୀର ବଂଶବୃଦ୍ଧି ଯୋଜନା ମନରେ ଆଶ୍ୱାସନା ଆଣି ପାରିଛି।

ଖରସେଲ୍‌ର ସଂଘର୍ଷମୟ ଜୀବନ ଏହି ଐତିହ୍ୟ ପ୍ରାଣୀକୁ ଶ୍ରଦ୍ଧା କରୁଥିବା ବ୍ୟକ୍ତିବିଶେଷଙ୍କୁ ଆଜି ଅନେକ ସଚେତନ କରି ପାରିଛି। ସଂଘର୍ଷ ଓ ସଂଘାତ ବିନା ଜୀବନ ଜୀବନ ନୁହେଁ, ଯିଏ ଜୀବନ ସଂଘର୍ଷରେ ଜିତାପଟ ହୁଏ, ସେ ଆଉ ବ୍ୟକ୍ତିଟିଏ ହୋଇ ରହେନାହିଁ, ଅନୁଷ୍ଠାନ ପାଲଟିଯାଏ। ଖରସେଲ୍ ଏବେ ଅନୁଷ୍ଠାନଟିଏ। ଦୀର୍ଘଜୀବୀ ହେଉ ଖରସେଲ୍!

•••

Digitized by PPRACHIN, SOA

ନନ୍ଦନକାନନର ହସ୍ତୀ ଦିବସ

Digitized by PPRACHIN, SOA

ହାତୀ ସଫାରୀ

Digitized by PPRACHIN, SOA

ହାତୀ ସଫାରୀ

Digitized by PPRACHIN, SOA

ଚନ୍ଦକା ହସ୍ତୀ ଅଭୟାରଣ୍ୟରେ ଗଜରାଜ ସହିତ ନିବିଡ଼ ସାନ୍ନିଧ୍ୟରେ ଲେଖକ ଶ୍ରୀରାଧାମୋହନ

Digitized by PPRACHIN, SOA

Digitized by PPRACHIN, SOA

Digitized by PPRACHIN, SOA

Digitized by PPRACHIN, SOA

Digitized by PPRACHIN, SOA

Digitized by PPRACHIN, SOA



Digitized by PPRACHIN, SOA



Digitized by PPRACHIN, SOA

Saroj Kumar Pattnaik, I.F.S.
Former Director, Nandankanan
Former P.C.C.F. & Chief Wild Life Warden
Now Member, Central Empowered Committee, New Delhi

Ref........................ Date ....

Opinion on manuscript of Jungle Novel 'Mr. Kharsel' written by novelist Mr. Radha Mohan Mohapatra

I was indeed spell bound to read the manuscript 'Mr. Kharsel', a unique fact-cum-fiction creation of Sri Radha Mohan Mohapatra. Though he served his entire career in the Finance service, his love for nature and all its living elements has given his unique insight into the behaviour of different wild animals and their interaction with humans. Though Kharsel is a true life elephant, who was rescued from being eleminated, the auhtor has combined his history which he collected painstakingly with his own imagination and literary skill to make him a hero and the central character of this book. He has also been able to bring out character of few individuals in deep interiors of this state.

I had the opportunity to go through few more works of Sri Mohapatra on forest and its inmates, which are indeed very absorbing reading and great contribution to Odia literature on the subject, as there are very few such publications available to nature loving readers.

Fortunately, I was very deeply associated with capture of Kharsel from the Kharsel Forest Block of Bolangir Forest Division, his transfer to Chandka training and again trasnfer to Debrigarh Wildlife sanctuary. Kharsel is an animal asset of the Forest Department. He is doing great job in forest protection work.

I hope this book shall be widely distributed and circulated which shall create empathly among public for nature and its widlife .

sd/-
Saroj Kumar Pattnaik

Digitized by PPRACHIN, SOA

ଅଭିନନ୍ଦନ ଘେନିବ ହେ ସ୍ରଷ୍ଟା...

ଔପନ୍ୟାସିକ 'ରାଧାମୋହନ ମହାପାତ୍ର'ଙ୍କ ଜଙ୍ଗଲ, ପରିବେଶ ଓ ପ୍ରାଣୀଜଗତର ସୁରକ୍ଷା ଉପରେ ଆଧାରିତ ନୂତନ ଅଭିରୁଚିର ଜଙ୍ଗଲଭିତ୍ତିକ ଉପନ୍ୟାସ 'ମିଷ୍ଟର୍ ଖରସେଲ୍'ର ପାଣ୍ଡୁଲିପି ପଢ଼ିଲାପରେ :-

ଅଭିନନ୍ଦନ ଘେନିବ ହେ ସ୍ରଷ୍ଟା କାହାଣୀକାର 'ମୋହନ' !
କବିତା ଛଳରେ ଅଭିମତଟିଏ ଲେଖୁଅଛି ଦେଇ ଧ୍ୟାନ ।

ଆଜୀବନ ତୁମେ କରିଛ ସାଧନା କଥା ସାହିତ୍ୟକୁ ନେଇ
ଏଯେଉଁ ଆଖ୍ୟାନ କରିଗଲ ସୃଷ୍ଟି ଜଗତେ ତୁଳନା ନାହିଁ ।

ଇଛାମୟଙ୍କର ଇଛା-ଆଶୀର୍ବାଦେ ହୋଇଣ ପରିଚାଳିତ
ଜଙ୍ଗଲ କାହାଣୀ ସହ ସଂଯୋଜିତ କରିଲ ଆତ୍ମଚରିତ ।

ଈଦୃଶ ଭାବନା ଅଭିନବ ସିନା କରିଛ ଉପସ୍ଥାପନ
ପାଠକେ ନିଶ୍ଚୟ କରିବେ ସେଥିରୁ ମୂଲ୍ୟବୋଧ ଆସ୍ୱାଦନ ।

ଉତ୍ସୁକତା ମଧ୍ୟେ ପାଠକ ରହିବ ଆରମ୍ଭରୁ ଶେଷ ଯାଏଁ
ନାମକରଣରୁ ଖୋଜି ଚାଲିଥିବ 'ମିଷ୍ଟର୍ ଖରସେଲ୍' କିଏ ?

ଉର୍ଜ୍ୱସଳ ତୁମ ଭାଷାର ଚାତୁରୀ, ବଳିଷ୍ଠ ଶବ୍ଦ ବିନ୍ୟାସ
ବର୍ଣ୍ଣନାର ଚମତ୍କାରିତା କରିଛ ସୁଖପାଠ୍ୟ ଉପନ୍ୟାସ ।

Digitized by PPRACHIN, SOA

ଋଷି ନୁହେଁ ତମେ ଅଟ ଋଷିକଳ୍ପ କେମିତି ଭାବନା ନେଲ
କାହାଣୀକୁ କିଏ ଡାକିଦେଲା କାନେ, ଲେଖିଲ ବୋଲି କହିଲ ।

ଏଡ଼େବଡ଼ ଇଚ୍ଛା ଥିଲା ତୁମ ମନେ କେ କଳିବ ଆଦିଅନ୍ତ
ଐରାବତ ହସ୍ତୀ ଜୀବନକୁ ନେଇ ରଚିଲ ମହାନ ଗ୍ରନ୍ଥ ।

ଓଡ଼ିଆ ଭାଷାରେ ଅରଣ୍ୟ-କାହାଣୀ ନାହିଁ ବୋଲି କହୁନାହିଁ
ତୁମର କାହାଣୀ ସ୍ୱତନ୍ତ୍ର ମର୍ଯ୍ୟାଦା ଲଭି ହେବ କାଳଜୟୀ ।

ଔପନ୍ୟାସିକର ଗୁଣ ଧର୍ମ ଯାହା ବଜାୟ ରଖିଛ ଭାବ
ରୋମାଞ୍ଚରେ ପୂର୍ଣ୍ଣ ପ୍ରତିଟି ଅଧ୍ୟାୟ ସତେ ବିଚିତ୍ର ବିଭବ ।

କଥା-କାରିଗର ଏମିତି ଖଞ୍ଜିଲ କଥା ସହ ଉପକଥା
କଲମ ମୁନରେ ଫୁଟାଇ କମାଣ କହିଗଲ ଆତ୍ମଗାଥା-

'**ଖି**ର୍‌ସେଲ୍' ପାଇଁ ଏତେ ଯେ ଦରଦ ଢାଳିଦେଲ ମନପ୍ରାଣ
ନ୍ୟାୟ ଜଗତରେ କଲ ପ୍ରତିଷ୍ଠିତ ହସ୍ତୀ ସେ ଯେ ଅନୁଷ୍ଠାନ ।

ଗଛ ଛନ ଛନ ଗହନ ବନର ଆକର୍ଷଣେ ଭୁଲି ହୋଇ
ଅରଣ୍ୟ ସଂସ୍କୃତି ପୃଷ୍ଠଭୂମି ପରେ ଛିଡ଼ା କଲ ତାକୁ ନେଇ ।

ଘଟଣା ବହୁଳ ତା' ଜୀବନ ଗାଥା ଅନ୍ତରକୁ ନେଲା କିଣି
ହାତୀ ଓ ମଣିଷ ଏକାତ୍ମତା ଭାବ ପାରୁ ନାହୁଁ ଆମେ ଜାଣି ?

ଚିରାଭୂଇଁଠାରୁ ନ୍ୟାୟାଳୟ ଯାଏଁ ମାନବୀୟ ଆବେଦନ-
ଚାଞ୍ଚଲ୍ୟ ଖେଳାଇ ଫୁଟାଇ ଦେଇଛ ପଶୁ ପ୍ରୀତିର ସୁମନ ।

ଛାଇ ଆଲୁଅର ଲୁଚକାଳି ଖେଳ ଭିତରେ ଜୀବନ ଲିପି
ଲେଖିଗଲ ସ୍ରଷ୍ଟା ଅଙ୍ଗେନିଭା କଥା ପଶୁ ଜୀବନକୁ ମାପି ।

Digitized by PPRACHIN, SOA

ଜୀବନ ଯୁଦ୍ଧରେ ହେ ସଂଗ୍ରାମୀ ସେନା ଗଣିନ କେବେ ପ୍ରମାଦ
ଯାଇ ନାହିଁ କେବେ ଅନୁସରିବାକୁ କାହାରି ସୃଷ୍ଟି ସଂପଦ।

ଜନରବ କେତେ ନ ଉଠିଲା ସତେ 'ଖରସେଲ୍' ଜୀବନ ନେଇ
ଜନ୍ମ ଅଧିକାର କରିଲ ସାବ୍ୟସ୍ତ ଲଢି ଜିମାଦାର ହୋଇ।

ଝୁଣ୍ଟି ପଡିନାହିଁ ସଂଗ୍ରାମ ପଥେ ଅଧ୍ୟାୟ ପରେ ଅଧ୍ୟାୟ
ବାଢିଲ ଏମିତି ଯୁକ୍ତି ତା' ସପକ୍ଷେ ହୋଇଲା ସେ ବନ୍ଦନୀୟ।

ଟାଣପଣ କେବେ ହୋଇ ନାହିଁ ଭଣା ବିଚିତ୍ର ବର୍ଣ୍ଣନା ଶୈଳୀ
ଟୀକା ଟୀପ୍ପଣିରେ ଭରା ତୁମ ଲେଖା କେତେ ଯେ ଡଗଡମାଳି-

ଠୁଳ କରିଅଛ ଉପନ୍ୟାସ ମଧ୍ୟେ ଲାଗେ ବିରଳ ସର୍ଜନା
ଉତ୍କଣ୍ଠାରେ ପୂର୍ଣ୍ଣ କାହାଣୀ ପ୍ରବାହ ସୃଷ୍ଟିକରେ ଉନ୍ମାଦନା।

ଡଉଲ ଡାଉଲ ଶଙ୍କର ବେଟାକୁ ଅସୀମ ଶକତି ଦେଇ
ପ୍ରଭୁଭକ୍ତ ଭାବେ ଛିଡା କରାଇଲ ରବୀନ୍ଦ୍ରର ମୁକ୍ତି ପାଇଁ।

ଢଳଢଳ ତା'ର ସରଳ ଚାହାଣୀ ନେଲା ପୁଣି ଉଗ୍ର ରୂପ
ପ୍ରତିଶୋଧ ବହ୍ନି ଜଳିଲା ତା' ମନେ ବଢିଲା ତା'ଠାରେ କୋପ।

ତଥ୍ୟ ତ ଅନେକ, କି ବର୍ଣ୍ଣିବି ଅବା ଶଙ୍କର ବେଟାର ଗୁଣ
ମଣିଷ ପଣିଆ ଭୁଲିଛି ମଣିଷ ପଶୁ କିନ୍ତୁ ବ୍ୟତିକ୍ରମ।

ଥଇଥାନ ପାଇଁ ନନ୍ଦନକାନନ ହେଲା ତା' ଆଶ୍ରୟ ଧାମ
ଉଚ୍ଚ ନ୍ୟାୟାଳୟେ ସରକାରଙ୍କର ବୁଦ୍ଧି ହୋଇଗଲା ବାମ।

ଦରଦ ତା ପାଇଁ ଝରିଗଲା ସିନା ଫୁଲ ଚନ୍ଦନର ମାଳା।
ମୁକୁଳା ଜୀବନ ବିତାଇଲା ସିଏ ମୁକ୍ତିର ଆନନ୍ଦ ଶାଳା।

Digitized by PPRACHIN, SOA

ଧନୀ-ମାନୀ-ଗୁଣୀ ଠାରୁ ବଡ଼ କଲ ତାକୁ ହେ ସ୍ରଷ୍ଟା ମୋହନ
'ଜୀବେ ଦୟା' ବ୍ରତେ ହୋଇ ଦୀକ୍ଷିତ କଲ ତାକୁ ମହୀୟାନ।

ନିରୀହ ନୀତିଜ୍ଞ କନ୍ଧ ସୁବଳକୁ ଦେଲ ପୁଣି ଉଚ୍ଚାସନ
ପ୍ରମାଣିତ କଲ ଭାଗ୍ୟ-ଭଗବାନ ସମୟତ ବଳବାନ।

ପଶୁହନ୍ତା ହାତୁ ଖସିଲା ବନ୍ଧୁକ କେଡେ ସେ ବିଚିତ୍ର କଥା
ପାରିଲାନି ଜିଣି ମରଣ ତା' ଆଗେ ନୁଆଇଁ ଦେଲା ସେ ମଥା।

ପର୍ଯ୍ୟବେକ୍ଷଣର ଦୃଷ୍ଟିଭଙ୍ଗୀ ତବ ଲେଖାରେ ସଂପ୍ରସାରିତ
ପଶୁ ହୋଇ ମଧ ଚେତାଇ ଦିଅନ୍ତି ଶୁଭ ଅଶୁଭ ସଙ୍କେତ।

ଫିଟାଇ ଦେଇଛ କଥା ଓ ଲଥାର କେତେ ଯେ ଗୁମର ପେଡ଼ି
ଦେଇଛ ପ୍ରେରଣା ସଂସ୍କାରର ପଥ ମଣିଷ ନ ଯାଉ ହୁଡ଼ି।

ବହି-ବନ୍ଧୁକର ମିତ ସାଜିଅଛ ଶବ୍ଦ, ଗୁଳା ଯାଦୁକର
କିମିଆ କରିଛ କେତେ ଯେ ମନକୁ ହେ ନମସ୍ୟ କଥାକାର।

ବଂଶୀଧାରୀ ତୁମେ ସ୍ୱର-ଲହରୀରେ ଯଥାର୍ଥ କରିଛ ନାମ
ତ୍ରିବେଣୀ ସଂଗମ ଘଟିଛି ଜୀବନେ ତୁମେ ଶ୍ରୀରାଧାମୋହନ।

ବହୁ ଗବେଷଣା ତର୍ଜମା ବିଷୟ କରିଛ ଲେଖାରେ ଠୁଳ
ଧନ୍ୟ ତୁମ ଶ୍ରମ ଧନ୍ୟ ସେ ସାଧନା, କେ ଦେଇ ପାରିବ ମୂଲ ?

ଭୂତୁଣୀ ହାତୀର ବିରଳ ଜୀବନ ବୃତ୍ତାନ୍ତ ଶୁଣାଇ ଗଲ
ସୁବଳର ଗଜ ଉଦ୍ଧାର କାହାଣୀ ଲେଖି ସ୍ମୃତୀଭୂତ କଲ।

ମଣିଷଠୁଁ ଶ୍ରେୟସ୍କର ମନେ କରି ଜୀବକୁ ନକରି ଛୋଟ
ସେହିମାନେ ପରା ସୃଷ୍ଟିର ରକ୍ଷକ ବିପଦେ ଦେଖାନ୍ତି ବାଟ।

Digitized by PPRACHIN, SOA

ମାଣିଷମୟ ଏ ଜଗତ ଭିତରେ ନାହିଁ ପଶୁଙ୍କର ସ୍ଥାନ
ମୃତ୍ୟୁକୁ ନଡରି ଅଣ୍ଟା ଭିଡିଛନ୍ତି ନତୁବା ହେବେ ନିଶ୍ଚିହ୍ନ।

ଯତ୍ନ ସହକାରେ ବିବିଧ ଚରିତ୍ର କାହାଣୀରେ ଖଞ୍ଜିଦେଲ
'ନାଥଶର୍ମା' ଠାରୁ 'ଅନ୍‌ୱାର ଅଲ୍ଲୀ' ଶେଷେ ପୁଣି 'ଖରସେଲ'।

ରକ୍ଷାକର୍ତ୍ତା ସିନା ଜଗତ କରତା ସବୁତ ତାଙ୍କ ସୃଜନ
ରଚନା ଯା'ର ଦୁର୍ବୋଧ୍ୟ ଅଟଇ କେ କରିବ ଆକଳନ।

ଲେଖନୀରେ ତୁମ ପୁରାଣ ଧର୍ମ ସଂସ୍କୃତି ଲୋକବିଶ୍ୱାସ
ଚିକିତ୍ସା ବିଜ୍ଞାନ, ଦର୍ଶନ ତତ୍ତ୍ୱ ଯୋଡି ପୁଣି ଇତିହାସ।

ଲକ୍ଷ୍ୟ ତୁମର ହୋଇଛି ସଫଳ ବାର୍ତ୍ତା ଦେଇ ସମାଜକୁ-
ପରିବେଶ ଭାରସାମ୍ୟ ରକ୍ଷାହେଉ ସୁରକ୍ଷା ଦେଇ ଜନ୍ତୁକୁ।

ବଧ କରିବାନି ଜଙ୍ଗଲ ଜୀବକୁ ଦେଖାଇବା ସ୍ନେହ ପ୍ରୀତି
ଆଗାମୀ ପୃଥିବୀ ତିଷ୍ଠି ରହିବାର ଏହା ତୁମ ଅଭିବ୍ୟକ୍ତି।

ଶିକାରକୁ ଭୁଲି ଜଙ୍ଗଲ ଜୀବକୁ ଏତେ ଆପଣାର କଲ
ସୁରକ୍ଷା ନିମନ୍ତେ ଆତ୍ମା ତୁମର ହୋଇ ଉଠିଛି ବ୍ୟାକୁଳ।

ଷଡ଼ଭିଜ୍ଞ ଭଳି ବହୁ ଅଭିଜ୍ଞତା ବହୁ ସତ୍ୟ-ତଥ୍ୟ କଥା
ଅଜାଡି ଦେଇଛ ଉପନ୍ୟାସ ମଧ୍ୟେ ହୃଦୟ ବେଦନା ବ୍ୟଥା।

ସାରଳାଙ୍କ ମହାଭାରତ ଅଟଇ ଏଜାତିର 'ବିଶ୍ୱକୋଷ'
ବିଶ୍ୱ ଜନତାଙ୍କ ଆଖି ଖୋଲିଦେବ ତୁମର ଏ ଉପନ୍ୟାସ।

Digitized by PPRACHIN, SOA

ସାଂପ୍ରତିକ ପରିବେଶ, ପରିସ୍ଥିତି ବିଶ୍ୱକୁ କରିଛି ନିଃସ୍ୱ
ବିଶ୍ୱ ଦରବାରେ ଦିଗ୍‌ଦର୍ଶନ ଦେବ ତୁମ କୃତି-ଇତିହାସ।

ହେ ସ୍ରଷ୍ଟା ମୋହନ, କଥା-ସାହିତ୍ୟରେ ଅପୂର୍ବ ତୁମର ସୃଷ୍ଟି
ଏମିତି ସର୍ଜନା ସମ୍ଭବ ସିନା କୃପାକଲେ ପରମେଷ୍ଠି।

କ୍ଷମାର ସାଗର ସେ ପରମେଶ୍ୱର ଅପାର କରୁଣା ଲଭି-
ଲେଖନୀ ତୁମର ସାର୍ଥକ ହେଉ, ଖରସେଲ୍ ଦୀର୍ଘଜୀବୀ।

ଗୁଣମୁଗ୍ଧ ଅନୁଜପ୍ରତିମ
ଶ୍ରୀ ବୈକୁଣ୍ଠନାଥ ଶତପଥୀ
କବି, ସାହିତ୍ୟିକ, ସମୀକ୍ଷକ, ସମାଲୋଚକ, ଗୀତିକାର, ନାଟ୍ୟକାର
ଅବସରପ୍ରାପ୍ତ ରାଜ୍ୟପାଳ ଓ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ। ଉପଦେଷ୍ଟା -
Sastri Institute of Science & Technology, Balasore

◆◆◆

Digitized by PPRACHIN, SOA

A unique mixture of fact and fiction with human impulse... reveals writer's magic mind and his mighty pen. Should be well read by animal lovers endeavoring preservation and protection of animals and trees.

-**Prof. Bijay Mohanty**
Secy. 'Lekhaka Sammukhya'
Odisha, Bhubaneswar

[ମାନବୀୟ ଚିନ୍ତାଧାରାରେ ପର୍ଯ୍ୟବସିତ ଘଟନୋଲ୍ଲେଖ୍ୟ ଭାବନା ଓ କଳ୍ପନାର ମିଳନରେ ଲେଖକଙ୍କ ଅପୂର୍ବ ଲେଖନୀୟ କିମିଆ ପୁସ୍ତକରେ ପରିଦୃଷ୍ଟ । ପରିବେଶ ସୁରକ୍ଷା ଦିଗରେ କର୍ମରତ ଜୀବହିତୈଷୀମାନେ ଏହାକୁ ପାଠ କରି ପ୍ରୋତ୍ସାହିତ ହେବେ ।]

-ପ୍ରଫେସର ବିଜୟ ମହାନ୍ତି
ସଂପାଦକ, 'ଲେଖକ ସାମ୍ମୁଖ୍ୟ'
ଓଡ଼ିଶା, ଭୁବନେଶ୍ୱର

Digitized by PPRACHIN, SOA

ଲେଖକ ପରିଚିତି :

ରାଧାମୋହନ ମହାପାତ୍ର

ଜନ୍ମ : ତା ୦୩.୦୨.୧୯୪୪

ସ୍ଥାନ : ଚର୍ଚ୍ଚିକା, ବାଙ୍କୀ, କଟକ

ବି.ଏ(ଅନର୍ସ), ଏମ୍.ଏ. (ଇଂରାଜୀ ଓ ଇତିହାସ)

ଓଡ଼ିଶା ସରକାରଙ୍କ ଉଚ୍ଚ ପଦବୀରେ ଅଧିଷ୍ଠିତ ରହି ବ୍ୟସ୍ତ ବହୁଳ ଜୀବନ-ଜୀବିକା-ଜଞ୍ଜାଳ ଭିତରେ ଅଦ୍ୟାବଧି ୧୪ଟି ଉପନ୍ୟାସ ଓ ଶତାଧିକ ଗଳ୍ପ (୨ଟି ସଂକଳନ 'ସତ ହେଲେ ବି ଗପ' ଓ 'ଭଙ୍ଗା ମୁନର ଭାଷା')ର ରଚୟିତା। ଜଙ୍ଗଲ ଓ ବନ୍ୟଜନ୍ତୁମାନଙ୍କ ଉପରେ ପର୍ଯ୍ୟବସିତ, ଅନୁଭୂତିଭିତ୍ତିକ ଉପନ୍ୟାସ ମଧ୍ୟରେ 'ଜଙ୍ଗଲର ଜମାନବନ୍ଦୀ', 'ବ୍ୟାଘ୍ର ନିନାଦ', 'ଅରଣ୍ୟ ଅତିଥି', 'ଭୂମିତୃଷ୍ଣା' (ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ) 'ରକ୍ତର ରଂଗ' (ଆଦିବାସୀ ଲୋଧା ସଂପ୍ରଦାୟ ସଂପର୍କିତ) 'ସତ୍ୟମ୍ ଏବ' (କୁକୁରର ହୃଦୟବତ୍ତା) ଆଦି ଉଲ୍ଲେଖଯୋଗ୍ୟ। ବାରୁଦର ବିସ୍ଫୋରଣରୁ ସୃଜନର ସ୍ଫୁରଣ ପରି ବନ୍ଧୁକ ଛାଡି କଲମ ଧରନ୍ତି ଏବଂ ଜଙ୍ଗଲ ଜୀବନ ଓ ଜୀବଜନ୍ତୁଙ୍କୁ ଶ୍ରଦ୍ଧାକରି ବସନ୍ତି ଅନ୍ତରିକତାର ସହିତ। ଜଣେ ତପସ୍ୟା ନିରତ ଯୋଗୀ ଭଳି ଧ୍ୟାନମଗ୍ନ।

Digitized by PPRACHIN, SOA